ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ସେପ୍ଟେମ୍ବର ୨୪/୨୦୧୯ (୨୦ ପୃଷ୍ଠା) Sambalpur, Tuesday, September 24 / 2019 ★★
୧୫ଶ ଭାଗ ୨୭୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



## ମାଳବିକାଙ୍କୁ ପ୍ରଥମ ଟାଇଟଲ

ଭାରତୀୟ ମହିଳା ବ୍ୟାଡମିଣ୍ଟନ ଖେଳାଳି ମାଳବିକା ବନସୋଦ ମାଳଦ୍ୱୀପ ଅନ୍ତର୍ଜାତୀୟ ଫ୍ୟୁଚର ସିରିଜ ଜିତି କ୍ୟାରିୟର ପ୍ରଥମ ଟାଇଟଲ ହାସଲ କରିଛନ୍ତି।

୧୮

୧୪

## କୁମାରୀ ମା’ ଏମୀ

ବିବାହ ପୂର୍ବରୁ ମାତୃତ୍ୱ ଲାଭ କରିଛନ୍ତି ଲୋକପ୍ରିୟ ଅଭିନେତ୍ରୀ ଏମୀ ଜ୍ୟାକ୍ସନ୍। ସେ ନିଜ ଭାବୀ ସ୍ୱାମୀ ଜର୍ଜ ଓ ନବଜାତ ଶିଶୁପୁତ୍ରଙ୍କ ସହ ଏହ ଫଟୋ ଶେୟାର କରିଛନ୍ତି।



**ଆଜିର ସମ୍ପାଦକୀୟ**

**ପିଆଜ ଲୁହ**

**ଆଜିର ମନ୍ତବ୍ୟ**

“ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଥିବା ବ୍ୟବଧାନ ଦୂର ହେବା ଆବଶ୍ୟକ।

--ରାମନାଥ କୋବିନ୍ଦ, ରାଷ୍ଟ୍ରପତି




NECC NATIONAL EGG CO-ORDINATION COMMITTEE 23.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 69 | 118 | 128 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 69 | 118 | 128 |
| BHM | 64 | 111 | 121 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers

■ ଡିଜିଟାଲ ହେବ ୨୦୨୧ ଜନଗଣନା

# ବହୁମୁଖୀ ପରିଚୟ ପତ୍ର ପ୍ରସ୍ତାବ

ନୂଆଦିଲ୍ଲୀ,୨୩।୯(ପି.ଟି.)

ଆଗାମୀ ୨୦୨୧ ଜନଗଣନା ଡିଜିଟାଲ ହେବାକୁ ଯାଉଛି। ଏଥିପାଇଁ ପ୍ରଥମ ଥର ମୋବାଇଲ ଆପ୍ ବ୍ୟବହାର କରାଯିବ। ଏହା ଦେଶର ଜନଗଣନା ପ୍ରକ୍ରିୟାରେ ବଡ଼ ବିପ୍ଳବ ଆଣିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ସୋମବାର କହିଛନ୍ତି। ଏଥିସହିତ ଏକ ବହୁମୁଖୀ ପରିଚୟପତ୍ର ପ୍ରଚଳନ ଉପରେ ବିତର୍କ ଲାଗି ସେ ପ୍ରସ୍ତାବ ଦେଇଛନ୍ତି। ଏହି କାର୍ଡକୁ ଆଧାର, ପାସ୍‌ପୋର୍ଟ, ଡ୍ରାଇଭିଂ ଲାଇସେନ୍ସ ଏବଂ ବ୍ୟାଙ୍କ ଆକାଉଣ୍ଟ ଭାବେ ବ୍ୟବହାର କରାଯାଇପାରିବ। ଏତେ ପ୍ରକାର କାର୍ଡ



ବଦଳରେ କ’ଣ ପାଇଁ ଆମେ ଗୋଟିଏ କାର୍ଡ ବ୍ୟବହାର ନ କରିବା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ☞ପୃଷ୍ଠା-୪

# ଅକ୍ଟୋବର ୧ରୁ ଆଉ ଛାଡ଼ ନାହିଁ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

■ ପ୍ରଦୂଷଣ ସାର୍ଟିଫିକେଟ ନ ଦେଖାଇଲେ ଜରିମାନା
■ ବାଧ୍ୟତାମୂଳକ ହେଲା ଇଲେକ୍ଟ୍ରୋନିକ ପିୟୁସି
■ କେନ୍ଦ୍ର ଚାପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅଣଦେଖା

ଆଉ ଛାଡ ନାହିଁ। ପ୍ରଦୂଷଣ ନିୟନ୍ତ୍ରଣାଧୀନ (ପିୟୁସି) ସାର୍ଟିଫିକେଟ ନ ଥିଲେ ଗଣିବାକୁ ପଡିବ ଜରିମାନା। ଆସନ୍ତା ଅକ୍ଟୋବର ପହିଲାରୁ ଏହାକୁ କଡାକଡି ଲାଗୁ କରାଯିବ। ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯାଇଛି। ଏଥିସହିତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ର ଦେଉଥିବା ମାନୁଆଲ ପିୟୁସି ସାର୍ଟିଫିକେଟକୁ ଅବୈଧ ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ବିଜ୍ଞପ୍ତି ☞ପୃଷ୍ଠା-୪

■ ବଢ଼ିଚାଲିଛି ସାପ କାମୁଡ଼ାଜନିତ ମୃତ୍ୟୁସଂଖ୍ୟା

# ଗୋଟିଏ ଦିନରେ ଗଲା ୭ ଜୀବନ

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

■ ୫ ବର୍ଷରେ ୨,୯୫୪ଜଣଙ୍କ ମୃତ୍ୟୁ
■ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୨୭୧



ରାଜ୍ୟରେ ସାପ କାମୁଡ଼ାଜନିତ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ଲୋକେ ସର୍ପାଘାତର ଶିକାର ହେଉଛନ୍ତି। ବିଷଧର ସାପ କାମୁଡ଼ାରେ ଅନେକ ଘଟଣାସ୍ଥଳରେ ପ୍ରାଣ ହାରୁଥିବାବେଳେ ଅନେକ ଡାକ୍ତରଖାନାରେ ଆଖି ବୁଜୁଛନ୍ତି। ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ସାପ କାମୁଡ଼ାରେ ୭ ଜଣଙ୍କର ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲାରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନୁଗୋଳ ଜିଲାରେ ୨ଜଣ, ଭଦ୍ରକରେ ଜଣେ ଓ କେନ୍ଦୁଝର ଜିଲାରେ ଜଣଙ୍କ ମୃତ୍ୟୁଘଟିଛି। ଏଥିସହିତ ଗଞ୍ଜାମ ଜିଲାର ଜଣେ ମହିଳା ସାପ କାମୁଡ଼ାରେ ଗୁରୁତର ହୋଇ ବ୍ରହ୍ମପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ଅନୁଗୋଳ ଉପକଣ୍ଠ ବେନ୍ତପୁର ଗ୍ରାମରେ ସାପ କାମୁଡ଼ାରେ ସୋମବାର ଦୁଇଭଉଣୀଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ସୁମନ୍ତ ସାହୁଙ୍କ ଝିଅ ରୋଜାଲିନ ସାହୁ(୧୩) ଓ ସୁଜାତା ସାହୁ (୧୧)। ରବିବାର ରାତିରେ ଦୁହେଁ ଶୋଇଥିବା ବେଳେ ଏକ ସାପ କାମୁଡ଼ି ଦେଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଗୁରୁତର ଅବସ୍ଥାରେ ଦୁଜଣଙ୍କୁ କଟକ ☞ପୃଷ୍ଠା-୪

# ଜଙ୍ଗଲକୁ ନେଇ ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର

ଜୁନାଗଡ଼,୨୩।୯(ଡି.ଏନ.ଏ.)

■ ଭିଡିଓ ଭାଇରାଲ ପରେ ପୀଡିତା ଥାନାରେ ଅଭିଯୋଗ କଲେ
■ ଘଟଣାସ୍ଥଳରେ ଏସ୍‌ପି, ଫରେନସିକ୍ ଟିମ୍, ଜଣେ ଅଟକ

କଳାହାଣ୍ଡି ଜିଲାରେ ଏକ ଗଣ ବଳାତ୍କାର ଘଟଣା ଘଟିଛି। ଜଣେ ନର୍ସିଂ ଛାତ୍ରୀଙ୍କୁ ଲିଫ୍ଟ ଦେବା ଆଳରେ ଜଙ୍ଗଲକୁ ନେଇ ଗଣବଳାତ୍କାର କରାଯାଇଛି । ଏହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି । ଏ ନେଇ ଜୁନାଗଡ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାକୁ କଳାହାଣ୍ଡି ଏସ୍‌ପି ବି ଗଙ୍ଗାଧର ଗୁରୁତର ସହ ଗ୍ରହଣ କରି ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ୩ଟି ସ୍କ୍ୱାଡ ଗଠନ କରିଛନ୍ତି। ସୋମବାର ସୁଦ୍ଧା ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅଟକ ବ୍ୟକ୍ତିଙ୍କୁ ଧରି ଏସ୍‌ପି ବି.ଗଙ୍ଗାଧର ଫରେନସିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗଣବଳାତ୍କାର ଶିକାର ହୋଇଥିବା ଛାତ୍ରୀ ଜଣକ ଜୁନାଗଡର ଏକ ଘରୋଇ ନର୍ସିଂ କେନ୍ଦ୍ରରେ ତାଲିମ ନେଉଥିଲେ । ପ୍ରତିଦିନ ସେ ଏକ ଘରୋଇ ବସ୍‌ରେ ଘରୁ ଜୁନାଗଡକୁ ଯାତାୟାତ କରିଥାନ୍ତି। ଗତ ୧୪ ତାରିଖ ଦିନ ସେ ଚିକିତ୍ସା ପାଇଁ ଭବାନୀପାଟଣାକୁ ଯାଇଥିଲେ। ସେଠାରୁ ଅପରାହ୍ନ ୧.୪୫ରେ ଭବାନୀପାଟଣା ବସଷ୍ଟାଣ୍ଡ ରାସ୍ତାକଡରେ ଠିଆହୋଇ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସେ ଯାତାୟାତ କରୁଥିବା ଘରୋଇ ବସ୍‌ର ଡ୍ରାଇଭରଙ୍କ ସହ ତାଙ୍କର ଦେଖା ହୋଇଥିଲା। କୋକସରାକୁ ଆଉ ବସ୍ ନାହିଁ। ତାଙ୍କ ସହ ଆଉ କେହି ଆସି ନ ଥିବା ଛାତ୍ରୀ ଜଣକ ଡ୍ରାଇଭରଙ୍କୁ ☞ପୃଷ୍ଠା-୪





"ଜମ୍ମୁ-କଶ୍ମୀରର ଏଭଳି ସ୍ଥିତି ଲାଗି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ଭୁଲ ନୀତି ହିଁ ଦାୟୀ।
- ରାଜନାଥ ସିଂ,
କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ



■ ବାଲାକୋଟ ଶିବିର ପୁଣି ସକ୍ରିୟ: ସେନାଧ୍ୟକ୍ଷ

# ଅନୁପ୍ରବେଶ ଅପେକ୍ଷାରେ ୫୦୦ ଆତଙ୍କବାଦୀ

**ଚେନ୍ନାଇ,୨୩ା୯**

■ ହାଇ ଆଲର୍ଟରେ ସୁରକ୍ଷା ବଳ
■ କାର୍ଯ୍ୟାନୁଷ୍ଠାନ ଲାଗି ପୂର୍ଣ୍ଣ ସ୍ୱାଧୀନତା

ଜମ୍ମୁ-କଶ୍ମୀରରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବା ଲାଗି ପାକିସ୍ତାନ ଜୋରଦାର ଉଦ୍ୟମ ଚଳାଇଛି। ସୀମା ଅତିକ୍ରମ କରି ଉପତ୍ୟକାରେ ଅନୁପ୍ରବେଶ କରିବା ଲାଗି ପ୍ରଶିକ୍ଷଣପ୍ରାପ୍ତ ୪୫୦ରୁ ୫୦୦ ଆତଙ୍କବାଦୀ ଏଲ୍‌ଓସି ଆରପଟେ ଲଞ୍ଚ୍‌ପ୍ୟାଡଗୁଡ଼ିକରେ ଅପେକ୍ଷା କରି ରହିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ କେତେଜଣ ଆତଙ୍କବାଦୀ ଜୈଶ-ଇ-ମହମ୍ମଦ (ଜେଇଏମ୍)ର ବାଲାକୋଟ ଶିବିରରେ ତାଲିମ ପାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଏହି ସୂଚନା ମିଳିବା ପରେ ସୀମାନ୍ତରେ ସୁରକ୍ଷା ବଳକୁ ହାଇ ଆଲର୍ଟରେ ରଖାଯାଇଛି। ଅନୁପ୍ରବେଶକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଯବାନମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଛି।

ଗୋଇନ୍ଦା ସୂଚନା ଅନୁଯାୟୀ ପାକିସ୍ତାନ ପାର୍ଶ୍ୱ ଲିପା ଉପତ୍ୟକାରେ ଆତଙ୍କବାଦୀମାନେ ଅନୁପ୍ରବେଶ ଅପେକ୍ଷାରେ ରହିଛନ୍ତି। ବିଭିନ୍ନ ପ୍ରମୁଖ ସହରର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବା ଲାଗି ସେମାନେ ଲକ୍ଷ୍ୟ ରଖିଛନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ କଶ୍ମୀରକୁ ଅନ୍ତର୍ଜାତୀୟ ପ୍ରସଙ୍ଗ କରିବା ଲାଗି ପାକିସ୍ତାନ ଉଦ୍ୟମ ଚଳାଇଥିବାରୁ ସେଠାରେ ଅଶାନ୍ତିର ବାତାବରଣ ସୃଷ୍ଟି ଲାଗି ଯୋଜନା କରିଛି।



ପାକିସ୍ତାନ ସୀମା ବାଲାକୋଟରେ ଭାରତୀୟ ସେନା ସର୍ଜିକାଲ ଷ୍ଟ୍ରାଇକ୍ କରି ଧ୍ୱଂସ କରିଥିବା ଆତଙ୍କବାଦୀ ଶିବିର ଏବେ ପୁଣି ସକ୍ରିୟ ହୋଇଉଠିଥିବା ସେନାଧ୍ୟକ୍ଷ ଜେନେରାଲ ବିପିନ ରାୱତ ପ୍ରକାଶ କରିଛନ୍ତି। ସୋମବାର ଚେନ୍ନାଇରେ ଅନୁଷ୍ଠିତ ଅଫିସର୍ସ ଟ୍ରେନିଂ ଏକାଡେମୀକୁ ଉଦ୍‌ଘାଟନ କରିବା ପରେ ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ ଏହା କହିଛନ୍ତି। ଯେ କୌଣସି ଆତଙ୍କବାଦୀ କାର୍ଯ୍ୟ କିମ୍ବା ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିବା ଲାଗି ସେନା ସର୍ବଦା ସତର୍କ ଥିବା ସେ କହିଛନ୍ତି। ଯଦି ଆତଙ୍କବାଦୀ ଆକ୍ରମଣ କରାଯାଏ, ତେବେ ତା'ଠାରୁ ଅଧିକ କଡ଼ା ଜବାବ୍ ଦିଆଯିବ ବୋଲି ସେନାଧ୍ୟକ୍ଷ ପ୍ରକାଶ କରିଛନ୍ତି।

କଶ୍ମୀର ସ୍ଥିତି ନେଇ ସେ କହିଛନ୍ତି, ଆତଙ୍କବାଦୀମାନେ ସେଠାରେ ଅଘଟଣ କରିବା ଲାଗି ପ୍ରୟାସ ଜାରି ରଖିଛନ୍ତି। ଦୋକାନୀ ଓ ବ୍ୟବସାୟୀମାନଙ୍କୁ ସେମାନେ ଧମକଚମକ ଦେଉଛନ୍ତି। ଲୋକଙ୍କୁ ଭୟ ଦେଖାଇ ସ୍ଥିତି ବିଗାଡ଼ିବାକୁ ଚାହୁଁଛନ୍ତି। ଏହା କେବେହେଲେ ସଫଳ ହେବାକୁ ଦିଆଯିବନି। ସାଧାରଣ ଜୀବନଜାପନ ପରିସ୍ଥିତିରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଛି। ସେଠାରେ ଲାଗିଥିବା କଟକଣାକୁ ଧୀରେଧୀରେ ହଟାଯିବ ଓ ପରିସ୍ଥିତି ସ୍ୱାଭାବିକ କରାଯିବ।

## ଭିଡ଼ହିଂସାରେ ୨ ମୃତ

**ଖୁଣ୍ଟି/ଜାମନଗର,୨୩ା୯(ପି.ଟି.)**

ଦୁଇଟି ପୃଥକ୍ ଭିଡ଼ ହିଂସାରେ ୨ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ଝାଡ଼ଖଣ୍ଡର ଖୁଣ୍ଟି ଜିଲାରେ ଗୋହତ୍ୟା ସନ୍ଦେହରେ ଜଣେ ଦିବ୍ୟାଙ୍ଗଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ପିଟି ମାରିଦେଇଛନ୍ତି। ସେମାନଙ୍କ ଆକ୍ରମଣରେ ଅନ୍ୟ ଦୁଇଜଣ ଆହତ ହୋଇଥିବା ପୋଲିସ କହିଛି। ସେହିପରି ଗୁଜରାଟର ଜାମନଗର ଜିଲାରେ ଚୋରି ସନ୍ଦେହରେ ଜଣେ ଅଜଣା ବ୍ୟକ୍ତିଙ୍କୁ ୭ ଜଣ ପିଟି ମାରିଦେଇଛନ୍ତି।

ଖୁଣ୍ଟି ଜିଲାର ଜଲଟଙ୍ଗ ଗାଁ ନିକଟରେ ଥିବା ନଈପଠାରୁ ଗାଈର ମୃତଦେହ ମିଳିଥିଲା। ତାହା ନିକଟରେ କଲାନ୍ତୁସ ବାର୍ଲା, ଫଗୁ କଚ୍ଛପ ଏବଂ ଫିଲିପ୍ ହୋରୋ ଉପସ୍ଥିତ ଥିବାରୁ ସେମାନେ ଗାଈକୁ ମାରିଥିବା ଗାଁ ଲୋକେ ସନ୍ଦେହ କରିଥିଲେ। ଗାଁ ଲୋକଙ୍କ ମାଡ଼ରେ ଗୁରୁତର ୩ ଜଣଙ୍କୁ ହସ୍ପିଟାଲ ନିଆଯାଉଥିବାବେଳେ ବାଟରେ ବାର୍ଲାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଦୁଇଜଣ ରାଞ୍ଚିର ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଏହି ଘଟଣାରେ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ସେମାନଙ୍କୁ ଛାଡିଦେବା ଦାବିରେ ସ୍ଥାନୀୟ ଲୋକେ ଥାନା ଘେରାଉ କରିଥିଲେ। ସେମାନେ ନିର୍ଦ୍ଦୋଷ ହୋଇଥିଲେ ଛାଡ଼ିଦିଆଯିବ ବୋଲି ଏସ୍‌ଡିପିଓ ସୁଭାଷ ଝା ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଘେରାଉରୁ ହଟିଥିଲେ।

ସେହିପରି ଗୁଜରାଟ ଜାମନଗରରେ ୩୫ ବର୍ଷୀୟ ମାନସିକ ବିକୃତ ବ୍ୟକ୍ତି ଜଣକ ଝରକା ଭାଙ୍ଗି ଜଣକ ଘରେ ପଶିଥିବାରୁ ତାଙ୍କୁ ଚୋର ଭାବି ଲୋକେ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ମୋଟିଖାଭଡି ଗ୍ରାମରେ ଏହି ଘଟଣା ଘଟିଥିଲା। ପୋଲିସ ୩ ଜଣଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ହେଲିକପ୍ଟର ଦୁର୍ଘଟଣାରେ ୬ ଆହତ

**ଡେରାଡୁନ୍,୨୩ା୯(ପି.ଟି.):** କେଦାରନାଥରୁ ଫଟା ଅଭିମୁଖେ ଆସୁଥିବା ଏକ ଘରୋଇ ହେଲିକପ୍ଟର ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ଏଥିରେ ଥିବା ୬ ଯାତ୍ରୀ (ପାଇଲଟ୍‌ଙ୍କୁ ବାଦ୍‌ଦେଇ) ଆହତ ହୋଇଥିବା ଜଣାପଡ଼ିଛି। ହେଲିକପ୍ଟରଟି ଉଡ଼ାଣ ଆରମ୍ଭ କରିବାର କିଛି କ୍ଷଣ ପରେ ପାଇଲଟ୍ ଜଣକ ଯାନ୍ତ୍ରିକ ତ୍ରୁଟି ଥିବା ଜାଣିପାରିଥିଲେ। କେଦାରନାଥ ହେଲିପ୍ୟାଡ୍‌ରେ ଜରୁରିକାଳୀନ ଅବତରଣ ବେଳେ ହେଲିକପ୍ଟରର ପଛ ପଟ ଭୂମିରେ ମାଡ଼ ହୋଇଥିଲା। ହେଲିକପ୍ଟରଟି ଅଳ୍ପକେ ବର୍ତ୍ତି ଯାଇଥିବା କୁହାଯାଉଛି।

### ୩ ହିଜ୍‌ବୁଲ ଆତଙ୍କବାଦୀ ଗିରଫ

**ଜମ୍ମୁ,୨୩ା୯(ପି.ଟି.):** ଜମ୍ମୁ-କଶ୍ମୀରର କିସ୍ତୱାଡ଼ା ଜିଲାରେ ଭାଜପା ନେତା ଓ ଆର୍‌ଏସ୍‌ଏସ୍ କର୍ମୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ୩ ହିଜ୍‌ବୁଲ ଆତଙ୍କବାଦୀଙ୍କୁ ସୋମବାର ଗିରଫ କରାଯାଇଛି। ସେମାନେ ହେଲେ ନିସାର ଅହମ୍ମଦ ଶେଖ୍, ନିଶାଦ୍ ଅହମ୍ମଦ ଓ ଅଜାଦ୍ ହୁସେନ୍। ଏମାନେ ସମସ୍ତେ କିସ୍ତୱାଡ଼ା ବାସିନ୍ଦା। ସେମାନଙ୍କଠାରୁ କେତେକ ପିସ୍ତଲ, ରାଇଫଲ ଓ ଅନେକ ମାରଣାସ୍ତ୍ର ଜବତ କରାଯାଇଛି। ଏମାନଙ୍କ ବିରୋଧରେ ୪ ମାମଲା ରହିଥିଲା ବୋଲି ଜମ୍ମୁ ଜୋନ୍ ଆଇଜିପି ମୁକେଶ ସିଂ ପ୍ରକାଶ କରିଛନ୍ତି। ଏମାନଙ୍କ ସହ ସମ୍ପର୍କରେ ଥିବା ଅନ୍ୟ ଆତଙ୍କବାଦୀଙ୍କୁ ଧରିବା ଲାଗି ଅଭିଯାନକୁ ଜୋର୍‌ଦାର କରାଯାଇଥିବା ସେ କହିଛନ୍ତି।

### ବିକ୍ଷୋଭରତ ୪୭ କୃଷକ ଗିରଫ

**ନୋଇଡ଼ା,୨୩ା୯(ପି.ଟି.):** ଉତ୍ତରପ୍ରଦେଶର ଗ୍ରେଟର ନୋଏଡ଼ାରେ ବିକ୍ଷୋଭରତ ୪୭ କୃଷକଙ୍କୁ ସୋମବାର ପୋଲିସ ଗିରଫ କରିଛି। ବିମାନବନ୍ଦର ଲାଗି ଅଧିଗୃହୀତ ଜମି ନିମନ୍ତେ ଅଧିକ କ୍ଷତିପୂରଣ ଦାବିକରି ବିକ୍ଷୋଭ କରୁଥିବାବେଳେ ପୋଲିସ ଗିରଫ କରିଥିବା ଜଣାପଡ଼ିଛି। ଜେୱାର ଟୋଲ୍ ପ୍ଲାଜା ବନ୍ଦ କରିବା ସହ ଏହା ନିକଟରେ ଏମାନେ ବିକ୍ଷୋଭ କରିବାରୁ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଗୌତମ ବୁଦ୍ଧ ନଗରରେ ଗ୍ରୀନଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ଲାଗି ଜମି ଅଧିଗ୍ରହଣ ବେଳେ କୃଷକମାନେ ଏଭଳି ବିକ୍ଷୋଭ କରିଥିଲେ। ପ୍ରକଳ୍ପ ଲାଗି ୫ ହଜାର ହେକ୍ଟର ଜମି ଆବଶ୍ୟକ ଥିବାବେଳେ ୨୦୨୩ ସୁଦ୍ଧା ବିମାନବନ୍ଦର କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

[ଇତିହାସର ଆଇନାରେ]

### ସେପ୍ଟେମ୍ବର ୨୪ର ପ୍ରମୁଖ ଘଟଣା

**୨**୦୧୩ ସେପ୍ଟେମ୍ବର ୨୪ରେ ଦକ୍ଷିଣ-ପଶ୍ଚିମ ପାକିସ୍ତାନର ବେଲୁଚିସ୍ତାନରେ ଭୟଙ୍କର ଭୂକମ୍ପ ହୋଇ ୮୨୫ ଜଣ ପ୍ରାଣ ହରାଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୭.୭ ଥିଲା।

**୨**୦୧୫ ସେପ୍ଟେମ୍ବର ୨୪ରେ ହଜ୍ ଯାତ୍ରାବେଳେ ଦଳଚକଟା ଘଟି ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ୯୦୦ ଆହତ ହୋଇଥିଲେ। ଅତ୍ୟଧିକ ଭିଡ଼ ଯୋଗୁ ଏଭଳି ଦଳାଚକଟା ଘଟିଥିଲା। ଇରାନ, ମାଲି ଓ ନାଇଜେରିଆର ସର୍ବାଧିକ ତୀର୍ଥଯାତ୍ରୀ ଏଥିରେ ପ୍ରାଣ ହରାଇଥିଲେ।

## ବସ୍ ଦୁର୍ଘଟଣାରେ ୯ ମୃତ



**ଡେମୋ,୨୩ା୯(ପି.ଟି.)**

ଆସାମର ଶିବସାଗର ଜିଲାରେ ବସ୍ ଓ ମିନିବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୯ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି। ଜାତୀୟ ରାଜପଥ ୩୭ର ଡେମୋଠାରେ ଏହି ଦୁର୍ଘଟଣା ଘଟିଛି। ବସ୍‌ଟି ଗୋଲାଘାଟରୁ ଦିବ୍ରୁଗଡ଼ ଯାଉଥିବାବେଳେ ମିନିବସ୍‌ଟି ବିପରୀତ ଦିଗରୁ ଆସୁଥିଲା। ଦୁର୍ଘଟଣା ପରେ ଦୁଇଟିଯାକ ଗାଡ଼ି ରାସ୍ତାପାର୍ଶ୍ୱ ଖାତକୁ ଖସିପଡିଥିଲା। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ୧୫ ଜଣଙ୍କୁ ଦିବ୍ରୁଗଡ଼ସ୍ଥିତ ଆସାମ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ଆମେରିକା ସିନେଟରଙ୍କ ସ୍ତ୍ରୀଙ୍କୁ କ୍ଷମା ମାଗିଲେ ମୋଦି

**ହ୍ୟୁଷ୍ଟନ,୨୩ା୯(ପି.ଟି.)**

ଆମେରିକା ସିନେଟର ଜନ୍ କୋର୍ନିନ୍‌ଙ୍କ ସ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମା ମାଗିଛନ୍ତି। କ୍ଷମା ମାଗିବାର କାରଣ ହେଲା ରବିବାର ଉକ୍ତ ମହିଳାଙ୍କର ଜନ୍ମଦିନ ଥିଲାବେଳେ ତାଙ୍କ ସ୍ୱାମୀ ହାଓଡି ମୋଦି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି କୋର୍ନିନଙ୍କ ସ୍ତ୍ରୀ ସାଣ୍ଡିଙ୍କ ସମୃଦ୍ଧି ଓ ଶାନ୍ତିପୂର୍ଣ୍ଣ ଭବିଷ୍ୟତ କାମନା କରାଯାଇଛି। ଟେକ୍ସାସ୍ ସିନେଟର କୋରନିନ୍‌ଙ୍କୁ ରବିବାର କାର୍ଯ୍ୟକ୍ରମରେ ମୋଦିଙ୍କ ପାଖରେ ଛିଡ଼ାହୋଇଥିବା ଦେଖିବାକୁ ମିଳିଥିଲା। ମୋଦି ଟୁଇଟ୍ କରି କହିଛନ୍ତି, 'ଜନ୍ମଦିନରେ ଆପଣଙ୍କ ପାଖରେ ଜୀବନସାଥି ରହି ନପାରିଥିବାରୁ ଦୁଃଖିତ। ଆପଣଙ୍କର ସୁଖମୟ ଓ ସମୃଦ୍ଧ ଭବିଷ୍ୟତ କାମନା କରୁଛି।'

■ ଜାତିସଂଘ ଜଳବାୟୁ ସମିଟ୍‌ରେ ମୋଦିଙ୍କ ଉଦ୍‌ବୋଧନ

# ଏବେ କାମ କରିବା ସମୟ

**ଜାତିସଂଘ,୨୩ା୯**



**୫୦୦ ଗିଗାୱାଟ ଅଣଜୀବାଶ୍ମ ଇନ୍ଧନ ଉତ୍ପାଦନ କରିବ ଭାରତ**

ନ୍ୟୁୟର୍କରେ ସୋମବାର ଅନୁଷ୍ଠିତ ଜାତିସଂଘ ଜଳବାୟୁ ସମିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ଉଦ୍‌ବୋଧନ ଦେଇଛନ୍ତି। ଜଳବାୟୁକୁ ନେଇ କଥା କହିବା ସମୟ ଅତିବାହିତ ହୋଇଯାଇଛି। ଏବେ କାମ କରିବା ସମୟ ଆସିଛି। ବିଶ୍ୱ ନେତାମାନେ ସେମାନଙ୍କ ମନୋଭାବରେ ପରିବର୍ତ୍ତନ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଭାରତ ଏହାର ଅଣଜୀବାଶ୍ମ ଇନ୍ଧନ ଉତ୍ପାଦନ ୪୦୦ ଗିଗାୱାଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। ପ୍ୟାରିସ୍ ଜଳବାୟୁ ଚୁକ୍ତିନାମା ଅନୁଯାୟୀ ଭାରତ ଏବେ ୧୭୫ ଗିଗାୱାଟ ଅଣଜୀବାଶ୍ମ ଇନ୍ଧନ ଉତ୍ପାଦନ ଲକ୍ଷ୍ୟ ରଖିଥିବାବେଳେ ୨୦୨୨ ବେଳକୁ ଏହାକୁ ୪୦୦ ଗିଗାୱାଟରେ ପହଞ୍ଚାଇବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି ବିଶ୍ୱ ନେତାମାନଙ୍କୁ କହିଛନ୍ତି।

ସୂଚନାଯୋଗ୍ୟ, ପ୍ୟାରିସ୍ ଚୁକ୍ତିନାମାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୧୭ରେ ଓହରିଯାଇ ସେତେବେଳର ନିଷ୍ପତ୍ତି ପାଇଁ ଭାରତ ଓ ଚାଇନାକୁ ଦାୟୀ କରିଥିଲେ। ଉକ୍ତ ଚୁକ୍ତିନାମାରୁ ଫାଇଦା ଉଠାଉଥିବା ଦେଶଗୁଡିକ ପାଇଁ ଆମେରିକାକୁ ପୈଠ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ଟ୍ରମ୍ପ ସେତେବେଳେ ଅଭିଯୋଗ କରିଥିଲେ।

ଜଳବାୟୁ ପରିବର୍ତ୍ତନ ଜନିତ ଗୁରୁତର ଚ୍ୟାଲେଞ୍ଜକୁ ଅତିକ୍ରମ କରିବାକୁ ହେଲେ ଆମକୁ କଠିନ ନିଷ୍ପତ୍ତି ନେବାକୁ ହେବ। ଏପର୍ଯ୍ୟନ୍ତ ଆମେ ଯାହା କରିଛେ ତାହା ଯଥେଷ୍ଟ ନୁହେଁ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ପକ୍ଷରୁ ଆୟୋଜିତ ଜଳବାୟୁ ସମିଟ୍‌ରେ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ବଢ଼ିଚାଲିଛି। ତେବେ ଜରୁରୀ ଏବଂ ଯୁଗାନ୍ତକାରୀ ପଦକ୍ଷେପ ନେଲେ ଏହାର ବିପଜ୍ଜନକ ପରିଣାମକୁ ପ୍ରତିହତ କରାଯାଇପାରିବ। ସେଥିପାଇଁ ଏବେ ବି ସମୟ ଅଛି ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି।

■ ବାବୁଲ ସୁପ୍ରିୟୋଙ୍କୁ ଆକ୍ରମଣର ପ୍ରତିବାଦ

# ଏବିଭିପି ଶୋଭାଯାତ୍ରାକୁ ଅଟକାଇଲା ପୋଲିସ

**କୋଲକାତା,୨୩ା୯(ପି.ଟି.)**



କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋଙ୍କୁ ଆକ୍ରମଣ ଘଟଣାକୁ ବିରୋଧ କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସୋମବାର ପ୍ରତିବାଦ ଶୋଭାଯାତ୍ରା ବାହାର କରାଯାଇଥିବାବେଳେ ଅଧାବାଟରେ ପୋଲିସ ଏହାକୁ ଅଟକାଇଥିଲା। ଫଳରେ ଏବିଭିପି କର୍ମୀମାନେ ପୋଲିସ ଉପରକୁ ଢେଲାମାଡ଼ କରିବା ସହ ବାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନରେ କେତେଜଣ ଏବିଭିପି କର୍ମୀ ଆହତ ହୋଇଥିବା ଜଣାପଡ଼ିଛି।

୧୯ ତାରିଖରେ ସୁପ୍ରିୟୋ ଯାଦବପୁର ବିଶ୍ୱବିଦ୍ୟାଳୟକୁ ଆସିଥିବାବେଳେ ବାମପନ୍ଥୀ ଛାତ୍ର ସଂଗଠନ ତାଙ୍କୁ ଦୀର୍ଘ ୫ ଘଣ୍ଟା ଅଟକାଇବା ସହ ଆକ୍ରମଣ କରିଥିଲା। ଏହାର ପ୍ରତିବାଦରେ ଏବିଭିପି କର୍ମୀ ଦକ୍ଷିଣ କୋଲକାତାର ଗରିଆହାଟ ଅଞ୍ଚଳରୁ ଶୋଭାଯାତ୍ରା ବାହାର କରିଥିଲେ। ଯୋଧପୁର ପାର୍କ ନିକଟରେ ପହଞ୍ଚିବା ପରେ ପୋଲିସ ବାରିକେଡ୍ ରଖି ଅଟକାଇଥିଲା। ଉତ୍ତ୍ୟକ୍ତ କର୍ମୀ ତୃଣମୂଳ କଂଗ୍ରେସ ସରକାର ବିରୋଧରେ ସ୍ଲୋଗାନ ଦେବା ସହ ପୋଲିସ ଉପରକୁ ଟେକାମାଡ଼ କରିଥିଲେ।

## ୧୩ ଅଭିଯୁକ୍ତଙ୍କୁ ଅର୍ଦ୍ଧଉଲଗ୍ନ କରି ପରେଡ କରାଇଲା ପୋଲିସ

**କୋଲକାତା,୨୩ା୯(ପି.ଟି.)**

ବେହରୋର ଥାନା ଉପରେ ଗତ ୬ ତାରିଖରେ ଗୁଳି ଚଳାଇ ହରିୟାଣାର ଗ୍ୟାଙ୍ଗଷ୍ଟର ବିକ୍ରମ ଓରଫ ପାପଲା ଗୁଜ୍ରାରଙ୍କୁ ଖସାଇନେବା ଅଭିଯୋଗରେ ଗିରଫ ହୋଇଥିବା ୧୩ ଜଣଙ୍କୁ ରାଜସ୍ଥାନ ପୋଲିସ ଅର୍ଦ୍ଧଉଲଗ୍ନ କରି ଅଲୱରର ଜନଗହଳିପୂର୍ଣ୍ଣ ମାର୍କେଟ ଅଞ୍ଚଳରେ ୧ କିଲୋମିଟର ଚଲାଇବା ଘଟଣାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ଏହି ପରେଡ୍ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୬ ତାରିଖ ଦିନ କ'ଣ ସବୁ ଘଟିଥିଲା ତାହା ଦେଖାଇବା ପାଇଁ ପୋଲିସ ଅଭିଯୁକ୍ତମାନଙ୍କୁ ହ୍ୟାଣ୍ଡକପ୍ ସହ ବିଭିନ୍ନ ସ୍ଥାନକୁ ନେଇଥିଲା। ପାପଲାଙ୍କୁ ପୋଲିସ ହାଜତରୁ ଖସାଇନେବାରେ ଅଭିଯୁକ୍ତମାନେ ସମ୍ପୃକ୍ତ ବୋଲି ପୋଲିସ କହିଛି। ୬ ତାରିଖରେ ୧୫ରୁ ୨୦ ଜଣ ତିନୋଟି ଗାଡ଼ିରେ ଆସି ଅଚାନକ ବେହରୋର ଥାନା ଉପରକୁ ପାଖାପାଖି ୪୦ ରାଉଣ୍ଡ ଗୁଳି ଚଳାଇଥିଲେ। ପୋଲିସ ପ୍ରତିରୋଧ କରିବା ପୂର୍ବରୁ ସେମାନେ ଥାନାରେ ପଶି ପାପଲାଙ୍କୁ ନେଇଯାଇଥିଲେ।

## ତାଲିବାନ ବିରୋଧୀ କାର୍ଯ୍ୟାନୁଷ୍ଠାନ ବେଳେ ୨୪ ନିହତ

**କାବୁଲ,୨୩ା୯**

ଆଫଗାନିସ୍ତାନ ସ୍ୱତନ୍ତ୍ର ବାହିନୀ ପକ୍ଷରୁ ରବିବାର ରାତିରେ ହେଲମଣ୍ଡ ପ୍ରଦେଶରେ ଥିବା ତାଲିବାନ ଆଡ୍ଡା ଉପରେ ଚଢ଼ାଉ ବେଳେ ୨୪ ସାଧାରଣ ନାଗରିକ ନିହତ ହୋଇଛନ୍ତି। ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ପ୍ରାଦେଶିକ ଅଧିକାରୀ ଅବଦୁଲ ମାଜେଦ୍ ଅଖୁନ୍ଦ୍ କହିଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ମହିଳା ଓ ଶିଶୁ। ମୁସା କାଲା ଜିଲାରେ ଏକ ବିବାହ ଉତ୍ସବରେ ସେମାନେ ଯୋଗଦେଇଥିବାବେଳେ ଭୁଲ୍‌ବଶତଃ ସାମରିକ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିଲେ। ଏହି ଆକ୍ରମଣରେ ଅନ୍ୟ ୧୨ ଜଣ ଆହତ ହୋଇଛନ୍ତି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହେବା ସହ ଘଡ଼ଘଡ଼ି ମାଡ଼ିବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୨୩.୧ |
| ଚାନ୍ଦବାଲି | ୩୧.୪ | ୨୫.୦ |
| କଟକ | ୩୧.୪ | ୨୩.୬ |
| ପାରାଦ୍ୱୀପ | ୩୧.୯ | ୨୭.୦ |
| ଭୁବନେଶ୍ୱର | ୩୧.୭ | ୨୫.୦ |
| ଗୋପାଳପୁର | ୨୯.୦ | ୨୫.୮ |
| ପୁରୀ | ୩୦.୪ | ୨୬.୦ |
| ଅନୁଗୋଳ | ୩୧.୧ | ୨୧.୬ |
| ବାରିପଦା | ୩୦.୦ | ୨୫.୬ |
| ଝାରସୁଗୁଡ଼ା | ୩୩.୨ | ୨୪.୦ |
| କେନ୍ଦୁଝର | ୩୦.୮ | ୨୩.୮ |
| ସମ୍ବଲପୁର | ୩୨.୭ | ୨୪.୬ |
| ସୁନ୍ଦରଗଡ଼ | ୩୨.୫ | ୨୩.୦ |
| ହୀରାକୁଦ | ୩୨.୦ | ୨୫.୬ |
| ତାଳଚେର | -- | ୨୫.୧ |
| ଭବାନୀପାଟଣା | ୩୨.୦ | ୨୪.୦ |
| ବଲାଙ୍ଗୀର | ୩୪.୦ | ୨୫.୦ |
| କୋରାପୁଟ | ୨୮.୬ | ୧୯.୬ |
| ଫୁଲବାଣୀ | ୩୦.୬ | -- |
| ଟିଟିଲାଗଡ଼ | ୩୫.୫ | ୨୧.୫ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୩୫.୨ | ୨୨.୦ |
| ଦାରିଙ୍ଗିବାଡ଼ି | ୨୮.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

■ ହ୍ୟୁଷ୍ଟନ୍‌ରେ ଟ୍ରମ୍ପ୍‌ଙ୍କ ପାଇଁ ମୋଦିଙ୍କ ପ୍ରଚାର

# କଂଗ୍ରେସର ସମାଲୋଚନା

**ନୂଆଦିଲ୍ଲୀ,୨୩ା୯(ପି.ଟି.)**



ଆନନ୍ଦ ଶର୍ମା

ହ୍ୟୁଷ୍ଟନରେ ଅନୁଷ୍ଠିତ ହାଓଡି ମୋଦି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅତ୍ୟଧିକ ପ୍ରଶଂସା କରିବା ସହ ତାଙ୍କ ପାଇଁ ନିର୍ବାଚନ ପ୍ରଚାର କରିବା ଘଟଣାକୁ କଂଗ୍ରେସ ସମାଲୋଚନା କରିଛି। ମୋଦି ଭାରତୀୟ ବିଦେଶ ନୀତିର ଦୀର୍ଘମିଆଦୀ ସମ୍ମାନ ନିୟମାବଳୀର ଉଲ୍ଲଂଘନ କରିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଉକ୍ତ ନୀତି ଅନୁଯାୟୀ ଭାରତୀୟ ନେତା ଅନ୍ୟ ଦେଶର ଘରୋଇ ନିର୍ବାଚନରେ ହସ୍ତକ୍ଷେପ କରିବେ ନାହିଁ। ଆସନ୍ତାବର୍ଷ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଥିଲାବେଳେ ରବିବାର ହାଓଡି ମୋଦି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କ ପାଇଁ ସକ୍ରିୟ ଭାବେ ନିର୍ବାଚନ ପ୍ରଚାର କରିଥିବା ଦେଖାଯାଇଥିଲା। ମୋଦିଙ୍କର ଏଭଳି କାର୍ଯ୍ୟ ଭାରତ-ଆମେରିକା ଦୀର୍ଘମିଆଦୀ ସମ୍ପର୍କ ପାଇଁ କ୍ଷତିକାରକ ହେବ ବୋଲି ବିରୋଧୀ ଦଳ କହିଛି। ହ୍ୟୁଷ୍ଟନ୍ ପ୍ଲାଟଫର୍ମରେ ପ୍ରଧାନମନ୍ତ୍ରୀ 'ଅବ୍ କି ବାର୍ ଟ୍ରମ୍ପ୍ ସରକାର' ସ୍ଲୋଗାନ ଦେବା ଉଚିତ ନ ଥିଲା ବୋଲି ବରିଷ୍ଠ କଂଗ୍ରେସ ନେତା ଆନନ୍ଦ ଶର୍ମା କହିଛନ୍ତି।

ଆମେରିକାର ଉଭୟ ରିପବ୍ଲିକାନ ଓ ଡେମୋକ୍ରାଟିକ୍ ସରକାର ସହ ଭାରତ ସମ୍ପର୍କ ରଖିଆସିଛି। ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍‌ଙ୍କ ରିପବ୍ଲିକାନ ପ୍ରଶାସନ ଓ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମୟରେ ଦୁଇ ଦେଶ ମଧ୍ୟରେ ଆଣବିକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ତେବେ ଆମେରିକା ନିର୍ବାଚନ ବେଳେ ମନମୋହନ କୌଣସି ପକ୍ଷଙ୍କୁ ସମର୍ଥନ କରି ନ ଥିଲେ। ଯେତେବେଳେ ବାରାକ ଓବାମା ରାଷ୍ଟ୍ରପତି ଥିଲେ ସେତେବେଳେ ଡେମୋକ୍ରାଟିକ୍ ସରକାରଙ୍କ ସହ ଭାରତର ଉତ୍ତମ ସମ୍ପର୍କ ରହିଥିଲା ବୋଲି ଶର୍ମା କହିଛନ୍ତି। ହାଓଡି ମୋଦି କାର୍ଯ୍ୟକ୍ରମକୁ କଂଗ୍ରେସ ବିରୋଧ କରୁନାହିଁ। ଏଚ୍‌୧ବି ଭିଜା ପ୍ରଦାନ କ୍ଷେତ୍ରରେ କଟକଣା ହଟାଇବା, ଦେୟ କମାଇବା ସହ ଜିଏସପି ବ୍ୟବସ୍ଥା ପୁନଃପ୍ରଚଳନ କରିବା ପାଇଁ ଟ୍ରମ୍ପଙ୍କୁ ପ୍ରଧାନମନ୍ତ୍ରୀ ରାଜି କରାଇବା କଂଗ୍ରେସ ଆଶା କରେ ବୋଲି କଂଗ୍ରେସ ନେତା କହିଛନ୍ତି। ସେହିପରି ହ୍ୟୁଷ୍ଟନ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଗାନ୍ଧୀ-ନେହେରୁଙ୍କ ସମ୍ପର୍କରେ କିଛି ନ କହିବା ଘଟଣାକୁ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ସମାଲୋଚନା କରିଛନ୍ତି। ଅଟଳ ବିହାରୀ ବାଜପେୟୀ ଓ ଲାଲ୍‌କୃଷ୍ଣ ଆଡଭାନୀ ଆମେରିକାରେ ଭାଷଣ ଦେଲାବେଳେ ନେହେରୁଙ୍କୁ ସ୍ମରଣ କରୁଥିଲେ ବୋଲି ଜୟରାମ ଟୁଇଟ୍ କରିଛନ୍ତି।



“ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ

ନନ୍ଦନକାନନରେ ୪ ହାତୀ ପରେ ନୀଳଗିରି ଲଙ୍ଗୁରର ଗଲା ଜୀବନ




■ ବିଜେପୁର ଉପନିର୍ବାଚନ

# ପ୍ରକାଶ ପାଇଲା ବିଧିବଦ୍ଧ ବିଜ୍ଞପ୍ତି

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ବିଜେପୁର ଉପନିର୍ବାଚନ ନେଇ ସୋମବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଉପନିର୍ବାଚନରେ ଯେଉଁମାନେ ପ୍ରାର୍ଥୀ ହେବାକୁ ଚାହିଁବେ ସୋମବାର ନିଜର ପ୍ରାର୍ଥିପତ୍ର ଦାଖଲ କରିପାରିବେ। ଏହି ପ୍ରକ୍ରିୟା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ପ୍ରାର୍ଥୀ କିମ୍ବା ତାଙ୍କର କୌଣସି ପ୍ରସ୍ତାବକ ମନୋନୟନ ପତ୍ର ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରିଟର୍ନିଂ ଓ ସହାୟକ ରିଟର୍ନିଂ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ। ଆସନ୍ତା ୧ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ଅକ୍ଟୋବର ୩ରେ ନାମାଙ୍କନ

### ପ୍ରଥମ ଦିନରେ କେହି ନାମାଙ୍କନ ଦାଖଲ କରିନାହାନ୍ତି

ପ୍ରତ୍ୟାହାର ପାଇଁ ଶେଷ ତାରିଖ ରହିଛି। ଅକ୍ଟୋବର ୨୧ରେ ବିଜେପୁର ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ। ଏଥିସହ ୨୪ରେ ଭୋଟ ଗଣତି ହେବ। ଅକ୍ଟୋବର ୨୭ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି ଭାରତୀୟ ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇଟି ବିଧାନସଭା ଆସନ ହିଞ୍ଜିଳି ଏବଂ ବିଜେପୁରରୁ ଲଢ଼ି ବିଜୟୀ ହୋଇଥିଲେ। ସରକାର ଗଠନ କରିବାପରେ ମୁଖ୍ୟମନ୍ତ୍ରୀ ବିଜେପୁର ଆସନରୁ ଇସ୍ତଫା ଦେଇଥିଲେ। ତେଣୁ ଏହି ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଆସନ ପାଇଁ ପ୍ରଥମ ଦିନରେ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବା ଜଣାପଡ଼ିଛି।



SUPER SPECIALITY LIVER CLINIC
Patients Suffering From:
• Liver Cirrhosis
• Chronic Liver Disease
• Alcoholic Liver Disease
• Acute Liver Failure
• Children's Liver Disease
• Liver Cancer
• Jaundice, Hepatitis
• Liver Transplant Advice, etc.
Consult our Expert
Dr. Dharmesh Kapoor
M.D., D.M.(Gastro), M.R.C.P
Sr. Consultant Hepatology & Liver Diseases
Global Hospitals, Hyderabad
GLOBAL HOSPITALS INFORMATION CENTRE, UNIT - 6, BHUBANESWAR
Date: 27th Sept., 2019, (Friday), Time: 5 PM to 8 PM
Date: 28th Sept., 2019, (Saturday), Time: 8 AM to 11:30 AM
For Registration: 9438730593, 9937327450, 0674 - 2595566
Gleneagles Global Hospitals
A PARKWAY PANTAI ENTERPRISE


## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କୋରିଆ ପ୍ରତିନିଧି ଦଳ

# ୬ କ୍ଷେତ୍ରରେ ପୁଞ୍ଜିନିବେଶ ପ୍ରସ୍ତାବ



ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିବାକୁ ଆସିଥିବା କୋରିଆ ରାଷ୍ଟ୍ରଦୂତ ଏବଂ ପ୍ରତିନିଧିମଣ୍ଡଳୀ।

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ଇଲେକ୍ଟ୍ରୋନିକ,ପେଟ୍ରୋଲିୟମ, କେମିକାଲ ଓ ପେଟ୍ରୋକେମିକାଲ୍ସ,ବୟନ ଶିଳ୍ପ, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ ଆଦି ୬ଟି କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ସୁଯୋଗ ରହିଛି। ରାଜ୍ୟ ସରକାର ଏଭଳି ଶିଳ୍ପ ପାଇଁ ଏକ ବ୍ୟବସାୟିକ ପରିବେଶ, ଶିଳ୍ପ ଭିତ୍ତିଭୂମି ଏବଂ ଦକ୍ଷ ମାନବସମ୍ବଳ ଯୋଗାଇ ଦେବେ। ଏସବୁ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବାକୁ କୋରିଆ ବ୍ୟବସାୟୀ ପ୍ରତିନିଧିମଣ୍ଡଳୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତାବ ଦେଇଛନ୍ତି। ସୋମବାର ଲୋକସେବା ଭବନ ଠାରେ କୋରିଆ ରାଷ୍ଟ୍ରଦୂତ ସିନ ବଙ୍ଗ କିଲ ଏବଂ ତାଙ୍କ ସହ ଆସିଥିବା ୯ ଜଣିଆ କୋରିଆ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କୋରିଆ ଏବଂ ଓଡ଼ିଶା ମିଳିତ ଭାବେ କାର୍ଯ୍ୟ କରିବାର ପର୍ଯ୍ୟାପ୍ତ ସୁଯୋଗ ରହିଛି। ରାଜ୍ୟ ସରକାର ଖୁବ୍‌ଶୀଘ୍ର ମୂଲ୍ୟଯୁକ୍ତ ଖଣିଜ ପଦାର୍ଥ ଉତ୍ପାଦନ କ୍ଷେତ୍ର ପାଇଁ ଭିଜନ ଡକ୍ୟୁମେଣ୍ଟ-୨୦୩୦ ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଓଡ଼ିଶା ପ୍ରାକୃତିକ ସମ୍ପଦ ଭରା ରାଜ୍ୟ । ଶିଳ୍ପଭିତ୍ତିକ ପ୍ରକଳ୍ପ ସ୍ଥାପନ କରିବା, ଉତ୍ପାଦନ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା କ୍ଷେତ୍ରରେ ଓଡ଼ିଶା ଦେଶର ୩ଟି ପ୍ରମୁଖ ରାଜ୍ୟ ମଧ୍ୟରେ ରହିଛି। ଏହାଛଡ଼ା ପେଟ୍ରୋକେମିକାଲ କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ଏ ସବୁ ପ୍ରାକୃତିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ କୋରିଆ ପ୍ରତିନିଧି ମଣ୍ଡଳୀଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। ଏହାଛଡ଼ା ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଓଡ଼ିଶା ଏକ ହବ୍‌ରେ ପରିଣତ ହୋଇଛି। ଏଠାରେ କେତେକ ବଡ଼ ବଡ଼ ଆଇଟି କମ୍ପାନୀ ନିଜର ବ୍ୟବସାୟ ଚଳାଇଛନ୍ତି। ଆଇଟି ଉତ୍ପାଦନ ପୁଞ୍ଜି ଭାବେ ପରିଗଣିତ ହେଉଥିବା ଓଡ଼ିଶାରେ କୋରିଆ ଶିଳ୍ପସଂସ୍ଥା ପୁଞ୍ଜି ବିନିଯୋଗ କରିବା ପାଇଁ ପର୍ଯ୍ୟାପ୍ତ କ୍ଷେତ୍ର ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ କୋରିଆ ରାଷ୍ଟ୍ରଦୂତ କିଲ ରାଜ୍ୟରେ ପୁଞ୍ଜିନିବେଶ ଓ ଶିଳ୍ପାୟନ ପାଇଁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ସମ୍ପଦ ଏବଂ

### ପର୍ଯ୍ୟାପ୍ତ ସୁଯୋଗର ଫାଇଦା ନେବାକୁ ଆହ୍ୱାନ

ସେବା କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ବଡ଼ ସୁଯୋଗ ରହିଛି ବୋଲି ସେ କହିଥିଲେ। ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ କହିଥିଲେ ଯେ ଓଡ଼ିଶା ଦକ୍ଷ ମାନବସମ୍ବଳ ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ୨୦୦ ଆମେରିକୀୟ ଡଲାର ବିନିଯୋଗରେ ଭୁବନେଶ୍ୱରଠାରେ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯିବ। ଏଥିରେ ୮ଟି ବିଷୟରେ ୧ ଲକ୍ଷ ୫୦ ହଜାର ବ୍ୟକ୍ତିଙ୍କୁ ଦକ୍ଷତା ବିକାଶ ପାଇଁ ତାଲିମ ଦିଆଯିବ ବୋଲି କହିଥିଲେ। ଏହି ଆଲୋଚନାବେଳେ ଶିଳ୍ପମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ଉନ୍ନୟନ କମିଶନର, ଶିଳ୍ପ ବିଭାଗ ସଚିବ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପୂର୍ବରୁ କୋରିଆ ପ୍ରତିନିଧି ଦଳଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ନେଇଥିବା ସୁଯୋଗ ସମ୍ପର୍କରେ କୋରିଆ ଭାଷାରେ ଏକ ଉପସ୍ଥାପନା ପ୍ରଦର୍ଶନ କରାଯାଇଥିଲା।

■ ବଦଳିଲେ ସରକାରୀ ଉପ ମୁଖ୍ୟ ସଚେତକ

# ପ୍ରଣବଙ୍କ ବଦଳରେ ରୋହିତ

ଭୁବନେଶ୍ୱର,୨୩।୯(ବ୍ୟୁରୋ)



ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ସରକାରୀ ଦଳ ଉପମୁଖ୍ୟ ସଚେତକ ପଦବୀରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହଟାଇ ଦେଇଛନ୍ତି। ତାଙ୍କ ସ୍ଥାନରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ସରକାରୀ ଦଳ ଉପ ମୁଖ୍ୟ ସଚେତକ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ସୋମବାର ବିଜେଡି ପକ୍ଷରୁ ପ୍ରେସ ଇସ୍ତାହାରରେ ଜଣାଇ ଦିଆଯାଇଛି।

ଏହି ନିଯୁକ୍ତି ପାଇବା ପରେ ରୋହିତ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ସେ ଏହି ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବାକୁ ଜୋରଦାର ପ୍ରୟାସ କରିବେ ବୋଲି କହିଛନ୍ତି। ରୋହିତ ପୂର୍ବରୁ ମଧ୍ୟ ଉପ ମୁଖ୍ୟ ସଚେତକ ଦାୟିତ୍ୱ ତୁଲାଇ ସାରିଛନ୍ତି। ୨୦୧୪ରୁ ୨୦୧୯ ପଞ୍ଚଦଶ ବିଧାନସଭାରେ ସେ ସରକାରୀ ଉପ ମୁଖ୍ୟ ସଚେତକ ଭାବେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟ ପକ୍ଷରେ ରୋହିତ ବିଜେଡିର ପଞ୍ଚମ ପାଳିରେ ମନ୍ତ୍ରୀ ପଦବୀ ପାଇବା ନେଇ ଆଶାବାଦୀ ଥିଲେ। ହେଲେ ତାଙ୍କୁ କୌଣସି ପଦବୀ ମିଳି ନ ଥିଲା। ଏ ନେଇ ସେ ବିଭିନ୍ନ ସମୟରେ ନିଜର ଅସନ୍ତୋଷ ବ୍ୟକ୍ତ କରୁଥିଲେ। ବିଜେପୁର ବିଧାନସଭା ଆସନ ପାଇଁ ଉପନିର୍ବାଚନ ତାରିଖ ଘୋଷଣା ହୋଇଯାଇଥିବାରୁ ରେଢାଖୋଲ ବିଧାୟକଙ୍କୁ ସନ୍ତୁଷ୍ଟ କରିବାକୁ ଏଭଳି ନିଯୁକ୍ତି ଦିଆଯାଇ ପାରିଥାଏ ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ପ୍ରଣବଙ୍କୁ ମାତ୍ର ଗୋଟିଏ ବିଧାନସଭା ଅଧିବେଶନ ପରେ ଉପ ମୁଖ୍ୟ ସଚେତକ ପଦବୀରୁ ବିଦା କରାଯାଇଛି। ବିଜେଡିର ପଞ୍ଚମ ପାଳିରେ ଯାଜପୁର ଜିଲାରୁ କେହି ମନ୍ତ୍ରୀ ହୋଇ ନ ଥିବାବେଳେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ସରକାରୀ ମୁଖ୍ୟ ସଚେତକ ଏବଂ ପ୍ରଣବଙ୍କୁ ଉପମୁଖ୍ୟ ସଚେତକ ଭାବେ ନିଯୁକ୍ତି ଦିଆଯାଇଥିଲା।


MARUTI SUZUKI
NEXA

THE BEST OFFERS OF THE YEAR




LIMITED PERIOD OFFERS ONLY
VALID TILL 30th SEPTEMBER 2019

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹15,000 | ₹20,000+5 YEAR WARRANTY | ₹30,000 | ₹50,000+5 YEAR WARRANTY | ₹25,000 | ₹25,000+5 YEAR WARRANTY |
| EXCHANGE OFFER | ₹15,000 | ₹15,000 | ₹20,000 | ₹30,000 | ₹30,000 | ₹30,000 |
| CORPORATE OFFER | ₹5,000 | ₹10,000 | ₹7,000 | ₹10,000 | ₹10,000 | ₹10,000 |
| TOTAL SAVINGS# | ₹35,000 | ₹62,400 | ₹57,000 | ₹1,12,900 | ₹65,000 | ₹87,700 |

Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

SAMBALPUR: NEXA SAMBALPUR HIGHWAY (ODYSSEY MOTORS PH: 8599039994).

A REVOLUTIONARY WAY TO CONNECT TO YOUR CAR
▸ Vehicle Tracking
▸ Emergency Alert
▸ Driving Behaviour Analysis
▸ Live Vehicle Status
▸ Vehicle Alerts
SUZUKI connect ADVANCED TELEMATICS SOLUTION
Offered separately as Genuine NEXA Accessory

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and 5 year warranty (2 year standard warranty + 3 year extended warranty) on NEXA Diesel cars.

**କିଛି ତଥ୍ୟ**
ଚଳିତ ମାସ ମଧ୍ୟଭାଗ ସୁଦ୍ଧା ଦୀର୍ଘକାଳୀନ ଭିତ୍ତିରେ ସାରା ଦେଶରେ ହାରାହାରି ୪% ଅଧିକ ବର୍ଷା ହୋଇଛି।
– କୃଷି ମନ୍ତ୍ରଣାଳୟ

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: .............................


ସ୍ୱୟଂପ୍ରଭା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଜଙ୍ଗଲକୁ ନେଇ...

କହିଥିଲେ। ତୁମେ ମୋ ବାଇକ୍‌ରେ ଆସ ମୁଁ ତୁମକୁ ଘରେ ଛାଡି ଦେବି ବୋଲି ଡ୍ରାଇଭର ତାଙ୍କୁ କହିଥିଲେ। ଡ୍ରାଇଭରଙ୍କ କଥାରେ ବିଶ୍ୱାସ କରି ଛାତ୍ରୀ ଜଣକ ତାଙ୍କ ବାଇକ୍‌ରେ ଆସିଥିଲେ। ଏହି ସମୟରେ ଡ୍ରାଇଭରଙ୍କୁ ଅନ୍ୟ କାହାର ଫୋନକଲ ଆସିଥିଲା। ମୁଁ ଆସୁଛି କହି ଡ୍ରାଇଭର ଫୋନ୍ କାଟି ଦେଇଥିଲେ। ଜୁନାଗଡ ନିକଟସ୍ଥ ବନମାଳୀପୁରଠାରେ ଡ୍ରାଇଭର ନିଜ ବାଇକ୍ ଗତିକୁ ମନ୍ଥର କରି ଦେଇଥିଲେ। ଏହାର କିଛି ସମୟ ପରେ ଘଟଣାସ୍ଥଳରେ ୬ରୁ ୭ ଜଣ ବ୍ୟକ୍ତି ପହଞ୍ଚି ଛାତ୍ରୀଙ୍କ ମୁହଁରେ କପଡା ଘୋଡେଇ ନିକଟସ୍ଥ ଘନା ଜଙ୍ଗଲକୁ ଟେକି ନେଇଥିଲେ। ଏହାପରେ ସେମାନେ ତାଙ୍କୁ ଛୁରି ଦେଖାଇ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ଏହି ଘଟଣା କାହାକୁ ଜଣାଇଲେ ଜୀବନରୁ ମାରି ଦିଆଯିବ ବୋଲି ସେମାନେ ଧମକ ଦେଇଥିଲେ। ଏପରିକି ଜଣେ ବ୍ୟକ୍ତି ଉକ୍ତ ଘଟଣାର ଭିଡିଓ ସୁଟିଂ କରୁଥିଲେ। ବହୁ କଷ୍ଟରେ ଛାତ୍ରୀ ଜଣକ ସେମାନଙ୍କ କବଳରୁ ଆସି ରାସ୍ତାରେ ପହଞ୍ଚି ଥିଲେ । ଏହାର କିଛି ସମୟ ପରେ ଉକ୍ତ ବସ୍ ଡ୍ରାଇଭର ତାଙ୍କ ପାଖକୁ ଆସିଥିଲେ। ଏ ସମ୍ପର୍କରେ ପୀଡିତା ଥାନାରେ ଏତଲା ଦେବା ପାଇଁ କହୁଥିଲେ ମଧ୍ୟ ସେ ମନା କରିଥିଲେ। ଏହି ଘଟଣା ପ୍ରଘଟ ହେଲେ ତୁମର ଇଜ୍ଜତ ଯିବ ବୋଲି ସେ ପୀଡିତାଙ୍କୁ କହିଥିଲେ। ହେଲେ ଏହାର କିଛିଦିନ ପରେ ଅଭିଯୁକ୍ତମାନେ ଉକ୍ତ ଭିଡିଓକୁ ଭାଇରାଲ କରି ଦେଇଥିଲେ। ଏ କଥା ଜଣାପଡିବା ପରେ ପୀଡିତା ରବିବାର ବିଳମ୍ବିତ ରାତିରେ ଜୁନାଗଡ ଥାନାରେ ଏତଲା ଦେଇଛନ୍ତି। ସମ୍ପୃକ୍ତ ବସ୍ ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା (ନଂ. ୨୨୪/୧୯) ରୁଜୁ ହୋଇଛି। ଏହି ଘଟଣାରେ ବସ୍ ଡ୍ରାଇଭର ସାମିଲ ଥିବା ଓ ଅଭିଯୁକ୍ତଙ୍କ ପ୍ରତି ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୀଡିତାଙ୍କ ବାପା ଦାବି କରିଛନ୍ତି। ଏ ନେଇ କଳାହାଣ୍ଡି ଏସ୍‌ପି ବି ଗଙ୍ଗାଧରଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ଖୁବଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି କହିଛନ୍ତି ।

### ଗୋଟିଏ ଦିନରେ...

ଡାକ୍ତରଖାନାକୁ ନିଆଯାଉଥିବା ବେଳେ ସେମାନଙ୍କ ମୃତ୍ୟୁ ହୋଇଯାଇଥିଲା। ସେହିପରି ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ବି.ନୂଆପଲ୍ଲୀ ପରିଡ଼ାସାହିର କାଳିଆ ପରିଡ଼ାଙ୍କ ସ୍ତ୍ରୀ ମନାସ (୩୨) ଓ ତାଙ୍କ ପୁଅ ଆଶିଷ (୫)ଙ୍କର ମୃତ୍ୟୁ ଘଟିଛି। ବିଳମ୍ବିତ ରାତିରେ ଶୋଇଥିବା ବେଳେ ଏମାନଙ୍କୁ ସର୍ପ ଦଂଶନ କରିଥିଲା। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ପରିଡ଼ାସାହିର ଅନ୍ୟଜଣେ ମହିଳା ମାମାଲି ପରିଡ଼ା (୩୨) ଗୁରୁତର ହୋଇଛନ୍ତି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଏ.ବରିଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ସାହୁ (୩୧)ଙ୍କର ମଧ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଅନ୍ୟ ୨ ମୃତକ ହେଲେ କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ତାଳପଦା ପଞ୍ଚାୟତ ଗୁରୁମ ଗ୍ରାମର ମହିଳା ଧରିତ୍ରୀ ପାତ୍ର ଏବଂ ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ସଖିପାଟଣା ଗ୍ରାମର ଘନଶ୍ୟାମ ବେହେରାଙ୍କ ୬ ବର୍ଷର ପୁଅ ଆଦିତ୍ୟ।

ସୂଚନାଯୋଗ୍ୟ, ସାପ କାମୁଡ଼ାରେ ବିଶ୍ୱରେ ପ୍ରତି ୪ମିନିଟ୍‌ରେ ଜଣଙ୍କ ଜୀବନ ଯାଉଛି। ଏଭଳି ମୃତ୍ୟୁସଂଖ୍ୟା ଓଡ଼ିଶାରେ ଉଦ୍‌ବେଗଜନକ ରହିଛି। ରାଜ୍ୟରେ ଗତ ୫ବର୍ଷ ମଧ୍ୟରେ ୨୯୫୪ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୫-୧୬ରେ ୪୭୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୧୬-୧୭ରେ ୬୦୫, ୨୦୧୭-୧୮ରେ ୮୨୩, ୨୦୧୮-୧୯ରେ ୮୧୧ ଜଣଙ୍କର ମୃତ୍ୟୁ ଘଟିଛି। ୨୦୧୯-୨୦ରେ ୪ ମାସରେ ୨୩୭ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେବେ ଗ ୫ ବର୍ଷ ମଧ୍ୟରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୨୭୧ଲୋକଙ୍କ ମୃତ୍ୟୁ ଘଟିଛି। ଏହାପରେ ଗଞ୍ଜାମରେ ୨୪୭ ଜଣ, ବାଲେଶ୍ୱରରେ ୨୪୨, କେନ୍ଦୁଝରରେ ୨୨୭, ଭଦ୍ରକରେ ୧୮୦, ଯାଜପୁରରେ ୧୫୪, ସମ୍ବଲପୁରରେ ୧୩୪ ଏବଂ କଟକରେ ୧୩୩ ଜଣଙ୍କର ସାପ କାମୁଡ଼ାରେ ଜୀବନ ଯାଇଛି। ହେଲେ ସାପ କାମୁଡ଼ାଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ବିଭିନ୍ନ କାରଣ ରହିଥିବା ବିଶେଷଜ୍ଞମାନେ କହୁଛନ୍ତି। ସବୁଠାରୁ ବଡ଼ କାରଣ ହେଉଛି, ସାପ କାମୁଡ଼ାର ୬ଘଣ୍ଟା ମଧ୍ୟରେ ଡାକ୍ତରଖାନାରେ ରୋଗୀ ପହଞ୍ଚି ପାରୁନାହାନ୍ତି। ବିଳମ୍ବରେ ଡାକ୍ତରଖାନାରେ ପହଞ୍ଚିବା ଦ୍ୱାରା ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥାଏ। ଫଳରେ ରୋଗୀଙ୍କ ମୃତ୍ୟୁ ହୁଏ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଅଧିକ ସାପକାମୁଡ଼ା ଘଟେ, ଯେଉଁଠି ଲୋକେ ପ୍ରାୟତଃ ଚିକିତ୍ସାଳୟକୁ ନ ଯାଇ ଝଡ଼ାଫୁଙ୍କା କରି ସମୟ ନଷ୍ଟ କରିଥାନ୍ତି। ସଚେତନତା ଅଭାବରୁ ଏଭଳି ହେଉଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି।

### ବହୁମୁଖୀ...

ଏଥିପାଇଁ ଏଭଳି ବ୍ୟବସ୍ଥା ରହିବା ଉଚିତ ଯାହା ଫଳରେ ଜଣେ ବ୍ୟକ୍ତିର ସମସ୍ତ ଡାଟା ଗୋଟିଏ କାର୍ଡରେ ରହିପାରିବ। ତାହା ସମ୍ଭବ। ସେଥିପାଇଁ ୨୦୨୧ ଜନଗଣନାକୁ ଡିଜିଟାଲ କରାଯିବା ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତର ମହାପ୍ରବନ୍ଧକ ଓ ଜନଗଣନା କମିଶନରଙ୍କ ନୂତନ ବିଲ୍ଡିଂର ଶିଳାନ୍ୟାସ କରିବା ଅବସରରେ ଶାହ କହିଛନ୍ତି।

ଦେଶବ୍ୟାପୀ ଜନଗଣନା କାର୍ଯ୍ୟ ଲାଗି ୧୬ଟି ଭାଷାକୁ ବ୍ୟବହାର କରାଯିବ। ଏଥିପାଇଁ ୧୨ ହଜାର କୋଟି ଟଙ୍କା ବ୍ୟୟ ହେବ। ଜନଗଣନା ପାଇଁ ରେଫରେନ୍ସ ତାରିଖ ୨୦୨୧ ମାର୍ଚ୍ଚ ୧ ରଖାଯାଇଥିବାବେଳେ ତୁଷାରପାତ ପ୍ରବଣ ଜମ୍ମୁ-କଶ୍ମୀର, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡ ପାଇଁ ୨୦୨୦ ଅକ୍ଟୋବର ୧ ରଖାଯାଇଛି। ଜନସଂଖ୍ୟା ତଥ୍ୟ ଦେଶର ଭବିଷ୍ୟତ ଯୋଜନା ପ୍ରସ୍ତୁତି, ବିକାଶ ଓ କଲ୍ୟାଣକାରୀ କାର୍ଯ୍ୟକ୍ରମ ଲାଗି ମୂଳ ଆଧାର ହେବ। ଦେଶର ୧୩୦ କୋଟି ଲୋକଙ୍କୁ ଜନଗଣନାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଯିବା ଆବଶ୍ୟକ। ଦେଶର ପ୍ରଗତିରେ ଜନଗଣନା ତଥ୍ୟର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ଶାହ କହିଛନ୍ତି। ଲୋକ ସଭା, ବିଧାନସଭା ଏବଂ ମ୍ୟୁନିସିପାଲିଟି ସୀମା ନିର୍ଦ୍ଧାରଣରେ ମଧ ଜନଗଣନା ରିପୋର୍ଟ ସହାୟକ ହୋଇଥାଏ। ଦେଶ ନିର୍ମାଣରେ ସହାୟକ ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଫିସରମାନେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ଇସ୍ପାତ ଶିଳ୍ପର ଚିନ୍ତନ ଶିବିର କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ

# ପୂର୍ବ ଭାରତ ହେବ ଇସ୍ପାତ୍ ହବ୍: ଧର୍ମେନ୍ଦ୍ର



ନୂଆଦିଲ୍ଲୀଠାରେ ଇସ୍ପାତ ଶିଳ୍ପ ପକ୍ଷରୁ ଆୟୋଜିତ 'ଚିନ୍ତନ ଶିବିର' କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**

ଭାରତର ମୁଣ୍ଡ ପିଛା ଇସ୍ପାତ ବ୍ୟବହାର ଆଗାମୀ ଦିନରେ ଦ୍ରୁତଗତିରେ ଅଭିବୃଦ୍ଧି ହେବାକୁ ଯାଉଛି । ଏହି ପୃଷ୍ଠଭୂମିରେ ଦେଶର ଇସ୍ପାତ ଶିଳ୍ପ ପାଇଁ ଏହା ଏକ ବଡ ସୁଯୋଗ ସୃଷ୍ଟି କରିବ। ସୋମବାର ନୂଆଦିଲ୍ଲୀଠାରେ ଇସ୍ପାତ ଶିଳ୍ପ ପକ୍ଷରୁ ଆୟୋଜିତ 'ଚିନ୍ତନ ଶିବିର' କର୍ମଶାଳାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପୂର୍ବ ଭାରତକୁ ଇସ୍ପାତ୍ ହବ୍ କରିବା ପାଇଁ ଭାରତ ସରକାର କାର୍ଯ୍ୟ କରୁଛନ୍ତି। ଧୀରେ ଧୀରେ ବିକାଶ ଓ ଜୀବନଶୈଳୀ ମାମଲାରେ ବଡ ଡିଆଁ ମାରିବାକୁ ଭାରତବାସୀ ପ୍ରସ୍ତୁତ ବୋଲି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉକ୍ତିକୁ ଉଦ୍ଧୃତ କରିଛନ୍ତି । ଏହି ପୃଷ୍ଠଭୂମିରେ ଇସ୍ପାତ ଉତ୍ପାଦନ ଦେଶରେ ବଢୁଥିବା ବେଳେ ଆବଶ୍ୟକତା ଆଧାରରେ ଅଧିକ ଆଗକୁ ଯିବ। ଭାରତକୁ ୫ ଟ୍ରିଲିୟନ ୟୁଏସ୍ ଡଲାର ଅର୍ଥନୀତି କରିବା ପାଇଁ ଇସ୍ପାତ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ବର୍ତ୍ତମାନ ବିଶ୍ୱର ସବୁ କମ୍ପାନୀ ଭାରତ ସହିତ ବ୍ୟବସାୟ କରିବାକୁ ଚାହୁଁଛନ୍ତି । ଭାରତ ଇସ୍ପାତ କ୍ଷେତ୍ରରେ ବିଶ୍ୱରେ କିପରି ନେତୃତ୍ୱ ନେଇପାରିବ ବର୍ତ୍ତମାନ ବିଚାର କରିବାର ଆବଶ୍ୟକତା ରହିଛି। ଭାରତର ଇସ୍ପାତ୍ ଶିଳ୍ପକୁ ମୂଲ୍ୟ କମ୍ କରିବା, ନୂଆ ବ୍ୟବସାୟିକ ମଡେଲ ଏବଂ ଅନୁସନ୍ଧାନ ଓ ବିକାଶରେ କାର୍ଯ୍ୟ କରିବା ପାଇଁ ସୁନିଶ୍ଚିତ କରିବାକୁ ପଡିବ । 'ଭାରତର ପ୍ରାକୃତିକ ସମ୍ବଳରୁ ଜିରୋ ଉତ୍ପାଦନ' ଦୃଷ୍ଟାନ୍ତ ଉପରେ ସମସ୍ତ ଅଧିକାରୀଙ୍କୁ କାମ କରିବାର ଆବଶ୍ୟକତା ରହିଛି । ଇସ୍ପାତ ମୂଲ୍ୟ ବୃଦ୍ଧି ପାଇଁ ସରକାର ସମସ୍ତ ସହଯୋଗ ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛନ୍ତି। ଏକ ବୃହତ୍ ଘରୋଇ ବଜାର ଏବଂ ଗତିଶୀଳ ଅର୍ଥନୀତି ସହିତ ଭାରତର ଇସ୍ପାତ ବ୍ୟବହାର ବୃଦ୍ଧି ପାଇବ। ବର୍ତ୍ତମାନ ଆରମ୍ଭ ହୋଇଥିବା ଅଭିଯାନ ପରିପ୍ରେକ୍ଷୀରେ ଦେଶରେ ଇସ୍ପାତର ଠିକ୍ ବ୍ୟବହାରକୁ ବୃଦ୍ଧି କରିବା ଏବଂ ଅଧିକ ମଜଭୁତ୍ କରିବା ପାଇଁ ଇସ୍ପାତି ମନୋଭାବ ସହିତ କାମ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଭାରତୀୟ ଇସ୍ପାତ ଶିଳ୍ପର ବିକାଶ କରିବାକୁ କେନ୍ଦ୍ର ସରକାର ସହଯୋଗ କରିବା ପାଇଁ ପ୍ରତିବଦ୍ଧ ଅଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ରାଜନୀତିରେ ଯୋଗଦେବାକୁ ଦୂତୀ ଆଗ୍ରହୀ

**ଭୁବନେଶ୍ୱର, ୨୩।୯**
**(କ୍ରୀଡ଼ା ପ୍ରତିନିଧି)**



ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ଏବେ ପୁଣି ଚର୍ଚ୍ଚାରେ। ମାତ୍ର ଏଥର କୌଣସି ଖେଳ ପାଇଁ ନୁହେଁ ବରଂ ସେ ରାଜନୀତିରେ ଯୋଗଦେବାକୁ ଆଗ୍ରହୀ ବୋଲି ପ୍ରକାଶ କରି ଚର୍ଚ୍ଚାରେ ରହିଛନ୍ତି। ଏଥିପାଇଁ ସୋସିଆଲ ମିଡିଆର ସହାୟତା ନେଇଛନ୍ତି ଦୂତୀ। ରାଜନୀତିରେ ଯୋଗଦେବା ମୋ ପିଲାଦିନର ସ୍ୱପ୍ନ। ମୋ ପରିବାର ତୃଣମୂଳସ୍ତରରେ ରାଜନୀତି ସହ ସମ୍ପୃକ୍ତ। ମୋ ମା' ସରପଞ୍ଚ ପ୍ରାର୍ଥୀ ଥିଲେ ବୋଲି ଟୁଇଟ୍ କରିଛନ୍ତି ଦୂତୀ। ନିଜ ଫେସ୍‌ବୁକ୍‌ରେ ମଧ ସମାନ କଥା ପୋଷ୍ଟ କରିଛନ୍ତି ଭାରତର ଏହି ଦ୍ରୁତତମ ଧାବିକା। "ଭବିଷ୍ୟତରେ ସୁଯୋଗ ପାଇଲେ ମୁଁ ରାଜନୀତିରେ ଯୋଗଦେବାକୁ ଚାହେଁ, ରାଜନୀତିକୁ ଆସିବା ମୋର ଦୀର୍ଘଦିନର ସ୍ୱପ୍ନ। ମୋତେ ଏବେ ୨୩ ବର୍ଷ। ରାଜନୀତିକୁ ଆସିଲେ ଯେ ଖେଳ କ୍ୟାରିୟର ନଷ୍ଟ ହେବ ଏଥିରେ ମୁଁ ବିଶ୍ୱାସ କରେନି। ଦକ୍ଷତା ଥିଲେ ଏକସଙ୍ଗେ ଅନେକ କାର୍ଯ୍ୟ କରିହେବ। ରାଜନୀତିରେ ଯୋଗଦେବା ପାଇଁ ଏପର୍ଯ୍ୟନ୍ତ କୌଣସି ରାଜନୈତିକ ଦଳ ପକ୍ଷରୁ ଅଫର ପାଇନି। ଯଦି ମୋତେ ଅଫର ମିଳେ ତେବେ ନିଶ୍ଚିତ ସେ ସମ୍ପର୍କରେ ଚିନ୍ତା କରିବି। ତେବେ ବର୍ତ୍ତମାନ ମୁଁ ଆସନ୍ତା ବର୍ଷ ହେବାକୁଥିବା ଟୋକିଓ ଅଲିମ୍ପିକ୍ସ ଉପରେ ଫୋକସ କରୁଛି" ବୋଲି କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଜାରି ରଖିଥିବା ଦୂତୀ ପ୍ରକାଶ କରିଛନ୍ତି। ରାଜନୀତିରେ ଯୋଗଦେଲେ କ୍ରୀଡ଼ା ଏବଂ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତିକୁ ସେ ପ୍ରାଥମିକତା ଦେବେ ବୋଲି ଦୂତୀ କହିଛନ୍ତି। ପ୍ରକାଶଯୋଗ୍ୟ ଯେ, ହାଇପରଆଣ୍ଡ୍ରୋଜେନିଜମ୍ ପାଇଁ ୨୦୧୪ରେ ଆଥଲେଟିକ୍ ଫେଡେରେଶନ ଅଫ ଇଣ୍ଡିଆ(ଏଏଫଆଇ) ଦୂତୀଙ୍କୁ ବାସନ୍ଦ କରିଥିଲା। ମାତ୍ର କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ(କାସ୍)ରେ ବିଜୟୀ ହୋଇ ସେ ଟ୍ରାକ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଗତ ବର୍ଷ ସେ ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ଜିତିବା ସହ ଚଳିତବର୍ଷ ଜୁଲାଇରେ ପ୍ରଥମ ଭାରତୀୟ ମହିଳା ଆଥଲେଟ୍‌ଭାବେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ସେ ସମଲିଙ୍ଗୀ ସମ୍ପର୍କରେ ଥିବା କଥା ପ୍ରକାଶ କରି ଚର୍ଚ୍ଚାର ଶିରୋନାମାରେ ରହିଥିଲେ। ଦୋହାରେ ଚଳିତମାସ ୨୭ରୁ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ୍ ପାଇଁ ଦୂତୀ ଏବେ କଳିଙ୍ଗ ଷ୍ଟାଡିୟମ ସିନ୍ଥେଟିକ୍ ଟ୍ରାକ୍‌ରେ ରାତିରେ ଅଭ୍ୟାସ କରୁଛନ୍ତି। ମଙ୍ଗଳବାର ସେ ହାଇଦ୍ରାବାଦ ଯିବେ ଏବଂ ସେଠାରୁ ଦୋହା ଯାତ୍ରା କରିବେ ବୋଲି ପ୍ରକାଶ କରିଛନ୍ତି।

## ଅକ୍ଟୋବର ୧ରୁ... (ପ୍ରଥମ ପୃଷ୍ଠାରୁ)

ଅନୁଯାୟୀ ୨୦୧୯ରୁ 'ବାହନ' ଅନଲାଇନ ବ୍ୟବସ୍ଥା ଜରିଆରେ ପିୟୁସି ସାର୍ଟିଫିକେଟ ଦେବା ବାଧ୍ୟତାମୂଳକ କରାଯାଇଥିଲା। ତେବେ ରାଜ୍ୟରେ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଏହାକୁ ଅକ୍ଟୋବର ପହିଲା ଯାଏ ବୃଦ୍ଧି କରାଯାଇଥିଲା। ପ୍ରଦୂଷଣ ପରୀକ୍ଷା କେନ୍ଦ୍ରଗୁଡିକ ଇଲେକ୍ଟ୍ରୋନିକ ଫର୍ମାଟରେ ସାର୍ଟିଫିକଟେ ଇସ୍ୟୁ କରିବାକୁ ବାଧ୍ୟତାମୂଳକ କରାଯାଇଛି । ସେହି ସାର୍ଟିଫିକେଟକୁ ଏମ.ପରିବହନ ଆପ୍ ମାଧ୍ୟମରେ ରଖି ଗାଡି ଯାଞ୍ଚ ବେଳେ ଚାଳକମାନଙ୍କୁ ଦେଖାଇବାକୁ ପଡିବ। ରାଜ୍ୟରେ ୧୬୩ଟି ପଞ୍ଜୀକୃତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ର କାର୍ଯ୍ୟ କରୁଛି। ସେଥିରୁ ୧୦୬ଟିକୁ ବାହନ ସହ ଲିଙ୍କ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହାଛଡା ଆହୁରି ୧୪ଟି ନୂତନ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରକୁ ପିୟୁସି ସାର୍ଟିଫିକେଟ ଦେବାକୁ ପଞ୍ଜୀକୃତ କରାଯାଇଛି। ପିୟୁସି ସାର୍ଟିଫିକେଟ ପାଇଁ ଦୁଇ ଚକିଆ ଓ ତିନି ଚକିଆ ଯାନବାହନ ପାଇଁ ୬୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ହାଲୁକା ଯାନ ପାଇଁ ୧୦୦ ଟଙ୍କା ଏବଂ ମଧ୍ୟମ ଓ ଭାରି ଯାନ ପାଇଁ ସାର୍ଟିଫିକେଟ ବାବଦରେ ୧୫୦ ଟଙ୍କା ସହ ଜିଏସଟି ଦେବାକୁ ଧାର୍ଯ୍ୟ କରାଯାଇଛି। କେଉଁ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରଗୁଡିକ ପଞ୍ଜୀକୃତ ହୋଇଛି ସେଗୁଡିକର ସମସ୍ତ ବିବରଣୀ www. odishatransport.gov.in ଏବଂ www,orissatrans-port.nic.inରେ ଉପଲବ୍ଧ । ଜନସାଧାରଣ ଏହାର ସହାୟତା ନେଇ ପାରିବେ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ସଂଶୋଧିତ ମୋଟର ଯାନ ଆଇନ-୨୦୧୯ ଓଡ଼ିଶାରେ ଲାଗୁ ହେବା ପରେ ଗାଡି କାଗଜ ପତ୍ର ନ ଥିବା ଚାଳକ ଓ ମାଲିକଙ୍କ ମନରେ ଛନକା ପଶି ଯାଇଥିଲା। ବର୍ଦ୍ଧିତ ଜରିମାନା ରାଶିକୁ ନେଇ ଜନଅସନ୍ତୋଷ ଦେଖା ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ମାସ ଯାଏ କୋହଳ କରିଥିଲେ। ଏହି ସମୟରେ କାଗଜ ପତ୍ର ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଥିଲେ। ତେବେ କେନ୍ଦ୍ର ସରକାରଙ୍କ ଚାପରେ ରାଜ୍ୟ ପରିବହନ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ଅଣଦେଖା କରି ଆସନ୍ତା ଅକ୍ଟୋବର ପହିଲାରୁ ପିୟୁସିକୁ ବାଧ୍ୟତାମୂଳକ କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସକାଳୁ ସକାଳୁ ଆକସ୍ମିକ ଭାବରେ କୌଣସି ବନ୍ଧୁ ସ୍ୱତଃପ୍ରବୃତ୍ତ ଭାବରେ ସାହାଯ୍ୟ କରିବାକୁ ଆଗେଇ ଆସିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ସନ୍ତାନଙ୍କ କୃତି ଓ କୃତିତ୍ୱରେ ଖୁସି ହୋଇପାରନ୍ତି। ଅଫିସ୍‌ରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**ବୃଷ** ମାନସିକ ଅସ୍ଥିରତା ବୃଦ୍ଧି କରିବାରେ ନିଜର ବନ୍ଧୁମାନଙ୍କ ପରୋକ୍ଷ କାର୍ଯ୍ୟାବଳୀ ଅନ୍ୟ କାରଣ ହୋଇପାରେ। ସନ୍ତାନମାନଙ୍କ ସମସ୍ୟା ସମାଧାନର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରିବେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋର୍‌ଦାର କରିପାରନ୍ତି।

**ମିଥୁନ** ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ପ୍ରିୟଜନମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସାଂଗଠନିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଉପସ୍ଥିତ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ସମସ୍ତ ପ୍ରକାର ସୁବିଧା ଥିଲେ ମଧ କେତେକ କାମ ଅଧୁରା ରହିଯିବ। ବ୍ୟବସାୟ,ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ବନ୍ଧୁ ସାହାଯ୍ୟ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ। ନିଜର ଚତୁଃପାର୍ଶ୍ୱରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ ଅନ୍ୟମାନଙ୍କୁ ତାହା ସାଧାରଣ ମନେ ହେବ, ଫଳରେ ପାରିବାରିକ ସ୍ଥିରତା ହଠାତ୍ ଆସି ନ ପାରେ। ସଭାସମିତିରେ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ମଧ ପ୍ରଶଂସିତ ହେବେ। ମହାଜନୀ ଋଣ ପରିଶୋଧ କରିବା ସକାଶେ ବ୍ୟସ୍ତ ରହିପାରନ୍ତି।

**କନ୍ୟା** ଆଜି ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ଚିନ୍ତିତ ହେବେ। ବହୁ କଷ୍ଟରେ କାର୍ଯ୍ୟସିଦ୍ଧି ଘଟିବା ସହ ଆର୍ଥିକ ସ୍ଥିତି କ୍ରମଶଃ ନିମ୍ନାଭିମୁଖୀ ହେବ।

**ତୁଳା** କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ,ନଚେତ୍ ଅଯଥା କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରିବାରରେ ସୁଖ ଶାନ୍ତି ରାଜୁତି କରିବ। ବ୍ୟବସାୟ ଓ ପରିବହନରେ,କଳା ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

**ବିଛା** ଆଜିର ଯାତ୍ରା ସମୟରେ, ବନ୍ଧୁମିଳନରେ, ସଭା ସମିତିରେ ଆଗ୍ରହୀ ହୋଇପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନରେ ଟେନ୍‌ସନ ବଢ଼ିପାରେ। ପାରିବାରିକ ସମସ୍ୟା ସୁଧାରିବା କ୍ଷେତ୍ରରେ ସହଯୋଗର ଅଭାବ ରହିବ ନାହିଁ। ନିଜର ଭଳିମନେ ହେଉଥିବା କେତେଜଣ ଲୋକ ଆପଣଙ୍କ ପାଇଁ ଅପପ୍ରଚାର ଚଳାଇପାରନ୍ତି।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। କୌଶଳ ପ୍ରୟୋଗକରି ବନ୍ଧୁମାନଙ୍କୁ ମନାଇ,ଅର୍ଥ ପ୍ରଲୋଭନ ମାଧ୍ୟମରେ କାମ ହାସଲ କରିବେ। ଭାବିଚିନ୍ତି କାମ କରନ୍ତୁ, ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବ। ଆଜି ହଠାତ୍ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବା ସମ୍ଭାବନା ରହିଛି।

**ମକର** ଅଭାବ ଲାଗି ରହିଥିଲେ ମଧ ଧାରକରଜ କରି କାମ ତୁଲାଇନେବେ। ଈର୍ଷାପରାୟଣ ମନୋଭାବ ନେଇ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଯାନବାହନରେ ସତର୍କ ରୁହନ୍ତୁ, ଅନ୍ୟଥା ସମସ୍ୟା ଆସିପାରେ। ପରିବାରରେ ମତପାର୍ଥକ୍ୟ କାରଣରୁ ଅଶାନ୍ତି ଉପୁଜିବ ।

**କୁମ୍ଭ** ଆପଣଙ୍କ କାମ ହାସଲରେ ବନ୍ଧୁଙ୍କ ବାଚନିକ ସାହାଯ୍ୟ ସାମାନ୍ୟ ସହାୟକ ହୋଇପାରେ। ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା, ପରିବହନ ଦିଗରୁ ଲାଭବାନ୍ ହେବେ। ଜମିଜମା କାରବାରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ସକାଳୁ ସକାଳୁ ଶୁଭଖବର ପାଇ ମନଟା ଖୁସି ହୋଇଯିବ। ନିଜ ଲୋକମାନଙ୍କ ଚାଲିଚଳନ ଓ ଆଚାର ବ୍ୟବହାରକୁ ନାପସନ୍ଦ କରି ପାରନ୍ତି। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟରେ ଲାଭ ମିଳିବ, ମାତ୍ର ପରିସ୍ଥିତିବଶତଃ ଅନ୍ୟ ବାଟରେ ବ୍ୟୟ ହେବ।

ଆଜି ଆଶ୍ୱିନ କୃଷ୍ଣ ଦଶମୀ ମଙ୍ଗଳବାର, ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ, ସେପ୍ଟେମ୍ବର ୨୪ ତାରିଖ, ପୂଜ୍ୟ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ,ରାଶି ନକ୍ଷତ୍ର–ଦିବା ଘ୧୧ ।୦୩ମି. ମଧ୍ୟେ ପୁନର୍ବସୁ/କର୍କଟ, ମକର ରାଶିର ଘାତବାର, ଦଶମୀର ଶ୍ରାଦ୍ଧ। ଘ୬ ।୨୮ମି. ମଧ୍ୟେ ଘ୭ ।୧୫ମି. ଗତେ, ଘ୧୧ ।୧୨ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୧୦ମି. ଗତେ ଘ୧୧ ।୪୦ମି. ମଧ୍ୟେ, ଘ୨ ।୪୦ମି. ଗତେ ଘ୪ ।୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨ ।୩୮ମି. ଗତେ ଘ୪ ।୦୮ମି. ମଧ୍ୟେ ରାହୁକାଳ।

**classifieds Everyday 0674-2580101, 2549302**

real estate

**SALE**

**ଭୁବନେଶ୍ୱର AIIMS Medical ନିକଟରେ Yellowzone gharabari 32ft road electricity ଥାଇ immediate boundary patta plot. 9777553622.** D-66784

ଭୁବନେଶ୍ୱର IIT ଅରଗୁଳ ରେଲଓ୍ୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

**Residential & commercial plot in front of Krupajal Engineering college close to BBSR-Puri NH for sale @ 1300 per sqft. For details contact: 7381452871.** D-67393

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-14319

1BHK simplex 9,99,000/- corehouse Bhingarpur, plot 300sqft., Atala. 8249125856. D-67073

**Pay 1.5 lakh book a 1BHK flat at best tourist zone Puri and get all modern home accessories free. 9437929773.** D- 14483

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-67392

**ACCOMMODATION**

Wanted 1000sqft space for office (Jaydev Vihar, Nayapalli, Acharya Vihar, Bargad Canal road, Goutamnagar, Rathroad and others. Call: 9938720683, 9853483658. D-67391

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

packers & movers

India's No.1 Packers- Leo Packers & Movers since 1975, Nationwide Network- 9438133699. D-14426

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic full body massage ladies/gents smart experts therapist: 8480939300. D-66966

AQUA SPA prepare you to enjoy the festive season with an exclusive offer @ 999/- any 60 min msg, 9937205483. D-66787

Newly open full body massage by ladies, gents therapist. 8018656899 D-60838

Ayurvedic full body massage by ladies, gents therapist. 7008773793 D-60839

Ayurvedic herbal body massage trend therapist. Mob: 8018246332. D-66968

Ayurvedic herbal body massage and thend therapist Mobile: 6371537969. D-67395

Herbal full body massage by smart / expert therapist. Contact: 8338067247. D-67397

Summer special mesmerizing offer expert therapeutic refreshing massage appointment. 9668374480. D-67398

Experience full body massage with us (expert). Call: 7377048581, 06742597822. D-67400

Full body herbal massage with refreshment expert therapist. 7381239385, 06742540855. D-67399

Kajal ayurvedic massage club fully relaxed by smart lady, home service available. 9937637219. D-66969

Refresh your mind and soul with best therapy at Orchid Salon/ Spa. 9937287222. D-66970

**BUSINESS**

ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ୩୦,୦୦୦ କମାନ୍ତୁ। Mob: 9777434078. D-14379

astrology

୧ ଘଣ୍ଟାରେ AtoZ ସମସ୍ୟାର ୧୦୦% ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି ମାତ୍ର ୫୦୦ଟଙ୍କା ବିନିମୟରେ ଯୋଗାଯୋଗ କରନ୍ତୁ। 7683887544. D-59939

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**LOST**

Sworn before the Notary Public, Sundargarh, I Babuli Behera, S/o Late Harekrushna Behera, resident of Village / Post- Bandhapali, P.S./ Dist.- Sundargarh hereby declare that while I was going to Sundargarh on dt. 15.09.2019 I have lost my original saledeed No. 795/1996 of DSRO Sundargarh, ROR khata No. 307/231 of mouza Bandhapali. I am not responsible for anything if anybody use the said document. D-14482

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯିଏ ଭଗବାନଙ୍କ ଉପରେ ଭରସା ରଖେ ସେ କେବେ ବି ଭଗବାନଙ୍କ ପ୍ରେମାପ୍ଳୁତ ବାହୁର ଆଶ୍ରୟରୁ ବଞ୍ଚିତ ହୁଏ ନାହିଁ।

- ଶ୍ରୀମା

# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଗଙ୍ଗାଧର ବେହେରା



ଶାଶ୍ୱତୀ ସାହୁ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ

plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# କୀଟନାଶକ ପିଇ ଚିକିତ୍ସାଧୀନ ଥିବା ଚାଷୀ ମୃତ

■ଫସଲ କ୍ଷତି ସତ୍ତ୍ୱେ ମିଳି ନ ଥିଲା ବୀମା ସହାୟତା

■କୃଷିଋଣ ନ ମିଳିବାରୁ ନିରାଶ ଥିଲେ

■ହାତଉଧାରି ପରିଶୋଧ ନେଇ ଚିନ୍ତିତ ଥିଲେ

■ମାନସିକ ଭାରସାମ୍ୟ ହରାଇ ୧୯ରେ ବିଷ ପିଇ ଦେଇଥିଲେ

■ବୁର୍ଲା ଭିମ୍‌ସାରରେ ଚିକିତ୍ସିତ ହେଉଥିଲେ



ମହେନ୍ଦ୍ର ସାହୁ

ବରଗଡ଼ ଅଫିସ୍,୨୩।୯

ବରଗଡ଼ ବ୍ଲକ ଏସ.ଡୁମ୍ବେରପାଲି ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି ଗ୍ରାମର ଜଣେ ଚାଷୀଙ୍କ ବୁର୍ଲା ଭୀମସାରରେ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ରସିକ ସାହୁଙ୍କ ପୁଅ ମହେନ୍ଦ୍ର ସାହୁ(୩୭)। ଗତ ୧୯ ତାରିଖରେ ସେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ୨୦୧୮ ଫସଲ କ୍ଷତିର ବୀମା କ୍ଷତିପୂରଣ ସହାୟତାରୁ ବାଦ୍ ପଡ଼ିଥିଲେ। ଏହା ସହ ତାଙ୍କୁ କୃଷିଋଣ ମଧ୍ଯ ମିଳି ନ ଥିଲା। ଏଣୁ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ-୮୫୩/୧୯) ରୁଜୁ ହୋଇଛି। ବ୍ୟବଚ୍ଛେଦ ହୋଇ ଗ୍ରାମକୁ ମୃତଦେହ ଫେରିବା ପରେ ଗ୍ରାମବାସୀ କ୍ଷତିପୂରଣ ଦାବି କରିଥିଲେ। ଫାଇଟ୍ ଅନ୍ ରାଇଟ୍‌ର ସଭାପତି ଇଂ. ଦେବବ୍ରତ ମିଶ୍ର ପହଞ୍ଚି ଗ୍ରାମବାସୀ ଓ ପରିବାର ଲୋକଙ୍କ ଦାବିକୁ ସମର୍ଥନ କରିଥିଲେ । ସେହିପରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ଯ ପହଞ୍ଚି ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। କ୍ଷତିପୂରଣ ପାଇଁ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଅବଗତ କରିବେ ବୋଲି ବିଧାୟକ ଆଚାର୍ଯ୍ୟ କହିଛନ୍ତି। ମହେନ୍ଦ୍ର ପ୍ରାୟ ୨ଏକର ଜମିରେ ଚାଷବାସ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ୨୦୧୮ ଫସଲ କ୍ଷତିବେଳେ ତାଙ୍କ ଧାନ ଫସଲ ମଧ୍ଯ ପ୍ରଭାବିତ ହୋଇଥିଲା। ତେବେ ଫସଲ କ୍ଷତି ବାବଦକୁ ଅନ୍ୟ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ସହାୟତା ମିଳିଥିବାବେଳେ ମହେନ୍ଦ୍ର ସେଥିରୁ ବାଦ୍ ପଡ଼ିଥିଲେ । ଏ ନେଇ ସେ ବିଭାଗୀୟ ଅଧିକାରୀଙ୍କୁ ଫେରାଦ ହୋଇଥିଲେ। ତଥାପି ସୁଫଳ ମିଳି ନ ଥିଲା । ଅନ୍ୟପଟେ ପରବର୍ତ୍ତୀ ଫସଲ ପାଇଁ କୃଷିଋଣ ଆଣିବାକୁ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତିକୁ ଧାଇଁଥିଲେ । କିନ୍ତୁ ତାହା ମଧ୍ୟ ତାଙ୍କୁ ନ ମିଳିବା ଯୋଗୁ ପ୍ରାୟ ୪୦ହଜାର ଟଙ୍କା ହାତ ଉଧାରି କରି ଚାଷକାର୍ଯ୍ୟ କରିଥିଲେ। ତେବେ ସମୟ ଗଡ଼ି ଚାଲିଥିଲା, ମାତ୍ର ତାଙ୍କୁ ଆଶ୍ୱାସନା ଛଡ଼ା ଫସଲବୀମା କ୍ଷତିପୂରଣ ସହାୟତା କିମ୍ବା କୃଷିଋଣ ମିଳି ନ ଥିଲା । ଫଳରେ ସେ ହାତଉଧାରି ଆଣିଥିବା ଋଣ ପରିଶୋଧ ନେଇ ଚିନ୍ତିତ ଥିଲେ। ଶେଷରେ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଦେଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ।

# ଆବେଦନ ପତ୍ର କମିଟିର ତୃତୀୟ ବୈଠକ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ବିଧାନସଭା ଆବେଦନ ପତ୍ର କମିଟି(୨୦୧୯-୨୦)ର ତୃତୀୟ ବୈଠକ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ଅଧକ୍ଷତାରେ ବିଧାନସଭା ସଚିବାଳୟ କମିଟି ପ୍ରକୋଷ୍ଠ ନଂ ୫୫ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସମ୍ପର୍କିତ ବକେୟା ଆବେଦନ ଓ ନିବେଦନ ପତ୍ରଗୁଡ଼ିକ ଉପରେ ଅଦ୍ୟାବଧି ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ବୈଠକରେ କମିଟି ସଦସ୍ୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପ୍ରଶାନ୍ତ କୁମାର ବେହେରା, ବିଷ୍ଣୁବ୍ରତ ରାଉତରାୟ, ପ୍ରକାଶ ସୋରେନ୍ ଓ ଦାଶରଥି ଗମାଙ୍ଗୋ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

## ବାଚସ୍ପତିଙ୍କ କାମ୍ପାଲା ଯାତ୍ରା

**ଭୁବନେଶ୍ୱର,୨୩।୯(ବ୍ୟୁରୋ):** ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ୬୪ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସମ୍ମିଳନୀରେ ଯୋଗଦେବା ପାଇଁ ଉଗାଣ୍ଡାର ରାଜଧାନୀ କାମ୍ପାଲା ଅଭିମୁଖେ ଯାତ୍ରା କରିଛନ୍ତି । ଆସନ୍ତା ୨୪ରୁ ୨୯ତାରିଖ ପର୍ଯ୍ୟନ୍ତ ବାଚସ୍ପତି ପାତ୍ର ସେଠାରେ ଅବସ୍ଥାନ କରିବେ। ଏହାପରେ ସେ ଅଧ୍ୟୟନ ଗସ୍ତରେ ହଙ୍ଗେରୀ, ପୋଲାଣ୍ଡ ଓ ଚେକୋସ୍ଲୋଭାକିଆ ଯାତ୍ରା କରିବେ । ଅକ୍ଟୋବର ୭ରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ତାଙ୍କ ସହିତ ବିଧାନସଭା ସଚିବ ଦାଶରଥୀ ଶତପଥୀ ମଧ ଗସ୍ତରେ ଯାଇଥିବା ଜଣାପଡ଼ିଛି।




# ଆଉ ଦୁଇଦିନ ଛେଚିବ, ୭ ଜିଲାକୁ ଏଲୋ୍ୱାର୍ନିଂ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ଆରବ ସାଗରରେ ଏକ ବାତ୍ୟା ସୃଷ୍ଟି ହୋଇଛି। ବଙ୍ଗୋପସାଗରରୁ ସ୍ଥଳଭାଗ ଆଡ଼କୁ ବାୟୁ ପ୍ରବାହ ହେଉଛି। ଏହାର ପ୍ରଭାବରେ ରାଜ୍ୟର ଉପକୂଳ, ଉତ୍ତର ଓ ଆଭ୍ୟନ୍ତରୀଣ ଅଞ୍ଚଳର କେତେକ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିଛି। ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ମଧ ହେଉଛି। ମଙ୍ଗଳବାର ବର୍ଷା ପରିମାଣ ବହୁମାତ୍ରାରେ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଆସନ୍ତା ୨୬ ତାରିଖ ଯାଏ ଘଡ଼ଘଡି ସହ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଭ୍ୟନ୍ତିରଣ ଉତ୍ତର ଓଡ଼ିଶା ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ କେନ୍ଦ୍ରାପଡ଼ା, ଭଦ୍ରକ, କଟକ, ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ଏଲୋ୍ୱାର୍ନିଂ ଜାରି କରିଛି। ସେହିପରି ୨୫ ତାରିଖରେ ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, କଟକ, ଖୋର୍ଦ୍ଧା, କନ୍ଧମାଳ ଏବଂ ଗଞ୍ଜାମ ଜିଲାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଭଦ୍ରକ, ଢେଙ୍କାନାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ଅରେଞ୍ଜ ୱାର୍ନିଂ ଜାରି କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୨୯.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଚାନ୍ଦବାଲି ୩୩.୫, ଭୁବନେଶ୍ୱର ୯.୭, ଗୋପାଳପୁର ୭.୬, ବାରିପଦା ୬.୪, ଝାରସୁଗୁଡ଼ା ୨୩.୨, କେନ୍ଦୁଝର ୨.୯, ତାଳଚେର ୩୦ ଏବଂ ଭବାନୀପାଟଣାରେ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ନନ୍ଦନକାନନକୁ ଚଡ଼କ: ଶେଷ ହେଲା ନୀଳଗିରି ବାନର ବଂଶ

ବାରଙ୍ଗ,୨୩।୯(ଡି.ଏନ.ଏ.)

ଗତ କିଛିଦିନ ହେବ ନନ୍ଦନକାନନରେ ଦୁଃଖଦ ଘଟଣା ବଢ଼ିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ଜୀବଜନ୍ତୁ ଦିନକୁ ଦିନ କମିବାରେ ଲାଗିଛନ୍ତି। ରବିବାର ଗୋଟିଏ ବେଲେରା ମୂଷାର ମୃତ୍ୟୁ ହୋଇଥିବାବେଳେ ସୋମବାର ସକାଳେ ଏକ ମାଈ ନୀଳଗିରି ବାନରର ମୃତ୍ୟୁ ହୋଇଛି। ଏକମାତ୍ର ଥିବା ଏହି ନୀଳଗିରି ବାନରର ମୃତ୍ୟୁ ପରେ ଏମାନଙ୍କର ବଂଶ ଲୋପପାଇଛି। ଗତ ୨୦ତାରିଖରୁ ଏକୁଟିଆ ଥିବା ମାଈ ବାନରଟି ଅସୁସ୍ଥ ରହିଥିଲା। ଖାଇବା କମାଇବା ସହ ଫଳ ଆହର ସମ୍ପୂର୍ଣ୍ଣ ରୂପେ ତ୍ୟାଗ କରିଥିଲା। ଏପରିକି ଝାଡ଼ା ଓ ପରିସ୍ରା ମଧ ହୋଇ ନ ଥିଲା। ସୁସ୍ଥଭାବେ ବିଚରଣ କରୁଥିବା ବାନରଟିର ହଠାତ ଏଭଳି ଅସୁସ୍ଥ ହୋଇପଡିବା ଘଟଣା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଖବରପାଇ ନନ୍ଦନକାନନର ଡାକ୍ତରମାନେ ଆସି ତା'ର ଚିକିତ୍ସା ଆରମ୍ଭ କରିଥିଲେ ମଧ ସ୍ୱାସ୍ଥ୍ୟରେ ଉନ୍ନତି ଘଟି ନ ଥିଲା। ଫଳରେ ବାନରକୁ ରବିବାର ଏନ୍‌କ୍ଲୋଜର ୬୮ରୁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରମାନଙ୍କ ନଜରବନ୍ଦିରେ ରଖି ଚିକିତ୍ସା ସତ୍ତ୍ୱେ ସୋମବାର ତା'ର ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର କାରଣ ଜଣାପଡି ନାହିଁ। ଏମାନେ ପ୍ରାୟତଃ ଦକ୍ଷିଣଭାରତର ପଶ୍ଚିମଘାଟ ପର୍ବତମାଳାର ନୀଳଗିରି ପାହାଡି ଜଙ୍ଗଲରେ ଦେଖାଯାଆନ୍ତି। ଚିକ୍କଣ, କଳାଲୋମଯୁକ୍ତ ଏହି ବାନରଟି ଦଳବଦ୍ଧ ହୋଇ ରହିବାକୁ ଭଲପାଇଥାଏ। ବର୍ଷର ଆରମ୍ଭ ଓ ଶେଷ ସମୟରେ ସନ୍ତାନ ଜନ୍ମ କରିବା ଏମାନଙ୍କର ବିଶେଷତ୍ୱ ରହିଥାଏ। ୨୦୧୭ ସେପ୍ଟେମ୍ବର ୨୬ରେ ଚେନ୍ନାଇରୁ ହଳେ ନୀଳଗିରି ବାନର ନନ୍ଦନକାନନକୁ ଆସିଥିଲା। ୩୧ ମେ ୨୦୧୯ରେ ଅଣ୍ଡିରା ବାନରଟି ମୃତ୍ୟୁ କରିଥିଲା। ସାଥୀ ହରାଇ ମାଈ ବାନରଟି ଏକାଥିବାବେଳେ ଏକ ଛୁଆ ଜନ୍ମ କରିଥିଲା। କିନ୍ତୁ ସେ ମଧ ଅଳ୍ପଦିନ ମଧ୍ୟରେ ମୃତ୍ୟୁ କରିଥିଲା। ସେହିଦିନଠାରୁ ମାଈ ବାନରଟି ଏକୁଟିଆ ଥିଲେ ମଧ ବେଶି ଦିନ ବଞ୍ଚିପାରି ନ ଥିଲା।



# ଠିକାଦାରଙ୍କଠାରୁ ୬.୫ଲକ୍ଷ ଟଙ୍କା ଲୁଟ୍

■ବାଇକ୍‌ରେ ଆସି ଟଙ୍କା ବ୍ୟାଗ୍ ଧରି ଛୁ ମାରିଲେ ୨ ଯୁବକ

ରାଉରକେଲା ଅଫିସ,୨୩। ୯

ସୋମବାର ଅପରାହ୍ନରେ ଜଣେ ଠିକାଦାରଙ୍କଠାରୁ ୬ଲକ୍ଷ ୫୦ହଜାର ଟଙ୍କା ଲୁଟ୍ ହୋଇଛି । ଶ୍ରମିକଙ୍କୁ ଦରମା ଦେବାକୁ ରଞ୍ଜନ ଧଳ ନାମକ ଜଣେ ଠିକାଦାର ବ୍ୟାଗରେ ଟଙ୍କା ଧରି ଆସୁଥିବା ବେଳେ ଏହି ଘଟଣା ଘଟିଛି । ଏନେଇ ଉଦିତନଗର ପୋଲିସ ଏକ ମାମଲା (ନଂ. ୨୨୦/ ୨୦୧୯) ରୁଜୁକରି ତନାଘନା ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଠିକାଦାର ରଞ୍ଜନ ଦିନ ପ୍ରାୟ ସାଢେ ୧୨ଟାରେ ସ୍ଥାନୀୟ ଉଦିତନଗର ଷ୍ଟେଟ ବ୍ୟାଙ୍କ ଶାଖାରୁ ଟଙ୍କା ଉଠାଇ ଏକ ବ୍ୟାଗ୍‌ରେ ରଖିଥିଲେ । ସେହି ବ୍ୟାଗ୍ ଧରି ସେ ଆରଏମ୍‌ସି କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲେ। ହେଲେ କାର୍ଯ୍ୟାଳୟ ସମ୍ମୁଖ ଯାତ୍ରୀ ପ୍ରତୀକ୍ଷାଳୟ ନିକଟରେ ସେ ଅପେକ୍ଷା କରିଥିବାବେଳେ ହଠାତ୍ ଦୁଇଜଣ ଯୁବକ ଏକ ବାଇକରେ ଆସି ଧଳଙ୍କ ହାତରୁ ଟଙ୍କା ବ୍ୟାଗ୍ ଛଡାଇ ନେଇ ଛୁ ମାରିଥିଲେ। ଲୁଟେରାଙ୍କୁ କାବୁ କରିବା ପାଇଁ କେତେଜଣ ଯୁବକ ବାଇକରେ ଗୋଡାଇଲେ ମଧ୍ୟ ସେମାନଙ୍କୁ ଧରି ପାରି ନ ଥିଲେ । ଖବରପାଇ ଡିଏସ୍‌ପି ପି.କେ.ମିଶ୍ର ଘଟଣାସ୍ଥଳରେ ପହଞ୍ଚି ସିସିଟିଭି କ୍ୟାମେରା ଯାଞ୍ଚ କରିଛନ୍ତି। ଖୁବ ଶୀଘ୍ର ଲୁଟେରାଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।



ଡିଏସ୍‌ପି ପି.କେ.ମିଶ୍ର ସିସିଟିଭି ଯାଞ୍ଚ କରୁଛନ୍ତି।

# ସ୍ପ୍ରେ ମାରି ୬ ଲକ୍ଷ ଟଙ୍କା ନେଇଗଲେ

ବଲାଙ୍ଗୀର ଅଫିସ, ୨୩।୯

ନାକରେ ସ୍ପ୍ରେ ମାରି ରବିବାର ରାତିରେ ବଲାଙ୍ଗୀର ଜଣେ ବ୍ୟବସାୟୀଙ୍କ ଘର ସମ୍ମୁଖରୁ ୩ ଜଣ ଲୁଟେରା ୬ ଲକ୍ଷ ଟଙ୍କା ଲୁଟି ନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା (ନଂ.୫୧୧/୧୯) ରୁଜୁକରି ତଦନ୍ତ ଆରମ୍ଭ କରିଛି । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଲୁଟେରାଙ୍କ କୌଣସି ସୁରାକ୍ ମିଳି ପାରିନାହିଁ। ଅଭିଯୋଗ ଅନୁଯାୟୀ, ବଲାଙ୍ଗୀର ରାଧାରାଣୀପଡାର ଜଣେ ବ୍ୟବସାୟୀ ଆନନ୍ଦ ଅଗ୍ରୱାଲ ତାଙ୍କ କିରାନା ହୋଲସେଲ ଷ୍ଟୋରର କର୍ମଚାରୀ ଚକ୍ରପାଣି ଥନାପତିଙ୍କ ସହ ଦୁଇଟି ବାଇକରେ ରାତି ପ୍ରାୟ ସାଢ଼େ ୯ଟାରେ ନିଜ ରାଧାରାଣୀପଡା ଘରକୁ ଫେରୁଥିଲେ । କର୍ମଚାରୀ ଥନାପତି ଚଳାଉଥିବା ସ୍କୁଟିରେ ପ୍ରାୟ ୬ ଲକ୍ଷ ଟଙ୍କା ରଖାଯାଇଥିଲା । ଘର ସମ୍ମୁଖରେ ସ୍କୁଟିରୁ ଉକ୍ତ ଟଙ୍କା କାଢ଼ିବା ସମୟରେ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ୩ ଜଣ ଲୁଟେରା ଥନାପତିଙ୍କ ନାକରେ ଏକ ସ୍ପ୍ରେ ମାରି ଉକ୍ତ ଟଙ୍କା ଧରି ବାଇକରେ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି । ଅନ୍ୟ ଏକ ବାଇକ୍‌ରେ ଥିବା ଅଗ୍ରୱାଲ ଚିତ୍କାର କରିଥିଲେ ମଧ ଲୁଟେରାମାନେ ଗେଟସରୋବରପଡା ପଟକୁ ପଳାଇ ଯାଇଥିବା କହିଛନ୍ତି । ରବିବାର ଗୋଟିଏ ଦିନରେ ସହରରେ ମୋବାଇଲ ଲୁଟେରା ମାତିଥିଲେ । ସେମାନେ ବିଭିନ୍ନ ସ୍ଥାନରୁ ୨୫ଟି ମୋବାଇଲ ଲୁଟି ନେଇଥିବା ଅଭିଯୋଗ ହୋଇଛି । ସେହି ରାତିରେ ବ୍ୟବସାୟୀଙ୍କ ଘର ସମ୍ମୁଖରୁ ୬ ଲକ୍ଷ ଟଙ୍କା ଲୁଟି ନେବା ପରେ ବ୍ୟବସାୟୀ ଓ ଜନସାଧାରଣ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

ଓଡ଼ିଶା ସରକାର

ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

ଧାନ ସଂଗ୍ରହ ବର୍ଷ **2019-20**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ

## ପଞ୍ଜିକୃତ ତଥ୍ୟର ଚିଠା ପ୍ରକାଶନ

(ଦ୍ୱିତୀୟ ଏବଂ ଶେଷ ପର୍ଯ୍ୟାୟ)

➢ ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମ 17 ସେପ୍ଟେମ୍ବରରେ ଶେଷ ହୋଇଛି ।

➢ ସଂଗୃହୀତ ଦରଖାସ୍ତଗୁଡିକର ପେକ୍ସ/ଲ୍ୟାମ୍ପ୍ସ ଆଦିରେ ଅନଲାଇନ ପ୍ରକ୍ରିୟାରେ କମ୍ପ୍ୟୁଟରୀକୃତ କରାଯିବା ପ୍ରକ୍ରିୟା (ଡିଜିଟାଇଜେସନ) 22 ସେପ୍ଟେମ୍ବରରେ ଶେଷ ହୋଇଛି ।

✓ ପଞ୍ଜିକୃତ ଚାଷୀମାନେ ଖରିଫ ଧାନ ଚାଷ କରିଥିବା ଜମିର ପରିମାଣ ବାବଦ ତଥ୍ୟ ସମ୍ବଳିତ ଚିଠା (ତା.**1.9.2019** ରୁ ତା.**22.9.2019** ରିଖ ମଧ୍ୟରେ କମ୍ପ୍ୟୁଟରୀକୃତ ତଥ୍ୟ ଅନୁଯାୟୀ) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯିବ ।

✓ ଏହି ତଥ୍ୟ ପଞ୍ଜିକରଣ କାର୍ଯ୍ୟ ସମ୍ପାଦନ କରୁଥିବା ସମ୍ପୃକ୍ତି ସମିତି, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ କଣ୍ଟ୍ରୋଲ ଦୋକାନରେ ତା.**25.9.2019** ରୁ **30.9.2019** ମଧ୍ୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯିବ ।

✓ ସବିଶେଷ ତଥ୍ୟ ସମ୍ପୃକ୍ତ ପଞ୍ଜିକରଣକାରୀ ପେକ୍ସ/ଲ୍ୟାମ୍ପ୍ସ ଆଦିରେ ଉପଲବ୍ଧ କରାଯିବ ଏବଂ ପଞ୍ଜିକୃତ ଚାଷୀ/ ସର୍ବସାଧାରଣ ତା'ହା ନିରୀକ୍ଷଣ କରିପାରିବେ ।

✓ ଯଦି ପ୍ରକାଶିତ ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହେଉଥାଏ, ତତ୍ ସମ୍ବନ୍ଧୀୟ ଅଭିଯୋଗ ଯେ କୌଣସି ନାଗରିକ ସମ୍ପୃକ୍ତ ପ୍ରକାଶନ ସ୍ଥଳରେ ଆସନ୍ତା ତା.**3.10.2019** ସୁଦ୍ଧା ଦରଜ କରିପାରିବେ ।

➢ ଆପତ୍ତି କରିବା ପାଇଁ ନିର୍ଦ୍ଧାରିତ ଫର୍ମ ପ୍ରକାଶନ ସ୍ଥଳରେ ଉପଲବ୍ଧ ହେବ ।

➢ ଆଗ୍ରହୀ ନାଗରିକଙ୍କୁ ସବିଶେଷ ପଞ୍ଜିକୃତ ତଥ୍ୟ ଜାଣିବା ପାଇଁ ପେକ୍ସ/ଲ୍ୟାମ୍ପ୍ସ ଆଦି ଆବଶ୍ୟକୀୟ ସୁଯୋଗ ଦେବେ ।

➢ ସମିତି ସମ୍ପାଦକ/ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ/କଣ୍ଟ୍ରୋଲ ଡିଲର ଅଭିଯୋଗକାରୀଙ୍କ ଦସ୍ତଖତ ସମ୍ବଳିତ ଆପତ୍ତି ପତ୍ର ପ୍ରାପ୍ତି ସ୍ୱୀକାର ସହ ଗ୍ରହଣ କରିବେ ।

➢ ଏକ ନିର୍ଭୁଲ ଓ ସତ୍ୟନିଷ୍ଠ ଚାଷୀ ତାଲିକା ପ୍ରସ୍ତୁତ କରିବା ସରକାରଙ୍କ ଲକ୍ଷ୍ୟ ।

➢ ଏ ବାବଦରେ ସହାୟତା କରିବା ପାଇଁ ଜନସାଧାରଣଙ୍କୁ ବିନମ୍ର ଅନୁରୋଧ ।

ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ।

-ଶ୍ରୀମା



# ପିଆଜ ଲୁହ

ପାକିସ୍ତାନରେ ଗତ ମାସ ପିଆଜ ଦର ୩୦୦ ଟଙ୍କା ଉପରକୁ ଚାଲିଯାଇଥିଲା। ସେତେବେଳେ ଭାରତରେ ଆଲୋଚନା ହେଲା ଯେ, ସେଠାକାର ଖାଉଟି ହନ୍ତସନ୍ତ ହୋଇଯାଉଥିବେ। କେତେକେ ମତ ଦେଇଥିଲେ ଯେ ପାକିସ୍ତାନ ଅର୍ଥନୀତି ଦବିଯିବା ଓ ଭାରତରୁ ରପ୍ତାନି ବନ୍ଦ ହୋଇଯିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା। ଏବେ ଭାରତରେ ପିଆଜ ଦର ଦିନକୁ ଦିନ ବଢ଼ିବାରେ ଲାଗିଛି। ଦିଲ୍ଲୀରେ ପିଆଜ କିଲୋ ପ୍ରତି ୮୦ ଟଙ୍କା ଛୁଇଁଥିଲା ବେଳେ ଓଡ଼ିଶାରେ ୬୦ ଟଙ୍କା ହେଲାଣି। ମହାରାଷ୍ଟ୍ର, କର୍ନାଟକ, ଆନ୍ଧ୍ରପ୍ରଦେଶ, ଗୁଜରାଟ ଆଦି ରାଜ୍ୟରେ ପିଆଜ ଉତ୍ପାଦନ ଅଧିକ ପରିମାଣରେ ହୋଇଥାଏ। ଏହିସବୁ ରାଜ୍ୟରେ ମୌସୁମୀ ବର୍ଷା ଅତ୍ୟଧିକ ହେବାରୁ ପିଆଜ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଓଡ଼ିଶାକୁ ମୁଖ୍ୟତଃ ମହାରାଷ୍ଟ୍ରର ନାସିକରୁ ଏହା ଆମଦାନୀ ହୋଇଥାଏ। ଏହାଛଡ଼ା ଆନ୍ଧ୍ରପ୍ରଦେଶ ଓ କର୍ନାଟକରୁ ମଧ୍ୟ ପିଆଜ ଅଣାଯାଇଥାଏ। ପିଆଜ ପରିବହନ ବେଳେ ବର୍ଷା ପାଣି ପଶି ସେଗୁଡ଼ିକୁ ନଷ୍ଟ କରିଦେଉଥିବାରୁ ଯୋଗାଣକାରୀମାନେ ଅନ୍ୟ ରାଜ୍ୟକୁ ପଠାଇପାରୁ ନାହାନ୍ତି। ଫଳରେ ଏହାର ସୁଯୋଗ ନେଇ ମହଜୁଦକାରୀମାନେ କଳାବଜାର ଆରମ୍ଭ କରିଦେଉଛନ୍ତି। ନୂଆ ପିଆଜ ବଜାରକୁ ଆସିବା ପର୍ଯ୍ୟନ୍ତ ପରିସ୍ଥିତିରୁ ଅଧିକ ଲାଭ ଉଠାଇବା ପାଇଁ ବ୍ୟବସାୟୀମାନେ ସୁଯୋଗ ଖୋଜିଚାଲିବେ।

ଆଳୁ ଓ ପିଆଜ ଦରକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରାଇସ୍ ଷ୍ଟାବିଲାଇଜେଶନ ଫଣ୍ଡ (ପିଏସ୍ଏଫ୍) ଗଠନ କରିବାକୁ କେନ୍ଦ୍ର ସରକାର ୨୦୧୫ରେ ଓଡ଼ିଶା ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୦ କୋଟି ଟଙ୍କା ଲେଖାଏ ରଖିବାର ବ୍ୟବସ୍ଥା କରାଯାଇଥିଲା। କୁହାଯାଇଥିଲା, ଅଗଷ୍ଟ ପୂର୍ବରୁ ରାଜ୍ୟ ସରକାର ପ୍ରାଥମିକ ସମବାୟ ସମିତି ଜରିଆରେ ଚାଷୀଙ୍କଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ଆଳୁ, ପିଆଜ ଓ ଡାଲିଜାତୀୟ ଶସ୍ୟ ଗଚ୍ଛିତ ରଖିବେ। ଯେତେବେଳେ ଅଭାବ ପରିସ୍ଥିତି ଦେଖାଦେବ, ସେତେବେଳେ ଉକ୍ତ ସାମଗ୍ରୀକୁ ନିର୍ଦ୍ଦିଷ୍ଟ ମୂଲ୍ୟରେ ବିକ୍ରି ପାଇଁ ବଜାରକୁ ଛଡ଼ାଯିବ। ଇତିମଧ୍ୟରେ ପାଣ୍ଠି ଗଠନ ହେବାର ୪ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ବ୍ୟବହାର କରାଯାଉ ନାହିଁ। କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଏଭଳି ପାଣ୍ଠି ମାଧ୍ୟମରେ ଖାଦ୍ୟ ସାମଗ୍ରୀ ବିଶେଷକରି ପଚନଶୀଳ ଦ୍ରବ୍ୟର ଦର ନିୟନ୍ତ୍ରଣ କରିବା ଅତ୍ୟନ୍ତ କଷ୍ଟକର। ମଧ୍ୟସ୍ଥ ବ୍ୟବସାୟୀ ସିଧାସଳଖ ଚାଷୀଙ୍କୁ ଋଣ ଆକାରରେ ଆଗୁଆ ଅର୍ଥ ଯୋଗାଇ ସେମାନଙ୍କ ସମ୍ପୂର୍ଣ୍ଣ ଉତ୍ପାଦକୁ କିଣିନିଅନ୍ତି। ବର୍ଷା କିମ୍ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟରୁ ଯେତେବେଳେ ଚାଷୀର କ୍ଷତି ଘଟେ, ସେତେବେଳେ ଏହି ବ୍ୟବସାୟୀମାନେ ମଧ୍ୟ କ୍ଷତିର ସମ୍ମୁଖୀନ ହୁଅନ୍ତି। ଅନ୍ୟପଟେ ସେମାନେ ପୂର୍ବରୁ ଠୁଳ କରି ରଖିଥିବା ସାମଗ୍ରୀକୁ ଉଚ୍ଚ ଦରରେ ବିକ୍ରି କରି ଅତ୍ୟଧିକ ଲାଭ ଉଠାଇବାକୁ କୁଣ୍ଠାବୋଧ କରନ୍ତି ନାହିଁ। ଏହି ବ୍ୟବସାୟରେ ସରକାର କେତେ ପରିମାଣରେ ହସ୍ତକ୍ଷେପ କରିପାରିବେ, ତାହା ସ୍ପଷ୍ଟ କହିବା କଷ୍ଟକର। ଚାହିଦା ଓ ଯୋଗାଣ ଶୃଙ୍ଖଳରେ ଚାଷୀର କୌଣସି ଲାଭ ହୁଏ ନାହିଁ। ବଜାରରେ ପିଆଜ ଦର ବୃଦ୍ଧି ଘଟିଲେ କେବଳ ବେପାରୀ ଲାଭବାନ ହୋଇଥାଆନ୍ତି। ଏହାସହିତ ଚାଷରୁ ଦୂରେଇ ଯାଉଥିବା ଭାରତୀୟ ଯୁବପିଢ଼ି ଏହି ସମସ୍ୟାକୁ ଅଧିକ ଜଟିଳ କରୁଛନ୍ତି। ଆଧୁନିକତାର ସ୍ପର୍ଶ ପାଇ ଯୁବପିଢ଼ି କୃଷିରେ ଲାଭ ଦେଖୁନାହାନ୍ତି। ଯେପର୍ଯ୍ୟନ୍ତ କୃଷି ମାଧ୍ୟମରେ ଚାଷୀ ତା' ଜୀବନର ମାନବୃଦ୍ଧି କରିବାରେ ଅସଫଳ ହେବ, ସେପର୍ଯ୍ୟନ୍ତ ଭାରତରେ ଚାଷ କରିବା ପାଇଁ ଯୁବପିଢ଼ି ଆଗ୍ରହ ଦେଖାଇବେ ନାହିଁ।

ଚାଇନା ଉତ୍ପାଦକ ରାଷ୍ଟ୍ର ଭାବେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ସହ କୃଷିକୁ କେତେ ଗୁରୁତ୍ୱ ଦେଉଛି ତାହାର ଏକ ଦୃଷ୍ଟାନ୍ତ ଏବେ ଦୃଷ୍ଟିକୁ ଆସିଛି। ସେଠାକାର କୃଷି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପଢ଼ା ସମୟରେ ମାସେ କୃଷକଙ୍କ ଘରେ ରହି ନୂତନ ପଦ୍ଧତିର ଚାଷ ପ୍ରଣାଳୀ ଶିଖାଇବା ଲାଗି ପାଠ୍ୟକ୍ରମରେ ଏହାକୁ ସନ୍ନିବେଶିତ କରାଯାଇଛି। ଅନ୍ୟପକ୍ଷରେ ଭାରତରେ ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ କୃଷି ସଂକ୍ରାନ୍ତ ଗବେଷଣାର ଘୋର ଅଭାବ ଦେଖାଦେଉଛି। ସେଥିପାଇଁ ସୀମିତ ଜମିରେ ଯଥେଷ୍ଟ ଖାଦ୍ୟ ଉତ୍ପାଦନ କରାଯିବା ସମ୍ଭବପର ହେଉନାହିଁ। ଏହା ସତ୍ୟ ଯେ, ଭାରତରେ ଧାନ ଏବଂ ଗହମ ଫସଲ ଯଥେଷ୍ଟ ହୋଇପାରୁଛି। ଏବେ ମଧ୍ୟ ଡାଲିଜାତୀୟ ଏବଂ ତୈଳବୀଜ ଜାତୀୟ ଖାଦ୍ୟଶସ୍ୟ ବିଦେଶରୁ ଆମଦାନୀ କରିବାକୁ ପଡୁଛି। ଯଦି ଆଜିକାର ପରିସ୍ଥିତି ଲାଗିରହେ, ତେବେ ଗହମ ଓ ଧାନର ଉତ୍ପାଦନ ହ୍ରାସ ପାଇବା ଏକପ୍ରକାର ନିଶ୍ଚିତ। ଏବେ ନ ହେଲେ ମଧ୍ୟ ନିକଟ ଭବିଷ୍ୟତରେ ଖାଦ୍ୟଶସ୍ୟର ଅଭାବ ଏ ଦେଶରେ ଦେଖାଦେବ। ସେଥିପାଇଁ ଶୀତଳଭଣ୍ଡାର ନିର୍ମାଣ ସହିତ ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନକୌଶଳ ବିଲରେ ପ୍ରୟୋଗ କରି ଚାଷୀର ଜୀବନକୁ ସହଜ କରିବା ସହିତ ସେମାନଙ୍କ ହାତରେ ଅଧିକ ଅର୍ଥ ପହଞ୍ଚାଇବାର ବ୍ୟବସ୍ଥା କରାଯିବା ଆବଶ୍ୟକ। କେବଳ ଯୁରିଆରେ ରିହାତି, କାଳିଆ, ପ୍ରଧାନମନ୍ତ୍ରୀ କିଷାନ ଭଳି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ଚାଷୀଙ୍କୁ ସାମୟିକ ଆଶ୍ୱସ୍ତି ଦେଇପାରେ, କିନ୍ତୁ ଦୀର୍ଘମିଆଦୀ ସ୍ୱାବଲମ୍ବୀ କରିପାରିବ ନାହିଁ। ଯାହା ଭୋଟ ପାଇଁ ସୁଖ ଆଣିଦିଏ, ତାହା ଦୀର୍ଘ ସମୟ ପାଇଁ ଜୀବନକୁ ଦୁଃଖ ଦିଏ। ନୀତି ନିର୍ଦ୍ଧାରକମାନେ ଏଥିପ୍ରତି ଧ୍ୟାନ ଦେଉଥିବା ମନେହେଉନାହିଁ।

# ଗଣତନ୍ତ୍ର ନା ଭୋଗୀତନ୍ତ୍ର



ସହଦେବ ସାହୁ

ସୁଇଜରଲାଣ୍ଡରେ ଜନ୍ମିତ ଆମେରିକାନ୍ କିୟୁବ୍ଲର-ରସ୍ (୧୯୨୬-୨୦୦୪) କହନ୍ତି ସମସ୍ୟାର ୫ଟି ସ୍ତର ଅଛି- ନାପସନ୍ଦ, ରାଗ, ମୂଲଚାଲ, ବିଷାଦ ଓ ମାନିଯିବା (ଡିନାୟାଲ୍, ଆଙ୍ଗର୍, ବାର୍ଗେନିଂ, ଡିପ୍ରେସନ୍ ଓ ଆକ୍ସେପ୍ଟାନ୍ସ)। ସରକାର ବା ଶାସକ ଦଳ ଯାହା କରୁଛି ଲୋକେ ନାପସନ୍ଦ କରିପାରନ୍ତି, ରାଗିଯାଇ ପ୍ରତିବାଦ କରିପାରନ୍ତି, ପରେ ଆଲୋଚନା ସ୍ତରକୁ ଆସନ୍ତି, ପ୍ରଭାବ ହରାଇ କ୍ଳାନ୍ତ ହୋଇପଡନ୍ତି ଓ ପରିଶେଷରେ ଗ୍ରହଣ କରି ନିଅନ୍ତି। ପ୍ରାର୍ଥୀ ଭୋଟ ପାଇ ଜିତିଗଲେ ଲୋକପ୍ରତିନିଧି ବୋଲାଏ, କିନ୍ତୁ ଭୋଟର ତାକୁ ପ୍ରତିନିଧି ବୋଲି ଭାବେ ନାହିଁ, କାରଣ ସିଏ ତ ରାଜଧାନୀ ବାସିନ୍ଦା ହୋଇଯାଏ, ତା' ନିର୍ବାଚନମଣ୍ଡଳୀର ପ୍ରତି ଗାଁ ବୁଲେ ନାହିଁ, ଲୋକଙ୍କୁ ପଚାରେ ନାହିଁ। ଏପରି ବ୍ୟବହାର ବିରୁଦ୍ଧରେ ଲୋକେ ରାଗିଯାଆନ୍ତି, ତା'ପରେ ପ୍ରତିନିଧିଟି ଗାଁକୁ ଆସିଲେ କିମ୍ବା ତା'ର ପୁନଃନିର୍ବାଚନ ସମୟ ଆସିଗଲେ ସେ ଯେତେବେଳେ ଆସେ, ଲୋକଙ୍କ ସହ ମୂଲଚାଲ ଚାଲେ। ତାହା ବି ଯେତେବେଳେ ପ୍ରତିଶ୍ରୁତିରେ ରହିଯାଏ, ଦୁଃଖୀ ଭୋଟରମାନେ ବିଷାଦଗ୍ରସ୍ତ ହୋଇ ପଡନ୍ତି ଏବଂ ଚଳନ୍ତି ଅବ୍ୟବସ୍ଥାକୁ ଗ୍ରହଣ କରିନିଅନ୍ତି, ଏମିତି ତ ହେଉଛି ଭାବି ଚୁପ୍ ରହିଯାଆନ୍ତି। କିୟୁବ୍ଲର-ରସ୍ ଏଭଳି ଯେଉଁ ଢାଞ୍ଚା ବା ମଡେଲ୍ ଆମ ଆଗରେ ଥୋଇଛନ୍ତି ତାହା ଅକ୍ଷରେ ଅକ୍ଷରେ ଆମ ଗଣତନ୍ତ୍ରରେ ପଡିହେଉଛି। ଥରେ ନିଜ ଦଳକୁ ସଂଖ୍ୟାଗରିଷ୍ଠ କରିନେଲେ ଶାସକଦଳର ସର୍ବୋଚ୍ଚ ନେତା ସମସ୍ତଙ୍କୁ ବଶରେ ରଖିବା ଲାଗି ଲୋକଙ୍କ ଟିକସରେ ଭରା ରାଜକୋଷରୁ ପ୍ରିଭିଲେଜ୍ ଓ ପର୍କସ୍ ଆକାରରେ, ସୁବିଧା ଓ ଉପୁରି ହିସାବରେ ପଦବୀ ବାଣ୍ଟନ୍ତି। ଯାହାକୁ ସେ ନିଜେ ପ୍ରତିନିଧି-ପ୍ରାର୍ଥୀ କରିବାକୁ ସମ୍ମତ ନ ଥିଲେ ତାକୁ ମନ୍ତ୍ରିସ୍ତରୀୟ ସୁବିଧା ଦିଅନ୍ତି। ଘର, ବିଜୁଳି, ପାଣି, ଗାଡ଼ି, ଚାଳକ, ପିଏ, ଆସିଷ୍ଟାଣ୍ଟ ଓ ପିଅନ ସାଙ୍ଗକୁ ଦୈନିକ ଭତ୍ତା ବି ଦିଆନ୍ତି- ସରକାରୀ ମାଲ୍ ଦରିଆରେ ଡାଲ୍। ଲୋକେ ଏସବୁକୁ ନାପସନ୍ଦ କରନ୍ତି, ରାଗି ଯାଇ ପ୍ରତିବାଦର ସ୍ୱର ଉଠାନ୍ତି, କିଛି କଟକଣା ଜାରିକରିହେବ କି ବୋଲି ଆଲୋଚନାକୁ ଆସନ୍ତି, ପ୍ରତିନିଧିମାନେ ସେମାନଙ୍କ ସୁବିଧା ଛାଡନ୍ତି ନାହିଁ, ଲୋକେ ବିଷାଦରେ ଗଣତନ୍ତ୍ରକୁ ଗାଳି ଦିଅନ୍ତି, ଶେଷରେ ସରକାର (ଶାସକ ଦଳ) ଯାହା କରୁଚି ତାହା ଗ୍ରହଣ କରି ନିଅନ୍ତି।

ରାଜନୈତିକ ଦଳ ଶାସନକୁ ଆସିଗଲେ ସରକାରୀ ତହବିଲକୁ ନିଜର ଭାବିନିଅନ୍ତି, ନୀଳମଣି ରାଉତରାୟ ମୁଖ୍ୟମନ୍ତ୍ରିତ୍ୱର ଶେଷ ବର୍ଷରେ ଗାଦି ରକ୍ଷା ପାଇଁ ତାଙ୍କ ମନ୍ତ୍ରିମଣ୍ଡଳ ସଂପ୍ରସାରଣ କରି ପ୍ରାୟ ସବୁ ନିର୍ବାଚିତ ବ୍ୟକ୍ତିଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଲେ ଓ ନେତା ବୋଲି ଭାବୁଥିବା ଅନ୍ୟମାନଙ୍କୁ ବିଭିନ୍ନ ସରକାରୀ ସଂସ୍ଥାର ଚେଆର୍ମ୍ୟାନ୍ କରିଦେଲେ। ନବୀନ ସରକାରଙ୍କ ଶେଷ ବର୍ଷ ଆସିନାହିଁ କି ଗାଦି ହରାଇବା ଆଶଙ୍କା ଦେଖାଯାଉନାହିଁ, ତଥାପି ସେ ଅସନ୍ତୁଷ୍ଟ ବୋଲି ମନେ କରୁଥିବା ନେତାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ମନ୍ତ୍ରୀ ନ କରିପାରିଲେ ବି ମନ୍ତ୍ରୀ ସୁଲଭ ପଦବୀ ଓ ସୁବିଧାମାନ ଦେଉଛନ୍ତି। ସେ ସମସ୍ତଙ୍କୁ ମନ୍ତ୍ରୀ କରିପାରିବେ ନାହିଁ, ଯେପରି ମୋଦି ସମସ୍ତଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇପାରୁନାହାନ୍ତି। କାରଣ ୨୦୦୪ ଜାନୁୟାରୀ ପହିଲାରୁ ୨୦୦୩ର ୯୧ତମ ସମ୍ବିଧାନରେ ସଂଶୋଧନ ଆଇନ ଅନୁଯାୟୀ ମନ୍ତ୍ରୀ ପରିଷଦର ସଂଖ୍ୟା ବିଧାନସଭା ବା ସଂସଦର ମୋଟ ସଭ୍ୟସଂଖ୍ୟାର ୧୫%ରୁ ବେଶି ହେବନାହିଁ; କିନ୍ତୁ ନେତାମାନେ ସମସ୍ତେ ମନ୍ତ୍ରୀ ହେବାକୁ ଚାହୁଁଛନ୍ତି। ତେଣୁ ଶାସକଦଳର କର୍ତ୍ତା ବା କର୍ତ୍ତ୍ରୀ ତାଙ୍କ ଦଳର ସମ୍ଭାବ୍ୟ ବିରୋଧ-ସୃଷ୍ଟିକାରୀମାନଙ୍କୁ ମନ୍ତ୍ରିସ୍ତରୀୟ ପାହ୍ୟା ଓ ସୁବିଧାମାନ, ଯାହାକୁ ଲୋକେ ଅଫିସ୍ ଅଫ୍ ପ୍ରଫିଟ୍ ବା ଲାଭଜନକ ପଦବୀ କହିବେ, ଦେଉଛନ୍ତି। ଅଭିଧାନରେ ସେଗୁଡିକ ଅଫିସ୍ ଅଫ୍ ପ୍ରଫିଟ୍ ହେଲେ ବି ସେଗୁଡିକୁ ଅଫିସ୍ ଅଫ୍ ପ୍ରଫିଟ୍ ଧରାଯିବନାହିଁ ବୋଲି ଆଇନ କରିନେଇଛନ୍ତି। ତେଣୁ ଜନପ୍ରତିନିଧି ହୋଇ ନ ପାରିଥିବା ବ୍ୟକ୍ତିମାନେ ସରକାରୀ ଅର୍ଥ ଶ୍ରାଦ୍ଧ କରିବାର ସୁବିଧା ପାଇଁ ମନ୍ତ୍ରିସ୍ତରୀୟ ସୁବିଧା ପାଉଛନ୍ତି। ଲୋକେ କିଛିଦିନ ପାଟି କରିବେ ତା'ପରେ ଅବଶ ହୋଇ ପଡିବେ, ନାଚାର ଭାବେ ଗ୍ରହଣ କରିନେବେ, ଏହି ଆଶାରେ।

ସେତିକିରେ କଥା ସରେ ନାହିଁ। ପ୍ରତିନିଧିଟି ଥରେ ସୁବିଧା ଉପଭୋଗ କଲେ ତାହା ଛାଡେ ନାହିଁ, ପଦ ଛାଡିଲା ପରେ ବି। ଥରେ ମୁଖ୍ୟମନ୍ତ୍ରୀ ହେଲେ ପଦତ୍ୟାଗ ପରେ ବି ନେତାଏ ମଲା ପର୍ଯ୍ୟନ୍ତ ନିଜକୁ ମୁଖ୍ୟମନ୍ତ୍ରୀ ଭାବନ୍ତି। କେତେକ ରାଜ୍ୟ ଏ ଦିଗରେ ଆଇନ ପାସ୍ କରେଇନେଇଛନ୍ତି। ମୁଖ୍ୟମନ୍ତ୍ରୀ ମାନେ ଗାଦି ଛାଡିଦେଲା ପରେ ବି ସରକାରୀ ଘର, ଟେଲିଫୋନ୍, କାର୍, ଡ୍ରାଇଭର, ଆଉ ୧୦ ଜଣ ଯାଏ ଷ୍ଟାଫ୍ ପାଇବେ ବୋଲି ଉତ୍ତରପ୍ରଦେଶରେ ବ୍ୟବସ୍ଥା ଥିଲା। ସୁପ୍ରିମ୍‌କୋର୍ଟ ଏକ ରାୟରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାୟୀ ସରକାରୀ ଘର ଦେଉଥିବା ଉତ୍ତରପ୍ରଦେଶର ଏଭଳି ଆଇନକୁ ରଦ୍ଦ କରିଦେଇଥିଲେ। ୨୦୧୯ ସେପ୍ଟେମ୍ବର ୪ର ଖବର, ଜଣେ ବରିଷ୍ଠ ସାମ୍ବାଦିକ ମିଲାପଚାନ୍ଦ ଦାଣ୍ଡିଆ ରାଜସ୍ଥାନ ହାଇକୋର୍ଟରେ ରାଜସ୍ଥାନ ମିନିଷ୍ଟର୍ସ ସାଲାରିଜ୍ (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୭କୁ ଅବୈଧ ଘୋଷଣା କରିବାକୁ ଏକ ଆବେଦନ କରିଥିଲେ। ଏହି ଆଇନ ବଳରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀମାନେ ଗାଦି ଛାଡିଦେଲା ପରେ ବି ସରକାରୀ ଘର, ଟେଲିଫୋନ୍, କାର୍, ଡ୍ରାଇଭର ଆଉ ଯଥେଷ୍ଟ ଷ୍ଟାଫ୍ ପାଉଥିଲେ। ବସୁନ୍ଧରା ରାଜେଙ୍କ ସରକାର ସମୟରେ ୧୯୫୬ର ରାଜସ୍ଥାନ ମନ୍ତ୍ରୀମାନଙ୍କ ଦରମା ଆଦି ଆଇନର ସଂଶୋଧନ କରି ପ୍ରାକ୍ତନ ମୁଖ୍ୟମନ୍ତ୍ରୀମାନଙ୍କୁ ସ୍ଥାୟୀ ବାସଗୃହ ଯୋଗାଇବା ସୁବିଧା ଦିଆଯାଇଥିଲା। ରାଜସ୍ଥାନର ଆଇନ ଅନୁସାରେ ୫ ବର୍ଷ କାଳ ପୂରା ଅବଧି ସାରିଥିବା ମୁଖ୍ୟମନ୍ତ୍ରୀଙ୍କୁ ଜୟପୁର ବା ଅନ୍ୟ ଜିଲ୍ଲାର ସଦର ମହକୁମାରେ ତାଙ୍କ ଉପଯୋଗୀ ଘର ଓ ସୁବିଧା ଦିଆଯିବା କଥା। ରାଜବଂଶର ଲୋକ ବସୁନ୍ଧରା ରାଜେ ଏ ଆଇନର ପାତ୍ର ହୋଇଥିଲେ। କି ଲୋଭ! ଲୋକଦେଖାଣିଆ ପାଇଁ ଆଗର ଜଗନ୍ନାଥ ପାହାଡିଆ ବି ପାଇଲେ। ରାଜସ୍ଥାନର ମୁଖ୍ୟ ବିଚାରପତି ଏସ୍. ରବୀନ୍ଦ୍ର ଭଟ୍ଟ ଓ ଜଷ୍ଟିସ୍ ପ୍ରକାଶ ଗୁପ୍ତା ଦୁହିଁଙ୍କ ବେଞ୍ଚ କହିଲେ ଯେ ଅର୍ଥନୈତିକ ଦୃଷ୍ଟିରୁ ଅନୁନ୍ନତ ରାଜ୍ୟରେ ଏଭଳି ଜୀବନବ୍ୟାପୀ ସୁବିଧା ଦେବା ସାଧାରଣ ପାଣ୍ଠିର ଏକ ଅପବ୍ୟୟ। ହାଇକୋର୍ଟଙ୍କ ରାୟ ଅନୁସାରେ ରାଜେ ଦୁଇ ମାସ ଭିତରେ ସରକାରୀ ଘର ଛାଡିବା କଥା, କିନ୍ତୁ ଇତିମଧ୍ୟରେ 'ମୁଁ ତ ମୁତୁରୀ ତୁ ତ ମୁତୁରୀ, ଶେଯ କାହିଁ ପାଇଁ ଧୋଇବା' ନ୍ୟାୟରେ ରାଜସ୍ଥାନର ଏବର ମୁଖ୍ୟମନ୍ତ୍ରୀ ଗେହଲଟ୍ ରାଜେଙ୍କୁ ଦେଖା କରି କଥାବାର୍ତ୍ତା ହୋଇଛନ୍ତି, ସେ କୁଆଡେ ରାଜେଙ୍କ ସିନିଅରିଟିକୁ ସମ୍ମାନ ଦେଇ ୧୩ ସିଭିଲ୍ ଲାଇନ୍ ବଙ୍ଗଳା ପରିବର୍ତ୍ତେ ତାଙ୍କ ସରକାର ଦେଖିବେ କେଉଁ ପ୍ରକାରର ସୁବିଧା ଦେଇହେବ ଓ କ'ଣ ଦେଇହେବନି। କାହାକୁ ଦେଇଥିଲେ ତ ନିଜେ ବି ପାଇ ପାରିବେ ନା!

ସଦ୍ୟ ଖବର ଅନୁସାରେ, ହରିୟାଣାର ତ୍ରିଭେନ୍ଦ୍ର ସିଂ ରାୱତ୍ ସରକାର ରାଜ୍ୟପାଳ ବେବିରାଣୀ ମୌର୍ଯ୍ୟଙ୍କ ଆଦେଶ ନେଇ ଏକ ଅର୍ଡିନାନ୍ସ ଜାରି କରିଛନ୍ତି ପ୍ରାକ୍ତନ ମୁଖ୍ୟମନ୍ତ୍ରୀମାନଙ୍କୁ ସୁବିଧା (ପ୍ରିଭିଲେଜେସ୍ ଆଣ୍ଡ ପର୍କସ୍) ଦେବା ପାଇଁ। ଦି ଉତ୍ତରାଖଣ୍ଡ ଫର୍ମର ଚିଫ୍ ମିନିଷ୍ଟର ଫାସିଲିଟି (ରେସିଡେନ୍ସିଆଲ୍ ଆଣ୍ଡ ଅଦର୍ ଫାସିଲିଟିଜ୍) ଅର୍ଡିନାନ୍ସ ୨୦୧୯ ସ୍ପଷ୍ଟ କରୁଛି ଯେ ମାର୍ଚ୍ଚ ୨୦୧୯ ପରେ କୌଣସି ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଏ ସୁବିଧା ପାଇବେ ନାହିଁ; କିନ୍ତୁ ୨୦୧୯ ମାର୍ଚ୍ଚ ପୂର୍ବରୁ ଯେଉଁମାନେ ଯାହା କିଛି ସୁବିଧା ପାଇଛନ୍ତି ତାହା ରହିବ। ୨୦୧୯ ମାର୍ଚ୍ଚ ପରେ ସରକାରୀ ଘର ପାଇବେ କିନ୍ତୁ ରାଜ୍ୟ ସରକାର ସ୍ଥିର କରିଥିବା ଘରଭଡା, ବିଜୁଳି ବିଲ୍ ଓ ପାଣି ବିଲ୍ ସେ ଦେବେ। ଏହାର ଅର୍ଥ ଆଗ ଭଳି ଘର ମିଳିବ, ପାଉଥିବା ମାଗଣା ଗାଡି, ଡ୍ରାଇଭର୍, ପବ୍ଲିକ୍ ରିଲେସନ୍ସ ଅଫିସର, ମାଳି, ଜଗିବାଲୋକ, ଟେଲିଫୋନ୍, ଚାକର ଓ ଅନ୍ୟ ଷ୍ଟାଫ୍ ଦରମା ସରକାର ଭରଣା କରିବେ। ହରିୟାଣା ସରକାର ଭୁଲିଗଲେ ଯେ ଜରୁରୀ ପରିସ୍ଥିତି ନ ଥିଲେ ଅର୍ଡିନାନ୍ସ ଜରିଆରେ ଆଇନ ପାସ୍ ହେବା କଥା ନୁହେଁ। କିନ୍ତୁ ହରିୟାଣା ହାଇକୋର୍ଟଙ୍କ ଆଦେଶ ସାଙ୍ଗେ ସାଙ୍ଗେ ବଳବତ୍ତର ହେଉଥିବାରୁ ହରିୟାଣା ସରକାର ଏମିତି ଅଧ୍ୟାଦେଶ ଜାରି କରିଦେଲେ। ନିଜ ଫାଇଦା ପାଇଁ ଗଣତନ୍ତ୍ରକୁ କିଭଳି ନେତାଙ୍କ ବ୍ୟକ୍ତିସ୍ୱାର୍ଥରେ ଲଗାଯାଇପାରେ ଏହା ତା'ର ଏକ ଉଜ୍ଜ୍ୱଳ ଉଦାହରଣ। ତା' ଛଡ଼ା ଛଅଟି ରାଜ୍ୟରେ (ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ହରିୟାଣା, ଉତ୍ତରାଖଣ୍ଡ ଓ ହିମାଚଳପ୍ରଦେଶ) ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଆୟକର ରାଜ୍ୟ ରାଜସ୍ୱରୁ ଭରାଯାଉଥିବା ଖବରଟି ଏବେ ଚର୍ଚ୍ଚାରେ ରହିଛି। ତେଣୁ ଏହାକୁ ଗଣତନ୍ତ୍ର ନ କହି ଭୋଗୀତନ୍ତ୍ର କହିବା ମୋ ମତରେ ଠିକ୍ ହେବ।

ଇମେଲ୍: sahadevas@yahoo.com

# ରାସ୍ତା ଭାଙ୍ଗୁଛି ରାସ୍ତାର ନିୟମ



ତୁଷାରକାନ୍ତ

ସମ୍ପ୍ରତି ଭୁବନେଶ୍ୱର-କଟକ ପୋଲିସ କମିଶନରେଟର ନୂଆ କମିଶନର ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଧାରିବା ଦିଗରେ ଖୁବ୍ ଯତ୍ନବାନ୍ ହେଉଛନ୍ତି। ତେବେ ନିୟମ ମାନିବାକୁ ପ୍ରସ୍ତୁତ ନ ଥିବା ଜନସାଧାରଣ ଏ ଦିଗରେ କେତେଦୂର ସହଯୋଗ କରିବେ, ତାହା ସଂଶୟର ବିଷୟ। ଟ୍ରାଫିକ୍ ନିୟମର ଉଲ୍ଲଂଘନ ସାଧାରଣତଃ ନିମ୍ନରେ ବର୍ଣ୍ଣିତ କାରଣଗୁଡ଼ିକ ଯୋଗୁ ହୋଇଥାଏ।

ଇଂଲିଶ ଭାଷାର 'T' ଅକ୍ଷର ଭଳି ଛକଗୁଡ଼ିକରେ ଗୋଟିଏ ପଟର ରାସ୍ତାରେ ସବୁବେଳେ ଗାଡ଼ି ଚାଲିବାକୁ ଅନୁମତି ଦିଆଯାଇଥାଏ। ଯେଉଁ ପଥଚାରୀମାନେ ସେହି ପଟେ ଚାଲିକରି ଆସିବାକୁ ଚାହାନ୍ତି ସେମାନେ ଭାରି ହଇରାଣ ହୁଅନ୍ତି। ଏଣୁ 'T' Square ଗୁଡ଼ିକରେ ପଥଚାରୀମାନଙ୍କ ସୁବିଧା ପାଇଁ ବ୍ୟବସ୍ଥା କରାଯିବା ଦରକାର। ପଥଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ 'ଜେବ୍ରାକ୍ରସ୍'ରେ ସବୁବେଳେ ଗାଡ଼ିଗୁଡ଼ିକ ଭଁ ଭଁ ହୋଇ ଇଞ୍ଜିନ ଚଳନ୍ତି ଅବସ୍ଥାରେ ଆଗପଛ ହେଉଥାନ୍ତି, ଯେଉଁଥିପାଇଁ ପଥଚାରୀମାନେ ରାସ୍ତା ପାରିହେବାକୁ ଅସୁବିଧାରେ ପଡ଼ନ୍ତି, ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁ ଲଭନ୍ତି। ଅନେକ ଜେବ୍ରାକ୍ରସ୍‌ରେ ଜଣେ ପଥଚାରୀ ଗୋଟିଏ ପଟର ରାସ୍ତା ପାରିହେବା ପରେ ହଠାତ୍ ଉଚ୍ଚା ଉଚ୍ଚା ଲୁହାବାଡ଼ର ସମ୍ମୁଖୀନ ହୁଅନ୍ତି ଓ ଅନ୍ୟପଟକୁ ଯିବାକୁ ସୁଯୋଗ ନ ଥାଏ, ଯଥା ରବୀନ୍ଦ୍ରମଣ୍ଡପ ପାଖ ଜେବ୍ରାକ୍ରସ୍। ପଥଚଲା ରାସ୍ତାଗୁଡ଼ିକରେ ସାଇକେଲ୍, ମୋଟରସାଇକେଲ, କାର୍ ଇତ୍ୟାଦି ଯିବା ସମ୍ପୂର୍ଣ୍ଣ ରୂପେ ବେଆଇନ ଓ ସେଥିପାଇଁ ଆର୍ଥିକ ଦଣ୍ଡର ବ୍ୟବସ୍ଥା ଅଛି। ଏହା ସତ୍ତ୍ୱେ ସେଗୁଡ଼ିକ ଗାଡ଼ି ପାର୍କିଂ ତଥା ଗାଡ଼ିର ଯାତାୟାତ ପାଇଁ ବ୍ୟବହୃତ ହେବା ଏକ ସାଧାରଣ ଘଟଣା। ଆମ ରାଜଧାନୀରେ ଟାଉନ୍‌ବସ୍‌ରେ ଯାତ୍ରୀମାନେ ଯିବା ପାଇଁ କେତେକ ରାସ୍ତାର ଭିତରପଟକୁ Bus-Bayମାନ ତିଆରି ହୋଇଛି, ଯେଉଁଠି ବସ୍, ଅଟୋ ଇତ୍ୟାଦିରେ ଲୋକେ ଉଠିବା କଥା। ଅଥଚ ଭୁଲରେ ସୁଦ୍ଧା ଟାଉନ୍‌ବସ୍, ଅଟୋ ଇତ୍ୟାଦି ସେଠାକୁ ପଶନ୍ତି ନାହିଁ। ସେଗୁଡ଼ିକ ସ୍ଥାନୀୟ ଜନତା/ବ୍ୟବସାୟୀମାନଙ୍କ ଗାଡ଼ି ରଖା ସ୍ଥାନ ରୂପେ ବ୍ୟବହୃତ ହୁଏ। ଦୁଇଚକିଆ ଗାଡ଼ି ଚଲାଇଲା ବେଳେ ମୋବାଇଲ୍ ଫୋନ୍‌ର ନମ୍ବର ଦବେଇବା ଓ କଥା ହେବା ଅତ୍ୟନ୍ତ ବିପଦପୂର୍ଣ୍ଣ। ଅଥଚ ଏହା ଅବିଚାରିତ ଭାବେ ଚାଲୁ ରହିଛି। ବଡ଼ ବଡ଼ ଗାଡ଼ିର ମାଲିକମାନେ ଗାଡ଼ି ଚଲାଉଥିବା ବେଳେ ମୋବାଇଲ୍ ଫୋନ୍‌ରେ କଥା ହେବା ଓ ସିଟ୍ ବେଲ୍ଟ ନ ପିନ୍ଧିବା ଏକ ମାମୁଲି କଥା।

ନିୟମ ଅନୁଯାୟୀ ଯଦି ଜଣେ ରାସ୍ତା ବଦଳାଇ ଅପର ପଟ ରାସ୍ତାକୁ ଯିବା କଥା, ତା'ହେଲେ ବାମ କଡ଼ ରାସ୍ତାରେ ଯାଇ, ନିର୍ଦ୍ଧାରିତ ଛକରେ ବୁଲି ସେଠାକୁ ଯିବା କଥା। ଧରାଯାଉ ସଚିବାଳୟ ପଛ ଓ ରାଜୀବ ଭବନ ମଝି ରାସ୍ତାରୁ ଯଦି ଜଣଙ୍କୁ ଭୁବନେଶ୍ୱର କ୍ଲବ୍‌କୁ ଯିବାକୁ ଅଛି, ତା'ହେଲେ ନିୟମ ମୁତାବକ ସେ ଏ.ଜି. ଛକକୁ ଆସି, ସେଠି ଡାହାଣ କଡ଼କୁ ବୁଲି, ବାମପଟେ ସେହି କ୍ଲବ୍‌କୁ ଯିବା କଥା। କିନ୍ତୁ ପ୍ରାୟ ଗାଡ଼ି ଓ ବଡ଼ବଡ଼ିଆଙ୍କ ଗାଡ଼ି ସେହି ରାସ୍ତାର ଶେଷରେ ଥିବା କଟ୍‌ରେ ପଶି, ଡାହାଣକଡ଼ ରାସ୍ତାରେ ଯାଇ କ୍ଲବରେ ପଶନ୍ତି, ଯଦ୍ୱାରା କି ଏଜି ଛକରୁ ରାଜଭବନ ଛକକୁ ଯାଉଥିବା ଲୋକେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଯିଏ ଯେଉଁଠି ପାରିଲେ ଗାଡ଼ି ବୁଲେଇ, ଭୁଲ୍ ରାସ୍ତାରେ ଯିବା ପ୍ରତ୍ୟେକ ମୁହୂର୍ତ୍ତର ଓ ପ୍ରତ୍ୟେକ ଇଞ୍ଚ ସ୍ଥାନର ବାସ୍ତବତା। ଟ୍ରାଫିକ୍ ଛକରେ ଟ୍ରାଫିକ୍ ପୋଲିସବାବୁ ଗୋଟିଏ ରାସ୍ତାର ଗତାଗତକୁ ବନ୍ଦ କରି, ଅନ୍ୟ ରାସ୍ତାର ଲୋକଙ୍କୁ ଯିବାକୁ ନିର୍ଦ୍ଦେଶ ଦେଉ ଦେଉ ବନ୍ଦ ରାସ୍ତାର ଅପେକ୍ଷାରତ ଗାଡ଼ି ଭିତରୁ କିଛି ଗାଡ଼ି ସାଏଁ କରି ପଳେଇବା ଏକ ଚିରାଚରିତ ଘଟଣା। ଯଦି ହେଲମେଟ୍ ନ ପିନ୍ଧିଲେ ଜରିମାନା ଦେବାକୁ ପଡ଼ନ୍ତା ନାହିଁ, ତା'ହେଲେ ୧-୨%ଙ୍କୁ ଛାଡ଼ି ଆଉ କେହି ପିନ୍ଧନ୍ତେ ନାହିଁ। ଚାଳକମାନେ ହେଲମେଟ୍ ନ ପିନ୍ଧି ତାହାକୁ ପଛରେ ବସିଥିବା ନିଜର ସହଧର୍ମିଣୀ/ବାପାମାନଙ୍କୁ ଧରେଇବା ତଥା ସେମାନେ ବିନା ଆପତ୍ତିରେ ଧରିବା ଦେହରେ ନ ଯିବାରୁ, ୨/୩ ଥର ଏ ବାବଦରେ ସେମାନଙ୍କୁ ସେଇ କଥା କହିଥିଲି ଓ 'ହଉ ବାବୁ, ନିଜ ରାସ୍ତା ଦେଖ' ଟାପରା ଶୁଣିବାକୁ ପଡ଼ିଥିଲା। କେତେକ ସ୍ଥାନରେ ଦୁଇଚକିଆ ରାସ୍ତାରେ ଥିବା ମଝି ଡିଭାଇଡର୍‌ରେ ଗଛ ଲଗାଯାଇଛି, ଯାହାର ଡାଳଗୁଡ଼ିକ ରାସ୍ତାକୁ ଝାମ୍ପି ରହୁଛି। ସେଥିଯୋଗୁ ରାସ୍ତା ବଦଳାଇବାକୁ ଥିବା କଟ୍‌ରେ ବୁଲିଲା ବେଳକୁ ଅନ୍ୟ ଦିଗରୁ ଆସୁଥିବା ଗାଡ଼ିଗୁଡ଼ିକ ଦୃଷ୍ଟିଗୋଚର ହେଉ ନାହିଁ ଓ ଧକ୍କା ହେଉଛି। ଏଭଳି କେତେକ ସ୍ଥାନ ଅଛି, ଯେଉଁଠି ନିୟମ ଭଙ୍ଗ ନ କଲେ ନ ଚଳେ, ଯଥା: ରୂପାଲି ଛକରୁ ଆସି ବାଣୀବିହାର ଛକଠାରୁ ବାଣୀବିହାର ଭିତରକୁ ଯିବା କଥା। ଏଥିପାଇଁ ଜଣଙ୍କୁ ଆଚାର୍ଯ୍ୟବିହାର ଦେଇ ଆସିବାକୁ ପଡ଼େ, ଯାହା ପାଳନ କରାଯିବା ସମ୍ଭବପର ହୁଏନି ଓ ଲୋକେ ଛକର ଫ୍ଲାଏ ଓଭର ତଳ ଦେଇ ଡାହାଣ କଡ଼ ରାସ୍ତାରେ ଯାଇ ବାଣୀବିହାର ଭିତରେ ପଶିଥାନ୍ତି। ଛକଗୁଡ଼ିକରେ ବାମକଡ଼ ରାସ୍ତାକୁ ବୁଲିବା ପାଇଁ ନିଷିଦ୍ଧ କରାଯାଇ ନାଲିବତି ଜଳୁଥିଲେ ମଧ୍ୟ ତାହା କଦାପି ପାଳିତ ହୁଏନାହିଁ। ଭୁବନେଶ୍ୱର ସିଆର୍‌ପି, ବାଣୀବିହାର ଛକ ତଥା କଟକର ମଧୁପାଟଣା ଛକରେ ବସ୍‌ଗୁଡ଼ିକ ବହୁ ସମୟ ରହି ଯାତ୍ରୀ ଉଠାନ୍ତି। ଫଳରେ ଟ୍ରାଫିକ୍ ଚଳନରେ ଅବ୍ୟବସ୍ଥା ସୃଷ୍ଟିହୁଏ।

ରାସ୍ତା ବଦଳେଇବା ପାଇଁ ଏପରି କିଛି କଟ୍ ରହିଛି ଯେଉଁଠିକି ଅଳ୍ପ କିଛି ବାଟ ଡାହାଣ କଡ଼ରେ ଯିବାକୁ ପଡ଼ିଥାଏ। ସର୍ଦ୍ଦାର ପଟେଲ ମାର୍ଗରେ ଦୁଇ ଏ.ଜି. କଲୋନୀ ମଧ୍ୟରେ ଲକ୍ଷ୍ମୀନାରାୟଣ ମନ୍ଦିର ପାଖରେ ଥିବା କଟ୍‌ଟି ସେହି ଦୁଇ କଲୋନୀର ପ୍ରବେଶଦ୍ୱାର ସିଧାରେ ନ ରହି ଟିକେ ମନ୍ଦିର ଆଡ଼କୁ ଅଛି, ଯଦ୍ୱାରା ଲୋକେ ରାସ୍ତା ବଦଳେଇବାକୁ କିଛି ବାଟ ଡାହାଣ ପଟେ ବାଧ୍ୟରେ ଯାଉଛନ୍ତି। ଏହିସବୁ ଅବ୍ୟବସ୍ଥା ସମ୍ପର୍କରେ ପୋଲିସ ବିଭାଗ ଓ କମିଶନରଙ୍କୁ ଭେଟି ଜଣାଇଥିଲେ ମଧ୍ୟ ଫଳ କିଛି ହୋଇନାହିଁ। ନୂଆ ପୋଲିସ କମିଶନରଙ୍କଠାରୁ ଅନ୍ତତଃ ଏଦିଗରେ ଆଖିଦୃଶିଆ ପ୍ରତିକାର ଆମେ ଆଶାକରିପାରିବା।

ମୋ : ୮୮୯୫୮୫୭୩୧୮

## ଏଇ ଭାରତରେ

ସଂଶୋଧିତ ମୋଟର ଯାନ ଅଧିନିୟମ ଲାଗୁ ହେବା ପରେ ପ୍ରଶାସନ ଓ ଗାଡି ଚାଳକ ପୂରା ଚଳଚଞ୍ଚଳ ହୋଇପଡିଛନ୍ତି। ତା' ଭିତରେ ଘଟିଯାଉଛି ଅନେକ ଅଜବ ଘଟଣା। ତେବେ ଚାଲାଣ କଟାକୁ ନେଇ ଉତ୍ତରପ୍ରଦେଶରେ ସାମ୍ନାକୁ ଆସିଛି ଏକ ରୋଚକ ଖବର। ଜଣେ ବ୍ୟକ୍ତିଙ୍କ ଚାରି ଚକିଆ ଯାନ ଉପରେ ହେଲ୍‌ମେଟ ନ ଲଗାଇବା କାରଣରୁ ଚାଲାଣ କଟାଯାଇଛି । ଗାଜିଆବାଦ କୋଶାମ୍ବୀ ଅଞ୍ଚଳରେ ରହନ୍ତି ଚନ୍ଦ୍ରପାଲ ସିଂ। ଟ୍ରାଫିକ ନିୟମ ଉଲ୍ଲଂଘନ ଯୋଗୁ ତାଙ୍କ ୟୁପି ୧୪-ସିଏମ୍-୦୦୦୩ ନମ୍ବର ସ୍କର୍ପିଓ ଉପରେ ତିନିଥର ଚାଲାଣ କଟାଗଲାଣି। ସେଥିମଧ୍ୟରୁ ପ୍ରଥମ ୬୦୦ ଟଙ୍କାର ଚାଲାଣ କଟାଯାଇଥିଲା। ଗାଡିର କେଉଁ ଭୁଲ୍ ପାଇଁ କଟାଯାଇଛି ତା'ର କୌଣସି ବିବରଣୀ ଦର୍ଶାଯାଇ ନ ଥିଲା। ଏହାପରେ ପୁଣି ସ୍କର୍ପିଓରେ ହେଲମେଟ୍ ପିନ୍ଧି ନ ଥିବାରୁ ୫ ଶହ ଟଙ୍କାର ଆଉ ଏକ ଚାଲାଣ କଟାଯାଇଛି। କେବଳ ଏତିକି ନୁହେଁ, ଚାଲାଣରେ ସ୍କର୍ପିଓ ଜାଗାରେ ସ୍କୁଟିର ଫଟୋ ମଧ୍ୟ ଲଗାଯାଇଛି। ଏହାପରେ ହେଡ୍‌ଫୋନ ଲଗାଇ ଗାଡି ଚଳାଇବା କାରଣରୁ ତୃତୀୟ ଚାଲାଣ କଟାଯାଇଥିଲେ ବି ସେଥିରେ କୌଣସି ଫଟୋ ଅପଲୋଡ୍ କରାଯାଇନାହିଁ। ଏ ସମ୍ପର୍କରେ ଜଣାପଡିବା ପରେ ଭୁଲ୍ ଚାଲାଣ ଉପରେ ଯାଞ୍ଚ କରାଯାଇ ରଦ୍ଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଚିରନ୍ତନୀ

ସଂଖ୍ୟାର ଚରମ ତୁମେ
ଗଣକର ଗଣନାର ଶେଷ,
ଅଙ୍କର ଆଦିମ ଶୂନ୍ୟ
ଆଦିମୂଳ ବିଶ୍ୱର ବିଶେଷ।
ପରମାଣୁ ସମ ମୁହିଁ
ପାଇଛି ଯେତିକି ଅଧିକାର
ତବ ଅଙ୍ଗେ, ମୋର ବୋଲି
ଯେଉଁ ସ୍ଥାନ ଅଛି କହିବାର।
ଅସୀମ କାଳର ସ୍ରୋତେ
ମୋ ଜୀବନ-କାଳ ଯେତେ ସାନ
ହେଉ ପଛେ କ୍ଷୀଣତମ
କ୍ଷୁଦ୍ରତମ ବୁଦ୍‌ବୁଦ ସମାନ।
(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୪ ସେପ୍ଟେମ୍ବର ୧୯୯୪

- ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ଜନତା ଦଳ ବିଧାୟକ ପଦରୁ ଜଗନ୍ନାଥ ମଲ୍ଲିକ ଦଳରୁ ବହିଷ୍କୃତ।
- ରୋମାନିଆ ତା'ର ଆଣବିକ ବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ପାଇଁ ଭାରତରୁ ୩୫୦ ଟନ୍ ଭାରିଜଳ ଆମଦାନୀ କରିବା ନେଇ ନିଷ୍ପତ୍ତି।
- ହିନ୍ଦୀ ଭାଷାର ପ୍ରଖ୍ୟାତ ଲେଖକ ତଥା ସମାଜ ବିଜ୍ଞାନୀ ଶ୍ୟାମାଚରଣ ଦୁବେଙ୍କୁ ୧୯୯୩ ବର୍ଷ ନିମନ୍ତେ ମୂର୍ତ୍ତିଦେବୀ ପୁରସ୍କାର।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 3 | | | | | | 7 | |
| | 7 | | D | | 3 | 6 | 1 | B | | | | 8 | 2 | |
| | | 2 | | | 8 | | 9 | 4 | | | 1 | D | | |
| 0 | B | | | 7 | | A | | | | | | 9 | | 5 |
| 3 | | | | | | | 0 | | | | E | | C | 4 |
| 4 | D | | 0 | 5 | 1 | | | | | | | | | 7 |
| | 1 | | | | | | | E | | | | 0 | 6 | A |
| 2 | | | 6 | 4 | | | C | | | | 0 | | | |
| | | | | 2 | | | | | D | | | | | C |
| | 8 | | | | | 3 | 2 | 1 | | | 7 | | E | |
| | | 4 | | | | | | | | 7 | C | B | 1 | |
| | | | 5 | 8 | | B | 4 | A | | | | 3 | | |
| | 5 | 6 | | D | 9 | | | | | 3 | | C | | 8 |
| | 9 | | | | C | D | E | 8 | 0 | | A | | 4 | |
| | 0 | | A | B | | | | | 8 | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 0 | 1 | D | A | 8 | 4 | B | E | 2 | 7 | C | 5 | 6 | 3 |
| 6 | B | 7 | 2 | 0 | 5 | D | 9 | 1 | 3 | E | 4 | 8 | A | C |
| 3 | 2 | D | E | 7 | C | 8 | A | 5 | 1 | 0 | 6 | B | 9 | 4 |
| 5 | 8 | 4 | 9 | 6 | 1 | C | 3 | 7 | D | B | A | 0 | E | 2 |
| E | C | A | 3 | 4 | B | 0 | 6 | 2 | 5 | 8 | 9 | 7 | D | 1 |
| 0 | 1 | 8 | B | 2 | D | 9 | E | A | 6 | C | 5 | 4 | 3 | 7 |
| 7 | E | B | C | 5 | 0 | 1 | 8 | 6 | 9 | 4 | 3 | D | 2 | A |
| 2 | A | 9 | 4 | 8 | 7 | 3 | D | C | E | 1 | B | 6 | 5 | 0 |
| C | 5 | 3 | 6 | 9 | A | 2 | 4 | 0 | 8 | D | 7 | E | 1 | B |
| 4 | D | 6 | 1 | E | 3 | 5 | 7 | B | 0 | A | 2 | C | 8 | 9 |
| D | 6 | E | 7 | 1 | 4 | B | C | 3 | A | 9 | 8 | 2 | 0 | 5 |
| B | 3 | 5 | 0 | D | 9 | A | 2 | 4 | 7 | 6 | E | 1 | C | 8 |
| A | 7 | 2 | 5 | B | 6 | E | 0 | 8 | C | 3 | 1 | 9 | 4 | D |
| 1 | 9 | C | 8 | 3 | E | 7 | 5 | D | 4 | 2 | 0 | A | B | 6 |
| 8 | 4 | 0 | A | C | 2 | 6 | 1 | 9 | B | 5 | D | 3 | 7 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସଡ଼କ, ସେତୁ ଭିତ୍ତିଭୂମିର ବିକାଶ ହେଉ

ମହାଶୟ,

ଗତ ଜୁଲାଇରେ ରାଜ୍ୟ ସରକାରଙ୍କ ତରଫରୁ ବିଧାନସଭାରେ ପ୍ରଦତ୍ତ ତଥ୍ୟ ଅନୁସାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଆମ ରାଜ୍ୟର ୧୦,୫୦୦ ଗ୍ରାମରେ ରାସ୍ତା ନିର୍ମାଣ ହୋଇନାହିଁ ଓ ରାଜ୍ୟର ୩୮୮୯ ଗ୍ରାମରେ ସବୁଦିନିଆ ପକ୍କା ସଡକ ନିର୍ମାଣ ହୋଇନାହିଁ। ସଡକ ଓ ସେତୁ ଭିତ୍ତିଭୂମିର ବିକାଶ ନ ହେଲେ ରାଜ୍ୟର ସାମୂହିକ ବିକାଶ ସମ୍ଭବ ନୁହେଁ। ଏହାଛଡା ରାଜ୍ୟର ଅନୁନ୍ନତ ଓ ଉପାନ୍ତ ଅଞ୍ଚଳରେ ଯୋଗାଯୋଗ ଅଭାବରୁ ଚାରିଚକିଆ ଯାନ ଓ ଆମ୍ବୁଲାନ୍ସ ପ୍ରବେଶ କରି ନ ପାରିବା କାରଣରୁ ବହୁ ସଂଖ୍ୟାରେ ରୋଗୀ ଓ ପ୍ରସୂତିଙ୍କୁ ଖଟିଆରେ ସଙ୍କୀର୍ଣ୍ଣ ଜଙ୍ଗଲିଆ ରାସ୍ତା ଓ ପୂରନ୍ତା ନଈରେ ଦଶପନ୍ଦର କିଲୋମିଟର ବୋହିନେବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଛି। ଏହା ଦେଶବିଦେଶରେ ରାଜ୍ୟର ଛବିକୁ ମଳିନ କରୁଛି। ଏଣୁ ରାଜ୍ୟ ସରକାର ଶତ ପ୍ରତିଶତ ଗ୍ରାମକୁ ସବୁଦିନିଆ ରାସ୍ତା ଓ ନଈନାଳରେ ପର୍ଯ୍ୟାପ୍ତ ସେତୁ ନିର୍ମାଣ କରନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଫର୍ମାଲିନ ଯାଞ୍ଚ କରାଯାଉ

ସାଧାରଣତଃ ଶବ ସଂରକ୍ଷଣ ପାଇଁ ଫର୍ମାଲିନ ରସାୟନ ପ୍ରୟୋଗ ହୋଇଥାଏ। ଏହା ବିଧିସମ୍ମତ। ମାତ୍ର ଅଧୁନା ଏହି ଫର୍ମାଲିନର ଦୁରୁପଯୋଗ କରାଯାଉଥିବା ସୂଚନା ମିଳିଛି। କେତେଜଣ ମାଛ ବ୍ୟବସାୟୀ ପ୍ରଥମେ ଏହି ଫର୍ମାଲିନ ବ୍ୟବହାର କରୁଥିଲେ ମାଛକୁ ସତେଜ ରଖିବା ପାଇଁ। ମାତ୍ର ଏହି ପଦ୍ଧତି ଏବେ ଶୁଖୁଆ ବେପାରୀ ଅନୁସରଣ କଲେଣି। ଧାମରାରେ ଏପରି କରାଯାଉଛି। ଖାଉଟି ନିଜ ଖାଦ୍ୟରେ ପେଟକୁ ଏହି ଫର୍ମାଲିନ ଗ୍ରହଣ କଲେ ତା'ର ସ୍ୱାସ୍ଥ୍ୟହାନି ନିଶ୍ଚିତ। ଏନେଇ ବେପାରୀମାନେ ଆଖି ବୁଜି ଦେଇଛନ୍ତି। ରାଜ୍ୟ ଖାଉଟି କଲ୍ୟାଣ ବିଭାଗ ବିଧିବଦ୍ଧ ଏହାର ଯାଞ୍ଚ କରି କଡ଼ା କଟକଣା ଜାରି କରିବାକୁ ନିବେଦନ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସମୀର



ନିଏଲ



କାଞ୍ଚନ



ଅନିଲ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ନର୍ସିଂହୋମରେ ପ୍ରସୂତିଙ୍କୁ ବଳାତ୍କାର ଉଦ୍ୟମ

ଭଦ୍ରକ ଅଫିସ, ୨୩।୯

ଭଦ୍ରକ ଟାଉନ ଥାନା ଅଧୀନ ଗାନ୍ଧୀପଡ଼ିଆସ୍ଥିତ ଏକ ନର୍ସିଂହୋମରେ ରବିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ପ୍ରସୂତିଙ୍କୁ ଇଞ୍ଜେକ୍ସନ ଦେବା ବାହାନାରେ ଫାର୍ମାସିଷ୍ଟ ବଳାତ୍କାର ଉଦ୍ୟମ କରି ଟାଉନ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ଗିରଫ ଫାର୍ମାସିଷ୍ଟ ହେଲେ ବାଲେଶ୍ୱର ଜିଲା ଜଲେଶ୍ୱର ଥାନା ଅନ୍ତର୍ଗତ ଧର୍ମଦ୍ୱାର ଗାଁର ମନୋଜ କୁମାର ସାହୁ। ଏ ନେଇ ଟାଉନ ଥାନାରେ ମାମଲା(ନଂ.୨୮୫/୧୯) ରୁଜୁ କରାଯାଇ ମନୋଜଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି।



ଗିରଫ ଫାର୍ମାସିଷ୍ଟ ମନୋଜ।

ପୋଲିସ ସୂଚନା ଅନୁଯାୟୀ, ୩ ଦିନ ତଳେ ଯାଜପୁର ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରସବ ପାଇଁ ପରିବାର ଲୋକେ ଉକ୍ତ ନର୍ସିଂହୋମରେ ଭର୍ତ୍ତି କରାଇଥିଲେ। ଶନିବାର ଅସ୍ତ୍ରୋପଚାର ପରେ ମହିଳାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ସୋମବାର ତାଙ୍କର ଡିସ୍‌ଚାର୍ଜ ହେବାର ଥିଲା। ରବିବାର ରାତିରେ ମହିଳାଙ୍କୁ ଇଞ୍ଜେକ୍ସନ ଦିଆଯିବ ବୋଲି କହିଥିଲେ ମନୋଜ। ମହିଳାଙ୍କ ସ୍ୱାମୀଙ୍କୁ ଇଞ୍ଜେକ୍ସନ ପାଇଁ ପଠାଇ ସେ ରହୁଥିବା ରୁମ୍‌ର କବାଟ ବନ୍ଦ କରି ମନୋଜ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣଙ୍କ କାନ୍ଦି ଜୋର୍‌ରେ ପାଟି କରିବାରୁ ସମ୍ପର୍କୀୟମାନେ ପହଞ୍ଚି କବାଟ ବାଡ଼େଇଥିଲେ। ପରେ ଘଟଣା ସମ୍ପର୍କରେ ସେମାନେ ନର୍ସିଂହୋମ ମାଲିକଙ୍କୁ ଜଣାଇଥିଲେ। ପ୍ରସୂତିଙ୍କ ସ୍ୱାମୀଙ୍କ ଏତଲାକୁ ଭିତ୍ତିକରି ଟାଉନ ଥାନା ପୋଲିସ ମନୋଜଙ୍କୁ ଗିରଫ କରିଥିଲା।

### ଆମ୍ବୁଲାନ୍ସକୁ ଧକ୍କା ଦେଲା ଗୋରୁ ବୋଝେଇ ପିକ୍‌ଅପ୍

# ୧୦ରୁ ଊର୍ଦ୍ଧ୍ୱ ଗୋରୁ ଉଦ୍ଧାର, ଜଣେ ଆହତ

ବାହାନଗା, ୨୩।୯(ଡି.ଏନ.ଏ.)

ବାହାନଗା ବ୍ଲକ ଖନ୍ତାପଡାସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ ଚିତାପଦା ଡାଇଭର୍ସନଠାରେ ସୋମବାର ଏକ ଆମ୍ବୁଲାନ୍ସ ପଛପଟୁ ଗୋରୁ ବୋଝେଇ ପିକଅପ୍ ଭ୍ୟାନ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସର ହେଲପର୍ ଗୁରୁତର ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକେ ଗୋରୁ ବୋଝେଇ ପିକ୍‌ଅପ୍ ମଧ୍ୟରୁ ୧୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରିଛନ୍ତି। ସୋମବାର ସୋର ଅଞ୍ଚଳରୁ ଏକ ଆମ୍ବୁଲାନ୍ସ (ନଂ.ଓଡି-୦୨-ଜି-୧୭୩୦) ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଜଣେ ରୋଗୀଙ୍କୁ ନେଇଯାଉଥିଲେ। ଖନ୍ତାପଡାସ୍ଥିତ ଚିତାପଦା ଡାଇଭର୍ସନ୍‌ଠାରେ ଏକ ମୋଟର ସାଇକେଲ ଆମ୍ବୁଲାନ୍ସ ସାମନା ଦେଇ ପାସ୍ କରିଯିବାରୁ ଆମ୍ବୁଲାନ୍ସ ବ୍ରେକ ମାରି ନିଜର ବେଗ କମାଇଥିଲା। ଫଳରେ ସେହି ସମୟରେ ପଛପଟୁ ଆସୁଥିବା ଏକ ଗୋରୁ ବୋଝେଇ ପିକଅପ୍ (ନଂ.ଓଆର-୦୧କେ-୨୧୬୩ ) ଆମ୍ବୁଲାନ୍ସ ସହ ପିଟି ହୋଇଯାଇଥିଲା। ଆମ୍ବୁଲାନ୍ସ ହେଲପର ସୁଶାନ୍ତ ସ୍ୱାଇଁ ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଖନ୍ତାପଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ଲୋକମାନେ ଉତ୍ତ୍ୟକ୍ତ ହୋଇ ଗୋରୁ ବୋଝେଇ ପିକ୍‌ଅପ୍‌କୁ ଅଟକାଇ ସେଥିରୁ ବେଆଇନ ଭାବେ ଚାଲାଣ ହେଉଥିବା ୧୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରିଥିଲେ। ସେଥିମଧ୍ୟରୁ ଗୋଟିଏ ଗୋରୁର ମୃତ୍ୟୁ ହୋଇଛି। ଖବରପାଇ ଖନ୍ତାପଡା ଥାନା ପୋଲିସ୍ ପହଞ୍ଚି ଦୁର୍ଘଟଣା ଘଟାଇଥିବା ପିକଅପ୍‌କୁ ଜବତ କରିଛି। ଏହି ପିକଅପ୍ ଭଦ୍ରକ ଜିଲା ବେତଡା ହାଟରୁ ଗୋରୁ ବୋଝେଇ କରି ପଶ୍ଚିମବଙ୍ଗ ଯାଉଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୀର ଧୀର ଚାଲିକି**
**ସରି ନୁହେଁ ପାଲିଙ୍କି ।**

ଆଗ କାଳରେ ଧନୀ ଘରର ଲୋକେ ଘୋଡ଼ା ବା ପାଲିଙ୍କିରେ ଯିବାଆସିବା କରୁଥିଲେ। ଯେତେବେଳେ କି ସାଧାରଣ ବ୍ୟକ୍ତି ପାଇଁ ଏସବୁ ସ୍ୱପ୍ନ ଥିଲା। ତେବେ ଧୀର ଧୀର ଚାଲି ବା ଠୁକୁରୁ ଠୁକୁରୁ ଚାଲି ପରି ଦଉଡ଼ିଲା ଭଳି ପାଦ ପକେଇ ପାରୁଥିବା ବ୍ୟକ୍ତି ଯେଉଁମାନଙ୍କର ନିଜ ଗୋଡ଼ ଉପରେ ଯଥେଷ୍ଟ ଭରସା ଥାଏ, ସେମାନଙ୍କ ପାଇଁ ଘୋଡ଼ା ବା ପାଲିଙ୍କି ଚଢ଼ିବା ସେତେ ଆବଶ୍ୟକ ପଡ଼ି ନ ଥାଏ। ପରୋକ୍ଷରେ ଧୀରସ୍ଥିର ମନୋଭାବ ବିଜୟୀ କରାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଧାନ କୋଇଲି**
**କୁଟି କୁଟି ମଲା ବୋହୂ ପୋଇଲୀ ।**

ଦାସୀକୁ ପୋଇଲୀ କୁହାଯାଏ। ଆଗକାଳରେ ଚାଉଳ ପାଇବା ପାଇଁ ଧାନକୁ ଢିଙ୍କିରେ କୁଟିବାକୁ ପଡୁଥିଲା। ଏହି କାମ ପାଇଁ ବୋହୂ ଓ ଦାସୀ ନିୟୋଜିତ ହେଉଥିଲେ। ଧାନକୁ ଢିଙ୍କିରେ କୁଟି କୁଣ୍ଡା ପାଛୁଡ଼ି ଚାଉଳ ବାହାର କରିବା ଅତ୍ୟନ୍ତ ସମୟସାପେକ୍ଷ ଓ କଷ୍ଟକର କାର୍ଯ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଚୋରି ବେଳେ ଧରାପଡ଼ି ଜଣେ ଗିରଫ

ଚାନ୍ଦବାଲି, ୨୩।୯ (ଡି.ଏନ.ଏ.)

ଭଦ୍ରକ ଜିଲା ବାଂଶଡ଼ା ଥାନା ଅନ୍ତର୍ଗତ ଖଦାଳପୋଖରୀ ଗ୍ରାମରେ ରବିବାର ରାତିରେ ଜଣଙ୍କ ଘରେ ପଶି ଚୋରି କରୁଥିବା ବେଳେ ଜଣେ ଚୋର ଧରାପଡ଼ି ଗିରଫ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ପ୍ରକାଶ ନାଥ। ପୋଲିସ ତାଙ୍କଠାରୁ ନଗଦ ୨୦ ହଜାର ଟଙ୍କା ସହ ଲକ୍ଷାଧିକ ଟଙ୍କାର ଅଳଙ୍କାର ଜବତ କରିଛି। ଚୋରିରେ ସମ୍ପୃକ୍ତ ପ୍ରକାଶଙ୍କ ୩ ସହଯୋଗୀ ଫେରାର ଥିବା ପୋଲିସ କହିଛି। ସୂଚନା ଅନୁସାରେ, ପ୍ରକାଶ ଓ ତାଙ୍କ ସହଯୋଗୀମାନେ ଗାଁର ନନ୍ଦିନୀ ଦାସଙ୍କ ଘରେ ପଶି ଚୋରି କରୁଥିବା ବେଳେ ପରିବାର ଲୋକ ଉଠିପଡ଼ିଥିଲେ। ପ୍ରକାଶଙ୍କୁ ସେମାନେ କାବୁ କରିବା ବେଳେ ଅନ୍ୟ ୩ ଜଣ ସେଠାରୁ ଖସି ପଳାଇଯାଇଥିଲେ। ପରେ ସେମାନେ ପ୍ରକାଶଙ୍କୁ ପୋଲିସ ଜିମା ଦେଇଥିଲେ। ୪ ଜଣଙ୍କ ନାମରେ ବାଂଶଡ଼ା ଥାନାରେ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି। ସୋମବାର ଗିରଫ ପ୍ରକାଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଜିଲ୍ଲା ଚିଠି
### ମୟୂରଭଞ୍ଜ

# ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଦୁଃଖ

ବହୁ ବର୍ଷ ତଳେ ମୟୂରଭଞ୍ଜ ଜିଲାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିରାଟ ଗଣ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏହାକୁ ଦୃଷ୍ଟିରେ ରଖି ୧୯୯୮ ଜୁଲାଇ ୧୩ରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରଠାରେ ଅସ୍ଥାୟୀ ଭାବେ ଆରମ୍ଭ ହୋଇଥିଲା। ୧୯୯୯ ଜୁଲାଇ ୧୧ ତାରିଖରେ ଆନୁଷ୍ଠାନିକ ଭାବେ ଏହି ବିଶ୍ୱବିଦ୍ୟାଳୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ବାରିପଦା ସହର ତକତପୁରଠାରେ ୯୮ ଏକର ୮୪ ଡେସିମିଲ ପରିମିତ ଜମିରେ ଉକ୍ତ ବିଶ୍ୱବିଦ୍ୟାଳୟ ମୁଖ୍ୟ କ୍ୟାମ୍ପସ ରହିଛି। ୨୦୧୫-୧୬ରେ କେନ୍ଦୁଝର ଜିଲା ସୁଲେଇଖମାର ୧୩ ଏକର ୫ ଡେସିମିଲ ପରିମିତ ଜମିରେ ଦ୍ୱିତୀୟ କ୍ୟାମ୍ପସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ଅଧୀନରେ ପ୍ରାୟ ୧୦୦ଟି କଲେଜ ଅନୁବନ୍ଧିତ ହୋଇଥିବା ବେଳେ ୩ଟି ସ୍ୱୟଂଶାସିତ ମହାବିଦ୍ୟାଳୟ, ଗୋଟିଏ ମେଡିକାଲ କଲେଜ, ଗୋଟିଏ ହୋମିଓପାଥିକ ମେଡିକାଲ କଲେଜ, ଗୋଟିଏ ଆୟୁର୍ବେଦ ମେଡିକାଲ କଲେଜ, ୨ଟି ବିଏଡ କଲେଜ, ଗୋଟିଏ ସ୍ପେଶାଲ ବିଏଡ କଲେଜ, ୫ଟି ସେବିକା ତାଲିମ କଲେଜ ଓ ୨ ଟି ଆଇନ ମହାବିଦ୍ୟାଳୟ ରହିଛି। ତେବେ ଉକ୍ତ ବିଶ୍ୱବିଦ୍ୟାଳୟ ଏବେ ଛାତ୍ର ଅଶାନ୍ତି ଓ ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ବାରିପଦାସ୍ଥିତ ମୁଖ୍ୟ କ୍ୟାମ୍ପସ ଓ କେନ୍ଦୁଝରର ଦ୍ୱିତୀୟ କ୍ୟାମ୍ପସରେ ପ୍ରଫେସର, ଆସୋସିଏଟ ଓ ଆସିଷ୍ଟାଣ୍ଟ ପ୍ରଫେସର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ମଧ୍ୟରୁ ମୋଟ ୭୪ଟି ପଦବୀ ଫାଙ୍କା ପଡ଼ିଛି। ଏହି ପଦବୀଗୁଡିକୁ ପୂରଣ କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ରାଜ୍ୟ ସରକାର କେହି ଗୁରୁତ୍ୱ ଦେଉ ନାହାନ୍ତି। ସେହିପରି ବାରିପଦା ମୁଖ୍ୟ କ୍ୟାମ୍ପସରେ ୮ ନିୟମିତ ବିଭାଗ ଓ ୧୫ ସ୍ୱୟଂବିତ୍ତୀୟ ପାଠ୍ୟକ୍ରମ ଚାଲିଥିବା ବେଳେ ଦ୍ୱିତୀୟ କ୍ୟାମ୍ପସ କେନ୍ଦୁଝରଠାରେ ୫ ନିୟମିତ ବିଭାଗ ପରିଚାଳିତ ହେଉଛି। ଅନ୍ୟପକ୍ଷେ ଆନ୍ଥ୍ରୋପଲୋଜି ଆଣ୍ଡ ଟ୍ରାଇବାଲ ଷ୍ଟଡିଜ, ୱାଇଲ୍ଡ ଲାଇଫ୍ ଆଣ୍ଡ ବାୟୋଡାଇଭର୍ସିଟି କଞ୍ଜରଭେଶନ, ମାଷ୍ଟର ଇନ ବିଜନେସ ଆଡମିନିଷ୍ଟ୍ରେଶନ, ମାଷ୍ଟର ଇନ ସୋସିଆଲ ୱାର୍କ, ମାଥ୍‌ମେଟିକ୍ସ, ଏଜୁକେଶନ(ଏମଏ), କମ୍ପ୍ୟୁଟର ସାଇନ୍ସ(ଏମ୍.ଏସ୍.ସି) ଓ ଇଣ୍ଟିଗ୍ରେଟେଡ ବିଏଡ-ଏମ୍ଏଡ ଭଳି ପାଠ୍ୟକ୍ରମକୁ ନିୟମିତ କରିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗତ ୨୦୧୮ ଜୁନ ୧୧ ତାରିଖରେ ପତ୍ର ସଂଖ୍ୟା ୧୭୨୮୬ରେ ଅନୁମୋଦନ କରାଯାଇଥିଲା। ଏହା ସହିତ ଏହି ବିଭାଗଗୁଡିକ ପାଇଁ ପ୍ରଫେସର,ଆସୋସିଏଟ ଓ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ କରିବା ପାଇଁ ଅନୁମୋଦନ ହୋଇସାରିଛି। ତେବେ ଅନୁମୋଦନ ହେବାର ଗୋଟିଏ ବର୍ଷ ହୋଇଯାଇଥିଲେ ମଧ୍ୟ ଏହା ନିୟମିତ ହୋଇପାରିନାହିଁ। ଚଳିତ ଶିକ୍ଷାବର୍ଷରେ ମଧ୍ୟ ଛାତ୍ରୀଛାତ୍ରମାନେ ଉପରୋକ୍ତ ୮ଟି ପାଠ୍ୟକ୍ରମକୁ ସ୍ୱୟଂବିତ୍ତୀୟ ପାଠ୍ୟକ୍ରମ ଭାବେ ପଢୁଛନ୍ତି। ଗୋଟିଏ ପଟେ ସ୍ୱୟଂବିତ୍ତୀୟ ବିଭାଗ ଓ ଅନ୍ୟପକ୍ଷେ ଶିକ୍ଷକ ପଦବୀ ଫାଙ୍କା ଥିବାରୁ ଆଗଭଳି ଛାତ୍ରୀଛାତ୍ରଙ୍କ ନାମଲେଖା କମିବାରେ ଲାଗିଛି। ଫଳରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଭାଗ୍ୟ କେବେ ଉଦୟ ହେବ ବୋଲି ଛାତ୍ରୀଛାତ୍ର ଓ ଅଭିଭାବକମହଲରେ ଆଲୋଚନା ହେଉଛି।

– ରବି ନାରାୟଣ ଚଲାନ

# ଏନ୍‌ଏଚ୍‌ରେ ଜଳିଗଲା ହାଇୱା

ବଡବିଲ, ୨୩।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ରୁଗୁଡି ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ବାରବାଙ୍କଠାରେ ସୋମବାର ମଧ୍ୟାହ୍ନରେ ଏକ ହାଇୱା ଟ୍ରକରେ ନିଆଁ ଲାଗି ଜଳିପୋଡି ଛାରଖାର ହୋଇଯାଇଛି। ଅଳ୍ପକେ ଟ୍ରକର ଚାଳକ ବର୍ତ୍ତିଯାଇଥିବା ଜଣାପଡିଛି। ରୁଗୁଡିରୁ ଭଦ୍ରାସାହି ଅଭିମୁଖେ ଆସୁଥିବା (ନଂ.ଓଆର୧୫ ଏନ୮୭୦୫) ବିଶିଷ୍ଟ ହାଇୱାର ସମ୍ମୁଖ ଭାଗରେ କୌଣସି କାରଣରୁ ନିଆଁ ଲାଗିଯାଇଥିବାବେଳେ ଟ୍ରକର ଚାଳକ ଗାଡିକୁ ଛିଡାକରି ଓହ୍ଲାଇ ଯାଇଥିଲେ। ନିଆଁ ଲାଗିଥିବା ଖବରପାଇ ବଡବିଲ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କଲାବେଳକୁ ଟ୍ରକଟି ଜଳି ଛାରଖାର ହୋଇଯାଇଥିଲା। ତେବେ ବ୍ୟାଟେରୀରୁ ସଟସର୍କିଟ ହୋଇ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଥିବାବେଳେ ଅଧିକ ତଦନ୍ତ ଜାରି ରହିଛି।

# ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ଜଗତ୍‌ସିଂହପୁର ଅଫିସ, ୨୩।୯

୨୦୧୭ରେ ଜଗତ୍‌ସିଂହପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର କରାଯିବା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ସ୍ପେଶାଲ ଟ୍ରାକ୍ କୋର୍ଟ(ଏସ୍‌ଟିସି) ବିଚାରପତି ମାହେଶ୍ୱତା ପରିଜା ଅଭିଯୁକ୍ତ ନିରଞ୍ଜନ ଦାସ (୪୬)ଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ସୁବାସ ଭୂଷଣ ମହାପାତ୍ର ସୂଚନା ଦେଇ କହିଛନ୍ତି ଯେ, ୨୦୧୭ ମେ ୬ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟାରେ ଯୁବତୀ(୧୮)ଙ୍କ ମା’ ଆଧାର କାର୍ଡ ସଂଶୋଧନ ପାଇଁ ନିକଟସ୍ଥ ଏକ ବ୍ୟାଙ୍କକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ନିରଞ୍ଜନ ସେଠାକୁ ଯାଇ ଯୁବତୀଙ୍କ ପାଟି ବାନ୍ଧି ବଳାତ୍କାର କରିଥିଲେ। ଏଥିସହ ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ଚେତାବନୀ ଦେଇଥିଲେ। ଏହି ସମୟରେ ଯୁବତୀଙ୍କ ମା’ ଓ ସାନଭାଇ ସେଠାରେ ପହଞ୍ଚିଯାଇଥିଲେ। ନିରଞ୍ଜନ ଯୁବତୀଙ୍କ ସାନଭାଇଙ୍କୁ ମାଡ଼ ମାରି ଧାଇଁ ପଳାଇଥିଲେ। ପରେ ପୀଡିତାଙ୍କ ମା’ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ମାମଲା ନଂ.୧୧୯/୧୭ ରୁଜୁ କରି ତଦନ୍ତ କରିଥିଲା। ଦଫା ୧୬୪ରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହି ମାମଲାରେ ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7894704743
B-34/7 A Block Vijay Enclave, Burari, New Delhi

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଋଣ ଧମାକା
ଋଣ ପାଇବା ହେଲା ସହଜ
ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

BUSINESS

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ 90 ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership.fastbuild@gmail.com
Mob : 9073678360

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154




COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### କଂଗ୍ରେସ ପ୍ରାଥମିକ ସଭ୍ୟରୁ ମନୋଜଙ୍କ ଇସ୍ତଫା

ସମ୍ବଲପୁର, ୨୩।୯ (ବ୍ୟୁରୋ): ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ମନୋଜ ମହାପାତ୍ର ସୋମବାର ଦଳୀୟ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି । ଏ ନେଇ ସେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଚିଠି ମାଧମରେ ପଠାଇଛନ୍ତି । ସେହିପରି ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁଙ୍କୁ ମଧ ଇସ୍ତଫା ପତ୍ର ପଠାଇଛନ୍ତି। ସେ ଦୀର୍ଘ ୩୨ ବର୍ଷରୁ ଉର୍ଦ୍ଧ୍ୱ କଂଗ୍ରେସ ଦଳର ବିଭିନ୍ନ ପଦ ପଦବୀରେ କାର୍ଯ୍ୟ କରିଛନ୍ତି । ଗତ ସାଧାରଣ ନିର୍ବାଚନରେ ଠିକ ପ୍ରାର୍ଥୀତ୍ୱ ଚୟନ କରି ନ ଥିବାରୁ ଦଳ ପରାଜୟବରଣ କରିଥିଲା । ସଂପ୍ରତି ଦଳରେ ବିଭେଦ ଦେଖା ଦେବ ସହ ଶୃଙ୍ଖଳା ମଧ ଭଙ୍ଗ ହୋଇଛି ବୋଲି ସେ କହିଛନ୍ତି।

### ଡକାୟତି ଉଦ୍ୟମ ପଣ୍ଡ, ୩ ଗିରଫ

ସମ୍ବଲପୁର,୨୩।୯(ବ୍ୟୁରୋ): ସମ୍ବଲପୁର ଅଇଁଠପାଲି ପୋଲିସ ଡକାୟତି ଉଦ୍ୟମ ଅଭିଯୋଗରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଶିବ ଶଙ୍କର ବାଗ, ଦେବ ବାଗ, ବସୁଦେବ ତାଣ୍ଡି। ଅଭିଯୁକ୍ତମାନଙ୍କ ନିକଟରୁ ଛୁରୀ, କଟର ମେସିନ, ବାଡି ଆଦି ପୋଲିସ ଜବତ କରିଛି। ଏ ନେଇ ଥାନରେ ଏକ ମାମଲା (ନଂ.୪୦୦/୧୯)ରୁଜୁ ହୋଇଛି। ୨୨ ତାରିଖ ରାତିରେ ଅନଗୁଲିଆପଡାର ଏକ ନିଛାଟିଆ ସ୍ଥାନରେ ଏହି ଯୁବକମାନେ ଛିଡା ହୋଇଥିଲେ। ଏହି ସମୟରେ ସେହିବାଟେ ଯାଉଥିବା ପୋଲିସ ପହଞ୍ଚି ସନ୍ଦେହରେ ପଚରାଉଚୁରା କରିଥିଲା। ସନ୍ଦେହ ହେବାରୁ ସମସ୍ତଙ୍କୁ ଗିରଫ କରିଥିଲା।

### ଟ୍ରକ୍‌ରୁ ଚକା ଚୋରି କରି ୨ ଗିରଫ

ସମ୍ବଲପୁର,୨୩।୯(ବ୍ୟୁରୋ): ସମ୍ବଲପୁର ଅଇଁଠପାଲି ପୋଲିସ ଟ୍ରକ୍ ଟାୟାର ଚୋରି ଅଭିଯୋଗରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦେବଗଡ ଜିଲା ରିଆମାଳ ଥାନା ଅଞ୍ଚଳର ପପୁନ ନାଗ ଓ ସମ୍ବଲପୁର ଜିଲା କିସିଣ୍ଡା ଥାନା ଅଞ୍ଚଳର ଯଶୋବନ୍ତ ଭୋଇ। ଚୋରି ହୋଇଥିବା ୩ଟି ଟାୟାର ପୋଲିସ ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା (ନଂ. ୩୯୯/୧୯) ରୁଜୁ ହୋଇଛି। ରେମେଡରେ ଥିବା ଏକ ପାର୍କିଂର ସୁରକ୍ଷା ଅଧିକାରୀ ପରିତୋଷ ନନ୍ଦ ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଆଧାର କରି ପୋଲିସ ,ମାନଙ୍କୁ ଗିରଫ କରିବା ସହ ଚୋରି ଟ୍ରକ୍ ଚକ ଜବତ କରିଛି।

### ନୂଆଁଡିହୁରାକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବି

ସମ୍ବଲପୁର,୨୩।୯(ବ୍ୟୁରୋ): ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ନୂଆଁଡିହୁରା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବାକୁ ଦାବି ହୋଇଛି। ଏକ ପ୍ରତିନିଧି ଦଳ ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି ଯେ, ଗତ ଖରିଫ ଚାଷ ନଷ୍ଟ ହୋଇଯାଇଥିଲା । ତେଣୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯାଉ ବୋଲି ଦାବି କରିଥିଲେ। କୃଷ୍ଣଚନ୍ଦ୍ର ତ୍ରିପାଠୀ, ପ୍ରକାଶ ସାହୁ, ରୂପଧର ମାଝୀ, ଧ୍ରୁବ ପ୍ରଧାନଙ୍କ ସ୍ୱାକ୍ଷର ସମ୍ବଳିତ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି।

### ପ୍ଲାଷ୍ଟିକ୍ ବର୍ଜନ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୨୩।୯ (ବ୍ୟୁରୋ): ସୋମବାର ନେତାଜୀ ସୁବାଷଚନ୍ଦ୍ର ବୋଷ କଲେଜ ପରିସରରେ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ହରିହର ସାହୁ, ପିକେ ପଣ୍ଡା, ହରିହର ମଲ୍ଲିକ ଯୋଗଦେଇ କଲେଜ ପରିସରକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ । ଏନଏସଏସ ସଂଯୋଜକ ଡ. ବିଶ୍ୱମୋହନ ଜେନାଙ୍କ କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିଥିଲେ।

# ଉଠାଦୋକାନୀଙ୍କୁ ଥଇଥାନ କର

ସମ୍ବଲପୁର,୨୩।୯(ବ୍ୟୁରୋ)

ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ କ୍ଷୁଦ୍ର ଓ ଉଠା ଦୋକାନ ଗୁଡିକ ରହିଥିଲା । ଗରିବ ପରିବାର କିଛି ରୋଜଗାର କରି ପରିବାର ପୋଷଣ କରୁଥିଲେ । ହେଲେ ରାସ୍ତା ଗୁଡିକ ପ୍ରଶସ୍ତି କରଣ ଓ ଟ୍ରାଫିକ ସମସ୍ୟା ହେଉଥିବା ନେଇ ଦୋକାନ ଗୁଡିକ ଉଠାଇ ଦିଆଯାଇଥିଲା । ଏବେ ସେମାନେ ବେରୋଜଗାର ହୋଇ ପଡିଛନ୍ତି । ତେଣୁ ଉଚିତ ସ୍ଥାନରେ ଭେଣ୍ଡିଂଜୋନ ନିର୍ମାଣ କରି ଥଇଥାନ କରିବାକୁ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଅତରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ପଣ୍ଡା ମଧ ଏହା ଉପରେ ମହାନଗର ନିଗମ ସହିତ ଆଲୋଚନା କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉଠା ଦୋକାନୀ ସଂଘର ମୋହନ ସା, ଯୁବ କଂଗ୍ରେସ ନେତା ଆଶୁତୋଷ ସ୍ୱାଇଁ, ସୁତାପା ମିତ୍ର, ସୁରେଖା ସାହୁ, ବିଜୟଲକ୍ଷ୍ମୀ ବେହେରା, ପିଣ୍ଟୁ ପ୍ରଧାନ, ପ୍ରେମ ସାହାଣୀ, ଜୟରାମ ବଣିଆ, ମହମ୍ମଦ ମୁକ୍ତାର, ରେଣୁ କରିମ, ସରୋଜ ମିଶ୍ର, ପ୍ଲାବନ ବହିଦାର, ତ୍ରିଲୋଚନ ପୁରୋହିତ, ସୁମିତ ଷଡଙ୍ଗୀ, ହରି ମେହେର, ମୋହନ ପ୍ରଧାନ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ କଂଗ୍ରେସ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।



ସମ୍ବଲପୁରସ୍ଥିତ ବାସଭବନରେ ଶୁଭେଚ୍ଛୁ ସମର୍ଥକଙ୍କ ସହ ରୋହିତ।

## ରୋହିତଙ୍କ ବାସଭବନରେ ଶୁଭେଚ୍ଛୁ, ସମର୍ଥକଙ୍କ ଭିଡ଼

ସମ୍ବଲପୁର,୨୩।୯(ବ୍ୟୁରୋ)

ସମ୍ବଲପୁର ଜିଲା ରେଢାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ପୁଣି ଥରେ ଉପ ମୁଖ୍ୟ ସଚେତକ ଭାବେ ନିଯୁକ୍ତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଣବ ବଳବନ୍ତରାୟଙ୍କୁ ହଟାଇ ତାଙ୍କ ସ୍ଥାନରେ ରୋହିତଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି ଖବର ଜଣା ପଡିବା ପରେ ସୋମବାର ରୋହିତଙ୍କ ସମ୍ବଲପୁରସ୍ଥିତ ବାସଭବନରେ ଶୁଭେଚ୍ଛୁ ଓ ସମର୍ଥକମାନଙ୍କ ଭିଡ ଦେଖିବାକୁ ମିଳିଥିଲା । ତେବେ ରୋହିତ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ବିଶ୍ୱାସ ରଖି ପୁଣି ଥରେ ଉପ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ଦେଇଛନ୍ତି । ପୂର୍ବରୁ ଏହି ପଦରେ ସେ ରହିଥିବାରୁ ଅଭିଜ୍ଞତା ରହିଛି। ତେଣୁ କାମ କରିବାରେ ସମସ୍ୟା ହେବ ନାହିଁ ବୋଲି କହିଛନ୍ତି।

## ୨ଜଣଙ୍କୁ ହାଣିଦେଲେ

ସମ୍ବଲପୁର/ପଡ଼ିଆବାହାଲ, ୨୩।୯ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ଜୁଜୁମୁରା ଥାନା ଅଧୀନ ଭଣ୍ଡାରିମାଲ ଗାଁରେ ସୋମବାର ରାତ୍ରି ପ୍ରାୟ ୯ଟାରେ ଦୁଇଜଣ ବ୍ୟକ୍ତିଙ୍କୁ ବିଭତ୍ସ ଭାବରେ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ଏହି ଦୁଇ ମୃତକ ହେଲେ ଗାଁର ଜିତୁକୁମୁରା ଓ ଶକ୍ତିକୁମୁରା। ଅନ୍ୟପକ୍ଷେ ବିଭୂତି କୁମୁରା ଓ ନନ୍ଦଲାଲ୍ ଭୋଇ ନାମକ ୨ଜଣ ଯୁବକ ଗୁରୁତର ହୋଇଛନ୍ତି। ଏହି ଘଟଣା ଘଟାଇଥିବା ୭ରୁ ୮ଜଣ ଅଭିଯୁକ୍ତ ଗାଁରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ପୋଲିସ୍ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ସାଇଣ୍ଟିଫିକ୍ ଟିମ୍ ସହ ଦଳବଳ ଭଣ୍ଡାରିମାଲ୍ ଗାଁରେ ପହଞ୍ଚି ତଦନ୍ତ କରୁଛନ୍ତି। ଗାଁର ଜଣେ ଯୁବତୀଙ୍କୁ ଅଶାଳୀନ ବ୍ୟବହାର ନେଇ ମୀମାଂଶା ପାଇଁ ଉଦ୍ୟମ ଚାଲିଥିବାବେଳେ ଏଭଳି ଅଭାବନୀୟ ଘଟଣା ଘଟିଥିବା ଜଣାପଡିଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ସିକିଲ ସେଲ୍ ଓ ଥାଲାସେମିଆ ରୋଗୀ ପଞ୍ଜୀକରଣ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା ।
- ଏନଏସ୍ଏସ୍ ଡେ ଉପଲକ୍ଷେ ନୃତ୍ୟ ଓ ନାଟକ ପ୍ରତିଯୋଗିତା, ଏନ୍ଏସ୍ସିବି କଲେଜ ପରିସର, ପୂର୍ବାହ୍ନ ସାଢ଼େ ୧୧ଟା।

**ବରଗଡ଼**
- ତ୍ରିରଙ୍ଗା କପ୍ ଫୁଟବଲ ପ୍ରତିଯୋଗିତା, ଖୁଣ୍ଟପାଲି ପଡ଼ିଆ, ଦିନ ୨ଟା।

**ଉଲୁଣ୍ଡା**
- ଆନ୍ତଃ ମହାବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟ, ଆଞ୍ଚଳିକ ଡିଗ୍ରୀ କଲେଜ, ପୂର୍ବାହ୍ନ ୧୧ଟା।

**ବେଲପାହାଡ**
- ଗୁରୁ ନାନକଜୀଙ୍କ ୫୫୦ତମ ଜନ୍ମ ବାର୍ଷିକ ଅବସରରେ ଭାତୃଭାବ ଶୋଭାଯାତ୍ରା, ଅପରାହ୍ନ ୪ଟା।

**ଲୋଇସିଂହା**
- ତୃତୀୟ ବାର୍ଷିକୀ ଉଦ୍‌ବୋଧନୀ ଉତ୍ସବ, ସତ୍‌ସଙ୍ଗ କେନ୍ଦ୍ର ବୁର୍ଡା, ପୂର୍ବାହ୍ନ ୧୦ଟା।

**ବିଜେପୁର**
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ବିଜେପୁର କଲେଜ, ପୂର୍ବାହ୍ନ ୯ରୁ ଅପରାହ୍ନ ୨ଟା।

ସିନାପାଲି
- ମହାତ୍ମା ଗାନ୍ଧୀଙ୍କ ବ୍ଲକସ୍ତରୀୟ ୧୫୦ତମ ଜୟନ୍ତୀ ପାଳନ, ନୋଡାଲ ହାଇସ୍କୁଲ, ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**
- ଭାଜପାର ରାଷ୍ଟ୍ରୀୟ ଏକତା ଅଭିଯାନ, ଟାଉନ ହଲ, ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସୋନପୁର ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ।

**ଖପ୍ରାଖୋଲ**
- ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

ଦେବଗଡ
- ଆଇନ ସଚେତନତା ଶିବିର, କଣ୍ଡଲ କଲେଜ, ବାରକୋଟ, ପୂର୍ବାହ୍ନ ୧୨ଟା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ପିଆଜ ଦର ନିୟନ୍ତ୍ରଣ କର

ସମ୍ବଲପୁର, ୨୩।୯ (ବ୍ୟୁରୋ)

ସଂପ୍ରତି ପିଆଜ ଦର ବୃଦ୍ଧି ଆକାଶ ଛୁଆଁ ହୋଇଛି । ସହରରେ ଦରବୃଦ୍ଧିର ନିୟନ୍ତ୍ରଣ ରହୁନାହିଁ। ସାଧାରଣ ଖାଉଟିଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି । ଗତ ଅଗଷ୍ଟ ପ୍ରଥମ ସପ୍ତାହରୁ ପିଆଜ କିଲୋ ପ୍ରତି ୨୫ ଟଙ୍କା ବିକ୍ରି ହେଉଥିଲା । ସଂପ୍ରତି ଏହା ୫୦ରୁ ୫୫ ଟଙ୍କା ରହିଛି । ଏହାଦ୍ୱାରା ଗରିବ ଓ ମଧ୍ୟବିତ ଶ୍ରେଣୀଙ୍କ ପାଇଁ ବୋଝ ପାଲଟିଛି। ସୋମବାର ସମ୍ବଲପୁର ବିଚାରମଞ୍ଚ ପକ୍ଷରୁ ଦରଦାମ ନିୟନ୍ତ୍ରଣ ନେଇ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସମ୍ବଲପୁର ବିଚାରମଞ୍ଚ ଆବାହକ ବେଣୁଧର ଦାଶ, ଅମୂଲ୍ୟ ମିଶ୍ର, ବିରେନ୍ଦ୍ର ରାୟ, ଅଶୋକ କୁମାର ଅଗ୍ରୱାଲ, ସୁବାଷ ଚନ୍ଦ୍ର ମିଶ୍ର, ମହମ୍ମଦ ଜୁଲଫିକର୍ ଅଲ୍ଲିଭୁଟ୍ଟୋ, ସଞ୍ଜୟ କୁମାର ବର୍ମା, ଜନାର୍ଦ୍ଦନ ସାହୁ, ମାନସରଞ୍ଜନ ବକ୍ସି, ଅନୀଲ କୁମାର ଦାଶ, ଅନ୍ନପୂର୍ଣ୍ଣା ବାରିକ, ସୁଜାତା ଗୁରୁ, ରୁନୁ ପ୍ରଧାନ, ଶ୍ରୀକାନ୍ତ ପାଣିଗ୍ରାହୀ, ମମତା ପଣ୍ଡା ପ୍ରମୁଖ ସାମିଲ ଥିଲେ।



ପିଆଜ ଦରବୃଦ୍ଧି ନିୟନ୍ତ୍ରଣ ଦାବିରେ ସୋମବାର ସମ୍ବଲପୁର ବିଚାରମଞ୍ଚ କର୍ମକର୍ତ୍ତା ଦାବିପତ୍ର ଦେବାକୁ ଆସିଛନ୍ତି ।

# ଜିଲାପାଳଙ୍କ ଅଫିସ୍ ଆଗରେ ଗର୍ଜିଲେ ଚାଷୀ

ସମ୍ବଲପୁର,୨୩।୯(ବ୍ୟୁରୋ)

ଜିଲାପାଳ ଅଫିସ, ତହସିଲ ଅଫିସ, ପରିସଂଖ୍ୟାନ ଅଫିସ, କୃଷି ବିଭାଗ ଅଫିସ ସବୁ ଅଫିସରେ ଅଭିଯୋଗ କରି ସାରିଲା ପରେ କେବଳ ପ୍ରତିଶ୍ରୁତି ଦେଉଛନ୍ତି । ହେଲେ ସମାଧାନ କରିବା ଦିଗରେ କେହି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଏହା ଶେଷଥର ଅଭିଯୋଗର କରି ଆସିଛୁ । ସମାଧାନ କରା ନ ଗଲେ ସମ୍ବଲପୁର-ସୋନପୁର ଧମା ଛକରେ ରାସ୍ତାରୋକ କରାଯିବ । ଏଥିପାଇଁ ପ୍ରଶାସନ ଦାୟୀ ରହିବ । ଏ ନେଇ ପଞ୍ଚାୟତର ସମସ୍ତ ଚାଷୀମାନେ ବୈଠକରେ ନିଷ୍ପତ୍ତି ନେଇଛନ୍ତି ବୋଲି ସୋମବାର ଜିଲାପାଳଙ୍କ ଅଫିସକୁ ଅଭିଯୋଗ କରିବାକୁ ଆସିଥିବା ଡକରା ଗ୍ରାମର ଚାଷୀମାନେ କହିଛନ୍ତି ।

ଅଭିଯୋଗ କ୍ରମେ ୨୦୧୮ ଖରିଫ ଋତୁରେ ଉକ୍ତ ପଞ୍ଚାୟତରେ ସ୍ୱଳ୍ପ ଓ ଅନିୟମିତ ବୃଷ୍ଟିପାତ ଯୋଗୁଁ ଧାନ ଫସଲ ସଂପୂର୍ଣ୍ଣ ପ୍ରଭାବିତ ହୋଇଥିଲା । ବୀମା ନିୟମ ଅନୁଯାୟୀ ଡକରା ପଞ୍ଚାୟତର ୪ଟି ରାଜସ୍ୱ ଗ୍ରାମ ଯଥା ବଡମାଲ, ସୁବନପୁର, ଯାଦୁଲୁଇସିଂ ଓ ବୋଲବଙ୍ଗାରେ ଗ୍ରମାର କ୍ରପ କଟଂ ରିପୋର୍ଟ ନିଆଯାଇଥିଲା । କ୍ଷତିପୂରଣ ପାଇବା ଯୋଗ୍ୟ ବୋଲି ସରକାରୀ ବାବୁ କହିଥିଲେ । ମାତ୍ର ପରବର୍ତ୍ତି ସମୟରେ କିନ୍ତୁ ଜଣାଗଲା ଯେ, ଉକ୍ତ ବର୍ଷର ଫସଲବୀମା ପାଇବାରୁ ଡକରା ପଞ୍ଚାୟତ ବଞ୍ଚିତ ହୋଇଛି । ହେରଫେର ହୋଇଥିବା ସନ୍ଦେହ କରି ଆରଟିଆଇ ମାଧ୍ୟମରେ ଉକ୍ତ ତଥ୍ୟ ମାଗିବା ପରେ କୌଣସି ତଥ୍ୟ ନ ଥିବା ଉତ୍ତର ଆସିଥିଲା। ଏହାକୁ ନେଇ ଯୁଯୁମୁରା ବ୍ଲକରେ ହେଉଥିବା ଜିଲାପାଳଙ୍କ ଜନ ଶୁଣାଣିରେ ଅଗଷ୍ଟ ୨୬ ଓ ସେପ୍ଟେମ୍ବର ୧୦ ତାରିଖ ଅଭିଯୋଗ ହୋଇଥିଲା । ହେଲେ କୌଣସି ଅଧିକାରୀ ଏ ପର୍ଯ୍ୟନ୍ତ ଚାଷୀଙ୍କ ପାଖରେ ପହଞ୍ଚି ନାହାନ୍ତି ବୋଲି ଏମାନେ ଅଭିଯୋଗ କରିଛନ୍ତି। କଳ୍ପେଶ୍ୱର ବାଗ, ନବୀନ ବେହେରା, କୃପାସିନ୍ଧୁ ସାଲିମା, ସନ୍ତୋଷ ପୋଢ, କରୁଣାକର ବାଗ, ନିମାଇଁ ପୋଢ, ଛବିଲ ପାଣ୍ଡେ, ଦିନ ସେଠ, ନରାୟଣ ପାଣ୍ଡେ ପ୍ରମୁଖ ଶତାଧିକ ଚାଷୀ ଏଭଳି ଅଭିଯୋଗ କରିଛନ୍ତି।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଡକରା ପଞ୍ଚାୟତ ଚାଷୀମାନେ ।

# ରାସ୍ତା ମରାମତି କର



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଠେମରା ଗ୍ରାମବାସୀ ।

ସମ୍ବଲପୁର,୨୩।୯(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଧୀନ ୩୯ ନଂ ୱାର୍ଡ ଠେମରା ଗ୍ରାମବାସୀ ଜିଲା ପ୍ରଶାସନ ପାଖରେ ରାସ୍ତା ମରାମତି ନେଇ ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ କ୍ରମେ ପୂର୍ବରୁ ଠେମରା ପଞ୍ଚାୟତ ହୋଇ ରହିଥିଲା । ସେ ସମୟରେ ଗ୍ରାମକୁ ଜାତୀୟ ରାଜପଥ ୫୫ ସିଟି ଷ୍ଟେସନ ନିକଟରୁ ଓ ପୁରୁଣା ରାଞ୍ଚି ରୋଡ ଗ୍ରାମ ଛକରୁ ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ କରାଯାଇଥିଲା । ହେଲେ ଏବେ ସେହି ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି । ଏହି ରାସ୍ତାଦେଇ ପ୍ରତିଦିନ ସ୍କୁଲ, କଲେଜ, ରେଳ ଷ୍ଟେସନ ଓ ମେଡିକାଲକୁ ମଧ ଲୋକେ ଯିବା ଆସିବା କରୁଛନ୍ତି । ଦିର୍ଘ ବର୍ଷ ହେବ ଏହି ରାସ୍ତା ମରାମତି କରାଯାଉ ନାହିଁ । ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ରବୀନ୍ଦ୍ର ପାଣିଗ୍ରାହୀ, ରମାକାନ୍ତ ନାଥ, ସଞ୍ଜୟ କୁମାର ସାହୁ, ସୁବୋଧ କର, ପଞ୍ଚାନନ ତ୍ରୀପାଠି, ପ୍ରଶାନ୍ତ ସାହୁ, ଶାନ୍ତାନୁ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଫଟୋରେ ଖବର



ସୋମବାର ସମ୍ବଲପୁର ରେଳ ନଗରଠାରେ ଏସବିଆଇ ଏଟିଏମ୍ ଉଦ୍‌ଘାଟନ ଉତ୍ସବରେ ଅତିଥି, ଅଧିକାରୀ ଓ କର୍ମଚାରୀମାନେ ।



ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାରଠାରେ ବିଶ୍ୱ କୁଲତା ଛାତ୍ର ସମାଜ ଦ୍ୱାରା ଆୟୋଜିତ ସମ୍ମିଳନୀରେ ଅତିଥିଙ୍କ ସହ କର୍ମକର୍ତ୍ତାମାନେ ।



ବୁଢ଼ାରଜା ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଜଳବାୟୁ ପରିବର୍ତ୍ତନ ନେଇ ବରିଷ୍ଠ ଆଇଏଏସ୍ ଅରବିନ୍ଦ ପାଢ଼ୀ ଆଲୋଚନା କରୁଛନ୍ତି ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ
-ଆଇନଷ୍ଟାଇନ

## ସଂକ୍ଷେପରେ



### ପାଇକମାଳ ଏସ୍‌ଡିସିସି ବ୍ୟାଙ୍କ ମ୍ୟାନେଜରଙ୍କ ହୃଦ୍‌ଘାତରେ ମୃତ୍ୟୁ

ପାଇକମାଳ,୨୩।୯(ଡି.ଏନ.ଏ.) ପାଇକମାଳ ଏସ୍‌ଡିସିସି ବ୍ୟାଙ୍କ ମ୍ୟାନେଜର କିଶୋରଚନ୍ଦ୍ର ପତି (୫୧)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ଘଟିଛି। ସକାଳେ ସେ ବାଇକ୍‌ରେ ପଦ୍ମପୁରରୁ ପାଇକମାଳ ଆସୁଥିଲେ। ହେଲେ ମଲଦା ନିକଟରେ ଅସୁସ୍ଥତା ଅନୁଭବ କରି ପଲସଦା ସେବା ସମବାୟ ସମ୍ପାଦକ ହେମନ୍ତ ସାହୁଙ୍କୁ ଡାକିଥିଲେ। ହେମନ୍ତ ପହଞ୍ଚି ତାଙ୍କୁ ଡାକ୍ତରଖାନା ନେଇଥିଲେ। ହେଲେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପାଇକମାଳ, ଲକ୍ଷ୍ମରା, ଜାମସେଟ, ପଲସଦା ସେବା ସମବାୟର ସମ୍ପାଦକ ଓ ଅନ୍ୟମାନେ କିଶୋରଙ୍କ ଶେଷ ଦର୍ଶନ କରିଥିଲେ।

### ବ୍ୟାଙ୍କ ମ୍ୟାନେଜରଙ୍କ ମୃତ୍ୟୁରେ ଶୋକ

ପଦ୍ମପୁର, ୨୩।୯ (ଡି.ଏନ.ଏ) ପଦ୍ମପୁରଠାରେ ରହି ପାଇକମାଲ ଏସଡିସିସି ବ୍ୟାଙ୍କରେ ଶାଖା ପରିଚାଳକ ଭାବରେ କାର୍ଯ୍ୟରତ କିଶୋର କୁମାର ପତିଙ୍କ ଆକସ୍ମିତ ମୃତ୍ୟୁ ସମଗ୍ର ଅଞ୍ଚଳରେ ଶୋକରଛାୟା ଖେଳି ଯାଇଛି। ଲଖମରା ପ୍ୟାକ୍ସ ପ୍ରାଙ୍ଗଣରେ ଏକ ଶୋକ ସଭା କରାଯାଇଥିଲା । ଏଥିରେ ପ୍ୟାକ୍ସର କର୍ମଚାରୀ, ପରିଚାଳନା କମିଟି ସଦସ୍ୟା ଓ ଚାଷୀମାନେ ଯୋଗ ଦେଇ ତାଙ୍କର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ । ପରିଚାଳନା କମିଟି ସଦସ୍ୟ ସୁଶାନ୍ତ ସାହୁ, ନୃପରାଜ ପ୍ରଧାନ, ନେତ୍ରାନନ୍ଦ ବେହେରା, ମେହେତଲାଲ ନାଏକ, ଚାଷୀନେତା ଦୈତାରୀ ପ୍ରଧାନ, ଦୀନବନ୍ଧୁ ନାୟକ, ଗଗନ ବାରିକ, ପରମାନନ୍ଦ ବାରିକ, ପ୍ୟାକ୍ସ କର୍ମଚାରୀ ରବୀନ୍ଦ୍ର ହୋତା, ରୋହିତ ପ୍ରଧାନ, କୁଞ୍ଜ ପଣ୍ଡା, ବ୍ରହ୍ମା ସାହୁ, ନେତୃମଣ୍ଡଳୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରାଜବୋଡା ସମ୍ବର କୃଷକ ସଂଗଠନ ମଧ ଶୋକ ପାଳନ କରିଛି। ସଂଗଠନର ବାଞ୍ଛାନିଧି ନାୟକ, ଅଶୋକ ସାହୁ, ରୋହିତ ପ୍ରଧାନ, କୈଳାଶ ବାରିକ ଶୋକ ପ୍ରକାଶ କରିଥିଲେ।

### ବିଜେପୁର ନିର୍ବାଚନ ପାଇଁ ଉପଜିଲାପାଳଙ୍କ ଅଫିସ ଚଳଚଞ୍ଚଳ

ପଦ୍ମପୁର, ୨୩।୯ (ଡି.ଏନ.ଏ) ପଦ୍ମପୁର ଉପଖଣ୍ଡ ବିଜେପୁର ବିଧାନସଭା ଆସନ ନିର୍ବାଚନ ପାଇଁ ପ୍ରଶାସନିକ ତତ୍ପରତା ଦେଖା ଦେଇଛି । ନାମାଙ୍କନ ପତ୍ର ଦାଖଲର ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି। ଶାନ୍ତି ଶୃଙ୍ଖଳାର ସହ ନାମାଙ୍କନ ପତ୍ର ଦାଖଲ କରିବା ପାଇଁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାରିକେଟ କରାଯାଇଛି । ପ୍ରାର୍ଥୀ ଓ ସମର୍ଥକମାନେ ଯିବା ପାଇଁ ସ୍ୱତନ୍ତ୍ର ବ୍ୟାରିକେଟ ରାସ୍ତା କରାଯାଇଛି । ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଧିକାରୀ ଓ ପୋଲିସ ଅଧିକାରୀ ବେଶ୍ ସଜାଗ ରହିଛନ୍ତି।

### ସତ୍‌ସଙ୍ଗ ଭଜନ କାର୍ଯ୍ୟକ୍ରମ

ଜାମଟିକ୍ରା,୨୩।୯ (ଡି.ଏନ.ଏ.) ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ଶିବ ମନ୍ଦିର ପ୍ରାଙ୍ଗଣରେ ଅତାବିରା ବ୍ଲକ ଯାଦବ ସମାଜ ଆନୁକୂଲ୍ୟରେ ସତସଙ୍ଗ୍ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗେଶ୍ୱର ପଧାନ, ଯୁଧିଷ୍ଠିର ଭୋଇ, ରୁକ୍ମଣ ମହାପାତ୍ର ଓ ମଲିଆ ଦୀପ ଭଜନ ପରିବେଷଣ କରିଥିଲେ। ଗୋକୁଳ ଚିରଗୁଣ, ପୂର୍ଣ୍ଣଚନ୍ଦ୍ର ସାଲମା, ଦୁଃଖବନ୍ଧୁ ରାଉତ, ମହନ କଠାର ପ୍ରମୁଖ ସହଯୋଗ କରିଥିଲେ । ଗାୟକ ଯୁଧିଷ୍ଠିର ସତସଙ୍ଗ ମାଧମରେ ଶ୍ରୀକୃଷ୍ଣଙ୍କ ଜନ୍ମ କାହାଣୀ ଉପସ୍ଥିତ ବ୍ୟକ୍ତିଙ୍କୁ ଶୁଣାଇଥିଲେ।

### ଅସହାୟ ଯୁବତୀ ଉଦ୍ଧାର

ବରଗଡ଼ ଅଫିସ୍,୨୩।୯- ବରଗଡ଼-ଭଟଲି ରାସ୍ତାର ବରଡ଼ୋଲ ଛକ ନିକଟରେ ବୁଲୁଥିବା ଜଣେ ଅସହାୟ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । କେତେକ ସ୍ୱେଚ୍ଛାସେବୀ ତାଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତି(ସିଡବ୍ଲୁସି) ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ)କୁ ଆଣିଥିଲେ । ଏହାପରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରୁ ତାଙ୍କୁ ନେଇ ଏକ ଆଶ୍ରମରେ ଆଶ୍ରୟ ଦିଆଯାଇଛି । ଯୁବତୀ ଜଣକ ମାନସିକ ରୋଗଗ୍ରସ୍ତ ଥିବାବେଳେ ତାଙ୍କ ଠିକଣା ମିଳି ପାରି ନାହିଁ।

# ଆମକୁ ଦରକାର ହାଇକୋର୍ଟ ବେଞ୍ଚ




ବରଗଡ଼ ଜିଲାପାଳଙ୍କ ଅଫିସକୁ ଓକିଲ ସଂଘର କର୍ମକର୍ତ୍ତା ବିକ୍ଷୋଭ ଶୋଭାଯାତ୍ରାରେ ଯାଉଛନ୍ତି।

- କାମ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କଲେ ଓକିଲ ସଂଘ କର୍ମକର୍ତ୍ତା
- ପଶ୍ଚିମଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପିତ ହେଉ
- ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ସ୍ମାରକପତ୍ର
- ଆଜିଠୁ ୩୦ ତାରିଖ ପର୍ଯ୍ୟନ୍ତ ବରଗଡ଼ରେ ଅର୍ଥନୈତିକ ଅବରୋଧ

ବରଗଡ଼ ଅଫିସ୍,୨୩।୯

ପଶ୍ଚିମଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ଏକ ସ୍ଥାୟୀବେଞ୍ଚ ସ୍ଥାପନ ଦାବିରେ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ସୋମବାର ବରଗଡ଼ ଜିଲା ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏକ ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସକୁ ଯାଇ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଡନସନା ସ୍ମାରକପତ୍ର ଗ୍ରହଣ କରିଥିଲେ । ପଶ୍ଚିମଓଡ଼ିଶାବାସୀଙ୍କ ସ୍ୱାର୍ଥ, ଆବଶ୍ୟକତାକୁ ଆଖି ଆଗରେ ରଖି ପଶ୍ଚିମଓଡ଼ିଶାର ଯେକୌଣସି ସ୍ଥାନରେ ସ୍ଥାନରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ କରିବକୁ ସ୍ମାରକପତ୍ରରେ ଦାବି କରାଯାଇଛି। ଜିଲା ଓକିଲ ସଂଘର ସଭାପତି ସରୋଜ କୁମାର ତ୍ରିପାଠୀ ଓ ସାଧାରଣ ସମ୍ପାଦକ ହେମନ୍ତ ପୁରୋହିତଙ୍କ ନେତୃତ୍ୱରେ ସଂଘର ସମସ୍ତ କର୍ମକର୍ତ୍ତା, ସଭ୍ୟବୃନ୍ଦ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସକୁ ଯାଇଥିଲେ । ଶୋଭାଯାତ୍ରାରେ ଯିବାବେଳେ ପଶ୍ଚିମଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ନେଇ ବିଭିନ୍ନ ନାରାବାଜି ଦେଇଥିଲେ। ତେବେ ମଙ୍ଗଳବାରଠାରୁ ୩୦ତାରିଖ ପର୍ଯ୍ୟନ୍ତ ବରଗଡ଼ରେ ଅର୍ଥନୈତିକ ଅବରୋଧ କରିବାକୁ ଜିଲା ଓକିଲ ସଂଘ ନିଷ୍ପତ୍ତି ନେଇଛି।

# ପୁଅ ଜିଉଁନ୍ତିଆ ଓଷା ପାଳିତ

କୋଲାବିରା,୨୩।୯ (ଡି.ଏନ୍.ଏ.)



ପୁଅ ଜିଉଁନ୍ତିଆ ଅବସରରେ ଜଣେ ମା' ସନ୍ତାନମାନଙ୍କୁ ବନ୍ଦାଣ କରୁଛନ୍ତି।

ରବିବାର ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ପୁଅ ଜିଉଁନ୍ତିଆ ବା ଦୁତି ବାହନ ଓଷା ପାଳିତ ହୋଇଯାଇଛି। ସନ୍ତାନମାନଙ୍କ ଦୀର୍ଘ ନିରାମୟ ଜୀବନ ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ମା'ମାନେ ଏହି ବ୍ରତ ପାଳନ କରିଥାନ୍ତି। ଏହି ଉପଲକ୍ଷେ ସନ୍ଧ୍ୟାରେ ମା'ମାନେ ମନ୍ଦିର ପ୍ରାଙ୍ଗଣ, ପଡ଼ା, ସାହି, କଲୋନୀରେ ଏକତ୍ରିତ ହୋଇ ବିବିଧ ଫୁଲ ପତ୍ର ଏବଂ ଫଳରେ ସଜ୍ଜିତ ବେଦିରେ ପୂଜା କରିଥିଲେ। ସେହିପରି ସୋମବାର ନବମୀ ତିଥିରେ ମା'ମାନେ ନଈ, ପୋଖରୀ ଆଦି ଜଳାଶୟକୁ ଯାଇ ବାଲି ବେଦିରେ ପୂଜା କରିଥିଲେ। ପରେ ଘରେ ସନ୍ତାନମାନଙ୍କୁ ପୂର୍ବଦିନ ପୂଜା ପରେ ରଖାଯାଇଥିବା ନୈବେଦ୍ୟକୁ ବନ୍ଦାଣ କରି ମା'ମାନେ ନିଜର ଉପବାସ ଭଙ୍ଗ କରିଥିଲେ।

## ଓକିଲ ସଂଘ ପକ୍ଷରୁ ଆଇନ ମନ୍ତ୍ରୀଙ୍କୁ ସ୍ମାରକପତ୍ର
# ରାଜସ୍ୱ ଜିଲା ଘୋଷଣା ଦାବି ଉଠିଲା



ଓକିଲ ସଂଘ ପକ୍ଷରୁ ଆଇନ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ରାଉରକେଲା ଅଫିସ,୨୩। ୯
ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସୁନ୍ଦରଗଡ ଗସ୍ତ ଅବସରରେ ରାଉରକେଲା ଓକିଲ ସଂଘ ପକ୍ଷରୁ ତାଙ୍କୁ ବିଭିନ୍ନ ଦାବି ନେଇ ସୋମବାର ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସଂଘ ବିଭିନ୍ନ ସମୟରେ ଜନ ସ୍ୱାର୍ଥ ସମ୍ବଳିତ ଦାବି ଆଧାରରେ ନିଜ ମତ ଉପସ୍ଥାପନ କରି ଆସିଛି। ମୁଖ୍ୟତଃ ରାଉରକେଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ସମେତ ଏହାକୁ ରାଜସ୍ୱ ଜିଲା ଘୋଷଣା ଦାବି ଓ ଭିଜିଲାନ୍ସ କୋର୍ଟ ପ୍ରତିଷ୍ଠା ପାଇଁ ସଂଘ ଆନ୍ଦୋଳନ ଜାରି ରଖିଛି । ରାଉରକେଲା ଭଳି ଆଦିବାସୀ ବହୁଳ ସହରରେ ଅନେକ ସମସ୍ୟା ରହିଛି। ଝାଡ଼ଖଣ୍ଡ ଓ ଛତିଶଗଡସୀମାକୁ ଲାଗି ରହିଥିବା ଏହି ସହରବାସୀ କେତେକ ଗୁରୁତ୍ୱପୂର୍ଣ୍ଣ କାମରେ ସର୍ବଦା ସୁନ୍ଦରଗଡ ସଦର ମହକୁମା ଉପରେ ନିର୍ଭର କରୁଛନ୍ତି। ଗ୍ରାମାଞ୍ଚଳ ଲୋକେ ଶହେ କିମି ଅତିକ୍ରମ କରି ସୁନ୍ଦରଗଡ଼ ଯିବା ଓ ସେଠାରେ ନିଜ କାମ କରିବା ସମ୍ଭବ ନୁହେଁ। ଏଭଳି ଅବସ୍ଥାରେ ଜଣେ ସାଧାରଣ ଲୋକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇ ଆସୁଛି। ସେଥିପାଇଁ ରାଉରକେଲାକୁ ସ୍ୱତନ୍ତ୍ର ଭାବେ ଏକ ରାଜସ୍ୱ ଜିଲା ଘୋଷଣା କରିବାକୁ ସଂଘ ଦାବି କରିଛି । ଇସ୍ପାତ୍ ସହରରେ ରାଜ୍ୟ ଓ ଭାରତ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି। ହେଲେ ଅଧିକାଂଶ ସମୟରେ ଅର୍ଥନୈତିକ ମାମଲା ରାଉରକେଲାରେ ସମାଧାନ ହୋଇ ପାରୁନି। ଏ ଦିଗରେ ସରକାର ଟାଳଟୁଳ ନୀତି ଅବଲମ୍ବନ ନ କରି ତ୍ୱରିତ ପଦକ୍ଷେପ ନେବାକୁ ମନ୍ତ୍ରୀଙ୍କ ନିକଟରେ ସଂଘ କରିଛି। ସଂଘ ସଭାପତି ରମେଶ ବଳ, ସମ୍ପାଦକ ଅକ୍ଷୟ ସାହୁ, କୋଷାଧକ୍ଷ ଶ୍ରୀନିବାସ ପଣ୍ଡା, ଆଇନଜୀବୀ ବିଜୟ ଦାସ ଓ କୈଳାସ ପ୍ରଧାନ ପ୍ରମୁଖ ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

# କାଟିଦେଲେ କୃଷିରଣ, ମିଳିଲାନି ବୀମା ସହାୟତା

ବରଗଡ଼ ଅଫିସ୍,୨୩।୯



ଜିଲା ପ୍ରଶାସନରେ ଫେରାଦ ହୋଇଥିବା ଚାଷୀମାନେ ।

ଝାରବନ୍ଧ ବ୍ଲକ ଅନ୍ତର୍ଗତ କେତେକ ଚାଷୀଙ୍କ ବୀମା ସହାୟତା ଏବଂ ପାୱାରଟ୍ରିଲର କିଣାବିକା ରିହାତି ଟଙ୍କାରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି । କୃଷିରଣରୁ ବୀମା ସହାୟତା ରାଶିକୁ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି । ସବ୍‌ସିଡି ତଥା ରିହାତି ମୂଲ୍ୟ ମଧ୍ୟ ଚାଷୀଙ୍କୁ ମିଳି ନଥିବା ସୋମବାର ବରଗଡ଼ ଜିଲାପାଳ ଅଫିସ ଡାକ ସେକ୍ସନରେ ସେମାନେ ଅଭିଯୋଗପତ୍ର କରିଛନ୍ତି। ସରକାରଙ୍କ ସବ୍‌ସିଡ଼ି(ରିହାତି)ରେ କୃଷିକାର୍ଯ୍ୟ ପାଇଁ ପାୱାରଟ୍ରିଲର ଆଣିଥିଲେ । ତେବେ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ସେହି ସବସିଡ଼ି ଟଙ୍କା ମିଳିନାହିଁ । ଅନ୍ୟପଟେ ଫସଲକ୍ଷତି ଜନିତ ବୀମା ସହାୟତାକୁ ପାୱାରଟ୍ରିଲର କୃଷିରଣ ଟଙ୍କାରୁ କାଟ୍‌ଛାଟ୍ ହୋଇଥିବା ବିଭାଗୀୟ କର୍ତ୍ତୃପକ୍ଷ କହୁଛନ୍ତି ବୋଲି ଚଷୀମାନେ କହିଛନ୍ତି । ଏଥିରେ ବିଭାଗୀୟ କର୍ତ୍ତୃପକ୍ଷ ଚଞ୍ଚକତା କରିଥିବା ସେମାନେ ଅଭିଯୋଗ କରିଛନ୍ତି । ଫଳରେ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଗଜେନ୍ଦ୍ର ପାତ୍ର, ହୃଷିକେଶ ସାହୁ ପ୍ରମୁଖ ଏ ନେଇ ଜିଲାପାଳ ଅଫିସକୁ ଆସି ଅଭିଯୋଗପତ୍ର ପ୍ରଦାନ କରିଥିଲେ।

# ଶିକ୍ଷାଜିଲାସ୍ତରୀୟ ପ୍ରତିଯୋଗିତା

ବରଗଡ଼ ଅଫିସ୍,୨୩।୯

ସ୍ଥାନୀୟ ରାଣାପ୍ରତାପ ସ୍କୁଲରେ ବରଗଡ଼ ଶିକ୍ଷାଜିଲାସ୍ତରୀୟ ବ୍ୟାଡ଼ମିଣ୍ଟନ ଓ ଅନ୍ୟାନ୍ୟ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ଉଦ୍‌ଘାଟନ କରିଥିଲେ। ପ୍ରଶାନ୍ତ କୁମାର ଭୋଇ, ଡାକ୍ତର ଭୋଇ, ଆଦିକନ୍ଦ ସ୍ୱାଇଁ, ମନସୀ ପାତ୍ର ପ୍ରମୁଖ କ୍ରୀଡ଼ା ଶିକ୍ଷକ ପ୍ରତିଯୋଗିତା ପରିଚାଳନା କରିଥିଲେ ।

# ବିଧାୟକଙ୍କ ଲୋଇସିଂ ପଞ୍ଚାୟତ ଗସ୍ତ



ବିଧାୟକ ଲୋଇସିଂ ସ୍କୁଲରେ ମଧ୍ୟାହ୍ନ ଭୋଜନର ମାନ ପରଖୁଛନ୍ତି।

ବ୍ରଜରାଜନଗର, ୨୩।୯ (ଡି.ଏନ.ଏ)

ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ସୋମବାର ସ୍ଥାନୀୟ ଲୋଇସିଂ ପଞ୍ଚାୟତ ଗସ୍ତ କରିଥିଲେ। ଏହି ଅବସରରେ ସେ ପଞ୍ଚାୟତର ବିଭିନ୍ନ ୱାର୍ଡ ବୁଲିବା ସହ ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସେହିପରି ଲୋଇସିଂ ପ୍ରାଇମେରୀ ସ୍କୁଲରେ ମଧ୍ୟାହ୍ନ ଭୋଜନର ମାନ ପରୀକ୍ଷା କରିବା ସହ ନିଜେ ଖାଦ୍ୟ ଖାଇଥିଲେ। ପଞ୍ଚାୟତର ଉନ୍ନତି କଳ୍ପେ ଯାହା ସବୁ ଆବଶ୍ୟକତା ରହିଛି ତାକୁ ପର୍ଯ୍ୟାୟକ୍ରମେ ପୂରଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ରାଜପୁର ସମିତି ସଭ୍ୟ ଗଣେଶ ରାମ ବାଗ, ସରପଞ୍ଚ ମଞ୍ଜୁଲତା ବାଗ, ବିଜେଡି ସାଧାରଣ ସମ୍ପାଦକ ତ୍ରିନାଥ ଗୁଆଲ ପ୍ରମୁଖ ଉପସ୍ଥିତ ଥିଲେ।

# ହତ୍ୟା ଧମକ ଦେଇ ଯୁବକ ଗିରଫ, ପିସ୍ତଲ ଜବତ

ସୋହେଲା,୨୩।୯(ଡି.ଏନ.ଏ.)

ବରଗଡ ଜିଲା ସୋହେଲା ଥାନା ଅର୍ଜୁଣ୍ଡା ଗ୍ରାମରେ ଗାଁର ସନ୍ଥଲାଲ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ପିସ୍ତଲ ଦେଖାଇ ହତ୍ୟା ଧମକ ଦିଆଯାଇଥିବା ପୋଲିସ ଅଭିଯୋଗ ପାଇଛି। ଏହି ଘଟଣାରେ ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଦୁଷ୍ମନ୍ତ ଲୁହାର। ତାଙ୍କଠାରୁ ଏକ ଦେଶୀ ପିସ୍ତଲ ପୋଲିସ ଜବତ କରିଛି। ସନ୍ଥଲାଲଙ୍କ ଅଭିଯୋଗ ଆଧାରରେ ସୋହେଲା ଥାନା ପୋଲିସ ଏକ ମାମଲା ରୁଜୁ କରିଛି।

# ୬ ଦଫା ଦାବିରେ ଠିକା ସିକ୍ୟୁରିଟି ଗାର୍ଡଙ୍କ ଧାରଣା



ଠିକା ସିକ୍ୟୁରିଟି ଗାର୍ଡମାନେ ଧାରଣାରେ ବସିଛନ୍ତି।

ବ୍ରଜରାଜନଗର, ୨୩।୯ (ଡି.ଏନ୍.ଏ.)

ଇବ୍ କ୍ଷେତ୍ର ଅଧୀନରେ କାର୍ଯ୍ୟ କରୁଥିବା ଠିକା ସିକ୍ୟୁରିଟି ଗାର୍ଡମାନେ ସୋମବାର ୬ ଦଫା ଦାବି ନେଇ ଇବ୍ କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କର ଦାବି ଅନୁଯାୟୀ ସମସ୍ତ ସିକ୍ୟୁରିଟି ଗାର୍ଡ ୨୬ ଦିନ ଡ୍ୟୁଟି ପାଇବେ, ନୂତନ ନିଯୁକ୍ତିକୁ ବିରୋଧ, ପ୍ରତ୍ୟେକ ମାସରେ ଦରମା ପାଇବା ଆଦି ଦାବି ନେଇ ଧାରଣାରେ ବସିଥିଲେ। ଏହି ଧାରଣା ୩ ଦିନ ଧରି ଚାଲିବ। ଧାରଣା ସମ୍ପର୍କରେ ସଂଘ ପୂର୍ବରୁ ଝାରସୁଗୁଡ଼ା ଜିଲାପାଳ, ଏସପି, ଲେବର ଅଫିସର, ଇବ୍ କ୍ଷେତ୍ର ମହାପ୍ରବନ୍ଧକ ଓ ସ୍ଥାନୀୟ ପୋଲିସ ପ୍ରଶାସନକୁ ଲିଖିତ ଭାବେ ଜଣାଇଛି।

# ଗାଁ କଲ୍ୟାଣ କମିଟି ଗଠିତ

କିର୍ମିରା, ୨୩।୯ (ଡି.ଏନ୍.ଏ.) ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଟାଙ୍ଗରଗଡ଼ ଗ୍ରାମରେ ସମ୍ବଲପୁରର ଏକ ସାମାଜିକ ସଂସ୍ଥାର ଆବାହକତ୍ୱରେ ଗାଁ କଲ୍ୟାଣ କମିଟି ଗଠିତ ହୋଇଯାଇଛି। ସଂସ୍ଥାର ଆବାହିକା ସନ୍ଧ୍ୟା ବିଲବାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭ୍ୟା କଲ୍ୟାଣୀ ପଟ୍ଟନାୟକ, ମୁକ୍ତିଲତା ଗୁଡ଼ିଆ ଯୋଗଦେଇ ଗାଁ କଲ୍ୟାଣ କମିଟି ଗଠନର ଉଦ୍ଦେଶ୍ୟ ଓ ଉପକାରିତା ବିଷୟରେ ବୁଝାଇଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ଝାରମୁଣ୍ଡାର ପୂର୍ବତନ ସରପଞ୍ଚ ସଂଗୀତା ଖାଲକୋ ସଭାପତି, ବାବୁଲାଲ କିଷାନ ସମ୍ପାଦକ, ସବିତା ବାଗଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯିବା ସହ ଏକ ୧୫ ଜଣିଆ କମିଟିର ସଦସ୍ୟଙ୍କୁ ନିର୍ବାଚିତ କରାଯାଇଥିଲା ।



ଟାଙ୍ଗରଗଡ଼ ଗାଁରେ ନବଗଠିତ ଗାଁ କଲ୍ୟାଣ କମିଟିର ସଦସ୍ୟା ସଦସ୍ୟମାନେ।

# ଗୁରୁନାନକଙ୍କ ରଥକୁ ଭବ୍ୟ ସ୍ୱାଗତ

ବ୍ରଜରାଜନଗର, ୨୩।୯ (ଡି.ଏନ.ଏ)



ବ୍ରଜରାଜନଗର ଶିଖ୍ ସମାଜ ତରଫରୁ ଗୁରୁନାନକଙ୍କ ରଥକୁ ସ୍ୱାଗତ କରାଯାଉଛି।

ଶିଖ୍ ଧର୍ମଗୁରୁ ନାନକଙ୍କ ୫୫୦ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ସମ୍ବଲପୁରରୁ ବାହାରି ଥିବା ଏକ ଶୋଭାଯାତ୍ରା ସୋମବାର ସନ୍ଧ୍ୟା ୬ଟାରେ ବ୍ରଜରାଜନଗରରେ ପହଞ୍ଚିଥିଲା। ବ୍ରଜରାଜନଗର ଶିଖ୍ ସମ୍ପ୍ରଦାୟ ତରଫରୁ ସ୍ଥାନୀୟ ଗାନ୍ଧୀ ଛକଠାରୁ ଶୋଭାଯାତ୍ରାକୁ ଏକ ମୋଟରସାଇକେଲ ରାଲିରେ ଗୋପବନ୍ଧୁ ଛକ ଦେଇ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା। ସେଠାରେ ବ୍ରଜରାଜନଗରର ସବୁ ଧର୍ମର ବ୍ୟକ୍ତିବିଶେଷ, ବିଭିନ୍ନ ରାଜନୈତିକ ଦଳର ନେତାମାନେ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଗୁରୁଦ୍ୱାରା ରାଜ୍ୟ ଉପସଭାପତି ନିର୍ମଳ ସିଂ ଚାୱାଲାଙ୍କ ସହିତ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ କିଶୋର ମହାନ୍ତି, ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ, ବିଜେଡି ଉପସଭାପତି ବିଶ୍ୱନାଥ ନାଏକଙ୍କ ସହିତ ବୁଦ୍ଧିଜୀବୀ, ସମାଜସେବୀ, ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଗୁରୁ ନାନକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱାଗତ କରିଥିଲେ। ଗୁରୁନାନକ ତାଙ୍କ ଜୀବନ କାଳ ମଧ୍ୟରେ ଯେଉଁ ସବୁ ଧର୍ମ ପୀଠକୁ ଯାଇଥିଲେ, ସେ ସବୁ ସ୍ଥାନର ଦୃଶ୍ୟାବଳୀକୁ ଚିତ୍ରକଳା ମାଧ୍ୟମରେ ୧୦ ଗୋଟି ଗାଡ଼ିରେ ସୁସଜ୍ଜିତ କରି ଶୋଭାଯାତ୍ରାରେ ସାମିଲ କରାଯାଇଥିଲା। ସେ ମଧ୍ୟରୁ ଗୁରୁନାନକ ପୁରୀ ଜଗନ୍ନାଥ ଧାମ ଆସି ସେଠାରେ ମଧ ଧର୍ମ ପ୍ରଚାର କରିଥିଲେ, ଯାହାର ଚିତ୍ରକଳା ଶୋଭାଯାତ୍ରାରେ ସ୍ଥାନ ପାଇଥିଲା। କଲ୍ୟାଣ ମଣ୍ଡପଠାରେ ରଥକୁ ସ୍ୱାଗତ କରାଯିବା ପରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ମୁଖ୍ୟ ସହର ପରିକ୍ରମା କରି ଗୁରୁଦ୍ୱାରାଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ବ୍ରଜରାଜନଗର ଶିଖ୍ ସମ୍ପ୍ରଦାୟର ଶତାଧିକ ମହିଳା ଓ ପୁରୁଷ ସାମିଲ ଥିଲେ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ

## ସଂକ୍ଷେପରେ



### ଦିବ୍ୟାଙ୍ଗଙ୍କୁ ସରକାରୀ ଯୋଜନା ଅପହଞ୍ଚ

ବରଗଡ଼ ଅଫିସ୍, ୨୩।୯- ଦିବ୍ୟାଙ୍ଗଙ୍କ ବିଭିନ୍ନ ସମସ୍ୟା ନେଇ ସୋମବାର ସ୍ଥାନୀୟ ପ୍ୟାରେଣ୍ଟସ୍ ଆସୋସିଏଶନ ପକ୍ଷରୁ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପ୍ରତିନିଧିମାନେ ଜିଲାପାଳ ଅଫିସ ଡାକ ସେକ୍ସନରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ଦିବ୍ୟାଙ୍ଗଙ୍କ ପାଇଁ ସରକାର ବହୁବିଧ ଯୋଜନା ହାତକୁ ନେଇଛନ୍ତି । ସରକାରଙ୍କ ସେହି ଯୋଜନା ମଧ୍ୟରୁ କୌଣସି ଯୋଜନା ଜିଲାରେ ଠିକ୍‌ଭାବେ ଚାଲୁ ନାହିଁ ଏବଂ ଦିବ୍ୟାଙ୍ଗମାନେ ସୁଫଳ ପାଇ ପାରୁ ନାହାନ୍ତି ବୋଲି ପ୍ୟାରେଣ୍ଟସ୍ ଆସୋସିଏଶନ ଅଭିଯୋଗ କରିଛି । ଫଳରେ ସରକାରୀ ଯୋଜନା ତଥା ଆଇନ ଅନୁଯାୟୀ, ଦିବ୍ୟାଙ୍ଗମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସ୍ମାରକପତ୍ରରେ ଜିଲାପାଳଙ୍କୁ ନିବେଦନ କରାଯାଇଛି । ପ୍ୟାରେଣ୍ଟସ୍ ଆସୋସିଏଶନର ସାଧାରଣ ସମ୍ପାଦକ ସାନନ୍ଦ ନାଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସକୁ ଆସିଥିଲେ ।

# ସ୍କୁଲ ସମସ୍ୟା ନେଇ ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍, ୨୩।୯**



ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀବୃନ୍ଦ ।

ବରଗଡ଼ ଜିଲା ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ରାଇସଲପଦର ଉନ୍ନୀତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ସୋମବାର ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତା ଏବଂ ଗ୍ରାମବାସୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ସେମାନେ ଏ ନେଇ ଏକ ସ୍ମାରକପତ୍ର ଜିଲାପାଳ ଅଫିସ ଡାକ ସେକ୍ସନରେ ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖିତ ରହିଛି, ଉକ୍ତ ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ମାତ୍ର ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିପରି ପିସିଏମ, ସିବିଜେଡ୍ ବିଷୟ ପାଇଁ ୨ଜଣ ବିଜ୍ଞାନ ଶିକ୍ଷକ ରହିବା ସ୍ଥଳେ ଜଣେ ମାତ୍ର ବିଜ୍ଞାନ ଶିକ୍ଷକ ଅଛନ୍ତି । ଚତୁର୍ଥ ଶ୍ରେଣୀ କର୍ମଚାରୀ ପିଅନ, ରାତ୍ରି ଜଗୁଆଳି ମଧ୍ୟ ନ ଥିବାବେଳେ ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ କୋଠରୀ ନାହିଁ । ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେବା ସହିତ ସ୍କୁଲ ଅସୁରକ୍ଷିତ ହୋଇ ପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲାପାଳଙ୍କୁ ଫେରାଦ ହୋଇ ଉପରୋକ୍ତ ସମସ୍ୟା ଉପରେ ବାରମ୍ବାର ଲେଖି ଜଣାଇଛନ୍ତି । ଏହା ସହିତ ଅନଶନକୁ ଓହ୍ଲାଇ ଦାବି ଉପସ୍ଥାପନ କରି ସାରିଛନ୍ତି । ମାତ୍ର ଏପର୍ଯ୍ୟନ୍ତ କିଛି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ଏ ଦିଗରେ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତା, ସଭ୍ୟବୃନ୍ଦ ଦାବି କରିଛନ୍ତି । ସ୍କୁଲ ପରିଚାଳନା କମିଟିର ସଭାପତି ଜେ.ସି ସାହୁ, କରନ ସିଂ ସାହୁଙ୍କ ସମେତ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସ ଆସିଥିଲେ ।



ପାଇକମାଳ ନୃସିଂହନାଥ ଧର୍ମଶାଳାରେ ଭାଜପା ପକ୍ଷରୁ ନୂଆଖାଇ ଭେଟଘାଟରେ ଅତିଥିମାନେ ।

# ନୃସିଂହନାଥ ଧର୍ମଶାଳାରେ ନୂଆଁଖାଇ ଭେଟଘାଟ୍

**ପାଇକମାଲ, ୨୩।୯ (ଡି.ଏନ.ଏ.)**

ପାଇକମାଲସ୍ଥିତ ନୃସିଂହନାଥ ଧର୍ମଶାଳାରେ ଭାଜପା ପକ୍ଷରୁ ନୂଆଖାଇ ଭେଟଘାଟ ସୋମବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ବରଗଡ ଏମ୍‌ପି ସୁରେଶ ପୂଝାରୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡଙ୍ଗୀ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଉମାମଣୀ ନାୟକ, ଗୋବର୍ଦ୍ଧନ ଅଗ୍ରଓ଼ାଲ, ରବି ନାରାୟଣ ଦାସ, ସୁକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ମାଣ୍ଡୋସିଲି ଉପାୟ ସାଂସ୍କୃତିକ ଅନୁଷ୍ଠାନର କୁନି କଳାକାରମାନେ ସମ୍ବଲପୁରୀ ନାଚ ପରିବେଷଣ କରିଥିଲେ। ସରୋଜ ସାମଲ ସଭ ପରିଚାଳନା କରିଥିବା ବେଳେ ମୁକ୍ତା ସାହୁ ଧନ୍ୟବାଦ ଦେଇଥିଲେ।



ସୋମବାର ବରଗଡ଼ ପଞ୍ଚାୟତ କଲେଜର ନୂଆ ଛାତ୍ରୀନିବାସର ଗୃହପ୍ରବେଶ ଅବସରରେ ଅଧ୍ୟକ୍ଷ, ଅଧ୍ୟାପକଙ୍କ ସହ ଛାତ୍ରୀମାନେ ।

# ବିଜେପୁର କଲେଜରେ ପୋଷଣ ଅଭିଯାନ



ମୁଖ୍ୟଅତିଥିଙ୍କଠାରୁ ଛାତ୍ରୀ ପୁରସ୍କୃତ ହେଉଛନ୍ତି।

**ବିଜେପୁର, ୨୩।୯ (ଡି.ଏନ.ଏ.)**

ବିଜେପୁର ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପକ୍ଷରୁ ଜାତୀୟ ପୋଷଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଡିଲେଶ୍ୱର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜର୍ମାନରେ କାର୍ଯ୍ୟରତ ଯୁବ ବୈଜ୍ଞାନିକ ଶେଷ କିଶାନ ମୁଖ୍ୟଅତିଥି, ଲିପସାରାଣୀ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି କିଶାନ ପୋଷଣ ଖାଦ୍ୟର ମହତ୍ତ୍ୱ ଏବଂ ମୁଖ୍ୟବକ୍ତା ମହାପାତ୍ର ପୋଷଣ ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏହି କ୍ରମରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର ୧ମ, ୨ୟ, ୩ୟ ହୋଇଥିବା ଜ୍ୟୋତି ପଧାନ, ଡିଲେଶ୍ୱରୀ ମେହେର, ଅପର୍ଣ୍ଣା ତ୍ରିପାଠୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ଏନ୍‌ଏସ୍‌ଏସ୍ ପ୍ରେଗ୍ରାମ ଅଫିସର ଡ. ସୁବ୍ରତାରାଣୀ ରାଉତ ଉଦ୍ଦେଶ୍ୟଜ୍ଞାପନ କରିଥିଲେ । ଯୁକ୍ତ ୩ କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

■ ତ୍ରିରଙ୍ଗା କପ୍ ନକ୍ ଆଉଟ୍ ଫୁଟବଲ୍

# ଧାଙ୍ଗେର, ସାହାଜବାହାଲ ବିଜୟୀ

**ବରଗଡ଼ ଅଫିସ୍, ୨୩।୯**



ଅତିଥି, ଆୟୋଜକଙ୍କ ଗହଣରେ ଖେଳାଳିମାନେ ।

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲିରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଚାଲିଥିବା ତ୍ରିରଙ୍ଗା କପ୍ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ସୋମବାର ମ୍ୟାଚରେ ଧାଙ୍ଗେର ଓ ସାହାଜବାହାଲ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଧାଙ୍ଗେର ଓ ଏସ.ତୁରୁଙ୍ଗା ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା । ଏଥିରେ ଧାଙ୍ଗେର ୨-୦ ଗୋଲରେ ବିଜୟୀ ହୋଇଥିଲା । ସେହିପରି ସାହାଜବାହାଲ ଓ ପିପିଲିପାଲି ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ ଶେଷ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ସାହାଜବାହାଲ ବିଜୟୀ ହୋଇଥିଲା । ପୁରନ୍ଦର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶିବାନନ୍ଦ ଦାଶ, ଶ୍ୟାମପ୍ରସାଦ ବିଶି, ଅରକ୍ଷିତ ପ୍ରଧାନ, ରିକୁନ୍ ଭୋଇ ମ୍ୟାଚ ପରିଚାଳନା କରିଥିଲେ ।

# ଆସ୍ତେଡୁ ଆଖଡ଼ା ପ୍ରତିଯୋଗିତାରେ କୃତିତ୍ୱ

**ବରଗଡ଼ ଅଫିସ୍, ୨୩।୯**



ବିଦ୍ୟାସାଗର ଏକାଡ଼େମୀ କର୍ତ୍ତୃପକ୍ଷଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ବାଳିକା, ବାଳକ ବର୍ଗର ଆସ୍ତେଡୁ ଆଖଡ଼ା ପ୍ରତିଯୋଗିତାରେ ବରଗଡ଼ ବିଦ୍ୟାସାଗର ଏକାଡ଼େମୀର ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି । ଉକ୍ତ ଶିକ୍ଷାନୁଷ୍ଠାନର ରାହୁଲ ପଟେଲ, ସୌରଭ ଭୋଇ, ତୁଷାର ରଞ୍ଜନ ସାହୁ ସ୍ୱର୍ଣ୍ଣପଦକ ପାଇଥିବାବେଳେ ସାହିଲ ପ୍ରଧାନଙ୍କୁ ରୌପ୍ୟ ପଦକ ମିଳିଛି । ସେହିପରି ଟୋନା ଶଙ୍କର ପଧାନ, ଚକୋରି ହରିକ୍ରିଷ୍ଣାଙ୍କୁ କାଂସ୍ୟପଦକ ମିଳିଥିବା ବିଦ୍ୟାସାଗର ଏକାଡ଼େମୀ ପକ୍ଷରୁ ସୂଚନା ଦିଆଯାଇଛି । ଉକ୍ତ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ବଳରାମ ବିଶି କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଛାତ୍ରୀଛାତ୍ର କୋଚ୍ ଚନ୍ଦ୍ରଶେଖର ବାହୁକ ତଥା ଜିଲା ଆସ୍ତେଡୁ ଆଖଡ଼ାର ଚେୟାରମ୍ୟାନ ଜ୍ଞାନରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିଲେ। ୨୧ ଓ ୨୨ ତାରିଖ ପୁରୀରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରଗଡ଼ ଜିଲାର ୨୫ଜଣ ଛାତ୍ରୀଛାତ୍ର ସେଥିରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୫ଜଣ ପଦକ ହାସଲ କରିଛନ୍ତି ।

## ସାଇକେଲ ଚୋର ଗିରଫ

**ପଲମ, ୨୩।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଫାଣ୍ଡି ପୋଲିସ ରବିବାର ପଲମ ସାପ୍ତାହିକ ବଜାରରୁ ଜଣେ ସାଇକେଲ ଚୋରଙ୍କୁ ଗିରଫ କରିଛି। ସେ ହେଲେ କର୍ଲାମୁଣ୍ଡା ବ୍ଲକ ଓଡିଆମୁଣ୍ଡା ଗ୍ରାମର ଜଗତ ଭୋଇ (୨୫) । ତାଙ୍କଠାରୁ ୫ଟି ଚୋରି ସାଇକେଲ ଜବତ କରାଯାଇଛି। ପୋଲିସ୍ ସୂଚନା ଅନୁସାରେ ଗତ ୫ ମାସ ହେଲା ଜଗତ ନିୟମିତ ଭାବେ ପଲମ ସାପ୍ତାହିକ ବଜାରକୁ ଆସି ଏହି ସାଇକେଲ ଚୋରି କରି ନେଇଯାଇଥିଲେ। ଏ ନେଇ ସାଇକେଲ ଚୋରି ହୋଇଥିବା ବ୍ୟକ୍ତିମାନେ ପଲମ ଫାଣ୍ଡିରେ ଅଭିଯୋଗ କରିଥିଲେ। ପଲମ ଫାଣ୍ଡି ଏଏସଆଇ ଅସିତ କୁମାର ପଣ୍ଡା ପ୍ରତ୍ୟେକ ବଜାର ଦିନ ଗ୍ରାମର କେତେ ଜଣ ବ୍ୟକ୍ତିଙ୍କୁ ଚୋରକୁ ନଜର ରଖିବା ପାଇଁ କହିଥିଲେ।

# ବୀମା ପାଇଁ ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍, ୨୩।୯**



ବୀମା ସହାୟତା ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ ।

ବରଗଡ଼ ଜିଲା ଭୁବନେଶ୍ୱରପୁର ପଞ୍ଚାୟତର ଚାଷୀମାନେ ଫସଲବୀମା ସହାୟତା ଦାବି ନେଇ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ସେମାନେ ଜିଲାପାଳ ଅଫିସ ଡାକ ସେକ୍ସନରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ସେମାନେ ଉଲ୍ଲେଖ ଅଛି ଯେ, ଗତ ୨୦୧୮ ଫସଲକ୍ଷତିରେ ଭୁବନେଶ୍ୱରପୁର ଗ୍ରାମରେ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ବିଭାଗୀୟ ଅଧିକାରୀମାନେ ସେତେବେଳେ କ୍ଷେତ୍ର ପରିଦର୍ଶନ ସହିତ କ୍ଷୟକ୍ଷତି ଆକଳନ ରିପୋର୍ଟ ମଧ୍ୟ ପ୍ରସ୍ତୁତ କରିଥିଲେ । ମାତ୍ର ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ରାଶି ମିଳି ନ ଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଯୁଗେନ୍ଦ୍ରନାଥପୁର, କପିଳାସପୁର ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନେ ଏଭଳି ଅଭିଯୋଗ କରି ବୀମା ସହାୟତା ଦାବି କରିଛନ୍ତି । ବେଦବ୍ୟାସ ସାହୁ, ଅମୂଲ୍ୟ ଦାଶ, ଗଣ୍ଡାରଣା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସକୁ ଆସିଥିଲେ।

## ବିପଦ୍ ଅବସ୍ତାରେ ପଲସାପାଲି ରାସ୍ତା

**ଜାମଟିକ୍ରା, ୨୩।୯ (ଡି.ଏନ.ଏ)**

ଅତାବିରା ବ୍ଲକ କୁଲୁଣ୍ଡା ପଁଚେତ୍ ପଲସାପାଲିରୁ ଜାମଟିକ୍ରାକେ ଜୁଡ଼ି ହେଉଥିବାର ୨ କି.ମି. ମାଟି ରାସ୍ତାର ଅବସ୍ତା ବହୁତ୍ ଖରାପ୍ ଅଛେ। ଯେନ୍‌ଥିରଲାଗି ଅଲପ୍ ବରଷାରେ ବି ଇ ରାସ୍ତାରେ ଯିବାର ଆଏବାର ଠପ୍ ହେଇଯାଉଛେ। ପଲସାପାଲି, କୁଲୁଣ୍ଡା ଆର ଜାମଟିକ୍ରାର ଚାଷୀମାନେ ଇ ରାସ୍ତା ଉପରେ ନିରଭର କରୁଛନ୍। ସେନ୍ତା ଇ ରାସ୍ତା ଦେଇ ଛାତ୍ରୀଛାତ୍ର ଲରମ୍ଭା କଲେଜକେ ପାଠ୍‌ପଢ଼ି ଯାଉଛନ୍। ହେଲେ ରାସ୍ତାଟା ଗୁଟାମୁଟା କାଦୋ ସରସର ଲଟାବୁଟାରେ ପୂରି ରହିଛେ। ଯେନ୍‌ଥିରଲାଗି ଲୋକ୍ ଇ ରାସ୍ତା ବେଭାର କରି ନାଇଁପାରବାର। ଜାମଟିକ୍ରାରୁ ଲରମ୍ଭାକେ ୬ କି.ମି. ହେଇଥିଲାବେଲେ ରାସ୍ତା ଖରାପ୍ ଥିବାର ଲାଗି ଛାତ୍ରୀଛାତ୍ର ଗୋଡ଼ଭଗା ବାଟେ ୨୪ କି.ମି. ଙ୍କିଁଦ୍‌ରି କରି ଯାଉଛନ୍। ଜିଲା ପରଶାସନ ଇ ରାସ୍ତା ଉପରେ ଦୁରୁଷ୍ଟି ଦେଇ କଂକ୍ରିଟ କରବାର ଦିଗେ ପଦକ୍ଷେପ ନେବାକେ ଅଂଚଲବାସୀ ଦାବି କରିଛନ୍।

## ଫଟୋରେ ଖବର





ବରଗଡ଼ ବ୍ଲକ ଏସ.ଡୁମେରପାଲି ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି ଗ୍ରାମର ଚାଷୀ ମହେନ୍ଦ୍ର ସାହୁଙ୍କ ସୋମବାର ବୁର୍ଲା ଭୀମସାରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବାବେଳେ ଶୋକାକୁଳ ପରିବାର ଲୋକଙ୍କ କାନ୍ଦବୋବାଳିରେ (ବାମ) । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ଅନ୍ୟମାନେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବାକୁ ନୂଆପାଲି ଗାଁରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରୁଛନ୍ତି ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ

## ସଂକ୍ଷେପରେ



### ପାଇକମାଳ ଏସ୍‌ଡିସିସି ବ୍ୟାଙ୍କ ମ୍ୟାନେଜରଙ୍କ ହୃଦ୍‌ଘାତରେ ମୃତ୍ୟୁ

ପାଇକମାଳ,୨୩।୯(ଡି.ଏନ.ଏ.) ପାଇକମାଳ ଏସ୍‌ଡିସିସି ବ୍ୟାଙ୍କ ମ୍ୟାନେଜର କିଶୋରଚନ୍ଦ୍ର ପତି (୫୧)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ଘଟିଛି। ସକାଳେ ସେ ବାଇକ୍‌ରେ ପଦ୍ମପୁରରୁ ପାଇକମାଳ ଆସୁଥିଲେ। ହେଲେ ମଲଦା ନିକଟରେ ଅସୁସ୍ଥତା ଅନୁଭବ କରି ପଲସଦା ସେବା ସମବାୟ ସମ୍ପାଦକ ହେମନ୍ତ ସାହୁଙ୍କୁ ଡାକିଥିଲେ। ହେମନ୍ତ ପହଞ୍ଚି ତାଙ୍କୁ ଡାକ୍ତରଖାନା ନେଇଥିଲେ। ହେଲେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପାଇକମାଳ, ଲକ୍ଷ୍ମରା, ଜାମସେଟ, ପଲସଦା ସେବା ସମବାୟର ସମ୍ପାଦକ ଓ ଅନ୍ୟମାନେ କିଶୋରଙ୍କ ଶେଷ ଦର୍ଶନ କରିଥିଲେ।

### ଭୂମି ପୂଜନ ପାଇଁ ଆସିଲେ ନାହିଁ ଜିଲାପାଳ

# ୬ ଘଣ୍ଟା ଅପେକ୍ଷା ପରେ ଉତ୍ତେଜନା

ବାମରା,୨୩।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ଭୂମିହୀନଙ୍କୁ ଘରଡିହ ଜମି ପ୍ରଦାନ ସହ ସେମାନେ ପାଇଥିବା ପ୍ରଧାନମନ୍ତ୍ରୀ ଆବାଶ ଘର ପାଇଁ ଜିଲାପାଳଙ୍କ ଦ୍ୱାରା ଭୂମି ପୂଜନର କାର୍ଯ୍ୟକ୍ରମ ସୋମବାର ରହିଥିଲା । ସକାଳୁ ସନ୍ଧ୍ୟା ଯାଏ ୬ ଘଣ୍ଟା ବିତିଯାଇଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ସେଠାରେ ନ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ବାମରା ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁସାରେ ଗୋବିନ୍ଦପୁର ପଞ୍ଚାୟତ ମିଟୁପଡାଠାରେ ଭୂମିହୀନଙ୍କ ପାଇଁ ଘରଡିହି ଜମି ଯୋଗାଇବା ସହ ଉକ୍ତ ଜମିରେ ହିତାଧିକାରୀ ପାଇଥିବା ଆବାସଗୁଡିକ କାର୍ଯ୍ୟାରମ୍ଭ କରିବା ପାଇଁ ଜିଲାପାଳ ଭୂମି ପୂଜନ କରିବେ। ଏ ସମ୍ପର୍କରେ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ ଗୋବିନ୍ଦପୁର ସରପଞ୍ଚ ମିନାକ୍ଷୀ ମାଝିଙ୍କୁ ଫୋନ ଯୋଗ ସୂଚନା ଦେଇଥିବା ସେ କହିଛନ୍ତି । ଏହାକୁ ନେଇ ମିନାକ୍ଷୀ ମାଝି ମିଟୁପଡାଠାରେ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଟେଣ୍ଟ ମାରିବା ସହ ହିତାଧିକାରୀଙ୍କୁ ସୂଚନା ଦେଇଥିଲେ । ସକାଳ ୧୧ଟାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ପ୍ରାୟ ଶହେ ଜଣ ମହିଳାପୁରୁଷ ସେଠାରେ ଅପେକ୍ଷା କରିଥିଲେ । ସନ୍ଧ୍ୟା ପର୍ଯ୍ୟନ୍ତ ସେଠାରେ କୌଣସି ପ୍ରଶାସନିକ ଅଧିକାରୀ ନ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଶେଷରେ ବାମରା ତହସିଲଦାର ଅନିଲ କୁଲ୍ଲୁ ଘଟଣାସ୍ଥଳରେ ପହଞ୍ଚି ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରିବା ସହ ଜମି ପାଇଥିବା ଭୂମିହୀନ ହିତାଧିକାରୀଙ୍କ ନାଁ ଘୋଷଣା କରିଥିଲେ । ଅନ୍ୟ ଆଶାୟୀଙ୍କଠାରୁ ଦରଖାସ୍ତ ମଧ୍ୟ ଗ୍ରହଣ କରିଥିଲେ । ଏହାପରେ ପରିସ୍ଥିତି ଶାନ୍ତ ହୋଇଥିଲା । ଅନ୍ୟପକ୍ଷରେ କେତେକ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ୪ ଡେସିମିଲ ପରିବର୍ତ୍ତେ ୨ ଡେସିମିଲ ଘର ଡିହ ଜମି ଦେଉଥିବା ନେଇ ଅଭିଯୋଗ କରି ଲୋକେ ତହସିଲଦାରଙ୍କୁ ଘେରିଥିଲେ । ହେଲେ ସମସ୍ତଙ୍କୁ ପ୍ରାୟ ୪ ଡେସିମିଲ ଜମି ଯୋଗାଇ ଦିଆଯିବ ବୋଲି ତହସିଲଦାର କହିଛନ୍ତି । ଜିଲାପାଳ ନ ଆସିବା କାରଣ ନେଇ ତହସିଲଦାରଙ୍କୁ ପଚାରିବାରୁ ଜମି ଭୂମିପୂଜନ କାର୍ଯ୍ୟକ୍ରମ ନେଇ ଆମ ପାଖରେ କୌଣସି ସୂଚନା ନାହିଁ । ଜମି ବଣ୍ଟନ ବ୍ୟବସ୍ଥା ତଦାରଖ ପାଇଁ ଜିଲାପାଳ ଆସିବା ନେଇ ଖବର ଥିଲା । ହେଲେ କାହିଁକି ଆସିଲେ ନାହିଁ କହିପାରିବି ନାହିଁ ବୋଲି କହିଛନ୍ତି । ଘଟଣା ସ୍ଥଳରେ ୩୪ଜଣ ଭୂମିହୀନ ହିତାଧିକାରୀ ଘରବାରି ପଟ୍ଟା ପାଇବା ଯୋଗ୍ୟଥିବା ନେଇ ନାମ ଘୋଷଣା କରାଯାଇଥିଲା । ଅନ୍ୟ ଆଶାୟୀ ମଧ୍ୟ ତାଙ୍କୁ ଜମିପଟ୍ଟା ଦେବା ପାଇଁ ଅଡି ବସିଥିଲେ । ଉତ୍ତେଜନା ପ୍ରକାଶ ପାଇବାରୁ ଗୋବିନ୍ଦପୁର ପୋଲିସ ପକ୍ଷରୁ ଏଏସଆଇ ଥୋମାସ କେର୍କେଟା ଓ ଶର୍ମିଷ୍ଠା ସୁନା ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ । ଜିଲାପାଳଙ୍କ ଭୂମିପୂଜନ କାର୍ଯ୍ୟକ୍ରମ ଖବର ଶୁଣି ଦୂରଦୂରାନ୍ତରୁ ଲୋକମାନେ ନିଜ ସମସ୍ୟା ନେଇ ପହଞ୍ଚିଥିବା ବେଳେ ଦିନ ତମାମ ଭୋକ ଉପାସରେ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରି ଯାଇଥିଲେ ।



ପ୍ରଶାସନିକ ଅଧିକାରୀ ବୁଝାଉଛନ୍ତି ।

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ,୨୩।୯(ଡି.ଏନ୍.ଏ.)

ଦେବଗଡ ଜିଲା ବାରକୋଟ ବ୍ଲକ ସିଂହଶାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲ ୬୩ଟି ଅଭିଯୋଗ ଶୁଣାଣି କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ୧୧ଟି ସାମୂହିକ ଓ ୫୨ଟି ବ୍ୟକ୍ତିଗତ ସମସ୍ୟା ଉପରେ ଆଧାରିତ ଥିଲା । ଶିବିରସ୍ଥଳରେ ତତ୍‌କ୍ଷଣାତ୍ ୨୯ଟି ଦରଖାସ୍ତର ଶୁଣାଣି କରାଯାଇଥିଲା । ଜିଲାପାଳ ସାମଲ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ କୁଣ୍ଡେଇଗୋଳା ଗ୍ରାମପଞ୍ଚାୟତ ଦେଓଝରଣ ଗ୍ରାମର ବୁଧେଇ ଗଡନାୟକଙ୍କୁ ୫ହଜାର ଟଙ୍କା ଏବଂ ପିଟାଶୀଳ ଗ୍ରାମର ଶ୍ରୀବତ୍ସ ଦାସଙ୍କୁ ୧୫ ହଜାର ଟଙ୍କା ସହାୟତା ମଞ୍ଜୁର କରିଥିଲେ । ଶିବିରରେ ଯୋଗଦେଇଥିବା ଜନସାଧାରଣ ପ୍ରଧାନମନ୍ତ୍ରୀ ଆବାସ, ଏବଂ ବିଜୁ ପକ୍କାଘର ଯୋଜନାରେ ଘର ଯୋଗାଣ, ନୂତନ ରାଶନକାର୍ଡ, ଗ୍ରାମ୍ୟ ବିଦ୍ୟୁତୀକରଣ, ପାନୀୟଜଳ ଯୋଗାଣ, ରାସ୍ତା ମରାମତି ଏବଂ ଭିନ୍ନକ୍ଷମ ଭତ୍ତା ଆଦି ବିଷୟ ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ରାହୁଲ ଜୈନ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ବନ୍ଧପାଲି ଚାମ୍ପିୟନ

ଜମନକିରା,୨୩।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବଡ଼ମାଲ ପଞ୍ଚାୟତ ଖେଳ ପଡ଼ିଆରେ ଗତ ୨ ଦିନ ଧରି ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଫାଇନାଲ ଖେଳରେ ଭାଲୁଡ଼ିହିକୁ ହରାଇ ବନ୍ଧପାଲି ବିଜେତା ଘୋଷିତ ହୋଇଥିଲା। ଏଥିରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନରେ ୮ ଟି ଦଳକୁ ନେଇ ଖେଳ ପ୍ରତିଯୋଗିତା ହୋଇଥିବା ବେଳେ ଫାଇନାଲକୁ ଭାଲୁଡ଼ିହି ବିଜେତା ଘୋଷିତ ହୋଇଥିଲା। ଦ୍ୱିତୀୟ ଦିନରେ ଅନ୍ୟ ୮ଟି ଦଳଙ୍କ ମଧ୍ୟରେ ଖେଳ ହୋଇଥିବା ବେଳେ ବନ୍ଧପାଲି ଫାଇନାଲରେ ପହଞ୍ଚିଥିଲା। ରାଜ୍ୟସ୍ତରୀୟ ପିଇଟି ରାଜିବ ନାୟକ, ଶିବନାରାୟଣ ବେହେରା ଓ ଧିରେନ ପଟେଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଭୟ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ବଡ଼ମାଲ ଯୁବକ ସଂଘ ବିରେନ ମୁଣ୍ଡା, ଶୁଭମ ତାଣ୍ଡିଆ, ସିପନ ନାୟକ, ସୌଭାଗ୍ୟ ରୋହିଦାସ, ଚନ୍ଦନ ତାଣ୍ଡିଆ, ବାବୁଲୁ ପଟେଲ, ନରେନ୍ଦ୍ର ମୁଣ୍ଡା, ଅଭିଶେକ ନାଏକ, ସଞ୍ଜୟ ମିଞ୍ଜ, କୁମୁଦ ମୁଣ୍ଡା, ପ୍ରମୋଦ ମୁଣ୍ଡା, ଉପେନ୍ଦ୍ର ମୁଣ୍ଡା, ଜିତା କିଣ୍ଡୋ, ମଣ୍ଟୁ ମରେଇ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଘାଟିତ ଉଦ୍‌ଯାପନୀ ଉତ୍ସବରେ ବଡ଼ମାଲ ସରପଞ୍ଚ କୁନିମା ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କିଶୋରଚନ୍ଦ୍ର ଦେହୁରୀ, ସରୋଜ ନାଏକ, ଇନ୍ଦ୍ରବିଳାସ ଷଣ୍ଢ, ନୟନ ପଟେଲ, ନରେଶ ପଟେଲ, ମାନସ ପଟେଲ, ଶିବ ମୁଣ୍ଡା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ଉତ୍ସାହିତ କରିଥିଲେ।



ଫାଇନାଲ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି।

## କୁଚିଣ୍ଡା ବ୍ଲକ: ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି

କୁଚିଣ୍ଡା,୨୩।୯(ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ସଭା ଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ବିଡିଓ ଜିତନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତା ଅନୁଷ୍ଠିତ ଶିବିରରେ ଜିଲାପାଳ ଶୁଭମ ସକସେନା, ଏସପି କନୱର ବିଶାଳ ସିଂ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ । ବ୍ୟକ୍ତିଗତ ୫୪ ଓ ୧୩ ଗୋଷ୍ଠି ଭାବେ ମୋଟ ୬୭ ଅଭିଯୋଗ ହୋଇଥିବା ବେଳେ ୫ଟି ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସାହାଯ୍ୟ ପାଇଁ ୭ଟି ଆବେଦନ ହୋଇଥିଲା । ଏହି ଅଭିଯୋଗରୁ ୫ଟିର ଘଟଣାସ୍ଥଳରେ ସମାଧାନ କରାଯାଇଥିଲା। ଏହା ପରେ ୭୫ଜଣ ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାରର ଭତ୍ତା, ୭ଜଣ ହିତାଧିକାରୀଙ୍କୁ ପରିବାର ମଙ୍ଗଳ ଯୋଜନାରେ ସହାୟତା ଏବଂ ୩ଜଣ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଉପଜିଲାପାଳ ବିଶ୍ୱ ରଞ୍ଜନ ନାଏକ, ଏସଡିପିଓ ରାଜକିଶୋର ମିଶ୍ରଙ୍କ ସମେତ ସମସ୍ତ ବିଭାଗରଅଧିକାରୀମାନେ ଉପସ୍ଥିତ ଥିଲେ । ପରେ କୁନ୍ତରା ପଞ୍ଚାୟତ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଚିକତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ସେଠାରେ ଜିଲାପାଳ ସକସେନା ଯାଇ ପରିଦର୍ଶନ କରିଥିଲେ । ମୋଟ ୨୬୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରାଯାଇଥିଲା । ପଞ୍ଚାୟତ ସରପଞ୍ଚ ସଞ୍ଜୟ ସାମର୍ଥା, ପଞ୍ଚାୟତ କାର୍ଯ୍ୟନିବାହୀ ଅଧିକାରୀ କିଶୋର କୁମାର ଗୀରି, ଜିଆରଏସ ବଚନ ଗଉଡଙ୍କ ସମେତ ଜିଲା ରେଡକ୍ରସ ସଦସ୍ୟ ଉପସ୍ଥିତ ରହିଥିଲେ ।



କୁଚିଣ୍ଡା ବ୍ଲକ ଅଭିଯୋଗ ଶୁଣାଣିରେ ଜିଲାପାଳ ଶୁଭମ ସକସେନା ।

## ରୁମକୁଝୁମା ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ ସମାବେଶ



ସାଂସ୍କୃତିକ ସମାବେଶରେ ମଞ୍ଚାସୀନ ଅତିଥି ।

ଦେବଗଡ,୨୩।୯(ଡି.ଏନ.ଏ.)

ରୁମକୁଝୁମା ସାଂସ୍କୃତିକ ଅନୁଷ୍ଠାନ ଦେବଗଡ ଜିଲା ବାରକୋଟ ଶାଖା ପକ୍ଷରୁ ବ୍ଲକ ଅନ୍ତର୍ଗତ ଦଣ୍ଡାସିଂହା ପଞ୍ଚାୟତର ରେଙ୍ଗାଲବାହାଲ ଗ୍ରାମରେ କଳାକାର ସାଂସ୍କୃତିକ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜକ ଅନୁଷ୍ଠାନ ରାଜ୍ୟ ସଭାନେତ୍ରୀ ନିବେଦିତା ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅନୁଷ୍ଠାନର ଉପଦେଷ୍ଟା ତଥା ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସରୋଜ କୁମାର ଭୂୟାଁ, ଦେବଗଡ ଜିଲା ଶାଖା ସଭାପତି ମିନାକ୍ଷୀ ମିଶ୍ର, ଜିଲା ଉପସଭାପତି ସକୁନ୍ତଳା ପ୍ରଧାନ ଓ ବାରକୋଟ ବ୍ଲକ ସଭାପତି ପୁଷ୍ପାଞ୍ଜଳୀ ସାହୁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅଞ୍ଚଳରେ କଳା ସଂସ୍କୃତିର ବିକାଶ, ପ୍ରଚାର ଓ ପ୍ରସାର ସମେତ କଳାକାରମାନଙ୍କୁ ପ୍ରୋତ୍ସାହନ ପ୍ରଦାନ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଏହି ଅବସରରେ ବାରକୋଟ ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତରୁ ବହୁ କଳାକାର ରେଙ୍ଗାଲବାହାଲ ମନ୍ଦିରରେ ରୁଣ୍ଡ ହେବା ପରେ ଏକ ସାଂସ୍କୃତିକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ । କଳାକାରମାନେ ସଂକୀର୍ତ୍ତନ ସମେତ ବିଭିନ୍ନ କଳା ପ୍ରଦର୍ଶନ କରିଥିଲେ ।

## ଭୀମଭୋଇ କଲେଜ ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ରେଢାଖୋଲ,୨୩।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲସ୍ଥିତ ଭୀମଭୋଇ କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ବର୍ଷ ଅନୁଷ୍ଠିତ ହେବ। ଏଥି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏ ନେଇ ସୋମବାର କଲେଜରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । କଲେଜ ଅଧ୍ୟକ୍ଷ ଡ.ହରପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ,ବୁଦ୍ଧିଜୀବୀ ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ ପାଳନ ରୁପରେଖ ସମ୍ପର୍କରେ ଆଲୋଚନା କରାଯାଇ ବିଭିନ୍ନ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅକ୍ଟୋବର ୨୦ ତାରିଖରେ ଅନ୍ୟ ଏକ ବୈଠକ ଅନୁଷ୍ଠିତ ହେବ ଓ ସେହି ଦିନ କମିଟି ଗଠନ ସହ କାର୍ଯ୍ୟକ୍ରମ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି କରାଯିବ। ବୈଠକରେ ଅନାଦି ଚରଣ ସାହୁ, ବିଷ୍ଣୁ ପ୍ରସାଦ ଦାସ, ଗଣେଶ୍ୱର ପ୍ରଧାନ, ପ୍ରଦୀପ ପ୍ରଧାନ, ସଜଲକାନ୍ତ ପାଲ, ଜୟକୃଷ୍ଣ ପ୍ରଧାନ, ଛବିଳ କୁମାର ପ୍ରଧାନ, ରଘୁନାଥ ମିଶ୍ର, ଭୀମସେନ ବେହେରା, ଚିନ୍ମୟ ପଣ୍ଡା, ସୁନିଲ କୁମାର ପ୍ରଧାନ, ରାଜିବ ଲୋଚନ ପ୍ରଧାନ, ହାଡିବନ୍ଧୁ ସୁନା, ରାଜା ପାଲ, ଶିବ ସାହୁ, ବିକାଶ ଦାଶ, ସୁଷମା ମୁଣ୍ଡାଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ମତାମତ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ବ୍ୟକ୍ତି ବିଶେଷ ଓ ଛାତ୍ରୀଛାତ୍ର ।

### ଜଳ ସଂରକ୍ଷଣ କ୍ଷେତ୍ରରେ ପଞ୍ଚାୟତର ଭୂମିକା ସଚେତନତା କାର୍ଯ୍ୟକ୍ରମ

ଦେବଗଡ,୨୩।୯(ଡି.ଏନ.ଏ.)

ଦେବଗଡ ଜିଲା ବାରକୋଟ ପଞ୍ଚାୟତ ସମିତି ସଭାଗୃହରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିତା ଆନୁକୂଲ୍ୟରେ ଜଳ ସଂରକ୍ଷଣ କ୍ଷେତ୍ରରେ ପଞ୍ଚାୟତର ଭୂମିକା ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିତାର ସମ୍ପାଦିକା ଅନୁପମା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ଟୁନୁ ମେହେର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ବିଡିଓ ସୁଧାଂଶୁ ଶେଖର ତରାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ତେଜରାଜ ଧୁରୁଆ ଓ ଜିପିଓ କିଶୋର ନାୟକ ପ୍ରମୁଖ ଉପସ୍ଥିତ ରହି ଜଳ ସଂରକ୍ଷଣ କ୍ଷେତ୍ରରେ ପଞ୍ଚାୟତର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ । ସଂଯୋଜକ ସୀମାଞ୍ଚଳ ପଣ୍ଡା ପାୱାର ପଏଣ୍ଟ ମାଧ୍ୟମରେ ଜଳ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଉପସ୍ଥିତ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜିଆରଏସ୍‌ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ, ନିର୍ବାହୀ ଅଧିକାରୀ ଓ ଜିଆରଏସମାନେ ଉପସ୍ଥିତ ଥିଲେ । ପାନୀୟ ଜଳର ପରୀକ୍ଷା ନେଇ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଜନ ପ୍ରତିନିଧିମାନେ ମଞ୍ଚାସୀନ ଅଧିକାରୀମାନଙ୍କୁ ଜଣାଇବା ସହ ଜଳ ସଂଗ୍ରହକାରୀଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ ।

### ବନ ବିଭାଗର ଅବହେଳା ଅଭିଯୋଗ

# ମଜୁରି ନ ପାଇ ଶ୍ରମିକ ଡିଏଫଓଙ୍କ ଦ୍ୱାରସ୍ଥ

ବାମରା,୨୩।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଜଙ୍ଗଲଗୁଡ଼ିକରେ ଗଛକୁ ପାଣି ଯୋଗାଇବା ପାଇଁ ଗାତ ଖୋଳା କାର୍ଯ୍ୟରେ ଶ୍ରମିକମାନେ ନିୟୋଜିତ ଥିଲେ । ଦୀର୍ଘ ୮ ମାସ ଧରି ପାରିଶ୍ରମିକ ନ ପାଇବାରୁ ଡିଏଫଓଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗ ଅନୁସାରେ ଆମ ଜଙ୍ଗଲ ଯୋଜନାରେ ବିଭିନ୍ନ ଜଙ୍ଗଲ ମଧ୍ୟରେ ଗଛଗୁଡକୁ ପାଣି ଯୋଗାଇବା ନେଇ ଗାତ ଖୋଳା କାର୍ଯ୍ୟ ଗତ ଫେବୃୟାରୀରେ ହୋଇଥିଲା। ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳର ଜଙ୍ଗଲଗୁଡ଼ିକରେ ମଧ୍ୟ ଉକ୍ତ କାର୍ଯ୍ୟ ପାଇଁ ବନ ସୁରକ୍ଷା ସଙ୍ଗଠନ ଜରିଆରେ ଶ୍ରମିକମାନଙ୍କୁ ନିୟୋଜିତ କରାଯାଇଥିଲା । କାର୍ଯ୍ୟ ଶେଷ ହୋଇ ୮ ମାସ ବିତି ଯାଇଥିଲେ ମଧ୍ୟ ଶ୍ରମିକମାନଙ୍କୁ ତାଙ୍କ ପାରିଶ୍ରମିକ ଦିଆଯାଇ ନାହିଁ । ଏହାକୁ ନେଇ ବାମରା ବ୍ଲକ କେସାଇବାହାଲ ପଞ୍ଚାୟତ ଫଟାଟାଙ୍ଗର ଗ୍ରାମର କେତେକ ଶ୍ରମିକ ଡିଏଫଓ କାର୍ଯ୍ୟାଳୟକୁ ଆସି ଲିଖିତ ଅଭିଯୋଗ କରିଛନ୍ତି । ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ବାମରା ବନ୍ୟପ୍ରାଣୀ ବନଖଣ୍ଡ ସହକାରୀ ବନ ସଂରକ୍ଷକ ଧ୍ରୁବଚରଣ ଜିତ ଅଭିଯୋଗକାରୀଙ୍କୁ ଭେଟି ଉପରୁ ଟଙ୍କା ଆସି ନାହିଁ, ଯଦି ଆସିଲେ ଭିଏମଏସ ସଭାପତି, ସମ୍ପାଦକଙ୍କ ବ୍ୟାଙ୍କ ଖାତାରେ ପଠାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କେବେ ପର୍ଯ୍ୟନ୍ତ ଶ୍ରମିକମାନେ ମଜୁରୀ ଟଙ୍କା ପାଇ ପାରିବେ ଏ ନେଇ ସ୍ପଷ୍ଟ କିଛି କୁହାଯାଇ ପାରିବନାହିଁ ବୋଲି କହିଛନ୍ତି । ଶେଷରେ ନିରାଶ ହୋଇ ଶ୍ରମିକମାନେ ଫେରି ଯାଇଛନ୍ତି। ଫଟାଟାଙ୍ଗର ଭିଏସଏସ ପକ୍ଷରୁ ପିର କିଷାନ, ଗୁଲାପି କିଷାନ, ନୂଆଦେଇ ଛତ୍ରିଆ, ଚିତ୍ର ଛତ୍ରିଆ, ଚୈତନ୍ୟ କିଷାନ, କଂସଲା ଖଡିଆଲ ଗୋବିନ୍ଦ କିଷାନ, ଅନାଦୀ କିଷାନ, ମିନକେତନ କିଷାନ, ଶିବ କିଷାନ, ଉମାକାନ୍ତ କିଷାନ, ଜୟଦେବ କିଷାନ, ସୁଶିଲା ଡୁଙ୍ଗଡୁଙ୍ଗ, ପଦ୍ମନାଭ କିଷାନ, ସଂକିର୍ତ୍ତନ କିଷାନ ଓ ପଦ୍ମିନୀ ପ୍ରମୁଖ ଉପସ୍ଥିତ ରହିଥିଲେ ।



ଡିଏଫ୍‌ଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ଲୋକେ ।

### ରେଢାଖୋଲ ଓକିଲ ସଂଘର ବୈଠକରେ ନିଷ୍ପତ୍ତି

# ୨୬, ୨୭, ୩୦ରେ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ

ରେଢାଖୋଲ,୨୩।୯(ଡି.ଏନ.ଏ.) ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗତ ୨୦୧୮ ସେପ୍ଟେମ୍ବର ୬ ତାରିଖଠାରୁ ରେଢାଖୋଲ ଓକିଲ ସଂଘ ପକ୍ଷରୁ କାର୍ଯ୍ୟାବନ୍ଦ ଆନ୍ଦୋଳନ ଚାଲୁ ରହିଛି। ପଶ୍ଚିମ ଓଡିଶା ଓକିଲ ସଂଘ ସମୁହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଗତ ବୈଠକରେ ହୋଇଥିବା ନିଷ୍ପତ୍ତିକୁ ରେଢାଖୋଲ ଓକିଲ ସଂଘ ସମର୍ଥନ କରି ଚଳିତ ମାସ ୨୬, ୨୭ ଓ ୩୦ ତାରିଖ ସମସ୍ତ ସରକାରୀ, ବେସରକାରି କାର୍ଯ୍ୟାଳୟ ସହିତ ବ୍ୟାଙ୍କ ଓ ପୋଷ୍ଟ ଅଫିସ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ରେଢାଖୋଲ ଓକିଲ ସଂଘର ଏକ ଜରୁରି ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ସଂଘ ସଭାପତି ଅଭୟ କୁମାର ବୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଶ୍ଚିମ ଓଡିଶା ସମ୍ବଲପୁରରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଓକିଲ ସଂଘ ସମୁହ ପକ୍ଷରୁ ବାରମ୍ବାର ଆନ୍ଦୋଳନ ଚାଲିଥିବା ବେଳେ ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି ଠୋସ ନିଷ୍ପତ୍ତି ନିଆଯାଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। କେନ୍ଦ୍ରୀୟ କ୍ରୀୟାନୁଷ୍ଠାନ କମିଟି ନିଷ୍ପତ୍ତିକୁ ସମର୍ଥନ କରି ଆନ୍ଦୋଳନକୁ ଜୋରଦାର କରାଯିବାକୁ ସ୍ଥିର କରାଯାଇଛି। ସମ୍ପାଦକ ଗଣେଶ୍ୱର ପ୍ରଧାନ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ଶମ୍ଭୁପ୍ରସାଦ ପ୍ରଧାନ, ବିମଳ କୁମାର ପ୍ରଧାନ, ଜଗନ୍ନାଥ ବିଶ୍ୱାଳ, ଦୟାସାଗର ପ୍ରଧାନ, ଜନ୍ମେଜୟ ସାହୁ, ସୁଜିତ ପ୍ରଧାନ, ଉମାକାନ୍ତ ମହାନନ୍ଦଙ୍କ ସମେତ ସମସ୍ତ ଆଇନଜୀବୀ ଯୋଗଦେଇଥିଲେ।



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମିକୀ



# ରାଜ୍ୟରେ ୧୮୯ ଫେରାର ଶିକ୍ଷକ, କର୍ମଚାରୀ

- ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ
- ଯାଜପୁର ଜିଲାରେ କେବଳ ୧୧
- ବଲାଙ୍ଗୀର ଜିଲାର ସର୍ବାଧିକ ୧୫
- ୭ ଜିଲାର ରିପୋର୍ଟ ଉପରେ ସନ୍ଦେହ ପ୍ରକଟ

**ଯାଜପୁର ଅଫିସ,୨୩।୯**

ଫେରାର କିମ୍ବା ଅନୁପସ୍ଥିତ ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏହି ମର୍ମରେ ବିଭାଗୀୟ ଉପସଚିବ ପ୍ରଶାନ୍ତ କୁମାର ସ୍ୱାଇଁ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ମାନଙ୍କୁ ଆବଶ୍ୟକ ତଦନ୍ତ କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ପତ୍ର ଦେଇଛନ୍ତି। ଏହାକୁ ନେଇ ଫେରାର ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ଏକ ପ୍ରକାର ଆତଙ୍କ ଖେଳିଯାଇଛି। ଅନ୍ୟପକ୍ଷେ ଅନୁଗୋଳ, ବରଗଡ, ବୌଦ୍ଧ, ଦେବଗଡ, ଝାରସୁଗୁଡା, ନୂଆପଡା ଓ ପୁରୀ ଜିଲା ଶିକ୍ଷାଧିକାରୀଙ୍କ ରିପୋର୍ଟ ଉପରେ ସନ୍ଦେହ ପ୍ରକାଶ କରାଯାଇଛି।

ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୧୮୯ ଜଣ ଶିକ୍ଷକ/କର୍ମଚାରୀ ଫେରାର କିମ୍ବା ଅନୁପସ୍ଥିତ ରହିଛନ୍ତି। ସେଥିରୁ ଯାଜପୁର ଜିଲାରେ ୧୧ଜଣ ଶିକ୍ଷକ ରହିଛନ୍ତି। ସେମାନେ ଯାଜପୁର ବ୍ଲକ ସୟିଦପୁର ମଦ୍ରାସା ସ୍କୁଲର ମହମ୍ମଦ ସାଦିକ ଖାନ, ନାଥସାହୁ ନୋଡାଲ ୟୁପି ସ୍କୁଲର ପବିତ୍ର ସାହୁ, କାକୁଡିକୁଦା ନୋଡାଲ ୟୁପି ସ୍କୁଲର ଅପର୍ଣ୍ଣା ସାହୁ, ଭାବତପୁର ପ୍ରାଥମିକ ସ୍କୁଲର ମନୋରମା ସାହୁ, ଜଗନ୍ନାଥ ଜିଉ ୟୁଜିଏମଇ ସ୍କୁଲର ସୁନୀଲ ପାଣି, ଶେଷଦେବ ବାସନ୍ତି ନୋଡାଲ ହାଇସ୍କୁଲର ମମତା ସେଠୀ ଓ ସର୍ବମଙ୍ଗଳା ନୋଡାଲ ହାଇସ୍କୁଲର ରଶ୍ମିତା ରାଉତ, ସୁକିନ୍ଦା ବ୍ଲକ ଗୋବରଘାଟି ଆଶ୍ରମ ସ୍କୁଲର ଅକ୍ଷୟ କୁମାର ହାଇବ୍ରୁ, ଖୁରୁଣ୍ଟି ପ୍ରାଥମିକ ସ୍କୁଲର ବିଚିତ୍ର ସିଂ, ମଧୁବନ ପ୍ରାଥମିକ ସ୍କୁଲର ହେମଲତା ହେମ୍ବ୍ରମ ଓ ବନଦୁର୍ଗା ନୋଡାଲ ୟୁପି ସ୍କୁଲର ସୁବାସ ଲାଗୁରି ଦୀର୍ଘଦିନ ହେଲା ଫେରାର ଅଛନ୍ତି। ସେହିପରି ବାଲେଶ୍ୱର ଜିଲାରେ ୩ ଜଣ, ଭଦ୍ରକରେ ଜଣେ, ବଲାଙ୍ଗୀରରେ ୧୫, କଟକରେ ୬, ଢେଙ୍କାନାଳରେ ୮, ଗଜପତିରେ ୮, ଗଞ୍ଜାମରେ ୧୦, ଜଗତ୍‌ସିଂହପୁରରେ ୬, କଳାହାଣ୍ଡିରେ ୧୦, କନ୍ଧମାଳରେ ୯, କେନ୍ଦୁଝରରେ ୪, ଖୋର୍ଦ୍ଧାରେ ୩, କେନ୍ଦ୍ରାପଡାରେ ୩, ପୁରୀରେ ୨, ଝାରସୁଗୁଡାରେ ଜଣେ, କୋରାପୁଟରେ ୧୨, ମାଲକାନଗିରିରେ ୬, ମୟୂରଭଞ୍ଜରେ ୮ ଓ ନବରଙ୍ଗପୁରରେ ୧୦ ଜଣ ଶିକ୍ଷକ ଓ କର୍ମଚାରୀ ଫେରାର କିମ୍ବା ଅନୁପସ୍ଥିତ ରହିଛନ୍ତି। ତେବେ ଅନୁଗୋଳ, ବରଗଡ ଓ ବୌଦ୍ଧ ଜିଲା ଶିକ୍ଷାଧିକାରୀ ସେମାନଙ୍କ ଜିଲାରେ ଦୀର୍ଘ ସମୟ ଧରି ଫେରାର କିମ୍ବା ଅନୁପସ୍ଥିତ ଶିକ୍ଷକ ଓ କର୍ମଚାରୀ ନାହାନ୍ତି ବୋଲି ରିପୋର୍ଟ ଦେଇଛନ୍ତି। ଏହାବାଦ ଦେବଗଡ, ଝାରସୁଗୁଡା ଓ ନୂଆପଡା ଜିଲା ଶିକ୍ଷାଧିକାରୀମାନେ ଜଣେ ଲେଖାଏଁ ଫେରାର/ଅନୁପସ୍ଥିତ ଥିବା ରିପୋର୍ଟରେ ଦର୍ଶାଇଛନ୍ତି। ପୁରୀ ଜିଲା ଶିକ୍ଷାଧିକାରୀ ଦେଇଥିବା ରିପୋର୍ଟରେ ୨ଜଣ ଫେରାର/ଅନୁପସ୍ଥିତ ରହିଛନ୍ତି। ଯାହାକି ସନ୍ଦେହଜନକ ରିପୋର୍ଟ ବୋଲି ଦର୍ଶାଇ ଉପରୋକ୍ତ ୭ଜଣ ଜିଲା ଶିକ୍ଷାଧିକାରୀଙ୍କୁ ପୁନଃ ତଦନ୍ତ କରି ସତ୍ୟାପନ କରିବାକୁ ବିଭାଗୀୟ ସ୍ୱତନ୍ତ୍ର ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜିଲାରେ ଉଭୟ କଣ୍ଟ୍ରାକ୍ଟୁଆଲ ଓ ରେଗୁଲାର ଶିକ୍ଷକ କେହି ଦୀର୍ଘ ସମୟ ଧରି ଫେରାର କିମ୍ବା ଅନୁପସ୍ଥିତ ନାହାନ୍ତି ବୋଲି ସମସ୍ତ ଜିଲା ଶିକ୍ଷାଧିକାରୀ ଏକ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏହିଭଳି ପ୍ରମାଣପତ୍ର ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଓ ବ୍ଲକ ଶିକ୍ଷାଧିକାରୀଙ୍କଠାରୁ ଜିଲା ଶିକ୍ଷାଧିକାରୀ ସଂଗ୍ରହ କରିବେ ବୋଲି କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଯାଜପୁର ଜିଲା ଶିକ୍ଷାଧିକାରୀ ତାଙ୍କ ରିପୋର୍ଟରେ କେବେଠାରୁ ଶିକ୍ଷକ ଓ କର୍ମଚାରୀ ଅନୁପସ୍ଥିତ/ଫେରାର ଅଛନ୍ତି ତାହା ଦର୍ଶାଇ ନାହାନ୍ତି। ସେହିପରି ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀ ଫେରାର/ଅନୁପସ୍ଥିତ ଶିକ୍ଷକ ଓ କର୍ମଚାରୀଙ୍କ ପଦବୀ ଉଲ୍ଲେଖ କରିନାହାନ୍ତି। ତେଣୁ ଏହି ଦୁଇ ଜିଲା ଶିକ୍ଷାଧିକାରୀଙ୍କୁ ସେମାନଙ୍କ ରିପୋର୍ଟ ସୁଧାରି ପୁଣି ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏ ସଂକ୍ରାନ୍ତରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ବିଶ୍ୱନାଥ ପ୍ରଧାନ ଆହୁରି ଦର୍ଶାଇଛନ୍ତି ଯେ, ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ, ଅମଲା କର୍ମଚାରୀ ଓ କଣ୍ଟ୍ରାକ୍ଟ ଶିକ୍ଷକଙ୍କ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଶିକ୍ଷାଧିକାରୀ ଏବଂ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ପାଇଁ ବ୍ଲକ ଶିକ୍ଷାଧିକାରୀ ପ୍ରାଧିକାରୀ ରହିବେ। ତେଣୁ ନିର୍ଦ୍ଧାରିତ ସମୟରେ ଫେରାର/ଦୀର୍ଘ ସମୟ ଧରି ଅନୁପସ୍ଥିତ କର୍ମଚାରୀ ଓ ଶିକ୍ଷକଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବିଭିନ୍ନ ସ୍କୁଲରେ ନିୟମିତ ଶିକ୍ଷକ ଘରେ ବସି ଦରମା ନେଉଥିବାବେଳେ ସେମାନେ କେତେଜଣ ଯୁବତୀଯୁବକଙ୍କୁ ନିଜେ ନିୟୋଜିତ କରିଥିବା ମଧ୍ୟ ଖବର ହସ୍ତଗତ ହେଉଛି।

## ୨୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

**କେନ୍ଦ୍ରାପଡା ଅଫିସ, ୨୩।୯**

ଭୁବନେଶ୍ୱର, କଟକ ଓ ବାଲେଶ୍ୱର ପରେ ସୋମବାର କେନ୍ଦ୍ରାପଡ଼ାରୁ ପ୍ରଥମଥର ପାଇଁ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହି ଅଭିଯୋଗରେ ବ୍ୟବସାୟୀ ଜାହିଦ ଖାଁ (୩୫)ଙ୍କୁ ଗିରଫ କରାଯାଇଛି। କଟକସ୍ଥିତ କେନ୍ଦ୍ରୀୟ ଅବକାରୀ ଗୋଇନ୍ଦା ବିଭାଗ ଏହି ରହସ୍ୟ ଖୋଲିଥିଲା। ଜବତ ବ୍ରାଉନ ସୁଗାରର ମୂଲ୍ୟ ୨.୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି। ଏନେଇ ବିଭାଗ ପକ୍ଷରୁ ମାମଲା (ନଂ୧୧୦/୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଜିଲା ଜଜ୍ କୋର୍ଟରେ ହାଜର କରାଯାଇଛି।

ପ୍ରାଥମିକ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜାହିଦଙ୍କ ଘର ଟାଉନ ଥାନା ଅନ୍ତର୍ଗତ ମଧୁକରପୁର (ଆମବାଡି)। ବାଲେଶ୍ୱର ଜିଲାରେ ତାଙ୍କ ଶଶୁର ଘର। ପୂର୍ବରୁ ଜାହିଦ ଦାଦା ବଟି ଆଦାୟ, ଛିନତାଇ ଆଦି ଆପରାଧିକ କାର୍ଯ୍ୟରେ ଲିପ୍ତ ଥିଲେ। ତେବେ ବିବାହ ପରେ ସେ ଏହି ଧନ୍ଦାକୁ ଛାଡି ବ୍ରାଉନସୁଗାର ବ୍ୟବସାୟ ଚଳାଇଥିଲେ। ଜଳେଶ୍ୱରରୁ ଏହି ନିଶାଦ୍ରବ୍ୟ ଆଣି କେନ୍ଦ୍ରାପଡ଼ା ସହର ଓ ଆଖପାଖ ଅଞ୍ଚଳରେ ବିକ୍ରି କରୁଥିଲେ। ତାଙ୍କର ଏହି ବ୍ୟବସାୟର ମୁଖ୍ୟ ଟାର୍ଗେଟରେ ଛାତ୍ରୀଛାତ୍ର ରହିଥିବା ବେଳେ ଏହି ମାୟାରେ ବହୁ ଧନୀ ବ୍ୟକ୍ତି ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ଆଇଆଇସି ଜଗଦୀଶ ଚନ୍ଦ୍ର ସାମଲ କୁହନ୍ତି, ଜାହିଦଙ୍କୁ ଧରିବା ପାଇଁ ଗତ ମାସେହେବ ପୋଲିସ ତାଙ୍କ ଉପରେ ନଜର ରଖିଥିଲା। ରବିବାର ରାତିରେ ସେ ବ୍ରାଉନସୁଗାର ନେଇ ଆସୁଥିବା ବେଳେ କୌଣସିସୂତ୍ରରୁ ଖବରପାଇ ତାଙ୍କ ପିଛା କରାଯାଇଥିଲା। ସହରର କଂସେଇଖାନା ପାଖରେ ଥିବା କେବିନରେ ଜାହିଦ ଏହି ସାମଗ୍ରୀକୁ ରଖୁଥିବା ବେଳେ ଚଢ଼ାଉ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା।

ଏହି ବ୍ୟବସାୟରେ ଜିଲାର ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଆଶଙ୍କା କରାଯାଉଛି। ଏନେଇ ଯାଞ୍ଚ ଜାରି ରହିଛି ବୋଲି ଆଇଆଇସି ସାମଲ କହିଛନ୍ତି। ଏହି ଚଢ଼ାଉରେ ଇନ୍‌ସପେକ୍ଟର ଗାଲୁରାମ ସୋରେନ, ଦିଲୀପ କୁମାର ତ୍ରିପାଠୀ, କେଶବ ଚନ୍ଦ୍ର ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

ଜୁନାଗଡ଼ ଗଣବଳାତ୍କାର ଘଟଣାକୁ ନେଇ ମହିଳା କମିଶନଙ୍କ ଉଦ୍‌ବେଗ

### ଭାଇରାଲ ଭିଡିଓ ରୋକିବାକୁ କ୍ରାଇମବ୍ରାଞ୍ଚକୁ ଚିଠି

**ଭୁବନେଶ୍ୱର,୨୩।୯(ବ୍ୟୁରୋ):** ଜୁନାଗଡ଼ ଗଣବଳାତ୍କାର ମାମଲା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଏହାକୁ ରାଜ୍ୟ ମହିଳା କମିଶନ ଗୁରୁତର ସହ ନେଇଛନ୍ତି। କମିଶନ ଅଧକ୍ଷା ମୀନତି ବେହେରା ଘଟଣାକୁ ନିନ୍ଦା କରିବାସହ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବଳାତ୍କାର ସମୟର ଭିଡିଓକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉକ୍ତ ଭିଡିଓକୁ ରୋକିବାକୁ ସେ କ୍ରାଇମବ୍ରାଞ୍ଚକୁ ଚିଠି ଲେଖିଛନ୍ତି। ଯେଉଁମାନେ ଏହାକୁ ଭାଇରାଲ କରୁଛନ୍ତି ସେମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଏହାସହ ଅଧକ୍ଷା ବେହେରା ଜୁନାଗଡ଼ ଗସ୍ତ କରି କଳାହାଣ୍ଡି ଏସ୍‌ପି ଓ ଜୁନାଗଡ଼ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସେ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡିତାଙ୍କୁ ନ୍ୟାୟ ପ୍ରଦାନ ସହ ଅଭିଯୁକ୍ତମାନେ ଯେଭଳି ଖସି ନ ଯାଆନ୍ତି ସେଥିପ୍ରତି ଗୁରୁତ୍ୱ ଦିଆଯାଉଥିବା ସେ ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମହିଳା କମିଶନ ଅଧକ୍ଷାଙ୍କ ଚିଠି ପରେ କ୍ରାଇମବ୍ରାଞ୍ଚ ଏହି ଘଟଣା ଉପରେ ନଜର ରଖିଛି। ଭାଇରାଲ ହୋଇଥିବା ଭିଡିଓ କେଉଁ ମୋବାଇଲ୍‌ରୁ ଆସିଛି। ଏହାକୁ କିଏ ସୋସିଆଲ ମିଡିଆରେ ଛାଡୁଛି ସେନେଇ ଖୋଳତାଡ଼ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ। ଏପରି କି ଉକ୍ତ ଭିଡିଓକୁ କେହି ଶେୟାର କିମ୍ବା ଭାଇରାଲ କଲେ ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ଟିଏଫ୍ ସୂତ୍ରରୁ ଜଣାପଡିଛି।

### ବଡସିଙ୍ଗାରୀରେ ଜଣ୍ଡିସ ଆତଙ୍କ

**ସମ୍ବଲପୁର,୨୩।୯(ବ୍ୟୁରୋ):** ସମ୍ବଲପୁର ଜିଲାରେ ପୁଣି ଜଣ୍ଡିସ ଫେରିଛି। ମହାନଗର ନିଗମ ଅଧୀନ ୧ ନମ୍ବର ୱାର୍ଡର ବଡସିଙ୍ଗାରୀ ଗ୍ରାମରେ ୯ ଜଣ ଜଣ୍ଡିସରେ ଆକ୍ରାନ୍ତ ଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଏଡିଏମ୍‌ଓ ପଞ୍ଚାନନ ନାଏକଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ପରିଦର୍ଶନ କରିଛନ୍ତି। ଆକ୍ରାନ୍ତ ଥିବା ୯ ଜଣ ରୋଗୀ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ପିଇବା ପାଣି ନମୁନା ସଂଗ୍ରହ କରିଛନ୍ତି। ମଙ୍ଗଳବାର ରକ୍ତ ନମୁନା ସଂଗ୍ରହ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ରକ୍ତ ପରୀକ୍ଷା ରିପୋର୍ଟ ଆସିଲା ପରେ ଜଣାପଡିବ ବୋଲି ଏଡିଏମଓ ନାଏକ କହିଛନ୍ତି। ହେଲେ ଏହି ଗ୍ରାମରେ ଏବେ ମଧ ପାରମ୍ପରିକ ଚିକିତ୍ସା ଉପରେ ବିଶ୍ୱାସ ରଖି ଲୋକେ ଚିକିତ୍ସା କରୁଛନ୍ତି। ତେଣୁ ରୋଗ ନିୟନ୍ତ୍ରଣ ବଦଳରେ ବାହାରକୁ ଚାଲି ଯାଉଛି। ଏହାକୁ ନେଇ ଲୋକମାନଙ୍କୁ ସଚେତନ କରାଯିବ। ପିଇବା ପାଣି ବ୍ୟବହାର, ଖାଇବା ଉପରେ ସଚେତନ କରାଯିବ। ଯଦି ରୋଗର ଲକ୍ଷଣ ହୁଏ ତାହା ହେଲେ ଡାକ୍ତରଖାନାକୁ ଯିବାକୁ ପରାମର୍ଶ ଦିଆଯାଇଛି ବୋଲି ନାଏକ କହିଛନ୍ତି। ଏହି ଗ୍ରାମରେ ପ୍ରାୟ ୫ ଶହ ଲୋକ ବସବାସ କରୁଛନ୍ତି। ଗ୍ରାମରେ ୪ଟି ନଳକୂଅ ରହିଛି। ହେଲେ ୩ଟି ଅଚଳ ହୋଇପଡିଛି। ଠିକ ଥିବା ନଳକୂଅରୁ ଆବଶ୍ୟକ ପାଣି ମିଳୁନାହିଁ। ତେଣୁ ବନ୍ଧ ଓ କେନାଲର ପାଣି ଗ୍ରାମବାସୀଙ୍କୁ ବ୍ୟବହାର କରିବାକୁ ପଡୁଛି। ଶିଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଗ୍ରାମାବାସୀ ଦାବି କରିଛନ୍ତି।

## ଛାତ୍ରୀଛାତ୍ରଙ୍କୁ ପଢ଼ାଇଲେ ମନ୍ତ୍ରୀ



କୁମଝରିଆ ହାଇସ୍କୁଲରେ ମନ୍ତ୍ରୀ ପ୍ରତାପ ଜେନା ପିଲାଙ୍କୁ ପାଠ ପଢାଉଛନ୍ତି।

**କୁଆଁରମୁଣ୍ଡା,୨୩।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁମଝରିଆ ହାଇସ୍କୁଲକୁ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସୋମବାର ଅଚାନକ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ସ୍କୁଲର ପ୍ରବେଶପଥଠାରୁ ଆରମ୍ଭ କରି ରୋଷେଇଶାଳ, ବଗିଚା ଇତ୍ୟାଦି ବୁଲି ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଛାତ୍ରୀଛାତ୍ରମାନେ ବି ଠିକ୍ ଉତ୍ତର ଦେଇଥିଲେ। ଏଥିସହିତ ସେ କ୍ଲାସ୍‌ରୁମ୍‌ରେ ଥିବା ହ୍ୱାଇଟ୍ ବୋର୍ଡରେ ମାର୍କର ଧରି ଶିକ୍ଷକଙ୍କ ଭଳି କିଛି ସମୟ ପିଲାମାନଙ୍କୁ ପାଠ ପଢାଇଥିଲେ। ପରେ ଶ୍ରେଣୀଗୃହ କାନ୍ଥରେ ସୁନ୍ଦରଭାବେ ଚିତ୍ରିତ ତାଜମହଲ ପାର୍ଶ୍ୱରେ ପିଲାମାନଙ୍କ ସହ ଫଟୋ ଉଠାଇ ସେମାନଙ୍କୁ ଉତ୍ସାହିତ କରିଥିଲେ।

ବିଶେଷକରି ସ୍କୁଲର ସ୍ୱଚ୍ଛ ଓ ସୁନ୍ଦର ପରିବେଶ, ମନୋରମ ବଗିଚା, ଉନ୍ନତମାନର ସ୍ୱତନ୍ତ୍ର ମଧ୍ୟାହ୍ନଭୋଜନ ବ୍ୟବସ୍ଥା, ଡିଜିଟାଲ ଶ୍ରେଣୀଗୃହ ସହ ଶୃଙ୍ଖଳିତ ଶିକ୍ଷା ବ୍ୟବସ୍ଥା, ରୋଷେୟାମାନଙ୍କ ୟୁନିଫର୍ମ ଇତ୍ୟାଦି ଦେଖି ମନ୍ତ୍ରୀ ଖୁସି ହୋଇଥିଲେ। ଏହି ବ୍ୟବସ୍ଥା ରାଜ୍ୟର ଅନ୍ୟାନ୍ୟ ସରକାରୀ ସ୍କୁଲଠାରୁ ସ୍ୱତନ୍ତ୍ର ବୋଲି ମନ୍ତ୍ରୀ ଜେନା କହିଥିଲେ। ଏଥିପାଇଁ ସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଏହା ସହ ସ୍କୁଲରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଖୁବ୍‌ଶୀଘ୍ର ଏକ ସୌରଚାଳିତ ନଳକୂପର ବ୍ୟବସ୍ଥା କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ସ୍କୁଲର ଆବଶ୍ୟକତା ପୂରଣ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ରାଜ୍ୟରୁ ସ୍ୱତନ୍ତ୍ର ଟିମ୍ ଏହି ସ୍କୁଲକୁ ପରିଦର୍ଶନ କରିବା ପାଇଁ ବ୍ୟବସ୍ଥା କରିବେ ବୋଲି ମନ୍ତ୍ରୀ ଜେନା କହିଥିଲେ। ସୁନ୍ଦରଗଡ଼ ଜିଲାପାଳ ଏହି ସ୍କୁଲକୁ ପରିଦର୍ଶନ କରି ଅଭାବ ଅସୁବିଧା ପୂରଣ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ମନ୍ତ୍ରୀ ଜେନା ପ୍ରଧାନଶିକ୍ଷକ ସାମଲଙ୍କୁ କହିଛନ୍ତି। ଏହାପରେ ମନ୍ତ୍ରୀ ଜେନା ସ୍କୁଲ ପରିସରରେ ଥିବା ନିମ୍ବଗଛ ପିଣ୍ଡିରେ ବସି ମଧ୍ୟାହ୍ନଭୋଜନ ରୋଷେୟାମାନଙ୍କ ଦ୍ୱାରା ପ୍ରସ୍ତୁତ ଆୟୁର୍ବେଦିକ ଚା' ପିଇବା ପରେ ରାଏବୋଗା ଅଭିମୁଖେ ଯାଇଥିଲେ।

ସୂଚନାଯୋଗ୍ୟ, ମନ୍ତ୍ରୀ ଜେନା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସୁନ୍ଦରଗଡ଼ ଜିଲା ଗସ୍ତରେ ଆସିଥିବା ଅବସରରେ ଏହି ହାଇସ୍କୁଲ ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ସହ ରାଉରକେଲା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସାରଦା ନାୟକ, ସୁନ୍ଦରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଆଶୀର୍ବାଦ ବେହେରା ଅସୁସ୍ଥ

### କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି



**ଭୁବନେଶ୍ୱର,୨୩।୯(ବ୍ୟୁରୋ)**

ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ହୋଇ ବିଚାରବିଭାଗୀୟ ଜେଲ୍ ହାଜତରେ ଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଗୁରୁତର ଅସୁସ୍ଥ ହୋଇଛନ୍ତି। ପୂର୍ବରୁ ସେ ଅସୁସ୍ଥ ଥିବାରୁ ଝାରପଡ଼ା ଜେଲ୍ ମେଡିକାଲରେ ତାଙ୍କର ଚିକିତ୍ସା କରାଯାଉଥିଲା। ରବିବାର ରାତିରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ ହୋଇପଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କଡ଼ା ସୁରକ୍ଷାରେ ତାଙ୍କୁ ହସ୍ପିଟାଲର ନର୍ସିଂହୋମ୍ ୧୬ ନମ୍ବର କ୍ୟାବିନରେ ରଖି ଚିକିତ୍ସା ଆରମ୍ଭ ହୋଇଛି। ତାଙ୍କର ସୁଗାର ଓ ରକ୍ତଚାପ ବଢ଼ିଯାଇଥିବା ଡାକ୍ତର କହିଛନ୍ତି। ଗତ ୧୯ ତାରିଖରେ ସିବିଆଇ ଆଶୀର୍ବାଦଙ୍କୁ କଟକସ୍ଥିତ ବାସଭବନରୁ ଗିରଫ କରିଥିଲା। ଏହି ମାମଲାରେ ପୂର୍ବରୁ ଆଶୀର୍ବାଦଙ୍କୁ ସିବିଆଇ ୫ଥର ଓ ଇଡି ୨ଥର ଜେରା କରିଥିଲା। ତେବେ ଗିରଫ ପରେ ସେ ଅସୁସ୍ଥ ଥିବା ନେଇ ତାଙ୍କ ଓକିଲ କୋର୍ଟଙ୍କୁ ଜଣାଇବା ସହ ଜାମିନ ଦେବାକୁ ପ୍ରାର୍ଥନା କରିଥିଲେ। କିନ୍ତୁ କୋର୍ଟ ଜାମିନକୁ ଅଗ୍ରାହ୍ୟ କରିଦେଇଥିଲେ।

## ନିଶାସକ୍ତ ପୋଲିସ ଅଧିକାରୀଙ୍କ ଗାଡ଼ି ଧକ୍କାରେ ୨ ଗୁରୁତର

# ନିଲମ୍ବନ ସହ ଗିରଫ ହେଲେ ଏଏସ୍‌ଆଇ

**ବାରିପଦା ଅଫିସ/ଉଦଳା, ୨୩।୯(ଡି.ଏନ୍.ଏ.)**

ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ଯୋଗୁ ରାସ୍ତାରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ନୂଆ ମୋଟରଯାନ ଆଇନ ଲାଗୁ ହେବା ପରେ ମଦ୍ୟପାନ କରି ଗାଡ଼ି ନ ଚଳାଇବାକୁ ପୋଲିସ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇ ଧରପଗଡ କରାଯାଉଛି। ଏଭଳି ସ୍ଥିତିରେ ଜଣେ ପୋଲିସ ଅଧିକାରୀ ନିଶାସକ୍ତ ଅବସ୍ଥାରେ କାର ଚଳାଇ ଦୁର୍ଘଟଣା ଘଟାଇ ଲୋକଙ୍କ ହାତରେ ଧରାପଡ଼ିବା ପରେ ପୋଲିସ ବିଭାଗ ବିଭିନ୍ନ ମହଲରେ ନିନ୍ଦିତ ହୋଇଛି। ମୟୂରଭଞ୍ଜ ଏସପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ସମ୍ପୃକ୍ତ ପୋଲିସ ଏଏସଆଇ ଶୁଭେନ୍ଦୁ ବେହେରାଙ୍କୁ ନିଲମ୍ବିତ କରିଥିବା ନେଇ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହା ପରେ ତାଙ୍କୁ ଗିରଫ କରାଯାଇଛି।

ମୟୂରଭଞ୍ଜ ଜିଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟକରୁଥିବା ପୋଲିସ ଏଏସଆଇ ବେହେରା ରବିବାର ସନ୍ଧ୍ୟାରେ ଏକ କାର (ଓଡି-୧୧କ୍ୟୁ-୯୭୭୯) ଯୋଗେ ଉଦଳା ପଟେ ଯାଉଥିଲେ। ସେ ଦ୍ରୁତ ଗତିରେ ଗାଡ଼ି ଚଳାଇ ଯିବା ବେଳେ ଏକ ବାଇକକୁ ଧକ୍କା ଦେଇଥିଲେ। ଫଳରେ ବାଇକରେ ଥିବା ଦୁଇ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମ୍ପୃକ୍ତ ଏଏସଆଇଙ୍କୁ ଘେରିଯାଇ ଅଟକ ରଖିଥିଲେ। ସେତେବେଳେ ସେ ନିଶାସକ୍ତ ଥିବା ଜଣାପଡ଼ିଥିଲା। ଏନେଇ ପୋଲିସକୁ ଖବର ଦିଆଯିବାରୁ ଉଦଳା ଥାନା କର୍ମଚାରୀମାନେ ପହଞ୍ଚି ତାଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରିଥିଲେ। ସେ ନିଶାସକ୍ତ ହୋଇ ଗାଡ଼ି ଚଲାଉଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିବା ପରେ ଏସପିଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ନାମରେ ଏକ ମାମଲା (ନଂ.୧୩୭/୧୯) ରୁଜୁ କରାଯାଇଥିଲା। ଏଭଳି ବିଶୃଙ୍ଖଳିତ ଅଧିକାରୀଙ୍କ ପାଇଁ ପୋଲିସ ବିଭାଗରେ ସ୍ଥାନ ନାହିଁ ବୋଲି ଏସପି ପରମାର ଖବରଦାତା ସମ୍ମିଳନୀରେ କହିଛନ୍ତି।



ଗିରଫ ପୋଲିସ ଏଏସଆଇ।

ଉଲ୍ଲେଖଯୋଗ୍ୟ ଯେ, ନିଲମ୍ବିତ ଏଏସଆଇ ବେହେରା କପ୍ତିପଦା ଥାନାରେ ଥିବା ବେଳେ ଜନୈକା ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ପୀଡିତା ମହିଳାଜଣକ ନ୍ୟାୟ ନ ପାଇ ଗତ ୧୬ ତାରିଖରେ ସପରିବାର ଭୁବନେଶ୍ୱର ନବୀନ ନିବାସ ସମ୍ମୁଖରେ ପହଞ୍ଚି ନ୍ୟାୟ ଭିକ୍ଷା କରିବା ସହିତ ଆତ୍ମାହୁତି ଚେତାବନୀ ଦେଇଥିଲେ। କମିଶନରେଟ ପୋଲିସ ତାଙ୍କଠାରୁ ଅଭିଯୋଗ ରଖି ବୁଝାସୁଝା କରି ଘରକୁ ପଠାଇ ଦେଇଥିଲା।

## ମହାପ୍ରଭୁଙ୍କ ପାଇଁ ମାମୁଁଘରୁ ଆସିବ ପୋଢୁଆଁ ବସ୍ତ୍ର

**ପୁରୀ ଅଫିସ, ୨୩।୯**

କଟକ ଜିଲା ନିଆଳିର ମାଧବାନନ୍ଦ ଜୀଉ ମନ୍ଦିର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମାମୁଁଘର ବୋଲି ଲୋକମୁଖରେ ପରିଚିତ। ତେଣୁ ପ୍ରଥମାଷ୍ଟମୀରେ ପୋଢୁଆଁ ବସ୍ତ୍ର ଓ ସାମଗ୍ରୀ ଗ୍ରହଣ କରିବା ପାଇଁ ଜଗତ୍‌ସିଂହପୁରସ୍ଥିତ ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନ ଏବଂ ଶ୍ରୀ ଶ୍ରୀମାଧବାନନ୍ଦଜୀଉ ଦେବୋତ୍ତର କାର୍ଯ୍ୟାଳୟ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଛି। ଗତ ମାସ ୨୫ତାରିଖରେ ଦେବୋତ୍ତର କାର୍ଯ୍ୟାଳୟ ଏବଂ ସୋମବାର ସୁରକ୍ଷା ଅଭିଯାନ ମୁଖ୍ୟ ପ୍ରଶାସକଙ୍କୁ ଏହି ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ମାଧବାନନ୍ଦଜୀଉ ମନ୍ଦିର ମହାପ୍ରଭୁଙ୍କ ମାମୁଁଘର ବୋଲି ଆମ ସଂସ୍କୃତିରେ ପରିଚିତ ଓ ଉଚ୍ଚାରିତ। ଶ୍ରୀମନ୍ଦିର ନୀତିକାନ୍ତିରେ ମାମୁଁଘର ପରମ୍ପରାର ପୁନଃ ପ୍ରଚଳନର ଗୁରୁତ୍ୱ ରହିଛି। ଜଗନ୍ନାଥ ସଂସ୍କୃତିର ଆଦ୍ୟ କାଳରୁ ମାଧବାନନ୍ଦ ଜୀଉ ମନ୍ଦିର ତରଫରୁ ପ୍ରତିବର୍ଷ ମାର୍ଗଶୀର କୃଷ୍ଣପକ୍ଷ ଅଷ୍ଟମୀ ଦିନ ପୋଢୁଆଁ ଭାର ଶ୍ରୀମନ୍ଦିରକୁ ଯାଏ। ସେଥିଲାଗି ମାଧବାନନ୍ଦଙ୍କ ମନ୍ଦିରରେ ସ୍ୱତନ୍ତ୍ର ମହୋତ୍ସବ ହୁଏ। କାଳକ୍ରମେ ମୋଗଲମାନେ ଶ୍ରୀମନ୍ଦିର ଆକ୍ରମଣ କରିବା ଯୋଗୁ ଠାକୁରମାନେ ବାରମ୍ବାର ଶ୍ରୀମନ୍ଦିର ଛାଡ଼ି ଦୀର୍ଘ ସମୟ ବାହାରେ ରହିଥିଲେ। ଫଳରେ ସେବେଠାରୁ ପୋଢୁଆଁ ଅଷ୍ଟମୀ ପ୍ରଥା ବନ୍ଦ ହୋଇଯାଇଛି। ବର୍ତ୍ତମାନ ଶ୍ରୀଜଗନ୍ନାଥ ସଂସ୍କୃତିପ୍ରେମୀ ଭକ୍ତଗଣ, ବୁଦ୍ଧିଜୀବୀ, ମାଧବାନନ୍ଦ ଜୀଉ ମନ୍ଦିର ପ୍ରଶାସକ, ଛତିଶା ନିଯୋଗୀ, ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନ ସେହି ପ୍ରଥାକୁ ପୁନଃ ପ୍ରଚଳନ କରିବା ନିମନ୍ତେ ଇଚ୍ଛାପ୍ରକାଶ କରିଛନ୍ତି। ଆସନ୍ତା ନଭେମ୍ବର ୧୯ ତାରିଖ ସପ୍ତମୀ ଦିନ ମହାପ୍ରଭୁଙ୍କ ଲାଗି ଅଙ୍ଗବସ୍ତ୍ର ସହିତ ଅନ୍ୟାନ୍ୟ ସେବା ସାମଗ୍ରୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଜରିଆରେ ଦେବା ପାଇଁ ସ୍ଥିର କରିଛନ୍ତି। ସେଥିଲାଗି ପ୍ରଚଳିତ ବିଧି ଅନୁସାରେ ପାଉଣା ଓ ମାହାସୁଲ ବାବଦ ଅର୍ଥରାଶି ଦାଖଲ କରିବା ପାଇଁ ମଧ ଇଚ୍ଛୁକ। ତେଣୁ ପୋଢୁଆଁ ଭାର ଗ୍ରହଣ କରି ଆସନ୍ତା ନଭେମ୍ବର ୨୦ ତାରିଖ ଅଷ୍ଟମୀ ଦିନ ଠାକୁରମାନଙ୍କ ଅଙ୍ଗ ଲାଗି କରାଇବା ପାଇଁ ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଛି।

## ଭିମ୍‌ସାରର ସମସ୍ୟା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା

# ଉତ୍ତର ମିଳିଲାନି, ରାଗିଲେ ନବ

**ସମ୍ବଲପୁର,୨୩।୯(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ର ସମସ୍ୟା କମୁନି। ଏ ନେଇ ସୋମବାର ବୁର୍ଲାସ୍ଥିତ ଅଶୋକ ନିବାସରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସମୀକ୍ଷା କରିଛନ୍ତି। ଏଥିରେ ଭିମ୍‌ସାର ନିର୍ଦ୍ଦେଶକ ବିଜୟ ଦତ୍ତ ଓ ଅଧୀକ୍ଷକ ଜୟଶ୍ରୀ ଡୋରା ଉପସ୍ଥିତ ଥିଲେ। ଏହି ଅବସରରେ ଟାଟା ମେମୋରିଆଲ ହସ୍‌ପିଟାଲ ସହଯୋଗରେ ନିର୍ମାଣ ହେବାକୁଥିବା କ୍ୟାନସର କେୟାର ୟୁନିଟ କାମ ଓ ମହାନଦୀ କୋଇଲା ଖଣି ସହଯୋଗରେ ୫୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଶିଶୁଭବନ କାମ କେତେବାଟ ଗଲା ବୋଲି ମନ୍ତ୍ରୀ ପ୍ରଶ୍ନ କରିଥିଲେ। ହେଲେ ଭିମସାର କର୍ତ୍ତୃପକ୍ଷ ମନ୍ତ୍ରୀଙ୍କୁ ସନ୍ତୋଷ ଜନକ ଉତ୍ତର ଦେଇପାରି ନ ଥିଲେ। ତେଣୁ ମନ୍ତ୍ରୀ ଦାସ ଅସନ୍ତୋଷ ପ୍ରକାଶ କରିଥିଲେ। ଜୁଲାଇରେ ଏହି ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା। ୩ ମାସ ବିତିଯାଇଥିଲେ ମଧ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଭଳି ଅବହେଳା ଯୋଗୁ ଭିମ୍‌ସାର ସମସ୍ୟା କମିବା ପରିବର୍ତ୍ତେ ବଢୁଛି ବୋଲି କହି ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଥିଲେ। ଭିମ୍‌ସାରରେ ସ୍ୱତନ୍ତ୍ର ବିଦ୍ୟୁତ୍ ସଂଯୋଗ କରିବା ସହ ନିର୍ଦ୍ଦେଶକ ପଦ ପୂରଣ ପାଇଁ ବିଜ୍ଞାପନ ପ୍ରକାଶ କରିବାକୁ ମନ୍ତ୍ରୀ ଉପସ୍ଥିତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଛାତ୍ର ସଂଘ ପକ୍ଷରୁ କଲେଜ ପରିସରରେ ଏକ ଅତ୍ୟାଧୁନିକ ପାଠାଗାର ଓ ବଡ କ୍ୟାଣ୍ଟିନ ନିର୍ମାଣ କରିବାକୁ ଦାବି କରାଯାଇଛି। ଦାବିପତ୍ର ପାଇବା ପରେ ଉପସ୍ଥିତ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଶୀଘ୍ର ପାଠାଗାର ଓ କ୍ୟାଣ୍ଟିନ କାମ ଆରମ୍ଭ କରିବାକୁ ମନ୍ତ୍ରୀ ତାଗିଦ କରିଛନ୍ତି। ୧୦ ଦିନ ଭିତରେ ଟେଣ୍ଡର ପ୍ରକ୍ରିୟା କରାଯିବ। ଏଥିପାଇଁ ଅନୁଦାନ ମିଳିସାରିଥିବା ଉପସ୍ଥିତ ଅଧିକାରୀ ମନ୍ତ୍ରୀଙ୍କୁ କହିଥିଲେ। ସେହିପରି ସୁପର ସ୍ପେଶିଆଲିଟି ହସ୍‌ପିଟାଲ ନିର୍ମାଣ କାମକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପଦକ୍ଷେପ ନେବା ସହ ଅନ୍ୟାନ୍ୟ ସମସ୍ୟା ଉପରେ ମନ୍ତ୍ରୀ ଦାସ କର୍ତ୍ତୃପକ୍ଷଙ୍କୁ ସହ ଆଲୋଚନା କରିଥିଲେ। ଓଡିଶା ମେଡିକାଲ ଟିଚର୍ସ ଆସୋସିଏଶନ(ଓମ୍‌ଟା) ପକ୍ଷରୁ ସ୍ଥାୟୀ ନିର୍ଦ୍ଦେଶକ ପଦ ପୂରଣ କରାଯିବାକୁ ଏକ ଦାବିପତ୍ର ଦିଆଯାଇଛି। ଡିସେମ୍ବର ସୁଦ୍ଧା ଏହି ପଦ ପୂରଣ ହୋଇଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

- କ୍ୟାନ୍‌ସର କେୟାର ୟୁନିଟ୍ ବିଳମ୍ବ
- ଶିଶୁ ଭବନ କାମ ବି ଆରମ୍ଭ ହୋଇନି
- ଶୀଘ୍ର ସ୍ୱତନ୍ତ୍ର ବିଜୁଳି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ
- ପାଠାଗାର, କ୍ୟାଣ୍ଟିନ ନିର୍ମାଣ ପାଇଁ ଦାବି



ସମ୍ବଲପୁର ବୁର୍ଲା ଅଶୋକ ନିବାସରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ।



'କବିର ସିଂ' ଏତେ ସଫଳତା ଆଣିଦେବ ବୋଲି କେବେ ବିଶ୍ୱାସ କରି ନ ଥିଲି।
- ଶାହିଦ୍ କପୁର, ବଲିଉଡ୍ ଅଭିନେତା

# ୩୬ ଘଣ୍ଟାରେ ନେବ ୮କୋଟି ଜୀବନ



## ଭୟଙ୍କର ଭାଇରସ୍

**ୱାଶିଂଟନ୍:** ବିଶ୍ୱ ସମ୍ମୁଖରେ ଏକ ବଡ଼ ଚ୍ୟାଲେଞ୍ଜ ଆସିବାକୁ ଯାଉଛି। ଯାହା ଲୋକଙ୍କ ପାଇଁ ବହୁ ଭୟଙ୍କର ସାବ୍ୟସ୍ତ ହେବ। ଆଉ ଏହି ଚ୍ୟାଲେଞ୍ଜର ନାଁ ହେଉଛି ଭାଇରସ୍। ଏହି ଭାଇରସ୍ ଆସିବାର ୩୬ଘଣ୍ଟା ମଧ୍ୟରେ ପୂରା ବିଶ୍ୱରେ ଏହା ବ୍ୟାପିଯିବ। ଫଳରେ ଏଥିଯୋଗୁ ସାରା ବିଶ୍ୱରେ ୮କୋଟି ଲୋକଙ୍କର ମୃତ୍ୟୁ ମଧ୍ୟ ହୋଇପାରେ। ଏନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପୂର୍ବ ପ୍ରମୁଖ ସତର୍କ କରିଛନ୍ତି। ସେ ଏହାକୁ ଏପର୍ଯ୍ୟନ୍ତ ସବୁଠାରୁ ଅଧିକ ଜୀବନ ନେଉଥିବା ଫ୍ଲୁର ଆଖ୍ୟା ଦେଇଛନ୍ତି। ଆଉ ଏଥିପାଇଁ ପ୍ରସ୍ତୁତ ରହିବା ଲାଗି କୁହାଯାଇଛି। ବିଶେଷଜ୍ଞଙ୍କ ଅନୁସାରେ ପ୍ରାୟ ୧ ଶତାବ୍ଦୀ ପୂର୍ବରୁ ୧୯୧୮ରେ ସ୍ପାନିଶରେ ଫ୍ଲୁ ମହାମାରୀ ଯୋଗୁ ବିଶ୍ୱ ଜନସଂଖ୍ୟାର ଏକ ତୃତୀୟାଂଶ ସଂକ୍ରମିତ ହୋଇଥିଲେ। ଫଳରେ ଏଥିଯୋଗୁ ୫କୋଟି ଲୋକଙ୍କ ମୃତ୍ୟୁ ହୋଇଛି। ଆଉ ଏବେ ଯେଉଁ ଫ୍ଲୁ ଆସିବାକୁ ଯାଉଛି ତାହା ସ୍ପାନିଶ୍ ଫ୍ଲୁଠାରୁ ଅତି ଭୟଙ୍କର ହେବ ବୋଲି କୁହାଯାଉଛି। କାରଣ ବର୍ତ୍ତମାନ ଲୋକମାନେ ପ୍ରାୟ ସବୁ ସମୟରେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଯାତ୍ରା କରୁଛନ୍ତି। ଏହି ଫ୍ଲୁ ଆସିବା ପରେ ଖୁବ୍‌ଶୀଘ୍ର ଲୋକଙ୍କ ମାଧ୍ୟମରେ ଗୋଟିଏ ଦେଶରୁ ଅନ୍ୟଦେଶକୁ ସହଜରେ ବ୍ୟାପିଯିବ। ଆଉ ମାତ୍ର ୩୬ଘଣ୍ଟା ମଧ୍ୟରେ ଏହା ପୂରା ପୃଥିବୀକୁ ସଂକ୍ରମିତ କରିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ କୁହାଯାଉଛି। ଏନେଇ 'ଦ ଗ୍ଲୋବାଲ ପ୍ରିପାୟର୍ଡନେସ୍ ମନିଟରିଂ ବୋର୍ଡ'ର ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଟିମ୍ ନିଜର ଏକ ରିପୋର୍ଟ ବିଶ୍ୱର ସମସ୍ତ ଦେଶକୁ ପଠାଇ ଏହି ଭାଇରସ୍‌ରୁ ବର୍ତ୍ତିବା ପାଇଁ ଉଚିତ ପଦକ୍ଷେପ ନେବା ଲାଗି କହିଛନ୍ତି।

# କୁମାରୀ ମା' ଏମୀ ଜ୍ୟାକ୍ସନ୍



**ମୁମ୍ବାଇ:** ବାହାଘର ପୂର୍ବରୁ ମାତୃତ୍ୱ ଲାଭ କରି ଲୋକପ୍ରିୟ ଅଭିନେତ୍ରୀ ଏମୀ ଜ୍ୟାକ୍ସନ୍ ଏବେ ଚର୍ଚ୍ଚାରେ। ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଛନ୍ତି ଏମୀ। ଏନେଇ ସେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ନିଜ ଭାବୀ ସ୍ୱାମୀ ଜର୍ଜ ଓ ନବଜାତ ଶିଶୁପୁତ୍ରଙ୍କ ସହ ଏହ ଫଟୋ ନିଜ ଇନଷ୍ଟାଗ୍ରାମରେ ଶେୟାର କରି ତାଙ୍କ ମାତୃତ୍ୱ ଗୁଜବକୁ ସତ ପ୍ରମାଣିତ କରିଛନ୍ତି।

ଗତ କିଛି ଦିନ ହେଲା ଏମୀ ନିଜ ପ୍ରେଗ୍ନସିକୁ ନେଇ ବେଶ୍ ଚର୍ଚ୍ଚାରେ ଥିଲେ। ସୋସିଆଲ ମିଡିଆରେ ଏମୀଙ୍କ ଫଟୋରୁ ଫ୍ୟାନ୍ସ ସେ ମାଆ ହେବାକୁ ଯାଉଥିବା ଅନୁମାନ କରୁଥିଲେ। ଅନ୍ୟପଟେ ଏମୀଙ୍କ ଜର୍ଜଙ୍କ ସହ ବିବାହ ହେବା ପୂର୍ବରୁ ସେ ମାତୃତ୍ୱ ଲାଭ କରିଥିବାରୁ ଏବଂ ସୋସିଆଲ ମିଡିଆରେ ସୂଚିତ କରିଥିବାରୁ ପୁଣି ଏମୀଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହାସହ ନୂଆ ନୂଆ ମାଆ ହୋଇଥିବା ଏମୀ ଓ ତାଙ୍କ ଶିଶୁପୁତ୍ର ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରୁଛନ୍ତି। ଆସନ୍ତା ବର୍ଷ ଏମୀ ଓ ଜର୍ଜ ବିବାହ କରିପାରନ୍ତି। ଏମୀ ୨୦୧୦ରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ପାଦ ରଖିଲେ। ସେ ଜଣେ ସଫଳ ବ୍ରିଟିଶ୍ ମଡେଲ ହୋଇଥିବାବେଳେ କଲିଉଡ୍, ବଲିଉଡ୍ ଓ ଟଲିଉଡ୍‌ରେ ମଧ୍ୟ ନିଜର ଅଭିନୟର ଯାଦୁ ଦେଖାଇ ଲୋକପ୍ରିୟତା ହାସଲ କରିଛନ୍ତି।

# ଭେଣ୍ଡିର ରଙ୍ଗ ହେବ ଲାଲ୍

**ବାରାଣସୀ:** ଭାରତୀୟ ପନିପରିବା ଗବେଷଣା ସଂସ୍ଥାନର ଦୀର୍ଘ ୨୩ ବର୍ଷର ଗବେଷଣା ଶେଷରେ ସଫଳ ହୋଇଛି। ବାରାଣସୀସ୍ଥିତ ଏହି ସଂସ୍ଥାନ ଏବେ 'କାଶୀ ଲାଲିମା' ନାମକ ଭେଣ୍ଡି କିସମ ପ୍ରସ୍ତୁତ କରିଛନ୍ତି। ଏହି ଭେଣ୍ଡି ଦେଖିବାକୁ ଲାଲ୍ ରଙ୍ଗ। ଏଥିରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ୍, ଆଇରନ୍ ଏବଂ କ୍ୟାଲସିୟମ୍ ରହିଛି। ଏହି ଭେଣ୍ଡି କିସମ କିଲୋ ପିଛା ଶହେରୁ ୫ ଶହ ଟଙ୍କାରେ ବିକ୍ରି ହେଉଛି। ତେବେ ଏହାର ବିହନ ଖୁବ୍ ଶୀଘ୍ର ଦେଶର ବିଭିନ୍ନ ଅଞ୍ଚଳର ଚାଷୀଙ୍କୁ ଯୋଗାଇ ଦିଆଯିବ ବୋଲି ସଂସ୍ଥାନ ପକ୍ଷରୁ କୁହାଯାଇଛି। ସବୁଜ ବଦଳରେ ଲାଲ୍ ଭେଣ୍ଡି ଦେଶ ପ୍ରତି ଭଲ ବୋଲି ଜଣାପଡ଼ିବା ପରେ ଚାଷୀମାନେ ଏହାକୁ ଗ୍ରହଣ କରିବାକୁ ମନ ବଳାଇଛନ୍ତି। ସୂଚନାଯୋଗ୍ୟ, ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ ଡ. ବିଜେନ୍ଦ୍ରଙ୍କ ନେତୃତ୍ୱରେ ଏଭଳି କିସମ ଭେଣ୍ଡି ଲାଗି ୧୯୯୫-୯୬ରେ ଗବେଷଣା ଆରମ୍ଭ ହୋଇଥିଲା। ଗବେଷଣାରେ ତାଙ୍କୁ ଡ.ଏସ୍.କେ. ସାନୱାଲ, ଡ. ଜି.ପି. ମିଶ୍ରା ଏବଂ ଟେକ୍ନିକାଲ ସହାୟକ ସୁଭାଷ ଚନ୍ଦ୍ର ପ୍ରମୁଖ ଆବଶ୍ୟକ ସହାୟତା କରିଥିଲେ। ଏହି ଭେଣ୍ଡି କିସମ ୧୧-୧୪ ସେ.ମି. ଲମ୍ବ ହୋଇଥିବାବେଳେ ଏହାର ଗୋଲେଇ ୧.୫-୧.୬ ସେ.ମି. ରହିଛି। ଏହି ରଙ୍ଗର ଭେଣ୍ଡି ସାଧାରଣତଃ ପାଶ୍ଚାତ୍ୟ ରାଷ୍ଟ୍ରରେ ଅଧିକ ଚାଷ କରାଯାଇଥାଏ।



# ହେଲ୍‌ମେଟ ନ ପିନ୍ଧିବାରୁ ବସ୍ ଡ୍ରାଇଭରଙ୍କୁ ଜରିମାନା



**ନୋଏଡ଼ା:** ଆପଣ ଶୁଣି ଆଶ୍ଚର୍ଯ୍ୟ ହେଇଯାଉଥିବେ ନିଶ୍ଚୟ। ବସ୍ ଡ୍ରାଇଭର ପୁଣି ହେଲ୍‌ମେଟ୍ ପିନ୍ଧିବେ? କିନ୍ତୁ ଏହ ସତ ଯେ, ନୋଏଡ଼ାର ଜଣେ ବସ୍ ଡ୍ରାଇଭର ହେଲ୍‌ମେଟ୍ ପନ୍ଧି ନ ଥିବାରୁ ତାଙ୍କୁ ପରିବହନ ବିଭାଗ ପକ୍ଷରୁ ୫୦୦ ଟଙ୍କାର ଜରିମାନା କରାଯାଇଛି। ସେପ୍ଟେମ୍ବର ୧୧ରେ ଅନ୍‌ଲାଇନ ଚାଲାଣ କଟାଯାଇଥିବାବେଳେ ଶୁକ୍ରବାର ଏହି ଖବର ପଦାକୁ ଆସିଛି। ଘଟଣାରୁ ଜଣାପଡ଼ିଛି ଯେ, ନିରାକାର ସିଂ ନାମକ ବସ୍ ଡ୍ରାଇଭରଙ୍କୁ ଏହି ଚାଲାଣ ମିଳିଛି। ଏହି ଜରିମାନା ବିରୋଧରେ ସେ କୋର୍ଟରେ ଅପିଲ କରିବେ ବୋଲି କହିଛନ୍ତି। ମୋଟର ଯାନ ସଂଶୋଧନ ଆଇନ ଲାଗୁ କରାଯିବା ପରେ ଦେଶବ୍ୟାପୀ ଜରିମାନା ଆଦାୟ କରାଯାଉଛି। ପରିବହନ ବିଭାଗର ମଧ୍ୟ ଗୁରୁଦାୟିତ୍ୱ ବଢ଼ିଛି। ହେଲେ ବିଭାଗ ପକ୍ଷରୁ ଏମିତି ଖାମ୍‌ଖିଆଲ ମନୋଭାବ ପୋଷଣ କରାଯିବ, କେହି କେବେ ଭାବି ନ ଥିଲେ। ଦୁଇଚକିଆ ଯାନଚାଳକଙ୍କ ଲାଗି ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିବାବେଳେ ବସ୍ ଡ୍ରାଇଭର୍‌ଙ୍କୁ ଏନେଇ ଜରିମାନା କରାଯିବା ବିଭାଗୀୟ ତ୍ରୁଟି ଛଡ଼ା ଆଉ କିଛିନୁହେଁ। ପୂର୍ବରୁ ୪ ଥର ସିଟ୍ ବେଲ୍ଟ ନ ପିନ୍ଧିବା କାରଣରୁ ଏହି ବସ୍‌କୁ ଜରିମାନା ଲଗାଯାଇଥିଲା। ତେବେ ସିଟ୍‌ବେଲ୍ଟ ନୁହେଁ ଏବେ ହେଲ୍‌ମେଟ୍ ନ ପିନ୍ଧିବାକୁ ନେଇ ଜରିମାନା ଲଗାଯିବା ଘଟଣା ବିଭାଗୀୟ କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି।

# ଗଛ ଗଣ୍ଡିରେ ମୃତଦେହ ସଂସ୍କାର

## ଅଜବ ପରମ୍ପରା

**ଜାକର୍ତ୍ତା:** ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ଅଜବ ପରମ୍ପରା ବିଷୟରେ ଶୁଣିଲେ ବେଳେ ବେଳେ ଆଶ୍ଚର୍ଯ୍ୟ ଲାଗେ। କେବେ କେବେ ଏହା ବିଶ୍ୱାସ ନ ହେଉଥିଲେ ମଧ୍ୟ ସେ ସବୁ ପରମ୍ପରା ସତ ହୋଇଥାଏ। ଇଣ୍ଡୋନେସିଆରେ ଥିବା ଏମିତି ଏକ ପରମ୍ପରା ଯାହାକୁ ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ ସତ, ହେଲେ ପରମ୍ପରା ବହୁ ଦଶନ୍ଧି ଧରି ଚଳି ଆସୁଛି। ଏଠାରେ କୌଣସି ଶିଶୁଙ୍କର ମୃତ୍ୟୁ ହେଲେ ସେମାନଙ୍କୁ ଏକ ଜୀବନ୍ତ ଗଛର ଗଣ୍ଡିରେ ସମାଧି ଦିଆଯାଇଥାଏ। ଶିଶୁଟିର ମୃତ୍ୟୁ ପରେ ତାକୁ ଏକ କପଡା ଦ୍ୱାରା ଢାଙ୍କି ଦିଆଯାଏ। ଏହାପରେ ଉକ୍ତ ମୃତଦେହକୁ ତାଳ ପତ୍ରକାଠରେ ତିଆରି ଏକ ଛାଞ୍ଚରେ ରଖି ଗଛ ଗଣ୍ଡିରେ କଣା କରି ସମାଧି ଦିଆଯାଇଥାଏ। ଏପରି କରିବା ଦ୍ୱାରା ଶିଶୁଟିର ଆତ୍ମା ଶାନ୍ତି ପାଇଥାଏ ବୋଲି ସେଠାକାର ଲୋକଙ୍କର ବିଶ୍ୱାସ ରହିଛି। ତେବେ ଦୁଧଦାନ୍ତ ଉଠିବା ପୂର୍ବରୁ ଯେଉଁ ଶିଶୁମାନଙ୍କର ମୃତ୍ୟୁ ହୋଇଥାଏ, କେବଳ ସେହି ଶିଶୁଙ୍କୁ ଏପରି ଭାବେ ସଂସ୍କାର କରାଯାଏ।



# ଦୁନିଆର ସବୁଠୁ ଦାମୀ ଭିଡିଓ ଗେମ୍

## ୨ ହଜାର କୋଟି ଖର୍ଚ୍ଚ, ୭ ବର୍ଷ ପରେ ବି ଅଧୁରା

**ନ୍ୟୁୟର୍କ-** ଏକ ଭିଡିଓ ଗେମ୍ ତିଆରି କରିବା ପାଇଁ ୨୦୧୨ରେ ଅନ୍‌ଲାଇନ୍ କ୍ରାଉଡ୍‌ଫଣ୍ଡିଂ ୱେବସାଇଟ୍ କ୍ରିକ୍‌ଷ୍ଟାର ମାଧ୍ୟମରେ ଟଙ୍କା ଯୋଗାଡ଼ କରାଯାଉଥିଲା। କୁହାଯାଉଥିଲା, ଏହା ଏକ ମଲ୍ଟିପ୍ଲେୟାର ଗେମ୍, ଯାହାକୁ ୨୦୧୪ରେ ଲଞ୍ଚ କରାଯିବ। ଏହି ଗେମ୍ ତିଆରି ଦାୟିତ୍ୱ ବିଶ୍ୱର ପ୍ରସିଦ୍ଧ ଗେମ୍ ଡିଜାଇନର କ୍ରିସ୍ ରବର୍ଟଙ୍କୁ ଦିଆଯାଇଥିଲା। ତେଣୁ ଲୋକଙ୍କର ଏହା ଉପରେ ଖୁବ୍ ବିଶ୍ୱାସ ରହିଥିଲା। ରବର୍ଟ ଏହି କ୍ୟାମ୍ପେନ୍ ଗେମ୍ ୱେବସାଇଟ୍‌ରେ ବି ଚଳାଇଥିଲେ। ସେ କହିଥିଲେ ଯଦି ୧୬୩. ୩ କୋଟି (୨୩ ମିଲିୟନ ଡଲାର) ଯୋଗାଡ଼ ହୋଇଯାଏ ତେବେ ଏହି ଗେମ୍ ତିଆରି ପାଇଁ କୌଣସି ନିବେଶକଙ୍କ ଆବଶ୍ୟକ ପଡ଼ିବନି। ତାଙ୍କର ଏହି ସ୍ୱପ୍ନ ୧୮ ଅକ୍ଟୋବର ୨୦୧୩ ସୁଦ୍ଧା ପୂରଣ ହୋଇଯାଇଥିଲା। ଏବେ ସୁଦ୍ଧା ଏହି ଗେମ୍ ପାଇଁ ୨,୦୪୫ କୋଟି (୨୮୮ ମିଲିୟନ ଡଲାର) ଯୋଗାଡ଼ ହୋଇଛି। ହେଲେ ଏହା କେବେ ଲଞ୍ଚ ହେବ ସେ ନେଇ କିଛି ଜଣାପଡ଼ିନି। ଏହି ଗେମ୍‌ର ନାଁ 'ଷ୍ଟାର ସିଟିଜେନ୍'। ବିଶେଷକରି ଏହାକୁ ମାଇକ୍ରୋସଫ୍ଟ ୱିଣ୍ଡୋଜ୍ ପାଇଁ ତିଆରି କରାଯାଉଛି। ରବର୍ଟ କହିଛନ୍ତି, ଏହି ଗେମ୍ ଖେଳିବାକୁ ଖେଳାଳିମାନଙ୍କୁ ଏକ ବ୍ରହ୍ମାଣ୍ଡ ମିଳିବ। ଏଥିରେ ୧୦୦ଟି ଷ୍ଟାର ସିଷ୍ଟମ ରହିବ। କିନ୍ତୁ ଏ ପର୍ଯ୍ୟନ୍ତ ଏଥିରୁ ଗୋଟିଏ ମଧ୍ୟ ତିଆରି ହୋଇନାହିଁ। ଏ ଯାଏ କେବଳ ଦୁଇଟି ଗ୍ରହ, ୯ଟି ଜହ୍ନ ଓ ଗୋଟିଏ ଛୋଟ ତାରା ତିଆରି ହେଇଛି। ୨୦୧୭ ବେଳକୁ ରୋବର୍ଟଙ୍କ ପାଖରେ ଆଉ ୧୦୦ କୋଟି (୧୪ମିଲିୟନ ଡଲାର) ଥିଲା, ତେଣୁ ସେ ଆଉଥରେ ଅନଲାଇନ୍ କ୍ରାଉଡଫଣ୍ଡିଂ ଆରମ୍ଭ କରିଥିଲେ। ଏହି ଗେମ୍ ଉପରେ ନଜର ରଖିଥିବା ବିଶେଷଜ୍ଞଙ୍କ କହିବା କଥା ଯେ, ରବର୍ଟ ବାରମ୍ବାର ଗେମ୍‌ର ଫିଚର ବଦଳାଉଥିବା ବେଳେ ତାଙ୍କ ଟିମ୍ ମେମ୍ବରଙ୍କ କାମ ତାଙ୍କୁ ପସନ୍ଦ ଆସୁ ନ ଥିବାରୁ ଏହା ଶେଷ ହେବାରେ ବିଳମ୍ବ ଘଟୁଛି। ଏହି ଗେମ୍ ପାଇଁ ପ୍ରାୟ ୧୧ଲକ୍ଷ ଲୋକ ଟଙ୍କା ଲଗାଇଛନ୍ତି। ଗେମ୍ ଲଞ୍ଚ ହେବାକୁ ଡେରି ହେଉଥିବାରୁ ଆମେରିକାର ଫେଡେରାଲ ଟ୍ରେଡ କମିଶନଙ୍କ ନିକଟରେ ଏ ପର୍ଯ୍ୟନ୍ତ ୧୨୯ ଟି ଅଭିଯୋଗ ପହଞ୍ଚିଛି।



# ଡେଥ୍ ସାର୍ଟିଫିକେଟ ନେଇ ଥାନାରେ ପହଞ୍ଚିଲେ ଯୁବକ

**ଲକ୍ଷ୍ନୌ:** କୁହାଯାଏ ପେଟ ପାଇଁ ସବୁ ନାଟ। ଏଭଳି ଏକ ନାଟ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ହାପୁଡ଼ ଜିଲାରେ। ବଡ଼ଭାଇଙ୍କ ନାଁରେ ସାନ ଭାଇ ଚାକିରି କରିବା ଓ ସାନଭାଇର ମୃତ୍ୟୁ ପରେ ବଡ଼ଭାଇଙ୍କ ମୃତ୍ୟୁ ପ୍ରମାଣପତ୍ର ମାଧ୍ୟମରେ କ୍ଷତିପୂରଣ ପାଇବା ପାଇଁ ଦାବି କରାଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କୋତବାଲି ଅଞ୍ଚଳରେ ମୋହଲ୍ଲା ଗାନ୍ଧୀ ବିହାରରେ ସପରିବାର ରହନ୍ତି ଅନୁଜ ଶର୍ମା। ତାଙ୍କ ସାନଭାଇ ରାହୁଲ। ଅନୁଜଙ୍କର ସବୁ ଶିକ୍ଷାଗତ ପ୍ରମାଣପତ୍ର ନେଇ ତାଙ୍କ ନାମରେ ରାହୁଲ ହୋମଗାର୍ଡରେ ଚାକିରି କରିଥିଲେ। ଚାକିରିର ସବୁ କାଗଜପତ୍ରରେ ରାହୁଲ କିନ୍ତୁ ତାଙ୍କ ପତ୍ନୀଙ୍କ ନାମ ରଖିଥିଲେ। ୮ ଏପ୍ରିଲ , ୨୦୧୮ରେ ମେରଠ ରୋଡ୍‌ରେ କାର୍ଯ୍ୟରତ ରାହୁଲଙ୍କର ଟ୍ରକ ଦୁର୍ଘଟଣାରେ ମୃତ୍ୟୁ ହେବାପରେ ତାଙ୍କ ପରିବାର ଥାନାରେ ଏକ କେସ୍ ଦାଏର କରିଥିଲେ। ସେଥିରେ ପରିବାରର ଲୋକେ ମୃତକଙ୍କ ନାମ ରାହୁଲ ବଦଳରେ ଅନୁଜ ବୋଲି ଉଲ୍ଲେଖ କରିଥିଲେ। କାଗଜ ପତ୍ରରେ ଅନୁଜଙ୍କୁ ମୃତକ ବୋଲି ଦର୍ଶାଯିବା ପରେ ରାହୁଲଙ୍କ ପତ୍ନୀ କ୍ଷତିପୂରଣ ବାବଦ ଅର୍ଥ ହଡପ କରିବା ସକାଶେ ବାପଘର ପରାମର୍ଶରେଜୀବିତ ଦେଢ଼ଶୁର ଅନୁଜଙ୍କ ନାମରେ ଅନ୍‌ଲାଇନ ଜରିଆରେ ଜାଲ୍ ମୃତ୍ୟୁ ପ୍ରମାଣ ପତ୍ର ଯୋଗାଡ କରିଥିଲେ। ପରେ ସେ ଏହାକୁ ନେଇ ଜିଲା ହୋମଗାର୍ଡ କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟରେ ଟଙ୍କା ପାଇବାକୁ ଦାବି କରିବା ପରେ ଅନୁଜ ପୋଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ସବୁ ଜଣାଇଦେଇଛନ୍ତି। ଏହାପରେ ଘଟଣାର ରହସ୍ୟ ପଦାକୁ ଆସିବା ପରେ ଏହା ଉପରେ ତଦନ୍ତ ଲାଗି ଏକ କମିଟି ଗଠନ କରାଯାଇଛି।

# ଏହି କମ୍ପାନୀର କର୍ମଚାରୀମାନେ ନିଜ ଇଚ୍ଛାରେ ବଢ଼ାଇଥାନ୍ତି ଦରମା

**ଲଣ୍ଡନ:** ସରକାରୀ ଚାକିରିଆ ହୁଅନ୍ତୁ ବା ବେସରକାରୀ। କର୍ମଚାରୀମାନଙ୍କ ଦରମା ବଢ଼ିଥାଏ କାର୍ଯ୍ୟାଳୟର ମୁଖ୍ୟଙ୍କ ନିର୍ଦ୍ଦେଶରେ। କିନ୍ତୁ ଏମିତି ଏକ କମ୍ପାନୀ ରହିଛି, ଯେଉଁଠି କର୍ମଚାରୀମାନେ ସେମାନଙ୍କ ଦରମା ନିଜେ ବଢ଼ାଇଥାନ୍ତି। ଅବିଶ୍ୱସନୀୟ ଲାଗୁଥିଲେ ମଧ୍ୟ ସତ। ଏମିତି ଏକ କମ୍ପାନୀ ରହିଛି ଲଣ୍ଡନରେ। ଏଠାରେ 'ଗ୍ରାଣ୍ଟ ଟ୍ରି' ନାମକ ଏକ କମ୍ପାନୀର ମାଲିକ କର୍ମଚାରୀଙ୍କ ଦରମା ବଢ଼ାଇ ନ ଥାନ୍ତି। ସମସ୍ତ କର୍ମଚାରୀ ସେମାନଙ୍କ ଦରମା ନିଜ ଇଚ୍ଛାରେ ବଢ଼ାଇଥାନ୍ତି। ଯେତେବେଳେ ମନ ହୁଏ କର୍ମଚାରୀମାନେ ନିଜର ଦରମା ବଢ଼ାଇ ଦିଅନ୍ତି। କମ୍ପାନୀର କର୍ମଚାରୀମାନେ ଦରମା ବଢ଼ାଇବାକୁ ହେଲେ ମାଲିକଙ୍କ ନିକଟକୁ ଯିବାକୁ ପଡ଼େ ନାହିଁ। ସହକର୍ମୀଙ୍କ ସହ ଆଲୋଚନା କରି ଦରମା ନିଷ୍ପତ୍ତି କରିଥାନ୍ତି। ଏଥିରେ ମାଲିକଙ୍କର କୌଣସି ଆପତ୍ତି ମଧ୍ୟ ନ ଥାଏ। ଉକ୍ତ କମ୍ପାନୀ ବର୍ତ୍ତମାନ ଚର୍ଚ୍ଚାକୁ ଆସିଛି। ଏହା ପଛରେ ଏଠାରେ କାମ କରୁଥିବା ୨୫ ବର୍ଷୀୟ ଯୁବତୀ ସିସିଲିୟା



ମାଡୁକାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ମହିଳା କର୍ମଚାରୀ ଜଣକ ନିଜର ଦରମା ନିଜେ ବଢ଼ାଇ ଦେଇଛନ୍ତି। ୨୭ ଲକ୍ଷ ଦରମା ପାଉଥିବାବେଳେ ୩୩ ଲକ୍ଷକୁ ବଢ଼ାଇଛନ୍ତି। ସିସିଲିୟା ପ୍ରଥମେ ସହକର୍ମୀଙ୍କ ସହ କଥାବାର୍ତ୍ତା କରିଥିଲେ। ପରେ ସେମାନେ ତାଙ୍କର ଦରମା ବଢ଼ିବା ପାଇଁ ମତ ଦେଇଥିଲେ। ଉକ୍ତ କମ୍ପାନୀର ଆଉ ଏକ ଖାସ୍ କଥା ହେଲା ଏଠାରେ କାମ କରୁଥିବା ୪୫ ଜଣ କର୍ମଚାରୀ ନିଜର ଦରମା ନିଜେ ବଢ଼ାଇଥାନ୍ତି।

# ଇଂରେଜଙ୍କ ଗର୍ବ ଭାଙ୍ଗିଥିଲା ଲୋହାଗଡ଼ ଦୁର୍ଗ



**ନୂଆଦିଲ୍ଲୀ:** କଥାରେ ଅଛି ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ। ଅର୍ଥାତ୍ ଭାରତୀୟ ସଂସ୍କୃତି ଓ ସଭ୍ୟତା ଏତେ ପ୍ରାଚୀନ ଯେ, ଯାହା ଭାରତରେ ନାହିଁ, ତାହା ବିଶ୍ୱର ଅନ୍ୟ କେଉଁଠି ନ ଥାଇ ପାରେ ଅର୍ଥରେ ଏହା କୁହାଯାଇଛି। ଐତିହ୍ୟ, ପରମ୍ପରା, ସାହିତ୍ୟ, କଳା ଓ ସଂସ୍କୃତିରେ ଭରପୂର ଆମ ଦେଶ। ତେବେ ଆମ ଦେଶରେ ଅନେକ ପ୍ରାଚୀନ ଦୁର୍ଗ ରହିଥିବା ଆମେ ଜାଣିଛେ। ପ୍ରତ୍ୟେକ ଦୁର୍ଗକୁ ନେଇ ଅନେକ ରହସ୍ୟ, ରୋମାଞ୍ଚଭରା କାହାଣୀ ମଧ୍ୟ ରହିଛି। ଏହାରି ଭିତରେ ରାଜସ୍ଥାନର ଭରତପୁରସ୍ଥିତ ଏକ ଦୁର୍ଗ ଅନ୍ୟତମ, ଯାହାର ନାମ ଲୋହାଗଡ଼। ଏହି ଦୁର୍ଗକୁ ଆକ୍ରମଣ କରି ଇଂରେଜମାନେ କେବେ ସଫଳ ହୋଇପାରି ନ ଥିଲେ। ଏପରି କି ଗୋଳା ବାରୁଦରେ ଆକ୍ରମଣ କରି ମଧ୍ୟ ଆଜି ଯାଏଁ କେହି ଏହି ଦୁର୍ଗକୁ ବିଜୟ କରିପାରି ନାହାନ୍ତି। ଏଣୁ ଏହାକୁ ଦେଶର ଏକମାତ୍ର ଅଜୟ ଦୁର୍ଗ ବୋଲି ମଧ୍ୟ କୁହାଯାଏ।

ଏହି ଦୁର୍ଗର ନିର୍ମାଣ ଜାଟ୍ ଶାସକ ମହାରାଜା ସୂରଜ ମଲ ୨୮୫ ବର୍ଷ ପୂର୍ବେ ଅର୍ଥାତ ୧୭୩୩ ମସିହା ଫେବୃୟାରୀ ୧୯ରେ ନିର୍ମାଣ କରିଥିଲେ। ସେହି ସମୟରେ ତୋପ ଏବଂ ଗୋଳା ବାରୁଦ ଯୁଦ୍ଧ ସମୟରେ ଅଧିକ ବ୍ୟବହାର କରାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ଏହି ଦୁର୍ଗକୁ ନିର୍ମାଣ କରାଯାଇଛି। ଏହାର ନିର୍ମାଣ ପୂର୍ବରୁ ପ୍ରଥମେ ଏକ ଚଉଡ଼ା ଏବଂ ଶକ୍ତ ପଥର ନିର୍ମିତ ଉଚ୍ଚ କାନ୍ଥ ନିର୍ମାଣ କରାଯାଇଥିଲା। କୌଣସି ପ୍ରକାର ଗୋଳା ବାରୁଦର ଏହି କାନ୍ଥ ଉପରେ ପ୍ରଭାବ ଶୂନ୍ୟ ଥିଲା। ଦୁର୍ଗର ଚତୁଃପାର୍ଶ୍ୱରେ ଶହ ଶହ ଫୁଟ୍ ଉଚ୍ଚରେ ଦୁଇ ଦୁଇଟି ମାଟି ନିର୍ମିତ ପାଚେରି ନିର୍ମାଣ କରାଗଲା। ସେହିପରି ତଳେ ଏକ ଗଭୀର ପୋଖରୀ ଖୋଳାଯାଇଥିଲା, ଯାହା ସର୍ବଦା ଜଳମଗ୍ନ ରହୁଥିଲା। ଫଳରେ ଯଦି ଇଂରେଜମାନେ କଳେ, ବଳେ ଓ କୌଶଳେ ପୋଖରୀ ପାର କରିଯାଉଥିଲେ, ତେବେ ପାଚେରି ଡେଇଁବା କଷ୍ଟସାଧ୍ୟ ହେଉଥିଲା।

କୁହାଯାଏ, ଭାରତର ଏହି ଦୁର୍ଗ ଇଂରେଜମାନଙ୍କ ଗର୍ବ ଭାଙ୍ଗିଥିଲା। ଏହାକୁ କବ୍‌ଜା କରିବାକୁ ଇଂରେଜମାନେ ୧୩ଥର ଆକ୍ରମଣ କରିଥିଲେ। କିନ୍ତୁ ସବୁ ପ୍ରୟାସ ବୃଥା ରହିଲା ଓ ଦୁର୍ଗର କୌଣସି କ୍ଷତି ଘଟି ନ ଥିଲା। କୁହାଯାଏ ମହାରାଜା ସୂରଜ ମଲ ନିଜର ସମସ୍ତ ଶକ୍ତି ଓ ସମ୍ପତ୍ତି ପ୍ରତିବଦଳରେ ଏହି ଦୁର୍ଗର ନିର୍ମାଣ କରିଥିଲେ, ଯାହା ଆଜି ପର୍ଯ୍ୟନ୍ତ ଅଜୟ ହୋଇ ରହିଛି।

ଇଏ ବି ଜଣେ ନାରୀ

# ସାରସ୍ୱତ ସାଧିକା ସଂଯୁକ୍ତା


ସଂଯୁକ୍ତା ମହାପାତ୍ର

ପେସା ଶିକ୍ଷକତା, ହେଲେ ଲେଖାଲେଖି ସତେ ଯେମିତି ତାଙ୍କ ପାଇଁ ନିଶା ପାଲଟିଯାଇଛି। ସେ ହେଲେ ସଂଯୁକ୍ତା ମହାପାତ୍ର। ଯାଜପୁର ଜିଲା ବଡ଼ ତ୍ରିଲୋଚନପୁର ଗ୍ରାମରେ ତାଙ୍କର ଜନ୍ମ। ଶଙ୍ଖଚିଲାସ୍ଥିତ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନରେ ନିଜକୁ ନିୟୋଜିତ ରଖିଛନ୍ତି ସେ। ସାବିତ୍ରୀ ମହାପାତ୍ର ଏବଂ ନୀଳାମ୍ବର ମହାପାତ୍ରଙ୍କ ଏହି କନ୍ୟା ଯୋଗରେ ସ୍କିଲ୍ ଇଣ୍ଡିଆ(ଗ୍ରେଡ୍-ଏ)ଡିଗ୍ରୀ ହାସଲ କରିଛନ୍ତି। ଲେଖାଲେଖି ଜୀବନ କିପରି ଆରମ୍ଭ ହେଲା ପ୍ରଶ୍ନର ଉତ୍ତରରେ କହନ୍ତି, ‘‘ମୋ ଜେଜେମା ରାମାୟଣ, ମହାଭାରତ, ଭାଗବତ, ଲକ୍ଷ୍ମୀପୁରାଣ, ବାୟୁ ପୁରାଣ , ହରିବଂଶ , ବିଲଙ୍କା ରାମାୟଣ ଆଦି ପଢ଼ି ତାଙ୍କୁ ଶୁଣାଇବାକୁ ମୋତେ ଉତ୍ସାହିତ କରୁଥିଲେ। ଅତି ଛୋଟ ବେଳୁ ଏସବୁ ପଢ଼ିବାର ସୁଯୋଗ ପାଇଥିବାରୁ ମୁଁ ଗପ ଓ କବିତା ପ୍ରତି ସ୍ୱତଃ ଆକର୍ଷିତ ଥିଲି। ତେଣୁ ନିଜେ କିଛି କରିବାର ଇଚ୍ଛା ଥିଲା। ପରେ ମୋ ଭିଣୋଇ, ସ୍ୱାମୀ ଓ ପୁଅ ମୋତେ ଲେଖିବାକୁ ପ୍ରୋତ୍ସାହିତ କରିଥିଲେ। ମୁଁ ବହୁ ଛୋଟ ବେଳରୁ ଲେଖାପଢ଼ା ସହ ଜଡ଼ିତ ଥିଲେ ମଧ୍ୟ କଲେଜରେ ପଢ଼ିବା ବେଳେ ମୋର ଓଡ଼ିଆରେ କମ୍ ନମ୍ବର ରହିଲା। ୨୦୦୭ରେ ‘ଜାହ୍ନବୀ’ର ସମ୍ପାଦିକା ମୋ ସ୍ୱାମୀ ନାରାୟଣ ପ୍ରସାଦ ପତିଙ୍କୁ ଏକ ସଭାକୁ ଅତିଥି କରି ଡାକିଥିଲେ। ସେଠାରେ କବିତା ଆବୃତ୍ତିକରି ପୁରସ୍କୃତ ହେବା ପରେ କବିତା ଲେଖିବା ମୋର ନିଶାରେ ପରିଣତ ହୋଇଥିଲା। ସେଠାରେ କବିତା ପଢୁଥିବା ସମସ୍ତଙ୍କୁ ପ୍ରମାଣପତ୍ର ଦେଲାବେଳେ ମୋତେ ଗୋଟିଏ ଦେଲେ। ମୁଁ ଏହାକୁ ଏକପ୍ରକାର ଜିଦି ଭାବେ ଗ୍ରହଣକରି ଲେଖା ଆରମ୍ଭକଲି। ଆଉ ୨୦୦୯ରୁ ତ୍ରୈମାସିକ ପତ୍ରିକା ‘ଚିରନ୍ତନୀ’ ମୋ ସମ୍ପାଦନାରେ ଆରମ୍ଭକରି ନିୟମିତ ଚଳାଇ ଆସୁଛି। ପୌରାଣିକ ବିଷୟବସ୍ତୁ ଆଧାରରେ ଗଳ୍ପ କବିତା ଲେଖି ସମାଜ ସଂସ୍କାର ପାଇଁ ଉଦ୍ୟମ କରିଥାଏ। ବିଶେଷକରି ଶିଶୁମାନଙ୍କ ନିମନ୍ତେ ନୈତିକ ଧର୍ମିକ କଥା ଓ ନାରୀମାନଙ୍କ ସମସ୍ୟାକୁ ଆଧାରକରି ଗଳ୍ପ କବିତା ଲେଖିଥାଏ।

ଶିକ୍ଷକତା ମୋର ବ୍ରତ। ଏହା ମୋତେ ଆନନ୍ଦ ଦିଏ। ମୋ ଶିକ୍ଷକତା ମଧ୍ୟରେ ମୁଁ ବହୁ କଥା ଶିଖିବାକୁ ପାଇଥାଏ। ଏଥିପାଇଁ ମୋତେ ସମୟ ଦେବାକୁ ପଡ଼େନାହିଁ। କାରଣ ପଢ଼ିବା, ଲେଖିବା ଦୁଇଟି କାର୍ଯ୍ୟ ପରସ୍ପର ପରିପୂରକ। ଏହା ବ୍ୟତୀତ ମୁଁ ଯୋଗ ଶିଖାଏ, ସମାଜସେବା କରେ, ଭାରତ ସ୍କାଉଟ ଗାଇଡର ପ୍ରଶିକ୍ଷିକା କାର୍ଯ୍ୟ କରେ, ଇନରହୁଇଲ କ୍ଲବ୍‌ର ପ୍ରତିଷ୍ଠାତା ସଭାପତି। ମୋ ପାଇଁ ସବୁ କାର୍ଯ୍ୟ ଗୋଟିଏ ଗୋଟିଏ ବିନ୍ଦୁ ପରି ସରଳରେଖାରେ ଗତି କରିଥାଏ। ଜଣେ ଶିକ୍ଷୟିତ୍ରୀ ଭାବେ ମୋ ଛାତ୍ରୀଛାତ୍ରଙ୍କୁ କହିବି ଯେ ଜ୍ଞାନ ଅର୍ଜନ କରିବା ଓ ନମ୍ବର ରଖିବା ଦୁଇଟି ଭିନ୍ନ କଥା। ଜ୍ଞାନର କୌଣସି ସୀମା ନ ଥିବାରୁ ଏକ ନିର୍ଦ୍ଦିଷ୍ଟ ବିଷୟ ଅଧ୍ୟୟନର ମୌଳିକ ଉଦ୍ଦେଶ୍ୟ ବୁଝିବା ଆବଶ୍ୟକ। ଜ୍ଞାନକୁ ପ୍ରୟୋଗାତ୍ମକ କଲେ ଏହା ବୃଦ୍ଧି ଘଟେ ଓ ଗୋଟିଏ କ୍ଷେତ୍ରର ଜ୍ଞାନ ଅନ୍ୟ କ୍ଷେତ୍ରରେ ଉପଯୋଗୀ ହୁଏ। ପାଠିକାପାଠକମାନେ କାବ୍ୟ କବିତା, ଗଳ୍ପ, ଉପନ୍ୟାସ ପଢ଼ିବା ବେଳେ ଏହାର ଅନ୍ତର୍ନିହିତ ଭାବକୁ ବୁଝିବା ଉଚିତ। ପ୍ରତ୍ୟେକ ଲେଖାରେ ସମାଜ ନିମନ୍ତେ ଏକ ବାର୍ତ୍ତା ଥାଏ। ଏହାକୁ ବୁଝିଲେ ଲେଖକର ଶ୍ରମ ସାର୍ଥକ ହୁଏ। ମୋର ନିଜର କିଛି ଅବସୋସ ନାହିଁ। କାରଣ ମୋ କାର୍ଯ୍ୟକୁ ମୁଁ ସାରିପାରିବି, ଭଗବାନ ମୋତେ ସମୟ ଦେଲେ ଅନେକ କିଛି କରିବାର ଯୋଜନା ରଖିଛି। କିନ୍ତୁ ଏବେ ଦେଖାଯାଉଛି ପ୍ରକୃତ ସାହିତ୍ୟିକମାନେ ଅନ୍ତରାଳରେ ରହୁଥିବାବେଳେ ଅଣସାହିତ୍ୟିକମାନେ



ପ୍ରଚାରଧର୍ମୀ ହୋଇପଡ଼ିଛନ୍ତି। ଆଉ ପ୍ରୋତ୍ସାହନ ଅଭାବରୁ ଆମ ଭବିଷ୍ୟତ ପିଢ଼ି ଭାଷା ସାହିତ୍ୟ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି।’’ ନିଜର ସାରସ୍ୱତ ଜୀବନରେ ପୁରସ୍କାରକୁ ସେ କେବେ ଅଗ୍ରାଧିକାର ଦେଇନାହାନ୍ତି। ଏଥିରେ ନିଜକୁ ଜଡ଼ିତ ରଖି ପାଠିକାପାଠକଙ୍କୁ ଶିକ୍ଷଣୀୟ ଗପ, କବିତା ଉପହାର ଦେବାକୁ ସବୁବେଳେ ପ୍ରାଥମିକତା ଦିଅନ୍ତି ସଂଯୁକ୍ତା। **– ଦେବସ୍ମିତା**

# ଏଡିଏଚ୍‌ଡି


ଡା. ଲିପିକା ମହାପାତ୍ର

‘‘ଆଟେନଶନ ଡିଫିସିଟ୍ ହାଇପରଆକ୍ଟିଭିଟି ଡିଜଅର୍ଡର (ଏଡିଏଚ୍‌ଡି) ଶିଶୁମାନଙ୍କର ଏକପ୍ରକାର ଜୀବନବ୍ୟାପୀ ବିକାଶାତ୍ମକ ଅସାମର୍ଥ୍ୟ ବ୍ୟାଧି। ପାଖାପାଖି ୩୬ ମାସ ପୂର୍ବରୁ ଏହାର ଲକ୍ଷଣ ଆରମ୍ଭ ହୋଇଥାଏ। କିନ୍ତୁ ଏକ ଶିଶୁର ୪ ବର୍ଷ ବୟସରେ ପ୍ରାୟତଃ ଏହାର ଲକ୍ଷଣ ସବୁ ଦେଖିବାକୁ ମିଳିଥାଏ । ସାଧାରଣତଃ ଏଥିରେ ପୁଅ ଓ ଝିଅଙ୍କ ଅନୁପାତ ୩ : ୧ରହିଥାଏ। ହେଲେ ଝିଅମାନଙ୍କ ତୁଳନାରେ ପୁଅମାନଙ୍କ ମଧ୍ୟରେ ଏହା ୩ଗୁଣ ଅଧିକ ଦେଖିବାକୁ ମିଳିଥାଏ।’’









ଆଟେନ୍‌ଶନ ଡିଫିସିଟ୍ ହାଇପର ଆକ୍ଟିଭିଟି ଡିଜଅର୍ଡର (ଏଡିଏଚ୍‌ଡି) ଶିଶୁମାନଙ୍କର ଏକପ୍ରକାର ଜୀବନବ୍ୟାପୀ ବିକାଶାତ୍ମକ ଅସାମର୍ଥ୍ୟ ବ୍ୟାଧି। ପାଖାପାଖି ୩୬ ମାସ ପୂର୍ବରୁ ଏହାର ଲକ୍ଷଣ ଆରମ୍ଭ ହୋଇଥାଏ। କିନ୍ତୁ ଏକ ଶିଶୁର ୪ ବର୍ଷ ବୟସରେ ପ୍ରାୟତଃ ଏହାର ଲକ୍ଷଣ ସବୁ ଦେଖିବାକୁ ମିଳିଥାଏ। ସାଧାରଣତଃ ଏଥିରେ ପୁଅ ଓ ଝିଅଙ୍କ ଅନୁପାତ ୩ : ୧ରହିଥାଏ। ହେଲେ ଝିଅମାନଙ୍କ ତୁଳନାରେ ପୁଅମାନଙ୍କ ମଧ୍ୟରେ ଏହା ୩ଗୁଣ ଅଧିକ ଦେଖିବାକୁ ମିଳିଥାଏ। ଏକ ସୁସ୍ଥ ଶିଶୁ (ଏଡିଏଚ୍‌ଡି ଦ୍ୱାରା ଆକ୍ରାନ୍ତ ହୋଇ ନ ଥିବା) ଠିକ୍ ନିଷ୍ପତ୍ତି ନେବାର କ୍ଷମତା ରଖିଥାଏ, ହେଲେ ଏକ ଏଡିଏଚ୍‌ଡି ଆକ୍ରାନ୍ତ ଶିଶୁ ଏହା କରିପାରି ନ ଥାଏ। ତା’ ପାଇଁ କୌଣସି ନିଷ୍ପତ୍ତି ନେବା ଏବଂ ତାକୁ କାର୍ଯ୍ୟକାରୀ କରିବା ଅତ୍ୟନ୍ତ କଠିନ।

**କାରଣ :** ଏହାର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଜଣାପଡିନାହିଁ। କେବଳ ସେତିକି ନୁହେଁ ପ୍ରକୃତ କାରଣ ମଧ୍ୟ ଠିକ୍ ରୂପେ ବୁଝାପଡ଼ି ନ ଥାଏ। କିନ୍ତୁ ଏହା ବହୁତଗୁଡ଼ିଏ ଉପାଦାନର ସମ୍ମିଶ୍ରଣ ଯୋଗୁ ହୋଇଥାଏ।

**ବଂଶଗତ:** ଏହା ପ୍ରାୟତଃ ବଂଶଗତ ବୋଲି ଦେଖାଯାଇଛି, ଯେଉଁଥିରେ କି ଶିଶୁର ପିତାମାତାଙ୍କଠାରେ କିମ୍ବା ପରିବାରର ଅନ୍ୟ କୌଣସି ସଦସ୍ୟଙ୍କ ମଧ୍ୟରେ ଏହାର ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ ଦେଖାଯାଇଥାଏ ଯାହା କି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଯେମିତିକି ପିତାମାତା ଏବଂ ଭାଇଭଉଣୀଙ୍କ ମଧ୍ୟରେ ଯାହାର ଏଡିଏଚ୍‌ଡି ଥାଏ, ସେ ଶିଶୁଟିର ଏଡିଏଚ୍‌ଡି ରହିବାର ଅଧିକ ଆଶଙ୍କା ଦେଖାଦେଇଥାଏ। ଏହାର ଅନ୍ୟ ଏକ କାରଣ ଡୋପାମାଇନ୍ ଟ୍ରାନ୍ସପୋର୍ଟର ବିକୃତି ଏବଂ ଥାଇରଏଡ ଏବଂ ଜିନ୍ ମଧ୍ୟ କିଛି ରୋଗୀଙ୍କ ମଧ୍ୟରେ ଦେଖାଯାଇଛି।

**ମସ୍ତିଷ୍କ କାର୍ଯ୍ୟଦକ୍ଷତା ଏବଂ ଗଠନ ପ୍ରଣାଳୀ :** ଅନ୍ୟ ଏକ ଗବେଷଣାରେ ଦେଖାଯାଇଛି ଯେ, ଯେଉଁ ପିଲାମାନଙ୍କର ଏଡିଏଚ୍‌ଡି ଥାଏ, ସେମାନଙ୍କର ମସ୍ତିଷ୍କରେ ନ୍ୟୁରୋ ଟ୍ରାନ୍ସମିଟର ସ୍ତରରେ ଅସାମଞ୍ଜସ୍ୟ ଦେଖାଦେଇଥାଏ, ଯେଉଁଥିରେ କି, ରସାୟନଗୁଡ଼ିକ ଠିକ୍ ରୂପେ କାର୍ଯ୍ୟ କରିପାରି ନ ଥାଏ। ହେଲେ ଏହା ସ୍ଥାୟୀ ନୁହେଁ। ଧୀରେ ଧୀରେ ଶିଶୁର ଶାରୀରିକ ବିକାଶ ହେବାପରେ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ ଏବଂ ଲକ୍ଷଣଗୁଡ଼ିକ ମଧ୍ୟ ସୁଧୁରିବାରେ ଦେଖାଦେଇଥାଏ।

**ପରିବେଶ ସମ୍ବନ୍ଧୀୟ:** ଗବେଷଣା କହେ ଯେ, ଗର୍ଭାବସ୍ଥାରେ ଧୂମପାନ ଏବଂ ମଦ୍ୟପାନ ଦ୍ୱାରା ପରବର୍ତ୍ତୀ ସମୟରେ ଏଡିଏଚଡିକୁ ଜନ୍ମ ଦେଇଥାଏ। ଏଣୁ ଗର୍ଭାବସ୍ଥାରେ ଧୂମପାନ ଓ ମଦ୍ୟପାନ ବର୍ଜନ କରିବା ଉଚିତ।

**ମସ୍ତିଷ୍କ ଆଘାତ:** ଯେଉଁ ଶିଶୁମାନେ ମସ୍ତିଷ୍କ ଆଘାତ ଦ୍ୱାରା ପୀଡ଼ିତ ହୋଇଥାନ୍ତି ସେମାନଙ୍କ ମଧ୍ୟରେ କିଛି ମାତ୍ରାରେ ଏପରି ବ୍ୟବହାର ଦେଖାଦେଇଥାଏ ଯାହା କି ଏଡିଏଚ୍‌ଡି ସହ ସମାନ ହୋଇଥାଏ।

**ଖାଦ୍ୟପେୟ :** ସମ୍ପ୍ରତି ବ୍ରିଟିଶ ଗବେଷଣାରେ ଦେଖାଦେଇଛି ଯେ, ଗୋଟିଏ ସମ୍ଭାବ୍ୟ କାରଣ ହେଉଛି ପିଲାମାନଙ୍କର ଖାଦ୍ୟ ଖାଇବା ଶୈଳୀ। ତେଣୁ ସେମାନେ ଫାଷ୍ଟଫୁଡ୍‌ଜନିତ ଖାଦ୍ୟ ନ ଖାଇବା ଭଲ।

**ଲକ୍ଷଣ :** ୩ରୁ ୫ ପ୍ରତିଶତ ସ୍କୁଲ ଯାଉଥିବା ଶିଶୁମାନଙ୍କ ମଧ୍ୟରେ ଦେଖାଦେଇଥାଏ। ଏହି ଶିଶୁମାନେ ଠିକ୍ ପରିମାଣରେ ଧ୍ୟାନ ଦେଇପାରି ନ ଥାନ୍ତି। ଅନ୍ୟ ବ୍ୟବହାରକୁ ମଧ୍ୟ ଠିକ୍‌ଭାବେ ଆୟତ୍ତ କରିପାରି ନ ଥାନ୍ତି। ଏମାନେ ସାଧାରଣତଃ ଅସ୍ଥିର ଚିତ୍ତର ଥାନ୍ତି। ଏହାକୁ ଆହୁରି ବିସ୍ତାର ଭାବେ କହିବାକୁ ଗଲେ ସାମାନ୍ୟ ଉତ୍ତେଜନା ଦ୍ୱାରା ଏମାନେ ସହଜରେ ଅନ୍ୟମନସ୍କ ହୋଇଯାଇଥାନ୍ତି।

ସ୍କୁଲ କାର୍ଯ୍ୟରେ କିମ୍ବା ଅନ୍ୟାନ୍ୟ କାମରେ ଏମାନେ ଅଧିକାଂଶ ସମୟ ଅନ୍ୟମନସ୍କ ରହିଥାଆନ୍ତି। କୌଣସି କାର୍ଯ୍ୟ କିମ୍ବା ଖେଳକୁଦ ଆଦି ମଧ୍ୟ ଠିକ୍ ଭାବେ କରି ପାରି ନ ଥାନ୍ତି। ନିତିଦିନିଆ କାର୍ଯ୍ୟକ୍ରମକୁ ମଧ୍ୟ ଏମାନେ ସହଜରେ ଭୁଲି ଯାଇଥାନ୍ତି। ସେମାନେ ଠିକ ଭାବେ ଧ୍ୟାନ ଦେଇ କିଛି ଶୁଣନ୍ତି ନାହିଁ। ଏମାନେ ପ୍ରାୟତଃ ସହଜରେ ଦ୍ୱନ୍ଦ୍ୱରେ ପଡିଥାନ୍ତି ଏବଂ ଧୀରେ ଧୀରେ ଆଗକୁ ବଢନ୍ତି। ଉଦାହରଣ ସ୍ୱରୂପ ଯେଉଁଠି ଆବଶ୍ୟକ ନ ଥିବ ସେଠାରେ ଖୁବ୍ ଜୋରରେ ଦୌଡିବା କିମ୍ବା ଚଢିବା ହାତଗୋଡ ଛାଟିବା, ଆଙ୍ଗୁଠି ମାଧ୍ୟମରେ ଖେଳ, ନିଜର ସିଟ୍ ଆଖପାଖ ଗୋଲ୍ ଗୋଲ୍ ବୁଲିବା,ରାତ୍ରଭୋଜନ ସମୟରେ କିମ୍ବା ସ୍କୁଲ କିମ୍ବା ଗପ ଶୁଣିବା ସମୟରେ ଚୁପ୍‌ଚାପ୍ ବସିପାରନ୍ତି ନାହିଁ। କୌଣସି ସ୍ଥିର କାମ ଏପରିକି ଧାଡିରେ ଛିଡା ହେବା କିମ୍ବା ସାବଧାନ ହୋଇ ଛିଡା ହେବା ଆଦି କରିପାରନ୍ତି ନାହିଁ। ଅନର୍ଗଳ କଥା କହିବାରେ ସେମାନେ ଅସମର୍ଥ।

**ବ୍ୟବହାର :** କୌଣସି ଖେଳ କିମ୍ବା ଏକତ୍ରିତ କାର୍ଯ୍ୟକ୍ରମରେ ନିଜର ସମୟ ଆସିବା ଯାଏ ଅପେକ୍ଷା କରିପାରନ୍ତି ନାହିଁ। ଅଯଥା ଗୋଟିଏ ପ୍ରଶ୍ନ ମଧ୍ୟରେ ଅନ୍ୟ ଏକ ଉତ୍ତର ପରିପ୍ରକାଶ କରିଥାନ୍ତି। କୌଣସି କଥୋପକଥନ କିମ୍ବା କାର୍ଯ୍ୟକ୍ରମ ମଧ୍ୟରେ ହସ୍ତକ୍ଷେପ କରିବା, ବହୁତ ମାତ୍ରାରେ ଅଧୈର୍ଯ୍ୟ ହେବା ଆଦି ଲକ୍ଷଣ ସବୁ ଦେଖାଦେଇଥାଏ।

**ଚିକିତ୍ସା:** ମନସ୍ତତ୍ତ୍ୱ ମୂଲ୍ୟ ନିର୍ଦ୍ଧାରଣ।

- ଖେଳ ଚିକିତ୍ସା।
- ଚେତନା ସମ୍ବନ୍ଧୀୟ ଏକୀକରଣ ଚିକିତ୍ସା।
- ନିଜକୁ ଆୟତ୍ତ କରିବାର ପ୍ରଶିକ୍ଷଣ।
- ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ବର୍ଜନ କରିବା।
- ପିଲାଟି ସ୍କୁଲରେ ପଢୁଥିଲେ ଶିକ୍ଷକ, ମନସ୍ତତ୍ତ୍ୱବିତ୍ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କୁ ନେଇ ଗଠିତ ଏକ ଶୃଙ୍ଖଳିତ ଟିମ୍ ଦ୍ୱାରା ତାକୁ ଏ ବିଷୟରେ କିଛି ଶିକ୍ଷା ଦିଆଯାଇପାରିବ।
- ପିତାମାତାଙ୍କୁ ଶିକ୍ଷାଗତ ପ୍ରଶିକ୍ଷଣ, ଯେପରିକି ବାପାମାଆଙ୍କ ସହିତ ତା’ର ଦୈନିକ କାର୍ଯ୍ୟକ୍ରମର ଗୋଟିଏ ପାଠ୍ୟକ୍ରମ ଏବଂ ନୋଟବୁକ୍, ଶିଶୁକୁ ଠିକ୍ ରୂପେ ବୁଝାଇବା ଏବଂ ତା’ପରେ ଠିକ୍ ରୂପରେ ଯୋଜନା, ପରିଚାଳନା, ନିର୍ଦ୍ଧାରଣ ଏବଂ ଶେଷରେ ପ୍ରସ୍ତାବ ଦେବା ଉଚିତ।
- ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଶିଶୁଟି ପାଇଁ ମାତାପିତା ଏକ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଉଚିତ।
- ତା’ର ନିତିଦିନିଆ ଜିନିଷଗୁଡିକୁ ଠିକ୍ ରୂପେ ପରିଚାଳନା କରିବା ଉଚିତ।

ଶିଶୁକୁ ଏସବୁ ନିୟମ ବିଷୟରେ ପରୋକ୍ଷ ଭାବେ ନ କହି ପ୍ରତ୍ୟକ୍ଷ ଭାବେ କହିବା ଉଚିତ। ଯଦି ସେ କୌଣସି ନିୟମକୁ ନ ମାନିଥାଏ, ତା’ ହେଲେ ତା’ର ମନପସନ୍ଦ କାମ କିମ୍ବା ଜିନିଷରୁ ତାକୁ ଦୂରେଇ ରଖିବା ଉଚିତ। ଭାଇଭଉଣୀଙ୍କର ଭଲ କାମକୁ କରିବା ପାଇଁ ତାକୁ ଉଦାହରଣ ଦେଇ ବୁଝାଇବା ଉଚିତ। ଏହିପରି କରିବା ଦ୍ୱାରା ଶିଶୁଟିର ବ୍ୟାବହାରିକ ଲକ୍ଷଣଗୁଡିକରେ ପରିବର୍ତ୍ତନ ଦେଖାଦେଇଥାଏ।

ଫ୍ୟାଶନ୍

## ମେଟାଲ ଜୁଏଲେରି

ଆଜିକାଲି ଅନେକ ଯୁବତୀଙ୍କ ପସନ୍ଦ ମେଟାଲ ଜୁଏଲେରି। ଏହା ଖୁବ୍ କମ୍ ଦାମ୍‌ରେ ମାର୍କେଟରେ ମିଳିବା ସହ ଆକର୍ଷଣୀୟ ବି ହୋଇଥାଏ। ବ୍ଲାକ୍ ମେଟାଲ ଏବଂ ସିଲ୍‌ଭର ମେଟାଲର ବି ଭେରାଇଟି ବାଛିପାରିବେ। ଏଥିମଧ୍ୟରେ ରହିଛି ଆର୍ମଲେଟ୍, ରିଷ୍ଟଲେଟ୍, ପାୟଲ ଇତ୍ୟାଦି। ଆପଣ ଚାହିଁଲେ ଏହାକୁ କୁର୍ତ୍ତି, ଶାଢ଼ି କିମ୍ବା ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ପିନ୍ଧିପାରିବେ।

**ଇୟର ରିଙ୍ଗ୍**–ଫ୍ୟାଶନ ଦୁନିଆରେ ପରିବର୍ତ୍ତନ ଚାଲିଛି। ଏବେ ଲଟ୍‌କନ୍‌ର ବଡ଼ ଇୟର ରିଙ୍ଗ ଟ୍ରେଣ୍ଡରେ ରହିଛି। ଏଥିରେ ମିରର ୱାର୍କ ପେଷ୍ଟ





କରାଯାଇଥାଏ। ଏହାର ତଳ ସାଇଡ୍‌ରେ ଘୁଙ୍ଗୁର ଲଗାଯାଇଥାଏ। ଏହା ଆପଣଙ୍କ କାନକୁ ଅଲଗା ଲୁକ୍ ଦେଇଥାଏ। ଟପ୍ସରୁ ଆରମ୍ଭକରି ଛୋଟ ବଡ଼ ବିଭିନ୍ନ ପ୍ରକାର ଇୟର ରିଙ୍ଗ ଆପଣ ପାଇପାରିବେ। ମୁହଁର ସାଇଜ ହିସାବରେ ଆପଣ ଏହାକୁ ବାଛିପାରିବେ।

**ସେଟ୍ –** କେବଳ ଇୟର ରିଙ୍ଗ ନୁହେଁ, ବେକରେ ମଧ୍ୟ ନେକ୍‌ଲେସ୍ ଲଗାଇବା ପାଇଁ ସମ୍ପୂର୍ଣ୍ଣ ସେଟ୍ ମାର୍କେଟରେ ମିଳୁଛି। ଲମ୍ବା ନେକ୍‌ଲେସ୍‌ରେ ବଡ଼ ପେଣ୍ଡେଣ୍ଟ ପିନ୍ଧିପାରିବେ। ଏହା ସହ ଡିଫରେଣ୍ଟ ଡିଜାଇନ ଆପଣଙ୍କୁ ବେଶ୍ ମାନିବ।

**ଫିଙ୍ଗର ରିଙ୍ଗ୍ –** ଫ୍ୟାଶନ ଟ୍ରେଣ୍ଡ ଅନୁସାରେ ଫିଙ୍ଗର ରିଙ୍ଗ୍ ମଧ୍ୟ ବିଭିନ୍ନ ଡିଜାଇନରେ ମାର୍କେଟରେ ଉପଲବ୍ଧ। ମିରର କାମ ଥିବା ଛୋଟ ଛୋଟ ରିଙ୍ଗ୍ ଏବଂ ସମ୍ପୂର୍ଣ୍ଣ ଫିଙ୍ଗରକୁ କଭର କଲା ଭଳି ରିଙ୍ଗ୍ ମଧ୍ୟ ମିଳୁଛି।

**ଚୁଡ଼ି –** ଏଥିରେ ସ୍ଲିମ୍ ଚୁଡ଼ିରୁ ଆରମ୍ଭକରି ବଡ଼ ବଡ଼ ଚୁଡ଼ି ସାମିଲ କରିପାରିବେ। ବ୍ରେସ୍‌ଲେଟ୍ ଭଳି କଡ଼ା ମଧ୍ୟ ଯୁବତୀମାନଙ୍କର ପସନ୍ଦ।





ସୌନ୍ଦର୍ଯ୍ୟ

# ସୁନ୍ଦରତା ବଢ଼ାଏ ଜାଇଫଳ

**କେବଳ ଖାଦ୍ୟରେ ନୁହେଁ ବରଂ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଜାଇଫଳ ଔଷଧ ଭଳି କାମ କରିଥାଏ। ଏଥିରେ ଥିବା ମ୍ୟାଗ୍ନେସିୟମ୍, ମାଙ୍ଗାନିଜ୍ ଭଳି ପୋଷକ ତତ୍ତ୍ୱ ତ୍ୱଚା ପାଇଁ ଲାଭଦାୟକ ହୋଇଥାଏ...**

**ପିଗ୍‌ମେଣ୍ଟେଶନ କମ୍ କରିଥାଏ –** ତ୍ୱଚାର ପିଗ୍‌ମେଣ୍ଟେଶନ ଏବଂ ଡାର୍କ ସର୍କଲ ଦୂର କରିବା ପାଇଁ ଜାଇଫଳ ବେଶ୍ ଉପକାରୀ। ଡାଲଚିନି ପାଉଡର, ଲେମ୍ବୁରସ ଓ ଦହିର ମିଶ୍ରଣକୁ ମୁହଁରେ ଲଗାନ୍ତୁ। ୫ରୁ୧୦ ମିନିଟ୍ ପରେ ମୁହଁ ଧୋଇଦିଅନ୍ତୁ। ସପ୍ତାହରେ ଅନ୍ତତଃ ତିନିଥର ଏପରି କରନ୍ତୁ।

**ତ୍ୱଚାକୁ କୋମଳ ରଖିଥାଏ –** ମହୁ,ବେକିଂ ସୋଡ଼ା, ଲବଙ୍ଗତେଲ, ଜାଇଫଳ ଓ ଲେମ୍ବୁରସର ମିଶ୍ରଣକୁ ମୁହଁରେ ଲଗାଇ ମସାଜ କରନ୍ତୁ। ଏହା ତ୍ୱଚାରେ ପ୍ରବେଶ କରିବା ଦ୍ୱାରା ତ୍ୱଚା ଟାଇଟ୍ ରହିଥାଏ ଏବଂ ଖୋଲିଯାଇଥିବା ପୋର୍ସ ବନ୍ଦ ହୋଇଥାଏ। ଏବେ ମୁହଁକୁ ହାଲ୍‌କା ଉଷୁମ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ୨ ରୁ ୩ଥର ଏପରି କରନ୍ତୁ। ତ୍ୱଚା କୋମଳ ରହିବା ସହ ଚମକ ଆସିଥାଏ।

**ତୈଳୀୟ ତ୍ୱଚା –** ତୈଳୀୟ ତ୍ୱଚା ପାଇଁ ଏହା ବେଶ୍ ଉପକାରୀ। ଜାଇଫଳ ପାଉଡର ଏବଂ ମହୁର ମିଶ୍ରଣକୁ ତ୍ୱଚାରେ ଲଗାଇ ୫ରୁ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ। ଉଭୟରେ ମହଜୁଦ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଏବଂ ଆଣ୍ଟି ଇନ୍‌ଫ୍ଲାମେଟୋରି ଉପାଦାନ ତ୍ୱଚାରୁ ବ୍ରଣ ଆଦି ଦୂର କରିଥାଏ।

**ଆଣ୍ଟି ଏଜିଂ –** ଜାଇଫଳରେ ମହଜୁଦ ଥିବା ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ଏଜିଂ ତତ୍ତ୍ୱ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ଜାଇଫଳ ପାଉଡର, ଦହି ଏବଂ ମହୁର ମିଶ୍ରଣକୁ ମୁହଁରେ ଲଗାଇ ୧୦ ମିନିଟ୍ ପରେ ଧୋଇଦିଅନ୍ତୁ।





> ପାର୍ବଣ ଋତୁ ସମୟରେ ଗ୍ରାହକଙ୍କ ପକ୍ଷରୁ ଖର୍ଚ୍ଚ କମିବାର ସମ୍ଭାବନା ନାହିଁ। ଟିୟର-୨ଓ ୩ ସହରରେ ଫ୍ଲିପକାର୍ଟର ବ୍ୟବସାୟ ଅଭିବୃଦ୍ଧି ଦୃଢ଼ ରହିବ।
> – କଲ୍ୟାଣ କ୍ରିଷ୍ଣମୂର୍ତ୍ତି, ଫ୍ଲିପ୍‌କାର୍ଟ ଗ୍ରୁପ ସିଇଓ



> ପ୍ଲାଷ୍ଟିକ ୱେଷ୍ଟ ମ୍ୟାନେଜମେଣ୍ଟ ଲାଗି ପାର୍ଲେ ଆଗ୍ରୋ ୫୦ କୋଟି ଟଙ୍କା ବିନିଯୋଗ କରିବ। ପେଟ୍ ବୋତଲ ରିସାଇକେଲ କରିବା ଲାଗି କମ୍ପାନୀ ଆଇପିସିଏ ସହ ଚୁକ୍ତି ସ୍ୱାକ୍ଷର କରିଛି।
> – ନାଦିଆ ଚୌହାନ, ପାର୍ଲେ ଆଗ୍ରୋ ଏମ୍‌ଡି

## ସଂକ୍ଷେପରେ

### ସେନ୍‌ସେକ୍ସ ୧୦୭୫ ପଏଣ୍ଟ ବୃଦ୍ଧି



**ମୁମ୍ବାଇ,୨୩-୯:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କର୍ପୋରେଟ ଟିକସ ଓ ଜିଏସଟି ହ୍ରାସ ଘୋଷଣା କରିବା ପରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ବେଶ୍ ବୃଦ୍ଧି ପରିଲକ୍ଷିତ ହୋଇଛି। ସୋମବାର ସେନ୍‌ସେକ୍ସ ଯେପରି ଫେଷ୍ଟିଭ ମୁଡ୍‌କୁ ଆସିଯାଇଛି। ଅର୍ଥମନ୍ତ୍ରୀଙ୍କ ଘୋଷଣାର ଦୁଇଦିନ ଭିତରେ ଷ୍ଟକ୍ ବଜାରରେ ପ୍ରାୟ ୩୦୦୦ ପଏଣ୍ଟ ବୃଦ୍ଧି ପାଇଛି। ସୋମବାର କାରବାର ବନ୍ଦ ହେବା ବେଳକୁ ସେନ୍‌ସେକ୍ସ ୧୦୭୫.୪୧ ପଏଣ୍ଟ ବୃଦ୍ଧି ପାଇ ୩୯,୦୯୦.୦୩ ରହିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜରେ ନିଫ୍ଟି ୩୨୯.୨୦ ପଏଣ୍ଟ ବୃଦ୍ଧି ପାଇ ୧୧,୬୦୩.୪୦ରେ ବନ୍ଦ ହୋଇଛି। ଏଥିପୂର୍ବରୁ ଶୁକ୍ରବାର ସେନ୍‌ସେକ୍ସ ୧୯୨୧ ପଏଣ୍ଟ ବୃଦ୍ଧି ପାଇଥିଲା। ବିଦେଶୀ ସଂସ୍ଥାଗତ ଏବଂ ଘରୋଇ ନିବେଶକଙ୍କ ପକ୍ଷରୁ ଜୋର୍‌ଦାର ଶେୟାର କିଣାଯିବାରୁ ଷ୍ଟକ୍ ମାର୍କେଟ ବୃଦ୍ଧି ପାଇଛି। ଦୁଇ ଦିନ ଧରି ସେନ୍‌ସେକ୍ସ ବୃଦ୍ଧି ପାଇବା କାରଣରୁ ନିବେଶକଙ୍କୁ ପ୍ରାୟ ୧୦.୫୦ ଲକ୍ଷ କୋଟି ଟଙ୍କାର ଫାଇଦା ହୋଇଛି।

### ଦେଶରେ ପହଞ୍ଚିବା ମାତ୍ରେ ଏନ୍‌ଆର୍‌ଆଇଙ୍କୁ ମିଳିବ ଆଧାର



**ନୂଆଦିଲ୍ଲୀ,୨୩-୯:** ବୈଧ ପାସ୍‌ପୋର୍ଟ ଜରିଆରେ ଦେଶରେ ପାଦ ଦେବା ମାତ୍ରେ ପ୍ରବାସୀ ଭାରତୀୟ ଆଧାର ପାଇଁ ଏଣିକି ଆବେଦନ କରିପାରିବେ। ସେମାନଙ୍କୁ ଆଉ ୧୮୨ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ନାହିଁ। ସରକାରଙ୍କ ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପରେ ଆଧାର ଜାରି କରୁଥିବା ସଂସ୍ଥା ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) ଏ ସଂକ୍ରାନ୍ତରେ ଏକ ସର୍କୁଲାର ଜାରି କରିଛି। ଏଥିରେ କୁହାଯାଇଛି ଯେ, ଆଧାର ଲାଗି ଦାଖଲ କରିବାକୁ ଥିବା ଫର୍ମରେ ବିଶେଷ ପରିବର୍ତ୍ତନ କରାଯାଇ ନାହିଁ। ଏନ୍‌ଆର୍‌ଆଇମାନେ ଭାରତରେ ପହଞ୍ଚିବା କ୍ଷଣି ପୂର୍ବରୁ ସାକ୍ଷାତ୍‌କାର ସମୟ ନେଇ ଆଧାର ପାଇଁ ଆବେଦନ କରିପାରିବେ। ପରିଚୟ, ଠିକଣା ଓ ଜନ୍ମ ସଂକ୍ରାନ୍ତୀୟ ତଥ୍ୟର ପ୍ରମାଣ ଭାବେ ବୈଧ ପାସ୍‌ପୋର୍ଟକୁ ଗ୍ରହଣ କରାଯିବ। ତେବେ ଭାରତୀୟ ଠିକଣା ନ ଥିଲେ ଏନ୍‌ଆର୍‌ଆଇମାନେ ୟୁଆଇଡିଏଆଇ ଦ୍ୱାରା ଅନୁମୋଦିତ ଅନ୍ୟ ଯେକୌଣସି ପରିଚୟପତ୍ର ଦେଖାଇପାରିବେ ବୋଲି ସର୍କୁଲାରରେ କୁହାଯାଇଛି। ସୂଚନାଥାଉ କି, ବୈଧ ଭାରତୀୟ ପାସ୍‌ପୋର୍ଟ ଥିବା ଏନ୍‌ଆର୍‌ଆଇଙ୍କୁ ଦେଶରେ ପହଞ୍ଚିବା ମାତ୍ରେ ଆଧାର ପ୍ରଦାନ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଚଳିତବର୍ଷ ଜୁଲାଇ ୫ରେ ବଜେଟ ଉପସ୍ଥାପନ ବେଳେ ଘୋଷଣା କରିଥିଲେ।

### ଅକ୍ଟୋବର ପହିଲାରୁ ସମସ୍ତ ପ୍ରକାର ଋଣ ଶସ୍ତା କରିବ ଏସ୍‌ବିଆଇ




**ନୂଆଦିଲ୍ଲୀ,୨୩-୯:** ଦେଶର ସର୍ବବୃହତ୍ ବ୍ୟାଙ୍କ କୁହାଯାଉଥିବା ଏସ୍‌ବିଆଇ ପାର୍ବଣ ପୂର୍ବରୁ ନିଜର ଗ୍ରାହକଙ୍କୁ ବଡ଼ ଉପହାର ଦେଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅକ୍ଟୋବର ପହିଲାରୁ ସମସ୍ତ ଫ୍ଲୋଟିଂ ରେଟ୍‌କୁ ଏକ୍ସଟରନାଲ ବେଞ୍ଚମାର୍କ ରୂପରେ ରେପୋ ରେଟ୍ ସହ ଯୋଡିବାକୁ ନିଷ୍ପତ୍ତି ନେଇଛି। ଫଳରେ ଏମ୍‌ଏସ୍‌ଏମ୍‌ଇ, ରିଟେଲ ଓ ହାଉସିଂ ଋଣ ଶସ୍ତା ହେବ। ଅକ୍ଟୋବର ପହିଲାରୁ ସମସ୍ତ ପ୍ରକାର ନୂଆ ପରିବର୍ତ୍ତନଶୀଳ(ଫ୍ଲୋଟିଂ) ରେଟ୍ ଲାଗୁ ଥିବା ପର୍ସନାଲ, ଖୁଚୁରା ଓ ଏମ୍‌ଏସ୍‌ଏମ୍‌ଇ ଋଣକୁ ବାହ୍ୟ ବେଞ୍ଚମାର୍କ ସହ ଯୋଡିଦେବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ବ୍ୟାଙ୍କଗୁଡ଼ିକୁ ନିଜର ସ୍ୱତନ୍ତ୍ର ବେଞ୍ଚମାର୍କ ନିର୍ଦ୍ଧାରଣ କରିବାକୁ ସୁଯୋଗ ଦିଆଯାଇଛି। ବ୍ୟାଙ୍କଗୁଡ଼ିକ ରେପୋ ରେଟ୍, ତ୍ରୈମାସ ଅଥବା ୬ ମାସ ରାଜସ୍ୱ ବିଲ୍ ଅଥବା ଫାଇନାନ୍ସିଆଲ ବେଞ୍ଚମାର୍କ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଦ୍ୱାରା ଜାରି କରାଯାଇଥିବା ଯେକୌଣସି ବଜାର ସୁଧ ହାର ମାନଦଣ୍ଡକୁ ଚୟନ କରିପାରିବେ ବୋଲି ରିଜର୍ଭ ବ୍ୟାଙ୍କ ତାଙ୍କ ନିର୍ଦ୍ଦେଶରେ କହିଥିଲେ।

## ବଢୁଛି ରାଜ୍ୟଗୁଡ଼ିକର ମୁଣ୍ଡବ୍ୟଥା

# ୪୦ ହଜାର କୋଟି କମିବ ଜିଏସ୍‌ଟି ଆଦାୟ

**ନୂଆଦିଲ୍ଲୀ,୨୩-୯**

- ହୋଟେଲ ରୁମ୍‌ରୁ ଜିଏସ୍‌ଟି, କର୍ପୋରେଟ ଟିକସ କମିଛି
- ସେସ୍‌ରୁ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଦିଏ କେନ୍ଦ୍ର
- ବାର୍ଷିକ ୧ ଲକ୍ଷ କୋଟି ସେସ୍ ଆଦାୟ ଲକ୍ଷ୍ୟ
- କ୍ଷତିଭରଣା ସମୟସୀମାକୁ ୮ ବର୍ଷ ପର୍ଯ୍ୟନ୍ତ ବଢ଼ାଇବାକୁ ରାଜ୍ୟଗୁଡ଼ିକର ଦାବି




ଗତ ଶୁକ୍ରବାର ଜିଏସ୍‌ଟି କାଉନସିଲର ୩୭ତମ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଗୋଟିଏ ଦୁଇଟିକୁ ଛାଡ଼ି ଦେଲେ ହୋଟେଲ ଶିଳ୍ପ ସମେତ କେତେକ ସାମଗ୍ରୀର ଜିଏସ୍‌ଟି ହାର କମାଯାଇଛି। ସେହିପରି କର୍ପୋରେଟ ଟିକସ ହ୍ରାସ କରାଯାଇଛି। ଫଳସ୍ୱରୂପ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୪୦ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ କମିବ ବୋଲି କେନ୍ଦ୍ର ସରକାର କହିବା ପରେ ଏହାର ଭରଣା କିପରି ହେବ ସେ ନେଇ ରାଜ୍ୟଗୁଡ଼ିକର ମୁଣ୍ଡବ୍ୟଥା ବଢ଼ିଗଲାଣି। ସେମାନେ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ କ୍ଷତିଭରଣା ସମୟସୀମାକୁ ଆହୁରି ବୃଦ୍ଧି କରିବାକୁ ଦାବି କରିଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଗୋଆଠାରେ ଜିଏସ୍‌ଟି କାଉନସିଲ୍ ବୈଠକ ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କର୍ପୋରେଟ ସମେତ କେତେକ ପ୍ରକାର ଟିକସ ହ୍ରାସ ଘୋଷଣା କଲେ। କାଉନସିଲ୍ ବୈଠକରେ ଏଭଳି ସାହସିକ ପଦକ୍ଷେପକୁ ନେଇ ରାଜ୍ୟର ଅର୍ଥମନ୍ତ୍ରୀମାନେ ସୀତାରାମନ୍‌ଙ୍କୁ ପ୍ରଶଂସା ମଧ୍ୟ କଲେ। କିନ୍ତୁ ଏହାଦ୍ୱାରା ରାଜସ୍ୱ ହ୍ରାସ ପାଇବ ବୋଲି ସୀତାରାମନ୍ କହିବା ପରେ ସେମାନଙ୍କର ମୁଣ୍ଡବିନ୍ଧା ବଢ଼ିଯାଇଛି। କ୍ଷତିଭରଣା କିପରି ହେବ ସେନେଇ ସେମାନେ ତାଙ୍କୁ ପ୍ରଶ୍ନ ମଧ୍ୟ କଲେ। ତେବେ ଅର୍ଥମନ୍ତ୍ରୀଙ୍କ ପକ୍ଷରୁ ଏହାର କୌଣସି ଉତ୍ତର ଦିଆଯାଇନାହିଁ।

ଉଲ୍ଲେଖଥାଉ କି, ଦେଶର ଜିଡିପି ଅଭିବୃଦ୍ଧି ହାର ଏପ୍ରିଲରୁ ଜୁନ୍ ମଧ୍ୟରେ ପ୍ରଥମ ତ୍ରୈମାସରେ ମାତ୍ର ୫% ରହିଛି, ଯାହା କି, ଗତ ତ୍ରୈମାସର ୫.୮% ତୁଳନାରେ କମ୍। ଗତବର୍ଷ ଏହି ସମୟରେ ଦେଶର ଜିଡିପି ଅଭିବୃଦ୍ଧି ହାର ୮% ରହିଥିଲା। ପ୍ରଥମ ତ୍ରୈମାସର ଜିଡିପି ଅଭିବୃଦ୍ଧି ହାର ଗତ ୬ ବର୍ଷରେ ସର୍ବନିମ୍ନ ରହିଛି। ଏଥିପୂର୍ବରୁ ୨୦୧୨-୧୩ର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ମାତ୍ର ୪.୩% ରହିଥିଲା।

ବାସ୍ତବରେ ଜିଏସ୍‌ଟି ଲାଗୁ କରିବା ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ମଧ୍ୟରେ ଏକ ଡିଲ୍ ହୋଇଥିଲା। ଜିଏସ୍‌ଟି ଲାଗୁ ହେବାର ୫ ବର୍ଷ ଭିତରେ କୌଣସି ରାଜ୍ୟର ରାଜସ୍ୱ ଆୟ ୧୪%ରୁ କମ୍ ହେଲେ କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟକୁ କ୍ଷତିପୂରଣ ପ୍ରଦାନ କରିବେ। ଜିଏସ୍‌ଟି ଆଇନ ଅନୁସାରେ ସରକାର ସେସ୍ ବାବଦରେ ଆଦାୟ କରୁଥିବା ଅର୍ଥକୁ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ବାବଦରେ ଦେବେ ବୋଲି ସ୍ଥିର ହୋଇଥିଲା। ସରକାର ଚଳିତ ଆର୍ଥିକ ବର୍ଷରେ ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ତମ୍ବାଖୁ ଏବଂ ଲକ୍‌ଜରି ସାମଗ୍ରୀରୁ ସେସ୍ ବାବଦରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଅର୍ଥାତ୍ ପ୍ରତ୍ୟେକ ମାସରେ ୮ ହଜାର କୋଟି ଟଙ୍କା ଆଦାୟ କରାଯିବ ବୋଲି ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଅଗଷ୍ଟରେ ଏହା ମାତ୍ର ୭୨୭୭ କୋଟି ଟଙ୍କା ରହିଥିଲା। ସ୍ଥିତି ଏଭଳି ଚାଲିଲେ ବଜେଟ ଲକ୍ଷ୍ୟ ପୂରଣ ହେବା ନେଇ ସନ୍ଦେହ ରହିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ କେନ୍ଦ୍ର ସରକାର କ୍ଷତିପୂରଣ ବାବଦରେ ରାଜ୍ୟ ସରକାରଗୁଡ଼ିକୁ ୪୫,୭୮୪ କୋଟି ଟଙ୍କା ଦେଇ ସାରିଛନ୍ତି। କ୍ଷତିପୂରଣ ବାବଦ ଅର୍ଥ ରାଜସ୍ୱ କ୍ଷତିକୁ ଭରଣା କରିପାରିବ ନାହିଁ ବୋଲି ରାଜ୍ୟଗୁଡ଼ିକ ସ୍ପଷ୍ଟ କରି ଏହି ସମୟସୀମାକୁ ଆହୁରି ୩ ବର୍ଷ ଅର୍ଥାତ ୮ ବର୍ଷ ପର୍ଯ୍ୟନ୍ତ ବଢ଼ାଇବାକୁ ଦାବି କରିଛନ୍ତି। ତେବେ ଭଲ ମୌସୁମୀ ଏବଂ କର୍ପୋରେଟ ଟିକସ ହ୍ରାସ ଯୋଗୁ ଚାହିଦା ବୃଦ୍ଧି ପାଇବ ବୋଲି ସରକାର ଅନୁମାନ କରୁଛନ୍ତି। ଏହି କାରଣରୁ ଅଧିକ ଜିଏସ୍‌ଟି ଆଦାୟ ହେବ ବୋଲି କେନ୍ଦ୍ର ଆଶାବାଦୀ ଅଛନ୍ତି। ଜିଏସ୍‌ଟିରେ ରହିଥିବା ତ୍ରୁଟିକୁ ସୁଧାରିବା ସହ ଟିକସ ଫାଙ୍କି ଉଦ୍ୟମକୁ ରୋକିବା ଲାଗି କେନ୍ଦ୍ର ସରକାର ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଥିବା ଜଣାପଡିଛି।

## ୨ ଦିନିଆ ବ୍ୟାଙ୍କ ଧର୍ମଘଟ ସ୍ଥଗିତ




### କେନ୍ଦ୍ର ଅର୍ଥ ସଚିବଙ୍କ ସହ ଆଲୋଚନା ପରେ ସଂଘଗୁଡ଼ିକର ନିଷ୍ପତ୍ତି

**ନୂଆଦିଲ୍ଲୀ,୨୩-୯**

୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣକୁ ବିରୋଧ କରି ଦେଶର ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀ ସଂଘ ପକ୍ଷରୁ ଚଳିତ ମାସ ୨୬ ଏବଂ ୨୭ରେ ଦିଆଯାଇଥିବା ଧର୍ମଘଟକୁ ସ୍ଥଗିତ ରଖାଯାଇଛି। ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନଫେଡେରେଶନ (ଏଆଇବିଓସି) ସମେତ ୪ ପ୍ରମୁଖ ବ୍ୟାଙ୍କ ସଂଘ ଏ ପ୍ରସଙ୍ଗକୁ ନେଇ କେନ୍ଦ୍ର ଅର୍ଥ ସଚିବ ରାଜୀବ କୁମାରଙ୍କୁ ସୋମବାର ଭେଟିବା ପରେ ଏଭଳି ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପରେ ଧର୍ମଘଟ ସ୍ଥଗିତ ରଖିଥିବା ଜଣା ପଡିଛି।

ଏଆଇବିଓସି ଅଧ୍ୟକ୍ଷ ସୁନୀଲ କୁମାର, ସଭାପତି ଦେବାଶିଷ ଘୋଷ, ମହାସଚିବ ସୌମ୍ୟ ଘୋଷ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଦୁଇ ଦିନ ବ୍ୟାପୀ ହେବାକୁ ଥିବା ବ୍ୟାଙ୍କ ଧର୍ମଘଟ ପ୍ରସଙ୍ଗ ବୈଠକରେ ସ୍ଥାନିତ ହୋଇଥିଲା। ବ୍ୟାଙ୍କ ମିଶ୍ରଣ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ସହ ବ୍ୟାଙ୍କଗୁଡିକ ଯେଭଳି ସେମାନଙ୍କ ସ୍ୱତନ୍ତ୍ରତା ବଜାୟ ରଖିବେ ସେ ଦିଗକୁ ଧ୍ୟାନରେ ରଖାଯିବ ବୋଲି ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏ ନେଇ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ବୈଠକରେ କର୍ମଚାରୀଙ୍କ ବେତନ ସଂଶୋଧନ, ୫ ଦିନିଆ କାର୍ଯ୍ୟ ଦିବସ, ଟଙ୍କା ନେଣଦେଣ ସମୟରେ ହ୍ରାସ, ଅବସର ସମୟ, କ୍ରସ ସେଲିଂ ଭଳି ବିଭିନ୍ନ ପ୍ରସଙ୍ଗକୁ ବିଚାର କରାଯିବ ବୋଲି ବୈଠକ ପରେ ଅର୍ଥ ସଚିବ କୁମାର କହିଛନ୍ତି। ବୈଠକରେ ଆଲୋଚନା ହୋଇଥିବା ବିଭିନ୍ନ ପ୍ରସଙ୍ଗରେ ସରକାର ସହମତି ପ୍ରକାଶ କରିଥିବାରୁ ସାମୟିକ ସମୟ ଲାଗି ଧର୍ମଘଟ ସ୍ଥଗିତ ରଖାଯାଇଥିବା ସଂଘଗୁଡିକ ପକ୍ଷରୁ କୁହାଯାଇଛି।

ସୂଚନା ଯୋଗ୍ୟ ୨୬ ଏବଂ ୨୭ ତାରିଖରେ ଧର୍ମଘଟ, ୨୮ ସେପ୍ଟେମ୍ବର ଚତୁର୍ଥ ଶନିବାର, ୨୯ ତାରିଖ ରବିବାର ଲାଗି ବ୍ୟାଙ୍କ ବନ୍ଦ ହୋଇଥାନ୍ତା। ୩୦ ସେପ୍ଟେମ୍ବରରେ ବ୍ୟାଙ୍କ ଖୋଲିବାକୁ ଥିବା ବେଳେ ବର୍ଷର ୬ ମାସ ସମୟ ଶେଷ ଯୋଗୁ ନେଣ ଦେଣ ହେବ ନାହିଁ। ମୋଟା ମୋଟି ଭାବେ କହିବାକୁ ମୋଟ ୫ ଦିନ ବ୍ୟାଙ୍କ କାରବାର ବନ୍ଦ ରହିଥାନ୍ତା। ସଂଘଗୁଡିକର ଏଭଳି ନିଷ୍ପତ୍ତି ଯୋଗୁ ଲୋକଙ୍କୁ ଆଶ୍ୱସ୍ତି ମିଳିଥିବା ଜଣାପଡିଛି।

## ଅରୁନ୍ଧତୀ ଜୁଏଲର୍ସ ଭୁବନେଶ୍ୱର ଶାଖାର ପୂର୍ତ୍ତି

**ଭୁବନେଶ୍ୱର,୨୩-୯(ବ୍ୟୁରୋ)**

ଅରୁନ୍ଧତୀ ଜୁଏଲର୍ସ ଭୁବନେଶ୍ୱର ଶାଖା ପକ୍ଷରୁ ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଅରୁନ୍ଧତୀର ବ୍ରାଣ୍ଡ ଆମ୍ବାସାଡର ତଥା ଓଡିଆ ସିନେମା ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଅରୁନ୍ଧତୀ ଗ୍ରୁପର ନିର୍ଦ୍ଦେଶକ ଅରୁନ୍ଧତୀ ମେହେର ଏହି ଦିବସଟିକୁ ଶୁଭେଚ୍ଛୁ ଏବଂ ପ୍ରଶଂସକଙ୍କ ସହ ପାଳନ କରିଥିଲେ। ଏହି ଅବସରରେ ଶୋ'ରୁମ ପକ୍ଷରୁ ରେଗୁଲାର ହଲମାର୍କ ଗହଣାର ମେକିଙ୍ଗ ଚାର୍ଜ ଫ୍ଲାଟ୍ ୨୯୯ ଟଙ୍କା ଘୋଷଣା କରାଯାଇଛି। ଏହି ଅଫର ଅରୁନ୍ଧତୀର ସବୁ ଶାଖାରେ ଆସନ୍ତା ମାସ ୮ ତାରିଖ ଯାଏ ଚାଲୁ ରହିବ। ସେହିଭଳି ଫେଷ୍ଟିଭ ଧମାଲ ଅଫର ଦ୍ୱାରା ଗ୍ରାହକ ୫୦୦୦ ଟଙ୍କାର କ୍ରୟ ଉପରେ ୩୦ ଜଣ ଲକ୍ଷପତି ହେବାର ସୁଯୋଗ ପାଇବେ। ଚଳିତ ମାସ ୨୫ ତାରିଖରେ ବରଗଡ ଶୋ'ରୁମରେ ଫେଷ୍ଟିଭ ଧମାଲ ସିଜିନ ୧ର ବିଜେତାଙ୍କ ନାମ ଘୋଷଣା ଲାଗି ଚୂଡାନ୍ତ ହୋଇଛି। ୨ ବର୍ଷ ମଧ୍ୟରେ ୧.୫ ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାହକ ସୃଷ୍ଟି କରିବାକୁ ସକ୍ଷମ ହୋଇଥିବା ଅରୁନ୍ଧତୀର ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଛନ୍ତି। ଗ୍ରାହକଙ୍କୁ ସନ୍ତୋଷଜନକ ସେବା ସହ ଶୁଦ୍ଧତା ଏବଂ କାରୁକାର୍ଯ୍ୟଭରା ସୁନା ଗହଣା ଯୋଗାଣ ନେଇ ପ୍ରତିଶ୍ରୁତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି। ସେହିଭଳି ପର୍ବପର୍ବାଣୀ ଏବଂ ଉତ୍ସବ ସମୟରେ ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଉଥିବା ସେ କହିଛନ୍ତି।



ଅରୁନ୍ଧତୀ ଜୁଏଲର୍ସର ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ ଅବସରରେ ଅରୁନ୍ଧତୀର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ, ଅରୁନ୍ଧତୀ ଗ୍ରୁପର ନିର୍ଦ୍ଦେଶକ ଅରୁନ୍ଧତୀ ମେହେର ଓ ଅନ୍ୟମାନେ କେକ୍ କାଟୁଛନ୍ତି।

## ୭ ବଡ଼ ସହରରେ ୨୭% ଛୋଟ ହୋଇଛି ଫ୍ଲାଟ୍ ସାଇଜ୍

**ନୂଆଦିଲ୍ଲୀ,୨୩-୯**

ଫ୍ଲାଟ୍ କିଣିବାକୁ ହାତପାହାନ୍ତରେ ପହଞ୍ଚାଇବା ଲକ୍ଷ୍ୟରେ ବିଲ୍‌ଡର ମାନେ ଫ୍ଲାଟ୍ ସାଇଜ୍(ଆକାର) କମାଇବା ଆରମ୍ଭ କରିଛନ୍ତି। ଗତ ୫ ବର୍ଷ ମଧ୍ୟରେ ଦେଶର ୭ ବୃହତ ସହରରେ ରେସିଡେନ୍ସିଆଲ ଫ୍ଲାଟ୍ ସାଇଜ୍ ୨୭ ପ୍ରତିଶତ ହ୍ରାସ ପାଇଛି ବୋଲି ପ୍ରପର୍ଟି କନ୍‌ସଲ୍‌ଟାଣ୍ଟ କମ୍ପାନୀ ଆନାରକ୍ ପକ୍ଷରୁ ଏକ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି। ତେବେ ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର(ଏନ୍‌ସିଆର୍)ରେ ଫ୍ଲାଟଗୁଡ଼ିକର ହାରାହାରି ଆକାର ମାତ୍ର ୬% କମିଛି। ଆନାରକ୍ ଅଧ୍ୟକ୍ଷ ଅନୁଜ ପୁରୀ କହିଛନ୍ତି ଯେ, ନଗଦ ସଙ୍କଟ, କ୍ରେତାଙ୍କ ପ୍ରାଥମିକତାରେ ପରିବର୍ତ୍ତନ ଓ ଫ୍ଲାଟ୍ ଦାମ ବୃଦ୍ଧି ପାଉଥିବା କାରଣରୁ ଏବେ ଅଧିକ ମାତ୍ରାରେ ବଡ଼ ଫ୍ଲାଟ୍ ବିକ୍ରି ହୋଇପାରୁନାହିଁ। ଏହାକୁ ଦୃଷ୍ଟିରେ ରଖି ବିଲ୍ଡର ଏବେ 'ଅତ୍ୟନ୍ତ ଉନ୍ନତ' ମାର୍କା ଫ୍ଲାଟ୍ ନିର୍ମାଣରୁ ଦୂରେଇ ଯାଇଛନ୍ତି। ୭ ପ୍ରମୁଖ ସହରରେ ସେମାନେ ଏବେ ଛୋଟ ଆକାର ଫ୍ଲାଟ୍ ନିର୍ମାଣ ଉପରେ ଦୃଷ୍ଟିନିବଦ୍ଧ କରିଛନ୍ତି। ଆନାରକ୍ ପକ୍ଷରୁ କୁହାଯାଇଛି ଯେ, ୨୦୧୪ରେ ଦିଲ୍ଲୀ-ଏନ୍‌ସିଆର୍, ପୁଣେ, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ୍ ଓ କୋଲକାତାରେ ୧୪୦୦ ବର୍ଗଫୁଟ୍‌ର ଫ୍ଲାଟ୍ ନିର୍ମାଣ ହେଉଥିଲା। ଏବେ ଏହା ୧୦୨୦ ବର୍ଗଫୁଟ୍‌କୁ ଖସି ଆସିଛି।

## ଏଫ୍‌ବିବିର ନୂଆ ପୂଜା କଲେକ୍ସନ



**ଭୁବନେଶ୍ୱର,୨୩-୯**

ପାର୍ବଣ ଉପଲକ୍ଷେ ଏଫ୍‌ବିବି ପକ୍ଷରୁ ନୂଆ ପୂଜା କଲେକ୍ସନ ଆରମ୍ଭ ହୋଇଛି। ନୂଆ ଫେଷ୍ଟିଭ କଲେକ୍ସନ ମାତ୍ର ୫୯୯ ଟଙ୍କାର ଆରମ୍ଭ ମୂଲ୍ୟରୁ ଗ୍ରାହକ ପାଇ ପାରିବେ। ନିକଟସ୍ଥ ଏଫ୍‌ବିବି ଷ୍ଟୋରରୁ ଗ୍ରାହକ ମାନେ ଏହି କଲେକ୍ସନ ଲାଭ କରି ପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କଲେକ୍ସନଗୁଡିକ କ୍ରୟ ଉପରେ ଗ୍ରାହକମାନେ ଡିଜିଟାଲ ଭାଉଚର ପାଇ ପାରିବେ। ମହିଳା, ପୁରୁଷ ଏବଂ ଶିଶୁଙ୍କ ଲାଗି ସଦ୍ୟତମ ପୋଷାକ ସମ୍ଭାର ଏହି ଅବସରରେ ଉପଲବ୍ଧ ହେଉଛି। ପାର୍ବଣ କଲେକ୍ସନ ସହ ପାର୍ଟିୱେୟାର ମଧ୍ୟ ଉପଲବ୍ଧ ହେଉଛି। ୩ ଜହାର ଟଙ୍କାର କ୍ରୟ ଉପରେ ୩୦୦ ଟଙ୍କାର ଭାଉଚର, ୪ ହଜାର ଟଙ୍କାର କ୍ରୟ ଉପରେ ୫୦୦ ଟଙ୍କାର ଭାଉଚର ଏବଂ ୭,୦୦୦ ଟଙ୍କା କ୍ରୟ ଉପରେ ଗ୍ରାହକମାନେ ୧୦୦୦ ଟଙ୍କାର ଭାଉଚର ପାଇ ପାରିବେ। ଏଭଳି କଲେକ୍ସନ ଆରମ୍ଭ କରି ଅତ୍ୟନ୍ତ ଖୁସି ବୋଲି ଫ୍ୟୁଚର ରିଟେଲର ଇଷ୍ଟଜୋନ ସିଇଓ ମନିଷ ଅଗ୍ରୱାଲ କହିଛନ୍ତି।

# ଜିଇଏମ୍‌କୁ ନେଇ ଆଶଙ୍କାରେ କ୍ଷୁଦ୍ର ଶିଳ୍ପ

**ଭୁବନେଶ୍ୱର,୨୩-୯(ବ୍ୟୁରୋ)**

- ପ୍ରଭାବିତ ହୋଇପାରେ ୩ ଲକ୍ଷ ନିଯୁକ୍ତି
- ପୂର୍ବ ଭଳି ଜାରି ରହୁ ରେଟ୍ କଣ୍ଟ୍ରାକ୍ଟ ସିଷ୍ଟମ: ଓଏସ୍‌ଏସ୍‌ଏ
- ସରକାରଙ୍କ ହସ୍ତକ୍ଷେପ ଲୋଡିଲା କ୍ଷୁଦ୍ର ଶିଳ୍ପ ସଂଘ
- କ୍ଷୁଦ୍ର ଶିଳ୍ପଠାରୁ ସରକାର କିଣୁଛନ୍ତି ପ୍ରାୟ ୮୦୦ କୋଟି ଟଙ୍କାର ସାମଗ୍ରୀ



କେନ୍ଦ୍ର ସରକାରଙ୍କ ଗଭର୍ନମେଣ୍ଟ ଇ-ମାର୍କେଟପ୍ଲେସ (ଜିଇଏମ୍) ନୀତିକୁ ରାଜ୍ୟ ସରକାର ବିଧିବଦ୍ଧଭାବେ ପ୍ରଚଳନ କରିବାକୁ ସର୍କୁଲାର ଜାରି କରିଛନ୍ତି। ସର୍ବନିମ୍ନ ମୂଲ୍ୟରେ ସାମଗ୍ରୀ ଯୋଗାଇ ଦେଉଥିବା ସଂସ୍ଥାଠାରୁ କ୍ରୟ କରିବା ନେଇ ଯୋଜନା ଧାର୍ଯ୍ୟ ହୋଇଛି। ସମ୍ପୂର୍ଣ୍ଣ ଅର୍ଡର ଉକ୍ତ ବିଡର୍‌କୁ ମିଳିବ। ଏହାଦ୍ୱାରା ବଜାରରେ ଶସ୍ତା ପ୍ରତିଯୋଗିତା ଦେଖା ଦେବ। ଏହା ହେଲେ କ୍ଷୁଦ୍ର ଶିଳ୍ପଗୁଡିକ କ୍ଷତିଗ୍ରସ୍ତ ହେବେ ବୋଲି ରାଜ୍ୟର କ୍ଷୁଦ୍ର ଶିଳ୍ପଗୁଡିକ ପକ୍ଷରୁ ଆଶଙ୍କା କରାଯାଇଛି।

ସୋମବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଓଡ଼ିଶା ସ୍ମଲ୍ ସ୍କେଲ୍ ଇଣ୍ଡଷ୍ଟ୍ରି ଆସୋସିଏଶନ (ଓଏସ୍‌ଏସ୍‌ଏ)ର ସଭାପତି ସ୍ୱରଜିତ ମହାନ୍ତି କହିଛନ୍ତି, ସରକାର ରାଜ୍ୟର ପ୍ରାୟ ୭୧୧ ପଞ୍ଜୀକୃତ ସଂସ୍ଥାଙ୍କଠାରୁ ବାର୍ଷିକ ପ୍ରାୟ ୫୦୦ରୁ ୮୦୦ କୋଟି ଟଙ୍କା ମୂଲ୍ୟର ସାମଗ୍ରୀ କ୍ରୟ କରୁଛନ୍ତି। ଏହା ରେଟ୍ କଣ୍ଟ୍ରାକ୍ଟ ସିଷ୍ଟମ ବା ଚୁକ୍ତି ମୂଲ୍ୟ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେଉଛି। ମାତ୍ର ଜିଇଏମ୍ ଲାଗୁ ହେଲେ ଚୁକ୍ତି ବ୍ୟବସ୍ଥା ପୂର୍ବଭଳି କାର୍ଯ୍ୟ କରିବ ନାହିଁ। ଜିଇଏମ୍ ଦ୍ୱାରା ଶସ୍ତା ପ୍ରତିଯୋଗିତା ଦେଖା ଯିବାକୁ ଥିବା ବେଳେ ଯେ କୌଣସି ଖୁଚୁରା ବ୍ୟବସାୟୀ ପ୍ରତିଯୋଗିତାରେ ଭାଗ ନେଇ ସାମଗ୍ରୀ ଯୋଗାଇବେ। ଫଳରେ ଦୀର୍ଘ ଦିନ ଧରି ସରକାରଙ୍କୁ ଚୁକ୍ତି ଭିତ୍ତିରେ ସାମଗ୍ରୀ ଯୋଗାଣ କରୁଥିବା ରାଜ୍ୟର ଶିଳ୍ପ ସଂସ୍ଥାଗୁଡିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଉପୁଜିଛି। ଏହାଦ୍ୱାରା ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ରାଜ୍ୟରେ ୩ ଲକ୍ଷ ନିଯୁକ୍ତି ପ୍ରଭାବିତ ହେବ ବୋଲି ମହାନ୍ତି କହିଛନ୍ତି।

ସେ କହିଛନ୍ତି , ବାହାରୁ ସାମଗ୍ରୀ ଆମଦାନୀ କରି ଅନେକ ସଂସ୍ଥା ପ୍ରତିଯୋଗିତାରେ ଭାଗ ନେବା ପ୍ରସଙ୍ଗକୁ ଏଡାଇ ଦିଆଯାଇ ନ ପାରେ। ଶସ୍ତା ଦର ଯୋଗୁ ଯେ କେହି ବିଡ୍ ଜିତିବାର ସମ୍ଭାବନା ମଧ୍ୟ ରହିଛି। ଫଳରେ ଯୋଗାଣ ବ୍ୟବସ୍ଥା ଗୁଣାତ୍ମକ ମାନ ହରାଇବ। ଏହାଦ୍ୱାରା କ୍ଷୁଦ୍ର ଶିଳ୍ପଗୁଡିକ କ୍ଷତି ସହିବାକୁ ବାଧ୍ୟହେବେ। ନିଯୁକ୍ତି ବୃଦ୍ଧି ଯୋଜନା ମଧ୍ୟ ଠପ୍ ହୋଇଯିବ। ସେହିଭଳି କ୍ଷୁଦ୍ର ଶିଳ୍ପ ସାମଗ୍ରୀ ବିପଣନ କ୍ଷେତ୍ରରେ କାର୍ଯ୍ୟ କରୁଥିବା କେନ୍ଦ୍ର ସରକାରଙ୍କ ଏନ୍‌ଏସ୍‌ଆଇସି ଏବଂ ରାଜ୍ୟର ଓଏସ୍‌ଆଇସି ଭୂମିକା ଆଉ ରହିବ ନାହିଁ। ରାଜ୍ୟର କ୍ଷୁଦ୍ର ସଂସ୍ଥାଗୁଡିକ ଜିଇଏମ୍ ବ୍ୟବସ୍ଥାକୁ ବିରୋଧ କରୁ ନ ଥିବା ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ପୂର୍ବରୁ ଲାଗୁ ହେଉଥିବା କଣ୍ଟ୍ରାକ୍ଟ ସିଷ୍ଟମ ବଜାୟ ରହୁ ବୋଲି ସଂଘ ପକ୍ଷରୁ ଦାବି ହୋଇଛି। ରାଜ୍ୟ ସରକାର କ୍ରୟ କରୁଥିବା ୮୩ ସହ ୩୭ ଅନ୍ୟ ସାମଗ୍ରୀ କଣ୍ଟ୍ରାଣ୍ଟ ସିଷ୍ଟମ ଦ୍ୱାରା ପୂର୍ବ ଭଳି କ୍ରୟ କଲେ ଏହାଦ୍ୱାରା ସଂସ୍ଥାଗୁଡିକ ଲାଭବାନ ହେବେ ବୋଲି ସେ ମତ ଦେଇଛନ୍ତି। ଏହା ହେଲେ ପୂର୍ବ ଭଳି ସରକାର ଏକାଧିକ ସଂସ୍ଥାଠାରୁ ସାମଗ୍ରୀ କ୍ରୟ କରିବା ଜାରି ରହିବ। ଏଭଳି ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ମହାନ୍ତି ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ ୧୯୬୫-୬୬ରୁ ରାଜ୍ୟ ସରକାର ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ ଦ୍ୱାରା ରେଟ୍ କଣ୍ଟ୍ରାକ୍ଟ ସିଷ୍ଟମ(ଚୁକ୍ତି ମୂଲ୍ୟ ବ୍ୟବସ୍ଥା) ପ୍ରଚଳନ କରିଛନ୍ତି। କାର୍ଯ୍ୟକ୍ରମରେ ଉପସଭାପତି ହିମାଂଶୁ ଶେଖର ମିଶ୍ର, ସମ୍ପାଦକ ଚିରଞ୍ଜୀୟ ମହାପାତ୍ର, ଦୀପକ କାଜାରିଆ ପ୍ରମୁଖ ଉପସ୍ଥିତ ଥିଲେ।

## କାନାରା ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ

**ଭୁବନେଶ୍ୱର,୨୩-୯(ବ୍ୟୁରୋ)**

କାନାରା ବ୍ୟାଙ୍କ ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଅବସରରେ ଜେନେରାଲ ମ୍ୟାନେଜର ଶ୍ରୀକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ କୁନା ତ୍ରିପାଠୀ ଏବଂ ଅଶୋକ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ହିନ୍ଦୀ ଭାଷାର ପ୍ରୟୋଗ ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ଡିଜିଏମ୍ ଜୋଗିନ୍ଦର ଘଂଘାଷା, ଏଜିଏମ ସୁଜିତ କୁମାର ସାହୁ, ଲାଙ୍ଗୁଏଜ ଅଧିକାରୀ ଗୀତା ରାଣାଙ୍କ ସମେତ ସର୍କଲ କାର୍ଯ୍ୟାଳୟର ଅଧିକାରୀମାନେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

ସାଫ ୧୮ ବର୍ଷରୁ କମ୍ ଫୁଟବଲ୍

### ଭାରତ- ବାଂଲାଦେଶ ମ୍ୟାଚ୍ ଡ୍ର

**କାଠମାଣ୍ଡୁ,୨୩।୯(ପି.ଟି.):** ଏଠାରେ ଆରମ୍ଭ ହୋଇଥିବା ସାଫ୍ ୧୮ ବର୍ଷରୁ କମ୍ ଫୁଟବଲ ଟୁର୍ନାମେଣ୍ଟରେ ଭାରତ ଡ୍ର' ସହ ଅଭିଯାନ ଆରମ୍ଭ କରିଛି। ସୋମବାର ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିଥିଲା। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଡ୍ର ରହିଛି। ମ୍ୟାଚ୍ ଆରମ୍ଭରୁ ଭାରତ ଆକ୍ରମଣାତ୍ମ ପ୍ରଦର୍ଶନ କରିଥିଲା। ନବମ ମିନିଟ୍‌ରେ ଭାରତୀୟ ଗୋଲ କିପର ପ୍ରଭୁସୁକନ ସିଂ ଗିଲ ଆହତ ହୋଇଥିଲେ। ଫଳରେ କୋଚ୍ ଫ୍ଲଏଡ ପିଣ୍ଟୋଙ୍କୁ ଦଳରେ ପରିବର୍ତ୍ତନ କରିବାକୁ ପଡିଥିଲା। ବାଂଲାଦେଶ ଡିଫେନ୍ସ ବେଶ୍ ଦୃଢ଼ ଥିଲା। ଫଳରେ ଭାରତ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇ ନ ଥିଲା। ୩୬ତମ ମିନିଟରେ ସୁମିତ ରଥ୍ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ତେବେ ତାଙ୍କ ଶଟ୍ ବାରର ଠିକ ଉପର ଦେଇ ଚାଲିଯାଇଥିଲା। ଫଳରେ ଗୋଲ ସମ୍ଭବ ହୋଇପାରି ନ ଥିଲା। ଏହାପରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲେ ମଧ ଗୋଲ ହୋଇପାରି ନ ଥିଲା। ଆଟାକିଂ ଲାଇନ୍‌ରେ ଭାରତ ଦୁଇଟି ପରିବର୍ତ୍ତନ କରିଥିଲେ ଗୋଲ ସମ୍ଭାବନା ସୃଷ୍ଟି କରିପାରି ନ ଥିଲା। ଏହି ମ୍ୟାଚ୍ ବେଶ୍ କଷ୍ଟକର ଥିଲା ବୋଲି ପିଣ୍ଟୋ ସ୍ୱୀକାର କରିଛନ୍ତି। ୧୦ଜଣ ଖେଳାଳିଙ୍କ ନେଇ ବାଂଲାଦେଶ ଭଲ ପ୍ରଦର୍ଶନ କରିଥିଲା। ମ୍ୟାଚ୍ ଡ୍ର ହେବା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଏବେ ଭାରତ ତା'ର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ୨୫ ତାରିଖରେ ଶ୍ରୀଲଙ୍କାକୁ ଭେଟିବ। ଶ୍ରୀଲଙ୍କା ତା'ର ଗତ ମ୍ୟାଚ୍‌ରେ ବାଂଲାଦେଶଠାରୁ ୦-୩ରେ ପରାସ୍ତ ହୋଇଥିଲା। ଦୁଇଟି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲରେ ପ୍ରବେଶ କରିବେ। ୨୭ ତାରିଖରେ ଦୁଇଟି ସେମିଫାଇନାଲ ଖେଳାଯିବ।

### ବାଳିକାରେ ପୁରୀ, ବାଳକରେ ଜଟଣୀ ଚାମ୍ପିୟନ

**ଭୁବନେଶ୍ୱର,୨୩।୯(ସ୍ପୋର୍ଟ୍ସ ବ୍ୟୁରୋ):** କୁଦିଆରୀ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ୧୨ତମ ଜୁନିୟର ରାଜ୍ୟସ୍ତରୀୟ ଥ୍ରୋ ବଲ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୋପାଳ ଚନ୍ଦ୍ର ବେସରା, ସମ୍ମାନିତ ଅତିଥି ଭାବେ ଦେବାଶିଷ ପଟ୍ଟନାୟକ, ଜ୍ୟୋତିରଞ୍ଜନ ଦାସ, ମାନସ ଠାଟୋଇ, ଭାଗୀରଥି ବେସରା ଓ ଜିତେନ୍ଦ୍ର ନାଥ ଦାସ, ପରିଚାଳନା କମିଟି ଅଧକ୍ଷ ପ୍ରସନ୍ନ କୁମାର ପାଣୀ, ସତିକାନ୍ତ ପଟ୍ଟନାୟକ, ଯଶୋବନ୍ତ ପରମ ଗୁରୁ ଉପସ୍ଥିତ ଥିଲେ। ବାଳିକା ବିଭାଗରେ ପୁରୀ ୧୬-୧୪ ଓ ୧୬-୧୩ ବ୍ୟବଧାନରେ ରାଉରକେଲାକୁ ହରାଇ ଚାମ୍ପିୟନ ହୋଇଛି। ସେହିଭଳି ବାଳକ ବିଭାଗର ଫାଇନାଲରେ ଜଟଣୀ ୧୫-୧୦ ଓ ୧୫-୧୩ ଗେମ୍‌ରେ ପୁରୀକୁ ହରାଇଥିଲା। ମ୍ୟାଚ୍‌ଗୁଡ଼ିକୁ ଯଶୋବନ୍ତ ପରମ ଗୁରୁ ପରିଚାଳନା କରିଥିଲେ। ଦୁଇ ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ।



ଜାତୀୟ ସିନିୟର ଫୁଟବଲ ଚାମ୍ପିୟନଶିପ୍ ପରି ପ୍ରତିଯୋଗିତା ଏକ ଶକ୍ତିଶାଳୀ ଜାତୀୟ ମହିଳା ଫୁଟବଲ ଦଳର ଭିତ୍ତି ସ୍ଥାପନ କରିଥାଏ ।

– ବେମ୍‌ବେମ୍ ଦେବୀ, ଭାରତୀୟ ମହିଳା ଫୁଟବଲର



ମ୍ୟାଚ୍‌ରେ ଅଧିକ ସମୟ ନ ବିତାଇ ବଡ଼ ଟୁର୍ନାମେଣ୍ଟରେ ଭାଗନେବା ଭୁଲ ନିଷ୍ପତ୍ତି ଥିଲା। ଏବେ ନିୟମିତ ଅଭ୍ୟାସ କରି ହୃତ୍‌ଗୌରବ ଫେରାଇବାକୁ ଚେଷ୍ଟା କରିବି ।

–ସୁଶୀଲ କୁମାର, ଭାରତୀୟ ଭେଟେରାନ ରେସ୍‌ଲର

# ସଭାପତି ପଦବୀରେ ପଙ୍କଜ-ପ୍ରଦୀପ ଲଢ଼େଇ

**କଟକ ଅଫିସ,୨୩।୯**




ପଙ୍କଜ ଲୋଚନ ମହାନ୍ତି

ପ୍ରଦୀପ ଚୌହ୍ୱାନ

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ନିର୍ବାଚନକୁ ଆଉ ୩ ଦିନ ବାକି। ଗୁପ୍ତରେ ଚାଲିଛି ଅଙ୍କକଷା, ଭୋଟ ବ୍ୟାଙ୍କ ପ୍ରସ୍ତୁତି। ଦୁଇଟି ଗୋଷ୍ଠୀ ଏଥର ନିର୍ବାଚନରେ ଲଢୁଛନ୍ତି। ଉଭୟ ବିଜୟୀ ହେବାର ଆଶା ବାନ୍ଧିଛନ୍ତି। ଏପରି କି ଯିଏ ବି ବିଜୟୀ ହେବ ଖୁବ କମ୍ ଭୋଟ ବ୍ୟବଧାନରେ ଓସିଏ ପଦବୀରେ ବସିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏଭଳି କଡା ଟକ୍କର ରାଜ୍ୟ କ୍ରିକେଟ ସଂଘରେ ଅନେକ ବର୍ଷର ବ୍ୟବଧାନରେ ହେଉଛି। ଏଥର ସଭାପତି ପଦବୀରେ ଲଢ଼ିବେ ପଙ୍କଜ ଲୋଚନ ମହାନ୍ତି ଓ ପ୍ରଦୀପ ଚୌହ୍ୱାନ। ଏହି ଦୁଇ ପ୍ରାର୍ଥୀ କାହାଠାରୁ କେହି କମ୍ ନୁହନ୍ତି। ଏହାଛଡ଼ା ଯିଏ ବି ଜିତିବ ସେ ପ୍ରଥମଥର ନିମନ୍ତେ ଓସିଏର ସଭାପତି ହେବ।

ପଙ୍କଜ ଲୋଚନ ମହାନ୍ତିଙ୍କ ଘର ଭୁବନେଶ୍ୱରରେ। ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ଗୋଷ୍ଠୀ ସମର୍ଥିତ ପ୍ରାର୍ଥୀ ଭାବେ ସେ ସଭାପତି ପଦବୀ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଗୋଟିଏ ଦଶନ୍ଧିର ଅଭିଜ୍ଞତା ରହିଛି। ହେଲେ ଏହା ଭିତରେ ସେ ଅନେକ କ୍ରୀଡ଼ା ସଙ୍ଘର ପ୍ରମୁଖ ପଦବୀରେ ଅବସ୍ଥାପିତ ହୋଇଛନ୍ତି। ବେସବଲ ଫେଡେରେଶନ ଅଫ ଇଣ୍ଡିଆର ଏକବର୍ଷ ନିମନ୍ତେ ଅସ୍ଥାୟୀ ସଭାପତି ରହିଥିଲେ। ପରେ ନିର୍ବାଚିତ ହୋଇ ବେସବଲ ଜାତୀୟ ସଂଘର ୩ ବର୍ଷ ସଭାପତି ହୋଇଥିଲେ। ଓଡ଼ିଶା ବେସବଲ ଆସୋସିଏଶନର ସଭାପତି, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ଉପସଭାପତି, ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ଉପସଭାପତି ପଦବୀରେ ମଧ୍ ତାଙ୍କୁ ଦେଖିବାକୁ ମିଳିଛି। ବିଜୟୀ ହେଲେ ସେ ତୃଣମୂଳସ୍ତରରୁ କ୍ରିକେଟର ବିକାଶ ପାଇଁ ଦୃଷ୍ଟି ଦେବେ ବୋଲି କହିଛନ୍ତି। ଏହାଛଡ଼ା ତାଙ୍କର ମୁଖ୍ୟ ଲକ୍ଷ୍ୟ ହେଉଛି, ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିବା। ଅନେକ ବର୍ଷ ହେଲାଣି ଓଡ଼ିଆ ଖେଳାଳି ଜାତୀୟ ଦଳରେ ସ୍ଥାନ ପାଉନାହାନ୍ତି। କେଉଁଠାରେ ସମସ୍ୟା ରହୁଛି ସେ ଦିଗରେ ନଜର ଦିଆଯିବ ବୋଲ ପଙ୍କଜ କହିଥିଲେ। ଗ୍ରାମାଞ୍ଚଳରେ ଭଲ କ୍ରିକେଟ ଖେଳୁଥିବା ପ୍ରତିଭାଙ୍କୁ ସମ୍ମୁଖକୁ ଅଣାଯିବ ବୋଲି ପଙ୍କଜ ପ୍ରତିକ୍ରିୟା ଦେଇ କହିଛନ୍ତି।

ୟୁନିୟନ ସ୍ପୋର୍ଟିଂ କ୍ଲବର ସମ୍ପାଦକ ହେଲେ କଟକର ପ୍ରଦୀପ ଚୌହ୍ୱାନ। ୪୦ ବର୍ଷର ପୁରୁଣା ଏହି କ୍ଲବରୁ ସୃଷ୍ଟି ହୋଇଛନ୍ତି ୫୦ରୁ ଅଧିକ ରାଜ୍ୟସ୍ତରୀୟ ସିନିୟର ଖେଳାଳି ଓ ୩୦୦ରୁ ଅଧିକ ରାଜ୍ୟସ୍ତରୀୟ ଜୁନିୟର ଖେଳାଳି। ଏହି କ୍ଲବ ପି.ଭି.ଆର ମୂର୍ତ୍ତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରି ବେଶ୍ ପ୍ରଶଂସା ସାଉଁଟିଛି। ଏହି ଟୁର୍ନାମେଣ୍ଟର ଫାଇନାଲରେ କିମ୍ବଦନ୍ତୀ କ୍ରିକେଟରମାନେ ଅତିଥି ହୋଇ ଆସନ୍ତି। କ୍ରିକେଟ ଓ ଓସିଏ ସହିତ ପ୍ରଦୀପଙ୍କ ସମ୍ପର୍କ ନୁଆ ନୁହେଁ। ସେ ପୂର୍ବରୁ ଓସିଏର ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀରେ ମଧ ଥିଲେ। ୨୦୦୪ ମସିହାରେ ଆଶୀର୍ବାଦ ବେହେରା ସମ୍ପାଦକ ଥିବା ବେଳେ ପ୍ରଦୀପ କୋଷାଧ୍ୟକ୍ଷ ଭାବେ ବିଜୟୀ ହୋଇଥିଲେ। ହେଲେ ୨ବର୍ଷ କାର୍ଯ୍ୟ କରିବା ପରେ ଅର୍ଥାତ ୨୦୦୬ରେ ପ୍ରଦୀପଙ୍କୁ ହଠାତ୍ କୋଷାଧ୍ୟକ୍ଷ ପଦବୀରୁ ହଟାଇ ଦିଆଯାଇଥିଲା। ଏଠିଠାରୁ ହିଁ ପ୍ରଦୀପ-ଆଶୀର୍ବାଦ ବିବାଦ ଆରମ୍ଭ ହୋଇଥିଲା। ସଭାପତିରେ ବିଜୟୀ ହେବାର ଶତପ୍ରତିଶତ ଆଶା ରଖିଛନ୍ତି ପ୍ରଦୀପ। ବିଜୟୀ ହେଲେ ଦଳ ଚୟନ ଉପରେ କଡ଼ା କଟକଣା ଲାଗିବ ବୋଲି ସେ କହିଥିଲେ। ଦଳ ଚୟନରେ ସ୍ୱଚ୍ଛତା ରହୁନି। ଏଣୁ ଅନେକ ପ୍ରତିଭା ଲୁଚି ଯାଉଛନ୍ତି। ଏହାଛଡ଼ା ସେ କହିଥିଲେ ଯେ, ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି। ଏବେ ବି ଓଡ଼ିଶାରେ କ୍ରିକେଟ ପାଇଁ ପ୍ରକୃଷ୍ଟ ଭିତ୍ତିଭୂମି ନାହିଁ ବୋଲି ତାଙ୍କ ମତ।

## ଡ୍ରାଇଭିଂରୁ ୱର୍ନ ବର୍ଷେ ବାସନ୍ଦ

**ଲଣ୍ଡନ, ୨୩।୯ (ପି.ଟି.):** ଅଷ୍ଟ୍ରେଲୀୟ ସ୍ପିନ୍ କିମ୍ବଦନ୍ତୀ ଶେନ୍ ୱର୍ନ ଡ୍ରାଇଭିଂ କରିବାକୁ ୧୨ ମାସ ବାସନ୍ଦ ହୋଇଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ସେ ଷଷ୍ଠଥର ପାଇଁ ଦ୍ରୁତ ଗତିରେ ଗାଡି ଚଳାଇବା ହେତୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଲଣ୍ଡନର ଏକ କୋର୍ଟ ତାଙ୍କୁ ଏଥିପାଇଁ ବାସନ୍ଦ କରିଛି। ୫୦ ବର୍ଷୀୟ ପୂର୍ବତନ ଏହି ଲେଗ୍ ସ୍ପିନର ଗତବର୍ଷ ଅଗଷ୍ଟ ମାସରେ କେନ୍‌ସିଂଟନରେ ଘଣ୍ଟା ପ୍ରତି ୪୦ ମାଇଲ ଜୋନ୍‌ରେ ୪୭ ମାଇଲ ବେଗରେ ତାଙ୍କ ଜାଗୁଆର କାର୍ ଚଳାଉଥିଲେ। ଫଳରେ ୱିମ୍ବଲଡ଼ନ ମାଜିଷ୍ଟ୍ରେଟ୍ ତାଙ୍କୁ ଏହି ବାସନ୍ଦାଦେଶରେ ଦଣ୍ଡିତ କରିଛନ୍ତି। ଶୁଣାଣି ପାଇଁ ୱର୍ନ କୋର୍ଟରେ ଉପସ୍ଥିତ ନ ଥିଲେ। ଏହା ପୂର୍ବରୁ ୨୦୧୬ ଏପ୍ରିଲ ପରଠାରୁ ୱର୍ନ ୫ଥର ସ୍ପିଡିଂ ଅଫେନ୍ସ କରିଥିଲେ। ଫଳରେ ତାଙ୍କ ଲାଇସେନ୍ସରେ ୧୫ ପେନାଲ୍ଟି ପଏଣ୍ଟ ଲାଗୁ ହୋଇଥିଲା। କେବଳ ସେତିକି ନୁହଁ ତାଙ୍କୁ ୧, ୮୪୫ ପାଉଣ୍ଡ ଜରିମାନା ଦେବାକୁ ମଧ୍ୟ ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଥାଉ କି, ୱର୍ନ ୱେଷ୍ଟ ଲଣ୍ଡନରେ ରହୁଛନ୍ତି। କ୍ରିକେଟ ଇତିହାସରେ ସେ ଅନ୍ୟତମ ଶ୍ରେଷ୍ଠ ବୋଲର ତଥା ସ୍ପିନର ବିବେଚିତ ହେଉଛନ୍ତି। ୧୯୯୨ରୁ ୨୦୦୭ ମଧ୍ୟରେ ୧୪୫ଟି ଟେଷ୍ଟ ଖେଳି ସେ ୭୦୮ଟି ଉଇକେଟ ହାସଲ କରିଛନ୍ତି।

# ଭାରତରେ ଏନ୍‌ବିଏର ପଦାର୍ପଣ ନେଇ ଚର୍ଚ୍ଚା

**ମୁମ୍ବାଇ,୨୩।୯(ପି.ଟି.)**

**ମୁମ୍ବାଇରେ ଖେଳାଯିବ ଇଣ୍ଡିଆନା ପେସର୍ସ ଓ ସାକ୍ରାମୋଣ୍ଟୋ କିଙ୍ଗ୍ସ ମ୍ୟାଚ୍**

ହାଇପ୍ରୋଫାଇଲ ବାସ୍କେଟ ବଲ୍ ଲିଗ୍ ଏନ୍‌ବିଏ(ନ୍ୟାଶନାଲ ବାସ୍କେଟବଲ ଆସୋସିଏଶନ) ଏଥର ଭାରତରେ ପଦାର୍ପଣ କରିବାକୁ ଯାଉଛି। ଏବେ ଏହାକୁ ନେଇ ଚର୍ଚ୍ଚା ମଧ ଆରମ୍ଭ ହୋଇଛି। ଆସନ୍ତା ଅକ୍ଟୋବର ୪ ଓ ୫ ତାରିଖରେ ମୁମ୍ବାଇରେ ଏନ୍‌ବିଏର କୋଟୋଟି ପ୍ରି- ସେସନ ବାସ୍କେଟବଲ ମ୍ୟାଚ୍ ଆୟୋଜନ ହେବ। ପ୍ରଥମଥର ପାଇଁ ଭାରତରେ ଏନ୍‌ବିଏର ମ୍ୟାଚ୍ ଆୟୋଜନ ହେବାକୁ ଯାଉଛି। ଏହି ମୁକାବିଲାଗୁଡ଼ିକରେ ଇଣ୍ଡିଆନା ପେସର୍ସ ଓ ସାକ୍ରାମୋଣ୍ଟୋ କିଙ୍ଗ୍ସ ମୁହାଁମୁହିଁ ହେବେ।

ସୋମବାର ଟେକ୍ସାସ୍‌ର ହ୍ୟୁଷ୍ଟନ ସହରରେ ଆୟୋଜିତ 'ହାଉଡି ମୋଦି' କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ମ୍ୟାଚ୍ ଦେଖିବାକୁ ଇଚ୍ଛା ଜାହିର କରିଥିଲେ। ଏହି ମ୍ୟାଚ୍ ଦେଖିବାକୁ ମୋତେ ନିମନ୍ତ୍ରଣ କରାଯାଇଛି କି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେ ପ୍ରଶ୍ନ କରିଥିଲେ। ଏହାପରଠାରୁ ଏହି ମ୍ୟାଚ୍ ନେଇ ବେଶ୍ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ମ୍ୟାଚ୍ ଅବସରରେ ଷ୍ଟାଡିୟମ ଖଚାଖଚ୍ ଭରା ହେବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି। ଏନ୍‌ବିଏ ଏବେ ଭାରତକୁ ଆମେରିକାର ଶ୍ରେଷ୍ଠ ରପ୍ତାନି ସାମଗ୍ରୀ ସାବ୍ୟସ୍ତ ହେବାକୁ ଯାଉଛି ବୋଲି ଟ୍ରମ୍ପ ତାଙ୍କ ଭାଷଣରେ କହିଥିଲେ। ଆସନ୍ତା ସପ୍ତାହରେ ଏନବିଏ ମ୍ୟାଚ୍ ଦେଖିବାକୁ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ହେବେ। ଏହି ମ୍ୟାଚ୍ ଦେଖିବାକୁ ଭାରତ ଆସିପାରେ ଓ ଏଥିପାଇଁ ସତର୍କ ରହିଥିବେ ବୋଲି ସେ ମଜାରେ କହିଥିଲେ। ୪ ତାରିଖରେ ଖେଳାଯିବାକୁ ଥିବା ମ୍ୟାଚ୍ ପାଇଁ ରିଲାଏନ୍ସ ଫାଉଣ୍ଡେଶନ ଜୁନିୟର ପ୍ରୋଗ୍ରାମ ଅନୁଯାୟୀ ୩,୦୦୦ ଯୁବକଙ୍କ ପାଇଁ ସିଟ୍ ରିଜର୍ଭ କରାଯାଇଛି। ତେବେ ୫ ତାରିଖ ମ୍ୟାଚ୍ ସବୁ ଦର୍ଶକ ଉପଭୋଗ କରିପାରିବେ। ୫ ତାରିଖ ମ୍ୟାଚ୍ ପାଇଁ ୮୦ ପ୍ରତିଶତ ଟିକେଟ ବିକ୍ରି ସରିଛି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ସେହିପରି ପ୍ରଥମ ଦିନର ମ୍ୟାଚ୍‌ର ୯୦ ପ୍ରତିଶତ ଟିକେଟ ପ୍ରଶଂସକମାନେ ନେଇ ସାରିଲେଣି। ସବୁ ଟିକେଟ ବିକ୍ରି ହୋଇଯିବ ଓ ବହୁ ସଂଖ୍ୟାରେ ମ୍ୟାଚ୍ ଦେଖିବାକୁ ଲୋକେ ଷ୍ଟାଡିୟମରେ ଉପସ୍ଥିତ ହେବେ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍ ଦେଖିବାକୁ ଅଧିକରୁ ଅଧିକ ସଂଖ୍ୟାରେ ପ୍ରଶଂସକ ଉପସ୍ଥିତ ରୁହନ୍ତୁ ଓ ଏହି ଅଭିଯାନ ଅଂଶସ୍ୱରୂପ ୨୮ ଓ ୨୯ ତାରିଖରେ ଗେଟ୍ ୱେ ଅଫ୍ ଇଣ୍ଡିଆରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଏନ୍‌ବିଏର ଗ୍ଲୋବାଲ ବିଜନେସ୍ ଅପରେଶନ୍ସ ଉପାଧକ୍ଷ ଡାଇଆନ୍ ଗୌଟା କହିଛନ୍ତି।

■ ସନ୍ତୋଷ ଟ୍ରଫି

## ଓଡ଼ିଶାର ବିଜୟ ଅଭିଯାନ

**କଟକ ଅଫିସ, ୨୩।୯**

ପଶ୍ଚିମବଙ୍ଗର କଲ୍ୟାଣୀଠାରେ ୭୪ତମ ଜାତୀୟ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫିର ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୬-୧ ଗୋଲରେ ବିହାରକୁ ହରାଇ ଟୁର୍ନାମେଣ୍ଟରେ ଅଭିଯାନ ଆରମ୍ଭ କରିଛି। ପ୍ରଥମାର୍ଦ୍ଧରେ ଓଡ଼ିଶା ପକ୍ଷରୁ ୩ଟି ଗୋଲ ସ୍କୋର ହୋଇଥିଲା। ୨୯ତମ ମିନିଟରେ ରାଜେଶ ନାୟକ, ୩୪ତମ ମିନିଟରେ ଅର୍ପଣ ଲାକ୍ରା ଓ ୪୧ତମ ମିନିଟରେ ବିକି ସେଠୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୩-୦ରେ ଓଡ଼ିଶା ପ୍ରଥମାର୍ଦ୍ଧରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ରାଜେଶ ୫୬ତମ ଓ ୬୦ତମ ମିନିଟରେ ୨ଟି ଗୋଲ ଦେଇ ଓଡ଼ିଶାକୁ ୫-୦ରେ ଅଗ୍ରଣୀ ଦେବା ସହ ବ୍ୟକ୍ତିଗତ ୩ୟ ଗୋଲ ସ୍କୋର କରିଥିଲେ। ବିହାର ପକ୍ଷରୁ ୬୭ତମ ମିନିଟରେ ମହମ୍ମଦ ସର୍ଫରାଜ ଏକ ଗୋଲ ପରିଶୋଧ କରିଥିଲେ। ଅତିରିକ୍ତ ୯୨ତମ ମିନିଟରେ ରାଜେଶ ବ୍ୟକ୍ତିଗତ ୪ର୍ଥ ଗୋଲ ଦେଇ ଓଡ଼ିଶାକୁ ୬-୧ ଗୋଲରେ ଜିତାଇଥିଲେ। ଆସନ୍ତା ୨୬ରେ ପଶ୍ଚିମବଙ୍ଗ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।



ପ୍ରୋ କବାଡ଼ି ଲିଗ୍‌ରେ ସୋମବାର ପାଟଣା ପାଇରେଟ୍ସ ଓ ହରିଆଣା ଷ୍ଟିଲର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ବିରାଟ କୋହଲିଙ୍କୁ ଆଇସିସିର ଭର୍ତ୍ସନା

**ବେଙ୍ଗାଲୁରୁ, ୨୩।୯ (ପିଟି)**

ଆଇସିସି କୋଡ୍ ଅଫ୍ କଣ୍ଡକ୍ଟ ଭଙ୍ଗ କରିବା ପାଇଁ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ଅଫିସିଆଲ ଚେତାବନୀ ସହ ଏକ ଡିମେରିଟ୍ ପଏଣ୍ଟ ମିଳିଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ କୋହଲି ଆଇସିସି ନିୟମ ଭଙ୍ଗ କରିଛନ୍ତି। ଭ୍ରମଣକାରୀ ଦଳର ପେସର ବେଉରାନ ହେଣ୍ଡ୍ରିକ୍ସଙ୍କୁ କୋହଲି ଜାଣିଶୁଣି କାନ୍ଧ ମାରିଥିଲେ। ଭାରତୀୟ ଅଧିନାୟକ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ଲାଗି ଉଦ୍ଦିଷ୍ଟ ଆଇସିସି ଆର୍ଟିକିଲ ୨.୧୨ ଭଙ୍ଗ କରିଛନ୍ତି। ଏହି ଆର୍ଟିକିଲ ଅନୁଯାୟୀ ଏକ ଅନ୍ତର୍ଜାତୀୟ ମ୍ୟାଚ୍‌ବେଳେ କୌଣସି ଖେଳାଳି ଅନ୍ୟ ଖେଳାଳି କିମ୍ବା ଅମ୍ପାୟର କିମ୍ବା ମ୍ୟାଚ୍ ରେଫରିଙ୍କୁ ଅସଦାଚରଣ କରିପାରିବେ ନାହିଁ। ଏହି ଘଟଣା ଭାରତୀୟ ଦଳର ଇନିଂସର ୫ମ ଓଭରରେ ଘଟିଥିଲା। କୋହଲି ରନ୍ ନେଉଥିବାବେଳେ ବୋଲର ବେଉରାନ ହେଣ୍ଡ୍ରିକ୍ସଙ୍କୁ କାନ୍ଧ ମାରିଥିଲେ। ନିଜ ଦୋଷ ସ୍ୱୀକାର କରିବା ସହ ମ୍ୟାଚ୍ ରେଫରି ରିଚେ ରିଚାର୍ଡସନଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶକୁ କୋହଲି ଗ୍ରହଣ କରି ନେଇଛନ୍ତି। ଅନ୍ ଫିଲ୍ଡ ଅମ୍ପାୟର ନୀତିନ ମେନନ, ସି. କେ. ନନ୍ଦନ, ତୃତୀୟ ଅମ୍ପାୟର ଅନିଲ ଚୌଧାରୀ ଓ ୪ର୍ଥ ଅଫିସିଆଲ ଛେତିହୋଡି ଶାମଶୁଦ୍ଦିନ ଏହି ଅଭିଯୋଗ ଆଣିଥିଲେ। ଏହାକୁ ମିଶାଇ କୋହଲିଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୩ରେ ପହଞ୍ଚିଛି। ୨୦୧୬ ସେପ୍ଟେମ୍ବରରେ ନୂଆ ନିୟମ ଆସିବା ପରେ ୩୦ ବର୍ଷୀୟ ବ୍ୟାଟ୍ସମ୍ୟାନ ୩ୟ ଥର ପାଇଁ ବିଶୃଙ୍ଖଳିତ ଆଚରଣ ଦେଖାଇଛନ୍ତି। ଏଥିପୂର୍ବରୁ ୨୦୧୮, ଜାନୁୟାରୀରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍‌ବେଳେ ଓ ଗତ ବିଶ୍ୱକପ୍‌ରେ ଆଫଗାନିସ୍ତାନ ବିପକ୍ଷ ଲିଗ୍ ମ୍ୟାଚ୍‌ରେ କୋହଲିଙ୍କୁ ଡିମେରିଟ୍ ପଏଣ୍ଟ ଦିଆଯାଇଥିଲା। ଆଇସିସି ନିୟମ ଅନୁସାରେ, ୨୪ ମାସ ମଧ୍ୟରେ କୌଣସି ଖେଳାଳିଙ୍କ ଡିମେରିଟ ପଏଣ୍ଟ ସଂଖ୍ୟା ୪ କିମ୍ବା ତା'ଠାରୁ ଅଧିକ ହେଲେ ପଏଣ୍ଟଗୁଡ଼ିକ ସସ୍‌ପେନଶନ ପଏଣ୍ଟରେ ପରିଣତ ହୁଏ।

# ରଶ୍ମି, ଲକ୍ଷ୍ମୀ, ପ୍ରଶାନ୍ତ, ରୋଶନାରା ସମ୍ବର୍ଦ୍ଧିତ ହେବେ

**ଭୁବନେଶ୍ୱର, ୨୩।୯(କ୍ରୀଡ଼ା ପ୍ରତିନିଧି)**



ଖବରଦାତା ସମ୍ମିଳନୀ ଅବସରରେ କର୍ମକର୍ତ୍ତାମାନେ।

ଜଗଜ୍ଜନନୀ ମା' ଦୁର୍ଗାଙ୍କର ଶାରଦୀୟ ଉତ୍ସବ ଅବସରରେ ସହିଦ ନଗର ଦୁର୍ଗାପୂଜା କମିଟି ପକ୍ଷରୁ ୪ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯିବ। ୨୦୦୭ରୁ ଏହି ଧାରା ଆରମ୍ଭ ହୋଇଛି ଏବଂ ଏଥର ମହାସପ୍ତମୀରୁ ବିଜୟା ଦଶମୀ ମଧ୍ୟରେ ଓଡ଼ିଶାର କୃତୀ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିବାକୁ ଯାଉଛୁ ବୋଲି କହିଛନ୍ତି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କମିଟି ସମ୍ପାଦକ ନାରାୟଣ ମହାପାତ୍ର। ପରମ୍ପରାକୁ ବଜାୟ ରଖି ଆମେ ମହାସପ୍ତମୀ ଦିନ ବଡିବିଲ୍ଡର ରଶ୍ମିରଞ୍ଜନ ସାହୁ, ମହାଷ୍ଟମୀରେ ମହିଳା ଗଲ୍ଫ ଖେଳାଳି ଲକ୍ଷ୍ମୀ ସ୍ୱାଇଁ, ମହାନବମୀରେ କ୍ରୀଡ଼ା ସଙ୍ଗଠକ ପ୍ରଶାନ୍ତ କୁମାର ନାୟକ ଏବଂ ଦଶମୀ ଦିନ ଅନ୍ତର୍ଜାତୀୟ ମହିଳା କ୍ରିକେଟ ତାରକା ରୋଶନାରା ପରବିନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସେ କହିଛନ୍ତି। ପ୍ରତ୍ୟହ ସନ୍ଧ୍ୟା ଆଳତି ପରେ ପୂଜା ମଣ୍ଡପରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଏଥର ପ୍ରଥମଥର ପାଇଁ ତାରକସି ରୂପା ମେଢ଼ ସହ ସୁନ୍ଦର ତୋରଣ ନିର୍ମାଣ ହେବ। ମା'ଙ୍କ ସୁନା ମୁକୁଟ ଏଥର ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି ସେ କହିଛନ୍ତି। କମିଟିର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ପଙ୍କଜ ପଟ୍ଟନାୟକ, କୋଷାଧ୍ୟକ୍ଷ ହରିଶ ପ୍ରସାଦ ରଥ, ପୂର୍ବତନ କର୍ପୋରେଟର ଉମାନାଥ ମିଶ୍ର, ସମିତି ସଭ୍ୟ ଅଚ୍ୟୁତ ପ୍ରସାଦ ବେହେରା, ମଳୟ ରଞ୍ଜନ ମହାପାତ୍ର, ସରୋଜ ପାତ୍ର ଓ ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

ଅନୁଷ୍ଠାନ ପକ୍ଷରୁ ୨୦୦୭ରୁ ଏପର୍ଯ୍ୟନ୍ତ ଅଲିମ୍ପିଆନ ଆଥଲେଟ୍ ଅନୁରାଧା ବିଶ୍ୱାଳ, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଚେସ୍ ତାରକା ସ୍ୱୟଂଶୁ ସତ୍ୟପ୍ରଜ୍ଞ, ଅଲିମ୍ପିଆନ ପଦ୍ମଶ୍ରୀ ଦିଲୀପ ତିର୍କୀ, ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି, ଚେସ୍ ତାରକା କିରଣ ମନୀଷା ମହାନ୍ତି, ମହିଳା ଫୁଟବଲର ସସ୍ମିତା ମଲିକ, ଭାରୋତ୍ତୋଳନକାରୀ ରାନୁ ମହାନ୍ତି, ଆଥଲେଟିକ୍ କୋଚ୍ ଅରୁଣ ଦାସ, କ୍ରିକେଟ କୋଚ୍ ଶଶାଙ୍କ ଦାସ, ଫୁଟବଲ ଖେଳାଳି ଗୀତାଞ୍ଜଳି ଖୁଣ୍ଟିଆ, ବଡି ବିଲ୍ଡର କାର୍ତ୍ତିକେଶ୍ୱର ଜେନା, ଆଥଲେଟିକ୍ କୋଚ୍ ନୀଳମାଧବ ଦେଓ, ଫୁଟବଲ ତାରକା ରାଜେନ୍ଦ୍ର ପ୍ରସାଦ ସିଂ, ମହିଳା ଫୁଟବଲର ଜବାମଣୀ ସୋରେନ, ବାସ୍କେଟବଲ ଖେଳାଳି ତଥା କୋଚ୍ ଅରୂପାନନ୍ଦ ରାଉତରାୟ, ଅନ୍ତର୍ଜାତୀୟ କ୍ରିକେଟର ଶିବସୁନ୍ଦର ଦାସ, ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, କରାଟେକା ଭାଲେନା ଭାଲେଣ୍ଟିନା, ପର୍ବତାରୋହୀ ଗଣେଶ ଜେନା, ଧାବିକା ସରସ୍ୱତୀ ଚାନ୍ଦ, ଫୁଟବଲ କୋଚ୍ ନନ୍ଦକିଶୋର ପଟ୍ଟନାୟକ, ଫୁଟବଲ ଖେଳାଳି ଆଲୋଚନା ସେନାପତି, ଭାରୋତ୍ତୋଳନକାରୀ ପ୍ରମିଳା କିର୍ସାନୀ, ମହିଳା ଫୁଟବଲର ସୁଭଦ୍ରା ନାଏକ, କବାଡ଼ି ଖେଳାଳି ଅରବିନ୍ଦ ଖୁଣ୍ଟିଆ, ସନ୍ତରଣ ପ୍ରତିଭା ପ୍ରତ୍ୟାଶା ରାୟ, ଫୁଟବଲ କୋଚ୍ ଗଙ୍ଗାଧର ବେହେରା, ରଗ୍‌ବୀ ଖେଳାଳି ପ୍ରଜ୍ଞା ଗରାବଡ଼ୁ, ଆଥଲେଟ୍ ଅମିୟ ମଲିକ, ଚେସ୍ ପ୍ରତିଭା ସାଇନା ସାଲୋନିକା, ରୋଇଂ କୋଚ୍ ଜୋସ ଜ୍ୟାକବ, ସ୍ନୁକର ତାରକା ସୁବ୍ରତ ଦାସ, କବାଡ଼ି କୋଚ୍ ସଂହିତା ଦାସ, ବିଶିଷ୍ଟ ଫିଜିଓ ଡ. ମୁକ୍ତିପ୍ରସାଦ ଦାଶ ଏବଂ କ୍ରିକେଟ ଭାଷ୍ୟକାର ନିଶାନ୍ତ ମାଜିଥିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ସୂଚନା ଦିଆଯାଇଛି।

# ମାଳବିକାଙ୍କୁ ପ୍ରଥମ ଟାଇଟଲ



ପୋଡିୟମ ଉପରେ ପୁରସ୍କାର ଗ୍ରହଣ ଅବସରରେ ମାଳବିକା ବନସୋଦ।

**ମାଲେ(ମାଳଦ୍ୱୀପ),୨୩।୯(ପିଟି)**

ଭାରତୀୟ ଯୁବା ଶଟଲର ମାଳବିକା ବନସୋଦ ସୋମବାର ମାଳଦ୍ୱୀପ ଅନ୍ତର୍ଜାତୀୟ ଫ୍ୟୁଚର ସିରିଜ୍‌ରେ କ୍ୟାରିୟରର ପ୍ରଥମ ଟାଇଟଲ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସ ବର୍ଗର ଫାଇନାଲରେ ସେ ମ୍ୟାନ୍‌ମାରର ଟପ୍ ସିଡ୍ ଥେଟ ତାର ଥୁଜାରଙ୍କୁ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ଅଣସିଡ୍ ଭାରତୀୟ ଖେଳାଳି ୨୧-୧୩, ୨୧-୧୧ ଗେମ୍‌ରେ ମ୍ୟାଚ୍ ଜିତି ନେଇଛନ୍ତି। ପୁରୁଷ ବିଭାଗରେ ଟପ୍ ସିଡ୍ କେଭିନ ଆରୋକିଆ ରନର୍ସଅପ୍ ହୋଇ ଅଭିଯାନ ଶେଷ କରିଛନ୍ତି। ତାଙ୍କୁ ୧୩-୨୧, ୧୪-୨୧ ଗେମ୍‌ରେ ଦ୍ୱିତୀୟ ସିଡ୍ ଥାଇଲାଣ୍ଡର କାଣ୍ଟାଓ୍ୱତ ଲିଲାଭେଚାବୁତ ହରାଇ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ବୈଭବ ଓ ପ୍ରକାଶ ରାଜଙ୍କ ଦ୍ୱିତୀୟ ସିଡ୍ ପୁରୁଷ ଡବଲ୍ସ ଯୋଡ଼ି ମଧ ଟାଇଟଲ ହାତେଇଛି।

## ସଂକ୍ଷେପରେ

### ଓଡ଼ିଶା ମହିଳା ହକି ଦଳର ପ୍ରଥମ ବିଜୟ

**ଭୁବନେଶ୍ୱର, ୨୩।୯(କ୍ରୀଡ଼ା ପ୍ରତିନିଧି):** କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମରେ ଚାଲିଥିବା ୪ର୍ଥ ହକି ଇଣ୍ଡିଆ ୫-ଏ-ସାଇଡ୍ ହକି ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୫-୦ ଗୋଲରେ ତାମିଲନାଡୁକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଓଡ଼ିଶାର ଏହା ପ୍ରଥମ ବିଜୟ। ରବିବାର ପ୍ରଥମ ଦିବସରେ ଏହି ଦଳ ଗତଥରର ଚାମ୍ପିୟନ ଝାଡ଼ଖଣ୍ଡଠାରୁ ୩-୭ ଗୋଲରେ ପରାଜିତ ହୋଇଥିଲା। ତାମିଲନାଡୁ ବିପକ୍ଷ ମ୍ୟାଚରେ ଓଡ଼ିଶା ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୧ମ ମିନିଟରେ ଦୀପ୍ତି ଲାକ୍ରା ଗୋଲ ଦେଇ ପ୍ରତିପକ୍ଷ ଦଳ ଉପରେ ଚାପ ପ୍ରୟୋଗ କରିଥିଲେ। ୩ୟ ମିନିଟରେ ଖୁସବୁ କୁଜୁର, ୯ମ ମିନିଟରେ ରିଙ୍କି କୁଜୁର ଏବଂ ୧୪ତମ ମିନିଟରେ ଦୀପ୍ତି ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେବାରୁ ଓଡ଼ିଶା ୪-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ୧୮ତମ ମିନିଟରେ ପ୍ରେମିତା ବାରା ଆଉ ଏକ ଗୋଲ ଦେଇଥିଲେ। ଏହି ବିଜୟ ଫଳରେ ଓଡ଼ିଶା ଗ୍ରୁପ୍ 'ଏ'ରେ ଦ୍ୱିତୀୟ ସ୍ଥାନରେ ରହିଛି। ପଞ୍ଜାବ ସମାନ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ଓଡ଼ିଶା ଆଗରେ ରହିଛି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଝାଡ଼ଖଣ୍ଡ ୩-୦ ଗୋଲରେ ପଞ୍ଜାବକୁ ଏବଂ ହରିୟାଣା ୫-୨ ଗୋଲରେ ମହାରାଷ୍ଟ୍ରକୁ ହରାଇଥିବାବେଳେ ଉତ୍ତର ପ୍ରଦେଶ-କର୍ନାଟକ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି।

"ବୋଲରମାନେ ପିଚ୍ କଣ୍ଡିଶନରୁ ଫାଇଦା ନେଇ ଯୋଜନାର ସଫଳ ରୂପାୟନ କରିବାରୁ ଦକ୍ଷିଣ ଆଫ୍ରିକାର ସଫଳ ପ୍ରତ୍ୟାବର୍ତ୍ତନ ସମ୍ଭବ ହୋଇପାରିଲା।"
–କ୍ୱିଣ୍ଟନ ଡି'କକ୍, ଦକ୍ଷିଣ ଆଫ୍ରିକା ଅଧିନାୟକ



"୨୦୨୦ ସିଜନ ପାଇଁ ଆମେ ଡରହାମ ଦଳକୁ କାମେରନ ବ୍ୟାଙ୍କ୍ରଫ୍ଟଙ୍କୁ ସ୍ୱାଗତ କରୁଛୁ। ତାଙ୍କ ନେତୃତ୍ୱ ଦକ୍ଷତା ଏବଂ କ୍ୱାଲିଟି ପ୍ରଦର୍ଶନ ଦଳକୁ ଫାଇଦାରେ ରଖିବ।"
– ମାର୍କୁସ ନର୍ଥ, ଡରହାମ୍‌ର କ୍ରିକେଟ ନିର୍ଦ୍ଦେଶକ



# ଭାରତ–ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଆଜି

**ସୁରଟ,୨୩।୯(ପି.ଟି.)**

ସ୍ଥାନୀୟ ଲାଲାଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ମଙ୍ଗଳବାର ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା ଦଳ ପ୍ରଥମ ଟି୨୦ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ଭାରତ ଦକ୍ଷିଣ ଆଫ୍ରିକାକୁ ଆଦୌ ହାଲ୍‌କା ଭାବେ ନେବ ନାହିଁ। ଗତ ୫ଟି ମ୍ୟାଚ୍‌ରେ ଭାରତର ଆଧିପତ୍ୟ ଦେଖିବାକୁ ମିଳିଛି। ୩ଟି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିବା ବେଳେ ଗୋଟିଏରେ ପରାଜୟ ବରଣ କରିଛି ଓ ଗୋଟିଏ ମ୍ୟାଚ୍‌ର ଫଳାଫଳ ମିଳିପାରି ନ ଥିଲା। ଘରୋଇ ପରିବେଶରୁ ଫାଇଦା ଉଠାଇ ଭାରତ ଏହି ସିରିଜରେ ପ୍ରଭାବ ବିସ୍ତାର କରି ଖେଳିବା ଆଶା କରାଯାଉଛି। ଭାରତ ଗୋଟିଏ ପାଦ ଆଗରେ ଥିବା ପରି ମନେହେଉଛି। ରବିବାର ଅନୁଷ୍ଠିତ ଅଭ୍ୟାସ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଜବରଦସ୍ତ ପ୍ରଦର୍ଶନ କରି ବୋର୍ଡ ସଭାପତି ଏକାଦଶକୁ ୮୩ ରନରେ ପରାସ୍ତ କରିଥିଲା। ତେଣୁ ଭାରତ ପୂର୍ଣ୍ଣ ସାମର୍ଥ୍ୟ ସହ ପଡିଆକୁ ଓହ୍ଲାଇବ। ପ୍ରଥମ ଅଭ୍ୟାସ ମ୍ୟାଚ୍ ବର୍ଷା ଯୋଗୁ ଧୋଇଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୫ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା। ଜବାବରେ ବୋର୍ଡ ସଭାପତି ଏକାଦଶ ମାତ୍ର ୯୧ ରନ କରି ଅଲଆଉଟ ହୋଇ ପରାଜୟବରଣ କରିଥିଲା।

**ମହିଳା ଟି୨୦**

ଏହି ବିଜୟ ଦକ୍ଷିଣ ଆଫ୍ରିକାର ଆତ୍ମ ବିଶ୍ୱାସକୁ ବଢ଼ାଇଥିବ। ଓପନର ଲିଜେଲି ଲି ଦ୍ୱିତୀୟ ଅଭ୍ୟାସ ମ୍ୟାଚ୍‌ରେ ୬୫ ରନର ଦ୍ରୁତ ପାଳି ଖେଳିଥିଲେ। ଏହାପରେ ମିଗ୍ନନ ଡୁପ୍ରିଜ୍ ଅପରାଜିତ ୪୦ ରନ କରି ଦଳକୁ ବଡ଼ ସ୍କୋର ପ୍ରଦାନ କରିଥିଲେ। ସେହିପରି ବୋଲିଂରେ ଅଧିନାୟିକା ସୁନ୍ ଲୁସ୍ ୩ ଉଇକେଟ ନେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଅପରପକ୍ଷରେ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ଦଳ ବେଶ୍ ସନ୍ତୁଳିତ ମନେହେଉଛି। ଭଲ ଆରମ୍ଭ ପାଇଁ ଓପନର ସ୍ମୃତି ମନ୍ଧାନାକୁ ଭଲ ପ୍ରଦର୍ଶନ କରିବାକୁ ପଡିବ। ଅଭିଜ୍ଞ ମିଥାଲି ରାଜ୍ ଟି୨୦ରୁ ଅବସର ଘୋଷଣା କରିଛନ୍ତି। ତାଙ୍କ ଅନୁପସ୍ଥିତିରେ ବେଦା କ୍ରିଷ୍ଣମୂର୍ତ୍ତୀ, ହରମନପ୍ରୀତ ଓ ଜେମିମା ରୋଡ୍ରିଗୁଏଜଙ୍କୁ ଭଲ ଖେଳିବାକୁ ପଡିବ। ବୋଲିଂ ବିଭାଗରେ ଦ୍ରୁତ ବୋଲର ଶିଖା ପାଣ୍ଡେ ନେତୃତ୍ୱ ନେବେ। ସେହିପରି ଅନ୍ୟତମ ଦ୍ରୁତ ବୋଲର ପୂଜା ବସ୍ତ୍ରକାର ତାଙ୍କୁ ସହାୟତା ପ୍ରଦାନ କରିବା ଆଶା କରାଯାଉଛି। ସେହିପରି ସ୍ପିନ୍ ବିଭାଗରେ ପୁନମ ଯାଦବ ନେତୃତ୍ୱ ନେବେ। ଚଳିତ ବର୍ଷ ପୁନମ ଅର୍ଜୁନ ପୁରସ୍କାର ହାସଲ କରିଛନ୍ତି। ସେହିପରି ଅନୁଜା ପାଟିଲ, ଅଲରାଉଣ୍ଡର ଦୀପ୍ତି ଶର୍ମା ମଧ୍ୟ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ ବୋଲି ଆଶା କରାଯାଉଛି। ଭାରତ ଫେଭରାଇଟ ବିବେଚିତ ହେଉଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକ ଚକ୍‌ମା ଦେବା ଲକ୍ଷ୍ୟରେ ରହିଛି। ଫଳରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

**୭ମ ଜନ୍ମଦିନ ଶୁଭେଚ୍ଛା**



**ସ୍ୱୟଂପ୍ରଭା ସାହୁ (ମାନୁ)**
(ପଳାଶୁଣୀ–୨୫)
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଓ ମା' ଖଣ୍ଡେଶ୍ୱରୀଙ୍କ କୃପାରୁ ତୋର ଚଳାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ**
ଜେଜେମା, ଆଇ, ବାପା, ମା, ବାବା, ମାମା, ଦାଦା, ନାନା, ମାଉସୀ, ମଉସା, ଆର୍ୟନ୍, ଝାନ୍ସି, ତରୁନ୍, ଅରୁନ୍, ବନ୍ଧୁ ଓ ପରିବାରବର୍ଗ।
ଧ–୩୮୫୬୨

**୨ୟ ଜନ୍ମଦିନ ଶୁଭେଚ୍ଛା**



**ରୁଦ୍ର ପ୍ରକାଶ ପାଇଟାଲ (ପ୍ରଭୁ)**
ତୋ'ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଗରେ ନିବେଦନ ତୋ'ର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛାସହ:
ତୋ'ର ବାପା, ବୋଉ, ଜେଜେ, ଜେଜେମା', ଦାଦା, ଖୁଡ଼ି, ପିଉସା, ପିଉସି, ମାମୁଁ, ମାଉସୀ, ଅଜା, ଆଈ।
ଧ–୧୪୪୮୩

**କୃତିତ୍ୱ**



ସାର୍ଥକ



ଶିବଦତ୍ତ



ଓମ୍‌ପ୍ରକାଶ



ଚିନ୍ମୟ

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ, ପୁରୀର ଚତୁର୍ଥ ଶ୍ରେଣୀର ୪ଜଣ ଶିଶୁ ସାର୍ଥକ ସାମନ୍ତରାୟ, ଶିବଦତ୍ତ ମହାପାତ୍ର, ଓମ୍‌ପ୍ରକାଶ ମିଶ୍ର, ଚିନ୍ମୟ ରାୟ ଶିକ୍ଷାବର୍ଷ ୨୦୧୮–୧୯ ପାଇଁ ଓଡ଼ିଶା ସରକାରଙ୍କ ନିମ୍ନ ପ୍ରାଥମିକ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ଗୌରବ ବଢାଇବାରେ ସହାୟକ ହୋଇଛନ୍ତି। ବିଦ୍ୟାଳୟ ତରଫରୁ ସମସ୍ତ ଶିଶୁଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି।
ଧ–୧୪୪୭୯

# ପୂର୍ବତନ ଭରତୀୟ ଓପନରଙ୍କ ପରଲୋକ

**ମୁମ୍ବାଇ, ୨୩।୯:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ମାଧବ ଆପ୍‌ଟେଙ୍କ ସୋମବାର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୮୬ ବର୍ଷ ହୋଇଥିଲା। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଛି। ଡାହାଣହାତୀ ଓପନିଂ ବ୍ୟାଟ୍ସମ୍ୟାନ ଦେଶ ପାଇଁ ୭ଟି ମ୍ୟାଚ୍ ଖେଳିଥିଲେ। ତାଙ୍କ ଆଭରେଜ ପାଖାପାଖି ୫୦ ଥିଲା। ମାତ୍ର ଆଶାନୁଯାୟୀ ଲମ୍ବା କ୍ୟାରିୟର କରିପାରି ନ ଥିଲେ। ସେ ୧୯୫୨–୫୩ ସିଜନରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୩ ଅର୍ଦ୍ଧଶତକ ଓ ୧୬୩ ରନ୍‌ର ଏକ ଶତକୀୟ ଇନିଂସ ଖେଳିଥିଲେ। ଏହାପରେ ସେ ମାତ୍ର ଗୋଟିଏ ଟେଷ୍ଟ ଖେଳିପାରିଥିଲେ। ଧନୀ ଘରେ ଜନ୍ମ ହୋଇଥିବା ଆପ୍‌ଟେ ଜାତୀୟ ଦଳରୁ ବିଦା ହେବା ପାଇଁ କିମ୍ବଦନ୍ତୀ ଲାଲା ଅମରନାଥଙ୍କୁ ଦାୟୀ କରିଥିଲେ।



ମାଧବ ଆପ୍‌ଟେ

## ଶୋକ ପ୍ରକାଶ କଲା ବିସିସିଆଇ

ପୂର୍ବତନ ଭାରତୀୟ ଓପନର ମାଧବ ଆପ୍‌ଟେଙ୍କ ବିୟୋଗରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶୋକ ପ୍ରକାଶ କରିଛି। ସୋମବାର ହୃଦ୍‌ଘାତ ଯୋଗୁ ୮୬ ବର୍ଷୀୟ ଆପ୍‌ଟେଙ୍କ ପରଲୋକ ହୋଇଛି। ସେ ସର୍ବଦା ସବୁଠୁ ଲୋକପ୍ରିୟ କ୍ରିକେଟର ହୋଇ ରହିବେ। ଆପ୍‌ଟେଙ୍କ ପରିବାର ଓ ବନ୍ଧୁଙ୍କୁ ବିସିସିଆଇ ସମବେଦନା ଜଣାଉଛି ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ମୋଟ ୭ ଟେଷ୍ଟ ଖେଳିଥିବା ଓପନର ମୁମ୍ବାଇ କ୍ରିକେଟରେ ଦୀର୍ଘ ସମୟ ଧରି ସକ୍ରିୟ ଥିଲେ। କ୍ରିକେଟରୁ ଅବସର ପରେ କ୍ରିକେଟ କ୍ଲବ ଅଫ ଇଣ୍ଡିଆର ସଭାପତି ଦାୟିତ୍ୱ ତୁଲାଇଥିଲେ। ତାଙ୍କ ଯୋଗୁ ୧୪ ବର୍ଷ ବୟସରେ ସଚିନ ତେନ୍ଦୁଲକର ଲୋକ ଲୋଚନକୁ ଆସିପାରିଥିଲେ।

# 'ଭଲ ଫଳାଫଳ ପାଇଁ ରିସ୍କ ନେବାକୁ ହେବ'

**ବେଙ୍ଗାଲୁରୁ,୨୩।୯(ପି.ଟି.)**

ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ଆୟୋଜନ ହେବାକୁ ଯାଉଥିବା ବେଳେ ଭାରତୀୟ ଅଧିନାୟକ ବିରାଟ କୋହଲି ଏକ ସନ୍ତୁଳିତ ତଥା ଶକ୍ତିଶାଳୀ ଦଳ ଗଠନ ଉପରେ ଗୁରୁତ୍ୱ ଦେଇଛନ୍ତି। ତେବେ ଏଥିପାଇଁ ରିସ୍କ ନେବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଠାରେ ଖେଳାଯାଇଥିବା ଅନ୍ତିମ ଟି୨୦ ମ୍ୟାଚ୍‌ରେ କୋହଲି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଥିଲେ। ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସମସ୍ତେ ଚେଜ୍ କରିବାକୁ ପସନ୍ଦ କରିଥାନ୍ତି। କୋହଲିଙ୍କ ବ୍ୟାଟିଂ ନିଷ୍ପତ୍ତି ବୁମେରାଂ ସାବ୍ୟସ୍ତ ହେଲା ଓ ଭାରତ ଏହି ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ତେବେ କୋହଲି ଏ ନେଇ କୌଣସି ଅନୁଶୋଚନା କରିନାହାନ୍ତି। ଏକ ଶକ୍ତିଶାଳୀ ଦଳ ଗଠନ ପାଇଁ ଏଭଳି ରିସ୍କ ନେବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏପରିକି ବିଜୟ ହାସଲ କରିବାକୁ ମଧ୍ୟ ରିସ୍କ ନେବାକୁ ହୋଇଥାଏ। ମ୍ୟାଚ୍ ଖେଳିବା ପୂର୍ବରୁ କିଛି ପୂର୍ବରୁ ସ୍ଥିର ହୋଇ ନ ଥାଏ ଓ କୌଣସି ଜିନିଷରେ ଗ୍ୟାରେଣ୍ଟି ନ ଥାଏ ବୋଲି ମ୍ୟାଚ୍ ପରର ଖବରଦାତା ସମ୍ମିଳନୀରେ ସେ କହିଛନ୍ତି।

ବେଳେବେଳେ ସୁବିଧାଜନକ ସ୍ଥିତିରୁ ଆମକୁ ଉର୍ଦ୍ଧ୍ୱକୁ ଉଠିବାକୁ ହେବ। ଏହା ହେଲେ ଆମେ ଟସ୍ ଉପରେ ନିର୍ଭର କରିବୁ ନାହିଁ। ସବୁବେଳେ ଟସ୍ ଜିତିବା ସମ୍ଭବ ହୋଇ ନ ଥାଏ। ତେଣୁ ପ୍ରଥମେ କିମ୍ବା ପରେ ବ୍ୟାଟିଂ କରି କିପରି ବିଜୟୀ ହେବୁ ତାହା ଉପରେ ଆମକୁ କାର୍ଯ୍ୟ କରିବାକୁ ହେବ। ଭାରତୀୟ ବ୍ୟାଟିଂ ଲାଇନ୍ ବେଶ୍ ଦୃଢ଼ ହୋଇଥିଲେ ମଧ୍ୟ ତୃତୀୟ ଟି୨୦ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ୯ ଉଇକେଟର ପରାସ୍ତ ହୋଇଛି। ଫଳରେ ଏହି ସିରିଜ ଶେଷରେ ୧–୧ରେ ଡ୍ର ରହିଛି। ପ୍ରଥମେ ବ୍ୟାଟିଂ ହେଉ କି ବୋଲିଂ ଏକ ଶ୍ରେଷ୍ଠ ଦଳ ସହ ପଡିଆକୁ ଓହ୍ଲାଇବା ଓ ସବୁ ପ୍ରକାର ପରିସ୍ଥିତିରେ ଭଲ ପ୍ରଦର୍ଶନ କରିବା ହେଉଛି ଆମର ମୂଳ ଲକ୍ଷ୍ୟ। ଅନୁକୂଳ ପରିସ୍ଥିତିରେ ସବୁ ଦଳ ଓ ଖେଳାଳି ଭଲ ଖେଳିଥାନ୍ତି। କିନ୍ତୁ ପ୍ରତିକୂଳ ପରିସ୍ଥିତିରେ ଭଲ ଖେଳିଲେ ଦଳ ବିଜୟୀ ହୋଇ ପାରିବ। ତେଣୁ ଏଥି ପାଇଁ ମାନସିକ ଭାବେ ପ୍ରସ୍ତୁତି ଆବଶ୍ୟକ। ତେଣୁ ଏଥିପାଇଁ ରିସ୍କ ନେବାକୁ ହେବ। ଏହି ଗ୍ରାଉଣ୍ଡରେ ଗତ ୬ଟି ଟି୨୦ ମ୍ୟାଚ୍‌ରେ କୌଣସି ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନାହାନ୍ତି। ଦଳକୁ ଦୃଢ଼ ଭାବେ ଗଠି ତୋଳିବା ପାଇଁ କୋହଲି ଏପରି ନିଷ୍ପତ୍ତି ନେଇଛନ୍ତି। ଏହି ଗ୍ରାଉଣ୍ଡରେ ୧୩୪ ଆଦୌ ଭଲ ସ୍କୋର ନୁହଁ ବୋଲି କୋହଲି ସ୍ୱୀକାର କରିଛନ୍ତି। ତେବେ ବୋଲରଙ୍କୁ ସେ ପରାଜୟ ପାଇଁ ଦାୟୀ କରିନାହାନ୍ତି। ବୋଲରଙ୍କ ପାଇଁ ସ୍କୋରବୋର୍ଡରେ ଅତିକମ୍‌ରେ ୧୬୦ ରନର ସ୍କୋର ରହିବା ଆବଶ୍ୟକ। ତେଣୁ ପରାଜୟ ପାଇଁ ବୋଲରଙ୍କୁ ଦାୟୀ କରିବା ଠିକ୍ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଗୋଟିଏ ଦୁଇଟି ବିଭାଗରେ ଆମକୁ ତ୍ରୁଟି ସୁଧାରିବାକୁ ହେବ। ଏକଦା ଗୋଟିଏ ଉଇକେଟ ହରାଇ ଆମେ ୬୩ ରନ ସଂଗ୍ରହ କରିଥିଲୁ। ତେଣୁ ଅତିକମ୍‌ରେ ୧୭୦ ରନ ସଂଗ୍ରହ କରିବୁ ବୋଲି ଆଶା କରିଥିଲୁ। ଦକ୍ଷିଣ ଆଫ୍ରିକା ଭଲ ଭାବେ ତା'ର ଯୋଜନା କାର୍ଯ୍ୟକାରୀ କଲା ବୋଲି ସେ କହିଛନ୍ତି।

ଏବେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ। ଟେଷ୍ଟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆମେ ବିଶ୍ୱର ଶ୍ରେଷ୍ଠ ଦଳ। ପୁଣି ଘରୋଇ ପରିବେଶ ଭାରତ ଆହୁରି ଶକ୍ତିଶାଳୀ ଦଳ ବିବେଚିତ ହୋଇଥାଏ। ତେଣୁ ଟେଷ୍ଟ ସିରିଜରେ ଭାରତର ପ୍ରଦର୍ଶନ ଭଲ ହେବ ବୋଲି କୋହଲି କହିଛନ୍ତି। ସବୁ ପ୍ରକାର ପରିସ୍ଥିତିରେ ସ୍ଥିର ପ୍ରଦର୍ଶନ କରିବା ଏକ ବଡ଼ ଚ୍ୟାଲେଞ୍ଜ। କେବଳ ସେତିକି ନୁହଁ ପ୍ରତିପକ୍ଷ ଦଳକୁ ମଧ୍ୟ ହେୟ ମନେ ନ କରି ସମ୍ମାନ ଦେବାକୁ ହୋଇଥାଏ ବୋଲି କୋହଲି କହିଛନ୍ତି।



ବିରାଟ କୋହଲି



With profound grief, we regret to inform the sudden demise of our beloved mother
**Smt. Kalpana Dalal**
(W/o Late Sisir Kumar Dalal)
(23-11-1955 to 19-09-2019)
*Her divine smile touched many hearts and she was an ever shining light of positivity. We deeply mourn her sad demise and pray to almighty to bestow peace on the departed soul.*
**Shradh Ceremony** will be held on Saturday, 28th September 2019 from 8 A.M. to 2 P.M. at Purbo Sree Mahila Samiti, K-2019, C R Park, New Delhi - 110019.
***Deeply Mourned by :***
Suman Dalal and Archana (Son and Daughter-in-law)
Suparna and Subrata Dutta (Daughter and Son-in-law)
& Others Samir Dalal (Brother-in-law), Banani Dalal (Sister-in-law)
Ishaan & Vihaan (Grandsons), **Mobile : 9051396960**

### ଆନ୍ତଃ ମହାବିଦ୍ୟାଳୟ ମହିଳା ବାସ୍କେଟ ବଲ
# ବିଜେବି ଚାମ୍ପିୟନ

ଭୁବନେଶ୍ୱର,୨୩।୯(ସ୍ପୋର୍ଟସ୍ ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ବାଣୀବିହାରସ୍ଥ ବିଜୁ ପଟ୍ଟନାୟକ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ ମହିଳା ବାସ୍କେଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସୋମବାର ଖେଳାଯାଇଥିବା ଫାଇନାଲରେ ବିଜେବି କଲେଜ ୧୯-୧୨ ପଏଣ୍ଟରେ ଆର. ନୟାପଲି କଲେଜକୁ ହରାଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଜି ଆଥ୍‌ଲେଟିକ୍ କ୍ଲବର ଉପ ସଭାପତି ଡ. କୀର୍ତ୍ତି ରଞ୍ଜନ ମଲ୍ଲିକ, କ୍ରୀଡା ପରିଷଦ ଶାରୀରିକ ଶିକ୍ଷା ଅଧିକାରୀ ଅମ୍ବିକା ପ୍ରସାଦ ରାୟ, ପ୍ରବୀର କୁମାର ମହାନ୍ତି, ଡ. ବେଣୁଧର ଦାସ, ଚତୁର୍ଭୁଜ ଜେନା, ମାନସ କୁମାର ପଣ୍ଡା, ଶିବ ପ୍ରସାଦ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ଫିକ୍ସିଂ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ ହୋଇପାରିବନି: ଗାଭାସ୍କର

**ନୂଆଦିଲ୍ଲୀ, ୨୩।୯(ପି.ଟି.):** ଲୋଭର କୌଣସି ଉପାଚର କିମ୍ବା ସୀମା ନାହିଁ। ତେଣୁ କ୍ରୀଡ଼ାରେ ଫିକ୍ସିଂ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣକୁ ଆସିପାରିବ ନାହିଁ ବୋଲି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଗାଭାସ୍କର କହିଛନ୍ତି। କ୍ରିକେଟରେ ମ୍ୟାଚ୍ ଫିକ୍ସିଂ ଭଳି କଳଙ୍କକୁ ସମ୍ପୂର୍ଣ୍ଣ ଭାବେ ସଫା କରିହେବ ନାହିଁ। ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ୍)ରେ କେତେକ ଖେଳାଳି ଓ ମାଚ୍ ଅଫିସିଆଲ ମ୍ୟାଚ୍ ଫିକ୍ସିଂରେ ସାମିଲ ରହିବା ନେଇ ପ୍ରଶ୍ନ ହେବାରୁ ସେ ଏହି କଥା କହିଛନ୍ତି। ଏ ନେଇ ଅବଶ୍ୟ ତଦନ୍ତ ଚାଲୁ ରହିଛି। ମଣିଷର ସ୍ୱଭାବ ସହ ଲୋଭ ଓ ମୋହ ସାମିଲ ରହିଛି ବୋଲି ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଏହି କଥା କହିଛନ୍ତି। ଏକ ଶ୍ରେଷ୍ଠ ସମାଜରେ ମଧ୍ୟ ଅପରାଧୀ ରହିଛନ୍ତି। କ୍ରିକେଟରେ ମଧ୍ୟ କେତେଜଣ ଭିନ୍ନ ପ୍ରକାରର ଲୋକ ରହିବା ସ୍ୱାଭାବିକ। ତେବେ କ୍ରିକେଟରେ ଦୁର୍ନୀତି କରୁଥିବା ଲୋକେ ସହଜରେ ଖସି ଚାଲିଯାଇ ପାରିବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଟେଲିଭିଜନରେ ମ୍ୟାଚ୍ ଲାଇଭ୍ ହେଉଥିବାରୁ ଯେକୌଣସି ଜଣେ ଲୋକେ ଭୂଲ୍ କରି ଖସି ଯାଇପାରିବନି। ଏ ସବୁ ଦୁର୍ନୀତି ସତ୍ତ୍ୱେ ଟିଏନ୍‌ପିଏଲ୍ ଭଳି ଘରୋଇ ଟୁର୍ନାମେଣ୍ଟ ତଥା ଲିଗ୍ ଚାଲୁ ରହିବା ଆବଶ୍ୟକ। ଏହି ଲିଗ୍ ଗୁଡିକ ମାଧ୍ୟମରେ ପ୍ରତିଭା ଚିହ୍ନଟ ହୋଇଥାଏ ବୋଲି ସେ କହିଛନ୍ତି।

# ଏକାସଙ୍ଗେ ବ୍ୟାଟିଂ ପାଇଁ ଆସିଥିଲେ ପନ୍ତ, ଆୟାର

**ବେଙ୍ଗାଲୁରୁ, ୨୩।୯:** ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଭାରତ ବିପକ୍ଷରେ ଖେଳାଯାଇଥିବା ୩ୟ ଟି୨୦ ମ୍ୟାଚ୍‌କୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ୯ଉଇକେଟରେ ଜିତି ନେଇଛି। ଏହି ମ୍ୟାଚ୍‌ର ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଭାରତ ଇନିଂସର ୮ମ ଓଭରରେ ଶିଖର ଧାୱନ ଆଉଟ୍ ହେବା ପରେ ୪ର୍ଥ କ୍ରମରେ ଦୁଇ ବ୍ୟାଟ୍ସମ୍ୟାନ ଡଗ୍‌ଆଉଟରୁ ଗ୍ରାଉଣ୍ଡ ଅଭିମୁଖେ ବାହାରିଥିଲେ। ସେମାନେ ହେଲେ ରିଷଭ ପନ୍ତ ଓ ଶ୍ରେୟାସ ଆୟାର। ଉଭୟେ ଏକା ସମୟରେ ଡଗ୍ ଆଉଟରୁ ପଡ଼ିଆକୁ ଆସୁଥିବା ଦେଖିବାକୁ ମିଳିଥିଲା। ଦୁଇ ଖେଳାଳି ସାମ୍ନାସାମ୍ନି ହେବା ପରେ କ'ଣ ଘଟୁଛି, ତାହା ଜାଣିବାକୁ ପାଇଥିଲେ। ଏହି ସମୟରେ କ୍ରିଜ୍‌ରେ ଥିବା ଭାରତୀୟ ଅଧିନାୟକ ବିରାଟ କୋହଲି ଏହି ଘଟଣାକୁ ମ୍ୟାଚ୍ ପରେ ସ୍ୱୀକାର କରିଛନ୍ତି। ଦଳୀୟ ମ୍ୟାନେଜମେଣ୍ଟ ଓ ଦୁଇ ଖେଳାଳିଙ୍କ ମଧ୍ୟରେ ଯୋଗାଯୋଗର ଅଭାବ ଯୋଗୁ ଏଭଳି ଘଟିଥିଲା ବୋଲି କୋହଲି କହିଛନ୍ତି। ଉଭୟ ବ୍ୟାଟ୍ସମ୍ୟାନ ୪ର୍ଥ କ୍ରମରେ ବ୍ୟାଟିଂ କରିବାକୁ ମନ ବଳାଇଥିଲେ। ଯଦି ଦୁହେଁ ଏକାସଙ୍ଗେ କ୍ରିଜ୍‌ରେ ପହଞ୍ଚି ଥାନ୍ତେ, ଏହା କୌତୂହଳପୂର୍ଣ୍ଣ ବିଷୟ ହୋଇଥାନ୍ତା। ମ୍ୟାଚ୍‌ର ସ୍ଥିତି ଅନୁଯାୟୀ ଦଳର ୪ର୍ଥ ସ୍ଥାନର ବ୍ୟାଟ୍ସମ୍ୟାନ ନିର୍ଣ୍ଣୟ କରାଯାଏ। ଯଦି ୧୦ ଓଭର ପରେ ଦ୍ୱିତୀୟ ଉଇକେଟ ପଡ଼ିଥାନ୍ତା, ତେବେ ପନ୍ତ ବ୍ୟାଟିଂ କରିଥାନ୍ତେ। ନ ହେଲେ ଆୟାର ବ୍ୟାଟିଂ କରିବାର ଥିଲା। କିନ୍ତୁ ଏକାସଙ୍ଗେ ଡଗ୍ ଆଉଟ୍‌ରୁ ବାହାରିବାରୁ ଦୁହେଁ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ ବୋଲି ଅଧିନାୟକ କୋହଲି କହିଛନ୍ତି। ଆୟାରଙ୍କ ସ୍ଥାନରେ ପନ୍ତ ବ୍ୟାଟିଂ କରିବାକୁ ଆସି ୨୧ ବଲରେ ୧୯ ରନ୍ କରିଥିବାବେଳେ ଆୟାର ୫ ରନ୍ କରି ଆଉଟ୍ ହୋଇଥିଲେ।

**CLASSIFIED DISPLAY**

**ଶ୍ରବଣ ସମସ୍ୟା?**
Free Hearing Check-up Camp (Going on at all Audizone Centres)
Exchange Offer · EMI Facility · Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS Hearing Systems
Signia GmbH is a Trademark Licensee of Siemens AG
**Audizone Speech & Hearing Clinic**
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ଏମିତ ପାଠ ପଢନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
**Bhava Institute Of Medical Science & Research**
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME: GNM (Nursing), ANM (Nursing), DMRT (X-Ray), DMLT (Pathology). ELIGIBILITY : +2 PASS
CERTIFICATE PROGRAMME: MEDICAL LAB TECH., X-RAY TECH, O.T TECH, WARD TECH, DIALYSIS TECH. ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

**ADMISSION OPEN**
**INDUSTRIAL SAFETY ENGINEERING**
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
**EEURO MARITIME ACADEMY** Estd.2000
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

**ବଶୀକରଣ କବଚ**
ପଞ୍ଚଧାତୁରେ ନିର୍ମିତ ସ୍ୱର୍ଣ୍ଣପଲିଶ୍ ଯୁକ୍ତ "ସିଦ୍ଧ ବଶୀକରଣ କବଚ"କୁ ପିନ୍ଧିବା ଦ୍ୱାରା ପଥରମନା ସ୍ତ୍ରୀ–ପୁରୁଷ, ଅଧିକାରୀ, ବ୍ୟବସାୟୀ, ଶତ୍ରୁ ସମସ୍ତେ ଆପଣଙ୍କ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ଇଚ୍ଛା ଅନୁଯାୟୀ କାମ କରିବେ। ବ୍ୟବସାୟରେ ସଫଳତା, ମନପସନ୍ଦ ବିବାହ, ପ୍ରେମ ଓ ମଧୁର ସମ୍ପର୍କ ପାଇଁ "ସିଦ୍ଧ ବଶୀକରଣ କବଚ" କୁ ଘରେ ବସି ମାତ୍ର ₹630/- ରେ ମଗାନ୍ତୁ। ଏବେ ହିଁ ଅର୍ଡର କରନ୍ତୁ ଏବଂ ଡେଲିଭରୀ ମିଳିବା ପରେ ପେମେଣ୍ଟ କରନ୍ତୁ।
୧୦ ବର୍ଷ ଧରି ଲକ୍ଷାଧିକ ସନ୍ତୁଷ୍ଟ ଓ ସୁଖୀ ଲୋକଙ୍କ ବିଶ୍ୱାସର ପ୍ରତୀକ
VEDANG SANSTHAN 9312010073
RZG-95A, MAHAVIR ENCLAVE, NEW DELHI-110045
ଅର୍ଡର କରନ୍ତୁ- ସକାଳ ୫ରୁ ରାତି ୫ ଘଣ୍ଟା ପର୍ଯ୍ୟନ୍ତ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନିରଞ୍ଜନ ସ୍ୱାଇଁ**
ଦିଗିତାରୀ, ରାହାମା, ଜଗତ୍‌ସିଂହପୁର,
ଆବିର୍ଭାବ: ୧୨।୦୨।୧୯୪୮
ତିରୋଧାନ: ୧୪।୦୯।୨୦୧୯
ତୁମେ ଯେଉଁଠି ଥାଅ ଆମକୁ ସବୁବେଳେ ଆଶୀର୍ବାଦ କରୁଥାଅ। ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଶାରଳାଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
**ଶୋକସନ୍ତପ୍ତ:**
ପୁତ୍ର–ଅମର, କୁମର, ବୋହୂ–ପମା, ଶଶୀ, ନାତି, ନାତୁଣୀ– କାହ୍ନା, କାଳିଆ, ବୁଢ଼ି, ସୁଇଟ୍, ମାଗି, କୁନ୍ଦୁରୀ, ବନ୍ଧୁ ଓ ପରିବାରବର୍ଗ।
ଧ–୧୪୪୮୦

**୬ଷ୍ଠ ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଲୀଳାବତୀ ପଣ୍ଡା**
ଆବିର୍ଭାବ: ୧୮।୦୮।୧୯୩୧
ତିରୋଧାନ: ୨୪।୦୯।୨୦୧୩
" ହରାଇଛୁ ସ୍ନେହମୟୀ ମା'କୁ ଆମର
ତା'ର ଚରଣରେ ସଦା ରହେ ଜୁହାର"
ତୁମ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏହାହିଁ ଆମର ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପୁଅ– ସୁରେଶ, ଉମେଶ, ସନ୍ତୋଷ ଓ ପରେଶ, ବୋହୂ– ବନଲତା, ଗୋଲାପୀ, ଅଳକା ଓ ସ୍ନେହପ୍ରଭା, ନାତି– ଚନ୍ଦନ, କାନନ, ଶୁଭେନ୍ଦୁ, ରାଜେଶ, ପ୍ରଦୋଷ, ମାନସ, ସୌଭାଗ୍ୟ, ସୌମେନ୍ଦ୍ର, ଶୁଭ୍ରଜିତ୍ ଓ ପ୍ରିୟଜିତ୍।
ଧ–୬୬୭୦୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନରେନ୍ଦ୍ର ବାରିକ**
ବୁଆଳି, ଡେଲାଙ୍ଗ, ପୁରୀ
ଆର୍ବିଭାବ: ୦୧।୦୫।୧୯୬୫
ତିରୋଧାନ: ୧୪।୦୯।୨୦୧୯
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ**
ବନ୍ଧୁ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ।
ଧ–୬୬୧୯୧

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# ଉଚ ଚିକିତ୍ସା ସୁବିଧାରୁ ବଞ୍ଚିତ୍ ତପସ୍ୱିନୀ

- ଜନ୍ମୁ ଗ୍ରହଣଖଣ୍ଡିଆ, ଦୁଇ ହାତ୍ ନାଇଁ
- ଆଧାର କାର୍ଡ ଅଭାବୁ ସରକାରୀ ସୁବିଧାରୁ ବଞ୍ଚିତ୍
- ବାପ୍ କୁଲିମଜୁରି କରି କୁଟୁମ୍ବ ପୁଷୁଛନ୍

ସିନାପାଲି,୨୩।୯(ଡି.ଏନ୍.ଏ.)

କେନ୍ଦ୍ର ସରକାର ଅନେକ୍ ଯୋଜନାରେ ଆଧାର କାର୍ଡ ନିହାତି ଦରକାର ବଲି ନିୟମ କରିଛନ୍। ଯେନ୍‌ଥିରଲାଗି ସରକାରୀ ଯୋଜନା ହକ୍‌ଦାର ହିତାଧିକାରୀ ପାସ୍‌କେ ସୁବିଧାରେ ପୁହୁଁଚି ପାରବା। ହେଲେ ଅନେକ ଜାଗାରେ ଇତାର ଉଲଟିଆ ଫଲ ବି ଦେଖିବାକେ ମିଲୁଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗୋର୍ଲା ପଁଚେତ୍ ପତିଏଲପଡ଼ା ଗାଁରେ।

ସୂଚନା ଅନ୍‌ସାରେ ପତିଏଲପଡ଼ା ଗାଁର ଚନ୍ଦ୍ରଧ୍ୱଜ ମାଳି ଆର ପ୍ରଭାବତୀକଁର ଝିଁ' ହେଉଛନ୍ ତପସ୍ୱିନୀ ମାଳି(୨)। ଜନମ୍ ବେଲୁ ତପସ୍ୱିନୀକଁର ଦୁଇ ହାତ୍ ନାଇଁଥିଲାବେଲେ ତାକର ଗ୍ରହଣଖଣ୍ଡିଆ ଅଛେ। ଗରିବ୍ ମା'ବାପ୍ ଝିଁକେ ଭଲ କରବାର ଲାଗି ଆସର ପାସର ଭିନେ ଭିନେ ଡାକ୍‌ତରଖାନାକେ ନେଇ ଦେଖେଇଛନ୍। ହେଲେ ଟଁକା ପଏସା ଅଭାବୁ ଝିଁର ଉଚ ଚିକିତ୍ସା କରେଇ ନାଇଁ ପାରବାର। ଚନ୍ଦ୍ରଧ୍ୱଜ ଝନେ ନିହାତି ଗରିବ୍ ହେଇଥିଲାବେଲେ କୁଲିମଜୁରି କରି କୁଟୁମ୍ବ ପୁଷୁଛନ୍। ଏନ୍‌ତାଥି ସେ ଯାହା କମଉଛନ୍ ପରିବାରର ପେଟ୍‌କେ ଅଁଟ୍‌ଲେ ଦିହିକେ ନାଇଁ



ତପସ୍ୱିନୀ ମାଳି।

ଅବସ୍ତା ହେଉଛେ। ଇଆଡ଼େ ତପସ୍ୱିନୀ ସବୁବେଲେ ତରଲ ଖାଏଦ୍ ଖାଉଛନ୍। ହେଲେ ତାହାକୁ ସବୁଦିନେ କ୍ଷୀର ଘିନି ଖୁଆବାର ବି ଚନ୍ଦ୍ରଧ୍ୱଜକଁର ପକ୍ଷେ ସମ୍ଭବ ନୁହେ। ଏନ୍‌ତାଥି ସେ ଝିଁକେ କେନ୍‌ଥେଇ ପାଲିପୁଷି ବଡ଼ କରବେ ସେ ଚିନ୍‌ତାରେ ହରମେଶା ଘାରି ହେଉଛନ୍। ଇଆଡ଼େ ତପସ୍ୱିନୀର ଜନ୍ମୁ ଗ୍ରହଣଖଣ୍ଡିଆ ଆର ଦୁଇହାତ୍ ନାଇଁଥିବାର ଲାଗି ଆଧାର କାର୍ଡ ବି ହେଇ ନାଇଁପାରବାର। ଯେନ୍‌ଥିରଲାଗି ସେ ଅନେକ୍ ସରକାରୀ ଯୋଜନାରୁ ବଞ୍ଚିତ୍ ହେଇ ରହିଛନ୍। ଏନ୍‌ତାଥି ଅସାହା ଗରିବ୍ ମା'ବାପ୍ ଝିଁର ଚିକିତ୍ସା ସାହାଯ୍ ସଂଗେ ଉନିଆ ସରକାରୀ ସୁବିଧା ସୁଯୋଗ ଯୁଗେଇ ଦେବାକେ ଗଣମାଧ୍ୟମ ଜରିଆରେ ଜିଲା ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରକୁଁ ପଚ୍‌ରାଲାରୁ ତପସ୍ୱିନୀକୁଁ ଭତା ଆର ତାକର ବାପାର ନାଁରେ ଗୁଟେ ଘର ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ। ସେନ୍‌ତା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା.ସନୋଜ ମେହେରକୁଁ ପଚରାଲାରୁ ସିଡିଏମ୍‌ଓକଁର ସଂଗେ କଥା ହେଇ ଉଚ ଚିକିତ୍ସାର ବେବସ୍‌ତା କରାଯିବା ବଲି ସେ କହିଥିଲେ।

- କୋଇଲା ଉଦ୍ୟୋଗରେ ଏଫ୍‌ଡିଆଇକୁ ବିରୋଧ

# ତାଳଚେରରେ ଖଣି ବନ୍ଦ ଆନ୍ଦୋଳନ

ତାଳଚେର,୨୩।୯(ନି.ପ୍ର.)

କୋଇଲା ଉଦ୍ୟୋଗରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫ୍‌ଡିଆଇ)କୁ ବିରୋଧ ସହ ତୁରନ୍ତ ଏହାର ପ୍ରତ୍ୟାହାର ଦାବିରେ ସୋମବାର ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ପକ୍ଷରୁ ତାଳଚେରରେ ଖଣିବନ୍ଦ ଆନ୍ଦୋଳନ କରାଯାଇଛି। ଫଳରେ ଏମ୍‌ସିଏଲ୍‌ର ଏଠାରେ ଥିବା ହିଙ୍ଗୁଳା, ବଳରାମ, ଜଗନ୍ନାଥ, ଲିଙ୍ଗରାଜ, ଭୁବନେଶ୍ୱରୀ, ଭରତପୁର, ଅନନ୍ତ, କଣିହାଁ ସମେତ ୯ ଗୋଟି ଖଣିରେ କୋଇଲା ଉତ୍ତୋଳନ, ପରିବହନ ଠପ୍ ହୋଇଯାଇଛି। ଏଥିଯୋଗୁ ରାଜ୍ୟ ଓ ରାଜ୍ୟ ବାହାର ସମେତ ନାଲ୍‌କୋ, ଏନ୍‌ଟିପିସି, ଟିଟିପିଏସ୍‌କୁ କୋଇଲା ଯୋଗାଣ ବ୍ୟାହତ ହୋଇଛି।

ପ୍ରକାଶ ଯେ, କୋଇଲା ଉଦ୍ୟୋଗରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ନେଇ କେନ୍ଦ୍ର ସରକାରଙ୍କ ଘୋଷଣା ପରେ ବିଭିନ୍ନ ଶ୍ରମ ସଙ୍ଗଠନ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।



ଏମ୍‌ସିଏଲ୍‌ର ଲିଙ୍ଗରାଜ ଖଣି ସମ୍ମୁଖରେ ଆନ୍ଦୋଳନ ଚାଲିଛି।

ତୁରନ୍ତ ଏହାକୁ ପ୍ରତ୍ୟାହର ପାଇଁ ଶ୍ରମ ସଙ୍ଗଠନ ଗୁଡିକ ପକ୍ଷରୁ ଜନଜାଗରଣ, ବିକ୍ଷୋଭ, ଧାରଣା ଦିଆଯାଇ ଆସୁଥିଲା। କିନ୍ତୁ କେନ୍ଦ୍ର ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ବିଏମ୍‌ଏସ୍ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଛି। ଆନ୍ଦୋଳନକାରୀମାନେ ସକାଳ ଠାରୁ ବିଭିନ୍ନ କୋଇଲା ଖଣିର ଜେନେରାଲ ମ୍ୟାନେଜରଙ୍କ ଅଫିସ, ପ୍ରକଳ୍ପ ଅଧିକାରୀଙ୍କ ଅଫିସ, ଟାଇମ ଅଫିସ ନିକଟରେ ରହି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଖଣି କାର୍ଯ୍ୟକୁ ବନ୍ଦ କରାଇଛନ୍ତି। ଫଳରେ ଏମ୍‌ସିଏଲ୍‌ର ଏଠାରେ ଥିବା ସମସ୍ତ ୯ ଗୋଟି କୋଇଲା ଖଣିରେ କୋଇଲା ଉତ୍ତୋଳନ ଓ ପରିବହନ ବନ୍ଦ ରହିଛି। କୋଇଲା ମହାସଂଘର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବାଦଲ ମହାରଣା, ବିଏମ୍‌ଏସ୍‌ର ସାଧାରଣ ସମ୍ପାଦକ ସଞ୍ଜୟ ମାଝି, ଅରୁଣ କୁମାର ପ୍ରଧାନ, ବିଜୟ କୁମାର ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି।









ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ସଂକ୍ଷେପରେ

### ହାତୀ ମୃତ୍ୟୁ ନେଇ ଗୁଜବ

**ଉଲୁଣ୍ଡା, ୨୩।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଜଙ୍ଗଲ ରେଞ୍ଜ ଅଧିନ ନାକଡେଇଁ ଏବଂ ମେଘନାଥ ଜଙ୍ଗଲରେ ଏକ ହାତୀର ମୃତ୍ୟୁ ନେଇ ଗୁଜବ ସୃଷ୍ଟି ହୋଇଛି। ଏ ନେଇ ରେଞ୍ଜର ଶିବ ପ୍ରସାଦ ନାଏକଙ୍କ ତତ୍ତ୍ୱାବଧାନ କ୍ରମେ ସ୍ଥାନୀୟ ବନ କର୍ମଚାରୀ ସୋମବାର ଦିନତମାମ ତାନଘନା କରିଥିଲେ। ପ୍ରକାଶ ଯେ, ସୋମବାର ସକାଳେ ହାତୀ ମୃତ୍ୟୁ ହୋଇଥିବା ନେଇ ଖବର ପ୍ରଘଟ ହୋଇଥିଲା। ଫଳରେ ବନବିଭାଗ ତରଫରୁ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ଶେଷରେ ଏହା ଗୁଜବ ବୋଲି ଜଣାପଡିଥିଲା।

### ବିଶିପଡା ହାଇସ୍କୁଲରେ ସୁନେତ୍ର କାର୍ଯ୍ୟକ୍ରମ

**ଉଲୁଣ୍ଡା, ୨୩।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବିଶିପଡା ପରମେଶ୍ୱରୀ ହାଇସ୍କୁଲରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସୁନେତ୍ର କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦିଲୀପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଫିସର ଡ. ଆଶୁତୋଷ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଚକ୍ଷୁ ଚିକିତ୍ସା ସହାୟକ ବିଦ୍ୟାଧର ସାହୁ, ଅଶୋକ କୁମାର ମଲ୍ଲିକ ଯୋଗଦେଇ ୫୬୭ଜଣ ଛାତ୍ରୀଛାତ୍ରଙ୍କୁ ଚକ୍ଷୁ ଚକିତ୍ସା କରାଯାଇଥିଲା। ବିପିଏମ ମହେନ୍ଦ୍ର କୁମାର ମିଶ୍ର, ପିଏଚଇଓ ମାଝିଗୌରି ପାତ୍ର, ସୁପରଭାଇଜର ପ୍ରଶାନ୍ତ ମେହେରଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଆରଟି ରୋହିତ କୁମାର ନାଏକ, ଧର୍ମପଦ ମହାକୁର, ଆଇଇଭି ସନତ କୁମାର ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ସହଯୋଗ କରିଥିଲେ।

### ଆମ ପୋଲିସ ସମିତି ବୈଠକ

**ଡୁଙ୍ଗୁରିପାଲି, ୨୩।୯(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ରାମପୁର ଥାନା ଅଭ୍ୟର୍ଥନାଗୃହରେ ଆମ ପୋଲିସ ସମିତି ବୈଠକ ଥାନା ଅଧିକାରୀ ଭାନୁ ଶଙ୍କର ଯାଦବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମପୁର ଥାନା ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଦୁଇଚକିଆ ଯାନ ଚାଳକଙ୍କ ହେଲମେଟ୍ ବ୍ୟବହାରକୁ ନିଶ୍ଚିତ କରିବା, ସ୍ପିଡ୍ ବ୍ରେକର ରାସ୍ତାରେ ଦେବା, ନିଜ ଏଟିଏମ୍ କାର୍ଡ ନମ୍ବର, ଆକାଉଣ୍ଟ ନମ୍ବର ଅନ୍ୟ କାହାକୁ ନ ଦେବା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବା, ରାମପୁର ବସ୍‌ଷ୍ଟାଣ୍ଡ ରାସ୍ତାରେ ଯାନବାହାନ ଅବରୋଧ ହଟାଇବା ଓ ଆଗାମୀ ଦୁର୍ଗା, ଗଜଲକ୍ଷ୍ମୀ ପୂଜା ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରାଯିବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ଆମ ପୋଲିସ ସମିତିର ଶାନ୍ତି ଷଡଙ୍ଗୀ, ସତ୍ୟନାରାୟଣ ପାଢୀ, ସରପଞ୍ଚ ସରୋଜ ମେହେର, ଦେବପ୍ରସାଦ ରଣା, ନାଗାର୍ଜୁନ ମେହେର, ଗଲାଧର ପଧାନ, ବିବେକାନନ୍ଦ ପଧାନ, ବୃନ୍ଦାବନ ପାତ୍ର, ରାମନାରାୟଣ ସରାଫ, ତ୍ରିଲୋଚନ ସାହୁ, ବଂଶୀଧର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ରବି ଚରଣ ଗୋକୁଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ପରମ୍ପରା, ସଂସ୍କୃତି ବଜାୟ ରଖିବାକୁ ଜୁଗାର ପ୍ରତିଯୋଗିତା

**ଅମରପାଲି, ୨୩।୯ (ଡି.ଏନ.ଏ)**

- କେଞ୍ଜିରିଆପାଲି ଜ୍ୟୋତି ଜବାହାର ଯୁଥ କ୍ଲବର ଅଭିନବ ପ୍ରୟାସ
- ଅଂଶଗ୍ରହଣ କଲେ ୬୦ ପ୍ରତିଯୋଗୀ
- ଶ୍ରୀକୃଷ୍ଣା ପ୍ରଥମ, ଅଞ୍ଜଳି ଦ୍ୱିତୀୟ, ପଦ୍ମିନୀ ତୃତୀୟ


ଜୁଗାର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ।

ଆଧୁନିକ ଯୁଗରେ ଯନ୍ତ୍ର ଦ୍ୱାରା ସବୁକାମ ହୋଇଯାଉଛି। ମା' ଭଉଣୀମାନେ ଢିଙ୍କି, ଲିଆଭଜା ଘଣାହାଣ୍ଡି, ଶିଳ ଶିଳପୁଆ ଆଉ ଚିହ୍ନି ପାରୁନାହାନ୍ତି। ମେଶିନ ତିଆରି ଲିଆ(ଖଇ)ରେ ଦେବଦେବୀଙ୍କୁ ଭୋଗ ଦେଉଛନ୍ତି। ସମୟକ୍ରମେ ଆମେ ଆମ ସଂସ୍କୃତି, ପରମ୍ପରା ଓ ପାରମ୍ପରିକ କାର୍ଯ୍ୟଶୈଳୀକୁ ଭୁଲି ଯାଉଛୁ। ଏଣୁ ଆମର ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେଞ୍ଜିରିଆପାଲି ଗ୍ରାମର ଜ୍ୟୋତି ଜବାହାର ଯୁଥ କ୍ଲବ କରିଛି ଅଭିନବ ପ୍ରୟାସ। ପଶ୍ଚିମ ଓଡ଼ିଶାର ବଡ ଓଷା କୁହାଯାଉଥିବା ଦ୍ୱିତୀବାହନ ଓଷା ବା ପୁଅଜିଉଁତିଆ ଓଷା ଉପଲକ୍ଷେ ଗ୍ରାମରେ ଆୟୋଜନ କରାଯାଇଥିଲା ଜୁଗାର ପ୍ରତିଯୋଗିତା। ପ୍ରତିଯୋଗିତା ପୂର୍ବରୁ ସନ୍ଧ୍ୟାରେ ଗାଁ ମଝିରେ ସମସ୍ତ ମହିଳା ଏକତ୍ରିତ ହୋଇଥିଲେ। ଏକ ମଣ୍ଡପ କରି ଚାଉଳରେ ଖଣ୍ଡାବସାଇ ରଙ୍ଗିନ ସୂତା ତିଆରି ଜିଉଁତିଆ, ବିଭିନ୍ନ ପ୍ରକାର ଫୁଲ, ଡାଳ ଲଗା ଯୋଡି ଫଳ, ଆଖୁ, ପନିପରିବା, ଅଁଳାଡାଳ ଓ ଈଶ୍ୱରଜଟ ଆଦି ମଣ୍ଡପରେ ଚଢ଼ାଇ ପୂଜାର୍ଚ୍ଚନା କରିଥିଲେ। ପୂଜାପରେ ଅନୁଷ୍ଠିତ ହୋଇଥିଲା ପ୍ରତିଯୋଗିତା। ପ୍ରାୟ ୬୦ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଭିନ୍ନ ଭିନ୍ନ ଢଙ୍ଗରେ ତିଆରି କରି ପ୍ରତିଯୋଗିତାକୁ ଅଣାଯାଇଥିଲା ଜୁଗାର। ନାରାୟଣ ଦେହେରୀ, ଗଦାଧର ରଥ, ଜୀବର୍ଦ୍ଧନ ରଣା ବିଚାରକଭାବେ ଯୋଗଦେଇ ଜୁଗାରଗୁଡିକର ମୂଲ୍ୟାଙ୍କନ କରିଥିଲେ। ଏଥିରେ ଶ୍ରୀକୃଷ୍ଣା ଦେହେରୀ ପ୍ରଥମ, ଅଞ୍ଜଳି କର୍ଣ୍ଣ ଦ୍ୱିତୀୟ ଓ ପଦ୍ମିନୀ ପଧାନ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଯୁଥ କ୍ଲବ ସଭାପତି ବ୍ୟାସଦେବ ରଥ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର ସମ୍ପାଦକ ସୂର୍ଯ୍ୟକାନ୍ତ ଦେହେରୀ, ରମେଶ ଦେହୁରୀ, ଜାତକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ଜଣେ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଉଛି।

## ଛାତ୍ରୀଛାତ୍ରଙ୍କୁ ଅଗ୍ନିନିରୋଧ କୌଶଳ ତାଲିମ

**ଅମରପାଲି, ୨୩।୯ (ଡି.ଏନ.ଏ)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା କଲେଜରେ ଚାଲିଥିବା ଜିଲାସ୍ତରୀୟ ଯୁବ ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ରଙ୍କୁ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିନିରୋଧ କୌଶଳ ତାଲିମ ପ୍ରଦାନ କରାଯାଇଛି। ଅଗ୍ନିଶମ ଅଧିକାରୀ କବି ସେଠଙ୍କ ତତ୍ତ୍ୱାବଧାନରେ ଏଲଏଫଏମ ଅରୁଣ କୁମାର ବେହେରା, ଆଗ୍ନିକ ଭବାନୀ ଶଙ୍କର ସାହୁ, ସଚ୍ଚିଦାନନ୍ଦ ସାଏ, ମେଘନାଦ ମାଝୀ ପ୍ରମୁଖ ଯୋଗଦେଇ ଏହାର କୌଶଳ ପ୍ରଦର୍ଶନ କରିଥିଲେ। ମୁଖ୍ୟତଃ ଗ୍ୟାସ ଓ ତୈଳଜନିତ ନିଆଁକୁ କିପରି ନିୟନ୍ତ୍ରଣ କରାଯାଇଥାଏ ତାହାର କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଶତାଧିକ ଛାତ୍ରୀଛାତ୍ର ତାଲିମ ଗ୍ରହଣ କରିଥିଲେ।

ଯୁବ ରେଡ୍‌କ୍ରସ ଶିକ୍ଷା, ତାଲିମ ଶିବିର

# ମାନବ କଲ୍ୟାଣରେ ବ୍ରତୀ ହେବାକୁ ଆହ୍ୱାନ

**ଅମରପାଲି, ୨୩।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ରେଡକ୍ରସ ପକ୍ଷରୁ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା କଲେଜରେ ତିନିଦିନ ଧରି ଚାଲିଥିବା ଯୁବ ରେଡକ୍ରସ ଶିକ୍ଷା, ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଭୋଳାନାଥ କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବାଣିଜ୍ୟ, ପରିବହନ ଓ ଯୋଜନା ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ଛାତ୍ରୀଛାତ୍ରଙ୍କୁ ମାନବ କଲ୍ୟାଣରେ ବ୍ରତୀ ହେବାକୁ ଆହ୍ୱାନ କରିଥିଲେ। ସତ୍ୟ ଓ ଅହିଂସା ମାର୍ଗ ଅବଲମ୍ବନ କରି ସତ୍ୟକୁ ସାହସ କରିବା ସହିତ ସତ୍‌ଚିନ୍ତା, ସତ୍‌କର୍ମ, ସତ୍‌ପଥ ଅନୁସରଣ କଲେ ସଫଳତା ମିଳିଥାଏ ବୋଲି କହିଥିଲେ। ମଣିଷ ତାର ଆଚରଣରେ ବଡ ଲୋକ ହୋଇଥାଏ। ଉତ୍ତମ ଆଚରଣ ପାଇଁ ନିଶାମୁକ୍ତ ସମାଜର ଆବଶ୍ୟକତା ରହିଛି। ତେଣୁ ସମାଜକୁ ନିଶାମୁକ୍ତ କରିବା ପାଇଁ ପ୍ରୟାସ ରହୁ ବୋଲି ସେ କହିଥିଲେ। ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ଓଡିଶା ଯୁବ ରେଡକ୍ରସର ପର୍ଯ୍ୟବେକ୍ଷକ ବି. ଗୋବିନ୍ଦ ରାଓ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। କଲେଜ ଯୁବ ରେଡକ୍ରସ ପରାମର୍ଶଦାତା ରମାକାନ୍ତ ପୁରୋହିତ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଯୁବ ରେଡକ୍ରସ ସଂଯୋଜକ ଉମାକାନ୍ତ ନାଗ ବାର୍ଷିକ ବିବରଣୀ ପଠନ କରିଥିଲେ। ଶିବିରାର୍ଥୀଙ୍କୁ ନେଇ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଦେବାଶିଷ ପ୍ରଧାନ ସଂଯୋଜନା କରିଥିଲେ। ତିନିଦିନ ଧରି ହୋଇଥିବା ଉକ୍ତ ଶିବିରରେ ଜିଲାର ୩୨ଟି କଲେଜର ପ୍ରାୟ ୧୫୦ଜଣ ସ୍ୱେଚ୍ଛାସେବୀ ଓ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇଥିଲେ। ବିଭିନ୍ନ ଦିବସରେ ସ୍ୱେଚ୍ଛାସେବୀମାନଙ୍କୁ ଭିନ୍ନଭିନ୍ନ ତାଲିମ ପ୍ରଦାନ କରାଯାଇଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭା ଶେଷରେ ମୁଖ୍ୟଅତିଥି ରେଡକ୍ରସ ପତାକାକୁ ଅବତରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧ୍ୟାପକ ଡ. ମୀନକେତନ ଛୁରିଆ, ଶିବଶଙ୍କର ମହାନନ୍ଦ, କର୍ମଚାରୀ ସୁରେନ୍ଦ୍ର କୁମାର ସାହୁ, ଗୋପାଳ ଭୋଇ, ଦିଲୀପ କୁମାର ମେହେର, ହରିହର ସାହୁ ଓ ଶମ୍ଭୁ ପ୍ରସାଦ ସାହୁ ସହଯୋଗ କରିଥିଲେ ।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

## ତହସିଲଦାରଙ୍କୁ ଦାବିପତ୍ର ଦେଲେ ଚାଷୀ

**ଡୁଙ୍ଗୁରିପାଲି, ୨୩।୯(ଡି.ଏନ୍.ଏ.)**

ତଳମୁଣ୍ଡ ଜମିକୁ କେନାଲ ପାଣି ପହଞ୍ଚୁନି। ଏହିମର୍ମରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅର୍ନ୍ତଗତ କପାଶିରା ବିଷ୍ଣୁଦେବୀ ପାଣି ପଞ୍ଚାୟତର ଶତାଧିକ ଚାଷୀ ସୋମବାର ରାମପୁର ତହସିଲ ଅଫିସକୁ ଆସିଥିଲେ। ତହସିଲଦାରଙ୍କ ଅନୁପସ୍ଥିତରେ ଆଡସିନାଲ ତହସଲିଦାର ରୋହିତ ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଚଳିତ ଖରିଫ ଋତୁରେ କେନାଲ ପାଣି ଜମିକୁ ନ ପହଞ୍ଚିବାରୁ ଫସଲ ପ୍ରଭାବିତ ହେଉଛି। ବର୍ତ୍ତମାନ ଧାନ ବାହାରିବା ସମୟ ହୋଇଥିବାରୁ ଜଳଭାବ ଚାଷୀର ଚିନ୍ତା ବଢାଇ ଦେଇଛି। ବିଷ୍ଣୁଦେବୀ ପାଣି ପଞ୍ଚାୟତ ସଭାପତି ରାଜ ଗୋପାଳ ପଧାନ, ସମ୍ପାଦକ ଅରକ୍ଷିତ ପଧାନ, ଜିତେନ ପଧାନ, ଭରତ ନାଗ, ସାଧୁ ଚରଣ ସା, ରୋହିତ ସେଠ୍, କଲାକାହ୍ନୁ ମହାନନ୍ଦ, ଦିପିଲ ପଧାନ ପ୍ରମୁଖ ଚାଷୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ । ଏ ନେଇ ଆଡସିନାଲ ତହସିଲସଦାର ଭୋଇଙ୍କୁ ଯୋଗାଯୋଗ କରିବାରୁ ଚାଷୀଙ୍କ ଦାବିପତ୍ରକୁ ବରପାଲି କେନାଲ ବିଭାଗୀୟ ଏକଜିକ୍ୟୁଟିଭ ଯନ୍ତ୍ରୀଙ୍କୁ ପଠାଇ ଦେଇଛି। ଘଟଣାର ତଦନ୍ତ କରି ତଳମୁଣ୍ଡ ଚାଷୀମାନଙ୍କୁ କିପରି ଅବିଳମ୍ବେ କେନାଲ ପାଣି ଯୋଗାଇ ଦିଆଯାଇ ପାରିବ ତାହାର ବ୍ୟବସ୍ଥା କରିବାକୁ କେନାଲ ବିଭାଗକୁ ଜଣାଇଥିବା ପ୍ରକାଶ କରିଛନ୍ତି।


ବୈଠକରେ ଯୋଗଦେଇଥିବା ଅଧିକାରୀ ।

## କୃଷି, ଆନୁଷଙ୍ଗିକ ବିକାଶ ପାଇଁ ଗୋଷ୍ଠୀ ବୈଷୟିକ ଦଳ ବୈଠକ

**ଅମରପାଲି, ୨୩।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ କୃଷି ଓ ଆନୁଷଙ୍ଗିକ ବିକାଶ ପାଇଁ ଗୋଷ୍ଠୀ ବୈଷୟିକ ଦଳର ବୈଠକ ଆବାହକ କାଳିନ୍ଦୀ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଡ. ସୁବ୍ରତ କୁମାର ପୁରୋହିତ ପ୍ରାଣୀଧନ ସୁରକ୍ଷା ନିମନ୍ତେ ନିଆଯାଇଥିବା କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ଗୋକୁଳ ମିଶନ, ଫାଟୁଆ ରୋଗ ନିରାକରଣ ନିମନ୍ତେ ଟିକାକରଣ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ ଡାଳିମ୍ବ ଚାଷ, ଆମ୍ବଚାଷ, କଦଳୀ ଚାଷ, ସବୁଜ ଘର ସମ୍ପର୍କିତ ସରକାରୀ ସହାୟତା ବିଷୟରେ ଆଲୋକପାତ କରିଥିଲେ। ସଭ୍ୟ ସଚିବ ତଥା ବ୍ଲକ ବୈଷୟିକ ପରିଚାଳକ ଜିତେନ୍ଦ୍ର କୁମାର ମେହେର ଗ୍ରାମ୍ୟ କୃଷକ ମଞ୍ଚ ଗଠନ, କୃଷି ଓ ଆନୁଷଙ୍ଗିକ କୃଷି ବିଭାଗୀୟ ଅଧିକାରୀଙ୍କ ସହ ମିଶି ସରକାରୀ ଯୋଜନାର ସୁଫଳ ଚାଷୀ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ସହକାରୀ ବୈଷୟିକ ପରିଚାଳକ ମୀନକେତନ ମହାକୁର କୃଷକ ଆଗ୍ରହୀ ଦଳ, ସିଆଇଜି ଗଠନ ଓ ସମ୍ପ୍ରସାରଣ ପ୍ରକ୍ରିୟା ଅବଲମ୍ବନ କରି କୃଷିଜୀବୀ ଓ କୃଷି ଶ୍ରମିକଙ୍କ ପାଖକୁ ସରକାରୀ ଯୋଜନା ପହଞ୍ଚାଇବାରେ କୃଷକ ସାଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। କର୍ଡାପାଲ ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁ କୃଷି ବିଭାଗ ତରଫରୁ ପ୍ରଦତ୍ତ କ୍ଷେତ୍ର ପ୍ରଦର୍ଶନ ଓ ଅନ୍ୟାନ୍ୟ ସ୍କିମର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗ ଓଭରସିଅର ବଟକୃଷ୍ଣ ମିଶ୍ର, ଏଟିଏମ ଚନ୍ଦ୍ରଶେଖର ନାଏକ, ନାରାୟଣ ମିଶ୍ର, ସମସ୍ତ ପଞ୍ଚାୟତର କୃଷକ ସାଥୀ, ଗ୍ରାମ୍ୟ କୃଷି କର୍ମଚାରୀ ଯୋଗଦେଇ ମତ ରଖିଥିଲେ। ଶେଷରେ ବ୍ଲକ ବୈଷୟିକ ଦଳ, ବ୍ଲକ କୃଷକ ଉପଦେଷ୍ଟା କମିଟି ପୁନର୍ଗଠନ ପ୍ରକ୍ରିୟା ପାଇଁ ସ୍ଥିରୀକୃତ ହୋଇଥିଲା ।

ପଟାଭାଡି-ତହସିଲ ଛକ ରାସ୍ତା କାମ ଅଧାପନ୍ତରିଆ

# ଯାତାୟାତ ପାଇଁ ହିନସ୍ତା ସହରବାସୀ

**ସୋନପୁର,୨୩।୯(ନି.ପ୍ର.)**


ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ ରହିଛି ।

ସୁବର୍ଣ୍ଣପୁର ଜିଲା ସଦର ମହକୁମାର ତହସିଲ ଛକରୁ ଜେଲ ପଛ ପଟ ଦେଇ ପଟାଭାଡିକୁ ଯାଇଥିବା ରାସ୍ତା ଶୋଚନୀୟ ହୋଇପଡିଛି। ମ୍ୟୁନିସିପାଲିଟି ପକ୍ଷରୁ ଏହି ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିଲା। ସମ୍ପୂର୍ଣ୍ଣ ରାସ୍ତାକୁ ଖୋଳି ବାଲି ଭର୍ତ୍ତି କରାଯାଇଥିଲା। ତେବେ ପଟାଭାଡି ପଟୁ ୮୦ରୁ ୯୦ ମିଟର ରାସ୍ତା ସିମେଣ୍ଟ କଂକ୍ରିଟ୍ ହେବା ପରେ କାମ ବନ୍ଦ ରହିଛି। ଅର୍ଥାଭାବ ଆଳରେ ସାଢେ ୫ମାସ ଧରି ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ଅଧାପନ୍ତରିଆ ଭାବେ ଛାଡି ଦିଆଯାଇଛି। ରାସ୍ତାରେ ଚାରିଚକିଆ ଯାନ ଯିବା ଦୂରର କଥା ବାଇକ୍ ମଧ ଯାଇପାରୁନି। ମାତ୍ର ଜିଲା ପ୍ରଶାସନର ଏଥିପ୍ରତି ଦୃଷ୍ଟି ନାହିଁ। ଏହି ରାସ୍ତାରେ ବର୍ତ୍ତମାନ ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜିଲା ଯୋଜନା ଓ ପରିସଂଖ୍ୟାନ ବିଭାଗର କାର୍ଯ୍ୟାଳୟ, ଅବକାରୀ ଉପନିରୀକ୍ଷକଙ୍କ କାର୍ଯ୍ୟାଳୟ, ଆଞ୍ଚଳିକ ପରିବହନ ବିଭାଗର କାର୍ଯ୍ୟାଳୟ ଓ ଜଳଛାୟା ପ୍ରକଳ୍ପ କାର୍ଯ୍ୟାଳୟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକ ପଟାଭାଡି ଛକ ଦେଇ ଜିଲାପାଳଙ୍କ ଅଫିସକୁ ଯିବା ଆସିବା କରନ୍ତି। କିନ୍ତୁ ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଗୋଟିଏ ପଟେ ବିକାଶମୂଳକ କାମ ପାଇଁ ଅର୍ଥର ଅଭାବ ନାହିଁ ବୋଲି ସହରବାସୀଙ୍କୁ କୁହାଯାଉଛି। ହେଲେ ଅର୍ଥ ନ ଥିବାରୁ ସମ୍ପୂର୍ଣ୍ଣ ରାସ୍ତାର ଟେଣ୍ଡର ସତ୍ତ୍ୱେ ଠିକାଦାର କାମ ବନ୍ଦ କରିଥିବା ଆଲୋଚନା ହେଉଛି । ଜିଲାର ଏଭଳି ବିକାଶକୁ ଲୋକେ ଆଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି । ମ୍ୟୁନିସିପାଲିଟି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ରାସ୍ତା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। କିନ୍ତୁ ରାସ୍ତା ପାଇଁ ମାତ୍ର ୨୦ଲକ୍ଷ ଟଙ୍କା ଥିଲା। ସେତିକ କାମ କରି ଠିକାଦାର କାମ ବନ୍ଦ କରିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଡ. ଜଗଦୀଶ ଚନ୍ଦ୍ର ମହାନନ୍ଦ କୁହନ୍ତି, ଯାହା ଟଙ୍କା ଥିଲା ରାସ୍ତା ନିର୍ମାଣ ସରିଛି । ଏହି ରାସ୍ତା ସମ୍ପୂର୍ଣ୍ଣ ପାଇଁ ଆଉ ଟଙ୍କା ନ ଥିଲା । ବାକି ଥିବା ରାସ୍ତାର ନିର୍ମାଣ ପାଇଁ ପରିଷଦର ବାର୍ଷିକ କାର୍ଯ୍ୟ ଖସଡାରେ ରଖାଯାଇଛି । ଦୁର୍ଗା ପୂଜା ପରେ କାମ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହେବା ନେଇ ପଦକ୍ଷେପ ନିଆଯାଇଛି ।

ସମବାୟ ସମିତି ସଭାପତିଙ୍କ ହତ୍ୟା ରହସ୍ୟ ଉନ୍ମୋଚନ ଦାବି

# ୧୨ ଘଣ୍ଟା ଖଣ୍ଡହତା ବନ୍ଦ ଶାନ୍ତିପୂର୍ଣ୍ଣ

**ଅମରପାଲି, ୨୩।୯ (ଡି.ଏନ.ଏ.)**


ଖଣ୍ଡହତାରେ ବିକ୍ଷୋଭକାରୀ ରାସ୍ତାରେ ଅବରୋଧ କରି ବନ୍ଦ ପାଳନ କରିଛନ୍ତି ।

ସୁବଳୟା ଥାନା ଅନ୍ତର୍ଗତ ଖଣ୍ଡହତା ସେବା ସମବାୟ ସମିତି ସଭାପତି ପ୍ରଦୀପ ବିଶ୍ୱାଳଙ୍କ ମୃତ୍ୟୁର ରହସ୍ୟ ପର୍ଦ୍ଦାଫାଶ ଦାବିରେ ସୋମବାର ପଞ୍ଚାୟତବାସୀଙ୍କ ପକ୍ଷରୁ ୧୨ ଘଣ୍ଟିଆ ଖଣ୍ଡହତା ବନ୍ଦ ଡାକରା ଦିଆଯାଇଥିଲା। ସକାଳ ୬ଟାରୁ ବିକ୍ଷୋଭକାରୀମାନେ ସମସ୍ତ ଦୋକାନ ବଜାର ବନ୍ଦ କରିବାକୁ ଅନୁରୋଧ କରିଥିଲେ। ଦୋକାନୀମାନେ ସ୍ୱତଃପୂର୍ଣ୍ଣ ଭାବରେ ନିଜ ଦୋକାନ ବନ୍ଦ କରି ଏଥିରେ ସାମିଲ ହୋଇଥିଲେ। ଏପରିକି ଗ୍ରାମର ସ୍କୁଲ, କଲେଜ ଭଳି ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା। ସୂଚନାଯୋଗ୍ୟ ଯେ, ଗତ ୧୯ ତାରିଖ ରାତି ପ୍ରାୟ ୯ଟାରୁ ୧୦ଟା ମଧ୍ୟରେ ପ୍ରଦୀପ ଖଣ୍ଡହତାସ୍ଥିତ ନିଜ ଔଷଧ ଦୋକାନ ବନ୍ଦ କରି ଘରଠାରୁ ପ୍ରାୟ ୫ କିମି ଦୂରରେ ଥିବା ନିଜ ଘର ପୁଇପାଣିକୁ ଫେରୁଥିଲେ। ଦୀର୍ଘ ସମୟ ଧରି ପ୍ରଦୀପ ଘରକୁ ନଫେରିବାରୁ ଘରଲୋକେ ଖୋଜାଖୋଜି କଲେ। ଘରଠାରୁ ପ୍ରାୟ ଅଧ କିଲୋମିଟର ଦୂରରେ ତାଙ୍କର ହିରୋହୋଣ୍ଡା ଗାଡି ସହିତ ରକ୍ତାକ୍ତ ଅବସ୍ଥାରେ ପଡିଥିଲେ। ତାଙ୍କ କାନ, ନାକ ଓ ଆଖିରୁ ରକ୍ତ ବାହାରୁଥିବା ସହିତ ଦେହରେ ଅନେକ ସ୍ଥାନରେ ଦାଗ ରହିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସୋନପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ହୋଇଥିଲେ ମଧ୍ୟ ଏଯାଏ ଏହାର ରିପୋର୍ଟ ଆସିନାହିଁ। କେହି ଏହା ଏକ ଦୁର୍ଘଟଣା ଜନିତ ମୃତ୍ୟୁ କହୁଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା ହେଉଛି । ଏହି ପରପ୍ରେକ୍ଷୀରେ ହତ୍ୟାର ରହସ୍ୟ ଜଣା ନ ପଡିବା ଯୋଗୁଁ ଲୋକେ ଅନିଶ୍ଚିତତାରେ ଅଛନ୍ତି । ତେଣୁ ପଞ୍ଚାୟତର ଚିନ୍ତାମଣି ମେହେର, ପ୍ରମୋଦ ପଧାନ, ଅରବିନ୍ଦ ନାଏକ, ବିଶ୍ୱାମିତ୍ର ପଧାନ, କାଳିଚରଣ ପଣ୍ଡା, ରାଧେଶ୍ୟାମ ମିଶ୍ର, ନୃପ ପଧାନ, ସୁଜିତ ପ୍ରଧାନଙ୍କ ନେତୃତ୍ୱରେ ବନ୍ଦ ଡାକରା ଦିଆଯାଇଥିଲା। ସେମାନଙ୍କ ଦାବୀ ମୁତାବକ ହତ୍ୟାର କାରଣ ସ୍ପଷ୍ଟ କରାଯାଉ । ଯଦି ହତ୍ୟା ହୋଇଛି ତେବେ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରାଯାଉ। ପ୍ରଦୀପ ସ୍ଥାନୀୟ ସେବା ସମବାୟ ସମିତିର ସଭାପତି, କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ଓ ପଞ୍ଚାୟତ ବିଜେଡିର ଯୁବ ସଭାପତି ଥିଲେ। ତାଙ୍କ ଭାଉଜ ଓ ସ୍ତ୍ରୀ ଥରେ ଲେଖାଏ ସରପଞ୍ଚ ହୋଇଥିଲେ। ଏପରିକି ତାଙ୍କ ସ୍ତ୍ରୀ ଜୟଶ୍ରୀ ଦେହେରୀ ଥରେ ବୀରମହାରାଜପୁର ପଞ୍ଚାୟତ ସମିତିର ଉପାଧକ୍ଷା ଥିଲେ। ଏ ନେଇ ସୁବଳୟା ଥାନା ଅଧିକାରୀ ପ୍ରଦୀପ ପଧାନଙ୍କୁ ପଚାରିବାରୁ ସେ କହିଲେ ଯେ, ଖଣ୍ଡହତା ଗ୍ରାମର ଦୋକାନୀମାନେ ମୃତ ପ୍ରଦୀପଙ୍କ ସମ୍ମାନାର୍ଥେ ଶାନ୍ତିପୂର୍ଣ୍ଣ ଭାବରେ ଦୋକାନ ବଜାର କରିଥିଲେ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ
-ଆଇନଷ୍ଟାଇନ

## ସଂକ୍ଷେପରେ



### ପାଇକମାଳ ଏସ୍‌ଡିସିସି ବ୍ୟାଙ୍କ ମ୍ୟାନେଜରଙ୍କ ହୃଦ୍‌ଘାତରେ ମୃତ୍ୟୁ

ପାଇକମାଳ,୨୩।୯(ଡି.ଏନ.ଏ.) ପାଇକମାଳ ଏସ୍‌ଡିସିସି ବ୍ୟାଙ୍କ ମ୍ୟାନେଜର କିଶୋରଚନ୍ଦ୍ର ପତି (୫୧)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ଘଟିଛି। ସକାଳେ ସେ ବାଇକ୍‌ରେ ପଦ୍ମପୁରରୁ ପାଇକମାଳ ଆସୁଥିଲେ। ହେଲେ ମଲଦା ନିକଟରେ ଅସୁସ୍ଥତା ଅନୁଭବ କରି ପଲସଦା ସେବା ସମବାୟ ସମ୍ପାଦକ ହେମନ୍ତ ସାହୁଙ୍କୁ ଡାକିଥିଲେ। ହେମନ୍ତ ପହଞ୍ଚି ତାଙ୍କୁ ଡାକ୍ତରଖାନା ନେଇଥିଲେ। ହେଲେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପାଇକମାଳ, ଲକ୍ଷ୍ମରା, ଜାମସେଟ, ପଲସଦା ସେବା ସମବାୟର ସମ୍ପାଦକ ଓ ଅନ୍ୟମାନେ କିଶୋରଙ୍କ ଶେଷ ଦର୍ଶନ କରିଥିଲେ।

### ବ୍ୟାଙ୍କ ମ୍ୟାନେଜରଙ୍କ ମୃତ୍ୟୁରେ ଶୋକ

ପଦ୍ମପୁର, ୨୩।୯ (ଡି.ଏନ.ଏ) ପଦ୍ମପୁରଠାରେ ରହି ପାଇକମାଲ ଏସଡିସିସି ବ୍ୟାଙ୍କରେ ଶାଖା ପରିଚାଳକ ଭାବରେ କାର୍ଯ୍ୟରତ କିଶୋର କୁମାର ପତିଙ୍କ ଆକସ୍ମିକ ମୃତ୍ୟୁ ସମଗ୍ର ଅଞ୍ଚଳରେ ଶୋକରଛାୟା ଖେଳି ଯାଇଛି। ଲଖମରା ପ୍ୟାକ୍ସ ପ୍ରାଙ୍ଗଣରେ ଏକ ଶୋକ ସଭା କରାଯାଇଥିଲା । ଏଥିରେ ପ୍ୟାକ୍ସର କର୍ମଚାରୀ, ପରିଚାଳନା କମିଟି ସଦସ୍ୟ। ଓ ଚାଷୀମାନେ ଯୋଗ ଦେଇ ତାଙ୍କର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ । ପରିଚାଳନା କମିଟି ସଦସ୍ୟ ସୁଶାନ୍ତ ସାହୁ, ନୃପରାଜ ପ୍ରଧାନ, ନେତ୍ରାନନ୍ଦ ବେହେରା, ମେହେତଲାଲ ନାଏକ, ଚାଷୀନେତା ଦୈତାରୀ ପ୍ରଧାନ, ଦୀନବନ୍ଧୁ ନାୟକ, ଗଗନ ବାରିକ, ପରମାନନ୍ଦ ବାରିକ, ପ୍ୟାକ୍ସ କର୍ମଚାରୀ ରବୀନ୍ଦ୍ର ହୋତା, ରୋହିତ ପ୍ରଧାନ, କୁଞ୍ଜ ପଣ୍ଡା, ବ୍ରହ୍ମା ସାହୁ, ନେତୃମଣ୍ଡଳୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରାଜବୋଡା ସମ୍ବର କୃଷକ ସଂଗଠନ ମଧ ଶୋକ ପାଳନ କରିଛି। ସଂଗଠନର ବାଞ୍ଛାନିଧି ନାୟକ, ଅଶୋକ ସାହୁ, ରୋହିତ ପ୍ରଧାନ, କୈଳାଶ ବାରିକ ଶୋକ ପ୍ରକାଶ କରିଥିଲେ।

### ବିଜେପୁର ନିର୍ବାଚନ ପାଇଁ ଉପଜିଲାପାଳଙ୍କ ଅଫିସ ଚଳଚଞ୍ଚଳ

ପଦ୍ମପୁର, ୨୩।୯ (ଡି.ଏନ.ଏ) ପଦ୍ମପୁର ଉପଖଣ୍ଡ ବିଜେପୁର ବିଧାନସଭା ଆସନ ନିର୍ବାଚନ ପାଇଁ ପ୍ରଶାସନିକ ତତ୍ପରତା ଦେଖା ଦେଇଛି । ନାମାଙ୍କନ ପତ୍ର ଦାଖଲର ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି। ଶାନ୍ତି ଶୃଙ୍ଖଳାର ସହ ନାମାଙ୍କନ ପତ୍ର ଦାଖଲ କରିବା ପାଇଁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାରିକେଟ କରାଯାଇଛି । ପ୍ରାର୍ଥୀ ଓ ସମର୍ଥକମାନେ ଯିବା ପାଇଁ ସ୍ୱତନ୍ତ୍ର ବ୍ୟାରିକେଟ ରାସ୍ତା କରାଯାଇଛି । ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଧିକାରୀ ଓ ପୋଲିସ ଅଧିକାରୀ ବେଶ୍ ସଜାଗ ରହିଛନ୍ତି।

### ସତ୍‌ସଙ୍ଗ ଭଜନ କାର୍ଯ୍ୟକ୍ରମ

ଜାମଟିକ୍ରା,୨୩।୯ (ଡି.ଏନ.ଏ.) ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ଶିବ ମନ୍ଦିର ପ୍ରାଙ୍ଗଣରେ ଅତାବିରା ବ୍ଲକ ଯାଦବ ସମାଜ ଆନୁକୂଲ୍ୟରେ ସତସଙ୍ଗ୍ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗେଶ୍ୱର ପଧାନ, ଯୁଧିଷ୍ଠିର ଭୋଇ, ରୁକ୍ମଣ ମହାପାତ୍ର ଓ ମଲିଆ ଦୀପ ଭଜନ ପରିବେଷଣ କରିଥିଲେ। ଗୋକୁଳ ଚିରଗୁଣ, ପୂର୍ଣ୍ଣଚନ୍ଦ୍ର ସାଲମା, ଦୁଃଖବନ୍ଧୁ ରାଉତ, ମହନ କଠାର ପ୍ରମୁଖ ସହଯୋଗ କରିଥିଲେ । ଗାୟକ ଯୁଧିଷ୍ଠିର ସତସଙ୍ଗ ମାଧମରେ ଶ୍ରୀକୃଷ୍ଣଙ୍କ ଜନ୍ମ କାହାଣୀ ଉପସ୍ଥିତ ବ୍ୟକ୍ତିଙ୍କୁ ଶୁଣାଇଥିଲେ।

### ଅସହାୟ ଯୁବତୀ ଉଦ୍ଧାର

ବରଗଡ଼ ଅଫିସ୍,୨୩।୯- ବରଗଡ଼-ଭଟଲି ରାସ୍ତାର ବରଡ଼ୋଲ ଛକ ନିକଟରେ ବୁଲୁଥିବା ଜଣେ ଅସହାୟ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । କେତେକ ସ୍ୱେଚ୍ଛାସେବୀ ତାଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତି(ସିଡବ୍ଲୁସି) ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ)କୁ ଆଣିଥିଲେ । ଏହାପରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରୁ ତାଙ୍କୁ ନେଇ ଏକ ଆଶ୍ରମରେ ଆଶ୍ରୟ ଦିଆଯାଇଛି । ଯୁବତୀ ଜଣକ ମାନସିକ ରୋଗଗ୍ରସ୍ତ ଥିବାବେଳେ ତାଙ୍କ ଠିକଣା ମିଳି ପାରି ନାହିଁ।

# ଆମକୁ ଦରକାର ହାଇକୋର୍ଟ ବେଞ୍ଚ




ବରଗଡ଼ ଜିଲାପାଳଙ୍କ ଅଫିସକୁ ଓକିଲ ସଂଘର କର୍ମକର୍ତ୍ତା ବିକ୍ଷୋଭ ଶୋଭାଯାତ୍ରାରେ ଯାଉଛନ୍ତି।

- କାମ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କଲେ ଓକିଲ ସଂଘ କର୍ମକର୍ତ୍ତା
- ପଶ୍ଚିମଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ସ୍ଥାୟୀବେଞ୍ଚ ସ୍ଥାପିତ ହେଉ
- ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ସ୍ମାରକପତ୍ର
- ଆଜିଠୁ ୩୦ ତାରିଖ ପର୍ଯ୍ୟନ୍ତ ବରଗଡ଼ରେ ଅର୍ଥନୈତିକ ଅବରୋଧ

ବରଗଡ଼ ଅଫିସ୍,୨୩।୯

ପଶ୍ଚିମଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ଏକ ସ୍ଥାୟୀବେଞ୍ଚ ସ୍ଥାପନ ଦାବିରେ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ସୋମବାର ବରଗଡ଼ ଜିଲା ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏକ ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସକୁ ଯାଇ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଡନସନା ସ୍ମାରକପତ୍ର ଗ୍ରହଣ କରିଥିଲେ । ପଶ୍ଚିମଓଡ଼ିଶାବାସୀଙ୍କ ସ୍ୱାର୍ଥ, ଆବଶ୍ୟକତାକୁ ଆଖି ଆଗରେ ରଖି ପଶ୍ଚିମଓଡ଼ିଶାର ଯେକୌଣସି ସ୍ଥାନରେ ସ୍ଥାନରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ କରିବକୁ ସ୍ମାରକପତ୍ରରେ ଦାବି କରାଯାଇଛି। ଜିଲା ଓକିଲ ସଂଘର ସଭାପତି ସରୋଜ କୁମାର ତ୍ରିପାଠୀ ଓ ସାଧାରଣ ସମ୍ପାଦକ ହେମନ୍ତ ପୁରୋହିତଙ୍କ ନେତୃତ୍ୱରେ ସଂଘର ସମସ୍ତ କର୍ମକର୍ତ୍ତା, ସଭ୍ୟବୃନ୍ଦ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସକୁ ଯାଇଥିଲେ । ଶୋଭାଯାତ୍ରାରେ ଯିବାବେଳେ ପଶ୍ଚିମଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ନେଇ ବିଭିନ୍ନ ନାରାବାଜି ଦେଇଥିଲେ। ତେବେ ମଙ୍ଗଳବାରଠାରୁ ୩୦ତାରିଖ ପର୍ଯ୍ୟନ୍ତ ବରଗଡ଼ରେ ଅର୍ଥନୈତିକ ଅବରୋଧ କରିବାକୁ ଜିଲା ଓକିଲ ସଂଘ ନିଷ୍ପତ୍ତି ନେଇଛି।

# ହତ୍ୟା ଧମକ ଦେଇ ଯୁବକ ଗିରଫ, ପିସ୍ତଲ ଜବତ

ସୋହେଲା,୨୩।୯(ଡି.ଏନ.ଏ.)



ବରଗଡ ଜିଲା ସୋହେଲା ଥାନା ଅର୍ଜୁଣ୍ଡା ଗ୍ରାମରେ ଗାଁର ସନ୍ତଲାଲ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ପିସ୍ତଲ ଦେଖାଇ ହତ୍ୟା ଧମକ ଦିଆଯାଇଥିବା ପୋଲିସ ଅଭିଯୋଗ ପାଇଛି। ଏହି ଘଟଣାରେ ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଦୁଷ୍ମନ୍ତ ଲୁହାର। ତାଙ୍କଠାରୁ ଏକ ଦେଶୀ ପିସ୍ତଲ ପୋଲିସ ଜବତ କରିଛି। ସନ୍ତଲାଲଙ୍କ ଅଭିଯୋଗ ଆଧାରରେ ସୋହେଲା ଥାନା ପୋଲିସ ଏକ ମାମଲା ରୁଜୁ କରିଛି।

# ଝିଟିକିରେ ଲକ୍ଷେଘର ଗଣ୍ଡା ସମାଜର ନୂଆଁଖାଇ ଭେଟ୍‌ଘାଟ

ପାଇକମାଳ,୨୩।୯(ଡି.ଏନ.ଏ.)

ପାଇକମାଳ ବ୍ଲକ ଝିଟିକି ହାଟପଦାରେ ଲକ୍ଷେଘର ଗଣ୍ଡା ସମାଜ ତରଫରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଲେଖ କୁମ୍ଭାର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସମିତି ସଭ୍ୟ ବିଜୟ କୁମାର ସ୍ୱାଇଁ, ସରପଞ୍ଚ ସୁନିତା ପ୍ରଧାନ, ଦୁଃଶାସନ କୁମ୍ଭାର, ଯୁଧିଷ୍ଠିର ସାହୁ, କ୍ଷେତ୍ରୀୟ ଲୁହାର ପ୍ରମୁଖ ଯୋଗଦେଇ ନୂଆଁଖାଇ ମହତ୍ତ୍ୱ ବିଷୟରେ କହିଥିଲେ। ଡଲଫିନ ସୁନା ସଭା ପରିଚାଳନା କରିଥିଲେ। କମଳ ସୁନା, ସରୋଜ ଦୀପ୍, ଗୌତମ ସୁନା, ପାଲନ ତାଣ୍ଡି, ହୁଜୁ ସୁନା, ଗୌରାଙ୍ଗ ସୁନା ପ୍ରମୁଖ ସହଯୋଗ କରିଥିଲେ। ଗଣେଶ ସୁନା ଧନ୍ୟବାଦ ଦେଇଥିଲେ।




ଝିଟିକି ହାଟପଦାରେ ଲକ୍ଷେଘର ଗଣ୍ଡା ସମାଜ ତରଫରୁ ନୂଆଁଖାଇ ଭେଟଘାଟରେ ଜଣଙ୍କୁ ପୁରସ୍କୃତ କରାଯାଉଛି।

# କାଟିଦେଲେ କୃଷିଋଣ, ମିଳିଲାନି ବୀମା ସହାୟତା

ବରଗଡ଼ ଅଫିସ୍,୨୩।୯



ଜିଲା ପ୍ରଶାସନ ଫେରାଦ ହୋଇଥିବା ଚାଷୀମାନେ ।

ଝାରବନ୍ଧ ବ୍ଲକ ଅନ୍ତର୍ଗତ କେତେକ ଚାଷୀଙ୍କ ବୀମା ସହାୟତା ଏବଂ ପାୱାରଟ୍ରିଲର କିଣାବିକା ରିହାତି ଟଙ୍କାରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି । କୃଷିଋଣରୁ ବୀମା ସହାୟତା ରାଶିକୁ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି । ସବ୍‌ସିଡି ତଥା ରିହାତି ମୂଲ୍ୟ ମଧ୍ୟ ଚାଷୀଙ୍କୁ ମିଳି ନଥିବା ସୋମବାର ବରଗଡ଼ ଜିଲାପାଳ ଅଫିସ ଡାକ ସେକ୍ସନରେ ସେମାନେ ଅଭିଯୋଗପତ୍ର କରିଛନ୍ତି। ସରକାରଙ୍କ ସବ୍‌ସିଡ଼ି(ରିହାତି)ରେ କୃଷିକାର୍ଯ୍ୟ ପାଇଁ ପାୱାରଟ୍ରିଲର ଆଣିଥିଲେ । ତେବେ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ସେହି ସବସିଡ଼ି ଟଙ୍କା ମିଳିନାହିଁ । ଅନ୍ୟପଟେ ଫସଲକ୍ଷତି ଜନିତ ବୀମା ସହାୟତାକୁ ପାୱାରଟ୍ରିଲର କୃଷିଋଣ ଟଙ୍କାରୁ କାଟ୍‌ଛାଟ୍ ହୋଇଥିବା ବିଭାଗୀୟ କର୍ତ୍ତୃପକ୍ଷ କହୁଛନ୍ତି ବୋଲି ଚଷୀମାନେ କହିଛନ୍ତି । ଏଥିରେ ବିଭାଗୀୟ କର୍ତ୍ତୃପକ୍ଷ ଚଞ୍ଚକତା କରିଥିବା ସେମାନେ ଅଭିଯୋଗ କରିଛନ୍ତି । ଫଳରେ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଗଜେନ୍ଦ୍ର ପାତ୍ର, ହୃଷିକେଶ ସାହୁ ପ୍ରମୁଖ ଏ ନେଇ ଜିଲାପାଳ ଅଫିସକୁ ଆସି ଅଭିଯୋଗପତ୍ର ପ୍ରଦାନ କରିଥିଲେ।

# ଶିକ୍ଷାଜିଲାସ୍ତରୀୟ ପ୍ରତିଯୋଗିତା

ବରଗଡ଼ ଅଫିସ୍,୨୩।୯

ସ୍ଥାନୀୟ ରାଣାପ୍ରତାପ ସ୍କୁଲରେ ବରଗଡ଼ ଶିକ୍ଷାଜିଲାସ୍ତରୀୟ ବ୍ୟାଡ଼ମିଣ୍ଟନ ଓ ଅନ୍ୟାନ୍ୟ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ଉଦ୍‌ଘାଟନ କରିଥିଲେ। ପ୍ରଶାନ୍ତ କୁମାର ଭୋଇ, ଡାକ୍ତର ଭୋଇ, ଆଦିକନ୍ଦ ସ୍ୱାଇଁ, ମନସୀ ପାତ୍ର ପ୍ରମୁଖ କ୍ରୀଡ଼ା ଶିକ୍ଷକ ପ୍ରତିଯୋଗିତା ପରିଚାଳନା କରିଥିଲେ ।

## ଅଜଣା ରୋଗରେ ପରିବାରର ୨ ଶିଶୁଙ୍କ ମୃତ୍ୟୁ ଘଟଣା

# ତୃତୀୟ ଶିଶୁର ଅବସ୍ଥା ଗୁରୁତର

- କଟକ ଏସ୍‌ସିବି ନେବାକୁ ପରାମର୍ଶ ଦେଲେ ଡାକ୍ତର
- ବାଟ ଓଗାଳିଛି ଟଙ୍କା, ସାହାଯ୍ୟକୁ ଅନେଇଛନ୍ତି ପରିବାର
- ଗାଁରେ ପ୍ରଶାସନ ଜଳଯୋଗାଣ ପାଇପ ମରାମତି କଲା

ଭେଡେନ, ୨୩।୯ (ଡି.ଏନ.ଏ.)

ବରଗଡ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଚିରିଣ୍ଡା ଗ୍ରାମର ଦୁଇ ଜଣ ଶିଶୁଙ୍କ ଅଜଣା ରୋଗରେ ମୃତ୍ୟୁ ଘଟିଛି। ଉକ୍ତ ପରିବାରର ତୃତୀୟ ଶିଶୁ ଚୁମକି (୩) ମଧ ଗୁରୁତର ହୋଇପଡିଛନ୍ତି। ବୁର୍ଲାରେ ସେ ଚିକିତ୍ସିତ ହେଉଛନ୍ତି। ହେଲେ ଉନ୍ନତ ଚିକିତ୍ସା ପାଇଁ କଟକ ଶ୍ରୀ ରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲ (ଏସ୍‌ସିବି) ନେବାକୁ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ତେବେ ଅର୍ଥ ଅଭାବରୁ ତାଙ୍କୁ ପରିବାର ସଦସ୍ୟମାନେ କଟକ ନେଇ ପାରିନାହାନ୍ତି। କୌଣସି ବଦାନ୍ୟ ବ୍ୟକ୍ତି, ଅନୁଷ୍ଠାନ କିମ୍ବା ସରକାରୀ ସହଯୋଗକୁ ଘର ଲୋକେ ଅନେଇ ରହିଛନ୍ତି।

ଚିରିଣ୍ଡାର ଫକୀର ମିରିଗ ଏବଂ ପୂର୍ଣ୍ଣିମା ମିରିଗଙ୍କର ବଡଝିଅ ବୈଷ୍ଣବୀ (୫) ଏବଂ ପୁଅ ବଜରଙ୍ଗ (୧)ଙ୍କ ଅଜଣା ରୋଗରେ ପେଟ ଫୁଲିବା ସହ ଝାଡା ପରିସ୍ରା ବନ୍ଦ ହୋଇ ଯାଇଥିବାରୁ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲାରେ ଗତ ଶୁକ୍ରବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସେହିଦିନଠାରୁ ସାନ ଝିଅ ଚୁମକି ମଧ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି। ତେବେ ଅର୍ଥ ଅଭାବରୁ ତାଙ୍କୁ ଘର ଲୋକେ କଟକ ନେବା ସମ୍ଭବ ହେଉନି। ସୂଚନାଯୋଗ୍ୟ, ଗାଁର ବିଭିନ୍ନ ସ୍ଥାନରେ ଫାଟିଥିବା ଜଳଯୋଗାଣ ପାଇପକୁ ସୋମବାର ମରାମତି କରାଯାଇଛି। ଏହା ସହ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲିଚିଂ ପାଉଡର ସିଞ୍ଚନ କରାଯାଇଛି।

## କୁଳିତା ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟଘାଟ

# କୃଷି, ଶିକ୍ଷା, ସମାଜର ବିକାଶକୁ ଗୁରୁତ୍ୱାରୋପ

ବିଜେପୁର, ୨୩।୯ (ଡି.ଏନ.ଏ.)

ବରଗଡ ଜିଲା ବିଜେପୁରରେ କୁଳିତା ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରଣେଶ୍ୱରୀ ରାମଚଣ୍ଡିଙ୍କ ନିକଟରେ ପୂଜାର୍ଚ୍ଚନା ଫଷଣ ଉତ୍ସବ ଉଦ୍‌ଘାଟିତ ହୋଇଥିଲା । ଜିଲା ସଭାପତି ଅଗ୍ନି ପଧାନଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କୁଳିତା ସମାଜ ମହାସଭା କମିଟିର ସମ୍ପାଦକ ପରେଶ ବିଶି, ସାଧାରଣ ସମ୍ପାଦକ ଦିବାକର ପଧାନ, ଜିଲା କୋଷାଧ୍ୟକ୍ଷ ରଙ୍କମଣି ପଧାନ, ଗଙ୍ଗାଧର ପଧାନ ଅତିଥିଭାବେ ଯୋଗ ଦେଇଥିଲେ। କୃଷି, ଶିକ୍ଷା, ସଂସ୍କାର ତଥା ସମାଜର କିଭଳି ବିକାଶ ସାଧିତ ହୋଇପାରିବ ସେ ସମ୍ପର୍କରେ ଅତିଥିଗଣ ଗୁରୁତ୍ୱାରୋପ କରିଥିଲେ। କୁଳିତା ସମାଜରେ ଏକ ଚୂଡାନ୍ତ ସାମ୍ବିଧାନିକ ଆଇନ ପ୍ରଣୟନ କରିବା ଦିଗରେ ପଦକ୍ଷେପ ନିଆଯିବାକୁ



ଅତିଥିଙ୍କ ଗହଣରେ କବୟିତ୍ରୀ କବିତା ପାଠ କରୁଛନ୍ତି ।

ସମ୍ପାଦକ ପରେଶ ବିଶି ମତପ୍ରକାଶ କରିଥିଲେ । ନିମାଇଁଚରଣ ସାହୁ, ବଳଭଦ୍ର ପଧାନ, ବନବାସ ପଧାନ, ଅଧାପକ ସାମନ୍ତ ସାହୁ, ଡ. ସୁଦାମ ସାହୁ,ଦେବାନନ୍ଦ ଗଡତିଆ, କ୍ରାନ୍ତିକବି ହରିଲାଲ ସାହୁ, ଅମ୍ଭାଭନା ସଭାପତି ଉପେନ୍ଦ୍ର ପ୍ରଧାନ, ଗାଇସିଲେଟ କଂଗ୍ରେସ ସାହୁ, ଲଲାଟେନ୍ଦୁ ବେହେରା, ଅଧାପକ ଦେବାଶିଷ ପଧାନ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। କବି ଅହଲ୍ୟା ପଧାନ କବିତା ମାଧ୍ୟମରେ ସମାଜ ସଂସ୍କାର ବାର୍ତ୍ତା ଦେଇଥିଲେ। କଣ୍ଠଶିଳ୍ପୀ କିଶୋର ଗଡତିଆ ଦେବୀବନ୍ଦନା ଗାନ କରିଥିଲେ । ଉପଦେଷ୍ଟା ପୁଷ୍ପଭଞ୍ଜନ ଗଡତିୟା ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ସ୍ଥାନୀୟ ବ୍ଲକ ସଭାପତି ରାଜନୀକାନ୍ତ ଗଡତିୟା ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସାଧାରଣ ସମ୍ପାଦକ ଡ. ପର୍ଶୁରାମ ବାରିକ ସଭା ସଞ୍ଚାଳନ କରିଥିଲେ। ଜୟନ୍ତ ଗଡତିୟା, ସୁଧୀର ସାହୁ, ଯୋଗେନ୍ଦ୍ର ପଧାନ, କୈଳାଶ ଗଡତିୟା, ସରୋଜ ପଧାନ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ । ବ୍ଲକ ସଂଯୋଜକ ପାଣ୍ଡବ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



ପାଇକମାଳସ୍ଥିତ ନୃସିଂହନାଥସ୍ଥିତ ମାରଓ୍ୱାଡି ଯୁବାମଞ୍ଚ ଓ ମହିଳା ମଣ୍ଡଳ ତରଫରୁ ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ ।

# ଯୋଗଦେଲେ ନୂଆ ଅତିରିକ୍ତ ଜିଲାପାଳ

ବରଗଡ଼ ଅଫିସ୍,୨୩।୯

ବରଗଡ଼ ଜିଲାର ନୂତନ ଅତିରିକ୍ତ ଜିଲାପାଳ ତଥା ଏଡିଏମ୍ ଭାବେ ସୋମବାର ମିର୍ଦ୍ଧା ଟପ୍ପୋ ଯୋଗ ଦେଇଛନ୍ତି । ସେ ଏହା ପୂର୍ବରୁ ଭବାନୀପାଟଣାରେ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ୨୦୦୪ ମସିହାରେ ଟପ୍ପୋ ବରଗଡ଼ ଜିଲା ରେଭିନ୍ୟୁ ଅଫିସର ଭାବେ ମଧ୍ୟ କାର୍ଯ୍ୟ କରଛନ୍ତି। ତେବେ ବରଗଡ଼ର ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କ ଝାରସୁଗୁଡ଼ା ବଦଳି ହେବା ପରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ ଅତିରିକ୍ତ ଜିଲାପାଳ ଦାୟିତ୍ୱ ତୁଲାଇ ଆସୁଥିଲେ ।



ବରଗଡ଼ ଏଡିଏମ୍ ମିର୍ଦ୍ଧା ଟପ୍ପୋ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ଏଡ୍‌ୱର୍ଡ

# ଅଣପଞ୍ଜୀକୃତ କ୍ଲିନିକ, ପାଥୋକ୍ଲିନିକ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**ମନମୁଣ୍ଡା, ୨୩।୯ (ଡି.ଏନ.ଏ)**

ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳ ସମେତ ସମଗ୍ର ବୌଦ୍ଧ ଜିଲାରେ ଅଣପଞ୍ଜିକୃତ କ୍ଲିନିକ, ପାଥୋକ୍ଲିନିକ ଓ କ୍ୱାକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ଆରମ୍ଭ ହୋଇଥିବା ଜାଣିବାକୁ ମିଳିଛି । ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ତଥା ଏହାର ଆଖପାଖ ଅଞ୍ଚଳ ଯଥା ବିଲାସପୁର, ଶଗଡା, ବହ୍ୟା, ବରଗୋଛା, ଲୁଣପଙ୍ଗା, ମନୁପାଲି, ଖଟଖଟିଆ, ପଲସାଗୋରା, କଣ୍ଟାମାଲ, ଘଣ୍ଟାପଡା, ଆମ୍ବଗାଁ, ଖୁଣ୍ଟିଗୋରା ଇତ୍ୟାଦି ଅଞ୍ଚଳରେ ଅନେକ ଗୁଡିଏ କ୍ଲିନିକ, ପାଥୋକ୍ଲିନିକ ରହିଥିବା ବେଳେ ଛତୁ ଫୁଟିଲା ଭଳି କ୍ୱାକ ଘୁରି ବୁଲି ରୋଗୀମାନଙ୍କୁ ଶୋଷଣ କରୁଥିବା ଜାଣିବାକୁ ମିଳିଛି । ପ୍ରାୟତଃ ଔଷଧ ଦୋକାନୀମାନେ ସେମାନଙ୍କ ଦୋକାନ ପାଖରେ କ୍ଲିନିକ ମାନ କରି ଆବଶ୍ୟକତାଠାରେ ଅଧିକ ପରିମାଣ ଓ ଦାମି ଔଷଧ ଡାକ୍ତରଙ୍କଠାରୁ ଲେଖାଇ ଲାଭବାନ ହେଉଥିବା ଜାଣିବାକୁ ମିଳିଛି। ସରକାରୀ ଡାକ୍ତରଖାନାରେ ଲମ୍ବା ଲାଇନରୁ ବଞ୍ଚିବା ପାଇଁ ସେମାନେ କ୍ଲିନିକର ଆଶ୍ରୟ ନେଇ ଶୋଷଣର ଶିକାର ହେଉଛନ୍ତି। ସେହିପରି ମନମୁଣ୍ଡା, କଣ୍ଟାମାଳ, ପଲସାଗୋରା, ଘଣ୍ଟାପଡା, ଖୁଣ୍ଟିଗୋରା ସିଏଚସି ଏବଂ ପିଏଚସି ନିକଟରେ ବହୁ ସଂଖ୍ୟକ ପାଥୋ କ୍ଲିନିକ ଖୋଲିଛି। ସରକାରୀ ଡାକ୍ତରଖାନାରେ ରକ୍ତ, ମଳ, ମୂତ୍ର ପରୀକ୍ଷା ସମୟ ସାପେକ୍ଷ ହେଉଥିବାରୁ ଶୀଘ୍ର କାମ ହାସଲ ପାଇଁ ରୋଗୀମାନେ ଉକ୍ତ ପାଥୋକ୍ଲିନିକରେ ପରୀକ୍ଷା କରାଇ ଅତ୍ୟଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଅନେକ ପାଥୋ କ୍ଲିନିକରେ ସରକାରୀ ନିୟମ ମୁତାବକ ପାଇଖାନା, ମୁତ୍ରାଶୟ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ତଥା ଭିତ୍ତିଭୂମି ନ ଥିବା ଅଭିଯୋଗ ଶୁଣିବାକୁ ମିଳିଛି । ଏପରିକି ଆନେକ ପାଥୋକ୍ଲିନିକଙ୍କ ଯୋଗ୍ୟତା ନଥିବା ଶୁଣାଯାଉଥିବା ବେଳେ କେତେକ ସ୍ଥାନରେ ମାଲିକମାନେ ଜଣେ ଜଣେ ପିଲାମାନଙ୍କୁ ବସାଇ ବ୍ୟବସାୟ ଚଳାଇଛନ୍ତି । ବର୍ତ୍ତମାନ ଡ୍ରାଇଭିଂ ଲାଇସନ୍ସ ପାଇଁ ବ୍ଲଡ ଗ୍ରୁପ ପରୀକ୍ଷାର ରିପୋର୍ଟ ଦରକାର ପଡୁଥିବା ବେଳେ ପାଥୋ କ୍ଲିନିକ ମାନଙ୍କରେ ଲମ୍ବା ଲାଇନ ଲାଗୁଥିବାର ଏହାର ସୁଯୋଗ ନେଇ ଉକ୍ତ ପରୀକ୍ଷା ପାଇଁ ଦାମ ଦ୍ୱିଗୁଣ ନେଉଥିବା କେତେକଙ୍କଠାରୁ ଜାଣିବାକୁ ମିଳିଛି । ଅନେକ ଅଣ ପଞ୍ଜିକୃତ କ୍ଲିନିକ, ପାଥୋ କ୍ଲିନିକ ଓ କ୍ୱାକ୍ ବେଆଇନ ଭାବେ ସମଗ୍ର ଜିଲାରେ ଚାଲିଥିବା ସିଡିଏମଓ ଡା. ଲକ୍ଷ୍ମୀଧର ସାହୁ ଜାଣିବାକୁ ପାଇଥିବାରୁ ଓ ତାହା କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ (କଣ୍ଟ୍ରୋଲ ଆଣ୍ଡ ରେଗୁଲେସନ୍) ଆକ୍ଟ ୧୯୯୦ର ବିରୁଦ୍ଧାଚରଣ ହୋଇଥିବାରୁ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନେବା ସକାଶେ ମନମୁଣ୍ଡା ସିଏଚସି ସମେତ ଜିଲାର ସମସ୍ତ ସିଏଚସି ତଥା ଡିଏମଓ (ଏମଏସ) କମ୍ ସୁପରିଣ୍ଟେଣ୍ଡେଣ୍ଟ, ଡିଏଚଏଚ ବୌଦ୍ଧଙ୍କୁ ସେ ସମସ୍ତର ସଂଖ୍ୟା ଓ ସେମାନଙ୍କ ଠିକଣା ଆସନ୍ତା ୩୦ ତାରିଖ ସୁଦ୍ଧା ଦେବାକୁ ଏକ ଚିଠି ୨୩୮୬/୨୩.୯.୧୯ ଯୋଗେ ଜଣାଇ ଦେଇଛନ୍ତି । ଫଳରେ କ୍ଲିନିକ, ପାଥୋ କ୍ଲିନିକ ଓ କ୍ୱାକ ମାନଙ୍କଠାରେ କୋକୁଆ ଭୟ ସୃଷ୍ଟି ହୋଇଥିବା ଜାଣିବାକୁ ମିଳିଛି ।

## ଦୈନିକ ବଜାରରେ ମା’ ଲକ୍ଷ୍ମୀ କ୍ଲବ ଗଠିତ

**ବୌଦ୍ଧ, ୨୩।୯ (ସ୍ୱ.ପ୍ର.)**

ବୌଦ୍ଧ ଦୈନିକ ବଜାର ଅଞ୍ଚଳର ଯୁବକମାନେ ମା’ ଲକ୍ଷ୍ମୀ କ୍ଲବ ନାମରେ ନୂତନ କ୍ଲବ ଗଠନ କରିଛନ୍ତି। ଯୁବ ସମାଜସେବୀ ସଂଗ୍ରାମ କେଶରୀ ଦାସଙ୍କ ଆବାହକତ୍ୱରେ ସ୍ଥାନୀୟ ଯୁବକମାନଙ୍କୁ ନେଇ ଗଠିତ ହୋଇଛି। ସର୍ବସମ୍ମତିକ୍ରମେ କ୍ଲବର ସଭାପତି ଭାବରେ ଚିତ୍ତରଞ୍ଜନ ଦାଶ, ଉପସଭାପତି ପ୍ରମୋଦ କୁମାର ସାହୁ ଓ ଅରୁଣ କୁମାର ବାରିକ, ସମ୍ପାଦକ ସ୍ନେହାଶିଷ ଦଲାଲ, ସହସମ୍ପାଦକ ଅରୁଣ ସେଠୀ, କୋଷାଧ୍ୟକ୍ଷ ଭାବରେ ପ୍ରତାପ କେଶରୀ ଦାସ ଓ ଉପଦେଷ୍ଟା ଭାବରେ ଅରୁପ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। ନୂତନ ସଭାପତି ଶ୍ରୀଦାଶ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

**ସୋନପୁର, ୨୩।୯ (ନି.ପ୍ର.):** ସୋନପୁର କଲେଜର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ସକାଶେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡିଆ ବିଭାଗର ମୁଖ୍ୟ ସୌରଭ ରଞ୍ଜନ ଖମାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲେଜର ଅଧକ୍ଷ ତରୁଣ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପିକା ଇତିଶ୍ରୀ ଦାସ, ନିଳିମା ପ୍ରଧାନ, ଅଧାପକ ସରୋଜ କୁମାର ଜଗଦଲା ଓ ମିନକେତନ କୁମ୍ଭାର ମଞ୍ଚାସୀନ ଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଚନ୍ଦନ ବେହେରା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା

**ବୌଦ୍ଧ, ୨୩।୯ (ସ୍ୱ.ପ୍ର.):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ଓ ଶେଷବର୍ଷର ଛାତ୍ରୀଛାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ନବାଗତ ଛାତ୍ରୀଛାତ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ ସିନିୟର ଛାତ୍ରୀଛାତ୍ର। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ନବାଗତ ଛାତ୍ରୀଛାତ୍ର ଶୃଙ୍ଖଳା ଶିକ୍ଷା କରିବା ସହିତ ଉତ୍ତମ ଶିକ୍ଷା ଗ୍ରହଣ କରି ନିଜର ଉଜ୍ଜଳ ଭବିଷ୍ୟତ ଗଠନ କରିବା ସହିତ ମହାବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଗୀତାଞ୍ଜଳୀ ମହାପାତ୍ର,ଅଧ୍ୟପାକ ପ୍ରବୀର କୁମାରଦାସ, ଶ୍ୱେତାସୁମନ ପଣ୍ଡା, ଅମ୍ରିତା ମହାମାତ୍ର, ରୋସନ ତ୍ରିପାଠୀ ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ମାଗଣା ସ୍ୱାସ୍ଥ୍ୟସେବା ଶିବିର

**ପୁରୁଣାକଟକ, ୨୩।୯(ଡି.ଏନ୍.ଏ): ହରଭଙ୍ଗା** ବ୍ଲକ ରାମଗଡ ଆୟୁର୍ବେଦିକ ଡାକ୍ତରଖାନା ପରିସର ରେ କଳିଙ୍ଗ ଇନଷ୍ଟିଚ୍ୟୁଟ ପକ୍ଷରୁ ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଡା କିନଶୁକି ସରଭାଇ ଓ ଡାକ୍ତର ଅଙ୍କିତ ଦାସ ପ୍ରାୟ ୩ ଶହରୁ ଉର୍ଦ୍ଧ ରୋଗୀଙ୍କୁ ପରୀକ୍ଷା କରିଥିବା ବେଳେ ଫାର୍ମାସିଷ୍ଟ ଅଭୟ କୁମାର ସ୍ୱାଇଁ ରୋଗୀଙ୍କୁ ଔଷଧ ବଣ୍ଟନ କରିଥିଲେ । ଉକ୍ତ ଶିବିରରେ ରାମଗଡ, ଧଳପୁର, ତିଲେଶ୍ୱର, ସାମ୍ପୋଚ ଆଦି ପଞ୍ଚାୟତର ରୋଗୀ ଚିକିତ୍ସା ପାଇଁ ଆସିଥିଲେ। ରାମଗଡ ସରପଞ୍ଚ ନରେଶ କୁମାର ସେଠୀ, ସମିତିସଭ୍ୟ ଶଙ୍କର ତଣ୍ଡିଆ, ସମାଜସେବୀ ପ୍ରମୋଦ ବିଶି, ପ୍ରଦୀପ ଭୋକ୍ତା, ସୁଜିତ କର୍ଣ୍ଣ, ଅଜିତ କ୍ଷେତି, ସତ୍ୟବାନ ଥାଟି, ପ୍ରଜାପତି ବାରିକ, ବିଜନ ମହାନ୍ତି, ଶିକ୍ଷକ ମହେଶ ସେଠୀଙ୍କ ସମେତ ରାମଗଡ ଗ୍ରାମର ବହୁ ସଚେତନ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଜିଲାପାଳଙ୍କ ସଂଯୁକ୍ତ ଜନଶୁଣାଣି ଓ କୃଷି ସମାଧାନ ଶିବିର

**ତରଭା, ୨୩।୯(ଡି.ଏନ.ଏ.) :** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଜୀବ ସଭାଗୃହରେ ଜିଲ୍ଲାପାଳଙ୍କ ସଂଯୁକ୍ତ ଜନଶୁଣାଣୀ ଓ କୃଷି ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜଲାପାଳ ମୋନୀଷା ବାନାର୍ଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାସ ଯୋଗ ଦେଇଥିଲେ । ଏହି ଶିବିରରେ ୧୧୭ ଗୋଟି ଅଭିଯୋଗ ଦାଖଲ ହୋଇଥିଲା । ସେଥିମଧରୁ ୩୦ ଗୋଟି ଅଭିଯୋଗ ସମାଧାନ କରାଯାଇଥିଲା। ଏସଡିଓ ବଳରାମ ମଲ୍ଲିକ, ବିଡିଓ ନିହାର ରଞ୍ଜନ କହଁର, ଏସଡିପିଓ ମିହିର ପଣ୍ଡା, ଆଇଆଇସି ଡୋଳାମଣୀ ଭୋଇ, ସିଡିପିଓ ସବିତା ଦୋରା, ସିଡିଏମଓ ପ୍ରଦୀପ ଗୁରୁ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଅତିରିକ୍ତ ଆରଟିଓ ଶିବାଶିଷ ସାହ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

### ମହିଳା କଲେ ଗ୍ରାମୀଣ ରାସ୍ତା ସଫେଇ

**ବିନିକା, ୨୩।୯(ଡି.ଏନ୍.ଏ):** ବିନିକା ବ୍ଲକ୍ ପଲସାପାଲି ଗ୍ରାମର ଅଙ୍ଗନବାଡି କର୍ମୀ ମିଶ୍ରି ପଧାନ, ତ୍ରିବେଣୀ ପଧାନ ଏବଂ ଗ୍ରାମର ଏସଏଚଜି ମହମାନେ ଗ୍ରାମ ରାସ୍ତାରୁ ଅଳିଆ, ଆବର୍ଜନା ଓ ଘାସଲଟା ସଫେଇ କରଛନ୍ତି। ସଫେଇ ପଲସାପାଲି ଗ୍ରାମ ଉପରପଡାରୁ ତଲିପଡା ଯାଏଁ କରାଯାଇଛି । ଏହା ସହିତ ମହିଳାମାନେ ଗ୍ରାମର ପ୍ରତ୍ୟେକ ଲୋକଙ୍କୁ ନଳକୂପ ପରିସର, ଘର ସମ୍ମୁଖ କିମ୍ବା ଜନଗହଳି ସ୍ଥାନମାନଙ୍କରେ ଅଳିଆ ଓ ଆବର୍ଜନା ନ ପକାଇ ଡଷ୍ଟବିନ୍‌ରେ ପକାଇବାକୁ ସଚେତନ କରାଇଥିଲେ ।



ବର୍ଜ୍ୟବସ୍ତୁ ପରିଚାଳନା ଓ ସଫେଇ କାର୍ଯ୍ୟକ୍ରମରେ ଗାଁ ସଫେଇ କରାଯାଉଛି।

# ବର୍ଜ୍ୟବସ୍ତୁ ପରିଚାଳନା, ସଫେଇ କାର୍ଯ୍ୟକ୍ରମ

**ତରଭା, ୨୩।୯(ଡି.ଏନ.ଏ.)**

ତରଭା ବ୍ଲକ ବଡଭଇଁରୋ ଗ୍ରାମ ପଞ୍ଚାୟତରେ ଜିଲା ଜଳ ଓ ପରିମଳ ମିଶନ ତରଫରୁ ବର୍ଜ୍ୟବସ୍ତୁ ପରିଚାଳନା ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ସରପଞ୍ଚ ଲୋକେଶ ଦଳବେହେରାଙ୍କ ନେତୃତ୍ୱରେ କେନ୍ଦୁମୁଣ୍ଡା, ପାନିମୁରା ଓ ବୁଦେଲମୁଣ୍ଡା ଗ୍ରାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନେଇ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ରକୁମାର ସାହୁ, ମାଷ୍ଟର ଟ୍ରେନର ରାଜେନ୍ଦ୍ର ଝାଙ୍କର, ବିଆରସିସି ଆନନ୍ଦ ନାଏକଙ୍କ ସମେତ ସମସ୍ତ ମୋଟିଭେଟର ଯୋଗଦେଇ ଲୋକମାନଙ୍କୁ ପ୍ଲାଷ୍ଟିକର ଅପକାରିତା ବିଷୟରେ ବୁଝାଇଥିଲେ। ଏଥିସହିତ ଘରୋଇ ବର୍ଜ୍ୟବସ୍ତୁରୁ କିଭଳି ଖତତିଆରି ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ପରେ ପାଣିମୁରା ଗ୍ରାମରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ଶରତ କୁମାର ପାତ୍ର, ଜୟନ୍ତ ନାଗ, ଚମ୍ପେଶ୍ୱର ରାଉତ,ଭୁବନେଶ୍ୱର କୁଅଁର, ପ୍ରଦୀପ କୁଅଁର, ଶୋଭାଗିନୀ ମଲ୍ଲିକ, ପ୍ରମୋଦ ନିଆଲି, ଦିଲିପ ଗୁରୁ, ଗୋପି ପାତ୍ରଙ୍କ ସମେତ ଅଙ୍ଗନୱାଡି କର୍ମି,ମୋଟିଭେଟର ଓ ଏସଏଚ୍‌ଜି ମହିଳାମାନେ ଯୋଗ ଦେଇଥିଲେ ।

## ଶିକ୍ଷକ ବଦଳି ପ୍ରତିବାଦ: ଅଭିଭାବକ ବିଦ୍ୟାଳୟରେ ପକାଇଲେ ତାଲା

**ବୌଦ୍ଧ, ୨୩।୯ (ସ୍ୱ.ପ୍ର.)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ଟିକରପଡା ପଞ୍ଚାୟତ ଫୁରୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଶିକ୍ଷକ ବଦଳି ନେଇ ଅଭିଭାବକମାନେ ତାଲା ପକାଇବା ଘଟଣା ଦେଖିବାକୁ ମିଳିଛି। ସୂଚନା ମୁତାବକ ଉକ୍ତ ବିଦ୍ୟାଳୟ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଚାଲିଥିବାବେଳେ ୮୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟରେ ୫ ଜଣ ଶିକ୍ଷକ ଶିକ୍ଷାଦାନ କରିଆସୁଥିବାବେଳେ ସେମାନଙ୍କ ମଧ୍ୟରୁ ଦୁଇଜଣ ଶିକ୍ଷକ କେଶବ ପ୍ରଧାନ ଓ ପୂର୍ଣ୍ଣିମା ମେହେରଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଅନ୍ୟତ୍ର ବଦଳି କରାଯାଇଛି। ଦୁଇ ଶିକ୍ଷକଙ୍କ ବଦଳି ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏହାର କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ସୋମବାର ବଦଳି ହୋଇଥିବା ଶିକ୍ଷକଙ୍କୁ ତୁରନ୍ତ ବିଦ୍ୟାଳୟକୁ ଫେରସ୍ତ ଦାବିରେ ଅଭିଭାବକମାନେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିରହିଥିଲେ। ବଦଳି ହୋଇଥିବା ଶିକ୍ଷକଙ୍କ ଫେରସ୍ତ ନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଅଭିଭାବକମାନଙ୍କ ପକ୍ଷରୁ ଚେତାବନି ଦିଆଯାଇଛି।

## ପୁରୁଣାକଟକ ଷ୍ଟେଟ୍ ବ୍ୟାଙ୍କର ଚାବି ହଜିଲା

# ୨ ଘଣ୍ଟା ଧରି ଗ୍ରାହକ ହନ୍ତସନ୍ତ



ପୁରୁଣାକଟକ ଠାରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ।

**ପୁରୁଣାକଟକ, ୨୩।୯(ଡି.ଏନ.ଏ)**

ବୌଦ୍ଧ ଜିଲା ପୁରୁଣାକଟକ ଠାରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ସୋମବାର ବ୍ୟାଙ୍କର ଚାବି ହଜିଯିବାରୁ ଦିନ ୧୨ଟା ପରେ ତାଲା କାଟି ବ୍ୟାଙ୍କ ଖୋଲାଯିବା ଭଳି ଏକ ଅପ୍ରତିକର ପରିସ୍ଥିତି ଘଟଣା ସାମନାକୁ ଆସିଛି । ଏ ଘଟଣା ପଦାକୁ ଆସିବା ପରେ ବ୍ୟାଙ୍କ ଉପଭୋକ୍ତା ମଧ୍ୟରେ ନିଜ ଜମା ରାଶିର ସୁରକ୍ଷିତକୁ ନେଇ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ଗ୍ରାହକଙ୍କ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଘଟଣା ମତେ ରବିବାର ଛୁଟି ଦିବସ ଥିବାରୁ ପୁରୁଣାକଟକ ବଜାରରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଖୋଲିବାର ସମୟ ସୀମା ପୂର୍ବରୁ ପ୍ରାୟ ଦିନ ୧୦ ଟା ବେଳେ ନେଣଦେଣ କାରବାର ପାଇଁ ଗ୍ରାହକ ଭିଡ ଆରମ୍ଭ ହୋଇଥିଲା । ତେବେ ଦିନ ୧୧ ଟା ପରେ ମଧ୍ୟ ବ୍ୟାଙ୍କ ରେ କାର୍ଯ୍ୟରତ କୌଣସି କର୍ମଚାରୀଙ୍କ ଦେଖା ନମିଳିବାରୁ ଉପସ୍ଥିତ ଥିବା ଲୋକମାନେ ପାତିତୁଣ୍ଡ କରିଥିଲେ। ଏହାର କିଛି ସମୟ ପରେ କ୍ୟାସିଆର ଆସି ମୁଖ୍ୟ ଫାଟକ ତାଲା ର ଚାବି ହଜିଯାଇଛି କହି ଶାଖା ପରିଚାଳକ ଫୋନ ଯୋଗେ ଅବଗତ କରାଇଥିଲେ। ଶାଖା ପରିଚାଳକ ଗଗନ ବିହାରୀ ଦାସ ଆସି ମୁଖ୍ୟ ଫାଟକର ଚାବି ନ ମିଳିବାରୁ ତାଲା କାଟି ବ୍ୟାଙ୍କ କାର୍ଯ୍ୟ ଆରମ୍ଭ କରିଥିଲେ। ଏ ନେଇ ଶାଖା ପରିଚାଳକଙ୍କୁ ପଚାରିବାରୁ ଚାବି ହଜିଯାଇଛି ସତ କଥା କିନ୍ତୁ ଏଇଟା ଏତେ ବଡ ଇସ୍ୟୁ ନୁହେଁ। ସେମିତି ବେଳେ ବେଳେ ହୁଏ। ଆମର ବ୍ୟାଙ୍କ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଛି ବୋଲି ସେ କହିଥିଲେ । ଏଠି ପ୍ରଶ୍ନ ଉଠୁଚି ବ୍ୟାଙ୍କ ମୁଖ୍ୟ ଫାଟକ ତାଲାର ଚାବି ହଜିବା ଯଦି ବଡ କଥା ନୁହେଁ, ତାହାଲେ ନିଜ କଷ୍ଟ ଉପାର୍ଜିତ ଧନକୁ ସୁରକ୍ଷା ଚିନ୍ତା କରି ଜମାକାରୀମାନେ ଲକ୍ଷ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ରଖୁଥିବା ବେଳେ ଯଦି ଷ୍ଟ୍ରଙ୍ଗ ରୁମର ଚାବି ହଜିଯାଏ ତା ହେଲେ ଦାୟୀ କିଏ ରହିବ ବୋଲି ଜମାକାରୀ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଏ ଦିଗରେ ବ୍ୟାଙ୍କ ରିଜିଓନାଲ୍ ଅଫିସର ଦୃଷ୍ଟି ଦେଇ ଏ ଘଟଣାର ତଦନ୍ତ କରି ବ୍ୟାଙ୍କର ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ଦାବି

# ଜିଲାପାଳଙ୍କଠାରେ ଅଭିଯୋଗ

**ଜହ୍ନାପଙ୍କ, ୨୩।୯ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତରେ ହୋଇଥିବା ଆର୍ଥିକ ଅନିୟମିତତା ପାଇଁ ୱାର୍ଡ ସଭ୍ୟାସଭ୍ୟ ୬ ଜୁନ, ୨୦୧୯ରେ ସରପଞ୍ଚଙ୍କୁ ନିଲମ୍ବନ ପାଇଁ ଜିଲାପାଳଙ୍କୁ ଅଭିଯୋଗ କରିବା ପରେ ଡିପିଓ ଏହାର ତଦନ୍ତ କରି ରିପୋର୍ଟ ଦେଇଥିଲେ । ପରେ ରାଜ୍ୟ ସରକାର ୧୭ ସେପ୍ଟେମ୍ବର, ୨୦୧୯ରେ ଖୁଣ୍ଟବନ୍ଧ ସରପଞ୍ଚ ମିତ୍ରଭାନୁ ପ୍ରଧାନଙ୍କୁ ନିଲମ୍ବନ କଲେ। ବର୍ତ୍ତମାନ ପ୍ରଧାନ ନିଜର ଭୁଲକୁ ଘୋଡେଇବା ପାଇଁ ୱାର୍ଡ ସଭ୍ୟାସଭ୍ୟଙ୍କର ଜାଲ ଦସ୍ତଖତ କରି କାଗଜପତ୍ର ପ୍ରସ୍ତୁତ କରୁଥିବା କୌଣସି ସୂତ୍ରରୁ ଖବର ପାଇ ସଭ୍ୟାସଭ୍ୟ ସୋମବାର ଜିଲାପାଳଙ୍କଠାରେ ଏହାର ତଦନ୍ତ କରିବା ସହିତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଧାନଙ୍କୁ ସହଯୋଗ କରୁଥିବାରୁ ତୁରନ୍ତ ତାଙ୍କ ବଦଳି ପାଇଁ ମଧ ଜିଲାପାଳଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ପିଇଓ ନାଏକ ୨ଟି ପଞ୍ଚାୟତର ଦାୟୀତ୍ୱରେ ଥିବାରୁ ଉନ୍ନୟନ କାର୍ଯ୍ୟ ହୋଇପାରୁ ନାହିଁ। ନିୟମିତ ପଞ୍ଚାୟତକୁ ମଧ ଆସୁ ନ ଥିବାରୁ ହିତାଧିକାରୀମାନେ ପଞ୍ଚାୟତର ସୁବିଧା ଅସୁବିଧା କିଛି ଜାଣିପାରୁ ନାହାନ୍ତି। ତୁରନ୍ତ ପିଇଓଙ୍କୁ ବଦଳି କରିବା ପାଇଁ ୱାର୍ଡସଭ୍ୟା ଚନ୍ଦ୍ରକାନ୍ତ ପ୍ରଧାନ, ବୃନ୍ଦାବତୀ ମହାକୁଳ, ତପସ୍ୟା ମୁନି, ସଭ୍ୟ ବିଶ୍ୱାମିତ୍ର ବାରିକ, ଆଲୋକ ପ୍ରଧାନ, ସନ୍ତୋଷ ଅମାତ, ଶେଷବନ୍ଧୁ ମଲ୍ଲିକ, ଅଜିତ ଷାଣ୍ଢେ, ରୀତାଞ୍ଜଳି ପ୍ରଧାନ ପ୍ରମୁଖ ଦାବି କରିଛନ୍ତି ।

## ନିଶା ସେବନ କରି ବାଇକ୍ ଚଳାଉଥିବା ଯୁବକ ଗିରଫ

**ବିନିକା, ୨୩।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା କଲେଜ୍ ଛକ୍ ନିକଟରେ ଜଣେ ମଦ୍ୟପ ବାଇକ୍ ଚାଳକକୁ ଗିରଫ କରି ପୋଲିସ ସୋମବାର କୋର୍ଟଚାଲାଣ କରିଛି। ସମ୍ପୃକ୍ତ ଯୁବକ ହେଲେ ବିନିକା ଏନ୍ଏସି ଅନ୍ତର୍ଗତ ବେତ୍ରାପଡାର ଦଖିଳ କର(୨୬)। ଏନେଇ ବିନିକା ଥାନାରେ ଏକ ମାମଲା (ନଂ.୩୩୫/୧୯) ରୁଜୁ ହୋଇଛି।

# କରମସାନୀ ପୂଜା ଉଦ୍‌ଯାପିତ

**ବିନିକା, ୨୩।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ଗୌଡପଡାଠାରେ ଚାଲିଥିବା କରମସାନୀ ପୂଜା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ପୂଜକ ଭାବେ ବାବାଜୀ ଥପା ଦାୟିତ୍ୱ ନିର୍ବାହ କରିଥିଲେ । ପୂଜନୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ ପାର୍ଥ ବାଘ, ହେମସାଗର ଓ ଗୁଲେଖ ବାଦ୍ୟ ପରିବେଷଣ କରିଥିଲେ। ଅନିରୁଦ୍ଧ ମହାକୁର,ବରୁଣ ବାଗ କରମସାନୀ ନୃତ୍ୟଗୀତ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରେମରାଜ ଷାଣ୍ଡ, ବିଶ୍ୱଜିତ ହୋତା, କୁଳମଣୀ ଥନାପତି, ଅର୍ଜ୍ଜୁନ ଥନାପତି, ହରି ଥନାପତି, ମାଧବ ଚନ୍ଦ୍ର ନାୟକ, ବୀର ଥପା, ଏକାଦଶିଆ ସେନାପତିଙ୍କ ସମେତ ଚରଦା ଗୌରପଡାବାସୀ ଏଥିରେ ସହଯୋଗ କରିଥିଲେ ।

## ଆଜି କ’ଣ କେଉଁଠି

**ବରଗଡ଼**
- ତ୍ରିରଙ୍ଗା କପ୍ ଫୁଟବଲ ପ୍ରତିଯୋଗିତା, ଖୁଣ୍ଟପାଲି ପଡ଼ିଆ, ଦିନ ୨ଟା।

**ଉଲୁଣ୍ଡା**
- ଆନ୍ତଃ ମହାବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟ, ଆଞ୍ଚଳିକ ଡିଗ୍ରୀ କଲେଜ, ପୂର୍ବାହ୍ନ ୧୧ଟା।

**ଲୋଇସିଂହା**
- ତୃତୀୟ ବାର୍ଷିକୀ ଉଦ୍‌ବୋଧନୀ ଉତ୍ସବ, ସତ୍‌ସଙ୍ଗ କେନ୍ଦ୍ର ବୁର୍ଡା, ପୂର୍ବାହ୍ନ ୧୦ଟା।

**ବିଜେପୁର**
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ବିଜେପୁର କଲେଜ, ପୂର୍ବାହ୍ନ ୯ରୁ ଅପରାହ୍ନ ୨ଟା।

**ସିନାପାଲି**
- ମହାତ୍ମା ଗାନ୍ଧୀଙ୍କ ବ୍ଲକସ୍ତରୀୟ ୧୫୦ତମ ଜୟନ୍ତୀ ପାଳନ, ନୋଡାଲ ହାଇସ୍କୁଲ, ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**
- ଭାଜପାର ରାଷ୍ଟ୍ରୀୟ ଏକତା ଅଭିଯାନ, ଟାଉନ ହଲ, ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସୋନପୁର ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ।

## ତେଜୁଛେ ପୁଲିଆ ତିଆରି ଦାବି

# ଜୀବନ୍ ଜୀବିକାରେ ବାଧକ୍ ସାଜିଛେ କଂସାଧୁଆ ନାଲ୍

**ମନମୁଣ୍ଡା, ୨୩।୯ (ଡି.ଏନ୍.ଏ.)**



ଛାତ୍ରୀଛାତ୍ର ବିପଦ୍ ଅବସ୍ତାରେ ପାଏନ୍ ଲହଁକି ସ୍କୁଲ ଯାଉଛନ୍।

ବୌଦ୍ଧ ବ୍ଲକ କସୁରବନ୍ଧ ପଁଚେତ୍ କଂସାଧୁଆ ନାଲ ଉପରେ ପୁଲିଆ ନାଇଁଥିବାର ଲାଗି ଅଂଚଲବାସୀ ନାନା ସମସିଆର ସାମନା କରୁଛନ୍। ବାଗଡ଼ିଆ, ତବଡ଼ା, ଘଣ୍ଟାପାଲି ସମେତ ଅନେକ ଗାଁବାସୀ ଇ ନାଲର ପାଏନ୍ ଲହଁକି କସୁରବନ୍ଧ ପଁଚେତ୍‌କେ ପିଡିଏସ୍ ସାମାନ ସଂଗେ ବୁଢ଼ାବୁଢ଼ି, ଭିନ୍ନକ୍ଷମମାନେ ଭତା ନେଇ ଯାଉଛନ୍। ଇତାର ବାହାରେ ଲୋକ୍ ଭିନେ ଭିନେ ସରକାରୀ କାମ୍‌ରେ ପଁଚେତ୍‌କେ, ମନମୁଣ୍ଡାକେ ନାଲ ଡେଗି ଯାଉଛନ୍। ଅଲପ୍ ବରଷାରେ ଇ ନାଲ୍‌ରେ ହଠାତ୍ ପାଏନ୍ ବଢ଼ିଯାଉଛେ। ଯେନ୍‌ଥିରଲାଗି ଲୋକ୍ ଅନେକ ସମିଆରେ ଜଲବଁଦି ହେଇ ରହିଯାଉଛନ୍। ଜିନିଷପାତି ନେବା ଆନବାକେ ଲୋକ୍ ବହୁତ୍ ହଇରାନ ହରକତ୍ ହେଉଛନ୍। ସେନ୍‌ତା ସମିଆ ଅସମିଆରେ ବୁଢ଼ାବୁଢ଼ି, ରୁଗୀ, ଗରଭବତୀ ମହିଳାମାନଙ୍କୁଁ ବୁହିକରି ନାଲରେ ଜଂଘେ ପାଏନ୍ ଲହଁକେଇ ନେବାକେ ପଡୁଛେ। ଛାତ୍ରୀଛାତ୍ରମାନେ ଜୀବନ୍‌କେ ପାଏନ୍‌ଛଡ଼େଇ ନାଲର ପାଏନ୍ ଲହଁକି ଆସର ପାସର ସ୍କୁଲମାନ୍‌କେ ପାଠ୍‌ପଢ଼ି ଯାଉଛନ୍। ଏନ୍‌ତାଥି ଅନେକ ସମିଆରେ ଛାତ୍ରୀଛାତ୍ରମାନେ ହିଁଚିହାବ୍‌ଡି ପଡ଼ି ଖଁଡ଼ିଆଡ଼ଁଡ଼ିଆ ହେବାର ସଂଗେ ଉଦା ହେଇଯାଉଥିବାର ଅଭିଯୋଗ ହେଉଛେ। ଇ ନାଲ୍ ଉପରେ ଗୁଟେ ପୁଲିଆ ତିଆର କରବାକେ ଅଂଚଲବାସୀ ବିଡିଓ, ଜିଲାପାଳ, ବିଧାୟକମାନଙ୍କୁଁ ଗୁହାରି କରି ଦାବିପତର ଦେଇଛନ୍। ହେଲେ ଦୁଖର କଥା ଇ ଦିଗେ କେହି ଧିଆନ୍ ନାଇଁ ଦେବାର ବଲି ଅଂଚଲବାସୀ କହିଛନ୍। ଇ ଘଟନାକେ ନେଇ ଦିନୁଦିନ୍‌କେ ଅଂଚଲବାସୀକର ଭିତରେ ଗୁଟେ ଅସନ୍‌ତୋଷ ଭାବ ବଢ଼ତେଲ ଯାଉଛେ। ଜିଲା ପରଶାସନ ଇ ଦିଗେ ଦୁରୁଷ୍‌ଟି ଦେଇ କଂସାଧୁଆ ନାଲ୍‌ରେ ଗୁଟେ ପୁଲିଆ ତିଆର କରବାର ବେବସ୍ତା କରୁ ବଲି ଅଂଚଲର କୃଷ୍ଣ କ୍ଷେତି, ମିଟୁ ବେହେରା, କିଶୋର ନାଏକ, ଅଶାରୁ ଜାଲ, ସୁଶିଲ କୁମ୍ଭାର, ଲାଲବିକ ବାଘ ପରମୁଖ ଦାବି କରିଛନ୍।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।

- ଏଡ୍‌ୱାର୍ଡ

# ଶ୍ରମ କାର୍ଯ୍ୟାଳୟ ଘେରିଲା ନିର୍ମାଣ ଶ୍ରମିକ ୟୁନିଅନ

## ଶ୍ରମ ବିଭାଗ ଅନିୟମିତତାର ଭିଜିଲାନ୍ସ ତଦନ୍ତ ଦାବି

ବଲାଙ୍ଗୀର ଅଫିସ, ୨୩।୯

ବଲାଙ୍ଗୀର ଜିଲା ନିର୍ମାଣ ଶ୍ରମିକ ୟୁନିଅନ୍ ସମନ୍ୱୟ କମିଟି ପକ୍ଷରୁ ସୋମବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିସହ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ସେମାନେ ଘେରାଉ କରିଥିଲେ। ଆଇଏନ୍‌ଟିୟୁସି ସଭାପତି କୃଷ୍ଣଚନ୍ଦ୍ର ସାହୁ, ଏଆଇଟିୟୁସିର ଆଲୋକ ବିଶ୍ୱାଳ, ଏଚ୍‌ଏମ୍‌ଏସ୍ ସଙ୍ଗଠନର ଗୋକୁଳ ରଣା, ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ୟୁନିଅନ୍ ପ୍ରେମାନନ୍ଦ ଭୋଇ, ବଲାଙ୍ଗୀର ଜିଲା ନିର୍ମାଣ ମଜଦୁର ସଂଘର ଶିଶିର ବାଗ ପ୍ରମୁଖଙ୍କ ମିଳିତ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ଉଭୟ କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘ ନେତା ଅରୁଣ କୁମାର ସାହୁ ଓ ଅନଙ୍ଗ ଠାକୁର ଯୋଗଦାନ କରିଥିଲେ । ପ୍ରଥମେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରବାସୀ ଶ୍ରମିକ, ନିର୍ମାଣ ଶ୍ରମିକଙ୍କ ଉଦ୍ଦିଷ୍ଟ ଯୋଜନା, ସହାୟତା ପ୍ରଦାନ କରିବାରେ ଶ୍ରମ ବିଭାଗ ସମ୍ପୂର୍ଣ୍ଣ ଫେଲ ମାରିଛନ୍ତି ଓ ଏଥିରେ ଅନିୟମିତତା ହୋଇଥିବା ଦର୍ଶାଇ ଏସବୁର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରାଯାଇଥିଲା। ଜିଲାରେ ଦାଦନ ଶ୍ରମିକ ସଂଖ୍ୟା ବୃଦ୍ଧି ପାଇ ଚାଲି ଥିବାବେଳେ କେବଳ ନାମକୁ ମାତ୍ର ଦାଦନ ରୋକିବା ଯୋଜନା ଚାଲିଛି ବୋଲି ଅଭିଯୋଗ କରିଥିଲେ। ଜିଲାର ଖପ୍ରାଖୋଲ ଓ ବେଲପଡା ବ୍ଲକ୍‌ର ୨୦ଟି ଗ୍ରାମପଞ୍ଚାୟତରେ ୧୩୪ କୋଟି ଟଙ୍କା ବିନିଯୋଗ କରାଯାଇଥିବା କୁହାଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଜିଲାରେ ଦାଦନ ସମସ୍ୟା କମିବା ପରିବର୍ତ୍ତେ ବୃଦ୍ଧି ପାଉଛି ବୋଲି ଅଭିଯୋଗ କରିଥିଲେ । ପ୍ରବାସୀ ଶ୍ରମିକଙ୍କୁ ୨୦୧୫ ମସିହାରୁ ନିର୍ମାଣ ଶ୍ରମିକ ଯୋଜନାରେ ସାମିଲ କରାଯାଇଥିଲେ ମଧ ୨୦୧୬-୧୭, ୨୦୧୭-୧୮ ଓ ୨୦୧୮-୧୯ ମସିହାରେ ରାଜ୍ୟ ବାହାରକୁ ଯାଇଥିବା ଦାଦନ ଶ୍ରମିକ ସଂଖ୍ୟା ଓ ନିର୍ମାଣ ଶ୍ରମିକ ସଂଖ୍ୟାର ବିବରଣୀରେ ତାଳମେଳ ରହୁ ନ ଥିବା ଅଭିଯୋଗ କରିଛନ୍ତି। ୨୦୧୫ରେ ଟ୍ରେଡ୍ ୟୁନିଅନ୍‌ମାନଙ୍କ ଦ୍ୱାରା ୫୦ହଜାର ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ ଯୋଜନାରେ ପଞ୍ଜୀକରଣ ଯାଇଥିବା ତତ୍କାଳୀନ ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷ ଓ ଜିଲା ଶ୍ରମ ଅଧିକାରୀ କହିଥିଲେ ସୂଚନା ଦେଇଥିଲେ ମଧ ପ୍ରବାସୀ ଶ୍ରମିକ ପଞ୍ଜୀକରଣ ନିମନ୍ତେ ଆଦାୟ ଟଙ୍କା ସଂଖ୍ୟା ଜମା ହୋଇନଥିବା ଅଭିଯୋଗ କରିଛନ୍ତି । ବେଲପଡା ଓ ଖପ୍ରାଖୋଲ ବ୍ଲକ୍‌ରେ ଜିଲା ଶ୍ରମ କାର୍ଯ୍ୟାଳୟ ତରଫରୁ କ୍ୟାମ୍ପ କରାଯାଇ କେତେ ଟଙ୍କା ନିର୍ମାଣ ଶ୍ରମିକ ଫି ଆଦାୟ କରାଯାଇଛି ଓ କେତେ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି ତାର ତଦନ୍ତ କରାଯିବାକୁ ଦାବି କରାଯାଇଛି। ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ସାଇକଲ, ଯନ୍ତ୍ରପାତି ସହାୟତା, ନିରାପତ୍ତା ଉପକରଣ ଯୋଗାଣ, ସାଇକଲ କିଣାକୁ ନେଇ ତଦନ୍ତ କରାଯିବାକୁ ଦାବି କରାଯାଇଛି । ଦକ୍ଷତା ବିକାଶ ନାଁରେ ଦାଦନପ୍ରବଣ ବଲାଙ୍ଗୀର ଜିଲାରେ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ଲେବର ନେଟ୍, ଭାସ୍କର ଫାଉଣ୍ଡେସନ୍, ଗୁପ୍ତା ଏଣ୍ଡ ଗୁପ୍ତା, ଆରପିଏଲଭି ଭଳି ସଂସ୍ଥା ଶ୍ରମ ଅଧିକାରୀଙ୍କ ଅନୁରୋଧକ୍ରମେ ଯନ୍ତ୍ରପାତି ସହାୟତା, ନିରାପତ୍ତା ଉପକରଣ, ଓ ପ୍ରଶିକ୍ଷଣ ଅବଧି ସକାଶେ ପାରିଶ୍ରମିକ ବଣ୍ଟନରେ ଘୋର ଅନିୟମିତା ହୋଇଥିବା ଅଭିଯୋଗ କରିଥିଲେ । ଏସବୁର ଭିଜିଲାନ୍ସ ତଦନ୍ତ କରାଗଲେ ଅନେକ ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ଦାବି କରାଯାଇଛି । ସହକାରୀ ଶ୍ରମ କମିଶନର ସରୋଜ ରଞ୍ଜିତ ଦାବିପତ୍ର ଗ୍ରହଣ କରିଥିଲେ । ଜିଲାର ବିଭିନ୍ନ ଅଞ୍ଚଳର ନିର୍ମାଣ ଶ୍ରମିକ ଏଥିରେ ଯୋଗଦାନ କରିଥିଲେ।




ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ନିର୍ମାଣ ଶ୍ରମିକ ୟୁନିଅନ ପକ୍ଷରୁ ଘେରାଉ କରାଯାଇଛି।



ଶାରଳା ଶକ୍ତିପୀଠରେ ଷୋଳପୂଜା ପାଇଁ ପୂଜାର୍ଚ୍ଚନା କରାଯାଉଛି।

## ଶାରଳା ଶକ୍ତିପୀଠରେ ଷୋଳପୂଜା

ଲୋଇସିଂହା,୨୩।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଢୋଲମହୁଲସ୍ଥିତ ଶାରଳା ଶକ୍ତିପୀଠରେ ଷୋଳପୂଜା ରବିବାରଠାରୁ ଆରମ୍ଭ ହୋଇଛି। ପୂଜା ଅକ୍ଟୋବର ୭ ତାରିଖ ଉଦ୍‌ଯାପିତ ହେବ । ଏଠାରେ ପୀଠର ପୃଷ୍ଠପୋଷକ ମୂରଲୀ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହେଉଛି। ପୀଠ ପ୍ରଥମ ଅଧୀବେଶନ ପୂଜା ସକାଳ ୮ ରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଚାଲୁ ରହିଛି। ଦ୍ୱିତୀୟ ଅଧିବେଶନରେ ସନ୍ଧ୍ୟା ଆଳତୀ ଓ ଶକ୍ତି ପାହୁଡ କାର୍ଯ୍ୟକ୍ରମ ରହିଛି। ପୀଠରେ ପ୍ରତ୍ୟେକ ଦିନ ଅର୍ଚ୍ଚନ, ହବନ, ଚଣ୍ଡୀପାଠ କରାଯାଉଛି।

## ସଂକ୍ଷେପରେ

### କମେଣ୍ଟ ମରାକୁ ନେଇ ତୁମୁଳକାଣ୍ଡ

ଲୋଇସିଂହା, ୨୩।୯(ଡି.ଏନ.ଏ.): ଲୋଇସିଂହା ଥାନା ଅନ୍ତର୍ଗତ ହୀରାପୁର ଗ୍ରାମରେ କମେଣ୍ଟମରାକୁ ନେଇ ତୁମୁଳକାଣ୍ଡ ଘଟିଛି। ଉଭୟ ପକ୍ଷରୁ ମାମଲା ଥାନାକୁ ଯାଇଛି। ଗାଁର ଗୋଟିଏ ପରିବାର ଗ୍ରାମବାସୀଙ୍କୁ ମାଡ ମାରିବା, ଥାନାରେ ମିଥ୍ୟା ଅଭିଯୋଗ ଆଣିବା ଓ ପୁଅଜୁଉଁଆ ଓଷା ନିକଟରେ ଜଣେ ଯୁବତୀକୁ ମାଡ ମାରିବା ଘଟଣାରେ ପୋଲିସ କୋହଳ ମନପୋଷଣ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ସୋମବାର ସନ୍ଧ୍ୟାରେ ଗ୍ରାମବାସୀ ଲୋଇସିଂହା ଥାନା ଘେରାଉ କରିଥିଲେ। ସମ୍ପୃକ୍ତ ପରିବାର ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସୂଚନାମତେ, କିଛିବର୍ଷ ହେଲା ଗୋଟିଏ ପରିବାର ସକମାରୁ ଯାଇ ହୀରାପୁରରେ ରହୁଛନ୍ତି। ସେହି ପରିବାରର ଜଣେ ଯୁବତୀଙ୍କୁ ଗ୍ରାମର କେତେକ ଯୁବକ କୁଆଡେ କମେଣ୍ଟ ମାରିଥିଲେ। ଏହାର ପ୍ରତିବାଦ କରି ଜଣେ ଯୁବକଙ୍କୁ ସମ୍ପୃକ୍ତ ଯୁବତୀ ଜଣକ ମାଡ ମାରିଥିଲେ। ରବିବାର ଗାଁରେ ପୁଅ ଜୁଉଁଆ ପୂଜା ଚାଲିଥିବାବେଳେ ସେହି ଯୁବତୀ ଜଣକ ସମ୍ପୃକ୍ତ ଯୁବକଙ୍କ ଭାଉଣୀକୁ ମାଡ ମାରିଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଖବର ପାଇ ଲୋଇସିଂହା ପୋଲିସ ହୀରାପୁର ଯାଇଥିଲା। ଏହି ସମୟରେ କୁଆଡେ ସେହି ପରିବାର ଲୋକେ ପୋଲିସକୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଗ୍ରାମବାସୀ ଅଭିଯୋଗ କରଛନ୍ତି। ଅପରପକ୍ଷେ ସେହି ପରିବାର ଲୋକଙ୍କୁ ପୋଲିସ ଭ୍ୟାନରେ ଡାକ୍ତରୀ ପରୀକ୍ଷା ପାଇଁ ନେଉଥିବା ବେଳେ ଗାଡି ଆଗକୁ ଆସି ଗ୍ରାମର ମହିଳା ଓ ପୁରୁଷମାନେ ପ୍ରତିବାଦ କରିଥିଲେ। ବୁଝାସୁଝା ପରେ ଭ୍ୟାନକୁ ସେମାନେ ଛାଡିଥିଲେ। ଅପରପକ୍ଷେ କମେଣ୍ଟ ମରାକୁ ନେଇ ସମ୍ପୃକ୍ତ ଯୁବତୀ ମଧ୍ୟ ସେହି ଯୁବକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି।

### ଗାଡ଼ି ଯାଞ୍ଚ, ୪୩ ହଜାର ୧୫୦ଟଙ୍କା ଆଦାୟ

ଗୁଡଭେଲା,୨୩।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ଥାନା ଅଧିକାରୀ ଯଶୋବନ୍ତ ପ୍ରଧାନୀଙ୍କ ନେତୃତ୍ୱରେ ମହିପୁର ଛକଠାରେ ଗାଡିଗୁଡିକର କାଗଜପତ୍ର ଯାଞ୍ଚ କାର୍ଯ୍ୟ କରାଯାଇଥିଲା । ବଲାଙ୍ଗୀର ଜେଏମଏଫସି କୋର୍ଟର ମାଜିଷ୍ଟ୍ରେଟ ଦିଲୀପ କୁମାର ବାରିକଙ୍କ ଉପସ୍ଥିତିରେ ୬୦ଟି ଗାଡି ଯାଞ୍ଚ ହୋଇଥିଲା । ୧୮ଟି ଚାରିଚକିଆ ଯାନ ଓ ୪୨ଟି ଦୁଇ ଚକିଆ ଯାନ ଯାଞ୍ଚ କରାଯାଇଥିବା ବେଳେ ସେମାନଙ୍କଠାରୁ ୪୩,୧୫୦ଟଙ୍କା ଆଦାୟ କରାଯାଇଛି।

### ଗଛରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଲୋଇସିଂହା,୨୩।୯(ଡି.ଏନ.ଏ.): ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ଗ୍ରାମର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ସୋମବାର ପୋଲିସ ଉଦ୍ଧାର କରିଛି । ମୃତା ମହିଳା ହେଲେ ସେହି ଗ୍ରାମର ଲକ୍ଷ୍ମୀ ପଟେଲ(୨୮)। ଜବତ ମୃତଦେହକୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ ଲୋଇସିଂହା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏସଆଇ ନବୀନ ଭୋଇ ପ୍ରକାଶ କରିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସମ୍ପୃକ୍ତ ମହିଳାଙ୍କ ମୃତଦେହ ଘରଠାରୁ ଏକକିମି ଦୂର ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା।

ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି

# ୧୦୮ ଅଭିଯୋଗ, ୧୭ଟିର ତତ୍କାଳ ସମାଧାନ

ଖପ୍ରାଖୋଲ, ୨୩।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଅରିନ୍ଦମ ଡାକୁଆ ଓ ଆରକ୍ଷୀ ଅଧୀକ୍ଷକ ମଦଗର ସନ୍ଦିବ ସମ୍ପତଙ୍କ ମିଳିତ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି । ୧୦୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲଶ। ସେଥିରୁ ୯୨ଟି ବ୍ୟକ୍ତିଗତ ଏବଂ ୧୬ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ସେହିପରି ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ସଂକ୍ରାନ୍ତୀୟ ଥିବା ଜଣାଯାଇଛି । ଏଥିମଧ୍ୟରୁ ୧୭ଟିର ତତ୍କାଳ ସମାଧାନ କରାଯାଇଥିଲା। ୨ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିବାବେଳେ ୧୪ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର କରିଥିଲେ ଜିଲାପାଳ ଡାକୁଆ । ପାଟଣାଗଡ ଉପଜିଲାପାଳ ସୋମନାଥ ପଧାନ, ଏସ୍‌ଡିପିଓ ସୁରେଶ କୁମାର ନାଏକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ୍ର ତ୍ରିପାଠୀ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ମୁରଲୀଧର ବେହେରା, ଅବକାରୀ ବିଭାଗ ଓଆଇସି ଅନ୍ନପୂର୍ଣ୍ଣା ରଥ, ଜିଲା ଶିକ୍ଷା ଅଧିକାରୀ କେ.ଲେଙ୍କା, ଏଡିପିଆରଓ ରୀତାକାନ୍ତି ବଳିୟାର ସିଂ, ଉପଖଣ୍ଡ ଯୋଗାଣ ଅଧିକାରୀ ବିଜୟ କୁଲୁ, ଖପ୍ରାଖୋଲ ସିଏଚସି ମେଡିକାଲ ଅଫିସର ଉତ୍କଳମଣି ମେହେର, ବିଡିଓ ତରଣୀ ସୁନା ପ୍ରମୁଖ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।



ଜନଶୁଣାଣି କାର୍ଯ୍ୟକ୍ରମ ପାଇଁ ପଞ୍ଜୀକରଣ କରାଯାଉଛି।

## ତହସିଲଦାରଙ୍କୁ ଦାବିପତ୍ର ଦେଲେ ଚାଷୀ

ଡୁଙ୍ଗୁରିପାଲି, ୨୩।୯(ଡି.ଏନ୍.ଏ.)

ତଳମୁଣ୍ଡ ଜମିକୁ କେନାଲ ପାଣି ପହଞ୍ଚୁନି। ଏହିମର୍ମରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅର୍ନ୍ତଗତ କପାଶିରା ବିଷ୍ଣୁଦେବୀ ପାଣି ପଞ୍ଚାୟତର ଶତାଧିକ ଚାଷୀ ସୋମବାର ରାମପୁର ତହସିଲ ଅଫିସକୁ ଆସିଥିଲେ। ତହସିଲଦାରଙ୍କ ଅନୁପସ୍ଥିତରେ ଆଡସିନାଲ ତହସଲିଦାର ରୋହିତ ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଚଳିତ ଖରିଫ ଋତୁରେ କେନାଲ ପାଣି ଜମିକୁ ନ ପହଞ୍ଚିବାରୁ ଫସଲ ପ୍ରଭାବିତ ହେଉଛି। ବର୍ତ୍ତମାନ ଧାନ ବାହାରିବା ସମୟ ହୋଇଥିବାରୁ ଜଳଭାବ ଚାଷୀର ଚିନ୍ତା ବଢାଇ ଦେଇଛି। ବିଷ୍ଣୁଦେବୀ ପାଣି ପଞ୍ଚାୟତ ସଭାପତି ରାଜ ଗୋପାଳ ପଧାନ, ସମ୍ପାଦକ ଅରକ୍ଷିତ ପଧାନ, ଜିତେନ ପଧାନ, ଭରତ ନାଗ, ସାଧୁ ଚରଣ ସା, ରୋହିତ ସେଠ୍, କଲାକାହ୍ନୁ ମହାନନ୍ଦ, ଦିପିଲ ପଧାନ ପ୍ରମୁଖ ଚାଷୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ । ଏ ନେଇ ଆଡସିନାଲ ତହସିଲସଦାର ଭୋଇଙ୍କୁ ଯୋଗାଯୋଗ କରିବାରୁ ଚାଷୀଙ୍କ ଦାବିପତ୍ରକୁ ବରପାଲି କେନାଲ ବିଭାଗୀୟ ଏକଜିକ୍ୟୁଟିଭ ଯନ୍ତ୍ରୀଙ୍କୁ ପଠାଇ ଦେଇଛି। ଘଟଣାର ତଦନ୍ତ କରି ତଳମୁଣ୍ଡ ଚାଷୀମାନଙ୍କୁ କିପରି ଅବିଳମ୍ବେ କେନାଲ ପାଣି ଯୋଗାଇ ଦିଆଯାଇ ପାରିବ ତାହାର ବ୍ୟବସ୍ଥା କରିବାକୁ କେନାଲ ବିଭାଗକୁ ଜଣାଇଥିବା ପ୍ରକାଶ କରିଛନ୍ତି।

ମାଲପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କଲେ ବିଧାୟକ

# ସମସ୍ୟା ଦେଖିଲେ, ସମାଧାନ ପ୍ରତିଶ୍ରୁତି ଦେଲେ

ଲାଠୋର, ୨୩।୯ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ମାଲପଡା ପଞ୍ଚାୟତ ସଦର ଗ୍ରାମ ମାଲପଡାରେ ଥିବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାନା ସମସ୍ୟା ଲାଗି ରହିଛି। ଏହାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ସ୍ଥାନୀୟ ଜନସାଧାରଣ ପାଟଣାଗଡ ବିଧାୟକ ସରୋଜ ମେହେରଙ୍କ ଲାଠୋର ଗସ୍ତ ସମୟରେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ ଅନୁସୂଚୀତ ଜାତି ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ଗତ ୧୯୫୧ ମସିହାରେ ମାଲପଡାଠାରେ ଏକ ବିଦ୍ୟାଳୟ ସ୍ଥାପନ କରି ଅଞ୍ଚଳର ଅନୁସୂଚୀତ ଜାତି ଜନଜାତିଙ୍କ କ୍ଷେତ୍ରରେ ଶିକ୍ଷାର ବିକାଶ ଉଦ୍ଦେଶ୍ୟରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏ ପାଠ ପଢ଼ା ଆରମ୍ଭ କରାଗଲା। ପରବର୍ତ୍ତୀ ସମୟରେ ଉଚ୍ଚ ଶିକ୍ଷାର ଆବଶ୍ୟକତା ଲକ୍ଷ୍ୟକରି ସରକାର ୨୦୦୬ ମସିହାରେ ଯୁକ୍ତଦୁଇ ବିଜ୍ଞାନ ଏବଂ ବାଣିଜ୍ୟ ପାଠ୍ୟକ୍ରମ ଆରମ୍ଭ କରି ଏହାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରୂପାନ୍ତରିତ କଲେ। ବର୍ତ୍ତମାନ ବିଦ୍ୟାଳୟରେ ଜିଲା ତଥା ଜିଲା ବାହାରୁ ପିଲାମାନେ ପାଠ ପଢୁଛନ୍ତି। ଷଷ୍ଠରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସେଥିରୁ ୭୩୬ଜଣ ଛାତ୍ରୀଛାତ୍ର ବିଦ୍ୟାଳୟରେ ରହି ପାଠ ପଢୁଛନ୍ତି। ହେଲେ ସେମାନେ ନାନା ସମସ୍ୟା ମଧ୍ୟରେ ଛନ୍ଦି ହୋଇ ରହିଛନ୍ତି। ଆବଶ୍ୟକତା ମୁତାବକ ହଷ୍ଟେଲ ନାହିଁ। ପାନୀୟ ଜଳର ସମସ୍ୟା ରହିଛି, ଶୌଚାଳୟର ବ୍ୟବସ୍ଥା ଶୋଚନୀୟ । ପିଲାମାନେ ବସି ଖାଇବା ପାଇଁ ଏକ ଡାଇନିଂ ହଲ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଥିବାରୁ ପିଲାମାନେ ତଳେ ବସି ଖାଉଛନ୍ତି। ଅପରପକ୍ଷେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷକ ଏବଂ ଯୁକ୍ତଦୁଇରେ ଅଧ୍ୟାପକ ଓ କିରାଣୀ ପଦବୀର ଅଭାବ ରହିଛି। ବିଶେଷ କରି ଦୀର୍ଘଦିନ ହେବ ବିଦ୍ୟାଳୟରେ ଅଧ୍ୟକ୍ଷ ପଦବୀ ଖାଲି ରହିଥିଲେ ହେଁ ସେଠାରେ ନୂତନ ଅଧ୍ୟକ୍ଷ ନିଯୁକ୍ତି ଦେବା ପରିବର୍ତ୍ତେ ବିଭାଗ ଜଣେ ସହକାରୀ ଶିକ୍ଷକଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦେଇ ଚୁପ୍ ବସିଛି। ଫଳରେ ପିଲାମାନେ ଶିକ୍ଷା କ୍ଷେତ୍ରରେ ମଧ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସବୁ ସମସ୍ୟାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ହେଁ ସମାଧାନର ବାଟ ଫିଟୁନାହିଁ। ପାଟଣାଗଡ ବିଧାୟକ ମେହେର ହଠାତ ପରିଦର୍ଶନରେ ଉକ୍ତ ବିଦ୍ୟାଳୟକୁ ଆସିବାରୁ ପରିଚାଳନା ସମିତିର ସଭ୍ୟ ଏବଂ ସ୍ଥାନୀୟ ଜନସାଧାରଣ ତାଙ୍କୁ ଉପରୋକ୍ତ ସମସ୍ୟା ଉପରେ ଅବଗତ କରିଥିଲେ। ଯଥାଶୀଘ୍ର ଏହି ସମସ୍ୟା ଗୁଡିକର ସମାଧାନ କରାଯିବ ବୋଲି ବିଧାୟକ ସ୍ଥାନୀୟ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ଏହି ପରିଦର୍ଶନ ସମୟରେ ବିଧାୟକଙ୍କ ବ୍ଲକ ପ୍ରତିନିଧି ପଞ୍ଚୁଦେବ ସାହୁ, ବ୍ଲକ ଯୁବ ସଂଗଠକ ନରେନ୍ଦ୍ର ଭୋଇ, ବିଦ୍ୟାଳୟ ନୋମିନି ହୃଦାନନ୍ଦ ପୁଟେଲ, ସମିତି ସଭ୍ୟ ମୋହନ ସୁନା, ଯୁବରାଜ ବେହେରା, ଶିଶୁ ପଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।



ମାଲପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ବିଧାୟକ ସରୋଜ ମେହେର।

# ଡିଗ୍ରୀ କଲେଜରେ ସ୍ୱାଗତ ସମାରୋହ

ଲାଠୋର, ୨୩।୯ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ସୋମବାର ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରସନ୍ନ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ସ୍ୱାଗତ ସଙ୍ଗୀତ ପରିବେଶଣ ପରେ ଯୁକ୍ତତିନି ବାଣିଜ୍ୟ ବିଭାଗ ଶେଷବର୍ଷର ଛାତ୍ର ସୁଦାମ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଦାସ ନୂତନ ଭାବେ ଯୁକ୍ତତିନି କଳା ଏବଂ ବାଣିଜ୍ୟ ପ୍ରଥମ ବର୍ଷରେ ନାମ ଲେଖାଇ ଥିବା ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟ ଅତିଥିମାନେ ମଧ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀ ରଶ୍ମିତା ସରାପ, ଭାଗ୍ୟଶ୍ରୀ ଭଇଁଷାଳ, ଛାତ୍ର ପବିତ୍ର ବାଗ, ସୁରେଶ ବାଗ, ଦେବବ୍ରତ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ଯୁକ୍ତଦୁଇ, ଡିଗ୍ରୀ କଲେଜ ପରିଦର୍ଶନ କଲେ ବିଧାୟକ

# ପରିଚାଳନା ପ୍ରକ୍ରିୟାକୁ ନେଇ ଅସନ୍ତୋଷ

ଦେଓଗାଁ,୨୩।୯( ଡି.ଏନ.ଏ.)

ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତଦୁଇ ଓ ଶାଶ୍ୱତ ଡିଗ୍ରୀ ମହାବିଦ୍ୟାଳୟରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଆସୁଛି । ସୋମବାର କଲେଜକୁ ବିଧାୟକ ନରସିଂହ ମିଶ୍ର ପରିଦର୍ଶନରେ ଆସି ଉକ୍ତ ଅଭିଯୋଗ ଉପରେ ତଦାରଖ କରିଛନ୍ତି । ପ୍ରଥମେ ଯୁକ୍ତଦୁଇ କଲେଜରେ ଅଧ୍ୟକ୍ଷ ବିମଳ କିଶୋର ସାହୁଙ୍କଠୁ କଲେଜର ସ୍ଥିତି ଉପରେ ଅବଗତ ହେବା ସହ କ୍ୟାସ୍‌ବହି ତଥା ଅନ୍ୟାନ୍ୟ କାଗଜପତ୍ର ତଦାରଖ କରିଥିଲେ । ଏହି ଅବସରରେ ବିନା ବିଜ୍ଞାପନରେ ଦୁଇ ଜଣଙ୍କୁ କଲେଜ କର୍ତ୍ତୃପକ୍ଷ ବେଆଇନଭାବେ ନିଯୁକ୍ତି ଦେଇଥିବା ତଥା କଲେଜ କର୍ମଚାରୀଙ୍କ ନିଜସ୍ୱ ଜମାଖାତାରେ କଲେଜ ଟଙ୍କା ରଖୁଥିବା ଗ୍ରାମର କିଛିବ୍ୟକ୍ତି ଅଭିଯୋଗ ଉଠାଇଥିଲେ । ଅନେକଦିନ ହେଲା ପରିଚାଳନା କମିଟି ବୈଠକ ବସୁ ନ ଥିବା ତଥା ବିଧାୟକଙ୍କ କଲେଜ ପ୍ରତିନିଧିଙ୍କୁ ଜଣାଉ ନଥିବାରୁ ମିଶ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ।

ସେହିପରି ଶାଶ୍ୱତ ଡିଗ୍ରୀ କଲେଜର ଅବ୍ୟବସ୍ଥା ଉପରେ ମଧ ବିଧାୟକ ଅବଗତ ହୋଇଥିଲେ । କଲେଜ ଅଧ୍ୟକ୍ଷ ସୁରେଶ କୁମାର ବାରିକ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ । କଲେଜରେ ବେଆଇନଭାବେ ନିଯୁକ୍ତି କରାଯାଇଥିବା ଓ ମନୋମୁଖୀଭାବେ କଲେଜ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ଏଥିସହ ଉଭୟ କଲେଜର କୌଣସି ଉନ୍ନୟନ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ କରିଥିଲେ। ପରିଚାଳନା କମିଟି ର ବୈଠକ ୨ ବର୍ଷହେଲା ବସୁ ନ ଥିବାରୁ କିପରିଭାବେ ଆୟବ୍ୟୟର ହିସାବ କରାଯାଉଛି ଓ ବଜେଟ ପାସ୍ ହେଉଛି ବୋଲି ବିଧାୟକ ମିଶ୍ର ପ୍ରଶ୍ନ କରିଥିଲେ । ୨୦୧୧-୧୨ଆର୍ଥିକ ବର୍ଷରୁ କଲେଜର ବାଲାନ୍ସ ସିଟ୍ ତିଆରି କରାଯାଉ ନଥିବା ଯୋଗୁଁ ଅଡିଟ ହୋଇପାରୁ ନଥିବା ଜଣାପଡିଥିଲା । ଏଣୁ ଏସବୁର ଉଚ୍ଚସ୍ତରୀୟ ତଦନ୍ତ ହେବ ବୋଲି ବିଧାୟକ ନରସିଂହ ମିଶ୍ର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇଥିଲେ । ଏହି ଅବସରରେ ବିଏନଏ ସଭାପତି ସୁନ୍ଦରମଣୀ ଦଣ୍ଡସେନା, ଦେବପ୍ରସାଦ ମେହେର, କରୁଣାକର ମେହେର, ଦୀନବନ୍ଧୁ ମନହୀରା, ନାରାୟଣ ସିଂନିନା, ଦୟାନିଧି ମେହେର, ଦୁର୍ଗା ପ୍ରସାଦ ସିଂଦେଓ, ଲକ୍ଷ୍ମୀ ମହାନ୍ତି, ସରପଞ୍ଚ କୁଶମଣୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।



ଜରାସିଂହା କଲେଜ ପରିଦର୍ଶନ କରୁଛନ୍ତି ବିଧାୟକ ନରସିଂହ ମିଶ୍ର।



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ସଂକ୍ଷେପରେ

### କବି ଲବଣେଶ୍ୱର ବାରିକ ମାଟିର ମଣିଷ ସମ୍ମାନରେ ସମ୍ମାନିତ

**ଖଡିଆଳ,୨୩।୯ (ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଳ ବ୍ଲକ କାଶିପଲା ଗ୍ରାମର ଲବଣେଶ୍ୱର ବାରିକଙ୍କୁ କଟକସ୍ଥିତ କୌଶଲ୍ୟା ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ୨୦୧୯ ବର୍ଷ ପାଇଁ ମାଟିର ମଣିଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେ ଏକାଧାରରେ ଶିକ୍ଷାବିତ, କବି, ସାମାଜିକ କର୍ମୀ, ପ୍ରକୃତ ପ୍ରେମୀ, ଧର୍ମାଚାର୍ଯ୍ୟ । ଏହି ଖବର ଜାଣାପଡ଼ିବା ପରେ ନୂଆପଡା ଜିଲା ତଥା ଖଡିଆଳ ଓ କାଶିପଲା ଗ୍ରାମରୁ ଅନେକ ଶୁଭେଚ୍ଛାର ବାର୍ତ୍ତା ତଥା ଖୁସିର ଲହରି ଖେଳିଯାଇଛି। କବି ଲବଣେଶ୍ୱର ବାରିକ ପୂର୍ବରୁ ଅନେକ ସମ୍ମାନରେ ସମ୍ମାନିତ ହୋଇଥିବା ବେଳେ ସେ କବିପଦ୍ମ, ପ୍ରଜ୍ଞାପ୍ରାଣ, କଳାଭୂଷଣ, ଆଦର୍ଶ ଶିକ୍ଷକ, ଆଦର୍ଶ କବି ଆଦି ସମ୍ମାନ ପାଇବା ସହିତ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ବଲ୍ଲାପାଲଙ୍କଠାରୁ ମାନପତ୍ର ମାନ ପାଇ ସାରିଛନ୍ତି । ଓଡିଆ ସାହିତ୍ୟକୁ ବଞ୍ଚାଇ ରଖିବାର ଗୌରବ ଅର୍ଜନ କରିଛନ୍ତି । କବି ଲବଣେଶ୍ୱର ବାରିକଙ୍କ ବର୍ତ୍ତମାନ ସୁଦ୍ଧା ୧୦ଟି ପୁସ୍ତକ ଯଥା ପ୍ରକାଶିତ ଶ୍ରୀକ୍ଷେତ୍ର ଓ ନବକଳେବର, କର୍ମଯୋଗ, ସ୍ୱାକ୍ଷର ଗିତ ମାଲା, ହୁଅ ସଚେତନ, ଚଉତିଶା ଗୁଚ୍ଛ, ଯୁଗଜ୍ୟୋତି, ପ୍ରାରବ୍ଧ, ସ୍ୱାକ୍ଷର ଗୀତମାଳା, ଦାରୁବ୍ରହ୍ମ, ଗୟା ମାହାତ୍ମ୍ୟ ଭଳି ଅନେକ ପୁସ୍ତକ ରଚନା କରିଛନ୍ତି। ଅନେକ ସଂଖ୍ୟାରେ ପାଣ୍ଡୁଲିପି ଗଚ୍ଛିତ ରଖିଛନ୍ତି ।

### ଫୁଟବଲ ଟୁର୍ନାମେଣ୍ଟ: ବନ୍ଧପାଲି ଚାମ୍ପିୟନ

**ଜମନକିରା,୨୩।୯(ଡି.ଏନ.ଏ.)-** ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବଡ଼ମାଲ ପଞ୍ଚାୟତ ଖେଳ ପଡ଼ିଆରେ ଗତ ୨ ଦିନ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଫାଇନାଲ ଖେଳରେ ଭାଲୁଡ଼ିହିକୁ ହରାଇ ବନ୍ଧପାଲି ବିଜେତା ଘୋଷିତ ହୋଇଥିଲା। ଏଥିରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ ।

କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମୀକ୍ଷା

# ଶିଶୁ, ମାତୃ ମୃତ୍ୟୁହାର ରୋକିବାକୁ ତାଗିଦ

**ନୂଆପଡା ଅଫିସ/କୋମନା, ୨୩।୯ (ଡି.ଏନ.ଏ.)**

ନୂଆପଡା ଜିଲାର ଉପାନ୍ତ ତଥା ଅବହେଳିତ ବ୍ଲକ କୋମନା ଅଞ୍ଚଳରେ ବିଭିନ୍ନ ସମୟରେ ମାତୃ ଏବଂ ଶିଶୁ ମୃତ୍ୟୁହାର ବୃଦ୍ଧି ଘଟିଥିବାର ବହୁ ନଜିର ରହିଛି। ଏହି ଅଞ୍ଚଳରେ ଲୋକଙ୍କ ସରଳତାର ସୁଯୋଗ ନେଇ ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ଅବହେଳା କରୁଥିବା ଅଭିଯୋଗ ହେଉଥିବାବେଳେ ଜିଲାପାଳ ମଧୁସ୍ମିତା ସାହୁ ବିଶେଷ ଦୃଷ୍ଟି ଦେଇଛନ୍ତି । ଏଠାରେ ଶିଶୁ ଏବଂ ମାତୃମୃତ୍ୟୁ ହାର ରୋକିବାକୁ ଯତ୍ନବାନ ହେବାକୁ ଜିଲାପାଳ କଡା ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ଅବହେଳା କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚାଇ ଦେଇଛନ୍ତି। ସୋମବାର ତାଙ୍କର କୋମନା ବ୍ଲକ ଗସ୍ତ ସମୟରେ



ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀ ଏବଂ ସ୍ୱାସ୍ଥ୍ୟକର୍ମୀମାନେ।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ଉପରେ ସମୀକ୍ଷା କରିବା ଅବସରରେ ଏହା କହିଛନ୍ତି ।

କୋମନା ବ୍ଲକ ପରିସରରେ କୋମନା ବ୍ଲକର ସ୍ୱାସ୍ଥ୍ୟ ସମସ୍ୟା ଉପରେ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ଜିଲାପାଳ ସାହୁ ଅଧ୍ୟକ୍ଷତା କରିଥିବାବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡା. ଦିବାକର ଓଝାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଅଧିକାରୀମାନେ ଯୋଗଦେଇଥିଲେ। ଏଥିରେ ବ୍ଲକର ବିଭିନ୍ନ ଉପାନ୍ତ ଅଞ୍ଚଳରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀମାନେ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଜିଲାପାଳ ଗୋଟି ଗୋଟି କରି ବୁଝିଥିଲେ। ଉକ୍ତ ଅଞ୍ଚଳରେ ଘଟୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ଭିତିକ ସମସ୍ୟା ଉପରେ ମଧ୍ୟ ଜିଲାପାଳ ଖବର ରଖିଥିଲେ। ଏହି ବ୍ଲକ ଅଞ୍ଚଳରେ ସୁନାବେଡା ଭଳି ଦୁର୍ଗମ ଅଞ୍ଚଳ ସବୁ ରହିଛି । ଏଠାରେ ବିଭିନ୍ନ ରୋଗରେ ଲୋକେ ମୃତ୍ୟୁବରଣ କରୁଛନ୍ତି । ସେମାନଙ୍କୁ ଉପଯୁକ୍ତ ସେବା ଏବଂ ପରାମର୍ଶ ଦିଆଯିବା ଆବଶ୍ୟକତା ରହିଥିବା କହିଥିଲେ । ଡାକ୍ତରଖାନାରେ ସବୁବେଳେ ଆବଶ୍ୟକ ମୁତାବକ ଜୀବନ ରକ୍ଷାକାରୀ ଔଷଧ ମହଜୁଦ ରଖିବାକୁ କହିଥିଲେ। ଏହି ପରିପ୍ରେକ୍ଷୀରେ ଡା. ଓଝା ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ବିବରଣୀ ରଖିଥିଲେ। ଶେଷରେ ଡା. ଓଝା ଧନ୍ୟବାଦ ଜ୍ଞାପନ କରିଥିଲେ । ବହୁ ଦିନ ପରେ ଜଣେ ଜିଲାପାଳ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗର ସମୀକ୍ଷା କରିଥିବାରୁ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# କୁରେଶ୍ୱରରେ ଏଥର ଭବ୍ୟ ହେବ ଦୁର୍ଗାପୂଜା

**ନୂଆପଡା ଅଫିସ/କୋମନା, ୨୩।୯ (ଡି.ଏନ.ଏ.)**

ନୂଅପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର(ଉଦ୍ୟାନବନ୍ଧ)ରେ ଏଥର ଶାରଦୀୟ ଦୁର୍ଗାପୂଜା ଉତ୍ସବ ଧୁମଧାମରେ କରାଯିବାକୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏଥିରେ ସଭାପତି ଭାବେ ମଧୁସୂଦନ ସୁନାନୀ ରହିଥିବାବେଳେ ଗୁଣନିଧି ବାଗ ଉପସଭାପତି, କ୍ଷେତ୍ରମୋହନ ମାଝି ସମ୍ପାଦକ, ପଦ୍ମଲୋଚନ ମାଝି ସହସମ୍ପାଦକ, କ୍ଷୀରୋଦ ମହାନ୍ତି କୋଷାଧ୍ୟକ୍ଷ ଦାୟିତ୍ୱରେ ରହିଛନ୍ତି । ଏହିଭଳି ଉପଦେଷ୍ଟା କମିଟିରେ ଚିତରଞ୍ଜନ ସୁନାନୀ, ଚଞ୍ଚଳ ସଗରିଆ, ଶ୍ୟାମ ମାଝି, ଅନନ୍ତ ଚରଣ ସାହୁ, ଗୁରୁବାରୁ ମାଝି, ମକର ହଂସ, ରୁପସିଂ ବାଗ, ଦିଲୀପ ସାହୁ, ହାଜି ଖାଁ ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି। ଏଥର ପୂଜାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ଅର୍ଥାତ ଅକ୍ଟୋବର ୪ ତାରିଖରେ କଳସ ଯାତ୍ରା ହେବ। ତାପର ଦିନ ମହା ସପ୍ତମୀ ପୂଜା, ରବିବାରଠାରୁ ରାତିରେ ବିଭିନ୍ନ କାର୍ଯ୍ୟକ୍ରମ ହେବ। ଏହି ଦିନ ଦଣ୍ଡନୃତ୍ୟ ମୁଖ୍ୟ ଆକର୍ଷଣ ରହିବ। ନବମୀ ଦିନ ରାତିରେ ମହିଳା ଦଣ୍ଡନୃତ୍ୟ ଏବଂ ଶେଷ ଦିନରେ ଅପେରା କରାଯିବାକୁ ଚୂଡାନ୍ତ ହୋଇଥିବା ସଭାପତିଙ୍କ ସୂତ୍ରରୁ ପ୍ରକାଶ। ଏତଦ ବ୍ୟତୀତ କାର୍ଯ୍ୟକ୍ରମକୁ ଆହୁରି ଲୋକାଭିମୁଖୀ କରିବାକୁ ପ୍ରତିଦିନ ଡ୍ୟାନ୍ସ ପ୍ରତିଯୋଗିତା କରାଯିବ । ଏଥିପାଇଁ ଇଚ୍ଛୁକ ପ୍ରତିଯୋଗୀମାନେ ମୋବାଇଲ ନମ୍ବର ୯୧୭୮୧୫୧୫୩୪ ଏବଂ ୯୧୭୮୩୫୬୭୪୯ରେ ଯୋଗାଯୋଗ କରିବାକୁ ଆହ୍ୱାନ କରାଯାଇଛି ।

# ୨୦୧୬ ବ୍ୟାଚ୍ କଲେଜ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ନୂଆପଡା ଅଫିସ/କୋମନା, ୨୩।୯ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ତିଖାଳିସ୍ଥିତ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପଠାରେ ସୋମବାର କୋମନା ଡିଗ୍ରୀ କଲେଜ ୨୦୧୬ ବ୍ୟାଚର ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ତିଖାଳିଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ କିଭଳି ପୁରାତନ ଛାତ୍ରୀଛାତ୍ରମାନେ ନିଜକୁ ସମାଜ ସେବାରେ ନିୟୋଜିତ କରିପାରିବେ ଓ ସମସ୍ତଙ୍କ ପାଇଁ ଏକ ଉଦାହରଣ ପାଲଟିବେ ସେ ନେଇ ବିଷଦଭାବରେ ଆଲୋଚନା କରାଯାଇଥିଲା । କଲେଜ ସୋସିଆଲ ମିଡିଆରେ ଯୋଡି ହେବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଆଗାମୀ ବର୍ଷ ବନ୍ଧୁମିଳନ ଉତ୍ସବର ରୂପରେଖ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଭାଗିରଥି ଭୋଇ ପରିଚାଳନା କରିଥିବାବେଳେ ରାଧେଶ୍ୟାମ ମାଝି, ନିତ୍ୟାନନ୍ଦ ନାଗ, କ୍ଷୁଦ୍ର ନିଆଲ,ଗୋବର୍ଦ୍ଧନ ହଂସ, କମଳ ନାଗ, ରୋମାଞ୍ଚଳ ସରାଫ ଓ ରୋଶନ ନିଆଲ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ର ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଶେଷରେ ସହଭୋଜ କାର୍ଯ୍ୟକ୍ରମରେ ହୋଇଥିଲା । ଏଥିରେ ସମସ୍ତେ ଯୋଗଦେଇ ଆଗାମୀ ବର୍ଷରେ ମଧ୍ୟ ଏହିଭଳି ଶତପ୍ରତିଶତ ଛାତ୍ରୀଛାତ୍ର ଯୋଗଦେବାକୁ ସହମତି ପ୍ରକାଶ କରିଥିଲେ।

## ବୋଡ଼େନ୍ ଅଞ୍ଚଳରେ ପୁଅଜିଉଁତିଆ ପାଳିତ

**ବୋଡେନ,୨୩।୯ (ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ଅଞ୍ଚଳର ବିଭିନ୍ନ ଗାଁରେ ଦୁତିବାହାନ ଓଶା ବା ପୁଅ ଜିଉଁତିଆ ପାଳିତ ହୋଇଛି। ରବିବାର ସକାଳୁ ମା'ମାନେ ସ୍ନାନ କରି ନିର୍ଜଳା ଉପବାସ ରହି ସନ୍ଧ୍ୟାରେ ଓଷା କରୁଥିବା ମହିଳମାନେ ଏକତ୍ରିତ ହୋଇ ପୁରାଣ ପାଠ ବା ପୂଜା ଅର୍ଚ୍ଚନା କରାଯାଇଥିଲା। ଏପରିକି ବିନପୁର, ସୁନାପୁର, ବେଲପଡା ଆଦି ଅଞ୍ଚଳରେ ପୁଅ ଜିଉଁତିଆ ପୂଜା କରାଯାଇଥିଲା । ତା ପରଦିନ ସକାଳେ ମହିଳାମାନେ ୨୧ ପ୍ରକାର ଫଳ ମୂଳ ନେଇ ପୂଜା କରିଥିଲେ। ନିଜ ପୁତ୍ର ସନ୍ତାନଙ୍କ ମଙ୍ଗଳ ତଥା ଦୀର୍ଘ ଜୀବନ କାମନା କରିବା ମା'ମାନେ ଏହି ଓଷା ପାଳନ କରିଥାନ୍ତି। ବେଲପଡାଠାରେ ଜୟପ୍ରସାଦ ପାଣିଗ୍ରାହୀ ପୁରାଣ ପାଠ କରିଥିବା ବେଳେ ବିନପୁରରେ ଗୌରିଶଙ୍କର ନାଗ ପୁରାଣ ପାଠ କରିଥିଲେ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**କୋମନା,୨୩।୯ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକସ୍ଥିତ ରାଜୀବ ସେବା କେନ୍ଦ୍ରରେ ଜିଲାପାଳ ମଧୁସ୍ମିତା ସାହୁଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବବିରରେ କୋମନା ବ୍ଲକ ଅଞ୍ଚଳର ୭୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ପଞ୍ଜୀକୃତ ହୋଇଥିବା ପ୍ରମୁଖ ଅଭିଯୋଗୁଡିକ ମଧ୍ୟରେ ଇନ୍ଦିରା ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ପିଏମଆରଏଫ ଓ ଅନ୍ୟାନ୍ୟ ସମସ୍ୟାଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଏସ୍‌ପି ବିନୀତ ଅଗ୍ରୱାଲ ଓ ବିଭିନ୍ନ ବିଭାଗ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ବିଡିଓ ଶ୍ୟାମଲ କୁମାର ରାୟ, ଏବିଡିଓ ଦେବାଶିସ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତିଭା ଅନୁଷ୍ଠାନର ନୂଆଁଖାଇ ଭେଟ୍‌ଘାଟ୍‌ରେ ଉପସ୍ଥିତ ଅତିଥି ।

# ପ୍ରତିଭା ଅନୁଷ୍ଠାନର ନୂଆଁଖାଇ ଭେଟ୍‌ଘାଟ୍

**ଭବାନୀପାଟଣା,୨୩।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ସାଂସ୍କୃତିକ ଅନୁଷ୍ଠାନ ପ୍ରତିଭା ପକ୍ଷରୁ ସ୍ଥାନୀୟ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିଆମର ରେଣ୍ଡୋ ମାଝି ମଞ୍ଚଠାରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଦର ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ମୁଖ୍ୟଅତିଥି, ମହାବୀର ସାଂସ୍କୃତିକ ଅନୁଷ୍ଠାନ ସମ୍ପାଦକ ସତ୍ୟ ନାରାୟଣ ସିଂ, ବିଜେଡି କାର୍ଯ୍ୟକାରୀ ସଭାପତି ତଥା ନାଟ୍ୟ ନିର୍ଦ୍ଦେଶକ ପ୍ରବୋଧ ରଥ, ଭାଜପାର ସାଧାରଣ ସମ୍ପାଦକ ତଥା ସଙ୍ଗଠକ ଭବାନୀଶଙ୍କର ନିଆଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କଳାହାଣ୍ଡି ମାଟିର ପ୍ରାଚୀନ କଳା ସଂସ୍କୃତିକୁ ସମୃଦ୍ଧ କରିବାରେ ପ୍ରତିଭା ଅନୁଷ୍ଠାନର ଭୂମିକା ପ୍ରଶଂସନୀୟ। ଏହା ସହ ଏହି କାର୍ଯ୍ୟକ୍ରମ ଏକତା ଓ ଭାଇଚାରାର ମଧ ବାର୍ତ୍ତା ଦେଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଜିଲାର ବରିଷ୍ଠ ଉଦଘୋଷକ ଭାନୁ ପ୍ରକାଶ ରଥ ପରିଚାଳନା କରିଥିଲେ। ପଶ୍ଚିମ ଓଡିଶାର ମହାନ କଣ୍ଠଶିଳ୍ପୀ ସର୍ବେଶ୍ୱର ଭୋଇ, ନିଳାଞ୍ଚଳ ପାନ, ଯଯାତି କେଶରୀ ନାୟକ, ରୁବି ମହାନ୍ତି, ନବୀନ କଂହର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ଶଙ୍କର ବେହେରା ଓ ଅନ୍ୟାନ୍ୟ ନୃତ୍ୟ ଶିଳ୍ପୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଶୀଲ କୁମାର ଗହୀର ପରିଚାଳନା କରିଥିଲେ। ଅନୁଷ୍ଠାନ ସଭାପତି ଧାନନନ୍ଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଚିଣ୍ଟୁ ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଃଶୁଳ୍କ ଅସ୍ଥି, ମେରୁଦଣ୍ଡ ଚିକିତ୍ସା ଶିବିର

**ସିନାପାଲି,୨୩।୯ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲିସ୍ଥିତ ଅଗ୍ରସେନ ଭବନଠାରେ ମାରୱାଡି ଯୁବାମଞ୍ଚ ଶାଖା ପକ୍ଷରୁ ଦିନିକିଆ ନିଃଶୁଳ୍କ ଅସ୍ଥି ଓ ମେରୁଦଣ୍ଡ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ସୋମବାର ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ୧୩୦ ଜଣ ରୋଗୀ ଚିକିତ୍ସିତ ହେବା ସହିତ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ମୁମ୍ବାଇ ସ୍ଥିତ ଏକ ଡାକ୍ତରଖାନାରେ କାର୍ଯ୍ୟରତ ଅସ୍ଥି ଓ ମେରୁଦଣ୍ଡ ବିଶେଷଜ୍ଞ ଡ.ବିପୁଲ କୁମାର ଗର୍ଗ ଯୋଗଦେଇ ରୋଗୀମାନଙ୍କୁ ଚିକିତ୍ସିତ କରିଥିଲେ। ଯୁବାମଞ୍ଚ ସଭାପତି ଉମାଶଙ୍କର ଅଗ୍ରୱାଲ, ସମ୍ପାଦକ ଅମିତ କୁମାର ଜୈନ, ରିତେଶ ଜୈନ, ମହେନ୍ଦ୍ର ଅଗ୍ରୱାଲ, ବିକ୍ରମ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ପ୍ରମୋଦ ଜୈନ, ଦିନେଶ ଅଗ୍ରୱାଲ, ମୁକେଶ ଅଗ୍ରୱାଲ, ରାହୁଲ ଗର୍ଗଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ରୋଗୀମାନଙ୍କୁ ଚିକିତ୍ସା କରାଇବାରେ ସହଯୋଗ କରିଥିଲେ। ଏଥିରେ ସିନାପାଲି ବିଭିନ୍ନ ଅଞ୍ଚଳରୁ ରୋଗୀମାନେ ଆସି ଚିକିତ୍ସିତ ହୋଇଥିଲେ। ଆଗାମୀ ଦିନରେ ଏଭଳି ସେବା କାର୍ଯ୍ୟ ଜାରି ରହିବ ବୋଲି ଯୁବାମଞ୍ଚ ତରଫରୁ ଜଣାପଡିଛି ।



ଜଣେ ରୋଗୀଙ୍କୁ ଚିକିତ୍ସା କରାଯାଉଛି।

# ୫ମ ଇଣିପେଣ୍ଡେନ୍ସ ଫୁଟବଲ: ସିହିନାମୁଣ୍ଡା ଚାମ୍ପିୟନ

**କୋମନା,୨୩।୯ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ସିହିନାମୁଣ୍ଡାଠାରେ ଚାଲିଥିବା ୫ମ ଇଣ୍ଡିପେଣ୍ଡେନ୍ସ କପ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଘୋଟସର ଓ ସିହିନାମୁଣ୍ଡା ମଧ୍ୟରେ କଡା ସଂଘର୍ଷ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୧-୧ ଗୋଲ ଦେଇ ସମାନ ସ୍ଥିତିରେ ରହିଥିଲେ। ଟ୍ରାଇବ୍ରେକର ଆଶ୍ରୟ ନିଆଯାଇଥିଲା । ଟ୍ରାଇବ୍ରେକର ଜରିଆରେ ସିହିନାମୁଣ୍ଡା ଦଳ ଘୋଟସରକୁ ହରାଇ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲା। ଉଦଯାପନୀ ଉତ୍ସବରେ ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ନୂଆପଡା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସୁଧୀର ମିଶ୍ର, ଯୋଗେନ୍ଦ୍ର ବାଗ, ଜଗଦିଶ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚକୁ ରେଫରୀ ବଳରାମ ସରାଫ, ହରିହର ସାହୁ, ସତ୍ୟାନନ୍ଦ ମାଝି ଓ ଭିକି ସାହୁ ପରିଚାଳନା କରିଥିବା ବେଳେ ଆୟୋଜକ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଅନ୍ତ୍ୟୋଦୟ ପକ୍ଷରୁ ବୈଦ୍ୟମାନଙ୍କ ତାଲିମ

**ଭବାନୀପାଟଣା,୨୩।୯ (ଡି.ଏନ.ଏ.)**

ଅନ୍ତ୍ୟୋଦୟ ଅନୁଷ୍ଠାନ ପକ୍ଷରୁ ଅଶ୍ୱିନୀ କୁମାର ବୈଦ୍ୟସଂଘଙ୍କ ସହଯୋଗକ୍ରମେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଜାରିଙ୍ଗ ଜଙ୍ଗଲ ବିଭାଗ କେନ୍ଦ୍ର ନର୍ସରୀ ନିକଟସ୍ଥ ପ୍ରାଙ୍ଗଣରେ ଶନିବାର ବୈଦ୍ୟମାନଙ୍କ ଏକ ତାଲିମ ଶିବିର ଆୟୋଜିତ ହୋଇଯାଇଛି। ସମାଜରେ ଶିଶୁ ଓ ମାତୃ ମୃତ୍ୟୁହାର କମାଇବା, ଶିଶୁ, ଗର୍ଭବତୀ, ପ୍ରସୂତି ଓ କିଶୋରୀ ବାଳିକାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦିଗରେ ବୈଦ୍ୟମାନଙ୍କ ଭୂମିକା ସମ୍ପର୍କରେ ଆୟୋଜିତ ଉକ୍ତ ତାଲିମ ଶିବିରରେ ଜୁନାଗଡ ବ୍ଲକ ତଥା ଆଖପାଖ ବ୍ଲକ ପାରମ୍ପରିକ ଚିକିତ୍ସକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ୟୁନିସେଫ ସହାୟତାରେ ଅନ୍ତ୍ୟୋଦୟ ଅନୁଷ୍ଠାନ ସମ୍ପୂର୍ଣ୍ଣବାର୍ତ୍ତା ପ୍ରକଳ୍ପ ଦ୍ୱାରା ଆୟୋଜିତ ଏହି ତାଲିମ ଶିବିରରେ ଅଶ୍ୱିନୀ କୁମାର ବୈଦ୍ୟସଂଘ ନାନ୍ଦୋଲର ସଭାପତି ଯତିନ୍ଦ୍ର କର, ସମ୍ପାଦକ ପଟ୍ଟାୟତ କୁମାର ସାହୁ ପ୍ରମୁଖ ସାଧନ କର୍ମୀ ଭାବରେ ଯୋଗ ଦେଇଥିବା ବେଳେ ଅନ୍ତ୍ୟୋଦୟ ତାଲିମଦାତାମାନେ ତାଲିମ ପ୍ରଦାନ କରିଥିଲେ। ଠିକ୍ ଯୋଗାଯୋଗ ଓ ସଚେତନତା ଦ୍ୱାରା ସମାଜରେ ଥିବା ଭୁଲ ଅଭ୍ୟାସଗୁଡିକୁ ଦୂର କରିବା ଦିଗରେ ବୈଦ୍ୟମାନେ ଅଗ୍ରଣୀ ଭୂମିକା ନିର୍ବାହ କରିପାରିଲେ ରୋଗ ନିରାକରଣ ସହିତ ପୁଷ୍ଟିହୀନତା ଦୂର କରିହେବ ଯଦ୍ୱାରା ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ସମ୍ଭବ ବିଷୟକୁ ଏହି ତାଲିମରେ ଗୁରୁତ୍ୱ ପ୍ରଦାନ କାରାଯାଉଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ ଅଭିଜ୍ଞ ବୈଦ୍ୟମାନେ ନିଜ ନିଜର ଅଭିଜ୍ଞତା ଉପସ୍ଥାପନ କାରିଥିଲେ। ନୂଆପଡା ଜିଲା ସିନାପାଲି ବ୍ଲକ, କଳାହାଣ୍ଡିର କୋକସରା, ଧର୍ମଗଡ, ଗୋଲାମୁଣ୍ଡା, ମଦନପୁର ରାମପୁର ବ୍ଲକ ଅଞ୍ଚଳରୁ ଆସିଥିବା ବୈଦ୍ୟମାନେ ତାଙ୍କ ଅଞ୍ଚଳରେ ମଧ ଏହି ସନ୍ଦେଶ ପ୍ରସାର କରିବେ ବୋଲି ମତାମତ ଦେଇଥିଲେ। ଅନ୍ତ୍ୟୋଦୟର ଅଧକ୍ଷ ଦିଲୀପ କୁମାର ଦାସ କର୍ଯ୍ୟକ୍ରମକୁ ଉଦଘାଟନ କରଥିବା ବେଳେ ସଞ୍ଜୀବ ଶତପଥି ଏବଂ ରାଜକିଶୋର ଦଣ୍ଡସେନା ତାଲିମଦାତା ଭାବରେ ତାଲିମ ପ୍ରଦାନ କରିଥିଲେ। ତାଲିମ ଶିବିରରେ ଯୋଗଦେଇଥିବା ବୈଦ୍ୟମାନଙ୍କୁ ଅନ୍ତ୍ୟୋଦୟ ଓ ଅଶ୍ୱିନୀ କୁମାର ବୈଦ୍ୟ ସଂଘ ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।




ବୈଦ୍ୟମାନଙ୍କ ତାଲିମ ଶିବିର।

ସୀମାରେ ଲାଗୁନି ସୂଚନା ଫଳକ

# ରାଜସ୍ୱ କମିଶନରଙ୍କ ନିର୍ଦ୍ଦେଶକୁ ଅବମାନନା

**ସିନାପାଲି,୨୩।୯ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକକୁ ଲାଗି ରହି ଛତିଶଗଡ ସୀମା । ହେଲେ ଏଠାରେ ଆଜି ପର୍ଯ୍ୟନ୍ତ ଲାଗି ନାହିଁ ସୀମାନ୍ତ ସୂଚନା ଫଳକ । ଫଳରେ ଓଡିଶା ପ୍ରଶାସନର କାର୍ଯ୍ୟଦକ୍ଷିତା ନେଇ ଉଠୁଛି ପ୍ରଶ୍ନବାଚୀ । ସିନାପାଲି ବ୍ଲକ ଶେଷ ସୀମାରେ ଅବସ୍ଥିତ କୁସୁମଯୋର ଗ୍ରାମ । ଏଠାରେ ଛତିଶଗଡ ପ୍ରଶାସନର ସୁଉଚ୍ଚ ସୂଚନା ଫଳକ ସୀମାରେ ଲୋକଙ୍କ ମନ ମୋହିବା ସାଙ୍ଗକୁ ପଥିକମାନଙ୍କୁ ଛତିଶଗଡ ରାଜ୍ୟ ସୀମା ସୂଚିତ କରୁଛି । ହେଲେ ଓଡିଶା ପ୍ରଶାସନ ଏଠାରେ ମାନବିକତା ହଜାଇ ଦେଇଛି ବୋଲି ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଛତିଶଗଡ ପ୍ରଶାସନ ପ୍ରବେଶ ଦ୍ୱାରରେ ସୁଉଚ୍ଚ ତୋରଣ ତିଆରି କରି ଧନ୍ୟବାଦ ସାଙ୍ଗକୁ ସୀମା ଆରମ୍ଭ ବୋଲି ଦର୍ଶାଇଥିବା ବେଳେ ଏଠାରେ ଓଡିଶାର କୌଣସି ଫଳକ ଲାଗି ନ ଥିବା ଓଡିଶା ପ୍ରଶାସନର ମାନବିକତା ହଜି ଯାଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସେହିଭଳି ଛତିଶଗଡ ସୀମାନ୍ତ ଧିଙ୍ଗିଆମୁଣ୍ଡା ଗ୍ରାମ ନିକଟରେ ମଧ କୌଣସି ସୂଚନା ଫଳକ ନ ଥିବା ବେଳେ ନୂଆମାଳପଡା ଗ୍ରାମ ନିକଟକୁ ଲାଗିଥିବା ବୁର୍ଜାବାହାଲ, ଝେରଗାଁ ସୀମା ସମେତ ଘାଟମାଳ ଗ୍ରାମପଞ୍ଚାୟତର ତାଲାକୋଟ ନିକଟସ୍ଥ ଇନ୍ଦାଗାଁ ନିକଟରେ ମଧ କୌଣସି ସୂଚନା ଫଳକ ଲାଗି ପାରିନାହିଁ । ତାଲାକୋଟ ନିକଟରେ ଛତିଶଗଡ ବନ ବିଭାଗ ଦ୍ୱାରା ସୂଚନା ଫଳକ ସାଙ୍ଗକୁ ବ୍ୟାଘ୍ର ସଂରକ୍ଷଣ ଫଳକ ଲଗାଯାଇଛି। ହେଲେ ଓଡିଶା ପ୍ରଶାସନ ତରଫରୁ କୌଣସି ସୂଚନା ଫଳକ ନ ଲାଗିବା କାରଣରୁ ଅନେକ ସମୟରେ ସୀମାକୁ ନେଇ ବିବାଦ ଲାଗି ରହୁଛି। ସୂଚନାଯୋଗ୍ୟ ଯେ, ଓଡିଶାର ନୂଆମାଳପଡା ଓ ଛତିଶଗଡ ରାଜ୍ୟ ବୁର୍ଜାବାହାଲ ଗ୍ରାମ ସୀମାକୁ ବିବାଦ ଲାଗି ରହିଛି । ଉଭୟ ରାଜ୍ୟର ଚାଷୀମାନେ ବିଭିନ୍ନ ସମୟରେ ସମସ୍ୟାକୁ ନେଇ ବାଦବିବାଦ ଉପୁଜୁଛି । ଏହି ଘଟଣାକୁ ନେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସରଜମିନ ତଦନ୍ତ କରିବା ପାଇଁ ଆସି ନୂଆପଡା ତଥା ସିନାପାଲି ରାଜସ୍ୱ ବିଭାଗକୁ ସୀମାରେ ସୂଚନା ଫଳକ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆଜିଯାଏଁ ସୂଚନା ଫଳକ ଲାଗି ପାରିନାହିଁ । ଏ ସମ୍ପର୍କରେ ସିନାପାଲି ତହସିଲଦାର କପିଳଦେବ ସାହୁଙ୍କୁ ପଚାରିବାରୁ ଏ ସମ୍ପର୍କରେ ଜିଲାପାଳଙ୍କ ସହିତ ଆଲୋଚନା କରି ସୂଚନା ଫଳକ ଲଗାଇବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।




ସୀମାନ୍ତରେ ଓଡ଼ିଶାର କୌଣସି ସୂଚନା ଫଳକ ଲଗାଯାଇ ନାହିଁ।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।

-ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

### ବିଏମ୍‌ଏସ୍‌ର ଏକଦିବସୀୟ ଅଭ୍ୟାସ ବର୍ଗ

**ଜୁନାଗଡ,୨୩।୯ (ସ୍ୱ.ପ୍ର.)-** କଳାହାଣ୍ଡି ଜିଲା ଜୁନାଗଡ ସରସ୍ୱତୀ ଶିଶୁ ମନ୍ଦିରଠାରେ ଭାରତୀୟ ମଜଦୁର ସଂଘ (ବିଏମଏସ)ର ଏକ ଦିବସୀୟ ଅଭ୍ୟାସ ବର୍ଗ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଏମଏସର ରାଜ୍ୟ ସଭାପତି ଦିଲୀପ ଦାସ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ହେମାଲ ସଂଘ ଓ ନିର୍ମାଣ ମଜଦୁର ସଂଘ ପ୍ରତିନିଧିମାନଙ୍କୁ ବିଭିନ୍ନ ସାଙ୍ଗଠନିକ ବିଷୟରେ ତାଲିମ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ବିଭାଗ ପ୍ରମୁଖ ବିରଞ୍ଚି ପଣ୍ଡା, ଜିଲା ସଭାପତି ବିରଞ୍ଚି ପାଢୀ, ଜିଲା ସମ୍ପାଦକ ସୁରେନ୍ଦ୍ର ମୋହନ କର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଖଣ୍ଡ ପ୍ରମୁଖ ଶିଶିର କୁମାର ସାବତ, ନୂଆପଡା ପ୍ରତିନିଧି ଯଯାତୀ ମେହେର, ଦିବ୍ୟ ରଞ୍ଜନ ବୈଠାରୁ, ତୁଳାରାମ ବୈଠାରୁ, ଜୁନାଗଡ ନଗର ସଭାପତି ରାଧାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଚେକଡ୍ୟାମର ସଟର୍ ଚୋରି ଅଭିଯୋଗ

**କେସିଙ୍ଗା,୨୩।୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ଉମରମାଲ ଗ୍ରାମର ଯୋର ନିକଟରେ ଥିବା ଚେକ୍‌ଡ୍ୟାମର ସିଟର୍ ଚୋରି ହୋଇଛି। ଏ ନେଇ ଗ୍ରାମବାସୀ ଭବାନୀପାଟଣା ବିଭାଗୀୟ ଏକଜ୍ୟୁକେଟିଭ ଇଞ୍ଜିନିୟଠାରେ ସୋମବାର ଅଭିଯୋଗ କରିଛନ୍ତି । ଉମରମାଲ ଗ୍ରାମ ନିକଟରେ ଥିବା ଦେହେରନ୍ ଯୋରଠାରେ କ୍ଷୁଦ୍ର ଜଳସେଚନ ଅନୁବିଭାଜନ କାର୍ଯ୍ୟାଳୟ ପକ୍ଷରୁ ୧୫ ବର୍ଷ ତଳେ ଏକ ଚେକଡ୍ୟାମ ନିର୍ମାଣ କରାଯାଇଛି। ଏହି ଚେକଡ୍ୟାମ ଦ୍ୱାରା ଉମର ଗ୍ରାମର ପ୍ରାୟ ୧୦୦ ଜଣ ଚାଷୀ ଧାନ ଚାଷରେ ଜଳସେଚନ କରୁଛନ୍ତି । ଗତ ଅଗଷ୍ଟ ୩୦ ତାରିଖ ସନ୍ଧ୍ୟାରେ କେସିଙ୍ଗା ସହର ଜଣେ କାବାଡିବାଲା ସଟର୍‌କୁ ୨ ଖଣ୍ଡ କାଟି କରି ନେଉଥିବା ବେଳେ ଗ୍ରାମବାସୀଙ୍କ ହାବୁଡରେ ପଡିଥିଲେ। ସଟରକୁ ଗ୍ରାମବାସୀ ଜବତ କରି ଅଗଷ୍ଟ ୩୧ରେ କେସିଙ୍ଗା ପୋଲିସରେ ଅଭିଯୋଗ କରିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ମୌଖିକ ଭାବେ ଗ୍ରାମବାସୀ ମଧ ଅଭିଯୋଗ କରିଥିଲେ। କେସିଙ୍ଗା ପୋଲିସ କିଛି ପଦକ୍ଷେପ ନେଲେ ନାହିଁ । ପୋଲିସ ନିଷ୍କ୍ରିୟ ସାଜିବାରୁ ଗ୍ରାମବାସୀ ସୋମବାର ଭବାନୀପାଟଣାସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ ଏକଜ୍ୟୁକେଟିଭ ଇଞ୍ଜିନିୟର ଏବଂ କେସିଙ୍ଗାସ୍ଥିତ କ୍ଷୁଦ୍ରଜଳ ସେକସନ ଅନୁବିଭାଜନ କନିଷ୍ଠଯନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ କେସିଙ୍ଗା ଆଇଆଇସି ଏକେ ମହାପାତ୍ରଙ୍କୁ ପଚାରିବାରୁ ଡିପାର୍ଟମେଣ୍ଟ କେସ ହୋଇ ନ ଥିବା ପ୍ରକାଶ କରିଥିଲେ । ଏ ନେଇ କେସିଙ୍ଗା କ୍ଷୁଦ୍ର ଜଳସେଚନ ଅନୁବିଭାଜନ କାର୍ଯ୍ୟାଳୟ କନିଷ୍ଠଯନ୍ତ୍ରୀ ଜଗମୋହନ ନାଏକଙ୍କୁ ପଚାରିବାରୁ ଆମ ବିଭାଗୀୟ ଏକଜ୍ୟୁକେଟିଭ ଇଞ୍ଜିନିୟ ଯେମିତି ପଦକ୍ଷେପ ନେବାକୁ କହିବେ ସେମିତି କରିବି ବୋଲି ପ୍ରକାଶ କରିଥିଲେ । ଏପଟେ ଉମର ଗ୍ରାମର ଚେକଡ୍ୟାମରେ ସଲଟର୍ ନ ଥିବାରୁ ଚାଷୀମାନଙ୍କ ଧାନ କ୍ଷେତରେ ଜଳସେଚନ କରିବେ କିପରି ତାହା ଏବେ ବଡ ସମସ୍ୟା ।

## ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ମାନ୍ୟତା

# ଅନେକ ସମସ୍ୟା ସାଙ୍ଗକୁ ବହୁ ପଦବୀ ଖାଲି

**ଭବାନୀପାଟଣା,୨୩।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଏକମାତ୍ର ସର୍ବପୁରାତନ ମହାବିଦ୍ୟାଳୟ। ଦୀର୍ଘ ବର୍ଷର ଦାବି ପରେ ରାଜ୍ୟ ସରକାର ଉକ୍ତ ମହାବିଦ୍ୟାଳୟକୁ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଇଥିବା ଘୋଷଣା କରିଛନ୍ତି। କିନ୍ତୁ ଏହି ମହାବିଦ୍ୟାଳୟ ଅନେକ ସମସ୍ୟା ଭିତରେ ଶିକ୍ଷାଦାନ ଚାଲିଛି। ଏହି ସମସ୍ୟା ଭିତରେ ମୁଖ୍ୟତଃ ଦୀର୍ଘ ବର୍ଷ ଧରି ବିଭିନ୍ନ ବିଭାଗରେ ଅଧ୍ୟାପକ ପଦବୀ ଖାଲି ପଡିଛି । ପୁଣି କିଏ ଯୋର ଜବରଦସ୍ତି କଲେଜ ଜମିକୁ ନିଜ ଅକ୍ତିଆରକୁ ନେଇ ଘରୋଇ ଓ ସରକାରୀ କାର୍ଯ୍ୟରେ ବ୍ୟବହାର କରୁଛି ତ' ଦୀର୍ଘ ବର୍ଷଧରି ଷ୍ଟାଫ୍ କ୍ୱାର୍ଟର, କଲେଜ ଓ ହଷ୍ଟେଲଗୁଡିକ ମରାମତି ଅଭାବରୁ ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ଅସୁବିଧା ଭିତରେ ରହିବା ସହିତ ଶିକ୍ଷାଦାନ କରୁଛନ୍ତି। ଏପରି କି କଲେଜ ପରିସରରେ ନିର୍ମାଣ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅତିଥି ଭବନକୁ ବର୍ତ୍ତମାନ ସୁଦ୍ଧା କଲେଜ କର୍ତ୍ତୃପକ୍ଷକୁ ହସ୍ତାନ୍ତର କରା ଯାଇନାହିଁ। ଉତ୍ତର ଛାତ୍ରାବାସରେ ଶୌଚାଳୟ ଏବଂ ସ୍ନାନାଗାରଗୁଡିକ ଠିକାଦାର ମରାମତି ନାମରେ ଭାଙ୍ଗି ଦେବାର ଏକ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ କାର୍ଯ୍ୟକ୍ଷମ ହୋଇନି। ବେଆଇନ ଭାବେ କଲେଜ ପରିସରକୁ ଅଣଛାତ୍ର ଓ ପୂର୍ବତନ ଛାତ୍ରମାନେ ପସି କଲେଜ ପ୍ରଶାସନରେ ହସ୍ତକ୍ଷେପ କରିବା ଆଦି ସହିତ ମହାବିଦ୍ୟାଳୟର ଯୁକ୍ତ ୨ରୁ ସ୍ନାତକର ପାଠ୍ୟକ୍ରମ ପାଇଁ ୮୭ଟି ଅନୁମୋଦନ ଅଧ୍ୟାପକ ପଦବୀ ଥିବା ବେଳେ ୩୯ଟି ଅଧ୍ୟାପକ ପଦବୀ ଖାଲି ରହିଛି। ସେହିପରି ୭୩ଟି ଅଣଅଧ୍ୟାପକ ପଦବୀ ଥିବା ବେଳେ ୪୨ଟି ପଦବୀ ଖାଲି ପଡିବା ନେଇ ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷାବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଫଳରେ ଏହି ମହାବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ସହିତ ପ୍ରଶାସନିକ ବ୍ୟବସ୍ଥା କେତେ ସୁରୁଖୁରୁରେ ଚାଲୁଥିବ ତାହା ସହଯେ ଅନୁମେୟ। ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ କରାଯିବା ସହିତ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ କଳାହାଣ୍ଡି ଓ ନୂଆପଡା ଜିଲାର ୫୦ଟି କଲେଜ ରହିବ। କିନ୍ତୁ ଏହି ମହାବିଦ୍ୟାଳୟର ସମସ୍ୟା ଆଜି ପର୍ଯ୍ୟନ୍ତ ସୁଧୁରିବା ବଦଳରେ ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ମୁଖ୍ୟତଃ ଏହି ମହାବିଦ୍ୟାଳୟ ଅଧ୍ୟାପକ ଅଭାବ ଏକ ଚିରାଚରିତ୍ର ସମସ୍ୟା । ଏଠାରେ ଆଜି ପର୍ଯ୍ୟନ୍ତ ଜଣେ ଦକ୍ଷ ସ୍ଥାୟୀ ଅଧକ୍ଷ ନାହାନ୍ତି। କାର୍ଯ୍ୟରତ ଅଧକ୍ଷରେ ଏହି ମହାବିଦ୍ୟାଳୟ କାର୍ଯ୍ୟ ଚାଲିଛି। ଯୁକ୍ତ ୩ ରୁ ସ୍ନାତକ ବିଭାଗ ପର୍ଯ୍ୟନ୍ତ ୬୦ଟି ବିଭିନ୍ନ ବିଭାଗରେ ଥିବା ଅଧ୍ୟାପକ ରହିବା ବଦଳରେ ଅଛନ୍ତି ମାତ୍ର ୨୧ ଏବଂ ଖାଲି ରହିଛି ୩୩ ଅଧ୍ୟାପକ ପଦବୀ। ଯୁକ୍ତ ୨ରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଭୋକେସନାଲ ପାଠ୍ୟକ୍ରମରେ ୧୫୯୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଯୁକ୍ତ ୩ରେ କଳା, ବିଜ୍ଞାନ, ବାଣିଜ୍ୟ ତଥା ସ୍ନାତକୋତ୍ତରରେ ୨୧୭୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଅଧ୍ୟାପକ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି । ଏ ନେଇ ବାରମ୍ବାର ଉଚ୍ଚ ଶିକ୍ଷା ବିଭାଗକୁ ଅବଗତ କରିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଜିଲାରେ ଉଚ୍ଚଶିକ୍ଷା ଏବେ ସଙ୍କଟରେ ପଡିଛି । ଅନ୍ୟପଟେ ଏହି ମହାବିଦ୍ୟାଳୟର ଭିତ୍ତିଭୂମିର ଅଭାବ ସାଙ୍ଗକୁ ଆବଶ୍ୟକ ଅନୁଯାୟୀ ଶ୍ରେଣୀଗୃହ ଅଭାବ ରହିଛି। ଅନ୍ୟପଟେ ଏହି ମହାବିଦ୍ୟାଳୟର ନାମରେ ଥିବା ଜମିକୁ କିଛି ବ୍ୟକ୍ତି ଚଞ୍ଚକତା କରି ନିଜ ନାମରେ କରେଇ ନେଇଥିବା ବେଳେ ଆଉ କିଛି ସରକାରୀ ବିଭାଗ ମଧ ନିଜ ଅଧୀନରେ ରଖିଛନ୍ତି। ଯାହା କଲେଜ ସମ୍ମୁଖରେ ପ୍ରାୟ ୬୦ ଡେସିମିଲ ଜମିରୁ ଉଚ୍ଚ କ୍ଷମତା ସମ୍ପନ୍ନ ଏକ ପାନୀୟ ଜଳ ଟାଙ୍କି ପିଏଚ୍‌ଡି ବିଭାଗ ତରଫରୁ ନିର୍ମାଣ କରାଯାଇଛି। ଏହି ବିଭାଗକୁ ପାଣି ଟାଙ୍କି ଓ ଅନ୍ୟ ଆନୁସାଙ୍ଗିକ ଗୃହ ନିର୍ମାଣ କରିବା ପାଇଁ କିଏ ଅନୁମତି ଦେଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦଳେଇ ପଚାରିବାରୁ ସେ ପ୍ରକାଶ କରିଥିଲେ ଯେ ମୁଁ କଲେଜର ସମସ୍ୟା ଏବଂ ବର୍ତ୍ତମାନସ୍ଥିତି ସମ୍ପର୍କରେ ଜିଲାପାଳ ଓ ରାଜ୍ୟ ସରକାର (ଉଚ୍ଚଶିକ୍ଷା ବିଭାଗ)ଙ୍କୁ ଜଣାଇ ଦେଇଛି। ସରକାର ଏବଂ ଜିଲାପାଳ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ମୁଁ ତାହା ପାଳନ କରିବି।




ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ।

**ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ**

## ପୁଅ ଜିଉନ୍ତିଆ ପର୍ବ

**ଭବାନୀପାଟଣା,୨୩।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ପୁଅ ଜିଉନ୍ତିଆ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପର୍ବରେ ମା'ମାନେ ନିଜ ପୁଅାଙ୍କ ଖୁସି ସମୃଦ୍ଧି ପାଇଁ ଦୂତିବାହାନଙ୍କଠାରେ ସନ୍ଧ୍ୟାରେ ପୂଜା କରିଥାନ୍ତି। ସକାଳୁ ବ୍ରତଧାରୀ ମା'ମାନେ ଉପାସ ରହି ସନ୍ଧ୍ୟା ସମୟରେ ନିକଟସ୍ଥ ପୋଖରୀକୁ ଗାଧୋଇ ଯାଇଥାନ୍ତି। ପୋଖରୀରେ ଗାଧୋଇ ସାରିବା ପରେ ସେଠାରେ ପାଣି ଭିତରୁ ବାଲି କାଢି ତା ଉପରେ କଟା କାଙ୍କୁଡି ଓ ଅପାମାରଙ୍କ କାଠି ରଖି ପୂଜା କରି ଘରକୁ ଫେରିବାର ପରମ୍ପରା ରହିଛି। ଖଇ ଓ ବିଭିନ୍ନ ପୂଜା ସାମଗ୍ରୀ ନେଇ ଗ୍ରାମରେ ଏକ ସ୍ଥାନରେ ବ୍ରତଧାରୀମାନେ ଏକ ଅସ୍ଥାୟୀ ମଣ୍ଡପରେ ବସି ଚିଲ, ଶିଆଳଙ୍କୁ ପୂଜା ସହ ଦୂତିବାହାନଙ୍କ ପୁରାଣ ଶ୍ରବଣ କରି ଦୂତିବାହାନଙ୍କଠାରେ ଦୂବ ୨୧ ପ୍ରକାର ଫଳ ସହ ଜିଉଁନ୍ତିଆକୁ ପୂଜା କରି ତାଙ୍କୁ ଘରକୁ ଆଣିଥାନ୍ତି। ତା ପରଦିନ ସକାଳେ ଗାଧୋଇ ସାରି ନିଜ ପୁଅମାନଙ୍କଠାରୁ ପୂଜା କରାଯାଇଥିବା ଦୂବକୁ ପୁଅ ମୁଣ୍ଡରେ ୭ ଥର ମୁଣ୍ଡରୁ ତଳ ପର୍ଯ୍ୟନ୍ତ ବୁଲାଇ ଆଣିବା ପରେ ଚନ୍ଦନ ଦେଇ ପୁଅର ସୁଖ ସମୃଦ୍ଧି ପାଇଁ ଦୂତିବାହାନଙ୍କୁଠାରେ ପ୍ରାର୍ଥନା କରି ଜିଉଁତିଆ ବାନ୍ଧିଥାନ୍ତି। ଏହା ପରେ ଦୂତିବାହାନଙ୍କୁ ଠାରେ ଅର୍ପଣ କରାଯାଇଥିବା ଖଇ ପ୍ରସାଦ ଗାଁର ସମସ୍ତଙ୍କୁ ବଣ୍ଟନ କରାଯିବା ପ୍ରଥା ରହିଛି ।



ଭଙ୍ଗାଘର ସମ୍ମୁଖରେ ସୁମନ୍ତଙ୍କ ପରିବାରବର୍ଗ।

## ବର୍ଷାରେ ଘର ଭାଙ୍ଗିବାର ଦୀର୍ଘଦିନ ବିତିଲା

# ପର ଘରେ ଆଶ୍ରୟ ନେଉଛନ୍ତି ସୁମନ୍ତଙ୍କ ପରିବାର

**କର୍ଲାମୁଣ୍ଡା,୨୩।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗେଡା ପଞ୍ଚାୟତ ଯୋଗିପଲା ଗ୍ରାମର ସୁନ୍ତ କୁମାରଙ୍କ ଘର ଗତ ଅଗଷ୍ଟରେ ପ୍ରବଳ ବର୍ଷାରେ ଭାଙ୍ଗିଯାଇଥିଲା । ଏଥିପାଇଁ ସେ ସ୍ଥାନୀୟ ସରପଞ୍ଚ, ରାଜସ୍ୱ ନିରୀକ୍ଷକଙ୍କୁ ପଲିଥିନ ।ଇଁ ବାରମ୍ବାର ଆବେଦନ କରିଥିଲେ । କିନ୍ତୁ ଏଯାଏ ତାଙ୍କୁ ସରକାରୀ ସହାୟତା ମିଳିପାରି ନ ଥିବା ଅଭିଯୋଗ କରିଛନ୍ତି। ସୁମନ୍ତ ତିନି ସନ୍ତାନ ସହ ସ୍ୱାମୀ ସ୍ତ୍ରୀ ପଡୋଶୀଙ୍କ ଘରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ଏ ନେଇ ରେଗେଡା ସରପଞ୍ଚ ସୁଶାନ୍ତ ପରିଡାଙ୍କୁ ପଚାରିବାରୁ ଦରଖାସ୍ତ ପାଇବା ପରେ ମୁଁ ତଦନ୍ତ କରିଥିଲେ, ପ୍ରକୃତରେ ଘର ଭାଙ୍ଗି ଯାଇଛି। ପଲିଥିନ ଯୋଗାଇ ଦେବାକୁ ଯୋରାଡବ୍ରା ଆରଆଇଙ୍କୁ କହିଥିଲି ଓ କେମିତି ସେ ଘର ପାଇ ପାରିବେ ସେ ଦିଗରେ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି। ଅନ୍ୟପଟେ ଆରଆଇଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ମୋବାଇଲ ସୁଇଚଅଫ ଥିବାରୁ ତାଙ୍କ ମତାମତ ନିଆଯାଇ ପାରିନାହିଁ।

### ଜଣେ ସାଇକେଲ ଚୋର ଗିରଫ

**ପଲମ,୨୩।୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଫାଣ୍ଡି ପୋଲିସ ରବିବାର ପଲମ ସାପ୍ତାହିକ ବଜାରରୁ ଜଣେ ସାଇକେଲ ଚୋରଙ୍କୁ ଗିରଫ କରିଛି। ସେ ହେଲେ କର୍ଲାମୁଣ୍ଡା ବ୍ଲକ ଓଡିଆମୁଣ୍ଡା ଗ୍ରାମର ଜଗତ ଭୋଇ (୨୫) । ତାଙ୍କଠାରୁ ୫ ଚୋରି ସାଇକେଲ ଜବତ କରାଯାଇଛି। ଅନୁସାରେ ଗତ ୫ ମାସ ହେଲା ଜଗତ ରିତୀମିତ ଭାବେ ପଲମ ସାପ୍ତାହିକ ବଜାରକୁ ଆସି ୫ଟି ସାଇକେଲ ଚୋରି କରି ନେଇଯାଇଥିଲେ । ଏ ନେଇ ସାଇକେଲ ଚୋରି ହୋଇଥିବା ବ୍ୟକ୍ତିମାନେ ପଲମ ଫାଣ୍ଡିରେ ଅଭିଯୋଗ କରିଥିଲେ। ପଲମ ଫାଣ୍ଡି ଏଏସଆଇ ଅସିତ କୁମାର ପଣ୍ଡା ପ୍ରତ୍ୟେକ ବଜାର ଦିନ ନିଜର ଷ୍ଟାଫଙ୍କ ସହ ଗ୍ରାମର କେତେ ଜଣ ବ୍ୟକ୍ତିଙ୍କୁ ଚୋରକୁ ନଜର ରଖିବା ପାଇଁ କହିଥିଲେ। ଗତ ୨୨ତାରିଖ ସାପ୍ତାହିକ ବଜାର ପଲମଠାରେ ଚୋରଟି ସାଇକେଲ ଚୋରି କରୁଥିବା ବେଳେ ଗ୍ରାମର କେତେ ଜଣ ବ୍ୟକ୍ତି ଚୋରଙ୍କୁ ଦେଖି ସ୍ଥାନୀୟ ଫାଣ୍ଡି ଏଏସଆଇଙ୍କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଚୋରଙ୍କୁ କାବୁ କରିଥିଲେ। ତାଙ୍କୁ ଫାଣ୍ଡିକୁ ଆଣି ପଚରାଉଚରା କରିବାରୁ କିଣିଥିବା ସାଇକେଲ ମଧୁସୁଦନ ବାଗ ରାମପୁର ଓ ଡମ୍ବରୁଧର ଦଣ୍ଡସେନା ଡମ କର୍ଲାଖୁଣ୍ଟା ୨ଟି ସାଇକେଲ ଜବତ କରି ଆଣିଥିଲେ। ଆଉ ୩ଟି ସାଇକେଲ ପ୍ରମାଣ ଏ ପର୍ଯ୍ୟନ୍ତ ମିଳିନାହିଁ । ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା (ନଂ ୨୬୦/୧୯ ) ରୁଜୁ ହୋଇଛି।

# ୟୁଥ୍ କ୍ଲବକୁ ସହାୟତା ପାଇଁ ଆହ୍ୱାନ

**ଭବାନୀପାଟଣା,୨୩।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ କାର୍ଯ୍ୟରତ ସ୍ୱିକୃତୀପ୍ରାପ୍ତ ଓ ଅଣସ୍ୱିକୃତୀପ୍ରାପ୍ତ ୟୁଥ୍ କ୍ଲବଗୁଡିକର ଉନ୍ନତି ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି । ଏ ନେଇ ଜିଲା କ୍ରିଡା ଅଧିକାରୀ ସୁଭାଶିଷ ନାୟକ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସମସ୍ତ ଗାଇଡ୍‌ଲାଇନ୍ ଓ ଆବେଦନ ଫର୍ମ କଳାହାଣ୍ଡି ଜିଲା ୱେବସାଇଡ ସମେତ ସମସ୍ତ ବ୍ଲକ ମ୍ୟୁନିସିପାଲଟି ଅଫିସରେ ଉପଲବ୍ଧ ଅଛି। ୟୁଥ୍ କ୍ଲବଗୁଡିକ ଏହି ସହାୟତା ରାଶି ପାଇବା ପାଇଁ ଆବଶ୍ୟକ ଫର୍ମ ପୁରଣ କରି ନିଜ ଅଞ୍ଚଳର ବ୍ଲକ କିମ୍ବା ମ୍ୟୁନିସିପାଲଟିରେ ଦାଖଲ କରି ପାରିବେ। ଜିଲାସ୍ତରୀୟ କମିଟି ଦ୍ୱାରା ସମସ୍ତ ଦସ୍ତାବିଜ୍ ଯାଞ୍ଚ ପରେ ଉପଯୁକ୍ତ ୟୁଥ୍ କ୍ଲବକୁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଦ୍ୱାରା ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ବିଡିଓ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ମ୍ୟୁନିସିପାଲଟିଙ୍କ ପାଖରେ ଆବେଦନ କରିବାର ଶେଷ ତାରିଖ ୨୦ ଅକ୍ଟୋବର ୨୦୧୯ ବୋଲି ଜିଲା କ୍ରିଡା ଅଧିକାରୀ ନାୟକ ପ୍ରକାଶ କରିଛନ୍ତି।



ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଅବସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ଶାସ୍ତ୍ରିଜୀ ବିଜ୍ଞାନ ମହିଳା ମହାବିଦ୍ୟାଳୟ

# ଯୁକ୍ତ ୩ ପ୍ରଥମ ବାର୍ଷିକ ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଭବାନୀପାଟଣା,୨୩।୯ (ଡି.ଏନ.ଏ.)**

ଭବାନୀପାଟଣା ସହର ନିକଟରେ କଲ୍ୟାଣ ନଗରଠାରେ ଥିବା ଶାସ୍ତ୍ରୀଜୀ ଯୁକ୍ତ ୩ ମହିଳା ମହାବିଦ୍ୟାଳୟ ପରିସରରେ ଯୁକ୍ତ ୩ର ନବାଗତା ଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ 'ଆଲୋହା' ନାମକ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟ ଚେୟାରପର୍ସନ୍ ନମିତା ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ସ୍ୱାଗତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବେନ୍ଦ୍ର କୁମାର ବିଶି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପୋଲିସ ହାଇସ୍କୁଲ ପ୍ରଧାନଶିକ୍ଷକ ଜୟରାମ ସାହୁ ଓ ଇଚ୍ଛାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କବିତା ମହାନ୍ତି ଯୋଗଦେଇ ଛାତ୍ରୀମାନଙ୍କୁ ଚରିତ୍ର ଗଠନରେ ଶିକ୍ଷାର ଆବଶ୍ୟକତା ଓ ଏହି ମହାବିଦ୍ୟାଳୟର ଶିକ୍ଷା ପ୍ରଦାନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ।

ପରେ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ପାରମ୍ପରିକ ରୀତିରେ ସ୍ୱାଗତ କରିବା ସହ ମନଲୋଭା ନୃତ୍ୟ ସଙ୍ଗୀତ ପରିବେଶଣ କରି ଛାତ୍ରୀ ଓ ନିମନ୍ତ୍ରୀତ ଅତିଥିମାନଙ୍କୁ ଝୁମାଇ ରଖିଥିଲେ। କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମହାବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟା ମିତାଞ୍ଜଳି ସାହୁ ପ୍ରଥମ ବର୍ଷର ଛାତ୍ରୀ ସୁଶ୍ରୀ ଆକାଂକ୍ଷା ପାହାଡଙ୍କୁ 'ମିସ୍ ଫ୍ରେସର' ମୁକୁଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଛାତ୍ରୀ ଶ୍ରେୟାସୀ ଦାସ, ପ୍ରିୟଙ୍କା ଦାସ, ଜ୍ୟୋତିର୍ମୟୀ ଦାସ, ମୁସ୍କାନ ଅଗ୍ରୱାଲ ଓ ସ୍ମିତା ଦରୁୱାନ ପ୍ରମୁଖ ପରିଚାଳନା କରିଥିଲେ।

# ବଜାରପଡ଼ାରେ ନୂଆଁଖାଇ ଭେଟ୍‌ଘାଟ୍

**ଜୁନାଗଡ,୨୩।୯ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ବଜାରପଡାର ଜୟ ଶିବଶଙ୍କର କ୍ଲବ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଯୋଗଦେଇଥିଲେ । ନୂଆଁଖାଇ ପରେ ଜୁହାର ଭେଟ ପରମ୍ପରା ଥିଲା। ବର୍ତ୍ତମାନ ଲୋକଙ୍କ ପ୍ରତିଯୋଗିତା ମୂଳକ ଚାଲିଚଳଣୀ ଯୋଗୁ ସମୟର ଅଭାବ ଦେଖାଦେଇଛି। ଫଳରେ ସମସ୍ତଙ୍କ ପାଖକୁ ଯାଇ ଜୁହାର ଭେଟ ହେବା ପ୍ରାୟତଃ ସମ୍ଭବ ହେଉ ନାହିଁ। ଏଣୁ ନାଚଗୀତ ମାଧ୍ୟମରେ ସମସ୍ତେ ଏକତ୍ରିତ ହୋଇ ଜୁହାର ଭେଟ ହେବା ନିଆରା ଓ ଆଧୁନିକ ପରମ୍ପରା ନୂଆଁଖାଇ ଭେଟ୍‌ଘାଟ୍ ବୋଲି ମୁଖ୍ୟଅତିଥି କହିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ପୂର୍ବତନ ବ୍ଲକ ଅଧକ୍ଷ ରଶ୍ମୀରଞ୍ଜନ ନାୟକ, ବିଶିଷ୍ଟ ବ୍ୟବସାୟୀ ଉଦ୍ଧବ ସାହୁ, ଏମ୍‌ପି ପ୍ରତିନିଧି ମୁକେଶ ଅଗ୍ରୱାଲ, ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ, ଜୁନାଗଡ ସ୍ୱାସ୍ଥ୍ୟ ଅଧିକାରୀ ଡ. ଭଗବାନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ବିନୟ କୁମାର ସାହୁ ପରିଚାଳନା କରିଥିଲେ। ପରେ ଆର.କେ ମେଲୋଡି ପକ୍ଷରୁ କଣ୍ଠଶିଳ୍ପୀ ରୁକୁ ସୁନା ଓ ସାଥୀଙ୍କ ଦ୍ୱାରା ବିଳମ୍ବିତ ରାତି ପର୍ଯ୍ୟନ୍ତ ସଙ୍ଗୀତ ପରିବେଷଣ କରାଯାଇଥିଲା।




ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍

# ଗୁଡ୍‌ମର୍ନିଂ କ୍ଲବ ୨-୧ ଗୋଲରେ ବିଜୟୀ

**ଭବାନୀପାଟଣା,୨୩।୯ (ଡି.ଏନ.ଏ.)**

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ସୋମବାର ନବମ ମ୍ୟାଚ୍ ଗୁଡ୍‌ମର୍ନିଂ କ୍ଲବ ବନାମ ଇଭିନିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୁଡ୍‌ମର୍ନିଂ କ୍ଲବ ୨-୧ ଗୋଲରେ ବିଜୟୀ ହୋଇଥିଲା। ନବମ ଦିବସ ମ୍ୟାଚ୍‌ରେ ଅତିଥି ଭାବେ କ୍ରୀଡା ସଙ୍ଗଠକ ତଥା ଅବସରପ୍ରାପ୍ତ ଆଇପିଇ ଭିମସେନ ସାହୁ ଯୋଗଦେଇଥିଲେ। ମ୍ୟାଚ୍ ଜିତେନ୍ଦ୍ର କୁମାର ରଥ, ପି.ଭି. ରାଓ, ଦେବେନ୍ଦ୍ର ରାଉତ ଓ ମହମ୍ମଦ ଅବଦୁଲ କାଦର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍‌ରେ କ୍ରୀଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥୋଲେଟିକ୍ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ଓ ଉପସଭାପତି ସୁରେନ୍ଦ୍ର ନାଥ ତ୍ରୀପାଠି, ଫୁଟବଲ ସେକ୍ରେଟେରି କାଦର ଖାନ, ଆଥେଲେଟିକ୍ ସେକ୍ରେଟେରି ସମ୍ଭୁ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, ଜିଲାର ଭେଟେରାନ ଫୁଟବଲ ଖେଳାଳି ନଳିନୀ ମୁଣ୍ଡ, ଜଳେଶ୍ୱର ଗଉଡ, କିଶୋର ସାହୁ, ଅର୍ଜ୍ଜୁନ ନାଏକ, ଧିରେନ ପଟ୍ଟନାୟକ, ରାଜିବ ସାହୁ, ସନ୍ତୋଷ ପ୍ରଧାନ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଅଶୋକ ପଟ୍ଟନାୟକ ଓ ଚକ୍ରଧର ସେଠୀ ସହଯୋଗ କରିଥିଲେ।



ନବମ ଦିବସରେ ଅନୁଷ୍ଠିତ ମ୍ୟାଚ୍‌ରେ ଅତିଥିଙ୍କ ସହ ଖେଳାଳି ।

### ୮ମ ଦିବସରେ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଲାଲ ବାହାଦୂର ଶାସ୍ତ୍ରୀ ପଡିଆରେ ଚାଲିଥିବା ୨ୟ ଭବାନୀପାଟଣା ଫୁଟ୍‌କ୍ଲ ଲିଗ୍ ଟୁର୍ନାମେଣ୍ଟର ରବିବାର ଥିଲା ୮ମ ଦିବସ। ସ୍ପୋର୍ଟ୍ସ ହଷ୍ଟେଲ ସହ ଇଣ୍ଡିଆନ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଇଣ୍ଡିଆନ୍ କ୍ଲବ୍ ଦଳଠାରୁ ସ୍ପୋର୍ଟ୍ସ ହଷ୍ଟେଲ ଦଳ ୪-୧ ଗୋଲରେ ବିଜୟ ହୋଇଥିଲା। ଜିଲାର ବିଶିଷ୍ଟ ପୂର୍ବତନ ଫୁଟବଲ ଖେଳାଳି ଲକ୍ଷ୍ମଣ ଆଚାରୀ ଯୋଗଦାନ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ପରିଚାଳନା କରିଥିଲେ ସନ୍ତୋଷ ପ୍ରଧାନ, ପିବିରାଓ, ରଞ୍ଜନ ଦାସ, ହରପ୍ରସାଦ ପଟେଲ।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ଦୁର୍ଗାପୂଜା, ରାବଣପୋଡ଼ି ପାଇଁ ପ୍ରସ୍ତୁତି

**ଟିଟିଲାଗଡ, ୨୩।୯ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡରେ ଦୁର୍ଗାପୂଜା ଓ ରାବଣପୋଡି ଶାନ୍ତିଶୃଙ୍ଖଳା ସହିତ ପାଳନ ନେଇ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସୁଧାକର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଟିଟିଲାଗଡ ସହରରେ ହେବାକୁ ଥିବା ଦୁର୍ଗାପୂଜା କମିଟି ଅନ୍ନପୂର୍ଣ୍ଣା କମିଟି ତଥା ରାବଣପୋଡିର ସଭାପତି, ସମ୍ପାଦକ ଯୋଗଦେଇଥିଲେ। ଉପଜିଲାପାଳ ନାୟକ ଉପସ୍ଥିତ କମିଟିର ସଭାପତିମାନଙ୍କୁ ନିଜ ନିଜର ମତାମତ ଦେବା ପାଇଁ କହିଥିଲେ। ସହରରେ କିପରି ଶାନ୍ତିଶୃଙ୍ଖଳା ସହିତ ଦୁର୍ଗାପୂଜା ଓ ରାବଣପୋଡି ଉତ୍ସବ ଅନୁଷ୍ଠିତ ହେବ, ସେ ନେଇ ଉପସ୍ଥିତ ଅଧିକାରୀମାନଙ୍କୁ ନାୟକ ପରାମର୍ଶ ଦେଇଥିଲେ । ପୂଜାପେଣ୍ଡାଲ ନିକଟରେ ସଫାସୁତୁରା ଏବଂ ପାନୀୟ ଜଳ ଯୋଗାଇ ଦେବା ସହ ଟ୍ରାଫିକ ସମସ୍ୟା ଉପରେ ଗୁରୁତ୍ୱ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।



### ଇଷ୍ଟଜୋନ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍: ଅରବିନ୍ଦଙ୍କୁ ବ୍ରୋଞ୍ଜ ପଦକ

**ବଲାଙ୍ଗୀର ଅଫିସ,୨୩।୮:** ଉତ୍ତରାଖଣ୍ଡର ଅଲମୋରାଠାରେ ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ସଦ୍ୟ ସମାପ୍ତ ହୋଇଥିବା ଇଷ୍ଟଜୋନ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ବଲାଙ୍ଗୀରର ଅରବିନ୍ଦ ସାହୁ ଓଡିଶାରୁ ପ୍ରତିନିଧିତ୍ୱ କରି ବ୍ୟକ୍ତିଗତ ସିଙ୍ଗିଲସ୍‌ରେ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହି ଚାମ୍ପିୟନ୍‌ଶିପର ୟନେକ୍ସ ସନ୍‌ରାଇଜ ଇଷ୍ଟଜୋନର ଛଅଟି ରାଜ୍ୟକୁ ନେଇ ଅନୁଷ୍ଠିତ ହୋଇଥିଲା । ସିଙ୍ଗିଲସ୍ ବିଭାଗରେ ଅରବିନ୍ଦ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ସେମିଫାଇନାଲରେ ପହଞ୍ଚିଥିଲେ । ସେମିରେ ସେ ଉତ୍ତରପ୍ରଦେଶଠାରୁ ପରାଜିତ ହୋଇ ବ୍ରୋଞ୍ଜ ପଦକରେ ପୁରସ୍କୃତ ହୋଇଛନ୍ତି। ବ୍ୟାଡମିଣ୍ଟନର ଜାତୀୟସ୍ତର କୌଣସି ଏକ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲାର ଖେଳାଳି ଭାବେ ଏହା ସର୍ବୋତ୍କୃଷ୍ଟ ପ୍ରଦର୍ଶନ ବୋଲି କୁହାଯାଇଛି । ଗତ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଓଡିଶା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ସିନିୟର ସିଙ୍ଗିଲ୍‌ସ୍‌ରେ ରାଜ୍ୟର ସମସ୍ତ ଖେଳାଳୀଙ୍କୁ ପରାସ୍ତ କରି ଅରବିନ୍ଦ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଇଷ୍ଟଜୋନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିବା ପରେ ଅରବିନ୍ଦ ଆଗାମୀ ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ପାଇଁ ଓଡିଶା ତରଫରୁ ସିଧାସଳଖ ମନୋନୀତ ହୋଇଥିବା ଜଣାପଡିଛି । ତାଙ୍କର ଏହି କୃତିତ୍ୱ ପାଇଁ ଜିଲା ବ୍ୟାଡମିଣ୍ଟନ ସଂଘ କର୍ମକର୍ତ୍ତା ଏବଂ ବ୍ୟାଡମିଣ୍ଟନ ଖେଳାଳୀ ତଥା ବଲାଙ୍ଗୀରର କ୍ରୀଡାପ୍ରେମୀମାନେ ଅରବିନ୍ଦଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଏସସି, ଏସଟି ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ଯୋଗାଣ ପ୍ରସଙ୍ଗ

# ଡିଇଓ ଅଫିସରେ ପ୍ରଧାନଶିକ୍ଷକ-କିରାଣି ମୁହାଁମୁହିଁ

**ବଲାଙ୍ଗୀର ଅଫିସ, ୨୩।୯**



ବଲାଙ୍ଗୀର ଟାଉନ୍ ଥାନାକୁ ଅଭିଯୋଗ କରିବା ପାଇଁ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ଆସିଛନ୍ତି ।

ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀଙ୍କ (ଡିଇଓ) କାର୍ଯ୍ୟାଳୟରେ ସୋମବାର ଅପରାହ୍ଣରେ ଏସସି-ଏସଟି ଛାତ୍ରୀଛାତ୍ରଙ୍କ ପାଇଁ ଉର୍ଦ୍ଦିଷ୍ଟ ପାଠ୍ୟ ପୁସ୍ତକ ଯୋଗାଣକୁ ନେଇ ଏକ ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଡିଇଓ ଅଫିସର ଜଣେ କିରାଣୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏ ନେଇ ସନ୍ଧ୍ୟାରେ ଟାଉନ୍ ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା । ଲୋଇସିଂହା ବ୍ଲକ୍ କୁଟୁରାପାଲି ପଞ୍ଚାୟତ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅବନୀ କୁମାର ତ୍ରିପାଠୀ ତାଙ୍କ ସ୍କୁଲର ଏସସି, ଏସଟି ଛାତ୍ରୀଛାତ୍ରଙ୍କ ପାଠ୍ୟ ପୁସ୍ତକ ଗ୍ରହଣ ପାଇଁ ବଲାଙ୍ଗୀର ଡିଇଓ ଅଫିସ ପୁସ୍ତକ ବିତରଣ କେନ୍ଦ୍ରକୁ ଆସିଥିଲେ । ସେଠାରେ ଦାୟିତ୍ୱରେ ଥିବା କିରାଣୀ ଅକ୍ରୁର ସାହୁଙ୍କୁ ପୁସ୍ତକ ମାଗିଥିଲେ । ତେବେ ନବମର ପୁସ୍ତକ ଷ୍ଟକରେ ନଥିବା ଦର୍ଶାଇଥିଲେ। ଏହାପରେ ପ୍ରଧାନଶିକ୍ଷକ ତ୍ରିପାଠୀ ଦଶମ ଶ୍ରେଣୀର ପୁସ୍ତକ ଗ୍ରହଣ କରିବାକୁ ମନା କରିଦେଇଥିଲେ । ଡିଇଓ ଅଫିସରୁ ପୁସ୍ତକ ଗ୍ରହଣ କରିବାକୁ ଆସନ୍ତୁ ବୋଲି ଚିଠି କରିବା ପରେ ଏଠାରେ କିଭଳି ଭାବେ ପୁସ୍ତକ ଷ୍ଟକରେ ରହୁନାହିଁ ବୋଲି ପ୍ରଶ୍ନ କରିଥିଲେ । ଏହି ଘଟଣାକୁ ନେଇ ପ୍ରଧାନଶିକ୍ଷକ ତ୍ରିପାଠୀ ଓ କିରାଣୀ ସାହୁଙ୍କ ମଧ୍ୟରେ ଉଚ୍ଚବାଚ, ଯୁକ୍ତିତର୍କ, ଅଶ୍ଳୀଳ ଭାଷାରେ ଗାଳିଗୁଲଜ ହୋଇଥିଲା । ଘଟଣା ପରେ ପ୍ରଧାନଶିକ୍ଷକ ତ୍ରିପାଠୀ ଓ ତାଙ୍କର କେତେକ ଶିକ୍ଷକ ବନ୍ଧୁ ଟାଉନ୍ ଥାନାକୁ ଆସି କିରାଣୀ ସାହୁଙ୍କ ବିରୋଧରେ ଲିଖିତ ଅଭିଯୋଗ କରିବା ସହ କିରାଣୀ ସାହୁ ତାଙ୍କ ମାଡ ମାରିଥିବା ଲିଖିତ ଅଭିଯୋଗ କରିଥିଲେ । ଡିଇଓ ଅଫିସ ଭଳି ଏକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜଣେ ପ୍ରଧାନଶିକ୍ଷକ ଓ ଜଣେ କିରାଣୀ ମାରପିଟ୍, ଗାଳିଗୁଲଜ ଲାଗିବା ଘଟଣା ଶିକ୍ଷକ, କର୍ମଚାରୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି । ତେବେ ଏ ନେଇ ଟାଉନ୍ ଥାନା ଅଧିକାରୀ ତୋଫାନ୍ ବାଗଙ୍କୁ ପଚାରିବାରୁ ଉଭୟ ପକ୍ଷ ମଧ୍ୟରେ ମିଳାମିଶା ହୋଇଯାଇଥିବା ଜଣାଇଛନ୍ତି।

### ସରକାରୀ ପାଠ୍ୟପୁସ୍ତକ ବିକ୍ରି ଅଭିଯୋଗ

**ବଲାଙ୍ଗୀର ଅଫିସ, ୨୩।୯**

ରାଜ୍ୟ ସରକାର ଏସ୍‌ସି, ଏସଟି ଛାତ୍ରୀଛାତ୍ରଙ୍କ ପାଇଁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଉଛନ୍ତି । ତେବେ ଏହା ଠିକଣା ସମୟରେ ଛାତ୍ରୀଛାତ୍ରଙ୍କ ପାଖକୁ ପହଞ୍ଚୁ ନଥିବା ଜଣାପଡିଛି । ବଲାଙ୍ଗୀର ଡିଇଓ ଅଫିସ ଭିତରେ ଜଣେ ପ୍ରଧାନଶିକ୍ଷକ ଓ କିରାଣୀ ମଧ୍ୟରେ ଏହି ପାଠ୍ୟପୁସ୍ତକ ଯୋଗାଣକୁ ନେଇ ଗାଳିଗୁଲଜ ଓ ମାରପିଟ୍ ହେବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଛାତ୍ରୀଛାତ୍ରଙ୍କ ପ୍ରି-ବୋର୍ଡ ପରୀକ୍ଷା ସରିଯାଇଥିବାବେଳେ ଅନେକ ଛାତ୍ରୀଛାତ୍ରଙ୍କ ପାଖକୁ ପାଠ୍ୟ ପୁସ୍ତକ ପହଞ୍ଚି ନ ଥିବା ଜଣାପଡିଛି । ଅଧିକାଂଶ ସମୟରେ ଷ୍ଟକ୍‌ରେ ପୁସ୍ତକ ନଥିବା କୁହାଯାଇଥିବାବେଳେ ଏସସି, ଏସଟିଙ୍କ ଉଦ୍ଦେଶ୍ୟରେ ଯୋଗାଣ ହେଉଥିବା ପାଠ୍ୟପୁସ୍ତକକୁ ବିକ୍ରି କରି ଦିଆଯାଉଥିବା ଅଭିଯୋଗ ହୋଇଛି । ଏନେଇ ଡିଇଓ କାର୍ତ୍ତିକେଶ୍ୱର ଲେଙ୍କାଙ୍କୁ ପଚରାଯିବାରୁ ଏସସି, ଏସଟିଙ୍କ ଉଦ୍ଦେଶ୍ୟରେ ଯୋଗାଣ ହେଉଥିବା ପାଠ୍ୟପୁସ୍ତକକୁ ବିକ୍ରୀ କରାଯାଉନାହିଁ । ଯିଏ ଏନେଇ ଠୋସ୍ ପ୍ରମାଣ ଦେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

### ଆମ ପୋଲିସ ସମିତି ବୈଠକ

**ଡୁଙ୍ଗୁରିପାଲି, ୨୩।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ରାମପୁର ଥାନା ଅଭ୍ୟର୍ଥନାଗୃହରେ ଆମ ପୋଲିସ ସମିତି ବୈଠକ ଥାନା ଅଧିକାରୀ ଭାନୁ ଶଙ୍କର ଯାଦବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାମପୁର ଥାନା ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଦୁଇଚକିଆ ଯାନ ଚାଳକଙ୍କ ହେଲମେଟ୍ ବ୍ୟବହାରକୁ ନିଶ୍ଚିତ କରିବା, ସ୍ପିଡ୍ ବ୍ରେକର ରାସ୍ତାରେ ଦେବା, ନିଜ ଏଟିଏମ୍ କାର୍ଡ ନମ୍ବର, ଆକାଉଣ୍ଟ ନମ୍ବର ଅନ୍ୟ କାହାକୁ ନ ଦେବା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବା, ରାମପୁର ବସ୍‌ଷ୍ଟାଣ୍ଡ ରାସ୍ତାରେ ଯାନବାହାନ ଅବରୋଧ ହଟାଇବା ଓ ଆଗାମୀ ଦୁର୍ଗା, ଗଜଲକ୍ଷ୍ମୀ ପୂଜା ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରାଯିବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ଆମ ପୋଲିସ ସମିତିର ଶାନ୍ତି ଷଡଙ୍ଗୀ, ସତ୍ୟନାରାୟଣ ପାଢୀ, ସରପଞ୍ଚ ସରୋଜ ମେହେର, ଦେବପ୍ରସାଦ ରଣା, ନାଗାର୍ଜୁନ ମେହେର, ଗଲାଧର ପଧାନ, ବିବେକାନନ୍ଦ ପଧାନ, ବୃନ୍ଦାବନ ପାତ୍ର, ରାମନାରାୟଣ ସରାଫ, ତ୍ରିଲୋଚନ ସାହୁ, ବଂଶୀଧର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ରବି ଚରଣ ଗୋକୁଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରା ରୋପଣ

**ଖପ୍ରାଖୋଲ, ୨୩।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜୁନିୟର ରେଡକ୍ରସ ତରଫରୁ ଗାନ୍ଧିଜୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନିୟର ରେଡକ୍ରସ୍ କାଉନସେଲର ବଳଭଦ୍ର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପାଟଣାଗଡ ଉପଜିଲାପାଳ ସୋମନାଥ ପଧାନ, ସମ୍ମାନିତ ଅତିଥି ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ପାଣି, ଅଧ୍ୟାପକ ଲିଙ୍ଗରାଜ ବେହେରା, ଏମ୍‌ପି ପ୍ରତିନିଧି ଅଭୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଗାନ୍ଧୀଜୀଙ୍କ ସ୍ମୃତିଚାରଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ଚାରା ରୋପଣ ଓ ପରିବେଶ ସୁରକ୍ଷା ବାର୍ତ୍ତା ନେଇ ଗାଁ ପରିକ୍ରମା କରିଥିଲେ ।



ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜୁନିୟର ରେଡକ୍ରସ ତରଫରୁ ଗାନ୍ଧିଜୀଙ୍କ ଜନ୍ମ ବାର୍ଷିକୀ ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା ।

### କୃଷି, ଆନୁଷଙ୍ଗିକ ବିକାଶ ପାଇଁ ଗୋଷ୍ଠୀ ବୈଷୟିକ ଦଳ ବୈଠକ

**ଅମରପାଲି, ୨୩।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ କୃଷି ଓ ଆନୁଷଙ୍ଗିକ ବିକାଶ ପାଇଁ ଗୋଷ୍ଠୀ ବୈଷୟିକ ଦଳର ବୈଠକ ଆବାହକ କାଳିନ୍ଦୀ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଡ. ସୁବ୍ରତ କୁମାର ପୁରୋହିତ ପ୍ରାଣୀଧନ ସୁରକ୍ଷା ନିମନ୍ତେ ନିଆଯାଇଥିବା କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ଗୋକୁଳ ମିଶନ, ଫାଟୁଆ ରୋଗ ନିରାକରଣ ନିମନ୍ତେ ଟିକାକରଣ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ ଡାଳିମ୍ବ ଚାଷ, ଆମ୍ବଚାଷ, କଦଳୀ ଚାଷ, ସବୁଜ ଘର ସମ୍ପର୍କିତ ସରକାରୀ ସହାୟତା ବିଷୟରେ ଆଲୋକପାତ କରିଥିଲେ। ସଭ୍ୟ ସଚିବ ତଥା ବ୍ଲକ ବୈଷୟିକ ପରିଚାଳକ ଜିତେନ୍ଦ୍ର କୁମାର ମେହେର ଗ୍ରାମ୍ୟ କୃଷକ ମଞ୍ଚ ଗଠନ, କୃଷି ଓ ଆନୁଷଙ୍ଗିକ କୃଷି ବିଭାଗୀୟ ଅଧିକାରୀଙ୍କ ସହ ମିଶି ସରକାରୀ ଯୋଜନାର ସୁଫଳ ଚାଷୀ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ସହକାରୀ ବୈଷୟିକ ପରିଚାଳକ ମୀନକେତନ ମହାକୁର କୃଷକ ଆଗ୍ରହୀ ଦଳ, ସିଆଇଜି ଗଠନ ଓ ସମ୍ପ୍ରସାରଣ ପ୍ରକ୍ରିୟା ଅବଲମ୍ବନ କରି କୃଷିଜୀବୀ ଓ କୃଷି ଶ୍ରମିକଙ୍କ ପାଖକୁ ସରକାରୀ ଯୋଜନା ପହଞ୍ଚାଇବାରେ କୃଷକ ସାଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। କର୍ଡାପାଲ ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁ କୃଷି ବିଭାଗ ତରଫରୁ ପ୍ରଦତ୍ତ କ୍ଷେତ୍ର ପ୍ରଦର୍ଶନ ଓ ଅନ୍ୟାନ୍ୟ ସ୍କିମର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗ ଓଭରସିଅର ବଟକୃଷ୍ଣ ମିଶ୍ର, ସମସ୍ତ ପଞ୍ଚାୟତର କୃଷକ ସାଥୀ, ଗ୍ରାମ୍ୟ କୃଷି କର୍ମଚାରୀ ଯୋଗଦେଇ ମତ ରଖିଥିଲେ।



ଚାମ୍ପିୟନ ବୁର୍ଡା ୟୁନାଇଟେଡ ଦଳର ଖେଳାଳିମାନେ।

ଏକଦିବସୀୟ ଫୁଟବଲ

## ବୁର୍ଡା ୟୁନାଇଟେଡ ଚାମ୍ପିୟନ

**ଲୋଇସିଂହା,୨୩।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବକଟି କ୍ଲିନଷ୍ଟାର ଫୁଟବଲ ଆସୋସିଏଶନ ପକ୍ଷରୁ ୩୨ତମ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ଖେଳରେ ଟାଇବ୍ରେକରରେ ତେନ୍ତୁଲିଖୁଣ୍ଟିକୁ ହରାଇ ବୁର୍ଡା ୟୁନାଇଟେଡ୍ ଚାମ୍ପିୟନ ହୋଇଛି । ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସୀତ ରହିଥିଲା । ଫଳାଫଳ ନିର୍ଣ୍ଣୟ ପାଇଁ ରେଫରି ଟାଇବ୍ରେକରର ସହାଯ୍ୟ ନେଇଥିଲେ । ଏଥିରେ ୪-୩ ଗୋଲରେ ବୁର୍ଡା ୟୁନାଇଟେଡ ବିଜୟୀ ହୋଇଥିଲା । ବୁର୍ଡାର ମାନସ ବାଗ ମ୍ୟାନ ଅଫ ଦି ମ୍ୟାଚ, ଶଶିକାନ୍ତ ହୋତା ଟୁର୍ନାମେଣ୍ଟ ଅଫ ସିରିଜ ଓ ତେନ୍ତୁଲିଖୁଣ୍ଟିର ଗୋଲକିପର ରିଙ୍କୁ ବିଶ୍ୱାଳ ବେଷ୍ଟ ଗୋଲ କିପର, ଜୟପ୍ରକାଶ ସାହୁ ପ୍ରମୁଖ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟା ସୁକୁମାରୀ ଧରୁଆ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଅତିଥିମାନେ ଚାମ୍ପିୟନ ଦଳକୁ ୨ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୧୫ ଶହ ଟଙ୍କା ଦେଇ ପୁରସ୍କୃତ କରିଥିଲେ ।

### ଛାତ୍ରୀଛାତ୍ରଙ୍କୁ ଅଗ୍ନିନିରୋଧ କୌଶଳ ତାଲିମ

**ଅମରପାଲି, ୨୩।୯ (ଡି.ଏନ.ଏ)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା କଲେଜରେ ଚାଲିଥିବା ଜିଲାସ୍ତରୀୟ ଯୁବ ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ରଙ୍କୁ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିନିରୋଧ କୌଶଳ ତାଲିମ ପ୍ରଦାନ କରାଯାଇଛି। ଅଗ୍ନିଶମ ଅଧିକାରୀ କବି ସେଠଙ୍କ ତତ୍ତ୍ୱାବଧାନରେ ଏଲଏଫଏମ ଅରୁଣ କୁମାର ବେହେରା, ଆଗ୍ନିକ ଭବାନୀ ଶଙ୍କର ସାହୁ, ସଚ୍ଚିଦାନନ୍ଦ ସାଏ, ମେଘନାଦ ମାଝୀ ପ୍ରମୁଖ ଯୋଗଦେଇ ଏହାର କୌଶଳ ପ୍ରଦର୍ଶନ କରିଥିଲେ। ମୁଖ୍ୟତଃ ଗ୍ୟାସ ଓ ତୈଳଜନିତ ନିଆଁକୁ କିପରି ନିୟନ୍ତ୍ରଣ କରାଯାଇଥାଏ ତାହାର କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା ।

## ବିଶିପଡା ହାଇସ୍କୁଲରେ ସୁନେତ୍ର କାର୍ଯ୍ୟକ୍ରମ

**ଉଲୁଣ୍ଡା, ୨୩।୯(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ବିଶିପଡା ପରମେଶ୍ୱରୀ ହାଇସ୍କୁଲରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସୁନେତ୍ର କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦିଲୀପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଫିସର ଡ. ଆଶୁତୋଷ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଚକ୍ଷୁ ଚିକିତ୍ସା ସହାୟକ ବିଦ୍ୟାଧର ସାହୁ, ଅଶୋକ କୁମାର ମଲ୍ଲିକ ଯୋଗଦେଇ ୫୭ଜଣ ଛାତ୍ରୀଛାତ୍ରଙ୍କୁ ଚକ୍ଷୁ ଚିକିତ୍ସା କରାଯାଇଥିଲା। ବିପିଏମ ମହେନ୍ଦ୍ର କୁମାର ମିଶ୍ର, ପିଏଚଇଓ ମାଝିଗୌରି ପାତ୍ର, ସୁପରଭାଇଜର ପ୍ରଶାନ୍ତ ମେହେରଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଆରସି ରୋହିତ କୁମାର ନାଏକ, ଧର୍ମପଦ ମହାକୁର, ଆଇଇଡି ସନତ କୁମାର ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ସହଯୋଗ କରିଥିଲେ।

ଫି' ନ ଦେବାରୁ ପରୀକ୍ଷାରୁ ୯ ଛାତ୍ର ବାଦ୍ ପଡିବା ଘଟଣା

## ଡିଇଓଙ୍କୁ ତଦନ୍ତ ରିପୋର୍ଟ ଦେଲେ ବିଇଓ

**ବଲାଙ୍ଗୀର ଅଫିସ, ୨୩।୯**

**ବେଆଇନ ଭାବେ ଛାତ୍ରୀଛାତ୍ରଙ୍କଠାରୁ ଫି' ଆଦାୟ ହେଉଥିଲା**

ସବ୍‌ସିଡାଇରୀ ଫି' ଦେଇ ନ ପାରିବାରୁ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ୍ ଭାଲେର ସରକାରୀ ହାଇସ୍କୁଲର ୯ ଜଣ ଛାତ୍ର ଦଶମ ଶ୍ରେଣୀ ପ୍ରି-ବୋର୍ଡ ପରୀକ୍ଷାରୁ ବଞ୍ଚିତ ହୋଇଥିଲେ । ଏହି ଘଟଣାର ତଦନ୍ତ ରିପୋର୍ଟ ସୋମବାର ଜିଲା ଶିକ୍ଷା ଅଧିକାରୀଙ୍କ (ଡିଇଓ) ଅଫିସରେ ଦାଖଲ କରାଯାଇଛି । ଉକ୍ତ ରିପୋର୍ଟରେ ଫି ଦେଇ ନଥିବାରୁ ସ୍କୁଲର ୯ ଛାତ୍ରଙ୍କୁ ପରୀକ୍ଷାରୁ ପ୍ରିବୋର୍ଡ ପରୀକ୍ଷାରୁ ବଞ୍ଚିତ କରାଯାଇଥିବା ସ୍ପଷ୍ଟ କରାଯାଇଛି । ଗତ ୧୬ ତାରିଖ ଦିନ ଏହି ଘଟଣା ଜଣାପଡିଥିଲା । ପ୍ରିବୋର୍ଡ ପରୀକ୍ଷା ପ୍ରଥମ ଦିନରେ ୯ ଛାତ୍ରଙ୍କୁ ପରୀକ୍ଷା ଦେବାକୁ ମନା କରାଯାଇଥିଲା । ଏ ନେଇ ପରେ ସ୍କୁଲର ପ୍ରଧାନଶିକ୍ଷକଙ୍କ ନାଁରେ ଅଭିଭାବକମାନେ ଅଭିଯୋଗ କରିଥିଲେ । ଘଟଣାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ଡିଇଓ କାର୍ତ୍ତିକେଶ୍ୱର ଲେଙ୍କା ପୁଇଁତଲା ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଇଓ ଅଫିସର ଏବିଇଓ ରତନ ଧରୁଆ ଓ ଶ୍ରୀଧର ଦାଶ ଭାଲେର ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିଥିଲେ । ସୋମବାର ଏହି ରିପୋର୍ଟକୁ ପୁଇଁତଲା ବ୍ଲକ୍ ଶିକ୍ଷା ଅଧିକାରୀ ନେପାଳ ବାଗ ଡିଇଓ ଅଫିସରେ ଦାଖଲ କରିଛନ୍ତି । ତଦନ୍ତ ବେଳେ ଏହି ସ୍କୁଲରେ ଦେୟମୁକ୍ତ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସତ୍ତ୍ୱେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କଠାରୁ ବେଆଇନ ଭାବେ ଫି ଆଦାୟ କରାଯାଉଥିବା ଦର୍ଶାଇଛନ୍ତି । ଛାତ୍ରୀଛାତ୍ରଙ୍କଠାରୁ ଆଦାୟ କରାଯାଉଥିବା ଫି'ରେ ହିନ୍ଦୀ ଶିକ୍ଷକ, ପିଅନ, ରାତ୍ର ଜଗୁଆଳି ଓ ସଫେଇ କର୍ମଚାରୀଙ୍କୁ ଦରମା ଦେଇ ରଖିଥିବା ସ୍କୁଲ କର୍ତ୍ତୃପକ୍ଷ ଦର୍ଶାଇଥିବା କହିଛନ୍ତି । ତେବେ ଫି ଦେଇ ନ ପାରିବାରୁ ୯ ଜଣ ଛାତ୍ରଙ୍କୁ ପରୀକ୍ଷାରୁ ବଞ୍ଚିତ କରାଯିବା ରିପୋର୍ଟ ଆସିବା ପରେ ଡିଇଓ ଏନେଇ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

## ଜାତୀୟ କରାଟେ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର ଅଫିସ, ୨୩।୯**



କୃତୀ କରାଟେ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

ବଲାଙ୍ଗୀର ଟାଉନ ବାଳିକା ଉଚ୍ଚବିଦ୍ୟାଳୟଠାରେ ବଲାଙ୍ଗୀର ଜିଲା କରାଟେ ଅର୍ଗାନାଇଜେସନ ତଥା ଅସୀମ କରାଟେ ଏକାଡେମୀ ପକ୍ଷରୁ କୃତୀ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଗତ ଅଗଷ୍ଟ ୧୦ ଓ ୧୧ ତାରିଖରେ ପଣ୍ଡିଚେରୀର କୁଡାଲୋରଠାରେ ୧୮ତମ ଅଲ୍ ଇଣ୍ଡିଆ ମୱାଡେକା ସିଟୋରିଓ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବଲାଙ୍ଗୀର ରେଲୱେ ଷ୍ଟେଶନଛକ ସ୍ଥିତ କରାଟେ ସ୍କୁଲର ୧୨ ଜଣ ଛାତ୍ରୀଛାତ୍ର କୋଚ ଅସୀମ ଭୋଇଙ୍କ ନେତୃତ୍ୱରେ ଭାଗ ନେଇ ୧୮ଟି ପଦକ ହାସଲ କରିଥିଲେ । ସେଲ୍ଫ ଡିଫେନ୍ସ ଏକ୍ସପାର୍ଟ ତଥା ଅନ୍ତର୍ଜାତୀୟ ସ୍ୱର୍ଣ୍ଣପଦକ ବିଜେତା ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଓ ଜିଲାପାଳ ଅରିନ୍ଦମ ଡାକୁଆ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୃତୀ କ୍ରୀଡାବିତ୍ ସାଇଶ୍ରୀୟା, ସ୍ୱସ୍ଥିକା, ଆସ୍ଥା, ସୁହାନୀ, ଧୀରଶ୍ରୀ, ଶଶାଙ୍କ, ମହ୍ଲାର, ପ୍ରିୟାଂଶୁ, ଲୁକେଶ ଓ ପ୍ରତ୍ୟୁଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ମିଶ୍ର ଆସନ୍ତା ମେ ୨୦୨୦ ସୁଦ୍ଧା ପୃଥ୍ୱୀରାଜ ହାଇସ୍କୁଲ ପଡିଆରେ ଅସୀମ କରାଟେ ଏକାଡେମୀ ପାଇଁ ସ୍ୱତନ୍ତ୍ର ହଲର ବ୍ୟବସ୍ଥା କରାହେବ ବୋଲି କହିଥିଲେ । ଜିଲାପାଳ ମଧ୍ୟ ତାଙ୍କ ଅଭିଭାଷଣରେ ସାମରିକ କଳା, କ୍ରୀଡା କରିଆରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ବିକାଶ ହୋଇପାରିବ ବୋଲି କହିଥିଲେ । ଏହି ଉତ୍ସବରେ ବିଧାୟକ ଓ ଜିଲାପାଳ କରାଟେ କୋଚ ଅସୀମ ଭୋଇଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ସଭାକୁ କସ୍ତୁରୀ ରଥ ପରିଚାଳନା କରିଥିଲେ । ସନ୍ତୋଷ ବେହେରା, ଭଜନଲାଲ ଅଗ୍ରୱାଲ, ପ୍ରତ୍ୟୁଷ ହୋତା, ସମ୍ବିତ ଡାଙ୍ଗ, ଅମିତ ପ୍ରଧାନ ସହଯୋଗ କରିଥିଲେ ।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।

-ଜର୍ଜ ଶାନ୍ତାୟନ



## ସଂକ୍ଷେପରେ



### ରୋଗୀଙ୍କୁ ଗୁଣ୍ଡୁଚିର ସହାୟତା ପ୍ରଦାନ

**ରାଉରକେଲା ଅଫିସ, ୨୩।୯-** ରାଉରକେଲା ସହରର ସେବାଧର୍ମୀ ଅନୁଷ୍ଠାନ 'ଗୁଣ୍ଡୁଚି' ପକ୍ଷରୁ ସୋମବାର ଜଣେ ମସ୍ତିଷ୍କ ରୋଗଗ୍ରସ୍ତ ରୋଗୀଙ୍କୁ ଚାରିଚକିଆ ସାଇକେଲ ପ୍ରଦାନ କରାଯାଇଛି। ବାସନ୍ତୀ କଲୋନୀ ବାସିନ୍ଦା ପ୍ରମୋଦ ପାଢ଼ୀ ମସ୍ତିଷ୍କ ରୋଗରେ ଆକ୍ରାନ୍ତ ହୋଇ ଚାଲି ପାରୁନାହାନ୍ତି। ଏହାକୁ ନେଇ ପ୍ରମୋଦଙ୍କ ପୁଅ ଦେବାଶିଷ ଗୁଣ୍ଡୁଚି ଅନୁଷ୍ଠାନ ପାଖରେ ଏକ ଚାରିଚକିଆ ସାଇକେଲ ପ୍ରଦାନ ପାଇଁ ନିବେଦନ କରିଥିଲେ। ଏହାକୁ ଗୁଣ୍ଡୁଚି ଅନୁଷ୍ଠାନ ପକ୍ଷରୁ ଗ୍ରହଣ କରାଯିବା ସହ ଚାରିକିଆ ସାଇକେଲ ପ୍ରଦାନ ପୂର୍ବକ ପାଢ଼ୀଙ୍କ ଆରୋଗ୍ୟ କାମନା କରାଯାଇଥିଲା। ଅନୁଷ୍ଠାନ ସାଧାରଣ ସମ୍ପାଦକ ଭଗବାନ ରାଉତ, ସତ୍ୟଜିତ୍ ସୂତାର, ଅମୂଲ୍ୟ ମିଶ୍ର, ଭଗବାନ ନାୟକ, ଗଗନ ରାଉତ, ଅନୀଲ ଦାସ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବୋନସ ଦାବିକୁ ନେଇ ଶ୍ରମିକ ଅଶାନ୍ତି

# ରାଉରକେଲା ମଜଦୁର ସଭାର ଗଣବିକ୍ଷୋଭ

**ରାଉରକେଲା ଅଫିସ, ୨୩।୯**



ଗଣବିକ୍ଷୋଭରେ ରାଉରକେଲା ଶ୍ରମିକ ସଭାର କର୍ମକର୍ତ୍ତାମାନେ ।

ସୋମବାର ସକାଳ ୮ଟା ସମୟରେ ରାଉରକେଲା ମଜଦୁର ସଭା ପକ୍ଷରୁ ସ୍ଥାନୀୟ ବିଶ୍ରା ଛକରେ ଗଣବିକ୍ଷୋଭ କରାଯାଇଥିଲା। ରାଉରକେଲା ଇସ୍ପାତ କାରଖାନା ସମେତ ସେଲ ଅଧୀନସ୍ଥ ସମସ୍ତ କାରଖାନା, ଖଣି ଖାଦାନ ଓ ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀ ଓ ଠିକା ଶ୍ରମିକମାନଙ୍କୁ ଦୁର୍ଗାପୂଜା ପୂର୍ବରୁ ବାର୍ଷିକ ବୋନସ ଓ ଏକ୍ସଗ୍ରାସିଆ ପ୍ରଦାନ କରାଯିବା ଦାବି ନେଇ ଏହି ବିକ୍ଷୋଭ କରାଯାଇଥିଲା। ଏଥିରେ ରାଉରକେଲା ମଜଦୁର ସଭାର କର୍ମକର୍ତ୍ତା, ରାଉରକେଲା ଠିକା ଶ୍ରମିକ ସଭା ଓ ସୁନ୍ଦରଗଡ଼ ଜିଲା ଅସଙ୍ଗଠିତ ଶ୍ରମିକ ସଂଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ୟୁନିୟନର ସଭାପତି ପ୍ରଭାକର ଚମ୍ପତିରାୟର ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣବିକ୍ଷୋଭରେ ସାଧାରଣ ସମ୍ପାଦକ ଶ୍ରୀଧର ନାୟକ ଚଳିତ ବର୍ଷ ସେଲ ୨୧୭୯ କୋଟି ଟଙ୍କା ନିଟ୍ ଲାଭ କରିଥିବା କହିଥିଲେ। ଯାହାଫଳରେ କାରଖାନାରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀମାନେ ବାର୍ଷିକ ବୋନସ ଓ ଏକ୍ସଗ୍ରାସିଆ ପୂଜା ପୂର୍ବରୁ ପାଇବାକୁ ହକଦାର ବୋଲି କହିଥିଲେ। ପୂର୍ବରୁ ସେଲ ମାନ୍ଦାବସ୍ଥାର ଶିକାର ହୋଇ କ୍ଷତିରେ ଚାଲୁଥିବା ବେଳେ ଶ୍ରମିକ ଓ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ବର୍ତ୍ତମାନ ଏଭଳି ଭଲ ସ୍ତରରେ ପହଞ୍ଚି ପାରିଛି। ଚଳିତମାସ ୩ ତାରିଖରେ ଅନୁଷ୍ଠିତ ଏନ୍‌ଜେସିଏସ ବୈଠକରେ କର୍ତ୍ତୃପକ୍ଷ ପୂଜା ପୂର୍ବରୁ ବୋନସ ପ୍ରଦାନ ନେଇ ସମ୍ମତି ଦେଇଥିଲେ ମଧ୍ୟ ବର୍ତ୍ତମାନ ଯାଏ ବୋନସ ପ୍ରଦାନ ନେଇ ବୈଠକ ନ ଡାକିବା ଏକ ହୀନ ଉଦ୍ଦେଶ୍ୟ ପ୍ରଣୋଦିତ ଓ ନିନ୍ଦନୀୟ ବୋଲି ନାୟକ କହିଛନ୍ତି। ଏହାସହ ଉତ୍ପାଦକତା ବୃଦ୍ଧିରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଥିବା ଠିକା ଶ୍ରମିକମାନେ ମଧ୍ୟ ବାର୍ଷିକ ବୋନସ ପାଇବାକୁ ହକଦାର ବୋଲି ଡି.ଏନ୍. ଆଚାର୍ଯ୍ୟ, କଳାକର ସାହୁ, ସିଦ୍ଧେଶ୍ୱର ବଳ, ନିରଞ୍ଜନ ସାମଲ, ଯୁଧିଷ୍ଠିର ସାହୁ, ପତିତପାବନ ଜେନା, ଅମୀୟ ଜେନା, ଦିଗାମ୍ବର ମହାନ୍ତି, ସତ୍ୟାନନ୍ଦ ବେହେରା ପ୍ରମୁଖ ଦାବି କରିଥିଲେ। ଏହାସହ ଆଇଜିଏଚରେ ଉନ୍ନତ ଚିକିତ୍ସା ସୁବିଧା, ରିୱାର୍ଡ ସ୍କିମରେ ପରିବର୍ତ୍ତନ କରି ଅଧିକ ଉପାର୍ଜନର ସୁଯୋଗ ସୃଷ୍ଟି କରିବା, ବୋନସ ପ୍ରଦାନ ନେଇ ତୁରନ୍ତ ଏନ୍‌ଜେସିଏସ୍ ବୈଠକ ଡାକିବା ଇତ୍ୟାଦି ଦାବି କରାଯାଇଥିଲା। ଏହି ଗଣବିକ୍ଷୋଭରେ ବିଷ୍ଣୁ ପ୍ରଧାନ, ସୁରେଶ ଦେବତା, ପ୍ରଶାନ୍ତ ତରାଇ, ଜଗତ ଜେନା, ବିମଳ ଦେହୁରିଆ, କୁଳମଣି ରାଏ, ପାର୍ଥସାରଥି ପ୍ରଧାନ ପ୍ରମୁଖ ସଞ୍ଚାଳନ କରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ସିକିଲ ସେଲ୍ ଓ ଥାଲାସେମିଆ ରୋଗୀ ପଞ୍ଜୀକରଣ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା ।
- ଏନଏସ୍ଏସ୍ ଡେ ଉପଲକ୍ଷେ ନୃତ୍ୟ ଓ ନାଟକ ପ୍ରତିଯୋଗିତା, ଏନ୍ଏସ୍‌ସିବି କଲେଜ ପରିସର, ପୂର୍ବାହ୍ନ ସାଢ଼େ ୧୧ଟା।

**ବରଗଡ଼**
- ତ୍ରିରଙ୍ଗା କପ୍ ଫୁଟବଲ ପ୍ରତିଯୋଗିତା, ଖୁଣ୍ଟପାଲି ପଡ଼ିଆ, ଦିନ ୨ଟା।

**ଉଲୁଣ୍ଡା**
- ଆନ୍ତଃ ମହାବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟ, ଆଞ୍ଚଳିକ ଡିଗ୍ରୀ କଲେଜ, ପୂର୍ବାହ୍ନ ୧୧ଟା।

**ବେଲପାହାଡ**
- ଗୁରୁ ନାନକଜୀଙ୍କ ୫୫୦ତମ ଜନ୍ମ ବାର୍ଷିକ ଅବସରରେ ଭାତୃଭାବ ଶୋଭାଯାତ୍ରା, ଅପରାହ୍ନ ୪ଟା।

**ଲୋଇସିଂହା**
- ତୃତୀୟ ବାର୍ଷିକୀ ଉଦ୍‌ବୋଧନୀ ଉତ୍ସବ, ସତ୍‌ସଙ୍ଗ କେନ୍ଦ୍ର ବୁର୍ଡ଼ା, ପୂର୍ବାହ୍ନ ୧୦ଟା।

**ବିଜେପୁର**
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ବିଜେପୁର କଲେଜ, ପୂର୍ବାହ୍ନ ୯ରୁ ଅପରାହ୍ନ ୨ଟା।

ସିନାପାଲି
- ମହାତ୍ମା ଗାନ୍ଧୀଙ୍କ ବ୍ଲକସ୍ତରୀୟ ୧୫୦ତମ ଜୟନ୍ତୀ ପାଳନ, ନୋଡାଲ ହାଇସ୍କୁଲ, ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**
- ଭାଜପାର ରାଷ୍ଟ୍ରୀୟ ଏକତା ଅଭିଯାନ, ଟାଉନ ହଲ, ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସୋନପୁର ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ।

**ଖପ୍ରାଖୋଲ**
- ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

ଦେବଗଡ
- ଆଇନ ସଚେତନତା ଶିବିର, କଣ୍ଡଳ କଲେଜ, ବାରକୋଟ, ପୂର୍ବାହ୍ନ ୧୨ଟା।

# ବିଇଡି କଲେଜ ବନ୍ଦ ନ କରିବାକୁ ଦାବି

### ଛାତ୍ର କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

**ରାଉରକେଲା ଅଫିସ, ୨୩।୯**

ରାଉରକେଲା ସହରର ନୟାବଜାରଠାରେ ଥିବା ଏକମାତ୍ର (ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ) ବିଇଡି କଲେଜ ରହିଛି। ଏହି କଲେଜକୁ ରାଜ୍ୟ ସରକାର ୧୯୮୧ ମସିହାରେ ସ୍ଥାପନ କରିଥିଲେ। ଯାହାକି ସରକାରୀ ଉଦାସୀନତାରୁ ଆସନ୍ତା ୨୦୨୦-୨୧ ଶିକ୍ଷାବର୍ଷରୁ ବନ୍ଦ ହେବାକୁ ଯାଉଛି। ଏ ନେଇ ରାଷ୍ଟ୍ରୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନ୍‌ସିଟିଇ) ନୋଟିସ ଜାରି କରିଛି। ଏନ୍‌ସିଟିଇ ପକ୍ଷରୁ ବିଇଡି କଲେଜ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଧ୍ୟାପକ ନିଯୁକ୍ତି ଓ ଆବଶ୍ୟକୀ ଭିତ୍ତିଭୂମିର ବିକାଶ ପାଇଁ ଅବଗତ କରାଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ସେଥିପ୍ରତି ଆଦୌ ଗୁରୁତ୍ୱ ଦେଲେନାହିଁ। ଫଳରେ ଆସନ୍ତା ଶିକ୍ଷାବର୍ଷରୁ ଏହି ୧୦୦ସିଟ ବିଶିଷ୍ଟ ଉକ୍ତ କଲେଜ ବନ୍ଦ ହେବାକୁ ଯାଉଛି।

୧୦୦ ସିଟ ବିଶିଷ୍ଟ ବିଇଡି କଲେଜ ପାଇଁ ଏନ୍‌ସିଟିଇ ଗାଇଡ ଲାଇନ ଅନୁଯାୟୀ ଅନ୍ୟୁନ ଜଣେ ସ୍ଥାୟୀ ଅଧ୍ୟକ୍ଷଙ୍କ ସମେତ ୧୫ଜଣ ସ୍ଥାୟୀ ଅଧ୍ୟାପକ ରହିବା ଆବଶ୍ୟକ । ତେବେ ଏହି କଲେଜରେ ଦୀର୍ଘଦିନ ହେଲା ଜଣେ ଭାରପ୍ରାପ୍ତ ଅଧ୍ୟକ୍ଷ ରହିଥିବା ବେଳେ ୫ଜଣ ଅତିଥି ଶିକ୍ଷକଙ୍କୁ ନେଇ କଲେଜ ଚାଲିଛି। ସେହିପରି ଅନୁଷ୍ଠାନର ପରିସୀମା ୨୦୦ ବର୍ଗମିଟର ରହିବା ସ୍ଥଳରେ ୧୬୬.୭୪ ବର୍ଗମିଟର ମଧ୍ୟରେ ସୀମିତ ରହିଛି। କଲେଜର ଏପରି ଅବ୍ୟବସ୍ଥା ବାବଦରେ ଏନ୍‌ସିଟିଇ ତରଫରୁ ବାରମ୍ବାର ନୋଟିସ ଜାରି କରାଯାଇଥିଲା। କଲେଜ ସ୍ଥିତିରେ କୌଣସି ପରିବର୍ତ୍ତନ ନ ହେବାରୁ ଆସନ୍ତା ୨୦୨୦-୨୧ ଶିକ୍ଷା ବର୍ଷଠାରୁ ଅନୁଷ୍ଠାନରେ ବିଇଡି ନାମ ଲେଖାକୁ ବନ୍ଦ କରାଯିବା ସହ ବିଇଡି କୋର୍ସ ପାଇଁ ମିଳିଥିବା ମାନ୍ୟତାକୁ ପ୍ରତ୍ୟାହାର କରି ନିଆଯାଇଛି। ଗତ ୧୫ବର୍ଷ ମଧ୍ୟରେ ରାଜ୍ୟ ସରକାର ରାଉରକେଲା ସହରରେ ଗୋଟିଏ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାକୁ ସମର୍ଥ ହୋଇ ନ ଥିବା ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାସହ ୩୮ବର୍ଷ ପୁରୁଣା ବିଇଡି କଲେଜକୁ ସରକାରୀ ଅବହେଳା କାରଣରୁ ବନ୍ଦ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଭିହିତ କରିଛି। ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ବିଇଡି କଲେଜ ବଞ୍ଚାଇବାକୁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହା ନ ହେଲେ ଛାତ୍ର କଂଗ୍ରେସ ଏହି ପ୍ରସଙ୍ଗକୁ ନେଇ ଜିଲା ବ୍ୟାପୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛି। ସୁନ୍ଦରଗଡ଼ ଜିଲା ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକଙ୍କ ଅଧ୍ୟକ୍ଷତାରେ ଶତାଧିକ ଛାତ୍ର କଂଗ୍ରେସ କର୍ମକର୍ତ୍ତା ଉଦିତନଗରସ୍ଥିତ ଆମ୍ବେଡକର ଛକରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଏହାସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଶିକ୍ଷାମନ୍ତ୍ରୀ ଅରୁଣ ସାହୁ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ପରେ ଛାତ୍ର କଂଗ୍ରେସ ପକ୍ଷରୁ ପାନପୋଷ ଉପଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ମୁଖ୍ୟଶାସନ ସଚିବଙ୍କୁ ପ୍ରଦାନ କରାଯାଇଛି। ଅନୁଷ୍ଠିତ ବିକ୍ଷୋଭ,ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛାତ୍ର କଂଗ୍ରେସର ସାଧାରଣ ସମ୍ପାଦକ ସଦ୍ଦାବ ଅହମଦ, ଏସ୍.ରଣା, ଜ୍ଞାନେନ୍ଦ ଦାସ, ମାରୁତି ସାହୁ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ମଧୁସୁଦନ ଜେନା, ଦେବାଶିଷ ଖଟେଇ, ସୁଦୀପ ସିଂ ଚୌହାନ, ସୁରଜ ତିୱାରୀ, ସତ୍ୟବାନ ସାମଲ, ରିଙ୍କୁ ସାହୁଙ୍କ ସମେତ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ପୂର୍ବତନ ଜିଲାସଭାପତି ବିରେନ ସେନାପତି, ରୋହିତ ଯୋଶେଫ ତିର୍କୀ, ପ୍ରଶାନ୍ତ ସେଠୀ ଓ କୈଳାସ ସାହୁ, ବରିଷ୍ଠ ନେତା ସନ୍ତୋଷ ବିଶ୍ୱାଳ, ରାମପୁକାର ସିଂ, ରତିକାନ୍ତ ମଲ୍ଲିକ ଓ ଦିଲିପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଅନୁଷ୍ଠିତ ବିକ୍ଷୋଭ ସଭାରେ ଛାତ୍ର କଂଗ୍ରେସ ନେତୃବୃନ୍ଦ।



ସପ୍ଲାୟର ରିଲେଶନଶିପ କାର୍ଯ୍ୟକ୍ରମରେ ଉପସ୍ଥିତ ଆର୍‌ଏସ୍‌ପି ଅଧିକାରୀ।

# ସପ୍ଲାୟର ରିଲେଶନଶିପ ମ୍ୟାନେଜମେଣ୍ଟ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ, ୨୩।୯**

ରାଉରକେଲା ଇସ୍ପାତ କାରଖାନାର ସିପିଟିଆଇ ପ୍ରେକ୍ଷାଳୟଠାରେ ଗତ ୨୧ ତାରିଖରେ ସପ୍ଲାୟର ରିଲେଶନଶିପ ମ୍ୟାନେଜମେଣ୍ଟ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ସାମଗ୍ରୀ ପ୍ରବନ୍ଧନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡି.କେ. ମହାପାତ୍ର ଅଧ୍ୟକ୍ଷତା କରି ଆର୍‌ଏସ୍‌ପିର ପ୍ରଗତିରେ ସମସ୍ତ ପଣଧାରୀଙ୍କ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ମହାନ୍ତି ସମ୍ବନ୍ଧକୁ ଅଧିକ ସୁଦୃଢ଼ ଗଢ଼ି ତୋଳିବା ନିମନ୍ତେ ନିରନ୍ତର ଯୋଗାଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସି ଆଣ୍ଡ ଆଇଟି ବିଭାଗର ରାମନାରାୟଣ ନାଏକ ଏସ୍‌ଆର୍‌ଏମ୍ ବିଭାଗର ଉଦ୍ଦେଶ୍ୟ ଏବଂ ଏଥିରେ ସଙ୍ଗଠିତ ପ୍ରଗତି ଉପରେ ଆଲୋକପାତ କରିଥିଲେ। ପରେ ଏସ୍‌ଆର୍‌ଏମ୍ ଉପରେ ମତବିନିମୟ ଅନୁଷ୍ଠିତ ହୋଇଥିଲା। ଏହାକୁ ସି ଆଣ୍ଡ ଆଇଟି ବିଭାଗର ଡିଜିଏମ୍ ୱାଇ.ପି ଦାସ, ପଞ୍ଚାନନ ବେହେରା, ଇନ୍ଦ୍ରମଣୀ ସାମଲ ଓ ଜି.ଏସ୍. ଗୋସ୍ୱାମୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ଭାରପ୍ରାପ୍ତ ମହାପ୍ରବନ୍ଧକ ସୁଶୀଲ ମହାନ୍ତି, ଆର୍‌ଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ଏନ୍.କେ.ସାମନ୍ତରାୟ, ସି ଆଣ୍ଡ ଆଇଟି ବିଭାଗର ମହାପ୍ରବନ୍ଧକ ରାମ ନାରାୟଣ ନାଏକ ଏବଂ ଷ୍ଟୋର ମାର୍କେଟିଂ ବିଭାଗର କେ.ଦାନୀ ମଞ୍ଚାସୀନ ଥିଲେ। ଏହାସହ ରାଉରକେଲା ଶିଳ୍ପ ଓ ବଣିକ ସଂଘ, ଓଏଏସ୍‌ଏମ୍‌ଇ, ଓୱାଇଇଏ, ଡିଏସ୍‌ଏସ୍‌ଆଇଏ, ରାଉରକେଲା ଠିକାଦାର ସଂଘର ପ୍ରତିନିଧି ତଥା ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏମ୍‌ଏମ୍ ବିଭାଗର ଜି.କେ.ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସି ଆଣ୍ଡ ଆଇଟି ବିଭାଗର ମ୍ୟାନେଜର ଡି.ସି.ଯାଦବ ଧନ୍ୟବାଦ ଦେଇଥିଲେ। ଶିଖା ଜୈନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନ ହେଉ

### ସଭାପତିଙ୍କ ଦୃଷ୍ଟି ଆକର୍ଷଣ କଲେ ପୂଜା କମିଟି କର୍ମକର୍ତ୍ତା

**ରାଉରକେଲା ଅଫିସ,୨୩।୯**

ଷ୍ଟିଲ ସିଟିରେ ପାର୍ବଣ ଋତୁ ଆସିଛି । ଦୁର୍ଗା, କାଳୀ ଓ ଲକ୍ଷ୍ମୀ ପୂଜାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ କେନ୍ଦ୍ରୀୟ ପୂଜା କମିଟିର ଗୁରୁ ଦାୟିତ୍ୱ ରହିଛି। ତେବେ ଗତ କିଛି ବର୍ଷ ହେବ ଏହି କମିଟି ପାଇଁ ନିର୍ବାଚନ କରାଯାଉ ନାହିଁ। ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ତତ୍ତ୍ୱାବଧାନରେ କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନ ଅନୁଷ୍ଠିତ ହୋଇଥାଏ। କାରଣ ଅତିରିକ୍ତ ଜିଲାପାଳ ହିଁ କମିଟିର ସଭାପତି ଦାୟିତ୍ୱ ତୁଲାଇଥାନ୍ତି। ବିଭିନ୍ନ କାରଣରୁ କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନ ଗତ କିଛିବର୍ଷ ହେବ କରାଯାଉନି। ରାଜନେତାଙ୍କ ହସ୍ତକ୍ଷେପ କାରଣରୁ ମନୋନୀତ କମିଟି ଉପରୋକ୍ତ ୩ଟି ପୂଜାକୁ ନିୟନ୍ତ୍ରଣ କରି ଆସୁଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ବିରୋଧୀ ବିଭିନ୍ନ ସମୟରେ ସମାଲୋଚନା କରି ଆସୁଛନ୍ତି। ରବିବାର କେନ୍ଦ୍ରୀୟ ପୂଜା କମିଟିର ପୁରସ୍କାର ବିତରଣ ସମାରୋହ ଶେଷ ହୋଇଛି। ନିୟମାନୁସାରେ ନୂଆ କମିଟି ନେଇ ନିର୍ବାଚନ କରାଯିବା କଥା। ପୂଜା ପାଖେଇ ଆସୁଥିବା ବେଳେ ଏ ଦିଗରେ ପ୍ରୟାସ କରାଯାଉନି। ସ୍ଥିତି ଏମିତି ଯେ, ନିର୍ବାଚନ ନେଇ ଆଉ ହାତରେ ସମୟ ନାହିଁ। ପରିସ୍ଥିତି ସୂଚାଉଛି ଏଥର ବି ମନୋନୀତ କମିଟି ପୂଜା ପାଳନ କରିବ। ଯାହାକୁ ଅନେକ ପୁରୁଖା ପୂଜା କମିଟି କର୍ମକର୍ତ୍ତା ନାପସନ୍ଦ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର କେତେକ ପୂଜା କମିଟି ବା ମଣ୍ଡପ କର୍ମକର୍ତ୍ତା ରାଉରକେଲା ଏଡିଏମ୍ ତଥା ପୂଜା କମିଟି ସଭାପତି ଡ. ୟେଦୁଲା ବିଜୟଙ୍କୁ ଦାବିପତ୍ର ପ୍ରଦାନ କରି ନିର୍ବାଚନ କରିବାକୁ ଦାବି କରିଛନ୍ତି। ସମଗ୍ର ଓଡିଶାରେ ରାଉରକେଲା ଏଭଳି ଏକ ସହର ଯେଉଁଠି ଏକ ପଞ୍ଜିକୃତ ସଂସ୍ଥା କେନ୍ଦ୍ରୀୟ ପୂଜା କମିଟି କାର୍ଯ୍ୟ କରୁଛି। ଏଥିରେ ସମସ୍ତ ପୂଜା କମିଟି ସଭାପତି/ସମ୍ପାଦକଙ୍କ ସମେତ ପ୍ରଶାସନିକ ଅଧିକାରୀ ସଭ୍ୟ ରହିଛନ୍ତି। ଯେଉଁ କାରଣରୁ ପୂଜା କମିଟି କର୍ମକର୍ତ୍ତା ମଣ୍ଡପକୁ ବିଜୁଳି ସଂଯୋଗଠାରୁ ଆରମ୍ଭ କରି ସାଉଣ୍ଡ ଏବଂ ଅନ୍ୟ ଅନୁମତି ପତ୍ର ସହଜରେ ପାଇ ପାରିଥାନ୍ତି। ଏପରିକି ଭସାଣି ତଥା ମେଳଣ ଶୋଭାଯାତ୍ରା ବି ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହୋଇଥାଏ। ଏପରି ଅବସ୍ଥାରେ କେଉଁ କାରଣରୁ ଦୀର୍ଘ ବର୍ଷ ହେବ କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନ କରାଯାଉନି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯୁବ ନେତା ପ୍ରକାଶ ପାଶୱାନଙ୍କ ନେତୃତ୍ୱରେ କେତେକ ପୂଜା କମିଟି କର୍ମକର୍ତ୍ତା ଏଡିଏମ ତଥା ପୂଜା କମିଟି ସଭାପତି ବିଜୟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।


ଯୁବ ନେତା ପ୍ରକାଶ ପାଶୱାନଙ୍କ ନେତୃତ୍ୱରେ କେତେକ ପୂଜା କମିଟି କର୍ମକର୍ତ୍ତା ଏଡିଏମ ତଥା ପୂଜା କମିଟି ସଭାପତି ବିଜୟଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି।

### କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ

# ୨୦୨୦ ସୁଦ୍ଧା ସବୁ ଘରକୁ ପାନୀୟ ଜଳ: ମନ୍ତ୍ରୀ

**ରାଉରକେଲା ଅଫିସ,୨୩।୯**

କେନ୍ଦ୍ରୀୟ ପୂଜା କମିଟି ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ରବିବାର ସନ୍ଧ୍ୟାରେ ମନ୍ତ୍ରୀ ପ୍ରତାପ ଜେନା ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା କହିଲେ, ପାର୍ବଣ ଉତ୍ସବକୁ ଧୂମଧାମରେ ସମଗ୍ର ରାଜ୍ୟରେ ପାଳନ କରାଯାଉଥିବା ବେଳେ ରାଉରକେଲାରେ ଏହି ଉତ୍ସବର ମାହୋଲ ନିଆରା। କେନ୍ଦ୍ରୀୟ ପୂଜା କମିଟି ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାରେ ପାଳନ କରାଯାଉଥିବା ପାର୍ବଣ ଋତୁକୁ ସହରବାସୀ ବେଶ ଆନନ୍ଦ ଉଲ୍ଲାସରେ ଉପଭୋଗ କରିଥାନ୍ତି। ଆଗାମୀ ଦିନରେ ଏହି ପ୍ରଥା ଅବ୍ୟାହତ ରହିବ ବୋଲି ମନ୍ତ୍ରୀ ଜେନା ଆଶା ବ୍ୟକ୍ତ କରିଥିଲେ।

ଏହି ଅବସରରେ ସେ କହିଲେ, ଷ୍ଟିଲ ସିଟିର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଛି। ଆସନ୍ତା ୨୦୨୦ ସୁଦ୍ଧା ସହରର ସବୁ ଘରକୁ ପାନୀୟ ଜଳ ଯୋଗାଇ ଦିଆଯିବ। ସ୍ୱେରେଜ ସମସ୍ୟା ନେଇ ଖୁବ ଶୀଘ୍ର ଲୋକଙ୍କ ଚିନ୍ତା ଦୂର ହେବ। ସମ୍ମାନିତ ଅତିଥି ରୂପେ ରାଉରକେଲା ବିଧାୟକ ସାରଦା ନାୟକ ଯୋଗଦେଇ କହିଲେ ସ୍ଥାନୀୟ ଯୁବ ସମାଜକୁ ନେଇ ବହୁ ସମ୍ଭାବନା ରହିଛି। ସେମାନେ ଚାହିଁଲେ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ହୋଇ ପାରିବେ। ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ କହିଲେ, କେନ୍ଦ୍ରୀୟ ପୂଜା କମିଟି ଆନୁକୂଲ୍ୟରେ ଶାନ୍ତି ଶୃଙ୍ଖଳାରେ ଦୁର୍ଗା, ଲକ୍ଷ୍ମୀ ଓ କାଳୀପୂଜା ସଂପନ୍ନ କରାଯାଉଛି। ଆଗାମୀ ଦିନରେ ଏହି ଧାରା ଅବ୍ୟାହତ ରହିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଏଥିରେ ସୁନ୍ଦରଗଡ଼ ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ ଟପୋ ଯୋଗଦେଇ କେନ୍ଦ୍ରୀୟ ପୂଜା କମିଟି ଭଳି ଅନୁଷ୍ଠାନ ରହିଥିବାରୁ ଷ୍ଟିଲ ସିଟିରେ ଶାନ୍ତିପୂର୍ଣ୍ଣ ଭାବେ ପୂଜା ପାର୍ବଣ ଆକର୍ଷଣୀୟ ହୋଇପାରୁଛି। ଏ ଦିଗରେ ସମସ୍ତଙ୍କ ସହଯୋଗ ରହିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ପୂଜା କମିଟି ଅଧ୍ୟକ୍ଷ ତଥା ରାଉରକେଲା ଅତିରିକ୍ତ ଜିଲାପାଳ ୟେଦୁଲ୍ଲା ବିଜୟ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଚୌଧୁରୀ ବିଜୟ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏସ୍‌ପି କେ ଶିବା ସୁବ୍ରମଣି ଏଥିରେ ଅପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କିନ୍ନର ମହାସଂଘ ସଭାପତି ମୀରା ପରିଡା ଅତିଥି ଭାବେ ଯୋଗ ଦେଇ କେନ୍ଦ୍ରୀୟ ପୂଜା କମିଟି ବ୍ୟବସ୍ଥାରେ ସନ୍ତୋଷ ବ୍ୟକ୍ତ କରିଥିଲେ। ଶେଷରେ କେତେଜଣ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।


ମନ୍ତ୍ରୀ ପ୍ରତାପ ଜେନା ପୁରସ୍କାର ବିତରଣୀ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।



“ ପ୍ରିୟଜନଙ୍କଠାରୁ ବହୁକାଳ ଧରି ବିଚ୍ଛେଦ ହିଁ ମନୁଷ୍ୟକୁ ମୃତ୍ୟୁର ସ୍ୱାଦ ବିଷୟରେ ଧାରଣା ଦେଇଥାଏ।
- ଜନ୍‌ଶନ



# ମଧାହ୍ନଭୋଜନ ପାଚିକା, ପାଚକ ମହାସଂଘ ପକ୍ଷର ଦାବିପତ୍ର

**ସୁନ୍ଦରଗଡ଼,୨୩।୯ (ଡି.ଏନ୍.ଏ)**

ମଧାହ୍ନଭୋଜନ ପାଚିକା, ପାଚକଙ୍କୁ ସର୍ବନିମ୍ନ ମଜୁରି ୨୮୫ଟଙ୍କା ଓ ଚତୁର୍ଥ ଶ୍ରେଣୀର ସରକାରୀ କର୍ମଚାରୀ ମାନ୍ୟତା ଆଦି ୬ଦଫା ଦାବିନେଇ ସୋମବାର ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା, ପାଚକ ମହାସଂଘ ତରଫରୁ ସ୍ଥାନୀୟ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ପୌରପାଳିକା କଲ୍ୟାଣ ମଣ୍ଡପଠାରେ ଜିଲାରେ କାର୍ଯ୍ୟରତ ପାଚିକା ,ପାଚକ ମାନଙ୍କର ଏକ ସଭାରେ ରାଜ୍ୟସଙ୍ଗଠନର ନେତୃବୃନ୍ଦଙ୍କ ଉପସ୍ଥିତିରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହା ପରେ ଏକ ଶୋଭାଯାତ୍ରାରେ ପାଚିକା, ପାଚକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ମହାସଂଘ ପକ୍ଷରୁ ପାଚିକା, ପାଚକମାନଙ୍କୁ ସର୍ବନିମ୍ନ ମଜୁରି ଓ ଅନ୍ୟାନ୍ୟ ଦାବି



ପାଚିକା, ପାଚକ ମହାସଂଘର କର୍ମକର୍ତ୍ତା ମଞ୍ଚାସୀନ।

ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନୃସଜ ଚରଣ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରରେ ବିଦ୍ୟାଳୟଗୁଡିକରେ କାର୍ଯ୍ୟରତ ପାଚିକା, ପାଚକମାନଙ୍କୁ

## ସର୍ବନିମ୍ନ ମଜୁରି ଦାବି

ସରକାରଙ୍କ ତରଫରୁ ହଜାରେ ଟଙ୍କାରୁ ୨ହଜାର ଟଙ୍କାକୁ ପାରିଶ୍ରମିକ ବୃଦ୍ଧି କରିଥିବା ବେଳେ ଆଜକୁ ୧୮ବର୍ଷ ଧରି କାର୍ଯ୍ୟକରି ଆସୁଥିବା ପାଚିକା ପାଚକ ମାନଙ୍କୁ ଏହା ସମୁଦ୍ରକୁ ଶଙ୍ଖେପାଣି ସଦୃଶ ।ସେହି ପାଉଣା ମଧ୍ୟ ଠିକ ଭାବେ ମିଳୁନାହିଁ । ସର୍ବନିମ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ପାଚିକା ପାଚକ ମାନଙ୍କୁ ରାଜ୍ୟ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରି ୨୮୫ଟଙ୍କା ପ୍ରଦାନ କରାଯିବା ସହ ସମସ୍ତଙ୍କୁ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀର ମାନ୍ୟତା, ଚିକିତ୍ସା ଭତ୍ତା, ଜୀବନବୀମା ସୁବିଧା, ୨୦୧୮ ଜାନୁୟାରୀ ମାସ ଠାରୁ ବର୍ତ୍ତମାନ ପ୍ରଚଳିତ ବର୍ଦ୍ଧିତ ଦରମାର ବକେୟା ପାଉଣା ତୁରନ୍ତ ପ୍ରଦାନ ଦାବି କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିପାଚିକା ,ପାଚକମାନଙ୍କୁ ବାହାର କରିବା ଓ ନିଯୁକ୍ତି କରିବା ବ୍ୟବସ୍ଥାକୁ ସରକାରଙ୍କ ସ୍କୁଲ ବିଭାଗ ସିଧାସଳଖ ନିୟନ୍ତ୍ରଣରେ ରଖିବା ,ଭବିଷ୍ୟନିଧି ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସରୋଜିନୀ କୁମରା, ରାଜ୍ୟସମ୍ପାଦକ କାର୍ତ୍ତିକ ସା, ରାଜ୍ୟ ଉପସଭାନେତ୍ରୀ ଶାନ୍ତି ଲୋହରା, ରାଜ୍ୟ ସମ୍ପାଦକ ବିଜୟ ପୃଷେଠ, ସୁରେନ୍ଦ୍ର ଧୁରୁଆ, ଜନକ ପ୍ରଧାନ, ରାଜ୍ୟ ଉପଦେଷ୍ଟା ହରିହର ପ୍ରଧାନ, ହରେକୃଷ୍ଣ ମେହେର ଯୋଗଦେଇ ଥିଲେ।

## ସଂକ୍ଷେପରେ

### ବଡଗାଁ ବ୍ଲକର ୭ ଛାତ୍ରୀଛାତ୍ର ବୃତ୍ତି ପାଇବେ

ବଡଗାଁ, ୨୩।୯ (ଡି.ଏନ.ଏ) ବଡ଼ଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍କୁଲର ୭ଜଣ ପ୍ରାଥମିକ, ଉଚ୍ଚ ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ର ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଇଓ ସାରଙ୍ଗଧର ବରିହାଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ୨୦୧୬-୧୭ ବର୍ଷ ପାଇଁ ବୃତ୍ତି ପରୀକ୍ଷା ଦେଇଥିବା ଇତମା ପ୍ରାଥମିକ ସ୍କୁଲ (ପିଏସ)ର ପ୍ରକାଶ ଚନ୍ଦ୍ର ବେହେରା, ଝାରମୁଣ୍ଡା ପିଏସର ବବିତା ମାଝୀ, କୁରେଇବଗା ୟୁପିଏସର ଯଶୋବନ୍ତି ରକ୍ସା, ଦାଣ୍ଡଜମରା ପିଏସର ଶ୍ରଦ୍ଧାଞ୍ଜଳି ବେହେରା, ଚଟୁବୁଡ ପିଏସର ମେରୀ ଡୁଙ୍ଗଡୁଙ୍ଗ, କୁଲଗା ପିୟୁପିଏସର ଲୋଭକାନ୍ତ ଖଣ୍ଡା ଓ ବଡଗାଁ ବାଳକ ପିଏସର ନମନ ବାଗେ କୃତୀତ୍ୱ ହାସଲ କରିଛନ୍ତି । ଏମାନେ ୨ ବର୍ଷ ପର୍ଯ୍ୟନ୍ତ ବୃତ୍ତି ସହାୟତା ଅର୍ଥ ପାଇବେ।

### ସାଇକେଲ ଚୋରି ଅଭିଯୋଗରେ ପିଟିପିଟି ହତ୍ୟା, ୩ଗିରଫ

**ବଡ଼ଗାଁ, ୨୩।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ବେହେରାମାଲ ଗ୍ରାମରେ କୁମର ମିଞ୍ଜ ଓରଫ ଦହି (୪୫) ନାମକ ଜଣେ ବ୍ୟକ୍ତିଙ୍କୁ ସାଇକେଲ ଚୋରି ଅଭିଯୋଗରେ ୩ଜଣ ବାଡ଼ିରେ ପିଟି ହତ୍ୟା କରିଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରିଛି। କୁମର ମିଞ୍ଜ ଗତ ସପ୍ତାହ ଶ୍ରୀକର କିଷାନ ଓରଫ ପିଟୁଙ୍କ ଘରୁ ତାଙ୍କ ସ୍ତ୍ରୀଙ୍କ ସାଇକେଲ ଚୋରି କରିନେଇଥିଲେ। ରବିବାର ଦହିଗାଁ ରାସ୍ତାରେ ଆସୁଥିବା ଦେଖି ଶ୍ରୀକରଙ୍କ ଦୁଇ ଶଳା ହେମନ୍ତ କିଷାନ, ପ୍ରଶାନ୍ତ କିଷାନ ତାଙ୍କୁ ଦେଖି ଅଟକାଇଥିଲେ। ୩ ଜଣ ଦହିଙ୍କୁ ଡ଼ାକିନେଇ ବାଡ଼ିରେ ପିଟି ମାରିଦେଇଥିଲେ।

### ଜିଲାପାଳଙ୍କ ଆପତ୍ତି ଅଭିଯୋଗ ଶୁଣାଣି

ବଣାଇଁ, ୨୩।୯(ସ୍ୱ.ପ୍ର)- ସ୍ଥାନୀୟ ବଣାଇଁ ଆଇଟିଡିଏ ସଭାକକ୍ଷରେ ଆପତ୍ତି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ଜିଲାପାଳ ନିଖିଳ ପଵନ କଲ୍ୟାଣ, ରାଉରକେଲା ଆରକ୍ଷୀ ଅଧିକ୍ଷକ କେ ଶିବା ସୁବ୍ରମଣିୟମ୍ ପ୍ରମୁଖ ଉପସ୍ଥିତ ଥାଇ ଅଭିଯୋଗ ଶୁଣିଥିଲେ।

# ମନ୍ତ୍ରୀଙ୍କୁ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର

**କୁଆଁରମୁଣ୍ଡା,୨୩।୯(ଡି.ଏନ.ଏ.)**

ସୋମବାର ପଞ୍ଚାୟତିରାଜ ଓ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ କୁଆଁରମୁଣ୍ଡା ବ୍ଲକ ସରକାରୀ ଗସ୍ତ ସମୟରେ ଜିଲା ଗ୍ରାମ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ଏକ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଂଘର ସଭାପତି ଚନ୍ଦ୍ରମଣି ରଣାଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ୪ର୍ଥ ଶ୍ରେଣୀ କର୍ମଚାରୀମାନେ କୁଆଁରମୁଣ୍ଡା ବ୍ଲକ ସମ୍ମୁଖରେ ଏକଜୁଟ୍ ହୋଇ ବିଭାଗୀୟ ମନ୍ତ୍ରୀ ଜେନାଙ୍କୁ ସେମାନଙ୍କର ଦାବି ସମ୍ପର୍କରେ ଜଣାଇଥିଲେ। ବିଶେଷକରି ଜିଲାର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରୁଥିବା ୪ର୍ଥ ଶ୍ରେଣୀ କର୍ମଚାରୀମାନେ କିଭଳି ସାଧାରଣ ଦିନ ମଜୁରିଆ ଠାରୁ ଯଥେଷ୍ଟ କମ୍ ମଜୁରି ପାଇ ନିଜ ନିଜର ପରିବାର ଦୁଃଖକଷ୍ଟରେ ଚଳାଉଛନ୍ତି ସେ ବିଷୟରେ ଅବଗତ କରାଇଥିଲେ ଆହୁରି ମଧ୍ୟ ସରପଞ୍ଚ ତଥା ଅନ୍ୟ ଅଧିକାରୀମାନେ ବିନା କାରଣରେ




ଦାବିପତ୍ର ପ୍ରଦାନ ନିମନ୍ତେ ୪ର୍ଥ ଶ୍ରେଣୀ କର୍ମଚାରୀମାନେ ରୁଣ୍ଡ ହୋଇଛନ୍ତି।

ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରୁଥିବାରୁ ଏହା ବୋଝ ଉପରେ ନଳିତା ବିଡା ସଦୃଶ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ବିନା କାରଣରେ ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ବହିଷ୍କାର କ୍ଷମତା ଅଧିକାରୀମାନଙ୍କ ଠାରୁ କାଢିନେବା, କର୍ମଚାରୀଙ୍କ ଚାକିରୀ ସ୍ଥାୟୀ ନ ହେଲା ପର୍ଯ୍ୟନ୍ତ ସର୍ବନିମ୍ନ ମଜୁରୀ ପ୍ରଦାନର ସୁବନ୍ଦୋବସ୍ତ ଇତ୍ୟାଦି କରିବା ପାଇଁ ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ମନ୍ତ୍ରୀ ଜେନା ଦାବିପତ୍ରକୁ ଗ୍ରହଣ କରି ଆଗାମୀ ଦିନରେ ଏ ଦିଗରେ ବିଚାରବିମର୍ଷ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ସଂଘ କର୍ମକର୍ତ୍ତାମାନଙ୍କୁ ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ସୁନ୍ଦରଗଡ଼ ଜିଲା ଗ୍ରାମ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ସଭାପତି ରଣାଙ୍କ ସହ ସାଧାରଣ ସମ୍ପାଦକ ଦେବେନ୍ଦ୍ର କଲସେର, କୋଷାଧ୍ୟକ୍ଷ ବିରଞ୍ଚି ପ୍ରସାଦ ରାଉତ ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଚାକିରୀ ଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ

**ବଡଗାଁ, ୨୩।୯ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମ ସମେତ ଜିଲାର ୭ଟି ସ୍ଥାନରେ ସେଣ୍ଟ୍ରାଲ ମଡେଲ ସ୍କୁଲ ଖୋଲି ଶତାଧିକ ବେକାର ଯୁବତୀ ଯୁବକଙ୍କୁ ଚାକିରୀ ଦେବାକୁ କହି ଖୋର୍ଦ୍ଧା ଜିଲା ମେଣ୍ଢାଖାଲ ଗ୍ରାମର ଧରୀଧର ମହାପାତ୍ର ନାମକ ଜଣେ ବ୍ୟକ୍ତି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦେଢ଼ବର୍ଷ ପୂର୍ବେ ଠକିନେଇଥିଲେ। ଏହା ଉପରେ ଉଚ୍ଚ ପୋଲିସ ଅଧିକାରୀ, ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ ସତ୍ତ୍ୱେ ପୋଲିସ ଓ ପ୍ରଶାସନ ଘଣ୍ଟ ଘୋଡାଇବା ନଜିର ଥିଲା। ବର୍ତ୍ତମାନ ବଡଗାଁ ବ୍ଲକ ସମେତ ଜିଲାର ସମସ୍ତ ବ୍ଲକର ୩ଶହରୁ ଉର୍ଦ୍ଧ୍ୱ ବେକାର ଯୁବତୀ ଯୁବକଙ୍କୁ ଚାକିରୀ ଦେବାକୁ କହି ଭୁବନେଶ୍ୱରର ଶ୍ରୁତି ଅର୍ଗାନାଇଜେସନ୍‌ର କର୍ମଚାରୀ ପରିଚୟ ଦେଇଥିବା କେତେକ ବ୍ୟକ୍ତି ଲକ୍ଷଲକ୍ଷ ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଏହି ସଙ୍ଗଠନ ଟ୍ରଷ୍ଟ ମୁଖ୍ୟ କୁହାଯାଉଥିବା ଅଶୋକ ସାହୁ, ଜୋନାଲ ମୁଖ୍ୟ ଅଭିମନ୍ୟୁ ବେହେରାଙ୍କ ସହିତ କେତେକ ବ୍ୟକ୍ତି ପଞ୍ଚାୟତ, ବ୍ଲକ, ଜୋନ ଓ ଜିଲାସ୍ତରରେ ସ୍ୱାସ୍ଥ୍ୟ ସଂଯୋଜକ ପଦବୀରେ ଚାକିରୀ ଦେବାକୁ କହିଥିଲେ। ଏହାପରେ ସଂସ୍ଥାର କର୍ମଚାରୀମାନେ ଗାଁ ଗାଁ ବୁଲି ଯୁବତୀ ଯୁବକଙ୍କୁ ଚାକିରୀ ଦେବାକୁ ପ୍ରଲୋଭିତ କରି ପଞ୍ଚାୟତ ଓ ବ୍ଲକ ସ୍ତରୀୟ ପଦବୀପାଇଁ ୨୭ ଶହ ଟଙ୍କା ଏବଂ ଜୋନାଲ ଓ ଜିଲାସ୍ତର ସଂଯୋଜକ ପଦବୀ ପାଇଁ ୭ ହଜାର ଟଙ୍କା ଲେଖାଏଁ ନେଇଥିଲେ । ପ୍ରତି ମାସରେ ଯୁବତୀ ଯୁବକଙ୍କୁ ସମୟ ଦେଇ ଗଡାଇ ଚାଲିବା ପରେ ଏବେ ଫୋନ ଉଠାଉ ନ ଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲା ସଂଯୋଜକ ପଦବୀ ପାଇଁ ୭ ହଜାର ଟଙ୍କା ଦେଇଥିବା ରମେଶ ଚନ୍ଦ୍ର ବେହେରାଙ୍କୁ ତାଙ୍କ ମୋବାଇଲରେ ଯୋଗାଯୋଗ କରିବାରେ ସେ କହିଛନ୍ତି ଟ୍ରଷ୍ଟର ମୁଖ୍ୟ କୁହାଯାଉଥିବା ଭୁବନେଶ୍ୱରର ଅଶୋକ ରାଉତ ଓ ତାଙ୍କ କେତେକ କର୍ମଚାରୀ ଠକାମୀ କରିଛନ୍ତି। ମୁଁ ୭ ହଜାର ଟଙ୍କା ଦେଇ ଠକାମୀର ଶିକାର ହୋଇଛି। ଜୋନାଲ ମୁଖ୍ୟ ଅଭିମନ୍ୟୁ ବେହେରା ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଏ ନେଇ ଅଭିଯୋଗ କରିଥିବା କହିଛନ୍ତି । ବଡଗାଁ ବ୍ଲକର ୧୫ଟି ପଞ୍ଚାୟତର ବେକାର ଯୁବତୀ ଯୁବକ ବିନିତା ଲାକ୍ରା, ସୁନିତା ଲାକ୍ରା, ବିନିତା ସୋରେଙ୍ଗ, ରମେଶ ଚନ୍ଦ୍ର ମୁର୍ମୁ, ଅଶୋକ ନାଏକ, ଦିଲ୍ଲୀପ ନାଏକ, ହିଲାରିଆ ଟପ୍ପୋ, ରଶ୍ମିତା ଲାକ୍ରା, ଦିପ୍ତିଲତା ବାରିକ, ତପସ୍ୱିନୀ କଲସର, ରାଜେନ୍ଦ୍ର ନାଏକଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱଙ୍କ ଠାରୁ ୨୭ ଶହ ଟଙ୍କା ଲେଖାଏଁ ଗତ ବର୍ଷ ନେଇଥିବା ଓ ଟଙ୍କା ନେଲାପରେ ଧରାଛୁଆଁ ଦେଉନଥିବା ସେମାନଙ୍କଠାରୁ ଜଣାପଡିଛି । ତେବେ ଉପକୂଳ ଅଞ୍ଚଳରୁ ଆସୁଥିବା ଏପରି କେତେକ ବ୍ୟକ୍ତିମାନେ ଗ୍ରାମାଞ୍ଚଳର ସରଳ ଆଦିବାସୀଙ୍କୁ ପ୍ରଲୋଭନ ଦେଖାଇ ଠକୁଥିବା ଓ ଧରାପଡିଲେ କିମ୍ବା ଥାନାରେ ପ୍ରଶାସନଠାରେ ଜଣାଇଲେ ମଧ ଠକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଅର୍ଥବଳ ସମସ୍ତଙ୍କ ହାତବାନ୍ଧି ଦେଇଥିବା ଏହି ଘଟଣା ପରେ ସାଧାରଣରେ ଚର୍ଚ୍ଚା ଆଲୋଚନା ହେଉଛି।

# ଫୁଟବଲ ପ୍ରତିଯୋଗିତା:ଠାକୁରମାଁ ଚାମ୍ପିୟନ

ବଣାଇ, ୨୩।୯(ସ୍ୱ.ପ୍ର)- ବଣାଇ ବ୍ଲକ ପାଣ୍ଡୁରୀଶିଳା ଗ୍ରାମରେ ଥିବା ଡମ୍ବରୁଧର ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ୫୪ଟି ଦଳ ଅଂଶଗ୍ରହଣ କରି ନକଆଉଟ ପର୍ଯ୍ୟାୟରେ ଖେଳିଥିଲେ। ଉଦଘାଟନୀ ଦୁଃଖିଶ୍ୟାମ ନନ୍ଦ, ସମ୍ପାଦକ ଶଶାଙ୍କ ଶେଖର ନନ୍ଦ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଫାଇନାଲ ଖେଳ ଠାକୁରମାଁ ଓ ନୂଆପାଲି ଦଳ ମଧ୍ୟରେ ଖେଳା ଯାଇଥିବା ବେଳେ ନିର୍ଦ୍ଧାରିତ ସମୟରେ କେହିକାହାକୁ ଗୋଲ କରିପାରି ନ ଥିଲେ। ଶେଷରେ ଟ୍ରାଇବ୍ରେକରେ ଯୋଗେ ୪/୩ ଗୋଲରେ ଠାକୁରମାଁ ଦଳ ପ୍ରତିଯୋଗିତାରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ଖେଳଗୁଡିକ ରେଫରୀ ଭାବେ ତିର୍ଥ କିସାନ ଓ ଯୁଗଳ କିସାନ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୀମସେନ ଚୌଧୁରୀ, ସମାଜସେମୀ ଗିରିଧାରୀ ନନ୍ଦ, ଯୋଗଦେଇ ବିଜୟୀ ଓ ଉପବିଜେତା ଦଳକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ।



ଅତିଥିଙ୍କ ସହ ଖେଳାଳି।

### ପଞ୍ଚାୟତିରାଜ, ନଗର ଉନ୍ନୟନମନ୍ତ୍ରୀଙ୍କ ନୂଆଗାଁ, କୁଆଁରମୁଣ୍ଡା ବ୍ଲକ ଗସ୍ତ

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ଶୁଭ ଉଦ୍‌ଘାଟନ

**ନୂଆଗାଁ/କୁଆଁରମୁଣ୍ଡା, ୨୩।୯ (ଡି.ଏନ.ଏ)**

ସୋମବାର ସୁନ୍ଦରଗଡ ଜିଲା ଅନ୍ତର୍ଗତ ନୂଆଗାଁ ଓ କୁଆଁରମୁଣ୍ଡା ବ୍ଲକ ଗସ୍ତରେ ଆସି ପଞ୍ଚାୟତିରାଜ, ପାନୀୟଜଳ, ଓ ନଗର ଉନ୍ନୟନ ତଥା ଆଇନମନ୍ତ୍ରୀ ପ୍ରତାପ ଜେନା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଶୁଭଉଦଘାଟନ କରିଥିଲେ। ସୋମବାର ଅପରାହ୍ନରେ ମନ୍ତ୍ରୀ ଜେନା ପ୍ରଥମେ ନୂଆଗାଁ ବ୍ଲକ ଅନ୍ତର୍ଗତ ମେନମେନା ପଞ୍ଚାୟତ ଗସ୍ତ କରି ସେଠାରେ ଜିଲା ଖଣିଜ ସମ୍ପଦ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା କଲ୍ୟାଣ ମଣ୍ଡପ ଓ ପଞ୍ଚାୟତ ପାଣ୍ଠିରୁ ନିର୍ମିତ ହୋଇଥିବା ୯ଲକ୍ଷ ଟଙ୍କା ବ୍ୟୟର ଆରୋପ୍ଲାଣ୍ଟକୁ ଉଦଘାଟନ କରିଥିଲେ । ପରେ ଅପରାହ୍ନ ପ୍ରାୟ ୪ଟା ସମୟରେ ସୋରଡା ପଞ୍ଚାୟତରେ ନିର୍ମିତ ମିନି କଲ୍ୟାଣ ମଣ୍ଡପ ଓ ମିଶନ ଶକ୍ତି ଗୃହକୁ ମନ୍ତ୍ରୀ ଜେନା ଉଦଘାଟନ କରିଥିଲେ । ଆମ ଗାଁ ଆମ ବିକାଶ ଯୋଜନାରେ ସାଢ଼େ ୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମିନି କଲ୍ୟାଣ ମଣ୍ଡପ ଓ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମିଶନ ଶକ୍ତି ଗୃହ ଉଦଘାଟନ କରିଥିଲେ। ରାଉରକେଲା ବିଧାୟକ ତଥା ସୁନ୍ଦରଗଡ ଜିଲା ପ୍ଲାନିଂ ବୋର୍ଡର ଅଧକ୍ଷ ସାରଦା



ନୂଆଗାଁରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ ମଞ୍ଚାସୀନ।

ପ୍ରସାଦ ନାୟକ, ନୂଆଗାଁ ବ୍ଲକ ବିଜେଡି ସଭାପତି ଦିଗାମ୍ବର ଦାସ, ବ୍ଲକ ଅଧକ୍ଷ ମଖଲୁ ଏକ୍କା, ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରୀ, ଜିଲାପରିଷଦ ଅଧକ୍ଷା ଏମ୍ମା ଏକ୍କା ପ୍ରମୁଖ ଯୋଗଦେଇଥିଲେ । ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବିନୟ ଟପ୍ପୋ, ଯୁବନେତା ପ୍ରଦୀପ ସାହୁ, ନିମାଇଁ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ମଙ୍ଗଳା କିଶାନ, ଯୁବନେତା ପରଭେଜ ଖାନ, ଶଙ୍କର ତିର୍କି, ଯୁବନେତା ହିମାଂଶୁ ପଣ୍ଡା, ସୁଦାମ ଦାସ ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ । ପରେ ମନ୍ତ୍ରୀ ବିଶ୍ରା ବ୍ଲକ ଗସ୍ତରେ ଯାଇ ସେଠାରେ ବିଶ୍ରା ପଞ୍ଚାୟତରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପର ଉଦଘାଟନ କରିଥିବା ବେଳେ ମନୋକ ପଞ୍ଚାୟତର ସାମୁହିକ ଗୃହ, ସନ୍ତୋଷପୁର ପଞ୍ଚାୟତର ପଞ୍ଚାୟତ ତରଫରୁ ନିର୍ମିତ ଦୋକାନ ଘର ଉଦଘାଟନ କରିଥିଲେ।

ନୂଆଗାଁ ପୂର୍ବରୁ ମନ୍ତ୍ରୀ କୁଆଁରମୁଣ୍ଡା ବ୍ଲକ ଯାଇଥିଲେ। ବ୍ଲକର ପଦ୍ମପୁର ପଞ୍ଚାୟତର ଯମୁନାନାକି ନିକଟସ୍ଥ ନବନିର୍ମିତ ୬ଟି ଗୃହ ବିଶିଷ୍ଟ ଏକ ମାର୍କେଟ୍ କମ୍ପ୍ଲେକ୍ସକୁ ଫିତାକାଟି ଶୁଭ ଉଦଘାଟନ କରିଥିଲେ ।ଏହି ସମୟରେ କୁଆଁରମୁଣ୍ଡା ବ୍ଲକ ବିଡିଓ ଦାୟିତ୍ୱରେ ଥିବା ଏବିଡିଓ ଭବାନୀଶଙ୍କର ପାଢୀ ଉପସ୍ଥିତ ଥିଲେ। ଏହାପରେ ମନ୍ତ୍ରୀ ଜେନା ରାଧାଗୋବିନ୍ଦ ମନ୍ଦିର ପରିସର ବୁଲିବା ସହ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇଦେବା ପାଇଁ ଟ୍ରଷ୍ଟବୋର୍ଡ ସଦସ୍ୟମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ କୁଆଁରମୁଣ୍ଡା ବ୍ଲକର ନବନିର୍ମିତ ଅତିରିକ୍ତ ଅଫିସ ଗୃହ ଉଦଘାଟନ କରିଥିଲେ। ସେହିପରି ତେଲିପୋଷଠାରେ ନବନିର୍ମିତ କୃଷକ ସହାୟତା କେନ୍ଦ୍ର ଗୃହ, କୁଆଁରମୁଣ୍ଡା ସାପ୍ତାହିକ ବଜାରରେ ଥିବା ଗୋଷ୍ଠୀ ଶୌଚାଳୟ, ଗୋବିରାସ୍ଥିତ ମାର୍କେଟ କମ୍ପ୍ଲେକ୍ସ ଉଦଘାଟନ କରିଥିଲେ। ସେଠାରୁ ଲାସେସ୍ଥିତ ନବ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଗୃହକୁ ଉଦଘାଟନ କରିଥିଲେ। ରାଏବୋଗା ଓ ପ୍ରତାପପୁର ଓ ଜଲଙ୍ଗବିରା ପଞ୍ଚାୟତ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭ ଉଦଘାଟନ କରିଥିଲେ ।ଏହାପରେ ବୀରମିତ୍ରପୁର ପୌରପାଳିକା ଯାଇ ମଧୁବାବୁ ପେନସନ ଯୋଜନା ହିତାଧିକାରୀମାନଙ୍କୁ ଭତା, ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ।

# ଡମ୍ପର ଧକ୍କାରେ ପୁଅ ମୃତ, ବାପା ଗୁରୁତର

ବେଦବ୍ୟାସ, ୨୩।୯ (ଡି.ଏନ.ଏ)- ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡିର କଲୁଙ୍ଗା ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ରେଳ ଫାଟକ ସମ୍ମୁଖରେ ସୋମବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଏକ ଡମ୍ପର ଧକ୍କାରେ ବାଇକ ଆରୋହୀ ବାପା ଗୁରୁତର ହୋଇଛନ୍ତି। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ପୁଅ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଛନ୍ତି। କଲୁଙ୍ଗା ପାର୍ଶ୍ୱରୁ ବେଦବ୍ୟାସ ଆଡକୁ ଆସୁଥିବା ଏକ ଡମ୍ପର କଲୁଙ୍ଗା ଏସଏମଏଲ ମେଟାଲ କାରଖାନାକୁ ଯାଉଥିବା ଏକ ବାଇକ ନଂ. ଓଡି ୧୪ ଏନ- ୨୬୯୩ ସହ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ ଆରୋହୀ ବାପା ଦିଲେଶ୍ୱର ସା ଆଘାତ ପାଇ ଗୁରୁତର ହୋଇ ପଡି ଯାଇଥିବା ବେଳେ ପୁଅ ଶୁଭମ ସା ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଏନେଇ ସ୍ଥାନୀୟ ଲୋକେ ଜାଣିଲା ପରେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ ଦୀର୍ଘ ୩ଘଣ୍ଟା କରି ପୋଲିସ ପ୍ରଶାସନକୁ ନାକେଦମ କରି ଦେଇଥିଲେ । ପୋଲିସ ଖବରପାଇ ତୁରନ୍ତ ଘଟଣା ସ୍ଥଳକୁ ପହଞ୍ଚିଥିଲେ। ଘଟଣା ସ୍ଥଳରେ ଆଇନ ଶୃଙ୍ଖଳା ଅଣାୟତ ହେବାରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏନସି ସ୍ୱାଇଁ, ପାନପୋଷ ଉପଖଣ୍ଡୀୟ ପୋଲିସ ଅଧିକାରୀ ଅସିମ ପଣ୍ଡା, ଡିଏସପି ମୋହନ ପାଣି କାରୁଆ, ରଘୁନାଥପାଲି ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ ବିହାରୀ, ଲାଠିକଟା ଥାନା ଅଧିକାରୀ ତଥା ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଦାୟୀତ୍ୱରେ ଥିବା ଏସବିଶ୍ୱାଳ ଫାଣ୍ଡି ଅଧିକାରୀ ସୁବ୍ରତ ପଣ୍ଡା, ଏସଆଇ ବିକାଶ କଲେଟ, ଏଏସଆଇ ନିଳକଣ୍ଠ ବେହେରା, ଏଏସଆଇ କିଶୋ କୁମାର ମହାକୁଡ ପ୍ରମୁଖ ସଦଳବଳେ ଘଟଣା ସ୍ଥଳକୁ ପହଞ୍ଚି ସ୍ଥାନୀୟ ଉତ୍ତେଜିତ ହୋଇ ରାସ୍ତାରୋକୋ କରିଥିବା ଲୋକଙ୍କୁ ବୁଝାସୁଝା କଲାପରେ ଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା ।

# ନିଶାମୁକ୍ତି ଓ ନାରୀ ଶିକ୍ଷା ଉପରେ ଗୁରୁତ୍ୱ

**ହେମଗିର, ୨୩।୯ (ଡି.ଏନ.ଏ)**

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ସରିଗଲା ପରେ ମଧ ଏହାର ଭେଟଘାଟ ଉତ୍ସବ ବିଭିନ୍ନ ଅନୁଷ୍ଠାନ ତଥା ସମାଜମାନଙ୍କ ପକ୍ଷରୁ ପାଳନ କରାଯାଉଛି। ଏହିଅବସରରେ ହେମଗିର ବ୍ଲକରେ ଥିବା ଝରିଆ ଗୋପାଳ ସମାଜ ପକ୍ଷରୁ ଜୁଲୁମବାହାଲଠାରେ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଆଡଭୋକେଟ ସୁବାଷ ପରିଡା ଯୋଗଦେଇ ଆଗାମୀ ଦିନରେ ସମାଜର କିପରି ଉନ୍ନତି ହୋଇପାରିବ ସେ ଦିଗରେ ମାର୍ଗଦର୍ଶନ ଦେଇଥିଲେ। ଏଥିରେ ପୂର୍ବତନ ସରପଞ୍ଚ ମୂରଲୀ ବନଛୋର, ଗିରିଧାରୀ ସା, ଜଗଦିଶ ବଗାର, ଦଇତାରି ରାଉତ ପ୍ରମୁଖ ଯୋଗଦେଇଥିବା ବେଳେ ନାଥ ଭୈଷା ସଭାପତିତ୍ୱ କରିଥିଲେ। ପ୍ରଥମେ ମା’ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିବା ପରେ ସମାଜର ପାରମ୍ପାରିକ କଳା ବା

## ଝରିଆ ଗୋପାଳ ସମାଜର ନୂଆଁଖାଇ ଭେଟଘାଟ୍



ଜୁଲୁମବାହାଲଠାରେ ନୂଆଖାଇ ଭେଟ୍‌ଘାଟରେ ମଞ୍ଚାସୀନ କର୍ମକର୍ତ୍ତା।

ନୃତ୍ୟ ଲଉଡି ଖେଳ ଆରମ୍ଭ ହୋଇଥିଲା। ଏଥିରେ ଗୋପାଳମାନେ ବାଡିଧରି ନୃତ୍ୟ ପରିବେଷଣ କରି ନଗର ଭ୍ରମଣ କରିଥିଲେ। ଯାହା ଅତ୍ୟନ୍ତ ଚିତ୍ତାକର୍ଷକ ଓ ବେଶ ମନମୁଗ୍ଧ କରିଥିଲା। ପରେ ସମାଜର ଏକ ବୈଠକ ଆୟୋଜନ କରାଯାଇଥିଲା । ସେଠାରେ ତାଙ୍କର ଦେବତା ରାଧାକୃଷ୍ଣଙ୍କର ପୂଜା ଅର୍ଚ୍ଚନା କରିବା ସହ ଦୀପ ପ୍ରଜ୍ୱଳନ କରାଯାଇଥିଲା । ସମସ୍ତେ ସମସ୍ତଙ୍କୁ ନୂଆଁଖାଇର ଜୁହାର ଭେଟ ହୋଇଥିଲେ। ବୈଠକରେ ନିଶା ନିବାରଣ ସହ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ କିପରି ବିକାଶ ହୋଇପାରିବ ସେ ଦିଗରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ମୂରଲୀ ବନଛୋର ପରିଚାଳନା କରିଥିଲେ। ଜଗଦିଶ ବଗାର ଧନ୍ୟବାଦ ଦେଇଥିଲେ। ଏଥିରେ ଦିଲଚାନ୍ଦ ମାକର, ଜାଗେ ଖରସାଏଲ, ଲଏଖନ କର୍ତ୍ତା, ଫୁଲଚନ୍ଦ ମାକର, ଧନାମ କାହାଲି, ଚତୁର୍ଭୁଜ ଘୋଷି, ସୁନିନ୍ତ ଯାଦବ, ଭାଗିରଥି ବନଛୋର, ଜୟଶଙ୍କର ବଗାର, ଜୈନେକ ଭୈଷାଲ, ମହେଶ୍ୱର ବଗାର, ବିରଞ୍ଚି ବାଗ, ମୀନକେତନ ଖରସାଏଲ, ଅଏଁଠା ବନଛୋର ତଥା ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଏଥିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଦଲୁମବାହାଲ ପଞ୍ଚାୟତର ଗୋପାଳ ସମାଜ ପକ୍ଷରୁ ଆୟୋଜନ କରାଯାଇଥିଲା ।